# ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ଜାନୁୟାରୀ ୨୦/୨୦୧୯ (୧୬ ପୃଷ୍ଠା+ଛୁଟିଦିନ) Sambalpur, Sunday, January 20/ 2019 ★★

୧୫ଶ ଭାଗ ୩୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**ଦ୍ରୁତ ବୋଲର ରାଜେଶଙ୍କୁ ସୁଯୋଗ**
ଲଂଲଣ୍ଡ ଲାୟନ୍ସ ବିପକ୍ଷ ୱାର୍ମଅପ ମ୍ୟାଚ୍ ଖେଳିବା ପାଇଁ ବୋର୍ଡ ସଭାପତି ଏକାଦଶ ଦଳରେ ସାମିଲ ହୋଇଛନ୍ତି ଓଡ଼ିଶାର ରାଜେଶ ମହାନ୍ତି।

୧୫

୦୨

**ହଲିଉଡ୍ ଫିଲ୍ମରେ ଶର୍ମନ୍ ଜୋଷୀ**
ଅଷ୍ଟ୍ରେଲୀୟ ମିଶନାରି ଗ୍ରାହାମ ଷ୍ଟେନ୍ସ ହତ୍ୟାକାଣ୍ଡକୁ ନେଇ ନିର୍ମିତ ହଲିଉଡ ଫିଲ୍ମରେ ବଲିଉଡ୍ ଅଭିନେତା ଶର୍ମନ୍ ଜୋଷୀ ଖବରଦାତା ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି।



# ‘ମାଗଣା କମ୍ବଳ ପାଇଁ ଉଲ୍ କାହିଁ’

*ପିଲାଦିନେ କାହାଣୀ ଶୁଣିଥିଲୁ। ଶୀତଦିନେ ସକାଳୁ ଉଠି ରାଜା ଝରକା ବାହାରକୁ ଅନାଇଲେ। ମେଣ୍ଢାପଲ ଜାଡରେ ଚରିବାର ଦେଖି ରାଜାଙ୍କର ହୃଦୟ ବିଚଳିତ ହେଲା। ନିର୍ଦ୍ଦେଶ ଦେଲେ ସବୁ ମେଣ୍ଢାଙ୍କୁ ମାଗଣାରେ କମ୍ବଳ ଯୋଗାଇ ଦିଆଯାଉ। ଏହି ନିଷ୍ପତ୍ତିର ଖବର ଶୁଣି ମେଣ୍ଢାପଲ ଅତ୍ୟନ୍ତ ଖୁସି ହେଲେ। ମେଣ୍ଢାଙ୍କର ପ୍ରତିକ୍ରିୟା ଦେଖି ରାଜା ମଧ ଖୁସି ହେଲେ। ଗୋଟିଏ ବୁଢା ମେଣ୍ଢା ପଲ ଭିତରେ ଥିଲେ ମଧ ଚିନ୍ତା ପ୍ରକଟ କରି ପଚାରିଲା,- ‘ଆରେ ପିଲେ ଟିକେ ଚିନ୍ତା କର, ଏତେ ସଂଖ୍ୟାର ମାଗଣା କମ୍ବଳ ପାଇଁ ଆବଶ୍ୟକ ଉଲ୍(ମେଣ୍ଢାବାଳ) ଆସିବ କେଉଁଠୁ-’ ଏହା ପରେ ଖିଅର ହବା କଥା ବୁଝି ମେଣ୍ଢା ପଲ ପ୍ରଥମେ ନିଜ ନିଜ ଦେହକୁ ଚାହିଁଲେ, ପରେ ପରସ୍ପରର ମୁହଁ ଚାହିଁ ନୀରବ ହୋଇଗଲେ।*

**ଯୋଜନା ଉପରେ ଯୋଜନା**
- କେଉଁ ସୂତ୍ରରୁ ଅର୍ଥ ଆସୁଛି ମିଳୁନାହିଁ ସୂଚନା
- ଆଗକୁ ଆର୍ଥିକ ସଙ୍କଟ ଜଳଜଳ
- ମୁଣ୍ଡପିଛା ଋଣଭାର ୨୧,୩୪୦ ଟଙ୍କା
- ଜିଏସ୍‌ଡିପିର ୩.୫% ପର୍ଯ୍ୟନ୍ତ ଋଣ ଅର୍ଥନୀତି ପାଇଁ ସ୍ୱାସ୍ଥ୍ୟକର
- ଓଡ଼ିଶାରେ ଚଳିତ ଆର୍ଥିକବର୍ଷ ଶେଷକୁ ଛୁଇଁବ ୨୩%


ଚିଦାନନ୍ଦ ଜେନା
ଭୁବନେଶ୍ୱର,୧୯।୧


ରାଜ୍ୟ ସରକାର ନିୟମିତ ବ୍ୟବଧାନରେ ନୂଆ ଯୋଜନା ଘୋଷଣା କରୁଛନ୍ତି। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ବର୍ତ୍ତମାନ ସମୟରେ ଯୋଜନାର କାର୍ଯ୍ୟକାରିତାକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ହେଲେ ଏସବୁ ଯୋଜନା ପାଇଁ ଅର୍ଥ କେଉଁ ସୂତ୍ରରୁ ଆସୁଛି, ସେନେଇ କୌଣସି ସ୍ପଷ୍ଟ ସୂଚନା ରହୁନାହିଁ। ଏହାଦ୍ୱାରା ବିଭିନ୍ନ ଯୋଜନା ପାଇଁ ବର୍ତ୍ତମାନ ଖର୍ଚ୍ଚ କରାଯାଉଥିବା ଅର୍ଥ, ଭବିଷ୍ୟତରେ ରାଜ୍ୟ ପାଇଁ ଘୋର ଆର୍ଥିକ ସଙ୍କଟ ଆଣିବ ବୋଲି ସ୍ପଷ୍ଟ ଜଣାପଡୁଛି। ସାଧାରଣରେ ଚର୍ଚ୍ଚା ହେଉଛି ଯେ, ଏକ ସକାରାତ୍ମକ ପ୍ରଶାସନ କେବଳ ଅତ୍ୟଧିକ ମାତ୍ରାରେ ଲୋକାଭିମୁଖୀ ଯୋଜନା କରି ନ ଥାଆନ୍ତି। ଅନୁରୂପ ଭାବେ ସେଥିରେ ଖର୍ଚ୍ଚ ପାଇଁ ବ୍ୟବହୃତ ହୋଇଥିବା ଅର୍ଥକୁ ଭରଣା କରିବା ପାଇଁ ନିଜସ୍ୱ ଆୟର ପନ୍ଥା ମଧ ବାହାର କରିଥାନ୍ତି। ଏବେକାର ପରିସ୍ଥିତିକୁ ଦେଖିଲେ ଓଡ଼ିଆ ଢଗ ‘ଋଣ କରି ଘିଅ ଖାଇବା’ କଥା ମନେପଡୁଛି ।

ଦିନ ଗଡିବା ସହ ରାଜ୍ୟର ପ୍ରତିଟି ବ୍ୟକ୍ତି ଉପରେ ଋଣଭାରର ପରିମାଣ ବୃଦ୍ଧି ପାଇବାରେ ଲାଗିଛି। ବର୍ତ୍ତମାନ ମୁଣ୍ଡପିଛା ଋଣଭାର ପ୍ରାୟ ୨୧,୩୪୦ ଟଙ୍କା ଛୁଇଁଲାଣି। ଅର୍ଥ ବିଭାଗ ପକ୍ଷରୁ ବିଧାନସଭାରେ ୨୦୧୮ ସେପ୍ଟେମ୍ବର ୧୦ରେ ପ୍ରଶ୍ନ ନଂ ୭୧୯ର ଦିଆଯାଇଥିବା ଉତ୍ତର ଅନୁଯାୟୀ ୨୦୧୭-୧୮ ଆର୍ଥିକ ବର୍ଷ ଶେଷସୁଦ୍ଧା ଏକତ୍ରୀକୃତ ଋଣର ପରିମାଣ ୭୩,୮୬୪.୬୬ କୋଟି ରହିଛି। ଯାହା ରାଜ୍ୟର ସକଳ ଘରୋଇ ଉତ୍ପାଦ(ଜିଏସ୍‌ଡିପି)ର ପ୍ରାୟ ୧୮ ପ୍ରତିଶତ। ବିଗତ ୪ ବର୍ଷରେ ଯେଉଁହାରରେ

| ବର୍ଷ | ମୁଣ୍ଡ ପିଛା ଋଣଭାର (ଟଙ୍କାରେ) | ଜିଏସ୍‌ଡିପିର ଋଣ ପ୍ରତିଶତ |
|---|---|---|
| ୨୦୦୦-୦୧ | ୫୭୦୭ | ୧୨% |
| ୨୦୧୮-୧୯ | ୨୧,୩୪୦ | ୨୩% |

ଋଣ କରାଯାଇଛି, ତାହା ଚଳିତ ଆର୍ଥିକ ବର୍ଷ ଶେଷ ଆଡକୁ ପ୍ରାୟ ୯୨,୦୦୦ରୁ ୧,୦୦,୦୦୦ କୋଟି ଟଙ୍କାରେ ପହଞ୍ଚିବ ବୋଲି ଅର୍ଥନୀତିଜ୍ଞମାନେ ଆଶଙ୍କା କରିଛନ୍ତି। ୨୦୧୪-୧୫ରେ ରାଜ୍ୟ ସରକାର ୭୬୩୬.୫୪ କୋଟି ଟଙ୍କା ଏବଂ ୨୦୧୫-୧୬ରେ ୧୧୬୨୫.୩୨ କୋଟି ଟଙ୍କା ଋଣ କରିଛନ୍ତି। ଏହା ପୂର୍ବବର୍ଷ ଅପେକ୍ଷା ୩୯୮୮.୭୮ କୋଟି ଟଙ୍କା ଅଧିକ । ଅପରପକ୍ଷରେ ୨୦୧୪-୧୫ରେ ୩୦୨୯.୪୦ କୋଟି ଟଙ୍କା ଋଣ ପରିଶୋଧ କରାଯାଇଛି। ହେଲେ ୨୦୧୫-୧୬ରେ ପରିଶୋଧର ଅର୍ଥର ପରିମାଣ ୨୮୮୧.୩୭ କୋଟି ଟଙ୍କା ରହିଛି। ଯାହା ପୂର୍ବ ପରିଶୋଧ ତୁଳନାରେ ୧୧୦୭.୪୧ କୋଟି ଟଙ୍କା କମ୍ । ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ, ଗୋଟିଏପଟେ ଋଣର ପରିମାଣ ବଢୁଥିବାବେଳେ ପରିଶୋଧର ପରିମାଣ କମିବାରେ ଲାଗିଛି। ପୂର୍ବ ବର୍ଷ ତୁଳନାରେ ଅଧିକ ଋଣ କରି କମ୍ ପରିମାଣର ପରିଶୋଧ ଅର୍ଥନୀତିର ନକାରାତ୍ମକ ଦିଗ ବୋଲି ଅର୍ଥନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି। ସେହିପରି ୨୦୧୬-୧୭ରେ ୧୩୦୮୦.୧୭ କୋଟି ଟଙ୍କା ଋଣ କରାଯାଇଛି। ସମାନ ସମୟରେ ମାତ୍ର ୨୯୬୨.୦୫ କୋଟି ଟଙ୍କା ପରିଶୋଧ କରାଯାଇଛି ।୨୦୧୭-୧୮ରେ ୧୪୪୧୯.୪୧ କୋଟି ଟଙ୍କାର ଋଣ କରାଯାଇଥିଲା। ତନ୍ମଧ୍ୟରୁ ଖୋଲା ବଜାର ସୂତ୍ରରୁ କେବଳ ୮୦୦୦ କୋଟି ଟଙ୍କା ଋଣ କରାଯାଇଛି। ଏହା ରାଜ୍ୟ ଜିଏସ୍‌ଡିପିର ୧୮.୩୯ ପ୍ରତିଶତ। ଏହି ସମୟରେ ମାତ୍ର ୨୬୯୦.୨୧ କୋଟି ଟଙ୍କା ପରିଶୋଧ କରାଯାଇଛି। ଚଳିତ ଆର୍ଥିକ ବର୍ଷ ସମାପ୍ତ ହୋଇନାହିଁ, ହେଲେ ଗତ ଜୁଲାଇ ଶେଷ ସୁଦ୍ଧା ୩୦୭୪.୮୯ କୋଟି ଟଙ୍କା ଋଣ କରାଯାଇଛି । ଏଥିସହ ୫୧୧.୧୩ କୋଟି ଟଙ୍କା ପରିଶୋଧ କରାଯାଇଛି।

ସହଜ ଭାଷାରେ କହିବାକୁ ଗଲେ, ଓଡ଼ିଶା ସରକାର ନିଜ ଉପରେ ଋଣଭାର କମ୍ କରିବା ପରିବର୍ତ୍ତେ ବୃଦ୍ଧି କରିବାରେ ଲାଗିଛନ୍ତି। ଅଣାଯାଇଥିବା ଋଣକୁ ପରିଶୋଧ କରିବାରେ ଅକ୍ଷମତା ପ୍ରଦର୍ଶନ କରୁଛନ୍ତି। ଫଳରେ ଋଣ କରିବାର ପରିମାଣ ୬୨ ପ୍ରତିଶତ ବୃଦ୍ଧି ପାଇଛି। ଅର୍ଥ ବିଭାଗର ଆକଳନ ଅନୁଯାୟୀ ଜିଏସ୍‌ଡିପି ୨୦୧୮-୧୯ ଆର୍ଥିକ ବର୍ଷରେ ୩.୪ ପ୍ରତିଶତ ନିଅଣ୍ଟ ହେବ। ବିତ୍ତୀୟ ଦାୟିତ୍ୱ ଏବଂ ବଜେଟ୍ ପରିଚାଳନା ନିୟମାନୁଯାୟୀ ରାଜ୍ୟ କେବଳ ଜିଏସ୍‌ଡିପି ୩.୫ ପ୍ରତିଶତ ଋଣ କରିପାରିବ। ଏହାଠାରୁ ଅଧିକ ପରିମାଣର ଋଣ ହେବାରୁ, ତାହା ରାଜ୍ୟ ଅର୍ଥନୀତିକୁ ବିପଦରେ ପକାଉଛି। ଏବେ ଓଡ଼ିଶାର ଋଣଭାରର ପରିମାଣ ଜିଏସ୍‌ଡିପିର ୧୮ ପ୍ରତିଶତ ରହିଛି, ଯାହାକି ସୁସ୍ଥ ସୀମାଠାରୁ ୫ ଗୁଣା ଅଧିକ। ଚଳିତ ଆର୍ଥିକ ବର୍ଷ ଶେଷ ଆଡକୁ ଏହା ୨୩ % ଛୁଇଁବ ବୋଲି ଆକଳନ କରାଯାଇଛି। ମୁଣ୍ଡ ଉପରେ ଏତେ ପରିମାଣର ଋଣ ବୋଝ ଥାଇ ସୁଦ୍ଧା ରାଜ୍ୟ ସରକାର ଯୋଜନା ପରେ ଯୋଜନା ଘୋଷଣା କରିବା ପାଇଁ କେବେ ଅନିଚ୍ଛା ପ୍ରକାଶ କରିନାହାନ୍ତି। ବର୍ତ୍ତମାନ କାଳିଆ ଯୋଜନା(୧୦,୧୮୦ କୋଟି), ଆମ ଗାଁ ଆମ ବିକାଶ(୧୪୭୪ କୋଟି ), ବିଜୁ ଯୁବ ବାହିନୀ(୪୫୦ କୋଟି), ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(୨୨୦ କୋଟି), ଚାଷୀ ଏବଂ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ମୋବାଇଲ ବଣ୍ଟନ ପାଇଁ ୫ କୋଟି ବ୍ୟୟବରାଦ ରଖାଯାଇଛି।

ଏହି ଅର୍ଥଗୁଡିକ ଜନସାଧାରଣଙ୍କ ମୌଳିକ ଆବଶ୍ୟକତା ଯଥା- ସଡକ ନିର୍ମାଣ, ପାନୀୟ ଜଳ ଓ ଜଳସେଚନ ପ୍ରକଳ୍ପ, ଗ୍ରାମ୍ୟ ବିଦ୍ୟୁତୀକରଣ ଇତ୍ୟାଦି କାର୍ଯ୍ୟରେ ବ୍ୟବହୃତ ହୋଇପାରିଥାନ୍ତା। ଏହାଦ୍ୱାରା ରାଜ୍ୟରେ ଅନେକ ଅଚଳ ଉଠାଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର ହେବା ସହ ବିଜୁଳି ନ ଥିବା ଗାଁ ଆଲୋକ ଦେଖିପାରନ୍ତେ। ଏହା ବ୍ୟତୀତ ସର୍ବନିମ୍ନ ସ୍ୱାସ୍ଥ୍ୟ ସେବା ନ ଥିବା ଅଧିକାଂଶ ଗାଁରେ ସ୍ୱାସ୍ଥ୍ୟ ସୁବିଧା ପହଞ୍ଚାଇ ଦିଆଯାଇପାରନ୍ତା। ଏହିଭଳି କାର୍ଯ୍ୟ ହେଉଛି, ନିରନ୍ତର ବିକାଶର ପ୍ରତୀକ।





**ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ**
ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ଆଜିର ସମ୍ପାଦକୀୟ**
ଓ୍ୟାନ୍ସ ବାର୍ ସଂସ୍କୃତି

**ଆଜିର ମନ୍ତବ୍ୟ**
ଭାରତ ଓ ପାକିସ୍ତାନ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ଫଳପ୍ରଦ ଆଲୋଚନା କରନ୍ତୁ।
– ଆଣ୍ଟୋନିଓ ଗୁଟେରେସ୍, ଜାତିସଂଘ ମହାସଚିବ

## ଜଳିଲା ତେଲ ପାଇପ୍‌ଲାଇନ: ୨୧ ମୃତ

ମେକ୍ସିକୋ ସିଟି, ୧୯।୧

ସେଣ୍ଟ୍ରାଲ୍ ମେକ୍ସିକୋରେ ତେଲ ଚୋରି ନେଇ ଚଢ଼ାଉ ଅଭିଯାନ ଜାରି ରହିଥିବାବେଳେ ଏକ ବେଆଇନ ତେଲ ପାଇପ୍‌ଲାଇନ ଜଳିଯାଇଛି। ଏଥିରେ ୨୧ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୭୧ ଗୁରୁତର ଆହତ ହୋଇଛନ୍ତି। ସରକାରୀ ସୂଚନାନୁଯାୟୀ, ହିଦାଲ୍‌ଗୋ ରାଜ୍ୟ ଲାହୁଏଲିଲ୍‌ପାନଠାରେ ଶୁକ୍ରବାର ପାଇପ୍‌ଲାଇନ୍ ଲିକ୍‌ରୁ ଏହି ଭୟାବହ ଅଗ୍ନିକାଣ୍ଡ ଘଟିଛି। ☞ପୃଷ୍ଠା-୪


ନୀରବ ମୋଦି ଠକେଇ ମାମଲା: ପିଏନ୍‌ବିର ୨ ଅଧିକାରୀ ବହିଷ୍କୃତ ପୃଷ୍ଠା ୧୩

‘ପାଣ୍ଡ୍ୟା,ରାହୁଲଙ୍କୁ ଖେଳିବାକୁ ଦିଆଯାଉ’ ପୃଷ୍ଠା ୧୫

ଜେଇଇ ମେନ୍ ୨୦୧୯: ଓଡ଼ିଶା ଟପ୍ପର ହେଲେ ଶିବାଶିଷ ପୃଷ୍ଠା ୪


### କୋଲକାତାରେ ବିରୋଧୀଙ୍କ ମହାମେଳି
# ଦିଲ୍ଲୀରୁ ମୋଦିଙ୍କୁ ହଟାଅ

**ବିପକ୍ଷର ଶକ୍ତି ପ୍ରଦର୍ଶନ**
- ମମତା ଦେଲେ ରଣହୁଙ୍କାର
- ମଞ୍ଚରେ ଦେବେଗୌଡା, ଚନ୍ଦ୍ରାବାବୁ, କେଜ୍‌ରିୱାଲ, ଅଖିଳେଶ
- ଯୋଗ ଦେଲେନି ବିଜେଡି, ୱାଇଏସ୍‌ଆରସିପି, ଟିଆର୍‌ଏସ୍, ବାମପନ୍ଥୀ

କୋଲକାତା,୧୯।୧(ପି.ଟି.)

ପାଖେଇ ଆସୁଛି ସାଧାରଣ ନିର୍ବାଚନ। ଏଥିପାଇଁ ଉଭୟ ଶାସକ ଏବଂ ବିରୋଧୀ ଶିବିରରେ ଚାଲିଛି ସଜବାଜ। କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କୁ କ୍ଷମତାଚ୍ୟୁତ କରି ଶାସନ ଡୋରି ଧରିବାକୁ ବିରୋଧୀ ଦଳଗୁଡ଼ିକ ପ୍ରସ୍ତୁତ କରୁଛନ୍ତି ରଣନୀତି। ଏହି ପରିପ୍ରେକ୍ଷୀରେ କୋଲକାତାର ବ୍ରିଗେଡ୍ ପରେଡ୍ ଗ୍ରାଉଣ୍ଡ ପାଲଟିଛି ୨୩ଟି ଆଞ୍ଚଳିକ ଦଳର ମଞ୍ଚ। ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀଙ୍କ ଆବାହକତ୍ୱରେ ଆୟୋଜିତ ଏହି ବିରୋଧୀ ଦଳ ମେଳିରେ ଶୁଣିବାକୁ ମିଳିଛି ପୁରୁଣା ନେତାମାନଙ୍କ ରଣହୁଙ୍କାର। ସମସ୍ତଙ୍କର ଗୋଟିଏ ଦାବି, ‘ଦିଲ୍ଲୀ ସିଂହାସନରୁ ମୋଦିଙ୍କୁ ହଟାଅ’।

ବ୍ରିଗେଡ଼ ପରେଡ ଗ୍ରାଉଣ୍ଡରେ ଶନିବାର ୨୩ଟି ବିରୋଧୀ ଦଳଙ୍କୁ ନେଇ ମହାର୍ୟାଲି ଅନୁଷ୍ଠିତ ହୋଇଛି। ଏଥିରେ ଉଦ୍‌ବୋଧନ ଦେଇ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଅଧକ୍ଷା ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କେନ୍ଦ୍ରରେ ସରକାର ବଦଳାଇଦେବାକୁ ଆହ୍ୱାନ ଦେଇଛନ୍ତି। ଏକ୍ସପାଏରି (ଅବଧି ଶେଷ ହୋଇଥିବା) ଔଷଧ ଭଳି ନରେନ୍ଦ୍ର ମୋଦି ସରକାରଙ୍କ କାର୍ଯ୍ୟକାଳ ସରିଲାଣି। ବିରୋଧୀ ମେଣ୍ଟ ଆଗାମୀ ଲୋକ ସଭା ନିର୍ବାଚନ ଜିତିବ । ଅନ୍ୟ ବିରୋଧୀ ଦଳଗୁଡ଼ିକ ସହ ମିଶି କାମ କରିବା ଲାଗି ସେ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରଧାନମନ୍ତ୍ରୀ ପ୍ରାର୍ଥୀ କିଏ ହେବେ ତାହା ନିର୍ବାଚନ ପରେ ନିଷ୍ପତ୍ତି ନିଆଯିବ ବୋଲି ମମତା କହିଛନ୍ତି।

ଭାଜପାକୁ କଡ଼ା ସମାଲୋଚନା କରି ମମତା କହିଥିଲେ, ଏହି ଦଳ ବରିଷ୍ଠ ନେତାଙ୍କୁ ସମ୍ମାନ ଦେଉନାହିଁ। ରାଜନାଥ ସିଂ, ସୁଷମା ସ୍ୱରାଜ, ନୀତୀନ ଗଡକରୀଙ୍କ ଭଳି ନେତାଙ୍କୁ ଦଳରେ ଅଣଦେଖା କରାଯାଉଛି। ମୋଦି ଓ ତାଙ୍କ ସହଯୋଗୀ ଏବେ ସାମୂହିକ ନେତୃତ୍ୱ କଥା କହୁଥିବାବେଳେ କ୍ଷମତାକୁ ଆସିଲେ ପୁଣିଥରେ ସେହି ନେତାମାନଙ୍କୁ ଅଣଦେଖା କରିବେ ବୋଲି ☞ପୃଷ୍ଠା-୩


NECC NATIONAL EGG CO-ORDINATION COMMITTEE 19.01.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 77 | 128 | 138 |
| DKL | 77 | 128 | 138 |
| BDK | 79 | 131 | 141 |
| BLS | 79 | 131 | 141 |
| ANG | 77 | 128 | 138 |

*Conditions Apply
Eggs Retail Price- 55/-Dozen
Issued in the Interest of Consumers


**କିଛି ତଥ୍ୟ**

ଜାନୁୟାରୀ ୧୧ ସୁଦ୍ଧା ଦେଶର ବିଦେଶୀ ମୁଦ୍ରା ଭଣ୍ଡାରରେ ୧.୨୬୭ ବିଲିୟନ ବୃଦ୍ଧି ଘଟି ୩୯୭.୩୫୧ ବିଲିୟନ ଡଲାର ଛୁଇଁଛି।

–ଆର୍‌ବିଆଇ









କର୍ଣାଟକ ଶାସକ ମେଣ୍ଟରେ ଭାଜପା ଅସ୍ଥିରତା ସୃଷ୍ଟି କରିବ ନାହିଁ। ମରୁଡ଼ିଗ୍ରସ୍ତ ଅଞ୍ଚଳକୁ ଯାଇ କୃଷକଙ୍କ ସମସ୍ୟା ସମାଧାନ କରିବା ଆମ ବିଧାୟକମାନଙ୍କ କାମ ହେବା।

-ବି.ଏସ୍. ୟେଦ୍ୟୁରପ୍ପା, ପୂର୍ବତନ ମୁଖ୍ୟମନ୍ତ୍ରୀ

# ଅମେଳ ବିଚାରଧାରାର ମେଳି

**ନୂଆଦିଲ୍ଲୀ,୧୯।୧(ପି.ଟି.)**

ତୃଣମୂଳ କଂଗ୍ରେସ ଅଧ୍ୟକ୍ଷା ମମତା ବାନାର୍ଜୀଙ୍କ ନେତୃତ୍ୱରେ ଆୟୋଜିତ ବିରୋଧୀ ଦଳଙ୍କ ମହାର୍ୟାଲିକୁ ଭାଜପା ସ୍ୱାର୍ଥାନ୍ୱେଷୀ ଏବଂ ଅମେଳ ବିଚାରଧାରାର ମେଳି ବୋଲି କହିଛି। ଏଠାରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ଭାଜପାର ରାଷ୍ଟ୍ରୀୟ ମୁଖପାତ୍ର ରାଜୀବ ପ୍ରତାପ ରୁଡୀ କହିଛନ୍ତି, ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ର୍ୟାଲି। ତେବେ ଏଭଳି କାର୍ଯ୍ୟକ୍ରମକୁ ତାଙ୍କ ଦଳ ଭୟ କରେନାହିଁ ବୋଲି ରୁଡୀ କହିଛନ୍ତି। ମମତା ଏକତ୍ର ଭାରତର ଆହ୍ୱାନ ଦେଇଥିବାବେଳେ ଏହି ମହାମେଣ୍ଟରେ ନେତୃତ୍ୱକୁ ନେଇ ମତପାର୍ଥକ୍ୟ ରହିଥିବା ସ୍ପଷ୍ଟ ଜଣାପଡୁଛି। ତେଣୁ ଏହା ପରସ୍ପର ବିରୋଧୀ ଏବଂ ଦ୍ୱନ୍ଦ୍ୱାତ୍ମକ ଚିନ୍ତାଧାରାର ଏକ ସମିତି। ସେମାନେ ନୂଆ ସାମ୍ମୁଖ୍ୟ କଥା କହୁଛନ୍ତି। ତେବେ ଏହା ଦ୍ୱିତୀୟ ନା ତୃତୀୟ ସାମ୍ମୁଖ୍ୟ ତାହା ମଧ୍ୟ ସ୍ପଷ୍ଟ ନୁହେଁ ବୋଲି ଭାଜପା ନେତା କହିଛନ୍ତି। ଶନିବାରର ର୍ୟାଲିରୁ ବିରୋଧୀ କ୍ୟାମ୍ପରେ ମତଭେଦ ଥିବା ପଦାକୁ ଆସିଛି। ଏମାନଙ୍କ ମଧ୍ୟରୁ ଅଧିକାଂଶ ଦଳ ପରସ୍ପରର ସମାଲୋଚନାରେ ଲିପ୍ତ ଅଛନ୍ତି। ବାମଦଳକୁ ଏହି ର୍ୟାଲିରେ ଯୋଗଦେବା ଲାଗି ଆମନ୍ତ୍ରଣ କରାଯାଇ ନ ଥିବାବେଳେ ଏସ୍‌ପି-ବିଏସ୍‌ପି ମେଣ୍ଟ ୟୁପିରେ କଂଗ୍ରେସକୁ ସମାଲୋଚନା କରୁଥିବାବେଳେ ର୍ୟାଲିକୁ ସମର୍ଥନ ଜଣାଇଛନ୍ତି। ତେଣୁ ଏହା କେବଳ ସ୍ୱାର୍ଥସର୍ବସ୍ୱ ର୍ୟାଲି ବୋଲି ଭାଜପା ମୁଖପାତ୍ର କହିଛନ୍ତି। ଦେଶବାସୀ ନରେନ୍ଦ୍ର ମୋଦି ସରକାରଙ୍କ କାର୍ଯ୍ୟକୁ ଦେଖିଛନ୍ତି ଏବଂ ଭାଜପା ପୂର୍ଣ୍ଣ ବହୁମତ ସହ ପରବର୍ତ୍ତୀ



ରାଜୀବ ପ୍ରତାପ ରୁଡୀ

ସରକାର ଗଢ଼ିବ ବୋଲି ସେ କହିଛନ୍ତି। ବରିଷ୍ଠ ଭାଜପା ନେତା ସୟଦ ଶାହନୱାଜ ହୁସେନ୍ ବିରୋଧୀଙ୍କ ମହାମେଣ୍ଟକୁ ସମାଲୋଚନା କରିଛନ୍ତି। ଭାଜପା ଜଣେ ନେତାଙ୍କ ଦ୍ୱାରା ପରିଚାଳିତ ହେଉଥିବାବେଳେ ମେଣ୍ଟକୁ ଜଣେ ଡିଲର ଚଳାଉଛନ୍ତି। ବିରୋଧୀ ମେଣ୍ଟର ସମସ୍ତ ନେତା ପ୍ରଧାନମନ୍ତ୍ରୀ ହେବାକୁ ଚାହୁଁଥିବାରୁ ସେମାନେ ଭାଜପାକୁ ହରାଇପାରିବେ ନାହିଁ। ଏହା ଏକତାର ପ୍ରଦର୍ଶନ ମାତ୍ର। ମହାମେଣ୍ଟ ସମ୍ପୂର୍ଣ୍ଣ ମିଥ୍ୟା ବୋଲି ପଣଜୀଠାରେ ଏକ ଖବରଦାତା ସମ୍ମିଳନୀରେ ହୁସେନ୍ କହିଛନ୍ତି।

## ଶତ୍ରୁଘ୍ନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇପାରେ

**ନୂଆଦିଲ୍ଲୀ,୧୯।୧(ପିଟିଆଇ):** କେନ୍ଦ୍ର ସରକାରଙ୍କ ବିରୋଧରେ କୋଲକାତାରେ ଆୟୋଜିତ ବିରୋଧୀ ଦଳଗୁଡ଼ିକର ମହାର୍ୟାଲିରେ ଭାଜପା ଏମ୍‌ପି ଶତ୍ରୁଘ୍ନ ସିହ୍ନା ଯୋଗ ଦେଇଥିବାରୁ ତାଙ୍କ ବିରୋଧରେ ଦଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରେ ବୋଲି ଜଣାପଡିଛି। ଅଭିନେତାରୁ ରାଜନେତା ହୋଇଥିବା ପାଟନା ଏମ୍‌ପି ଶତ୍ରୁଘ୍ନ ସୁବିଧାବାଦୀ। ସେ କ'ଣ ପାଇଁ ବିରୋଧୀ ର୍ୟାଲିରେ ଯୋଗଦେଲେ ତାଙ୍କଠାରୁ ସ୍ପଷ୍ଟୀକରଣ ମଗାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି।



ବିଭିନ୍ନ ସମୟରେ ସିହ୍ନା ଦଳ ବିରୋଧରେ କହି ଆସିଛନ୍ତି। ଏଭଳି ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଜରୁରୀ ବୋଲି ଭାଜପା ମୁଖପାତ୍ର ରାଜୀବ ପ୍ରତାପ ରୁଡୀ କହିଛନ୍ତି। ଶନିବାର ସିହ୍ନା ବିରୋଧୀ ଦଳ ର୍ୟାଲିରେ ଯୋଗଦେବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ରାଫାଲ ପ୍ରସଙ୍ଗରେ ସମାଲୋଚନା କରିଥିଲେ।

## 'ଲୁଟେରା ଗଢୁଛନ୍ତି ମହାମେଣ୍ଟ'

**ସିଲ୍‌ଭାସା,୧୯।୧(ପିଟିଆଇ):** କୋଲକାତାରେ ବିରୋଧୀ ଦଳଗୁଡ଼ିକ ଏକାଠି ହୋଇଥିବାବେଳେ ସେମାନଙ୍କ ପ୍ରସ୍ତାବିତ ମହାମେଣ୍ଟକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମାଲୋଚନା କରିଛନ୍ତି। ଭାରତକୁ ଲୁଟ୍ କରୁଥିବା ଲୋକମାନଙ୍କୁ ସେ ଅଟକାଇବା ପରେ ସେମାନେ ମହାମେଣ୍ଟ ନାମରେ ଏକାଠି ହେଉଛନ୍ତି। ଏହା ତାଙ୍କ ବିରୋଧରେ ନୁହେଁ ଦେଶବାସୀଙ୍କ ବିରୋଧରେ ମହାମେଣ୍ଟ ବୋଲି ପ୍ରଧାନମନ୍ତ୍ରୀ ଦାଦ୍ରା ନଗର ହାଭେଲିର ରାଜଧାନୀ ସିଲ୍‌ଭାସାଠାରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରି କହିଛନ୍ତି। ର୍ୟାଲିର



ନରେନ୍ଦ୍ର ମୋଦି

ଆୟୋଜକ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନାଁ ନ ନେଇ ପ୍ରଧାନମନ୍ତ୍ରୀ କହିଥିଲେ, ପଶ୍ଚିମବଙ୍ଗରେ ଭାଜପାର ମାତ୍ର ଜଣେ ବିଧାୟକ ଅଛନ୍ତି। ଏହା ସତ୍ତ୍ୱେ ସେମାନେ ଆମକୁ ଏତେ ଭୟ କରୁଛନ୍ତି ଯେ, 'ବଚାଓ' ଆହ୍ୱାନ ଦେଉଛନ୍ତି। ଦୁର୍ନୀତି ବିରୋଧରେ ତାଙ୍କ କାର୍ଯ୍ୟାନୁଷ୍ଠାନ କେତେକ ଲୋକଙ୍କୁ କ୍ଷୁବ୍ଧ କରିଛି। ସେମାନେ ଜନସାଧାରଣଙ୍କ ସମ୍ପତ୍ତି ଲୁଟିଚାଲିଥିଲେ। ସେହି ନେତାମାନେ ଭୟରେ ଏକାଠି ହୋଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ତୃଣମୂଳ କଂଗ୍ରେସ ଶାସନରେ ରାଜ୍ୟରେ ରାଜନୈତିକ ଦଳଗୁଡ଼ିକୁ କାର୍ଯ୍ୟକ୍ରମ କରିବାକୁ ଅନୁମତି ଦିଆଯାଉ ନାହିଁ। ଭାଜପାର ରଥଯାତ୍ରାକୁ ପଶ୍ଚିମବଙ୍ଗ ସରକାର ଅନୁମତି ଦେଉନାହାନ୍ତି। ସେଠାରେ ନିର୍ବାଚନ ବେଳେ ଦଳୀୟ କର୍ମୀ ପ୍ରାଣ ହରାଉଥିବାବେଳେ ସେମାନେ ନିଜକୁ ଗଣତନ୍ତ୍ରର ରକ୍ଷାକାରୀ କହୁଥିବା ମୋଦି ଉଲ୍ଲେଖ କରିଥିଲେ।

## ସିରିଆରେ ଆକ୍ରମଣ:୪ ଶିଶୁଙ୍କ ସମେତ ୬ ମୃତ

**ବେରୁଟ,୧୯।୧:** ସିରିଆରେ 'ଇସ୍‌ଲାମିକ୍ ଷ୍ଟେଟ୍' (ଆଇଏସ୍) ଆତଙ୍କବାଦୀ ଗ୍ରୁପ୍‌ଙ୍କ ଉପରେ ଆମେରିକା ପକ୍ଷରୁ ହୋଇଥିବା ବିମାନ ଆକ୍ରମଣରେ ୧୦ ଆତଙ୍କବାଦୀ ପ୍ରାଣ ହରାଇଥିବାବେଳେ ୪ ଶିଶୁଙ୍କ ସମେତ ୬ ସାଧାରଣ ନାଗରିକଙ୍କ ଜୀବନ ଯାଇଛି। ଶୁକ୍ରବାର ୟୁଫ୍ରେଟିସ୍ ଭ୍ୟାଲି ବାଘୌଜଠାରେ ଆଇଏସ୍‌ଙ୍କ ଠିକଣାକୁ ଟାର୍ଗେଟ୍ କରି ଆମେରିକା ଓ କୁର୍ଦ୍ଦିଶ୍ ସେନା ପକ୍ଷରୁ ମିଳିତ ଭାବେ ଏହି ଅପରେଶନ ହୋଇଥିଲା। ବୁଧବାର ମନବିଜ୍ ସହରର ଏକ ରେଷ୍ଟୁରାଣ୍ଟରେ ଆଇଏସ୍‌ର ଆତ୍ମଘାତୀ ବୋମା ବିସ୍ଫୋରଣରେ ୧୯ଜଣଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ମଧ୍ୟରେ ଆମେରିକାର ୪ ନାଗରିକ ରହିଥିଲେ। ଏହି ଆକ୍ରମଣକୁ ଗମ୍ଭୀରତାର ସହ ନେଇ ଆମେରିକା ପକ୍ଷରୁ ଆଇଏସ୍ କ୍ୟାମ୍ପ ଉପରକୁ ବିମାନରୁ ଗୁଳିବର୍ଷଣ ଓ ବୋମା ମାଡ଼ ହୋଇଥିବା ଜଣାଯାଇଛି।

## ସଂକ୍ଷେପରେ

### ଫେବୃୟାରୀରେ ଉନ୍‌ଙ୍କୁ ଭେଟିବେ ଟ୍ରମ୍ପ୍



**ୱାଶିଂଟନ ୧୯।୧(ପି.ଟି.):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଆସନ୍ତା ଫେବୃୟାରୀରେ ଉତ୍ତର କୋରିଆ ଶାସକ କିମ୍ ଜଙ୍ଗ୍-ଉନ୍‌ଙ୍କୁ ଭେଟିବେ। ପରମାଣୁ ନିରସ୍ତ୍ରୀକରଣ ପ୍ରସଙ୍ଗ ଉପରେ ଉଭୟଙ୍କ ମଧ୍ୟରେ ଆଲୋଚନା ହେବ। ହ୍ୱାଇଟ୍ ହାଉସ୍ ପକ୍ଷରୁ ଏହା ସ୍ପଷ୍ଟ କରାଯାଇଛି। ତେବେ ଉନ୍ ଏବଂ ଟ୍ରମ୍ପ୍‌ଙ୍କ ମଧ୍ୟରେ ଏହି ଦ୍ୱିତୀୟ ବୈଠକ କେଉଁଠାରେ ହେବ ତାହା ଚୂଡ଼ାନ୍ତ ହୋଇନାହିଁ। ଭିଏତ୍‌ନାମ ରାଜଧାନୀ ହାନୋଇ ଅଥବା ଉପକୂଳ ସହର ଦାନାଙ୍ଗଠାରେ ଏହା ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ଗତବର୍ଷ ଜୁନ ୧୨ରେ ସିଙ୍ଗାପୁରଠାରେ ଉନ୍ ଓ ଟ୍ରମ୍ପ୍‌ଙ୍କ ମଧ୍ୟରେ ପ୍ରଥମ ବୈଠକ ହୋଇଥିଲା।

### ବଳାତ୍କାର ପୀଡ଼ିତାଙ୍କୁ ଗୁଳି କରି ହତ୍ୟା

**ଗୁରୁଗ୍ରାମ,୧୯।୧(ପି.ଟି.):** ଜଣେ ୨୨ ବର୍ଷୀୟା ମହିଳାଙ୍କୁ ଘରୁ ଅପହରଣ କରି ନିଆଯିବା ପରେ ଗୁଳି କରି ହତ୍ୟା କରାଯାଇଛି। ଗୁରୁଗ୍ରାମ-ଫରିଦାବାଦ୍ ରାଜପଥ ଖୁସ୍‌ବୁ ଚୌକରୁ ମହିଳାଙ୍କ ମୃତଦେହ ଜବତ ହୋଇଛି। ମହିଳା ଜଣକ ଏକ ନାଇଟ୍ କ୍ଲବ୍‌ରେ ଡ୍ୟାନ୍ସର ଥିଲେ। ସେହି କ୍ଲବର ବାଉନ୍ସର ସନ୍ଦୀପ କୁମାର ଏହି ନୃଶଂସ କାଣ୍ଡ ଘଟାଇଥିବା ମୃତା ମହିଳାଙ୍କ ମା' କହିଛନ୍ତି। ପୋଲିସ ସୂଚନାନୁଯାୟୀ, ୨୦୧୭ ମାର୍ଚ୍ଚରେ ସନ୍ଦୀପଙ୍କ ବିରୋଧରେ ମହିଳା ବଳାତ୍କାର ଅଭିଯୋଗ ଆଣିଥିଲେ। ଶୁକ୍ରବାର କୋର୍ଟରେ ପୀଡ଼ିତା ତାଙ୍କ ବୟାନ ରେକର୍ଡ କରିବାର ଘଣ୍ଟାଏ ପରେ ସନ୍ଦିପ ତାଙ୍କୁ ଘରୁ ଉଠାଇ ନେଇ ଗୁଳି କରି ହତ୍ୟା କରିଥିବା ଛାନ୍‌ଭିନ୍‌ରୁ ଜଣାପଡ଼ିଛି।

## କିଏ କ'ଣ କହିଲେ



ଭାଜପା ୨୦୧୪ ନିର୍ବାଚନ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବାରେ ବିଫଳ ହୋଇଛି। ନରେନ୍ଦ୍ର ମୋଦି କାମରେ ନୁହଁନ୍ତି କେବଳ ପ୍ରଚାରସର୍ବସ୍ୱ ପ୍ରଧାନମନ୍ତ୍ରୀ।

-ଏନ୍. ଚନ୍ଦ୍ରବାବୁ ନାଇଡୁ, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ



ବିରୋଧୀ ଦଳଗୁଡ଼ିକ ସେମାନଙ୍କ ମଧ୍ୟରେ ଥିବା ମତଭେଦ ଭୁଲି ଏକାଠି ଭାଜପା ବିରୋଧରେ ଲଢ଼ିବା ଉଚିତ।

-ଏଚ୍.ଡି. ଦେବେଗୌଡା
ପୂର୍ବତନ ପ୍ରଧାନମନ୍ତ୍ରୀ



ଧର୍ମନିରପେକ୍ଷ ସରକାର ଗଢ଼ିବା ବିରୋଧୀ ମେଣ୍ଟର ଲକ୍ଷ୍ୟ। ମୋଦି ସରକାରର ପତନ ସହ ବାଦଲ ଦୂରେଇ ଯିବ ଏବଂ ଖୁବ୍‌ଶୀଘ୍ର ଇନ୍ଦ୍ରଧନୁ ଦେଖାଦେବ।

-ଅଭିଷେକ ମନୁ ସିଙ୍ଘ୍‌ଭି
ବରିଷ୍ଠ କଂଗ୍ରେସ ନେତା



ସ୍ୱାଧୀନତା ପରେ ଏହା ପ୍ରଥମ ସରକାର ଯିଏ ବିକାଶ ପରିସଂଖ୍ୟାନ ନାଁରେ ଲୋକଙ୍କୁ ଭୁଲ୍ ତଥ୍ୟ ଦେଇ ଭଣ୍ଡାଉଛି। କେନ୍ଦ୍ରର ଭାଜପା ସରକାର ଦେଶଦ୍ରୋହୀ।

-ୟଶ୍ୱନ୍ତ ସିହ୍ନା,
ପୂର୍ବତନ କେନ୍ଦ୍ରମନ୍ତ୍ରୀ



ଦୁର୍ନୀତି ବିରୋଧରେ ଲଢ଼େଇ କଥା କହୁଥିବା ଭାଜପା କର୍ଣାଟକରେ ଘୋଡ଼ାବେପାର ଲାଗି ଉଦ୍ୟମ ଚଳାଇଛି। ସେମାନେ ଗଣତନ୍ତ୍ରକୁ ସଂଖ୍ୟାଖେଳରେ ପରିଣତ କରିଛନ୍ତି ଏବଂ ବିଧାୟକମାନଙ୍କୁ ସାମଗ୍ରୀ ମନେକରୁଛନ୍ତି।

-ଏଚ୍.ଡି. କୁମାରସ୍ୱାମୀ, କର୍ଣାଟକ ମୁଖ୍ୟମନ୍ତ୍ରୀ



ଏସ୍‌ପି-ବିଏସ୍‌ପି ଏକାଠି ହେବା ପରେ ଦେଶରେ ଖୁସିର ଲହର ଖେଳିଯାଇଥିବାବେଳେ ଭାଜପା ପାଇଁ ଚିନ୍ତା ବଢ଼ାଇଦେଇଛି। ବିରୋଧୀ ଦଳଗୁଡିକ ସାଧାରଣ ଲୋକଙ୍କ ସହ ଏକାଠି ହେଉଥିବାବେଳେ ଭାଜପା ସିବିଆଇ ଏବଂ ଇଡି ସହ ମେଣ୍ଟ କରିଛି।

-ଅଖିଳେଶ ଯାଦବ, ସମାଜବାଦୀ ପାର୍ଟି ଅଧ୍ୟକ୍ଷ



ଆଗାମୀ ଲୋକ ସଭା ନିର୍ବାଚନ ଦେଶବାସୀଙ୍କ ପାଇଁ ଭାଜପାର 'ମୌଳବାଦୀ ହିନ୍ଦୁତ୍ୱବାଦ' ବିରୋଧରେ ଦ୍ୱିତୀୟ ସ୍ୱାଧୀନତା ସଂଗ୍ରାମ ହେବ।

-ଏମ୍.କେ. ଷ୍ଟାଲିନ୍,
ଡିଏମ୍‌କେ ଅଧ୍ୟକ୍ଷ



କେନ୍ଦ୍ରରୁ ଭାଜପା ସରକାରକୁ ହଟାଇବାକୁ ହେଲେ ବିରୋଧୀ ଦଳଗୁଡିକ ଆଗାମୀ ଲୋକ ସଭା ନିର୍ବାଚନ ଏକାଠି ଲଢ଼ିବାକୁ ହେବ। ଦେଶର ସ୍ୱାର୍ଥ ପାଇଁ ଆମକୁ ତ୍ୟାଗ ସ୍ୱୀକାର କରିବାକୁ ହେବ।

-ଅରୁଣ ଶୌରୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ



ଇଭିଏମ୍ 'ଚୋର ମେଶିନ୍'। ନିର୍ବାଚନରେ ସ୍ୱଚ୍ଛତା ଲାଗି ବାଲଟ ପେପରର ପୁନଃ ପ୍ରଚଳନ କରାଯାଉ।

-ଫାରୁକ୍ ଅବ୍‌ଦୁଲ୍ଲା
ନ୍ୟାଶନାଲ କନ୍‌ଫରେନ୍ସ ଅଧ୍ୟକ୍ଷ






## ଫୁରସତ

# ହଲିଉଡ୍ ଫିଲ୍ମରେ ଶର୍ମନ୍ ଜୋଷୀ



**ମୁମ୍ବାଇ:** ଦୀର୍ଘ ୨୦ବର୍ଷ ତଳର ଅଷ୍ଟ୍ରେଲୀୟ ମିଶନାରି ଗ୍ରାହାମ ଷ୍ଟେନ୍ସ ହତ୍ୟାକାଣ୍ଡକୁ ନେଇ ନିର୍ମାଣ ହୋଇଥିବା ହଲିଉଡ ଫିଲ୍ମରେ ବଲିଉଡ୍ ଅଭିନେତା ଶର୍ମନ୍ ଜୋଷୀ ଜଣେ ଖବରଦାତା ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ସ୍କାଏପାସ୍ ଏଣ୍ଟରଟେନ୍‌ମେଣ୍ଟ ଦ୍ୱାରା ପ୍ରସ୍ତୁତ ପ୍ରଥମ ଫିଲ୍ମ ଆମେରିକାରେ ଫେବୃୟାରୀ ୧ରେ ରିଲିଜ ହେବାକୁ ଯାଉଛି। ୧୧୨ ମିନିଟ୍‌ର ଏହି ଫିଲ୍ମ ଭାରତରେ ମାର୍ଚ୍ଚରେ ଏବଂ ଅଷ୍ଟ୍ରେଲିଆରେ ଏପ୍ରିଲରେ ରିଲିଜ ହେବା କାର୍ଯ୍ୟକ୍ରମ ରହିଛି। ଉକ୍ତ ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ଆମେରିକୀୟ ନିର୍ଦ୍ଦେଶକ ଅନୀଶ ଡାନିଏଲ୍। ୧୯୯୦ ଶେଷଭାଗରେ ଗ୍ରାମୀଣ ଭାରତର ସାମାଜିକ ଜୀବନ ଦୋହଲିଯାଇଥିବାବେଳେ ଖବରଦାତା ମାନବ ବାନାର୍ଜୀ (ବଲିଉଡ୍‌ର ଶର୍ମନ୍ ଜୋଷୀ) ଉନ୍ନତମାନର ଜୀବନଯାପନ ପାଇଁ ଓଡିଶାର ଏକ ସହରକୁ ଚାଲିଯାଆନ୍ତି। ଅଷ୍ଟ୍ରେଲୀୟ ମିସନାରି ଗ୍ରାହାମ ଷ୍ଟେନ୍ସ ଗରିବ ଓ କୁଷ୍ଠରୋଗୀଙ୍କ ସେବା ଆଳରେ ଧର୍ମାନ୍ତରୀକରଣ କରାଉଥିବା କଳ୍ପନାଜଳ୍ପନା ପ୍ରକାଶ ପାଇବା ପରେ ଏହି ଘଟଣାର ତଦନ୍ତମୂଳକ ରିପୋର୍ଟ ପାଇଁ ଶର୍ମନ୍ ଆଗ୍ରହୀ ହୋଇପଡନ୍ତି। ପରିଶେଷରେ ସତ୍ୟ ଓ ତଥ୍ୟ ପ୍ରକାଶ ପରେ ଗ୍ରାହାମ ଷ୍ଟେନ୍ସଙ୍କ ଜୀବନର ଏକ ଦୁଃଖଦାୟକ ଯବନିକା ଘଟେ ଯାହା ବିଶ୍ୱବ୍ୟାପୀ ଚର୍ଚ୍ଚାର ବିଷୟ ହୋଇପଡେ। ଏଥିରେ ଗ୍ରାହାମ୍ ଷ୍ଟେନ୍ସ ଭୂମିକାରେ ଆମେରିକୀୟ ଅଭିନେତା ବାଲ୍ଡୱିନ୍ ଏବଂ ତାଙ୍କ ପତ୍ନୀ ଗ୍ଲାଡିସ୍ ଷ୍ଟେନ୍ସ ଭୂମିକାରେ ଅଭିନେତ୍ରୀ ଶାରି ରିଗ୍‌ବାଏ ଅଭିନୟ କରିଛନ୍ତି। ସତ୍ୟ କାହାଣୀ ଉପରେ ଆଧାରିତ ଏହି ଫିଲ୍ମର ଅଧିକାଂଶ ଭାଗ ହାଇଦ୍ରାବାଦ୍‌ରେ ଶୁଟିଂ ହୋଇଛି। 'ଦି ଲିଷ୍ଟ ଅଫ୍ ଦିଜ୍' ନାମକ ଏହି ଫିଲ୍ମର ଏକ୍‌ଜିକ୍ୟୁଟିଭ୍ ପ୍ରଡ୍ୟୁସର ଅଛନ୍ତି ଭିକ୍ଟର ଆବ୍ରାହାମ୍। ପ୍ରେମ, ଆଶା ଏବଂ କ୍ଷମା ଭଳି ଶକ୍ତି କିପରି ଘୃଣା ଏବଂ ଅସୂୟାକୁ ପରାଜିତ କରିଥାଏ, ତାହା ଉକ୍ତ କାହାଣୀରେ ସୁନ୍ଦର ଭାବେ ବର୍ଣ୍ଣନା କରାଯାଇଛି। ୧୯୯୯ ଜାନୁୟାରୀ ୨୨-୨୩ର ସେହି କାଳରାତ୍ରି। ଅଷ୍ଟ୍ରେଲିଆରେ ଜନ୍ମିତ ଖ୍ରୀଷ୍ଟିଆନ୍ ମିଶନାରି ଗ୍ରାହାମ ଷ୍ଟିୱାର୍ଟ ଷ୍ଟେନ୍ସ (୫୮), ତାଙ୍କ ଦୁଇପୁତ୍ର ଫିଲିପ (୯) ଏବଂ ଟିମୋଥି(୭) ନିଜ ଷ୍ଟେଶନ୍ ୱାଗନ ମଧ୍ୟରେ ଶୋଇଥିବା ବେଳେ ସେଥିରେ ଅମାନୁଷିକ ଭାବେ ନିଆଁ ଲଗାଇ ଦିଆଯାଇଥିଲା। ଏହି ଘଟଣାର ମୁଖ୍ୟ ଖଳନାୟକ ଦାରା ସିଂ ଓରଫ୍ ରବୀନ୍ଦ୍ର କୁମାର ପାଲ୍‌ଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇ ୨୦୦୩ ସେପ୍ଟେମ୍ବର ୨୨ରେ ରାଜ୍ୟ ପ୍ରୋଭିନ୍ସିଆଲ୍ କୋର୍ଟ ଦ୍ୱାରା ମୃତ୍ୟୁ ଦଣ୍ଡାଦେଶ ଦିଆଯାଇଥିଲା। ୨୦୦୫ରେ ଦଣ୍ଡ କୋହଳ କରାଯାଇ ଦାରାଙ୍କୁ ଆଜୀବନ କାରାଦଣ୍ଡାଦେଶ ହୋଇଥିବା ବେଳେ ଅନ୍ୟ ୧୧ଜଣଙ୍କୁ ଦଣ୍ଡମୁକ୍ତ କରାଯାଇଥିଲା।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୮ ଡିଗ୍ରୀ ଏବଂ ସର୍ବନିମ୍ନ ୧୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୮.୧ | ୧୧.୪ |
| ଚାନ୍ଦବାଲି | ୨୬.୩ | ୧୩.୮ |
| କଟକ | ୨୭.୦ | ୧୪.୮ |
| ପାରାଦ୍ୱୀପ | ୨୬.୪ | ୧୪.୬ |
| ଭୁବନେଶ୍ୱର | ୨୮.୮ | ୧୫.୪ |
| ଗୋପାଳପୁର | ୨୯.୨ | ୧୫.୮ |
| ପୁରୀ | ୨୭.୨ | ୧୬.୨ |
| ଅନୁଗୋଳ | ୨୮.୧ | ୦୮.୬ |
| ବାରିପଦା | ୨୬.୨ | ୧୧.୬ |
| ଝାରସୁଗୁଡ଼ା | ୨୮.୪ | ୯.୫ |
| କେନ୍ଦୁଝର | ୨୬.୫ | ୯.୮ |
| ସମ୍ବଲପୁର | ୨୯.୨ | ୧୦.୩ |
| ସୁନ୍ଦରଗଡ଼ | ୨୭.୦ | ୧୦.୦ |
| ହୀରାକୁଦ | ୨୮.୯ | ୧୧.୭ |
| ତାଳଚେର | ୩୧.୭ | ୧୦.୩ |
| ଭବାନୀପାଟଣା | ୨୯.୮ | ୧୦.୦ |
| ବଲାଙ୍ଗୀର | --- | ୧୦.୬ |
| କୋରାପୁଟ | ୨୭.୬ | ୧୦.୨ |
| ଫୁଲବାଣୀ | ୨୭.୪ | ୭.୦ |
| ଟିଟିଲାଗଡ଼ | --- | ୧୦.୦ |
| ମାଲକାନଗିରି | ୩୧.୬ | ୧୫.୫ |
| ସୋନପୁର | ୨୯.୦ | ୯.୪ |
| ଦାରିଙ୍ଗିବାଡ଼ି | ୨୫.୦ | ୯.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ଇତିହାସର ଆଇନାରେ

### ଜାନୁୟାରୀ ୨୦ର ପ୍ରମୁଖ ଘଟଣା

୧୯୮୯ ଜାନୁୟାରୀ ୨୦ରେ ଆମେରିକାର ୪୧ତମ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ ଜର୍ଜ ଏଚ୍.ଡବ୍ଲ୍ୟୁ. ବୁଶ୍। ତାଙ୍କର ପୂରାନାମ ହେଉଛି ଜର୍ଜ ହରବର୍ଟ ୱାକର ବୁଶ୍। ରାଷ୍ଟ୍ରପତି ଭାବରେ ତାଙ୍କର କାର୍ଯ୍ୟକାଳ ୧୯୮୯ରୁ ୧୯୯୩। ୧୯୮୧ରୁ ୧୯୮୯ ସେ ଆମେରିକାର ୪୩ତମ ଉପରାଷ୍ଟ୍ରପତି ଭାବେ କାର୍ଯ୍ୟ କରିଥିଲେ।

୧୮୪୧ ଜାନୁୟାରୀ ୨୦ରେ ହଂକଂ ଦ୍ୱୀପକୁ ଅଧିକାର କଲା ବ୍ରିଟିଶ। ହଂକଂର ଦକ୍ଷିଣ ଭାଗରେ ଅବସ୍ଥିତ ଏହି ଦ୍ୱୀପର ଲୋକସଂଖ୍ୟା ୨୦୦୮ ସୁଦ୍ଧା ୧,୨୮୯,୫୦୦ ଏବଂ ଜନସଂଖ୍ୟା ସାନ୍ଦ୍ରତା ପ୍ରତି ବର୍ଗ କିଲୋମିଟରରେ ୧୬,୩୯୦। ପ୍ରଥମ ଓପିୟମ୍ ୱାର ସମୟରେ ବ୍ରିଟେନ୍ ଏହି ଦ୍ୱୀପକୁ ଅଧିକାର କରିବାପରେ ପାଖାପାଖି ୩,୦୦୦ ବାସିନ୍ଦା ସ୍ଥାନାନ୍ତର ହୋଇଥିଲେ।



ନିର୍ବୋଧମାନଙ୍କ ଅଭିଧାନରେ ହିଁ ଅସମ୍ଭବ ଶବ୍ଦର ସ୍ଥାନ ପାଇଥାଏ।
- ନେପୋଲିୟନ ବୋନାପାର୍ଟ



## ସଂକ୍ଷେପରେ

### ଟ୍ରେନ୍‌ରେ କଟିଗଲେ ବାପପୁଅ

**ରୂପ୍‌ସା,୧୯।୧(ଡି.ଏନ୍.ଏ.):** ରେଳଧାରଣା ଅତିକ୍ରମ ସମୟରେ ସତର୍କତା ଅବଲମ୍ବନ କରିବାକୁ ବାରମ୍ବାର ସଚେତନ କରାଯାଉଛି। ହେଲେ ଲୋକେ ଏହାକୁ ଗୁରୁତ୍ୱ ଦେଉ ନ ଥିବାରୁ ଅନେକ ସମୟରେ ଅକାରଣେ ମୃତ୍ୟୁମୁଖରେ ପଡୁଛନ୍ତି। ଏଭଳି ଏକ ହୃଦୟ ବିଦାରକ ଘଟଣା ଘଟିଛି ଦକ୍ଷିଣ-ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ ଅନ୍ତର୍ଗତ ବାଲେଶ୍ୱର ଜିଲା ରୂପ୍‌ସା ରେଳ ଜଙ୍କଶନର ଉତ୍ତରକ୍ୟାବିନ୍‌ଠାରେ। ଶନିବାର ଏକ ଦ୍ରୁତଗାମୀ ଟ୍ରେନ୍ ଧକ୍କାରେ ବାପପୁଅଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଯାଜପୁରର ଜଖପୁରା ଗ୍ରାମର ପାତରାଜୁ ପ୍ରଧାନ (୩୫) ଓ ତାଙ୍କର ୪ ବର୍ଷର ପୁଅ ପୂର୍ବା। ପାତରାଜୁ ଦୀର୍ଘଦିନ ହେଲା ରୂପ୍‌ସା ହାଟପଡ଼ିଆରେ ପରିବାର ସହ ବାସ କରୁଥିଲେ। କୌଳିକ ବୃତ୍ତି ଅବଲମ୍ବନ କରି ନିଜର ଗୁଜୁରାଣ ମେଣ୍ଟାଉଥିଲେ। ପରିବାର ସହ ସେ ଘରକୁ ଯିବା ପାଇଁ ରେଳଧାରଣା ଉପରେ ଚାଲିଚାଲି ଷ୍ଟେଶନକୁ ଯାଉଥିଲେ। ସେହି ସମୟରେ ଉଭୟ ଡାଉନ ଓ ଅପଲାଇନ୍‌ରେ ଟ୍ରେନ ଆସୁଥିଲା। ସେ ତାଙ୍କ ଶିଶୁପୁତ୍ରକୁ ନେଇ ଡାଉନ ଲାଇନ୍‌ରେ ଯାଉଥିବାବେଳେ ଶତାବ୍ଦୀ ଏକ୍ସପ୍ରେସ୍ ଟ୍ରେନ୍ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଉଭୟ ବାପ, ପୁଅଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ବାଲେଶ୍ୱର ଜିଆର୍‌ପି ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୬/୧୯) ରୁଜୁ କରାଯାଇଛି।

### ଭିତରକନିକାରେ ଡଲ୍‌ଫିନ ଗଣନା ଶେଷ

**ରାଜନଗର,୧୯।୧(ଡି.ଏନ.ଏ.) :** କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକର ଭିତରକନିକା ଜାତୀୟ ଉଦ୍ୟାନରେ ଡଲ୍‌ଫିନ ଗଣନା ଶେଷ ହୋଇଛି । ଶନିବାର ଭିତରକନିକା ମଧ୍ୟରେ ପ୍ରବାହିତ ନଦୀ ଓ କ୍ରିକ୍ ଏବଂ ଧାମରା ମୁହାଣ ଠାରୁ ଦେବୀ ମୁହାଣ ଯାଏଁ ସମୁଦ୍ର ମଧ୍ୟରେ ଡଲ୍‌ଫିନ ଗଣନା କରାଯାଇଥିଲା। ପ୍ରାଣୀବିଜ୍ଞାନୀ ସନ୍ତୋଷ କୁମାର ବନସୁର, ଭକ୍ତ ପି. ରଥ, ଡ. ଶିବ ପରିଡା ପ୍ରମୁଖଙ୍କ ନେତୃତ୍ୱରେ ୧୦ଟି ଟିମ୍‌ରେ ୩୦ଜଣ ଏହି ଗଣନାରେ ସାମିଲ ହୋଇଥିଲେ। ପାଗ ଅନୁକୂଳ ଥିବାରୁ ଗଣନା ବେଳେ ପ୍ରାୟ ସମସ୍ତ ଟିମ୍ ଡଲ୍‌ଫିନ ଦେଖିବାକୁ ପାଇଥିଲେ। ଚଳିତବର୍ଷ ଭିତରକନିକାର ଆଉଟର ହୁଇଲରୁ ଚିଞ୍ଚିରି ମାଉଥ୍, ବରୁଣେଇରୁ ପାରାଦୀପ, ହଂସିଣା ବ୍ରିଜରୁ ମାଇପୁରା ମାଉଥ୍, ରାଜନଗର ହଂସୁଆ ନଦୀରୁ ଖୋଳା, ଖୋଳାରୁ ଧାମରା ମାଉଥ୍ ଭାୟା ନଳିତାପାଟିଆ, କାଳିଭଞ୍ଜଡିଆ, ଜମ୍ବୁ ଖରନାସୀରୁ ହୁକିଟୋଲା, ପାରାଦୀପରୁ ଜଟାଧାର ମୁହାଣ ଓ ଦେବୀ ମୁହାଣରୁ ଜଟାଧାର ମୁହାଣ ପର୍ଯ୍ୟନ୍ତ ଗୋଟିଏ ଦିନରେ ଡଲ୍‌ଫିନ ଗଣନା କରାଯାଇଥିଲା । ସୂଚନାଯୋଗ୍ୟ ଯେ, ଗତ ୩ ବର୍ଷ ହେଲା ଭିତରକନିକାରେ ଡଲ୍‌ଫିନ ଗଣନା ପାଇଁ ଦିନ ସ୍ଥିର କରାଯାଉଥିଲା। ଟିମ୍ ଗଠନ କରାଯାଇ ଏହାର ସଦସ୍ୟମାନେ ଗଣନା ପାଇଁ ପହଞ୍ଚୁ ଥିଲେ। ମାତ୍ର ପାଗ ଖରାପ ହେତୁ ଡଲ୍‌ଫିନ୍ ଗଣନା କରାଯାଇ ପାରୁ ନ ଥିଲା। ପୂର୍ବରୁ କେବଳ ଚିଲିକାରେ ଡଲଫିନ୍ ଗଣନା କରାଯାଉଥିବା ବେଳେ ୨୦୧୫ ମସିହା ଠାରୁ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗର ନିଷ୍ପତ୍ତି କ୍ରମେ ଭିତରକନିକା, ପୁରୀ ସମେତ ଅନ୍ୟ କେତେକ ସ୍ଥାନରେ ଡଲଫିନ୍ ଗଣନା କରାଯାଉଛି। ଗଣନା ଶେଷ ହୋଇଥିଲେ ହେଁ ରାତି ୯ ସୁଦ୍ଧା ସବିଶେଷ ରିପୋର୍ଟ ହସ୍ତଗତ ହୋଇନାହିଁ ବୋଲି ରାଜନଗର ଡିଏଫଓ ବିମଳ ପ୍ରସନ୍ନ ଆଚାର୍ଯ୍ୟ ସୂଚନା ଦେଇଛନ୍ତି ।

ପ୍ରଥମ ପୃଷ୍ଠାରୁ...

## ଦିଲ୍ଲୀରୁ...

ମମତା କହିଥିଲେ। ଦେଶରେ ଏବେ ସୁପର ଇମର୍ଜେନ୍ସି ପରିସ୍ଥିତି ସୃଷ୍ଟି ହୋଇଛି, ଯାହା ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଜରୁରୀ ପରିସ୍ଥିତିକୁ ବଳିଗଲାଣି। ତେଣୁ ଦିଲ୍ଲୀରେ ସରକାର ବଦଳାଇବାକୁ ସେ ସ୍ଲୋଗାନ ଦେଇଥିଲେ। ଭାଜପା ଏହାର ବିଭେଦ ରାଜନୀତି ମାଧ୍ୟମରେ ଦେଶକୁ ଭାଗ ଭାଗ କରିଦେଇଛି। ପାକିସ୍ତାନ ୭୦ ବର୍ଷ ମଧ୍ୟରେ ଯାହା କରିପାରି ନ ଥିଲା ଭାଜପା ମାତ୍ର ୪ ବର୍ଷରେ ତାହା କରିବାରେ ସଫଳ ହୋଇଥିବା ତୃଣମୂଳ କଂଗ୍ରେସ ନେତ୍ରୀ କହିଥିଲେ। ଏହି ସରକାରରେ ବ୍ୟାଙ୍କ, ସିବିଆଇ, ଆରବିଆଇ, ଅର୍ଥନୀତି ଏବଂ ଗଣତନ୍ତ୍ରର ଅପୂରଣୀୟ କ୍ଷତି ହୋଇଛି। ଏନ୍‌ପିଏ, ରାଫାଲ ଏବଂ ବୀମା ଭଳି ବଡ଼ ଦୁର୍ନୀତି ଘଟିଛି। ଚୋରଙ୍କ ମାଆ ବଡ଼ପାଟି କରିଥାଏ ବୋଲି ମମତା କହିଥିଲେ। ଯେଉଁମାନେ ଭାଜପା ବିରୋଧରେ ସ୍ୱର ଉଠାଉଛନ୍ତି, କେନ୍ଦ୍ର ସରକାର ସେମାନଙ୍କୁ ଟାର୍ଗେଟ କରୁଛନ୍ତି। ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ, ବିଏସ୍‌ପି ସୁପ୍ରିମୋ ମାୟାବତୀ ଏବଂ ସେ ନିଜେ ମଧ୍ୟ ଏଥିରୁ ବାଦ୍ ପଡିନାହାନ୍ତି ବୋଲି ଟିଏମ୍‌ସି ନେତ୍ରୀ କହିଥିଲେ।୨୦୧୪ ନିର୍ବାଚନ ପୂର୍ବରୁ ମୋଦି ସରକାର ଅନେକ ପ୍ରତିଶ୍ରୁତି ଦେଇଥିଲେ ହେଁ ତାହା ପାଳନ କରିନାହାନ୍ତି। ଭାଜପା ପାଇଁ ଆଉ 'ଅଚ୍ଛେଦିନ୍' ଆସିବ ନାହିଁ ବୋଲି ସେ କହିଥିଲେ।

କୋଲକାତାର ଏହି ମହାର୍‌ୟାଲିରେ ବିଜୁ ଜନତା ଦଳ (ବିଜେଡି), ସିପିଏମ୍ ନେତୃତ୍ୱାଧୀନ ବାମ ସାମ୍ମୁଖ୍ୟ, କେ. ଚନ୍ଦ୍ରଶେଖର ରାଓଙ୍କ ଟିଆର୍‌ଏସ୍ ଏବଂ ୱାଇଏସ୍‌ଆର କଂଗ୍ରେସ ବ୍ୟତୀତ ଅନ୍ୟ ସମସ୍ତ ବିରୋଧୀ ଦଳ ନେତା ଯୋଗଦେଇଥିଲେ। ସେମାନଙ୍କ ମଧ୍ୟରେ ଥିଲେ ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ.ଡି. ଦେବେଗୌଡା, କର୍ଣାଟକ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରାବାବୁ




କୋଲକାତାରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ବିରୋଧୀ ଦଳଗୁଡ଼ିକର ନେତାମାନେ।

ନାଇଡୁ, ନ୍ୟାଶନାଲିଷ୍ଟ କଂଗ୍ରେସ ପାର୍ଟି ଅଧ୍ୟକ୍ଷ ଶରଦ ପାୱାର, ନ୍ୟାଶନାଲ୍ କନ୍‌ଫରେନ୍ସ ଅଧ୍ୟକ୍ଷ ଫାରୁକ ଅବ୍‌ଦୁଲ୍ଲା, ଓମାର ଅବ୍‌ଦୁଲ୍ଲା, ଶରଦ ଯାଦବ, ଅଖିଳେଶ ଯାଦବ, ଡିଏମ୍‌କେ ଅଧ୍ୟକ୍ଷ ଏମ୍.କେ. ଷ୍ଟାଲିନ, ଆରଜେଡି ନେତା ତେଜସ୍ୱୀ ଯାଦବ, ହେମନ୍ତ ସୋରେନ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏବଂ ଅରୁଣାଚଳପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଗେଗଙ୍ଗ ଆପାଙ୍ଗ। ଏହା ବ୍ୟତୀତ ଭାଜପାର ବିଦ୍ରୋହୀ ନେତା ଶତ୍ରୁଘ୍ନ ସିହ୍ନା ର୍‌ୟାଲିରେ ଯୋଗଦେଇ ରାଫାଲ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ନୀରବତାକୁ ଟାର୍ଗେଟ କରିଥିଲେ। ପ୍ରଧାନମନ୍ତ୍ରୀ କେବଳ କଥା କହୁଛନ୍ତି, କିଛି କାମ କରୁନାହାନ୍ତି ବୋଲି ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ଅଧ୍ୟକ୍ଷ ଚନ୍ଦ୍ରାବାବୁ କହିଥିଲେ। ମୋଦି ପ୍ରତିବର୍ଷ ୨ କୋଟି ନିଯୁକ୍ତି ସୁଯୋଗ ସୃଷ୍ଟି କରିବେ ବୋଲି ପୂର୍ବ ନିର୍ବାଚନ ବେଳେ ପ୍ରତିଶ୍ରୁତି ଦେଇଥିଲେ। କ୍ଷମତାକୁ ଆସିବା ପରେ ଯାହା ବି ନିଯୁକ୍ତି ସୁଯୋଗ ଥିଲା ତାହା ନଷ୍ଟ ହୋଇଛି ବୋଲି କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେ କହିଥିଲେ। ର୍‌ୟାଲିରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ସୋନିଆ ଗାନ୍ଧୀ ଏବଂ ମାୟାବତୀ ଯୋଗ ଦେଇ ନ ପାରି ସେମାନଙ୍କ ବାର୍ତ୍ତା ପଠାଇଥିଲେ। ଅନ୍ୟପକ୍ଷରେ ମୋଦିଙ୍କୁ ହଟାଇବା ପାଇଁ ପରସ୍ପର ବିରୋଧାଭାସ ଚିନ୍ତାଧାରାର ଦଳଗୁଡ଼ିକ ଏକାଠି ହୋଇଛନ୍ତି। ସାଧାରଣ ନିର୍ବାଚନରେ ଭୋଟର ସେମାନଙ୍କୁ ପ୍ରତ୍ୟାଖ୍ୟାନ କରିବେ ବୋଲି ଭାଜପା ପକ୍ଷରୁ କୁହାଯାଇଛି।

### ବଢ଼ିଚାଲିଛି ନାବାଳିକା ଅନ୍ତଃସତ୍ତ୍ୱା ଘଟଣା




# ବାର୍ଦ୍ଧକ୍ୟ ଭତ୍ତା ୨୦୦ ବଢ଼ିଲା



■ ସାମାଜିକ ସୁରକ୍ଷା:ଉପକୃତ ହେବେ ୪୮ ଲକ୍ଷ

■ ନିର୍ବାଚନ ବେଳେ ବୃଦ୍ଧାବୃଦ୍ଧଙ୍କ କଥା ମନେପଡ଼େ: ଭାଜପା

ଭୁବନେଶ୍ୱର,୧୯।୧(ବ୍ୟୁରୋ)

ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ଲୋକଙ୍କ ମନ ଜିଣିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୋଟିଏ ପରେ ଗୋଟିଏ ଯୋଜନା ଘୋଷଣା କରି ଚାଲିଛନ୍ତି। ରାଜ୍ୟ ସରକାର କାଳିଆ ଯୋଜନା ଘୋଷଣା କରି ଚାଷୀମାନଙ୍କୁ ଖୁସି କରିବାକୁ ପ୍ରୟାସ କରିଥିବାବେଳେ ଅଙ୍ଗନୱାଡିକର୍ମୀ ଓ ସହାୟିକାମାନଙ୍କର ଭତ୍ତା ୧୫୦୦ଟଙ୍କା ବୃଦ୍ଧି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ(ଏସଏଚଜି)ଗୁଡ଼ିକୁ ସହାୟତା ରାଶି ବୃଦ୍ଧି ସହ ବିନା ସୁଧରେ ଋଣ ଯୋଗାଇ ଦେବାକୁ ଘୋଷଣା କରି ମହିଳାମାନଙ୍କ ସମର୍ଥନ ହାସଲ କରିବାକୁ ଜୋରଦାର ଚେଷ୍ଟା କରିଛନ୍ତି। ସେହିପରି ରାଜ୍ୟର ବୃଦ୍ଧାବୃଦ୍ଧଙ୍କ ପାଇଁ ଦିଆଯାଉଥିବା ଭତ୍ତାରେ ୨୦୦ ଟଙ୍କା ବୃଦ୍ଧି କରି ନବୀନ ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କର ସମର୍ଥନ ହାସଲ କରିବାକୁ ପଛାଇ ନାହାନ୍ତି।

ସାମାଜିକ ସୁରକ୍ଷା ଯୋଜନାରେ ରାଜ୍ୟ ସରକାର ବୃଦ୍ଧାବୃଦ୍ଧଙ୍କ ଭତ୍ତା ୨୦୦ ଟଙ୍କା ବୃଦ୍ଧି କରିଛନ୍ତି। ଶନିବାର ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ଏହି ଘୋଷଣା କରିଛନ୍ତି। ଏହାଦ୍ୱାରା ୩୦୦ ଟଙ୍କା ଭତ୍ତା ପାଉଥିବା ହିତାଧିକାରୀମାନଙ୍କୁ ୫୦୦ ଟଙ୍କା ମିଳିବ। ସେହିପରି ୮୦ ବର୍ଷରୁ ଅଧିକ ବୟସର ହିତାଧିକାରୀଙ୍କୁ ମାସିକ ୫୦୦ ଟଙ୍କା ପରିବର୍ତ୍ତେ ୭୦୦ ଟଙ୍କା ମିଳିବ। ୨୦୧୯ ଫେବୃୟାରୀ ୧୫ ତାରିଖରୁ ମଧୁବାବୁ ପେନସନ ଯୋଜନାରେ ଏହି ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯିବ। ରାଜ୍ୟର ୪୮ ଲକ୍ଷ ବୃଦ୍ଧାବୃଦ୍ଧ, ଭିନ୍ନକ୍ଷମ, ବିଧବା ଓ ଅସହାୟ ମହିଳା ଏହାଦ୍ୱାରା ଉପକୃତ ହୋଇପାରିବେ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସାମାଜିକ ସୁରକ୍ଷା ଉପରେ ମୁଁ ସବୁବେଳେ ଗୁରୁତ୍ୱ ଦେଇଆସିଛି। ସମାଜର ଗରିବ ଲୋକଙ୍କ କଲ୍ୟାଣ କଥା ସବୁବେଳେ ଚିନ୍ତା କରୁଛି। ମୁଁ ଚାହେଁ ରାଜ୍ୟର ସବୁ ଯୋଗ୍ୟ ହିତାଧିକାରୀ ସାମାଜିକ ସୁରକ୍ଷା ପାଆନ୍ତୁ। ଏହାକୁ ଦୃଷ୍ଟିରେ ରଖି ନିକଟରେ ଆମେ ମଧୁବାବୁ ପେନସନ ଯୋଜନାରେ ଅଧିକ ୫ ଲକ୍ଷ ଲୋକଙ୍କୁ ସାମିଲ କରିଛୁ। ଏହାଦ୍ୱାରା ୪୮ ଲକ୍ଷ ହିତାଧିକାରୀ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ ହୋଇଛନ୍ତି। ବୟସ୍କ ଲୋକଙ୍କ କଲ୍ୟାଣ ପାଇଁ ଭତ୍ତାରେ ୨୦୦ ଟଙ୍କା ବୃଦ୍ଧି କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଗରିବ ଲୋକଙ୍କ କଲ୍ୟାଣ ମୋତେ ସବୁଠାରୁ ଅଧିକ ସନ୍ତୋଷ ଦେଇଥାଏ। ଆପଣମାନେ ଭଲରେ ରହିଲେ ତାହା ମୋର ସବୁଠାରୁ ବହୁତ ଖୁସି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ତେବେ ରାଜ୍ୟ ସରକାରଙ୍କ ଏଭଳି ଘୋଷଣାକୁ ବିରୋଧୀ ଦଳଗୁଡିକ କଡ଼ା ସମାଲୋଚନା କରିଛନ୍ତି। ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି କହିଛନ୍ତି ଯେ, ନିର୍ବାଚନ ପୂର୍ବରୁ ବାର୍ଦ୍ଧକ୍ୟ ଭତ୍ତାରେ ୨ ଶହ ଟଙ୍କା ବଢାଇ ମୁଖ୍ୟମନ୍ତ୍ରୀ ନିର୍ବାଚନ ବୈତରଣୀ ପାର ହେବା ଚକ୍କରରେ ଅଛନ୍ତି। ମୁଖ୍ୟମନ୍ତ୍ରୀ ବୋଧହୁଏ ଜାଣି ନାହାନ୍ତି ଓଡ଼ିଶାରେ ମିଳୁଥିବା ବାର୍ଦ୍ଧକ୍ୟ ଭତ୍ତା ପରିମାଣ ୨୦୦ ଟଙ୍କା ବଢ଼ିଲା ପରେ ବି ତାହା ଦେଶରେ ସବୁଠାରୁ କମ୍। ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ସିକିମରେ ବାର୍ଦ୍ଧକ୍ୟ ଭତ୍ତା ମାସକୁ ୧୦୦୦ଟଙ୍କା, ଅରୁଣାଚଳ ପ୍ରଦେଶରେ ୧୭୦୦ ଟଙ୍କା, କେରଳ, ଦିଲ୍ଲୀ, ଗୋଆରେ ୨୦୦୦ ଟଙ୍କା ଏବଂ ହରିୟାଣାରେ ବାର୍ଦ୍ଧକ୍ୟ ଭତ୍ତା ମାସକୁ ୧୮୦୦ ଟଙ୍କା। ଓଡ଼ିଶାରେ ଏହା ଥିଲା ମାତ୍ର ୩୦୦ଟଙ୍କା । ଏବେ ଏହା ବଢ଼ି ୫୦୦ଟଙ୍କା ହେବ। ନିର୍ବାଚନ ବେଳେ ମୁଖ୍ୟମନ୍ତ୍ରୀଙ୍କୁ ଓଡ଼ିଶାର ବୃଦ୍ଧାବୃଦ୍ଧମାନଙ୍କର କଥା ମନେପଡ଼େ । ଗୁରୁଜନମାନଙ୍କୁ ରାଜ୍ୟ ସରକାର ପ୍ରତାରଣା କରି ଆସିଛନ୍ତି । କେନ୍ଦ୍ର ସରକାରଙ୍କ ଅର୍ଥକୁ କେବଳ ଯୋଜନାର ନାଁ ବଦଳାଇ ଆମେ ଦେଉଛୁ କହି ଲୋକମାନଙ୍କୁ ଭୁଆଁ ବୁଲାଯାଉଛି ବୋଲି ମହାନ୍ତି କହିଛନ୍ତି ।

## ସାତକୋଶିଆରେ ସରିଲା ବନ୍ୟଜନ୍ତୁ ଆକଳନ

ଗଣିଆ,୧୯।୧(ଡି.ଏନ.ଏ.)

ନୟାଗଡ଼ ଜିଲା ଅନ୍ତର୍ଗତ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଓ ସାତକୋଶିଆ ବ୍ୟାଘ୍ର ସଂରକ୍ଷଣାଞ୍ଚଳରେ ଚଳିତ ମାସ ୧୪ ତାରିଖରୁ ଆରମ୍ଭ ହୋଇଥିବା ବନ୍ୟଜନ୍ତୁ ଆକଳନ ଶନିବାର ଶେଷ ହୋଇଛି । ଏଥିରେ ଅଭୟାରଣ୍ୟ ମଧ୍ୟରେ ଗତ ୧୪,୧୫ ଓ ୧୬ ତାରିଖ ୩ଦିନ ଧରି ତୃଣଭୋଜି ଏବଂ ୧୭, ୧୮ ଓ ୧୯ ତିନିଦିନ ଧରି ମାଂସାସୀ ବନ୍ୟଜନ୍ତୁଙ୍କର ଆକଳନ କରାଯାଇଛି। ବନଖଣ୍ଡର ୪ଟି ବନାଞ୍ଚଳରେ ୩୫ଟି ଟିମ୍ ଏହି ଆକଳନ କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ଏହି ଟିମ୍‌ଗୁଡ଼ିକ ମଧ୍ୟରୁ ବାଣୀଗୋଛା ପୂର୍ବ ୮ଟି, ବାଣୀଗୋଛା ପଶ୍ଚିମ ୫, ଛାମୁଣ୍ଡିଆ ୧୧ ଓ କୁଶଙ୍ଗ ବନାଞ୍ଚଳରେ ୧୧ଟି ଟିମ୍ ଆକଳନରେ ସାମିଲ ହୋଇଥିଲେ। ପ୍ରତି ଟିମ୍‌ରେ ଜଣେ ବନରକ୍ଷୀଙ୍କ ସହ ୨ଜଣ ଲେଖାଁଏ ଅସ୍ଥାୟୀ ବନ କର୍ମଚାରୀ ଆକଳନରେ ସାମିଲ ହୋଇଥିଲେ। ତେବେ ବନ୍ୟଜନ୍ତୁଙ୍କ ପାଦଚିହ୍ନ, ରାମ୍ପୁଡା ଦାଗ, ମଳ, ଗର୍ଜନ ଓ ବନ ବିଭାଗ ଦ୍ୱାରା ଜଙ୍ଗଲରେ ଲାଗିଥିବା କ୍ୟାମେରା ଟ୍ରାପ ଦ୍ୱାରା ସେମାନଙ୍କ ଆକଳନ କରାଯାଇଥିଲା। ପିଆଇପି (ପଗ୍ ଇମ୍ପ୍ରେସନ ପ୍ୟାଡ୍) ମାଧ୍ୟମରେ ଜଙ୍ଗଲ ରାସ୍ତାରେ ପଡିଥିବା ବନ୍ୟଜନ୍ତୁମାନଙ୍କର ପାଦଚିହ୍ନ ଓ ମୋବାଇଲ ଆପ୍ ମାଧ୍ୟମରେ ଏହି ଆକଳନ କରାଯାଇଥିବା ବନ୍ୟପ୍ରାଣୀ ବିଭାଗ ତରଫରୁ ସୂଚନା ମିଳିଛି।



ସାତକୋଶିଆରେ ଥିବା କୁଟୁରା ।

## ନିର୍ବାହୀଯନ୍ତ୍ରୀ ଗିରଫ

କଟକ ଅଫିସ, ୧୯।୧

ଜୟପୁର ଜାତୀୟ ରାଜପଥ ଡିଭିଜନର ନିର୍ବାହୀଯନ୍ତ୍ରୀ ହରେକୃଷ୍ଣ ପଣ୍ଡାଙ୍କୁ ଭିଜିଲାନ୍ସ ଶନିବାର ଗିରଫ କରିଛି। ପଣ୍ଡାଙ୍କ ବିରୋଧରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ୪/୧୯ନମ୍ବରରେ ଏକ ମାମଲା ରୁଜୁ କରାଯାଇଛି। ସୂଚନାଥାଉ କି, ନିର୍ବାହୀଯନ୍ତ୍ରୀ ପଣ୍ଡା ଶନିବାର ଅପରାହ୍ଣ ୩ଟାରେ ଏକ ବାଲେନୋ କାର(ଓଡି୧୫ଏଫ-୭୨୧୮) ଯୋଗେ ଭୁବନେଶ୍ୱର ନୟାପଲ୍ଲୀ ନିକଟ ନୀଳକଣ୍ଠନଗରସ୍ଥିତ ବାସଭବନକୁ ଫେରୁଥିଲେ। ପଣ୍ଡା ବିପୁଳ ପରିମାଣର ଟଙ୍କା ଧରି ଯାଉଥିବା ଖବର ଭିଜିଲାନ୍ସ ନିକଟରେ ପହଞ୍ଚିଥିଲା। ଫଳରେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ରାସ୍ତାରେ ଅଟକାଇ ଗାଡିକୁ ଯାଞ୍ଚ କରିଥିଲେ। ଯାଞ୍ଚରୁ ପଣ୍ଡାଙ୍କ ନିକଟରୁ ଏକ ହଳଦିଆ ଖାମ୍ ଭିତରେ ୩ଲକ୍ଷ ୮୯ହଜାର ୧୭୫ଟଙ୍କା ମିଳିଥିଲା। ଏତେ ପରିମାଣର ଟଙ୍କା କେଉଁଠୁ ଆଣିଲେ ସେ ସମ୍ପର୍କରେ ପଣ୍ଡା ଭିଜିଲାନ୍ସ ଅଧିକାରୀମାନଙ୍କୁ ଉତ୍ତର ଦେଇପାରି ନ ଥିଲେ। ଏହାପରେ ଭିଜିଲାନ୍ସ ପକ୍ଷରୁ ପଣ୍ଡାଙ୍କ ନୀଳକଣ୍ଠନଗର ସ୍ଥିତ ବାସଭବନକୁ ତଲାସୀ କରାଯାଇଥିଲା। ସେଠାରୁ ପୁଣି ୬ଲକ୍ଷ ୧୬ହଜାର ଟଙ୍କା ଭିଜିଲାନ୍ସ ଠାବ କରିଥିଲା।

### ଗର୍ଭବତୀ ନାବାଳିକା କନ୍ୟା ସନ୍ତାନ ଜନ୍ମ ଘଟଣା

# ଅଭିଯୁକ୍ତ ପିଣ୍ଟୁ ଗିରଫ

କଳିଙ୍ଗନଗର,୧୯।୧(ଡି.ଏନ୍.ଏ)

ଯାଜପୁର ଜିଲା ଦାନଗଦୀ ବ୍ଲକ ବାଘୁଆପାଳ ଗ୍ରାମର ୧୫ବର୍ଷୀୟ ନାବାଳିକା ଗୁରୁବାର ଶିଶୁ କନ୍ୟା ଜନ୍ମ ଦେବା ଘଟଣାରେ ଶନିବାର ପୋଲିସ ଅଭିଯୁକ୍ତ ପିଣ୍ଟୁ ଜେନା(୨୭)ଙ୍କୁ କେନ୍ଦୁଝର ଜିଲା ଶୁଆକାଠି ଅଞ୍ଚଳରୁ ଗିରଫ କରିଛି। ଅଭିଯୁକ୍ତଙ୍କ ଡାକ୍ତରୀ ପରୀକ୍ଷା କରାଯାଇଥିବାବେଳେ ରବିବାର ତାଙ୍କୁ କୋର୍ଟ ଚାଲାଣ କରାଯିବ। ପିଣ୍ଟୁଙ୍କ ଘର ବାଲେଶ୍ୱର ଜିଲା ସୋର ଅଞ୍ଚଳରେ ବୋଲି କଳିଙ୍ଗନଗର ଥାନା ଅଧିକାରୀ ପ୍ରକାଶ କରିଛନ୍ତି।



ପିଣ୍ଟୁ ଜେନା

ପ୍ରକାଶ ଯେ, ଅଭିଯୁକ୍ତ ପିଣ୍ଟୁ ୧୦ ମାସ ତଳେ ବାଘୁଆପାଳ ଅଞ୍ଚଳରେ ଏକ ଠିକାସଂସ୍ଥା ଅଧୀନରେ ସୁପରଭାଇଜର ଭାବେ କାର୍ଯ୍ୟ କରୁଥିବାବେଳେ ସମ୍ପୃକ୍ତା ନାବାଳିକାଙ୍କ ଘର ନିକଟରେ ଏକ ଘର ଭଡ଼ା ନେଇ ରହିଥିଲେ। ସମୟକ୍ରମେ ନାବାଳିକାଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିଲେ। ଯାହାଫଳରେ ନାବାଳିକା ଜଣକ ଗର୍ଭବତୀ ହୋଇଥିଲେ। ଏହା ଜଣାପଡ଼ିବା ପରେ ଅଭିଯୁକ୍ତ ପିଣ୍ଟୁ ସେ ସ୍ଥାନ ଛାଡ଼ି ଶୁଆକାଠି ଅଞ୍ଚଳରେ ଅନ୍ୟ ଏକ ଠିକାଦାରଙ୍କ ଅଧିନରେ କାର୍ଯ୍ୟ କରୁଥିଲେ। ଅପରପକ୍ଷରେ ନାବାଳିକା ଗର୍ଭବତୀ ହେବାପରେ ପରିବାର ପକ୍ଷରୁ ଅଭିଯୁକ୍ତଙ୍କ ସହ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ସେ ଧରାଛୁଆଁ ଦେଇ ନ ଥିଲେ। ଫଳରେ ଗତ ଡିସେମ୍ବର ମାସ ୨୬ ତାରିଖରେ ନାବାଳିକାଙ୍କ ପିତା କଳିଙ୍ଗନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା ରୁଜୁ କରିବା ସହ ତଦନ୍ତ ଜାରି ରଖିଥିଲା। ଗୁରୁବାର ପୀଡ଼ିତା ନାବାଳିକାଙ୍କ ବୟାନ ରେକର୍ଡ ପାଇଁ ପୋଲିସ ତାଙ୍କୁ ଯାଜପୁରସ୍ଥିତ ପୋକ୍‌ସୋ ଅଦାଲତରେ ହାଜର କରିଥିଲା। ଅଦାଲତରେ ନାବାଳିକାଙ୍କ ବୟାନ ରେକର୍ଡ ପରେ ତାଙ୍କୁ ପୋଲିସ ଗ୍ରାମକୁ ଆଣୁଥିବାବେଳେ ଅଧାବାଟରେ ସେ ଗର୍ଭ ଯନ୍ତ୍ରଣା ପାଇଥିଲେ। ଫଳରେ ପୋଲିସ ନାବାଳିକାଙ୍କୁ ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେହିଦିନ ରାତି ପ୍ରାୟ ୯ଟାରେ ନାବାଳିକା ଜଣକ ଏକ ଶିଶୁକନ୍ୟା ଜନ୍ମ ଦେଇଥିଲେ। ତେବେ ନାବାଳିକା ଓ ନବଜାତକଙ୍କ ଅବସ୍ଥା ଗୁରୁତର ଥିବାରୁ ଶୁକ୍ରବାର ଉଭୟଙ୍କୁ ପ୍ରଥମେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ସେଠାରୁ ଉଭୟଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ଏବେ ଉଭୟ ମା' ଓ ଶିଶୁ କଟକରେ ଚିକିତ୍ସିତ ହେଉଛନ୍ତି।





ପିତା, ମାତା ଓ ଗୁରୁଜନମାନଙ୍କୁ ଭକ୍ତି କରୁଥିବା ଲୋକଙ୍କୁ ଈଶ୍ୱର ଆଶୀର୍ବାଦ କରନ୍ତି।
- ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟ


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ: ....................................
ଜନ୍ମ ତାରିଖ: ..............................



ରାଜ୍
ପରିବାରବର୍ଗ



ଶିବମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


■ ପାରିବାରିକ କଳହ

# ପୋଡ଼ି ହୋଇ ସ୍ତ୍ରୀ ମୃତ: ସ୍ୱାମୀ, ଝିଅ ଆହତ

ପୁରୁଣା ଭୁବନେଶ୍ୱର, ୧୯।୧(ଡି.ଏନ.ଏ.)

ପାରିବାରିକ କଳହରୁ ଗୋଟିଏ ପରିବାରର ୩ ସଦସ୍ୟ ଶନିବାର ନିଆଁରେ ପୋଡ଼ି ହୋଇ ଯାଇଛନ୍ତି। ଏଭଳି ଅଭାବନୀୟ ଘଟଣା ଲିଙ୍ଗରାଜ ଥାନା ଅଧୀନ କପିଳେଶ୍ୱର ଗ୍ରାମର କେନାଲ ବନ୍ଧରେ ରହୁଥିବା ଏକ ଦମ୍ପତିଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ସେମାନେ ହେଲେ ଅଜୟ ଦାସ(୩୬), ସ୍ତ୍ରୀ ଜାନକୀ (୩୨) ଓ ତାଙ୍କର ଶିଶୁ କନ୍ୟା। ଚିକିତ୍ସାଧୀନ ଅବସ୍ଥାରେ କଟକ ବଡ ଡାକ୍ତରଖାନାରେ ଜାନକୀଙ୍କ ମୃତ୍ୟୁ ଘଟିଛି।

ପୋଲିସ ସୂଚନା ମୁତାବକ, ଏମାନଙ୍କ ଘର କଟକ ଜିଲାରେ। ସେମାନେ ୨୦୦୦ ମସିହାରୁ କେନାଲ ବନ୍ଧରେ ଆଜବେଷ୍ଟସ ଘର କରି ରହିଆସୁଥିଲେ। ଅଜୟ ଏଠାରେ ରଙ୍ଗ ମିସ୍ତ୍ରି ଭାବେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିଲେ। ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଶୁକ୍ରବାର ପାରିବାରିକ କଳହରୁ ବଚସା ଏବଂ ଯୁକ୍ତିତର୍କ ହୋଇଥିଲା। ଏପରି କି ସନ୍ଧ୍ୟାରେ ମାରପିଟ ଲାଗିଥିଲା। ଶନିବାର ସକାଳୁ ସେହି ଘଟଣାକୁ କେନ୍ଦ୍ରକରି ଜାନକୀ ନିଜ ଦେହରେ କିରୋସିନ ଢାଳିହୋଇ ନିଆଁ ଲଗାଇଦେଇଥିଲେ। ଏହି ସମୟରେ ବଡ଼ଝିଅ ବାହାରେ ଖେଳୁଥିବାବେଳେ ସାନଝିଅ ଘରେ ଥିଲେ। ପାଖରେ ଥିବା ଅଜୟ ସାନ ଝିଅ ଓ ସ୍ତ୍ରୀଙ୍କୁ ବଞ୍ଚାଇବା ନିମନ୍ତେ ନିଆଁ ଲିଭାଇବାକୁ ଯାଇ ନିଜେ ପୋଡ଼ି ହୋଇଯାଇଥିଲେ। ଏଥିରୁ ତାଙ୍କର ଶିଶୁ ମଧ୍ୟ ବାଦ୍ ପଡ଼ି ନ ଥିଲେ। ଅଜୟଙ୍କ ପାଟି ଶୁଣି ସ୍ଥାନୀୟ ଲୋକେ ପାଣି ପକାଇ ନିଆଁ ଲିଭାଇବା ସହ ପୋଲିସକୁ ଖବର ଦେଇଥିଲେ। ନିଆଁ ଲାଗି ଘରର ଆସବାବପତ୍ର ପୋଡିଯାଇଛି। ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ସେମାନଙ୍କୁ ଉଦ୍ଧାର କରି ଚିକିତ୍ସା ଲାଗି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ଡାକ୍ତରଙ୍କ ସୂଚନା ମୁତାବକ, ଜାନକୀଙ୍କ ଶରୀରର ୮୦ ପ୍ରତିଶତ ପୋଡ଼ି ଯାଇଥିବାବେଳେ ଅଜୟଙ୍କ ଶରୀରର ୫୦ ପ୍ରତିଶତ ପୋଡ଼ିଯାଇଛି। ଶିଶୁ କନ୍ୟା ଅଳ୍ପ ପୋଡ଼ି ହୋଇଛନ୍ତି। କ୍ୟାପିଟାଲ ହସ୍ପିଟାଲରେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଜାନକୀଙ୍କ ସନ୍ଧ୍ୟାରେ ମୃତ୍ୟୁ ଘଟିଥିବା ଲିଙ୍ଗରାଜ ଥାନା ଅଧିକାରୀ ଜନାର୍ଦ୍ଦନ ପାଢ଼ୀ ସୂଚନା ଦେଇଛନ୍ତି। ଖବର ଲେଖା ହେବା ସୁଦ୍ଧା ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

■ ଜେଇଇ ମେନ୍ ୨୦୧୯

# ଓଡ଼ିଶା ଟପ୍ପର ହେଲେ ଶିବାଶିଷ

ଭୁବନେଶ୍ୱର,୧୯।୧(ବ୍ୟୁରୋ)



ଶିବାଶିଷ ନାୟକ

■ ୧୦୦ ଏନ୍‌ଟିଏ ତାଲିକାରେ ଓଡ଼ିଆ ଛାତ୍ର ସମ୍ବିତ

■ ଏପ୍ରିଲ୍‌ରେ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଦ୍ୱାରା ପରିଚାଳିତ ଜେଇଇ ମେନ୍ ୨୦୧୯ର ପେପର-୧ ଫଳ ଶନିବାର ପ୍ରକାଶ ପାଇଛି। ଇଞ୍ଜିନିୟରିଂ ପାଠ୍ୟକ୍ରମରେ ନାମଲେଖା ପାଇଁ ଅନୁଷ୍ଠିତ ଏହି ପରୀକ୍ଷାରେ ମୋଟ ୮,୭୪,୪୬୯ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୫ଜଣ ୧୦୦ ଏନ୍‌ଟିଏ ସ୍କୋର୍ କରିଛନ୍ତି। ଓଡ଼ିଶାର ସମ୍ବିତ ବେହେରା ଅନ୍ୟ ୧୪ଜଣଙ୍କ ସହ ଶତ ପ୍ରତିଶତ ସ୍କୋର୍ କରିବାରେ ସଫଳ ହୋଇଛନ୍ତି। ରାଜସ୍ଥାନର କୋଟାରେ ରହି କୋଚିଂ ନେଉଥିବା ସମ୍ବିତ ସେଠାରେ ପରୀକ୍ଷା ଦେଇଥିବା ବେଳେ ସେ ୧୫ଜଣଙ୍କ ମଧ୍ୟରେ ୫ମ ସ୍ଥାନରେ ରହିବାରେ ସଫଳ ହୋଇଛନ୍ତି। ତେବେ 'ଷ୍ଟେଟ୍ କୋଡ୍ ଅଫ୍ ଏଲିଜିବିଲିଟି'ରେ ସମ୍ବିତଙ୍କର ରାଜସ୍ଥାନ ରହିଥିବାବେଳେ ଓଡ଼ିଶାର ଟପ୍ପର ହୋଇଛନ୍ତି ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ୍‌ର ଦ୍ୱାଦଶ ଶ୍ରେଣୀ ଛାତ୍ର ଶିବାଶିଷ ନାୟକ। ୯୯.୯୮% ମାର୍କ ସହ ଶିବାଶିଷ ରାଜ୍ୟ ଟପ୍ପର ହେବାର ଗୌରବ ଅର୍ଜନ କରିଛନ୍ତି। ସେ ଫିଜିକ୍ସରେ ୯୯.୯୯, କେମେଷ୍ଟ୍ରିରେ ୯୯.୯୨ ଓ ମ୍ୟାଥ୍‌ମେଟିକ୍ସରେ ୯୯.୯୪ ପ୍ରତିଶତ ମାର୍କ ରଖିଛନ୍ତି। ଶିବାଶିଷ ପୂର୍ବରୁ ଆଷ୍ଟ୍ରୋ ଅଲମ୍ପିଆଡ୍ ୨୦୧୮ରେ ରାଜ୍ୟ ଟପ୍ପର ହେବାସହ ଫିଜିକ୍ସ ଅଲମ୍ପିଆଡ୍ ୨୦୧୮ରେ ମଧ୍ୟ ରାଜ୍ୟ ଟପ୍ପର ହୋଇଥିଲେ। ସେହିଭଳି କେମେଷ୍ଟ୍ରି ଅଲମ୍ପିଆଡ୍ ୨୦୧୮ରେ ଦ୍ୱିତୀୟ ର୍‍ୟାଙ୍କ ହାସଲ କରିଥିଲେ। ଏହାସହ ସେ କେଭିପିୱାଇ ୨୦୧୮ରେ ୧୧ତମ ର୍‍ୟାଙ୍କ୍ ଅକ୍ତିଆର କରିଥିଲେ। ଶିବାଶିଷଙ୍କ ଘର ବାଲେଶ୍ୱର ଜିଲାର ନୂଆଗାଁ ଓ ତାଙ୍କ ପିତା ଗୋପୀନାଥ ନାୟକ ଭୁବନେଶ୍ୱର ପାଣିପାଗ ବିଭାଗରେ କାର୍ଯ୍ୟରତ ଅଛନ୍ତି। ଅନ୍ୟପକ୍ଷରେ ଶତ ପ୍ରତିଶତ ସ୍କୋର୍ କରିଥିବା ୧୭ବର୍ଷୀୟ ସମ୍ବିତ ପରୀକ୍ଷା ପାଇଁ ଦିନକୁ ୬ଘଣ୍ଟା ପଢିବା ସହ ପ୍ରତିଦିନ କଠିନ ଅଭ୍ୟାସ କରୁଥିଲେ। ସମ୍ବିତଙ୍କ ବାପା ଚନ୍ଦ୍ରମଣି ବେହେରା କୋରାପୁଟ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ମ୍ୟାନେଜର ଭାବେ କାମ କରୁଥିବାବେଳେ ମା' ଜଣେ ଅପ୍‌ଥାମୋଲୋଜିଷ୍ଟ।

ସୂଚନାଯୋଗ୍ୟ, ଚଳିତ ବର୍ଷ କେନ୍ଦ୍ର ମାନବ ସମ୍ବଳ ମନ୍ତ୍ରଣାଳୟ ଛାତ୍ରଛାତ୍ରୀଙ୍କୁ ଜେଇଇ ମେନ୍ ପରୀକ୍ଷା ଦୁଇ ଥର ଦେବାପାଇଁ ସୁଯୋଗ ଦିଆଯାଇଛି। ପେପର-୧ ପାଇଁ ମୋଟ ୯ଲକ୍ଷ ୨୯ ହଜାର ଛାତ୍ରୀଛାତ୍ର ଆବେଦନ କରିଥିବାବେଳେ ୮,୭୪,୪୬୯ଜଣ ପରୀକ୍ଷା ଦେଇଥିଲେ। ଏନ୍‌ଟିଏ ଦ୍ୱାରା ପରିଚାଳିତ ଏହି ପରୀକ୍ଷା ପ୍ରଥମଥର ପାଇଁ କମ୍ପ୍ୟୁଟର୍ ବେସ୍‌ଡ ଟେଷ୍ଟ(ସିବିଟି) ମୋଡ୍‌ରେ ହୋଇଥିଲା। ଦେଶର ମୋଟ ୨୫୮ଟି ସହରର ୪୬୭ଟି କେନ୍ଦ୍ରରେ ଜାନୁୟାରୀ ୮ରୁ ୧୨ ତାରିଖ ମଧ୍ୟରେ ପରୀକ୍ଷା ହୋଇଥିଲା। ଓଡ଼ିଶାର ୯ଟି ସହରରେ ପରୀକ୍ଷା କେନ୍ଦ୍ର କରାଯାଇଥିବାବେଳେ ରାଜ୍ୟରୁ ପ୍ରାୟ ୩୯ ହଜାର ପରୀକ୍ଷାର୍ଥୀ ଜେଇଇ ମେନ୍ ପାଇଁ ପଞ୍ଜୀକରଣ କରିଥିଲେ। ଜେଇଇ ମେନ୍ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ଏପ୍ରିଲ ୬ରୁ ୨୦ ତାରିଖ ମଧ୍ୟରେ ହେବ। ଏଥିପାଇଁ ଛାତ୍ରୀଛାତ୍ରମାନେ ଫେବୃୟାରୀ ୮ରୁ ମାର୍ଚ୍ଚ ୭ ମଧ୍ୟରେ ଆବେଦନ କରିପାରିବେ। ଏହି ପର୍ଯ୍ୟାୟ ରେଜଲ୍ଟ ବାହାରିବା ପରେ ର୍‍ୟାଙ୍କ୍ ଘୋଷଣା କରାଯିବ।

## 'ବିନା ଯୁଦ୍ଧରେ ଶହୀଦ ହେଉଛନ୍ତି ଯବାନ'



ନାଗପୁର,୧୯।୧

ସୀମାରେ ଯୁଦ୍ଧ ନାହିଁ। କିନ୍ତୁ ଯବାନମାନେ ଶହୀଦ ହେଉଛନ୍ତି ବୋଲି ଆର୍‌ଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପ୍ରହାର ମିଲିଟାରି ସ୍କୁଲର ରୌପ୍ୟଜୟନ୍ତୀ ପାଳନ ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଭାଗବତ କହିଛନ୍ତି, କୌଣସି ଦେଶ ସହ ଭାରତର ଯୁଦ୍ଧ ଲାଗିନାହିଁ। ଏହାସତ୍ତ୍ୱେ ଆମ ଯବାନମାନେ ଶହୀଦ ହେଉଛନ୍ତି। ଏହାର ତାତ୍ପର୍ଯ୍ୟ ହେଉଛି ଆମେ ନିଜର କର୍ତ୍ତବ୍ୟ ସୁଚାରୁ ରୂପେ ସମ୍ପାଦନ କରୁନାହୁଁ। ଏହି ଧାରାରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ପଡ଼ିବ ବୋଲି ଭାଗବତ ପରୋକ୍ଷରେ ମୋଦି ସରକାରଙ୍କୁ ଟାର୍ଗେଟ କରିଛନ୍ତି।

# ମାତ୍ର ୩୬ ରାଫାଲ ଯୁଦ୍ଧବିମାନ କାହିଁକି

## ଚିଦାମ୍ବରମ୍‌ଙ୍କ ପ୍ରଶ୍ନ



ନୂଆଦିଲ୍ଲୀ,୧୯।୧(ପି.ଟି.)

ଭାରତୀୟ ବାୟୁସେନାକୁ ୧୨୬ ଯୁଦ୍ଧବିମାନ ଦରକାର ଥିବାବେଳେ କେନ୍ଦ୍ର ସରକାର ମାତ୍ର ୩୬ଟି ଆଣିବା ଲାଗି କାହିଁକି ଚୁକ୍ତି କରିଛନ୍ତି ବୋଲି ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମ୍ ଶୁକ୍ରବାର ପ୍ରଶ୍ନ କରିଛନ୍ତି।

ବାୟୁସେନାକୁ ୧୨୬ଟି ଯୁଦ୍ଧବିମାନ ଆବଶ୍ୟକ। ହେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫ୍ରାନ୍ସରୁ ୩୬ଟି ରାଫାଲ ଯୁଦ୍ଧବିମାନ ଆଣିବା ପାଇଁ ନିଷ୍ପତ୍ତି ନେବା ଯୋଗୁ ପ୍ରତ୍ୟେକର ମୂଲ୍ୟ ୪୧.୪୨ କୋଟି ଟଙ୍କା ବୃଦ୍ଧି ପାଇଥିଲା ବୋଲି ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ଏହାକୁ ନେଇ ପୂର୍ବତନ ଅର୍ଥମନ୍ତ୍ରୀ ଚିଦାମ୍ବରମ୍ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ବାୟୁସେନାକୁ କମ୍ ସଂଖ୍ୟକ ଯୁଦ୍ଧବିମାନ ଯୋଗାଇବାକୁ ଯାଇ ଜାତୀୟ ନିରାପତ୍ତା ସହ ସାଲିସ କରିଛନ୍ତି। ଏହା କିଣିବା ପାଇଁ ଦାସଲ୍ଟ ଆଭିଏଶନ୍‌କୁ ଅଧିକ ୧୮୬ କୋଟି ଟଙ୍କା ଦିଆଯାଇଛି। ଯୁଗ୍ମ ସଂସଦୀୟ କମିଟି (ଜେପିସି) ଦ୍ୱାରା ଏହାର ତଦନ୍ତ କରାଯାଉ ବୋଲି ସେ କଂଗ୍ରେସର ଦାବି ଦୋହରାଇଛନ୍ତି। ଏହାର ଜବାବରେ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ କହିଛନ୍ତି, କଂଗ୍ରେସ ରାଫାଲ ପ୍ରସଙ୍ଗରେ ସରକାରଙ୍କ ବିରୋଧରେ ମିଥ୍ୟା ପ୍ରଚାର କରୁଛି। ଲୋକେ ସବୁ ସତକଥା ଜାଣିଛନ୍ତି।

■ ସାବରିମାଳା: ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ

# ବିବାଦ ବଢ଼ାଇଲେ ବିଜୟନ୍ ସରକାର

ନୂଆଦିଲ୍ଲୀ,୧୯।୧(ପି.ଟି.)

■ ୭,୫୬୪ ମହିଳା ମନ୍ଦିରରେ ଦର୍ଶନ ପାଇଁ ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିଛନ୍ତି

■ ଧାଡ଼ି ଦର୍ଶନ ରିପୋର୍ଟ ଅନୁସାରେ ୧୦ରୁ ୫୦ ବର୍ଷୀୟା ୫୧ ମହିଳା ମନ୍ଦିରକୁ ଆସିଛନ୍ତି



କେରଳର ପି. ବିଜୟନ୍ ସରକାର ଶୁକ୍ରବାର ସାବରିମାଳା ବିବାଦରେ ଘିଅ ଢାଳିବା ଭଳି କାମ କରିଛନ୍ତି। ସାବରିମାଳା ମନ୍ଦିରରେ ୫୧ ଜଣ ୧୦ରୁ ୫୦ ବର୍ଷୀୟା (ଋତୁସ୍ରାବ ହେଉଥିବା) ମହିଳା ପ୍ରବେଶ କରିଥିବା ନେଇ ସରକାର ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କରିଛନ୍ତି। ମନ୍ଦିରରେ ପ୍ରବେଶ କରୁଥିବା ମହିଳାଙ୍କୁ ସୁରକ୍ଷା ଯୋଗାଇଦେବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିବାବେଳେ ସରକାରଙ୍କ ପକ୍ଷରୁ ଏଭଳି ଯୁକ୍ତି ବଢ଼ାଯାଇଛି। ଏହାକୁ ନେଇ ଭାଜପା, ସାବରିମାଳା କର୍ମ ସମିତି ଓ ଭଗବାନ ଆୟାପ୍ପା ମନ୍ଦିର ସହ ଜଡ଼ିତ ପାଣ୍ଡାଲମ୍ ରାଜପରିବାର ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ସତ୍ୟପାଠରେ ଉଲ୍ଲେଖ କରାଯାଇଥିବା ମହିଳା ଭକ୍ତଙ୍କ ବୟସ ତ୍ରୁଟିପୂର୍ଣ୍ଣ ଥିବା ସେମାନେ କହିଛନ୍ତି। ସାବରିମାଳା ମନ୍ଦିରରେ ୧୦ରୁ ୫୦ ବର୍ଷୀୟା ମହିଳାଙ୍କ ପ୍ରବେଶ ଉପରେ ପୂର୍ବରୁ କଟକଣା ଜାରି କରାଯାଇଥିଲା। ସୁପ୍ରିମକୋର୍ଟ ଏହାକୁ ହଟାଇଦେଇ ସବୁ ବୟସବର୍ଗର ମହିଳାଙ୍କୁ ପ୍ରବେଶ ଅଧିକାର ଦେଇଥିଲେ। ଜାନୁୟାରୀ ୨ରେ ମନ୍ଦିରରେ ପ୍ରବେଶ କରିଥିବା ବିନ୍ଦୁ ଓ କନକଦୁର୍ଗା ନାମ୍ନୀ ଦୁଇ ମହିଳା ସୁରକ୍ଷା ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପ୍ରଧାନ ବିଚାରପତି ଜଷ୍ଟିସ୍ ରଞ୍ଜନ ଗୋଗୋଇଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ଦୁହିଁଙ୍କ ପିଟିଶନର ଶୁଣାଣି କରି ସେମାନଙ୍କୁ ସମ୍ପୂର୍ଣ୍ଣ ସୁରକ୍ଷା ଯୋଗାଇଦେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କେରଳ ସରକାରଙ୍କ ପକ୍ଷରୁ ମାମଲା ଲଢୁଥିବା ବରିଷ୍ଠ ଓକିଲ ବିଜୟ ହଂସାରିଆ ଅଦାଲତଙ୍କୁ କହିଥିଲେ, ବର୍ତ୍ତମାନ ସୁଦ୍ଧା ୫୧ ମହିଳା ମନ୍ଦିରକୁ ଯାଇସାରିଲେଣି। ସେମାନଙ୍କୁ ପର୍ଯ୍ୟାପ୍ତ ସୁରକ୍ଷା ଯୋଗାଇ ଦିଆଯାଇଛି। ୭୫୬୪ ମହିଳା ଦର୍ଶନ ପାଇଁ ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିଛନ୍ତି। ତେବେ ସେମାନେ ସମସ୍ତେ ଭିତରକୁ ଯାଇ ଦର୍ଶନ କରିଛନ୍ତି କି ନାହିଁ ଜଣାପଡ଼ି ନାହିଁ।

## 'ଆଜିର ରାଶିଫଳ'

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଶୁଭଚନ୍ଦ୍ର ପ୍ରଭାବରୁ ପ୍ରତ୍ୟେକ କାର୍ଯ୍ୟରେ ସଫଳତା ହାସଲକରି ବହୁତ ଖୁସି ରହିବେ। ରାଶିରେ ରାହୁ ଓ ଚନ୍ଦ୍ର ତୃତୀୟସ୍ଥ ଯୋଗୁ ଯାନବାହନ, ପାରିବାରିକ ସମ୍ପର୍କ, ହୋଟେଲ ଶିଳ୍ପ, ଛୋଟ ଦୋକାନ କାରବାରରୁ ସେତେଟା ଭଲ ଫଳ ମିଳି ନ ପାରେ। କିନ୍ତୁ ଆନୁଷ୍ଠାନିକ କାମରେ ପ୍ରସ୍ତୁତି ଶେଷହେବା ସହ ଦୃଢ଼ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ।

**ବୃଷ** ଆଜିର ଗ୍ରହ ସ୍ଥିତିର ଆଂଶିକ ପରିବର୍ତ୍ତନ ହେତୁ ମନ ପ୍ରଫୁଲ୍ଲିତ ରହିବ। ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେବେ। ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ। ଆଜିର ଯାତ୍ରାରେ ଅର୍ଥ ଓ ଆଦର, ଗୌରବ ମଧ୍ୟ ପାଇବେ।

**ମିଥୁନ** ଅର୍ଥଲାଭର ପ୍ରଚେଷ୍ଟା କଦାପି ନିରର୍ଥକ ହେବନାହିଁ। ବନ୍ଧୁଙ୍କୁ ମନେଇ କାମ ହାସଲ କରିବାର ପ୍ରକୃଷ୍ଟ ଦିନଟିଏ। ପାଖପଡ଼ୋଶୀଙ୍କ ସାହାଯ୍ୟରେ କାମ ହାସଲ କରିବା ଫଳରେ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ। ଆନୁଷଙ୍ଗିକ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରି ପାରନ୍ତି। ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବା ଆଶଙ୍କା ରହିଛି।

**କର୍କଟ** ଅନ୍ୟାନ୍ୟ ସବୁ ଦିଗରୁ ମନ୍ଦ ନ ହେଲେ ମଧ୍ୟ ସ୍ୱାସ୍ଥ୍ୟ ସମ୍ପର୍କିତ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ। ପରକଥାରେ ପଡ଼ି ଭୁଲ୍ ମାର୍ଗର ଅନୁସରଣ କଲେ ଅପଦସ୍ଥ ହେବାକୁ ପଡ଼ିପାରେ। ସଭାସମିତିରେ ଅର୍ଥ ଓ ସମ୍ମାନ ବୃଦ୍ଧି ପାଇଁ ଚେଷ୍ଟିତ ହେବେ ଏବଂ ପାଇବେ ମଧ୍ୟ। ପାରିବାରିକ କ୍ଷେତ୍ରରେ କିଛିନା କିଛି ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ।

**ସିଂହ** ପାରିବାରିକ କ୍ଷେତ୍ରରେ ସମସ୍ୟା ସମାଧାନ କରି ଏକ ପ୍ରକାର ଆଶ୍ୱସ୍ତି ଲାଭ କରିବେ। ଅନ୍ୟମାନଙ୍କଠାରୁ କିଛି ଖବର ଶୁଣି କିମ୍ବା ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ସାଙ୍ଗକୁ ମାନମନାନ୍ତର ଦେଖା ଦେଇପାରେ। ମିତ୍ର କେହି ଛଳନାକରି ଦୂରେଇଯାଇ ପାରନ୍ତି। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ର ସନ୍ତୋଷଜନକ ରହିବ।

**କନ୍ୟା** ସାମାନ୍ୟ ଯୁକ୍ତିତର୍କ ମଧ୍ୟରେ ଅଭିଳଷିତ ଜିନିଷ ପାଇପାରିବେ। ଶନିଙ୍କ କୁପ୍ରଭାବରୁ କର୍ମକ୍ଷେତ୍ରରେ କୌଣସି ବିଜାତୀୟ ବ୍ୟକ୍ତି ସମସ୍ୟା ସୃଷ୍ଟିକରିପାରନ୍ତି। ଶିଳ୍ପ,ବାଣିଜ୍ୟ,ବ୍ୟବସାୟ ଓ ସାହିତ୍ୟ ଗବେଷଣା,ଏଜେନ୍ସିପରେ ଆଶାଜନକ ସୁଫଳ ମିଳିବ। ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଆଶଙ୍କା ରହିଛି।

**ତୁଳା** ନିଜର ବିଚାରବୁଦ୍ଧି ବିନିଯୋଗକରି ଅସଜଡ଼ା ପରିସ୍ଥିତିକୁ ସଜାଡ଼ିନେବେ। ଘରୋଇ ସମସ୍ୟା ସମାଧାନ ହୋଇଯିବାରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। କୌଣସି ଗୁରୁତ୍ୱପୂର୍ଣ୍ଣ କାମରେ ବନ୍ଧୁମାନଙ୍କ ଉପରେ ଭରସାକରି ମନସ୍ତାପ କରିବାକୁ ପଡ଼ିପାରେ। କଳା, ସାହିତ୍ୟ,ସଙ୍ଗୀତ, ଚଳଚ୍ଚିତ୍ର ତଥା ସଭାସମିତିରେ ସୁନାମ ମିଳିବ।

**ବିଛା** ସକାଳୁ ସକାଳୁ ମାନସିକ ସ୍ତରରେ ଅସ୍ଥିରତା ଅନୁଭବ କରିବେ। ପ୍ରତ୍ୟେକ କାମ ନିର୍ଦ୍ଦିଷ୍ଟ ସମୟରେ ନ ହେବା କାରଣରୁ ମାନସିକ ଅବସାଦ ଲାଗି ରହିବ। ଆଜି ଦିନଟିରେ ଅଧିକାଂଶ ସମୟ ବନ୍ଧୁଙ୍କ ମେଳରେ ରହିବା ସୁଯୋଗ ପାଇବେ। ଦୀର୍ଘଦିନରୁ ଅଟକି ରହିଥିବା କାମ କିମ୍ବା ପାଇ ନ ଥିବା ଅର୍ଥପ୍ରାପ୍ତିରେ ଆନନ୍ଦ ଅନୁଭବ କରିବେ।

**ଧନୁ** ପ୍ରତ୍ୟେକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତି ଧୀରେ ଧୀରେ ଉଭେଇଯିବା ଅନୁଭବ କରିବେ। କିନ୍ତୁ ପାରସ୍ପରିକ ମତଭେଦ କାରଣରୁ ପାରିବାରିକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ, ଯାହାକି ଆପଣଙ୍କ କାମଗୁଡ଼ିକ ସୁବିଧାରେ ହେବା ଦିଗରେ ଏହା ସାହାଯ୍ୟ କରିବ।

**ମକର** ଆଜିର ଯାତ୍ରା ପ୍ରୀତିପ୍ରଦ ରହିବ ଓ ପ୍ରିୟଜନଙ୍କ ସାନ୍ନିଧ୍ୟ ଲାଭକରି ଆନନ୍ଦ ଅନୁଭବ କରିବେ। ମନରେ ଭାବୁଥିବା କଥା କାମରେ ପରିଣତ ହେଲା ବେଳକୁ ଅଲଗା ପ୍ରକାର ହୋଇଯାଇପାରେ। କର୍ମକ୍ଷେତ୍ରରେ ପରୋକ୍ଷ ସାହାଯ୍ୟ ଲାଭ କରି ମନୋବଳ କ୍ରମଶଃ ବୃଦ୍ଧି ପାଇବ। କେତେକ କ୍ଷେତ୍ରରେ ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟହେବା ଆଶଙ୍କା ଦେଖାଦେବ।

**କୁମ୍ଭ** ଶନିଙ୍କ ଦୃଷ୍ଟି ଆପଣଙ୍କ ମୁଖକୁ ଅନେକାଂଶରେ ବନ୍ଦ କରିବାକୁ ବାଧ୍ୟକରିବ। ଫଳରେ ଆପଣ କେତେକ କ୍ଷେତ୍ରରେ ସବୁ ଜାଣିଥିଲେ ମଧ୍ୟ ଚୁପ୍ ରହିବାକୁ ବାଧ୍ୟ ହେବେ। ବାଣିଜ୍ୟ, ବ୍ୟବସାୟ ତଥା ନିର୍ମାଣ କାମ ଧିମେଇ ଯିବାରୁ ସାମୟିକ ବ୍ୟସ୍ତତା ଅନୁଭବ କରିପାରନ୍ତି। ପୂର୍ବରୁ ଲାଗିରହିଥିବା ପାରିବାରିକ ସଙ୍କଟଜନକ ସ୍ଥିତି ସମ୍ପୂର୍ଣ୍ଣ ସୁଧୁରିପାରିବ ନାହିଁ।

**ମୀନ** ମନ ଅନୁଯାୟୀ କାମ ହାସଲ କରିବାରେ ପୂର୍ବାହ୍ନଟି ପ୍ରୀତିପ୍ରଦ ରହିବ। କିନ୍ତୁ ଅପରାହ୍ନରେ ସବୁକିଛି ବଦଳି ଯାଇପାରେ, ଯାହାକି ଆପଣଙ୍କ ମନରେ ଭାବାନ୍ତର ସୃଷ୍ଟିକରିବ। ନିଜ ପରିସରରେ ରହୁଥିବା କୌଣସି ବିଜାତୀୟ ବ୍ୟକ୍ତି ଜଣେ କାମରେ ଅସହଯୋଗ କରିବା ଆଶଙ୍କା ରହିଛି। ସନ୍ତାନଙ୍କ କାର୍ଯ୍ୟକଳାପରେ ଅସନ୍ତୋଷ ହୋଇପାରନ୍ତି।

ଆଜି ପୌଷ ଶୁକ୍ଳ ଚତୁର୍ଦ୍ଦଶୀଯୁକ୍ତ ପୂର୍ଣ୍ଣମୀ ରବିବାର, ଜାନୁୟାରୀ ୨୦ ତାରିଖ,ରାଶି ନକ୍ଷତ୍ର-ଦିବା ଘ୮ ।୫୧ମି. ଗତେ ପୁନର୍ବସୁ/ମିଥୁନ, ମେଷ ରାଶିର ଘାତବାର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ତଥା ପୂର୍ଣ୍ଣିମାର ପାର୍ବଣଶ୍ରାଦ୍ଧ, ପୂର୍ଣ୍ଣମୀର ଚନ୍ଦ୍ରପୂଜା ଓ ଉପବାସ। ଦିବା ଘ୭ ।୫୪ମି. ଗତେ, ଘ୯ ।୧୭ମି. ମଧ୍ୟେ ଅମୃତବେଳା । ଦିବା ଘ୯ ।୧୭ମି. ଗତେ, ଘ୧୦ ।୪୦ମି. ମଧ୍ୟେ, ଘ୧ ।୨୬ମି. ଗତେ ଘ୨ ।୪୯ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୪ ।୦୫ମି. ଗତେ ଘ୫ ।୨୭ମି. ମଧ୍ୟେ ରାହୁକାଳ।

## '୨୦୨୫ ସୁଦ୍ଧା ରାମମନ୍ଦିର'

ନୂଆଦିଲ୍ଲୀ,୧୯।୧(ପି.ଟି.)- ଅଯୋଧ୍ୟାରେ ୨୦୨୫ ସୁଦ୍ଧା ରାମମନ୍ଦିର ନିର୍ମାଣ କରାଯିବ ବୋଲି ଆର୍‌ଏସ୍‌ଏସ୍ ବିଶ୍ୱାସ ପ୍ରକଟ କରିଛି। ସଂଘର ମୁଖ୍ୟ କାର୍ଯ୍ୟବାହକ ଭୈୟାଜୀ ଜୋଷୀ ଶୁକ୍ରବାର କହିଛନ୍ତି, ଆସନ୍ତା କୁମ୍ଭମେଳା ୨୦୨୫ରେ ହେବ। ସେତେବେଳକୁ ରାମମନ୍ଦିର ନିର୍ମାଣ ହୋଇସାରିଥିବ।

**ପ୍ରଥମ ପୃଷ୍ଠାରୁ...**

## ଜଳିଲା ତେଲ...

ସ୍ଥାନୀୟ ଲୋକେ ଉକ୍ତ ଲିକ୍ ପାଇପ୍‌ଲାଇନରୁ ବକେଟ୍, ବାଲ୍ଟି ଜରିଆରେ ତେଲ ସଂଗ୍ରହ କରୁଥିବାବେଳେ ବିସ୍ଫୋରଣ ଘଟିଥିଲା। ପାଇପ୍‌ଲାଇନଟି ହୁ ହୁ ହୋଇ ଜଳିଉଠିଥିଲା। ରାଷ୍ଟ୍ରପତି ଆଣ୍ଡ୍ରିଜ୍ ମାନୁଏଲ୍ ଲୋପେଜ ଓବ୍ରାଡର ଶନିବାର ଦୁର୍ଘଟଣାସ୍ଥଳକୁ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଶୁକ୍ରବାର ମଧ୍ୟରାତ୍ରି ସୁଦ୍ଧା ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରାଯାଇଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ଅଲ୍‌ଫୋନ୍ସୋ କହିଛନ୍ତି। ଏକାଧିକ ଆହତଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଏଣୁ ମୃତ୍ୟୁସଂଖ୍ୟାରେ ବୃଦ୍ଧି ଘଟିବା ଆଶଙ୍କା ରହିଥିବା ଜଣାପଡ଼ିଛି।

# ବଢ଼ୁଛି କ୍ଷେପଣାସ୍ତ୍ର ପ୍ରତିଦ୍ୱନ୍ଦ୍ୱିତା

ୱାଶିଂଟନ,୧୯।୧(ପି.ଟି.)

ବିଶ୍ୱର ୩ ମହାଶକ୍ତି ଆମେରିକା, ରୁଷିଆ ଓ ଚାଇନା ମଧ୍ୟରେ କ୍ଷେପଣାସ୍ତ୍ର ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇଛି। ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରୁ ଆମେରିକାକୁ ହଟାଇବାକୁ ଚାହୁଁଥିବା ରୁଷିଆ ଏବଂ ଚାଇନା ଏହାର ପଡୋଶୀମାନଙ୍କ ସହ ସୀମା ବିବାଦକୁ ନେଇ ଆକ୍ରମଣାତ୍ମକ ଆଭିମୁଖ୍ୟ ଗ୍ରହଣ କରୁଛନ୍ତି। ସେମାନଙ୍କଠାରୁ ସମ୍ଭାବ୍ୟ ବିପଦର ମୁକାବିଲା ପାଇଁ ଆମେରିକା ନୂଆ ମିସାଇଲ ଡିଫେନ୍ସ ନୀତି ଘୋଷଣା କରିଛି। ମିସାଇଲ ଡିଫେନ୍ସ ରିଭ୍ୟୁ ରିପୋର୍ଟରେ ପେଣ୍ଟାଗନ କହିଛି ରୁଷିଆ ଓ ଚାଇନା ଅତ୍ୟାଧୁନିକ କ୍ରୁଜ୍ ଏବଂ ହାଇପରସୋନିକ୍ କ୍ଷେପଣାସ୍ତ୍ର ନିର୍ମାଣ କରୁଛନ୍ତି ଯାହା ବର୍ତ୍ତମାନର ଡିଫେନ୍ସ ସିଷ୍ଟମକୁ ଚ୍ୟାଲେଞ୍ଜ କରିପାରିବ। ଉଭୟ ରାଷ୍ଟ୍ର ସେମାନଙ୍କର ବର୍ତ୍ତମାନର ମିସାଇଲ ସିଷ୍ଟମକୁ ଅଧିକ ସୁଦୃଢ଼ କରିବା ସହ ସମୁଦ୍ର ଓ ଆକାଶ ମାର୍ଗରୁ ଲଞ୍ଚ ହୋଇପାରୁଥିବା କ୍ରୁଜ୍ ତଥା ହାଇପରସୋନିକ କ୍ଷେପଣାସ୍ତ୍ରର ବିକାଶ କରିଥିବା ଆମେରିକାର କାର୍ଯ୍ୟକାରୀ ପ୍ରତିରକ୍ଷା ସଚିବ ପାଟ୍ରିକ ଶାନାହାନ କହିଛନ୍ତି। ନିଜର ତଥା ସହଯୋଗୀ ରାଷ୍ଟ୍ରଗୁଡିକର ସୁରକ୍ଷା ଲାଗି ଆମେରିକାକୁ ବହୁମୁଖୀ ମିସାଇଲ ଡିଫେନ୍ସ ସିଷ୍ଟମ ପ୍ରସ୍ତୁତ କରିବାକୁ ହେବ ଯାହା ଶତ୍ରୁପକ୍ଷର କ୍ଷେପଣାସ୍ତ୍ର ଲଞ୍ଚ ହେବା ପୂର୍ବରୁ ଏହାକୁ ଧ୍ୱଂସ କରିପାରିବ ବୋଲି ରିପୋର୍ଟରେ କୁହାଯାଇଛି।

## ମୁକାବିଲା ପାଇଁ ଟ୍ରମ୍ପଙ୍କ ନୂଆ ମିସାଇଲ ନୀତି

ଚାଇନା ୭୫ରୁ ୧୦୦ଟି ଆନ୍ତଃମହାଦେଶୀୟ ବାଲିଷ୍ଟିକ୍ ମିସାଇଲ (ଆଇସିବିଏମ୍) ମୁତୟନ କରିଛି। ରୁଷିଆ ବେଆଇନ ଭାବେ ଏହାର ସୀମା ବାହାରର ଅଞ୍ଚଳକୁ ଅକ୍ତିଆର କରି ପଡୋଶୀ ଦେଶରେ ଅସ୍ଥିରତା ସୃଷ୍ଟି କରିବାକୁ ଚାହୁଁଛି। ସେହିପରି ଚାଇନା ଏହାର ପଡୋଶୀଙ୍କ ସହିତ ସୀମାକୁ ନେଇ ବିବାଦ ସୃଷ୍ଟି କରୁଛି । ଏହି ପଡୋଶୀମାନଙ୍କ ମଧ୍ୟରୁ ଅଧିକାଂଶ ଆମେରିକାର ସହଯୋଗୀ ବୋଲି ପେଣ୍ଟାଗନ କହିଛି। ୧୨୫ ଆଣବିକ କ୍ଷେପଣାସ୍ତ୍ର, ଏମ୍‌ଏଆରଭି ଏବଂ ଏଚଜିଭି ଭଳି ଅତ୍ୟାଧୁନିକ ଟେକ୍ନୋଲୋଜି ସହ ଚାଇନା ଏବେ ଆମେରିକା ପାଇଁ ବିପଦ ସୃଷ୍ଟି କରିବାର କ୍ଷମତା ହାସଲ କରିପାରିଛି।



## ଭାରତକୁ ସହଯୋଗ କରିବ ଆମେରିକା

ୱାଶିଂଟନ,୧୯।୧(ପି.ଟି.): ଭାରତ ସହ ଦ୍ୱିପାକ୍ଷିକ ରଣନୀତିକ ସହଯୋଗ ବୃଦ୍ଧି ଉଦ୍ୟମ ସ୍ୱରୂପ ଟ୍ରମ୍ପ ପ୍ରଶାସନ କ୍ଷେପଣାସ୍ତ୍ର ପ୍ରତିରକ୍ଷା ସହଯୋଗ ନିମନ୍ତେ ଆଲୋଚନା କରିଛି। ଆମେରିକାର ଭାରତ-ପ୍ରଶାନ୍ତ ମହାସାଗରୀୟ ରଣକୌଶଳରେ ନୂଆଦିଲ୍ଲୀ ପ୍ରମୁଖ ସହଯୋଗୀ ବୋଲି ପେଣ୍ଟାଗନ ସ୍ପଷ୍ଟ କରିଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ 'ମିସାଇଲ ଡିଫେନ୍ସ ରିଭ୍ୟୁ' ରିପୋର୍ଟ ସମ୍ପର୍କରେ ପେଣ୍ଟାଗନର ଘୋଷଣା ଗୁରୁତ୍ୱପୂର୍ଣ୍ଣ। ତେବେ ଭାରତ ରୁଷିଆଠାରୁ ୫ ବିଲିୟନ ଡଲାର ମୂଲ୍ୟର ଏସ-୪୦୦ ଏୟାର ଡିଫେନ୍ସ ସିଷ୍ଟମ କିଣିବା ଲାଗି ଅର୍ଡର କରିଥିବାରୁ ଆମେରିକା ଏଥିରେ ଅସନ୍ତୋଷ ବ୍ୟକ୍ତ କରିଛି। ଦକ୍ଷିଣ ଏସିଆର ଅନେକ ଦେଶ ପାଖରେ ବିଭିନ୍ନ ରେଞ୍ଜର ବାଲିଷ୍ଟିକ୍ ଏବଂ କ୍ରୁଜ୍ କ୍ଷେପଣାସ୍ତ୍ର ସାମର୍ଥ୍ୟ ରହିଛି। ଏହି ପରିପ୍ରେକ୍ଷୀରେ ଆମେରିକା ଭାରତ ସହ କ୍ଷେପଣାସ୍ତ୍ର ପ୍ରତିରକ୍ଷା ସହଯୋଗ ନେଇ ଆଲୋଚନା କରିଛି।

# ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଅଳଙ୍କାର ଚୋରି



ଗହଣା ଦୋକାନରେ ପୋଲିସ ତଦନ୍ତ କରୁଛି।

ବାସୁଦେବପୁର, ୧୯।୧ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ଥାନା ଅଧୀନ ବେତଡା ବଜାରରେ ଥିବା ଗୋଦାବରୀ ଜୁଏଲେରୀ ଦୋକାନରୁ ଶୁକ୍ରବାର ବିଳମ୍ବିତ ରାତିରେ ବଡ଼ଧରଣର ଚୋରି ହୋଇଛି। ଚୋରମାନେ ଦୋକାନର ପାର୍ଶ୍ୱ କାନ୍ଥ ତାଡ଼ି ଦୋକାନରେ ପଶି ପ୍ରାୟ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଓ ରୁପା ଅଳଙ୍କାର ଚୋରି କରି ନେଇଯାଇଛନ୍ତି। ଏ ସମ୍ପର୍କରେ ଜାଣିବା ପରେ ଶନିବାର ସକାଳେ ଦୋକାନ ମାଲିକ ରାଜେନ୍ଦ୍ର ସାହୁ ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ସଦଳବଳ ଦୋକାନ ନିକଟରେ ପହଞ୍ଚି କ୍ଷେତ୍ରୀୟ ତଦନ୍ତ କରିଥିଲା। ପରେ ଅପରାହ୍ନରେ ଆଇଆଇସି ଉମାଶଙ୍କର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାଇଣ୍ଟିଫିକ ଟିମ୍ ଓ ଡଗ୍‌ସ୍କ୍ୱାଡ ପହଞ୍ଚି ତଦନ୍ତ ଚଳାଇଥିଲେ। ଚୋରମାନେ ଏହି ମାର୍କେଟ କମ୍ପ୍ଲେକ୍ସର ଉତ୍ତରପାର୍ଶ୍ୱ (ପଛପାଖ)ରେ ଥିବା ବାଉଁଶ ତିଆରି ଶିଡ଼ିରେ ଛାତକୁ ଉଠି ଦୋକାନର ପାର୍ଶ୍ୱକାନ୍ଥ ତାଡ଼ି ଅଳଙ୍କାର ନେଇଯାଇଥିବା ତଦନ୍ତ ବେଳେ ଜଣାପଡ଼ିଛି। ତେବେ ଏହି ଚୋରି ଘଟଣା ବେତଡ଼ା ବଜାରରେ ବ୍ୟବସାୟୀଙ୍କ ମହଲରେ ଏକ ଭୟର ବାତାବରଣ ସୃଷ୍ଟି କରିଛି। ଏ ନେଇ ବାସୁଦେବପୁର ଥାନାରେ ଏକ ମାମଲା(ନଂ.୯/୧୯) ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

ପ୍ରକାଶ ଯେ, ବର୍ଷକ ତଳେ ବେତଡ଼ା ବଜାରରୁ ୨ଟି ଗହଣା ଦୋକାନରୁ ଅନୁରୂପ ଅଳଙ୍କାର ଚୋରି ହୋଇଥିଲା। ଏହି ଘଟଣାରେ ସେତେବେଳେ କାହାରିକୁ ଗିରଫ କରାଯାଇପାରି ନ ଥିଲା। ବର୍ଷକ ପରେ ପୁଣି ଏହି ବଜାରର ଗୋଦାବରୀ ଗହଣା ଦୋକାନରୁ ଚୋରି ହେବା ପୋଲିସ ପ୍ରତି ଚ୍ୟାଲେଞ୍ଜ ସୃଷ୍ଟି କରିଛି। ପୋଲିସ ତୁରନ୍ତ ଚୋରଙ୍କୁ ଧରିବାକୁ ବ୍ୟବସାୟୀ ମହଲରୁ ଦାବି କରାଯାଇଛି।

# ପୁରୀ ବନ୍ୟପ୍ରାଣୀ ବନଖଣ୍ଡରେ ଡଲ୍‌ଫିନ ଶୂନ

ପୁରୀ ଅଫିସ/କାକଟପୁର/ବ୍ରହ୍ମଗିରି/କୋଣାର୍କ,(ଡି.ଏନ.ଏ.)୧୯।୧

ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ଅଧୀନରେ ଡଲ୍‌ଫିନ ନାହାନ୍ତି। ଶନିବାର ହୋଇଥିବା ଗଣତିରୁ ଏହା ସ୍ପଷ୍ଟ ହୋଇଛି। ପୁରୀ ବନଖଣ୍ଡ ଅଧୀନରେ ୫ଟି ରେଞ୍ଜ୍ ବ୍ରହ୍ମଗିରି, ବାଲୁଖଣ୍ଡ, କୋଣାର୍କ, ଗୋପ ଓ ଅସ୍ତରଙ୍ଗ ରହିଛି। ଏଥିମଧ୍ୟରୁ ଗୋପ ରେଞ୍ଜ୍‌ରେ ଡଲ୍‌ଫିନ ରହିବା ଲାଗି କୌଣସି ଜଳାଶୟ ନ ଥିବାରୁ ଅନ୍ୟ ୪ଟି ରେଞ୍ଜ୍‌ରେ ଗଣତି କରାଯାଇଥିଲା। ଦେବୀ ମୁହାଣଠାରୁ ଅରଖକୁଦା ମୁହାଣ ପର୍ଯ୍ୟନ୍ତ ବ୍ୟାପୀ ଥିବା ଏହି ୪ଟି ରେଞ୍ଜ୍‌ରେ ଗୋଟିଏ ହେଲେ ବି ଡଲ୍‌ଫିନ ଦେଖିବାକୁ ମିଳି ନ ଥିବା ପୁରୀ ଡିଏଫ୍‌ଓ ହର୍ଷବର୍ଦ୍ଧନ ଉଦ୍‌ଗାତା କହିଛନ୍ତି। ତେବେ ଏହି ଗଣତିରେ କୁହୁଡ଼ି ବାଧକ ସାଜିଥିଲା। ପୂର୍ବ ନିର୍ଦ୍ଧାରିତ ସକାଳ ୬ଟାରୁ ଗଣତି କରିବା ସମ୍ଭବ ହୋଇ ନ ଥିଲା। ସକାଳ ସାଢେ ୯ଟାରୁ ପ୍ରାୟ ସନ୍ଧ୍ୟା ପର୍ଯ୍ୟନ୍ତ ୧୦ଟି ଟିମ୍ ଗଣନା କାର୍ଯ୍ୟରେ ନିୟୋଜିତ ହୋଇଥିବା ଡିଏଫ୍‌ଓ କହିଛନ୍ତି। ଗତବର୍ଷ କେଳୁଣି ମୁହାଣରେ ୫ଟି ବଟଲନୋଜ୍ ଡଲ୍‌ଫିନ ଦେଖିବାକୁ ମିଳିଥିବା ବେଳେ ଚଳିତବର୍ଷ ଏହି ସଂଖ୍ୟା ଶୂନ୍ ରହିବାକୁ ନେଇ ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଅସ୍ତରଙ୍ଗ ରେଞ୍ଜ୍‌ରେ ୪ଟି, ବ୍ରହ୍ମଗିରି ରେଞ୍ଜ୍‌ରେ ଗୋଟିଏ, କୋଣାର୍କ ରେଞ୍ଜ୍‌ରେ ଗୋଟିଏ, ବାଲୁଖଣ୍ଡ ରେଞ୍ଜ୍‌ରେ ୪ଟି ଟିମ୍ ଗଣନାରେ ସାମିଲ ହୋଇଥିଲେ।

# ଯୁବତୀଙ୍କୁ ଏସିଡ୍ ମାଡ଼ ଧମକ, ଅଭିଯୁକ୍ତ ଗିରଫ

ବ୍ରହ୍ମପୁର ଅଫିସ୍,୧୯।୧

ଜଣେ ଯୁବତୀଙ୍କୁ ଏସିଡ୍ ମାଡ଼ ଧମକ ଦେବା ଅଭିଯୋଗରେ ବ୍ରହ୍ମପୁର ବୈଦ୍ୟନାଥପୁର ପୋଲିସ ଶନିବାର ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ରାମନଗର ଅଷ୍ଟମ ଲେନ୍‌ର ଶ୍ରୀବତ୍ସ ଲାଞ୍ଛନ ବେହେରା (୧୯)। ଗିରଫ ପରେ ପୋଲିସ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପ୍ରକାଶଯେ, ଶ୍ରୀବତ୍ସ କଲେଜ ପଢୁଥିବା ଜଣେ ଛାତ୍ରୀଙ୍କ ସଂସ୍ପର୍ଶରେ ଆସିଥିଲେ। ବନ୍ଧୁତ୍ୱ ଘନିଷ୍ଠ ହେବା ପରେ ଗତ ୧୪ ତାରିଖ ସନ୍ଧ୍ୟାରେ ଯୁବତୀଙ୍କ ଘରକୁ ଯାଇଥିଲେ। ଘରେ କେହି ନ ଥିବା ସମୟରେ ଶ୍ରୀବତ୍ସ ଘର ଭିତରକୁ ପଶି ଯୁବତୀଙ୍କ ସହିତ ଶାରୀରିକ ସମ୍ପର୍କ ରଖିବାକୁ ବାଧ୍ୟ କରିଥିଲେ। ଯୁବତୀ ଜଣକ ବିରୋଧ କରିବାରୁ ତାଙ୍କୁ ଏସିଡ୍ ମାଡ କରିବାକୁ ସମ୍ପୃକ୍ତ ଯୁବକ ଧମକ ଦେଇଥିଲେ। ଏହା ସହିତ ଅନ୍ତରଙ୍ଗ ମୁହୂର୍ତ୍ତର ଏକ ଫଟୋ ସୋସିଆଲ ମିଡିଆରେ ଭାଇରାଲ କରିବା ନେଇ ଧମକ ମଧ୍ୟ ଦେଇଥିଲେ। ପରେ ଯୁବତୀ ଜଣକ ଥାନାକୁ ଯାଇ ଏତଲା ଦେଇଥିଲେ। ପୋଲିସ ନଂ. ୮/୧୯ରେ ଏକ ମାମଲା ରୁଜୁକରି ଶ୍ରୀବତ୍ସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଆଇଆଇସି ଜୟକୃଷ୍ଣ ପଟ୍ଟନାୟକ ସୂଚନା ଦେଇଛନ୍ତି।

# କଂଗ୍ରେସ ନେତା ମହେଶ୍ୱରଙ୍କ ପରଲୋକ

**ବନ୍ତ, ୧୯।୧ (ଡି.ଏନ.ଏ.)**

ବନ୍ତ ବ୍ଲକ ଗଣିଜାଙ୍ଗ ପଞ୍ଚାୟତ ହାସିନପୁର ଗ୍ରାମର ବରିଷ୍ଠ କଂଗ୍ରେସ ନେତା ମହେଶ୍ୱର ଘଡ଼େଇ (୫୫)ଙ୍କର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଦୁଇଦିନ ତଳେ ସେ କଟକ ବଡ଼ ଡାକ୍ତରଖାନାରେ ହାର୍ଟ ଅପରେଶନ ହୋଇଥିଲେ। ଶନିବାର ସକାଳେ କଟକ ମେଡିକାଲରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ବିୟୋଗରେ ଗଣିଜାଙ୍ଗ ପଞ୍ଚାୟତ ସମେତ ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀରେ ଶୋକର ଛାୟା ଖେଳିଯାଇଛି। ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ସୁବ୍ରତ ଦାସ, ବ୍ଲକ କଂଗ୍ରେସ ସଭାପତି ରାଜକିଶୋର ସ୍ୱାଇଁ, ପଞ୍ଚାୟତ ସଭାପତି ବିଷ୍ଣୁମୋହନ ପଣ୍ଡା, ରଘୁ ଦାସ, ଭାଜପା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଭ୍ୟ ପଞ୍ଚାନନ ରାଉତ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ନିରୁପମା ରାଉତ, ୧୫ ନମ୍ବର ଜୋନ୍ କଂଗ୍ରେସ ସଭାପତି ଅନନ୍ତ ଦାସ ଓ ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ ପ୍ରମୁଖ ପହଞ୍ଚି ଶେଷ ଦର୍ଶନ କରିଥିଲେ।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

# ଘନ କୁହୁଡ଼ି: ବିମାନ ଚଳାଚଳ ବାଧାପ୍ରାପ୍ତ

ଭୁବନେଶ୍ୱର,୧୯।୧ (ବ୍ୟୁରୋ) – ଭୁବନେଶ୍ୱରରେ ରବିବାର ସକାଳେ ଘନ କୁହୁଡ଼ି ଯୋଗୁ ବିମାନସେବା ବାଧାପ୍ରାପ୍ତ ହୋଇଛି। ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ବିମାନଗୁଡ଼ିକ ନିର୍ଦ୍ଧାରିତ ସମୟଠାରୁ ବିଳମ୍ବରେ ଚଳାଚଳ କରିଛି। ୫ ବିମାନ ବିଳମ୍ବରେ ଉଡ଼ାଣ କରିଥିବାବେଳେ ଦିଲ୍ଲୀ–ଭୁବନେଶ୍ୱର ଇଣ୍ଡିଗୋ ବିମାନର ଗତିପଥକୁ ବଦଳାଇ ଦିଆଯାଇଥିଲା। ମିଳିଥିବା ସୂଚନାନୁସାରେ, କୁହୁଡ଼ି ପାଇଁ ଭୁବନେଶ୍ୱର ବିମାନବନ୍ଦରରୁ ଏୟାର ଇଣ୍ଡିଆର ଭୁବନେଶ୍ୱର–ଦିଲ୍ଲୀ ବିମାନ ବିଳମ୍ବରେ ଯାତ୍ରା କରିଥିଲା। ଦିଲ୍ଲୀରୁ ଭୁବନେଶ୍ୱର ଆସିବାକୁ ଥିବା ଇଣ୍ଡିଗୋ ବିମାନ (ନଂ.୨୨୧୪)କୁ ଭୋର୍ ୪ଟା ୩୭ ସମୟରେ ଭୁବନେଶ୍ୱର ପରିବର୍ତ୍ତେ କଲିକତାକୁ ଡାଇଭର୍ଟ କରାଯାଇଥିଲା। ତେବେ କୁହୁଡ଼ି ଦୂର ହେବାପରେ ସକାଳ ୯ଟା ୧୦ରେ ଏହି ବିମାନ ଆସି ଭୁବନେଶ୍ୱରରେ ପହଞ୍ଚିଥିଲା। ଏହାବ୍ୟତୀତ ଏୟାର ଏସିଆର କଲିକତା–ଭୁବନେଶ୍ୱର ବିମାନ କୁହୁଡ଼ି ଯୋଗୁ ବିଳମ୍ବରେ ଅର୍ଥାତ୍ ୧୧ଟା ୧୯ରେ ଭୁବନେଶ୍ୱରରେ ପହଞ୍ଚିଥିଲା। ସେହିପରି ଇଣ୍ଡିଗୋର କଲିକତା–ଭୁବନେଶ୍ୱର–ଗୌହାଟୀ ବିମାନ, ଚେନ୍ନାଇ–ଭୁବନେଶ୍ୱର–ବେଙ୍ଗାଲୁରୁ ବିମାନ ଓ କୋଚି–ଭୁବନେଶ୍ୱର–କୋଚି ବିମାନ ବିଳମ୍ବରେ ଚଳାଚଳ କରିଥିଲା।

# ଶ୍ରୀକାନ୍ତ, ସଗରିଆ କଂଗ୍ରେସରୁ ବହିଷ୍କୃତ



ଶ୍ରୀକାନ୍ତ ଜେନା



କୃଷ୍ଣ ସଗରିଆ

ଭୁବନେଶ୍ୱର,୧୯।୧(ବ୍ୟୁରୋ)

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଏବଂ ପୂର୍ବତନ କୋରାପୁଟ ବିଧାୟକ କୃଷ୍ଣ ସଗରିଆଙ୍କୁ କଂଗ୍ରେସ ଦଳର ପ୍ରାଥମିକ ସଦସ୍ୟ ପଦରୁ ବହିଷ୍କାର କରାଯାଇଛି। ଏନେଇ ଶନିବାର ବିଳମ୍ବିତ ରାତିରେ ପିସିସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଦଳ ବିରୋଧରେ ବାରମ୍ବାର ମନ୍ତବ୍ୟ ଦେବା ଏବଂ ଦଳୀୟ ପଦାଧିକାରୀଙ୍କୁ ନ୍ୟୂନ କରି କହିବା ପାଇଁ ତାଙ୍କୁ ବିଦା କରାଯାଇଥିବା ପିସିସି ଉପସଭାପତି ଅନନ୍ତ ସେଠୀ କହିଛନ୍ତି। କିଛିଦିନ ପୂର୍ବେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିସିସି ଶୃଙ୍ଖଳା କମିଟି ଅଧ୍ୟକ୍ଷ ହେମାନନ୍ଦ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ବୈଠକ ବସିଥିଲା। ଉକ୍ତ ବୈଠକରେ ଶ୍ରୀକାନ୍ତ ଏବଂ ସଗରିଆଙ୍କୁ ବହିଷ୍କାର କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପରେ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ପାଇଁ ଏଆଇସିସିକୁ ସୁପାରିସ କରାଯାଇଥିଲା। ସୂଚନା ଥାଉକି, କୁନ୍ଦୁଲି ପୀଡ଼ିତାଙ୍କୁ ନ୍ୟାୟ ମିଳି ନଥିବା ଦର୍ଶାଇ କୃଷ୍ଣ ସଗରିଆ ନିକଟରେ ବିଧାୟକ ପଦରୁ ଇସ୍ତଫା ଦେଇଥିଲେ। ସେହିପରି ଶ୍ରୀକାନ୍ତ ଜେନାଙ୍କୁ କଂଗ୍ରେସର ନିର୍ବାଚନ ଇସ୍ତାହାର କମିଟି ଅଧ୍ୟକ୍ଷ ପଦବୀରୁ ବାଦ୍ ଦିଆଯାଇଥିଲା।

# ମହିଳା କଂଗ୍ରେସ ପକ୍ଷରୁ ବିକ୍ଷୋଭ

**ଭଦ୍ରକ ଅଫିସ, ୧୯।୧**

## ୨ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ



ମହିଳା କଂଗ୍ରେସର ପ୍ରତିବାଦ ସଭା।

ଦାରିଙ୍ଗିବାଡ଼ିରେ ଅଷ୍ଟମ ଶ୍ରେଣୀ ଛାତ୍ରୀ ପ୍ରସବ କରିବା ଘଟଣା ଓଡ଼ିଶାକୁ ଜାତୀୟସ୍ତରରେ ଲଜ୍ଜିତ କରିଛି। ଏହି ଘଟଣାରେ ବର୍ତ୍ତମାନ ସୁଦ୍ଧା କାହାରିକୁ ଦୋଷୀ ସାବ୍ୟସ୍ତ କରି ମୁଖ୍ୟମନ୍ତ୍ରୀ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନାହାନ୍ତି। ଏପରିକି ପୀଡ଼ିତା ଛାତ୍ରୀଙ୍କ ପରିବାରକୁ ଏପର୍ଯ୍ୟନ୍ତ କେହି ନ ଭେଟିବା ଅତ୍ୟନ୍ତ ଦୁଃଖଦାୟକ ଘଟଣା। ଏଣୁ ସରକାର ଆଦିବାସୀ କଲ୍ୟାଣ ମନ୍ତ୍ରୀ ରମେଶ ମାଝି ଏବଂ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କୁ ନୈତିକତା ଦୃଷ୍ଟିରୁ ଦାୟୀ କରି ବହିଷ୍କାର କରିବା ସହ କର୍ତ୍ତବ୍ୟରେ ଅବହେଳା କରିଥିବା ୨ ବିଭାଗୀୟ ସଚିବ ଓ ଜିଲାପାଳଙ୍କୁ ତୁରନ୍ତ ନିଲମ୍ବନ କରିବାକୁ ମହିଳା କଂଗ୍ରେସ ଦାବି କରିଛି। ଶନିବାର ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଜିଲା ମହିଳା କଂଗ୍ରେସ ପକ୍ଷରୁ ବିକ୍ଷୋଭ ସମାବେଶରେ ଦଳର ବହୁ ନେତା ଓ ନେତ୍ରୀ ଏଭଳି ଦାବି କରିଛନ୍ତି। ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ସାମଲ ଓ ମାଝିଙ୍କ କୁଶପୁତ୍ତଳିକାକୁ ମହିଳା କର୍ମୀମାନେ ଦାହ କରିଥିଲେ।

ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଓ ପିସିସି ରାଜ୍ୟ ସଭାନେତ୍ରୀ ସୁମିତ୍ରା ଜେନାଙ୍କ ଆହ୍ୱାନରେ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ସବିତା ଚନ୍ଦଙ୍କ ପୌରୋହିତ୍ୟରେ ବିକ୍ଷୋଭ ସମାବେଶ ହୋଇଥିଲା। କଂଗ୍ରେସର ରାଜ୍ୟ ସାଧାରଣ ସମ୍ପାଦିକା ସୁଜାତା ଜେନା, ରୀନା ସ୍ୱାଇଁ, କନକଲତା ମଲ୍ଲିକ, ସମ୍ପାଦିକା ମଞ୍ଜୁ ନାୟକ, ନାରୀନେତ୍ରୀ ନିରୁପମା ରାଉତ, ମମତା ନାୟକ, ପ୍ରଭାତ ନଳିନୀ ପଣ୍ଡା ପ୍ରମୁଖ ବକ୍ତବ୍ୟରେ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ଏଥିସହ ରାଜ୍ୟରେ ମହିଳା ଓ ନାବାଳିକା କିଭଳି ଅସୁରକ୍ଷିତ ସେନେଇ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସଭାପତି ଅଶୋକ କୁମାର ଦାସ, ପିସିସି ରାଜ୍ୟ ଉପସଭାପତି ଅନନ୍ତ ପ୍ରସାଦ ସେଠୀ, ପୂର୍ବତନ ବିଧାୟକ ନରେନ ପଲେଇ, ପଞ୍ଚାନନ ମଣ୍ଡଳ, ପିସିସି ସମ୍ପାଦକ ଦେବରୂପ ମହାନ୍ତି, ସତ୍ୟାନନ୍ଦ ରାଉତ, ଶୁଭେନ୍ଦୁ ରାୟମହାପାତ୍ର, ଜିଲା କାର୍ଯ୍ୟକାରୀ ସଭାପତି ନଳିନୀ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ନିର୍ବାଚନ ମଣ୍ଡଳୀସ୍ତରୀୟ ନେତା ସୁବ୍ରତ ଦାସ, ମିଡିଆ ସଂଯୋଜକ ଅତିଶ ଦାସଙ୍କ ସମେତ ବହୁ ନାରୀନେତ୍ରୀ ଉପସ୍ଥିତ ଥିଲେ। ଶେଷରେ ଡେପୁଟି କଲେକ୍ଟର ଜୟଶ୍ରୀ ସେନାପତିଙ୍କ ଜରିଆରେ ଏକ ସ୍ମାରକପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା।

## ଉତ୍କଳ ଗ୍ରାମୀଣ ବ୍ୟାଙ୍କ

ଆଞ୍ଚଳିକ କାର୍ଯ୍ୟାଳୟ : ଖଜୁରଟିକ୍ରା, ବରଗଡ଼ (ଓଡିଶା)

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)
(ରୁଲ୍ - ୮ (୧))

**(ସ୍ଥାବର ସମ୍ପତ୍ତି ନିମନ୍ତେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୮)**

ନିମ୍ନ ସ୍ୱାକ୍ଷରକାରୀ **ଉତ୍କଳ ଗ୍ରାମୀଣ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ, ବରଗଡ଼**ର କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ରୁଲ୍ସ ୨୦୦୨ ଧାରା ୧୩ ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ରଣଗ୍ରହୀତା/ଜାମିନଦାରମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରି ନୋଟିସ ମାଧ୍ୟମରେ ନିମ୍ନଲିଖିତ ରଣରାଶି ସହିତ ସେବାବନ୍ଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ରଣଗ୍ରହୀତା ରଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ରଣଗ୍ରହୀତା / ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ ୮ ସହିତ କଥିତ ଆକ୍ଟର ଧାରା ୧୩(୪) ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ ଦଖଲ କରିଛନ୍ତି। ତେଣୁ ବିଶେଷକରି ରଣଗ୍ରହୀତା, ଜାମିନ୍‌ଦାର ଏବଂ ଜନସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ସୁଧ, ଦେୟ ଏବଂ ଆନୁସଙ୍ଗିକ ଖର୍ଚ୍ଚ ନିମନ୍ତେ **ଉତ୍କଳ ଗ୍ରାମୀଣ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ।

| କ୍ର. ନଂ. | ଶାଖାର ନାମ / ରଣଗ୍ରହୀତା / ଜାମିନଦାରମାନଙ୍କ ନାମ ଓ ଠିକଣା | ଦଖଲ ନିଆଯାଇଥିବା ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ନୋଟିସ୍ ତାରିଖ |
|---|---|---|---|---|
| ୧. | **ଲୁହୁରାଚଟି ଶାଖା** **ରଣଗ୍ରହୀତା : ଶ୍ରୀ ମୋହନଲାଲ ମେହେର,** ପିତା : ଶ୍ରୀ ଭାକଲୋ ମେହେର, ସା : ଲୁହୁରାଚଟି, ପୋ : ପାଣ୍ଡକିପାଲି, ଜିଲ୍ଲା : ବରଗଡ଼, ପିନ୍-୭୬୮୦୩୩ / **ଜାମିନଦାର : ଶ୍ରୀ ଭାକଲୋ ମେହେର,** ପିତା : ୰ଲୁଣ୍ଠୁ ମେହେର, ସା : ଲୁହୁରାଚଟି, ପୋ : ପାଣ୍ଡକିପାଲି, ଜିଲ୍ଲା : ବରଗଡ଼, ପିନ୍-୭୬୮୦୩୩ | **ଶ୍ରୀ ଭାକଲୋ ମେହେର**ଙ୍କ ନାମରେ ଥିବା ସମ୍ପତ୍ତି ଯାହାକି ମୌଜା : ପାଣ୍ଡକିପାଲି, ତହସିଲି : ସୋହେଲା, ଥାନା : ସୋହେଲା, ଜିଲ୍ଲା : ବରଗଡ଼, ଖାତା ନଂ.: ୨୫୯/୨୦୭, ପ୍ଲଟ ନଂ.: ୧୮୧୯/୩୩୬୭, କ୍ଷେତ୍ର : ଏକର୦.୧୦୦ଡିସିମିଲି, କିସମ : ଘରବାଡି | ଟ.୪,୦୬,୪୮୮/- (ଚାରି ଲକ୍ଷ ଛଅ ହଜାର ଚାରି ଶହ ଅଠାଅଶି ଟଙ୍କା ମାତ୍ର) ତା୧୬.୧୦.୨୦୧୮ରିଖ ସୁଦ୍ଧା + ସୁଧ ଓ ପରିବର୍ତ୍ତୀ ଅନ୍ୟାନ୍ୟ ଖର୍ଚ୍ଚ | ୧୬.୧୦.୨୦୧୮ / ୦୯.୦୧.୨୦୧୯ |
| ୨. | **କଉଡିଆମୁଣ୍ଡା** **ରଣଗ୍ରହୀତା : ଶ୍ରୀ ନରେନ୍ଦ୍ର ପଣ୍ଡା,** ପିତା : ଶ୍ରୀ କାର୍ତ୍ତିକ ପଣ୍ଡା, ସା : କଉଡିଆମୁଣ୍ଡା, ପୋ : ଶଙ୍କରା, ଜିଲ୍ଲା : ସୋନପୁର, ପିନ୍-୭୬୭୦୧୯ / **ଜାମିନଦାରମାନେ : (୧) ଶ୍ରୀ କାର୍ତ୍ତିକ ପଣ୍ଡା,** ପିତା : ୰ ଗିରିଧାରୀ ପଣ୍ଡା, **(୨) ଶ୍ରୀ ଗୌରାଙ୍ଗ ନାୟକ,** ପିତା : ୰ କୁଞ୍ଜବିହାରୀ ନାୟକ, ଉଭୟଙ୍କ ଠିକଣା ସା : କଉଡିଆମୁଣ୍ଡା, ପୋ : ଶଙ୍କରା, ଜିଲ୍ଲା : ସୋନପୁର, ପିନ୍-୭୬୭୦୧୯ | **ଶ୍ରୀ ନରେନ୍ଦ୍ର କୁମାର ପଣ୍ଡା,** ପିତା : ଶ୍ରୀ କାର୍ତ୍ତିକ ପଣ୍ଡାଙ୍କ ନାମରେ ଥିବା ସମ୍ପତ୍ତି ଯାହାକି ମୌଜା : କଉଡିଆମୁଣ୍ଡା, ଥାନା ନଂ. ୭୪, ଥାନା : ବିନିକା, ଜିଲ୍ଲା : ସୋନପୁର, ଖାତା ନଂ.: ୧୪୦, ପ୍ଲଟ ନଂ.: ୬୨୨, କ୍ଷେତ୍ର : ଏକର୦.୩୪୦ଡିସିମିଲି, କିସମ : ଘରବାଡି | ଟ.୩,୭୨,୦୮୬/- (ତିନି ଲକ୍ଷ ବାସ୍ତୋରୀ ହଜାର ଛୟାଅଶି ଟଙ୍କା ମାତ୍ର) ତା୦୬.୦୪.୨୦୧୮ରିଖ ସୁଦ୍ଧା + ସୁଧ ଓ ପରିବର୍ତ୍ତୀ ଅନ୍ୟାନ୍ୟ ଖର୍ଚ୍ଚ | ୦୬.୦୪.୨୦୧୮ / ୧୬.୦୧.୨୦୧୯ |
| ୩. | **ବୀରମହାରାଜପୁର** **ରଣଗ୍ରହୀତାମାନେ : (୧) ଶ୍ରୀ ରାଜେନ୍ଦ୍ର ମେହେର,** ପିତା : ଗଣପତି ମେହେର, **(୨) ଶ୍ରୀ ଗଣପତି ମେହେର,** ପିତା : ଚନ୍ଦ୍ରମଣୀ ମେହେର, ଉଭୟଙ୍କ ଠିକଣା ସା : ହନୁମାନପାଲି, ପୋ : କମଳପୁର, ଜିଲ୍ଲା : ସୁବର୍ଣ୍ଣପୁର, ପିନ୍-୭୬୭୦୧୮ / **ଜାମିନଦାର : ଶ୍ରୀ ରାମ ଶଙ୍କର ମେହେର,** ପିତା : ଗଣପତି ମେହେର, ସା/ପୋ : ହନୁମାନପାଲି, ପୋ : କମଳପୁର, ଜିଲ୍ଲା : ସୁବର୍ଣ୍ଣପୁର, ପିନ୍-୭୬୭୦୧୮ | **ଶ୍ରୀ ଗଣପତି ମେହେର**ଙ୍କ ନାମରେ ଥିବା ସମ୍ପତ୍ତି ଯାହାକି ମୌଜା : ଝାରୁକମୁଣ୍ଡା, ପୋ : ବୀରମହାରାଜପୁର, ଥାନା ନଂ.: ୧୪୩, ଜିଲ୍ଲା : ସୁବର୍ଣ୍ଣପୁର, ଖାତା ନଂ.: ୩୯୬/୧୫୯, ପ୍ଲଟ ନଂ.: ୪୨୦, କ୍ଷେତ୍ର : ଏକର୦.୦୪୫ଡିସିମିଲି, କିସମ : ଘରବାଡି | ଟ.୩,୯୬,୯୮୬/- (ତିନି ଲକ୍ଷ ଛୟାନବେ ହଜାର ନଅ ଶହ ଛୟାଅଶି ଟଙ୍କା ମାତ୍ର) ତା୧୪.୧୧.୨୦୧୭ରିଖ ସୁଦ୍ଧା + ସୁଧ ଓ ପରିବର୍ତ୍ତୀ ଅନ୍ୟାନ୍ୟ ଖର୍ଚ୍ଚ | ୧୪.୧୧.୨୦୧୭ / ୧୪.୦୧.୨୦୧୯ |
| ୪. | **ବୀରମହାରାଜପୁର** **ରଣଗ୍ରହୀତା : ଶ୍ରୀ ବିଦ୍ୟାଧର ମେହେର, ପିତା : ଘନଶ୍ୟାମ ମେହେର,** ସା : ଚମ୍ପାପୁର, ପୋ : ବୀରମହାରାଜପୁର, ଜିଲ୍ଲା : ସୁବର୍ଣ୍ଣପୁର, ପିନ୍-୭୬୭୦୧୮ / **ଜାମିନଦାର : ଶ୍ରୀ ଗୋବିନ୍ଦ ମେହେର,** ପିତା : ଯଦୁ ମେହେର, ସା : ଚମ୍ପାପୁର, ପୋ : ବୀରମହାରାଜପୁର, ଜିଲ୍ଲା : ସୁବର୍ଣ୍ଣପୁର, ପିନ୍-୭୬୭୦୧୮ | **ଶ୍ରୀ ବିଦ୍ୟାଧର ମେହେର**ଙ୍କ ନାମରେ ଥିବା ସମ୍ପତ୍ତି ଯାହାକି ମୌଜା : ଉଫୁଲା, ଥାନା : ବୀରମହାରାଜପୁର, ଥାନା ନଂ.: ୧୩୧, ଜିଲ୍ଲା : ସୁବର୍ଣ୍ଣପୁର, ଖାତା ନଂ.: ୪୧୧/୧୮୩, ପ୍ଲଟ ନଂ.: ୧୬୬୧, କ୍ଷେତ୍ର : ଏକର୦.୦୮୦ଡିସିମିଲି, କିସମ : ଘରବାଡି | ଟ.୬,୮୨,୫୯୭/- (ଛଅ ଲକ୍ଷ ବୟାଅଶି ହଜାର ପାଞ୍ଚ ଶହ ସତାନବେ ଟଙ୍କା ମାତ୍ର) ତା୧୪.୧୧.୨୦୧୭ରିଖ ସୁଦ୍ଧା + ସୁଧ ଓ ପରିବର୍ତ୍ତୀ ଅନ୍ୟାନ୍ୟ ଖର୍ଚ୍ଚ | ୧୪.୧୧.୨୦୧୭ / ୧୪.୦୧.୨୦୧୯ |
| ୫. | **ବୀରମହାରାଜପୁର** **ରଣଗ୍ରହୀତାମାନେ : (୧) ଶ୍ରୀ ହୀରାଲାଲ ସାହୁ,** ପିତା : ୰ କାଶିନାଥ ସାହୁ, **(୨) ଶ୍ରୀ କିଶୋର କୁମାର ସାହୁ,** ପିତା : ଶ୍ରୀ ହୀରାଲାଲ ସାହୁ, ଉଭୟଙ୍କ ଠିକଣା ସା: ରଣପାଲି, ପୋ : ବୀରମହାରାଜପୁର, ଜିଲ୍ଲା : ସୁବର୍ଣ୍ଣପୁର, ପିନ୍-୭୬୭୦୧୮ / **ଜାମିନଦାର : ଶ୍ରୀ ଦେବରାଜ ମେହେର,** ପିତା : ଚୂଡ଼ଙ୍ଗ ମେହେର, ସା : କେନ୍ଦୁପାଲି, ପୋ : ବୀରମହାରାଜପୁର, ଜିଲ୍ଲା : ସୁବର୍ଣ୍ଣପୁର, ପିନ୍-୭୬୭୦୧୮ | **ଶ୍ରୀ ହୀରାଲାଲ ସାହୁ**ଙ୍କ ନାମରେ ଥିବା ସମ୍ପତ୍ତି ଯାହାକି ମୌଜା : ରଣପାଲି, ଥାନା : ବୀରମହାରାଜପୁର, ଥାନା ନଂ.: ୧୩୦, ଜିଲ୍ଲା : ସୁବର୍ଣ୍ଣପୁର, ଖାତା ନଂ.: ୧୨୮/୧୨୮, ପ୍ଲଟ ନଂ.: ୧୭୨/୪୧୪, କ୍ଷେତ୍ର : ଏକର୦.୩୪୦ଡିସିମିଲି, କିସମ : ଘରବାଡି | ଟ.୮,୦୦,୫୬୮/- (ଆଠ ଲକ୍ଷ ପାଞ୍ଚ ଶହ ଅଠଷଠି ଟଙ୍କା ମାତ୍ର) ତା୧୪.୧୧.୨୦୧୭ରିଖ ସୁଦ୍ଧା + ସୁଧ ଓ ପରିବର୍ତ୍ତୀ ଅନ୍ୟାନ୍ୟ ଖର୍ଚ୍ଚ | ୧୪.୧୧.୨୦୧୭ / ୧୪.୦୧.୨୦୧୯ |
| ୬. | **ବୀରମହାରାଜପୁର** **ରଣଗ୍ରହୀତା : ମେସର୍ସ ମେହେର ସୁଇଟ୍ସ ଆଣ୍ଡ ସ୍ନାକ୍ସ, ସ୍ୱତ୍ତ୍ୱାଧିକାରୀ : ଶ୍ରୀ ପ୍ରଦୀପ କୁମାର ମେହେର,** ପିତା : ଶ୍ରୀ ଅନନ୍ତରାମ ମେହେର, ସା/ପୋ : ବୀରମହାରଜପୁର, ଜିଲ୍ଲା : ସୋନପୁର, ପିନ୍-୭୬୭୦୧୮ / **ଜାମିନଦାର : ଅନନ୍ତରାମ ମେହେର,** ପିତା : ୰ ଶ୍ରୀ ଦୟାସାଗର ମେହେର, ସା/ପୋ : ବୀରମହାରାଜପୁର, ଜିଲ୍ଲା : ସୋନପୁର, ପିନ୍-୭୬୭୦୧୮ | **ଶ୍ରୀ ଅନନ୍ତରାମ ମେହେର,** ପିତା : ୰ ଦୟାସାଗର ମେହେରଙ୍କ ନାମରେ ଥିବା ସମ୍ପତ୍ତି ଯାହାକି ମୌଜା : ଉଫୁଲା, ତହସିଲି : ବୀରମହାରାଜପୁର, ଥାନା : ବୀରମହାରାଜପୁର, ଜିଲ୍ଲା : ସୁବର୍ଣ୍ଣପୁର, ଖାତା ନଂ.: ୧୫, ପ୍ଲଟ ନଂ.: ୧୬୫୪, କ୍ଷେତ୍ର : ଏକର୦.୦୭୫ଡିସିମିଲି, କିସମ : ଘରବାଡି | ଟ.୨,୧୯,୬୨୪/- (ଦୁଇ ଲକ୍ଷ ଉଣେଇଶି ହଜାର ଛଅ ଶହ ଚବିଶି ଟଙ୍କା ମାତ୍ର) ତା୩୧.୧୨.୨୦୧୬ରିଖ ସୁଦ୍ଧା + ସୁଧ ଓ ପରିବର୍ତ୍ତୀ ଅନ୍ୟାନ୍ୟ ଖର୍ଚ୍ଚ | ୨୬.୧୨.୨୦୧୬ / ୧୪.୦୧.୨୦୧୯ |
| ୭. | **ବୀରମହାରାଜପୁର** **ରଣଗ୍ରହୀତା : ମେସର୍ସ ଜି.ଏସ୍. ଅଟୋ, ସ୍ୱତ୍ତ୍ୱାଧିକାରୀ : ଶ୍ରୀ ଅନନ୍ତରାମ ଗୁରୁ,** ପିତା : ୰ ଦୁତିଆ ଗୁରୁ, ସା/ପୋ : ବୀରମହାରଜପୁର, ଜିଲ୍ଲା : ସୋନପୁର, ପିନ୍-୭୬୭୦୧୮ / **ଜାମିନଦାରମାନେ : (୧) ଶ୍ରୀମତୀ ଅନିତା ଗୁରୁ, ସ୍ୱାମୀ : ଅନନ୍ତରାମ ଗୁରୁ,** ସା/ପୋ : ବୀରମହାରଜପୁର, ଜିଲ୍ଲା : ସୋନପୁର, ପିନ୍-୭୬୭୦୧୮, **(୨) ଶ୍ରୀ ପଦ୍ମଲୋଚନ ମିଶ୍ର,** ପିତା : ଶ୍ରୀ ବିରଞ୍ଚି ପ୍ରସାଦ ମିଶ୍ର, ସା : ଭଜବଳପୁର, ପୋ : ଧର୍ମଶାଳା, ଜିଲ୍ଲା : ସୋନପୁର, ପିନ୍-୭୬୭୦୧୮ | **ଶ୍ରୀମତୀ ଅନିତା ଗୁରୁ,** ସ୍ୱାମୀ : ଅନନ୍ତରାମ ଗୁରୁଙ୍କ ନାମରେ ଥିବା ସମ୍ପତ୍ତି ଯାହାକି ମୌଜା : ଉଫୁଲା, ତହସିଲି : ବୀରରାମଚନ୍ଦ୍ରପୁର, ଥାନା : ବୀରମହାରାଜପୁର, ଜିଲ୍ଲା : ସୋନପୁର, ଖାତା ନଂ.: ୪୧୧/୧୬୩, ପ୍ଲଟ ନଂ.: ୧୯୨/୧୯୩୯, କ୍ଷେତ୍ର : ଏକର୦.୧୦୦ଡିସିମିଲି, କିସମ : ଘରବାଡି | ଟ.୫,୭୨,୮୪୧/- (ପାଞ୍ଚ ଲକ୍ଷ ବାସ୍ତୋରୀ ହଜାର ଆଠ ଶହ ଏକଚାଳିଶି ଟଙ୍କା ମାତ୍ର) ତା୨୮.୦୨.୨୦୧୭ରିଖ ସୁଦ୍ଧା + ସୁଧ ଓ ପରିବର୍ତ୍ତୀ ଅନ୍ୟାନ୍ୟ ଖର୍ଚ୍ଚ | ୨୮.୦୨.୨୦୧୭ / ୧୪.୦୧.୨୦୧୯ |
| ୮. | **ବୀରମହାରାଜପୁର** **ରଣଗ୍ରହୀତା : ଶ୍ରୀ ରଞ୍ଜିତ୍ କୁମାର ରଥ,** ପିତା : ଶ୍ରୀ କଳାକାର ରଥ, (୨) ଶ୍ରୀମତୀ ବିଶ୍ୱଭାରତୀ ରଥ, ସ୍ୱାମୀ : ଶ୍ରୀ ରଞ୍ଜିତ୍ କୁମାର ରଥ, ସା : ନୂଆଗଡ, ପୋ : ବାଗ୍‌ବର, ଜିଲ୍ଲା : ସୁବର୍ଣ୍ଣପୁର, ପିନ୍-୭୬୭୦୧୮ / **ଜାମିନଦାରମାନେ : ଶ୍ରୀ ସଞ୍ଜିବ କୁମାର ଦୈହୁରୀ,** ପିତା : ଶ୍ରୀ ସୁରେଶ ପ୍ରସାଦ ଦୈହୁରୀ, ସା : ବାଗ୍‌ବର, ପୋ : ବାଗ୍‌ବର, ଜିଲ୍ଲା : ସୁବର୍ଣ୍ଣପୁର, ପିନ୍-୭୬୭୦୧୮ | **ଶ୍ରୀ ରଞ୍ଜିତ୍ କୁମାର ରଥ,** ପିତା : ଶ୍ରୀ କଳାକାର ରଥଙ୍କ ନାମରେ ଥିବା ସମ୍ପତ୍ତି ଯାହାକି ମୌଜା : ଚମ୍ପାମାଳ, ତହସିଲି : ବୀରମହାରାଜପୁର, ଥାନା : ବୀରମହାରାଜପୁର, ଜିଲ୍ଲା : ସୁବର୍ଣ୍ଣପୁର, ଖାତା ନଂ.: ୫୪୪/୨୯୨, ପ୍ଲଟ ନଂ.: ୨୩୧/୨୭୮୨, କ୍ଷେତ୍ର : ଏକର୦.୦୮୩ ଡିସିମିଲି, କିସମ : ଘରବାଡି | ଟ.୧୬,୭୩,୮୯୬/- (ଶୋଳ ଲକ୍ଷ ତେସ୍ତୋରୀ ହଜାର ଆଠ ଶହ ଛୟାନବେ ଟଙ୍କା ମାତ୍ର) ତା୧୬.୧୦.୨୦୧୮ରିଖ ସୁଦ୍ଧା + ସୁଧ ଓ ପରିବର୍ତ୍ତୀ ଅନ୍ୟାନ୍ୟ ଖର୍ଚ୍ଚ | ୧୬.୧୦.୨୦୧୮ / ୧୯.୦୧.୨୦୧୯ |
| ୯. | **ଡାଙ୍ଗ ଶାଖା** **ରଣଗ୍ରହୀତାମାନେ : (୧) ଶ୍ରୀମତୀ ସୁରେଶ୍ୱରୀ ଦେବତା,** ସ୍ୱାମୀ : କମଳ ଲୋଚନ ଦେବତା, **(୨) ଶ୍ରୀ ଜିତୁ ଦେବତା,** ପିତା : କମଳ ଲୋଚନ ଦେବତା, ଉଭୟଙ୍କ ଠିକଣା ସା : ଶିବାନନ୍ଦ ନଗର, ୱାର୍ଡ ନଂ. ୧୦, ପୋ/ଜିଲ୍ଲା : ବରଗଡ଼, ପିନ୍-୭୬୮୦୨୮ / **ଜାମିନଦାର : ଶ୍ରୀ କମଳ ଲୋଚନ ଦେବତା,** ପିତା : ସୁଗ୍ରୀବ ଦେବତା, ସା : ଶିବାନନ୍ଦ ନଗର, ୱାର୍ଡ ନଂ. ୧୦, ପୋ/ଜିଲ୍ଲା : ବରଗଡ଼, ପିନ୍-୭୬୮୦୨୮ | **ଶ୍ରୀମତୀ ସୁରେଶ୍ୱରୀ ଦେବତା**ଙ୍କ ନାମରେ ଥିବା ସମ୍ପତ୍ତି ଯାହାକି ମୌଜା : ବରଗଡ଼, ଥାନା ନଂ.: ୩୩, ଥାନା : ବରଗଡ଼, ଜିଲ୍ଲା : ବରଗଡ଼, ଖାତା ନଂ.: ୨୫୪୨/୭୧୭, ପ୍ଲଟ ନଂ.: ୩୬୭୫/୯୮୭୫, କ୍ଷେତ୍ର : ଏକର୦.୦୭୦ଡିସିମିଲି, କିସମ : ଘରବାଡି | ଟ.୮,୫୩,୪୪୪/- (ଆଠ ଲକ୍ଷ ତେପନ ହଜାର ଚାରି ଶହ ଚଉରାଳିଶ୍ ଟଙ୍କା ମାତ୍ର) ତା୧୪.୧୧.୨୦୧୭ରିଖ ସୁଦ୍ଧା + ସୁଧ ଓ ପରିବର୍ତ୍ତୀ ଅନ୍ୟାନ୍ୟ ଖର୍ଚ୍ଚ | ୦୫.୦୯.୨୦୧୮ / ୧୭.୦୧.୨୦୧୯ |
| ୧୦. | **ଥୁଆପାଲି ଶାଖା** **ରଣଗ୍ରହୀତା : ଶ୍ରୀ ଭଗବାନ ମହାକୁଡ,** ପିତା : ଶ୍ରୀ ରଘୁ ମହାକୁଡ, ସା/ପୋ : ପପଙ୍ଗା, ଜିଲ୍ଲା : ବରଗଡ଼, ପିନ୍-୭୬୮୧୦୩ / **ଜାମିନଦାରମାନେ : (୧) ଶ୍ରୀ ଧର୍ମରାଜ ହୋତା,** ପିତା : ଶ୍ରୀ ବୈଦନାଥ ହୋତା, **(୨) ଶ୍ରୀ ପଙ୍କଜ ପାଣ୍ଡେ,** ପିତା : ଶ୍ରୀ ବିହାରୀ ପାଣ୍ଡେ, **(୩) ଶ୍ରୀ ବୃଷଭ ମହାକୁଡ,** ପିତା : ଦୈତାରୀ ମହାକୁଡ, **(୪) ଶ୍ରୀ ଗୋପାଳ ଦନ୍ତ,** ପିତା : ଶ୍ରୀ ଅଗ୍ନି ଦନ୍ତ, ସମସ୍ତଙ୍କ ଠିକଣା : ସା/ପୋ : ପପଙ୍ଗା, ଜିଲ୍ଲା : ବରଗଡ଼ | **ଶ୍ରୀ ଭଗବାନ ମହାକୁଡ,** ପିତା : ଶ୍ରୀ ରଘୁ ମହାକୁଡଙ୍କ ନାମରେ ଥିବା ସମ୍ପତ୍ତି ଯାହାକି ମୌଜା : ପପଙ୍ଗା, ତହସିଲି : ଭେଡେନ, ଜିଲ୍ଲା : ବରଗଡ଼, ଖାତା ନଂ.: ୧୧୫, ପ୍ଲଟ ନଂ.: ୯୬୧, କ୍ଷେତ୍ର : ଏକର୦.୦୯୦ ଡିସିମିଲି, କିସମ : ଘରବାଡି | ଟ.୫,୨୬,୯୦୯/- (ପାଞ୍ଚ ଲକ୍ଷ ଛବିଷି ହଜାର ନଅ ଶହ ନଅ ଟଙ୍କା ମାତ୍ର) ତା୨୫.୦୯.୨୦୧୮ରିଖ ସୁଦ୍ଧା + ସୁଧ ଓ ପରିବର୍ତ୍ତୀ ଅନ୍ୟାନ୍ୟ ଖର୍ଚ୍ଚ | ୨୮.୦୯.୨୦୧୮ / ୧୮.୦୧.୨୦୧୯ |
| ୧୧. | **ଥୁଆପାଲି ଶାଖା** **ରଣଗ୍ରହୀତା : ଶ୍ରୀ ପ୍ରେମଦୀପ ମେହେର,** ପିତା : ଅଗ୍ନି କୁମାର ମେହେର, ସା : ରୂପାପାଲି, ପୋ : ଲୁପୁରସିଂହା, ଜିଲ୍ଲା : ବରଗଡ, ପିନ୍-୭୬୮୧୦୩ / **ଜାମିନଦାରମାନେ : (୧) ଶ୍ରୀ ଅଗ୍ନି ମେହେର,** ପିତା : ମଧୁ ମେହେର, **(୨) ଶ୍ରୀ ହେମନ୍ତ ମେହେର,** ପିତା : ଜୟମିତ୍ର ମେହେର, ଉଭୟଙ୍କ ଠିକଣା ସା : ରୂପାପାଲି, ପୋ : ଲୁପୁରସିଂହା, ଜିଲ୍ଲା : ବରଗଡ଼, ପିନ୍-୭୬୮୧୦୩ | **ଶ୍ରୀ ଅଗ୍ନି କୁମାର ମେହେର,** ପିତା : ମଧୁ ମେହେରଙ୍କ ନାମରେ ଥିବା ସମ୍ପତ୍ତି ଯାହାକି ମୌଜା : ରୂପାପାଲି, ତହସିଲି : ଭେଡେନ, ଥାନା : ଭେଡେନ, ଜିଲ୍ଲା : ବରଗଡ଼, ଖାତା ନଂ.: ୧, ପ୍ଲଟ ନଂ.: ୩୦୩, ୮୪୦, କ୍ଷେତ୍ର : ଏକର୦.୯୬୦ ଡିସିମିଲି, କିସମ : ଘରବାଡି | ଟ.୪,୨୫,୭୭୭/- (ଚାରି ଲକ୍ଷ ପଚିଶି ହଜାର ସାତ ଶହ ସତସ୍ତୋରୀ ମାତ୍ର) ତା୨୪.୦୯.୨୦୧୮ରିଖ ସୁଦ୍ଧା + ସୁଧ ଓ ପରିବର୍ତ୍ତୀ ଅନ୍ୟାନ୍ୟ ଖର୍ଚ୍ଚ | ୨୮.୦୯.୨୦୧୮ / ୧୮.୦୧.୨୦୧୯ |

ତାରିଖ : ୧୯.୦୧.୨୦୧୯, ସ୍ଥାନ : ବରଗଡ଼

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଉତ୍କଳ ଗ୍ରାମୀଣ ବ୍ୟାଙ୍କ







See Career Appointment on every Wednesday & Saturday

ପ୍ରଥମେ ନିଜର ପ୍ରକୃତିକୁ ଭଲ ଭାବରେ ଜାଣିରଖ। ତା'ପରେ ନିଜର ଚିନ୍ତା, ଅନୁଭୂତି, କ୍ରିୟାକର୍ମ ଓ କଥାବାର୍ତ୍ତା ଉପରେ କର୍ତ୍ତୃତ୍ୱ ରଖ। ତା'ଫଳରେ ତୁମ ପ୍ରକୃତି ଉପରେ ତୁମର ପ୍ରଭୁତ୍ୱ ଆସିବ ଏବଂ ତା'ର ରୂପାନ୍ତର ସମ୍ଭବ ହେବ। -ଶ୍ରୀମା



# ଡ୍ୟାନ୍ସ ବାର୍ ସଂସ୍କୃତି



ଆକାର ପଟେଲ

ଡ୍ୟାନ୍ସ ବାର୍ ସଂସ୍କୃତି ମୁମ୍ବାଇରୁ, ବିଶେଷତଃ କେନ୍ଦ୍ରୀୟ ମୁମ୍ବାଇ ଅଞ୍ଚଳରୁ ଆରମ୍ଭ ହୋଇଥିଲା। ଏହି ପରମ୍ପରା ସହ ସମ୍ଭବତଃ ଲାୱଣୀର ସମ୍ପର୍କ ଅଛି। ଢୋଲକୀ ବାଜାର ତାଳେ ତାଳେ ନାଚ-ଗୀତକୁ ଲାୱଣୀ କହନ୍ତି, ଯାହା ହେଉଛି ମହାରାଷ୍ଟ୍ରର ଏକ ପ୍ରାଚୀନ ଲୋକନୃତ୍ୟ। ପୁରୁଷମାନଙ୍କର ଛୋଟ ଛୋଟ ଦଳ ଏବଂ ବେଳେବେଳେ ସେମାନଙ୍କ ପରିବାର ଟେବୁଲରେ ବସି ଏକ ଖୋଲାସ୍ଥାନ ଆଡ଼କୁ ଚାହିଁଥାନ୍ତି, ଯେଉଁଠି ଅଧ ଡଜନ ମହିଳା ହିନ୍ଦୀ ଗୀତର ତାଳେ ତାଳେ ନୃତ୍ୟ କରୁଥାନ୍ତି। ନୃତ୍ୟାଙ୍ଗନାମାନେ ସମ୍ପୂର୍ଣ୍ଣ ଦେହକୁ ଆବୃତ କଲାଭଳି ବସ୍ତ୍ର ପିନ୍ଧିଥାନ୍ତି। ପରିଚାରିକାମାନେ ଦର୍ଶକମାନଙ୍କ ଟେବୁଲ ଉପରେ ମଦ ପରଷନ୍ତି। ଏଠାରେ ଏପରି କି ମୃଦୁ ପାନୀୟ ପାଇଁ ମଧ୍ୟ ବିୟର ଭଳି ମୂଲ୍ୟ ନିଆଯାଏ। କିଛି ପୁରୁଷ ଟେବୁଲ ଛାଡ଼ି ଖୋଲା ସ୍ଥାନ ଆଡ଼କୁ ଯାଆନ୍ତି ଓ ନୃତ୍ୟାଙ୍ଗନାମାନଙ୍କ ଉପରକୁ ଟଙ୍କା ବୃଷ୍ଟି କରନ୍ତି। କିନ୍ତୁ ସେମାନେ ମହିଳାମାନଙ୍କୁ ଛୁଇଁବା ମନା। ଯଦି କେହି କିଛି ବିଶୃଙ୍ଖଳା ସୃଷ୍ଟି କରନ୍ତି, ସେମାନଙ୍କୁ ନିୟନ୍ତ୍ରଣ କରିବା ଏବଂ ଦରକାର ହେଲେ ସେଠାରୁ ହଟାଇବା ପାଇଁ କିଛି ଲୋକ ନିଯୁକ୍ତ ହୋଇଥାନ୍ତି। ଯେଉଁ ଟଙ୍କା ବୃଷ୍ଟି ହୁଏ, ତାକୁ ପରସ୍ପର ଭିତରେ ବାଣ୍ଟି ନେବା ପାଇଁ କିଛି ଗୋଟାଏ ସରଳ ବ୍ୟବସ୍ଥା ଥିବ, ଯାହା ମୋତେ ଜଣାନାହିଁ। ସମ୍ପୃକ୍ତ ନୃତ୍ୟାଙ୍ଗନାମାନେ ସେହି ଟଙ୍କା ଗୋଟାନ୍ତି ନାହିଁ, ତାକୁ ଅନ୍ୟ ଜଣେ ଗୋଟାନ୍ତି। ଡ୍ୟାନ୍ସ ବାର୍‌ଗୁଡ଼ିକରେ ନୃତ୍ୟ ପାଇଁ ଅନେକ ସ୍ଥାନ ଥାଏ ଏବଂ ଉପର ମହଲାଗୁଡ଼ିକ ଦାମୀ ଗ୍ରାହକଙ୍କ ପାଇଁ ସଂରକ୍ଷିତ ଥାଏ, ଯେଉଁମାନେ ଏକାନ୍ତତା ପାଇଁ ଅଧିକ ଟଙ୍କା ଦେବାକୁ ପ୍ରସ୍ତୁତ ଥାନ୍ତି। କିଛି ଗୀତ ଓ ନାଚ ସରିବା ପରେ ନୃତ୍ୟାଙ୍ଗନାମାନେ ସେ ସ୍ଥାନରୁ ଅନ୍ୟ ସ୍ଥାନକୁ ଚାଲିଯାନ୍ତି, ଯଦି ନିର୍ଦ୍ଦିଷ୍ଟ କୌଣସି ଜଣଙ୍କୁ ଅଧିକ ଟଙ୍କା ଦେଇ କେହି ସେଠି ରହିବାକୁ ଅନୁରୋଧ ନ କରନ୍ତି।

ବହୁବର୍ଷ ତଳେ କୌତୂହଳବଶତଃ ମୁଁ ଗୋଟିଏ ଡ୍ୟାନ୍ସ ବାର୍‌କୁ ଯାଇଥିଲି। ସେତେବେଳେ ମୁମ୍ବାଇରେ ମୁଁ ଏକ ଖବରକାଗଜର ସମ୍ପାଦନା ଦାୟିତ୍ୱରେ ଥାଏ। ସେଠି ମୋର ଅନୁଭୂତି ଅପ୍ରୀତିକର ବା ନିରାନନ୍ଦମୟ ନ ଥିଲା। ଥାଇଲାଣ୍ଡ ଓ ଜାପାନ ପରି ବିଶ୍ୱର ଅନ୍ୟ ସ୍ଥାନରେ ବି ଅନୁରୂପ ଡ୍ୟାନ୍ସ ବାର୍ ରହିଛି। କିନ୍ତୁ ସେଗୁଡ଼ିକ ସେସବୁ ଦେଶର ସରକାରଙ୍କ ଆକ୍ରୋଶର ଶିକାର ହୋଇ ନାହାନ୍ତି, ଯେପରି ଭାରତରେ ଘଟୁଛି। ୧୫ ବର୍ଷ ତଳେ ମୁମ୍ବାଇରେ ବିଳାସରାଓ ଦେଶମୁଖଙ୍କ କଂଗ୍ରେସ ସରକାର ଅମଳରେ ଡ୍ୟାନ୍ସ ବାର୍‌ଗୁଡ଼ିକୁ ନିଷିଦ୍ଧ କରାଯାଇଥିଲା। ଏହା ସ୍ୱରାଷ୍ଟ୍ରମନ୍ତ୍ରୀ ଆର୍.ଆର୍. ପାଟିଲଙ୍କ ସମୟରେ ହୋଇଥିଲା, ଯିଏ ମଫସଲ ଅଞ୍ଚଳରୁ ଆସିଥିଲେ ଏବଂ ବଡ଼ ସହରର ଏସବୁ କାରବାର ତାଙ୍କୁ ଭଲ ଲାଗୁ ନ ଥିଲା। ତାଙ୍କର ଅଭିଯୋଗ ଥିଲା ଯେ ମହିଳାମାନେ ରାତିରେ କାମ କରୁଛନ୍ତି ଏବଂ ସେମାନଙ୍କ ନିରାପତ୍ତା ପାଇଁ ସେ ଏହି ପଦକ୍ଷେପ ନେଇଛନ୍ତି ବୋଲି ଦାବି କରିଥିଲେ। ବାର୍ ନର୍ତ୍ତକୀମାନେ ଏହାର ପ୍ରତିବାଦ କରିଥିଲେ ମଧ୍ୟ ସେ ଶୁଣି ନ ଥିଲେ। ଏହାପରେ ଡ୍ୟାନ୍ସ ବାର୍‌ଗୁଡ଼ିକ ଅଣ୍ଡରଗ୍ରାଉଣ୍ଡ ହୋଇଗଲା (ଲୁଚାଛପାରେ ଚାଲିଲା) କିନ୍ତୁ କେନ୍ଦ୍ରୀୟ ମୁମ୍ବାଇର ପ୍ରସିଦ୍ଧ ଡ୍ୟାନ୍ସ ବାର୍‌ଗୁଡ଼ିକ ବନ୍ଦ ହୋଇଗଲା କିମ୍ବା ସେମାନଙ୍କ କାର୍ଯ୍ୟଧାରା ବଦଳିଗଲା। କାରଣ ସେହି ସଂସ୍ଥାଗୁଡ଼ିକ ଆଇନଗତ ଭାବେ ଚାଲୁଥିଲା। ଏହି ନିଷେଧାଦେଶ ଯୋଗୁ ନିର୍ବାଚନ କ୍ଷେତ୍ର ଉପରେ ବିଶେଷ ପ୍ରଭାବ ପଡ଼ିଲା ନାହିଁ କିମ୍ବା ଜନସାଧାରଣଙ୍କର ମଧ୍ୟ ସେମାନଙ୍କ ପ୍ରତି ବିଶେଷ ସମବେଦନା ଦେଖାଗଲା ନାହିଁ। ତେଣୁ ରାଜନୈତିକ ଦଳଗୁଡ଼ିକ ନିଷେଧାଦେଶକୁ ବଳବତ୍ତର ରଖିବାକୁ ଚାହିଁଲେ।

ନିକଟରେ ସୁପ୍ରିମ୍‌କୋର୍ଟ ଏହି ନିଷେଧାଦେଶକୁ ବେଆଇନ ଘୋଷଣା କରିଛନ୍ତି। ସରକାର ଏହାକୁ ନିୟନ୍ତ୍ରଣ କରିପାରିବେ, ମାତ୍ର ବନ୍ଦ କରିପାରିବେ ନାହିଁ ବୋଲି କୋର୍ଟ କହିଛନ୍ତି। ବିଚାରପତିମାନେ କହିଛନ୍ତି ଯେ, ସାମାଜିକ ମାନଦଣ୍ଡ ଅନୁସାରେ ଯେଉଁ ପରମ୍ପରା ଅନୈତିକ ନୁହେଁ, ତାକୁ ସରକାର ନୈତିକତାର ନିଜସ୍ୱ ଅବବୋଧ ଅନୁସାରେ ଅନୈତିକ ବୋଲି କହିପାରିବେ ନାହିଁ। ଏକ ସମାଜରେ ନୈତିକତାର ମାନଦଣ୍ଡ ସମୟକ୍ରମେ ବଦଳିପାରେ। କୋର୍ଟ କହିଲେ ଯେ, ଡ୍ୟାନ୍ସ ବାର୍‌ରେ ମଦ ନିଷେଧ କରିବା ସମ୍ପୂର୍ଣ୍ଣ ଅସଙ୍ଗତ, ଅଯୌକ୍ତିକ ଓ ମନମୁଖି। ଲାଇସେନ୍ସ ଦେବା ପାଇଁ 'ଭଲ ଚରିତ୍ର'କୁ ଯେଉଁ ମାନଦଣ୍ଡ ଭାବେ ରଖାଯାଇଛି, ତାହା ଅସ୍ପଷ୍ଟ। ପୁଣି କୋର୍ଟ କହିଲେ ଯେ, ଏସବୁ ସ୍ଥାନରେ ସିସିଟିଭି ଲଗାଇବା ପାଇଁ ସରକାର ବାଧ୍ୟ କରିବା ମଧ୍ୟ ଠିକ୍ ନୁହେଁ, କାରଣ ଏହା ବ୍ୟକ୍ତିଗତ ଗୋପନୀୟତା ଅଧିକାରକୁ ଉଲ୍ଲଂଘନ କରୁଛି। ନୃତ୍ୟାଙ୍ଗନାଙ୍କ ଉପରେ ମୁଦ୍ରା ବା ନୋଟ୍ ବୃଷ୍ଟି କରିବାକୁ ସରକାର ଯାହା ନିଷିଦ୍ଧ କରିଛନ୍ତି, ତାହା ଠିକ୍ କାରଣ ଏହାକୁ ନେଇ ଅବାଞ୍ଛିତ ଘଟଣା ଘଟିପାରେ। କିନ୍ତୁ ବ୍ୟକ୍ତିଗତଭାବେ ନୃତ୍ୟାଙ୍ଗନାମାନଙ୍କ ହାତରେ ନେଇ ଟଙ୍କା ଦେବାରେ କୌଣସି ଅସଙ୍ଗତି ନାହିଁ। ତେବେ କୋର୍ଟଙ୍କ ଏହି ମତକୁ ନେଇ ମୁଁ ଆଶ୍ଚର୍ଯ୍ୟ ହେଲି କାରଣ କାହାରି ପ୍ରଦର୍ଶନ ଉପରେ ଖୁସି ହୋଇ ଟଙ୍କା ବୃଷ୍ଟି କରିବା ଭାରତୀୟ ପରମ୍ପରାରେ ଅଛି। ଏପରି କି ବାହାଘର ବେଳେ ବି ଟଙ୍କା ବୃଷ୍ଟି କରାଯାଏ।

ମୋଟ ଉପରେ କୋର୍ଟଙ୍କ ରାୟ ଖୁବ୍ ଉଦାର ଥିଲା। ଏବେ ଏହି ରାୟ ପରେ ମୁମ୍ବାଇରେ କ'ଣ ଘଟୁଛି, ତାହା ଦେଖିବାକୁ ବାକି ରହିଲା। ନର୍ତ୍ତକୀମାନଙ୍କୁ ମାସିକ ଦରମା ଦେବା କଥାକୁ କୋର୍ଟ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି କାରଣ ଏହାଦ୍ୱାରା ସମ୍ପୃକ୍ତ ମହିଳାମାନେ ନିର୍ଦ୍ଦିଷ୍ଟ ଡ୍ୟାନ୍ସ ବାର୍ ଛଡ଼ା ଅନ୍ୟତ୍ର କାମ କରିବାର ସ୍ୱାଧୀନତା ହରାଇବେ। ଆମ ମଧ୍ୟରୁ ଅନେକେ ଡ୍ୟାନ୍ସ ବାର୍ ରହୁ ବୋଲି ଚାହାନ୍ତି ନାହିଁ, କାରଣ ସେମାନଙ୍କ ବିଚାରରେ ଏହା ସମାଜ ଉପରେ ଖରାପ ପ୍ରଭାବ ପକାଇବ। ଏହାଦ୍ୱାରା ମହିଳାମାନଙ୍କୁ ଶୋଷଣ କରାଯାଉଛି ବୋଲି ଅନେକେ ମନେ କରନ୍ତି। କିନ୍ତୁ ଆମେ କେହି ଏ ସମ୍ପର୍କରେ ସମ୍ପୃକ୍ତା ମହିଳାଙ୍କ ମତାମତ ଜାଣିବାକୁ ଚେଷ୍ଟା କରି ନ ଥାଉ। ଆମେ ଅନେକେ ଭାବୁ ମହିଳାମାନେ ଘରେ ରହି ଘରକାମ କରିବା ଉଚିତ, ବାହାରେ ଯାଇ କାମ କରିବା ଉଚିତ ନୁହେଁ, ଡ୍ୟାନ୍ସ ବାର୍ କଥା ଦୂରେ ଥାଉ। ତେଣୁ ସୁପ୍ରିମ୍‌କୋର୍ଟଙ୍କ ରାୟ ଅନେକଙ୍କୁ ଖରାପ ଲାଗିଲେ ବି କୋର୍ଟ ଯାହା କହିଛନ୍ତି, ମୋ ମତରେ ତାହା ଯଥାର୍ଥ।

Email: aakar.patel@gmail.com

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | D | | 4 | | | | 6 | | 8 |
| | | 1 | 8 | | | | | E | 3 | | 0 | | 5 | 4 |
| 5 | | 3 | | | 4 | 0 | B | | A | 9 | C | | | 1 |
| 0 | | | | | | 6 | | | | | | | | 7 |
| | | 7 | | | | A | 3 | | | 8 | D | | B | |
| | | | | | | | | 3 | | 2 | 8 | | | |
| 2 | D | | 5 | 4 | E | | | | | C | | | 0 | |
| | | | | | | 1 | C | 5 | | A | | | 6 | B |
| E | | | | | 0 | | | | 8 | | | C | | |
| | | C | 3 | | | | | 9 | 1 | | | E | | |
| | | | 6 | B | | 8 | A | | 7 | 5 | | D | | |
| | | | | 8 | | | | | | 1 | | | 4 | 3 |
| | | | 0 | | | 9 | | | 6 | | A | | | |
| | 2 | | | 1 | | E | | | D | | 8 | | A | |
| | | | | 9 | | | 1 | | | | | | E | 0 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | E | 3 | 9 | 0 | 5 | D | 7 | C | 6 | 8 | 4 | 2 | 1 | B |
| 4 | 7 | 9 | C | E | 6 | 2 | 3 | 8 | 1 | 0 | B | A | 5 | D |
| B | C | 8 | 1 | D | 2 | 4 | A | 9 | 5 | 3 | 7 | 6 | E | 0 |
| D | 5 | 2 | B | 7 | 4 | 0 | 6 | 1 | A | E | C | 8 | 3 | 9 |
| 1 | 0 | 6 | 8 | 3 | A | E | 5 | B | 9 | D | 2 | C | 7 | 4 |
| 8 | 9 | B | 4 | 6 | C | 5 | 0 | D | 3 | 1 | A | 7 | 2 | E |
| 0 | A | 7 | D | 2 | E | 1 | 9 | 3 | C | 4 | 6 | 5 | B | 8 |
| 5 | 6 | D | 3 | 8 | 0 | C | 2 | 4 | 7 | B | E | 9 | A | 1 |
| 2 | 4 | 1 | 7 | B | 9 | A | E | 6 | 8 | 5 | D | 3 | 0 | C |
| C | 3 | E | A | 5 | 1 | 8 | B | 7 | 0 | 2 | 9 | 4 | D | 6 |
| 3 | 2 | 5 | E | 1 | B | 6 | D | A | 4 | 9 | 8 | 0 | C | 7 |
| 9 | 8 | 0 | 5 | C | D | 7 | 1 | 2 | B | 6 | 3 | E | 4 | A |
| 7 | D | A | 6 | 4 | 3 | B | 8 | 0 | E | C | 5 | 1 | 9 | 2 |
| 6 | 1 | C | 2 | 9 | 7 | 3 | 4 | E | D | A | 0 | B | 8 | 5 |
| E | B | 4 | 0 | A | 8 | 9 | C | 5 | 2 | 7 | 1 | D | 6 | 3 |

ଗତକାଲିର ଉତ୍ତର

# ଅସତ୍ୟ ସହରର ରାତି



ଚିତ୍ର ଚରିତ୍ର

ନିରଞ୍ଜନ ପାଢ଼ୀ

କେଇଦିନ ପୂର୍ବରୁ ଆମ ରାଜଧାନୀ ସହରର ଚେହେରା ଦେଖିଥିବା ଲୋକ ଏ ସହରର ବାସିନ୍ଦା ହୋଇ ନ ପାରିଥିବାର ଦୁଃଖରେ ନିଜ ଭାଗ୍ୟକୁ ନିନ୍ଦିବାର କାରଣ ଥିଲା ବେଶ୍ ଯୁକ୍ତିଯୁକ୍ତ। ବିଶ୍ୱକପ୍ ହକି ଅନୁଷ୍ଠିତ ହେଉଥିବାର ବିରଳ ଗୌରବବୋଧ ନେଇ ଏ ସ୍ମାର୍ଟ ସହର ଯେମିତି ସୁସଜ୍ଜିତ ତୋରଣ ଓ ରଙ୍ଗ ବେରଙ୍ଗର ଆଲୋକମାଳାରେ ଆକର୍ଷଣୀୟ ରୂପରେ ସଜେଇ ହୋଇଥିଲା, ତହିଁରେ ଏଠାରେ ରହୁ ନ ଥିବା ଯେ କୌଣସି ଲୋକ ମନରେ ଈର୍ଷାର ଅସୁରଟିଏ ମୁଣ୍ଡ ଟେକିବା ସ୍ୱାଭାବିକ। ମାତ୍ର ସ୍ମାର୍ଟ ସିଟିର କେନ୍ଦ୍ରସ୍ଥଳ ଓ ପ୍ରମୁଖ ସ୍ଥାନ କେତୋଟିକୁ ଛାଡ଼ିଦେଲେ ରାଜଧାନୀ ଯେ ଏକ ବିଶାଳ ଇଲାକା ଯାଏଁ ପରିବ୍ୟାପ୍ତ ଓ ସେ ସବୁ ଇଲାକା ଏ ସବୁ ସ୍ଥାନ ପରି ଏତେ ଉଜ୍ଜ୍ୱଳ ଓ ଆକର୍ଷଣୀୟ ନୁହେଁ, ଏହା ବୁଝୁଥିଲେ ଏହାକୁ ନେଇ ଗର୍ବିତ ହେବାର କି ମନଉଣା କରିବାର କିଛି କାରଣ ନ ଥାନ୍ତା।

ବହୁ ଦୃଷ୍ଟିରୁ ବଡ଼ ଅସତ୍ୟ ଆମ ସ୍ମାର୍ଟ ସହର। ଆଲୋକ ଅନ୍ତରାଳର କଳାଛାୟାକୁ ଏତେ ସହଜରେ ଦେଖି ନ ପାରିବା ଭଳି ଏହି ସହରର ଔଜ୍ଜ୍ୱଲ୍ୟ ମଧ୍ୟରେ ବହୁ କଳଙ୍କର କାଳିମା ଲୋକଲୋଚନକୁ ଆସିପାରେ ନାହିଁ। ଏଠି ଐଶ୍ୱର୍ଯ୍ୟଶାଳୀ ଧନପତି ଜଣେ ଦରିଦ୍ର କାଙ୍ଗାଳ ପରି ହାତ ପତାଇ ଅନ୍ୟ କାହାର କୃପାଦାନକୁ ଅପେକ୍ଷା କରି ବସିଥାଏ ତ ଅନ୍ୟପଟେ ସମ୍ଭ୍ରାନ୍ତ ମହିଳା ଜଣେ ମଦ ନିଶାରେ ନିମ୍ନତମ ସଂଭ୍ରମତା ଭୁଲି ରାସ୍ତା ଉପରେ ନାଟ କରୁଥାଏ। ଏଠି ବିଳମ୍ବିତ ରାତି ଯାଏଁ ଆଧୁନିକତାର ଖୋଳପା ମଧ୍ୟରେ ଯାବତୀୟ ଆଦିମ ପ୍ରବୃତ୍ତି ଚରିତାର୍ଥ ହେଉଥାଏ ତ ସେ ପଟରେ ହାଡ଼ଭଙ୍ଗା ଜାଡ଼ରେ ଛିଣ୍ଡା ଗାମୁଛାଟି ଘୋଡି କୁଙ୍କୁଡ଼ି କାଙ୍କୁଡ଼ି କାକୁସ୍ଥ ଭାବେ କେଉଁଠି ଷ୍ଟେଶନ ପ୍ଲାଟ୍‌ଫର୍ମର ଶେଷମୁଣ୍ଡରେ ତ ଅନ୍ୟ କେଉଁଠି କେବେ ବି ଚାବି ଫିଟୁ ନ ଥିବା ସରକାରୀ ଆଶ୍ରୟ ଗୃହ ବାହାରେ ଶୋଇ ରହିଥାଏ ବାସହୀନ ଭିକାରିଟିଏ।

ସତ୍ୟକୁ ଘୋଡାଇ ପକାଇବାର ଅନୈତିକ ପ୍ରବଣତାରୁ ମୁକ୍ତ ନୁହେଁ ଏ ଅସତ୍ୟ ସହର। ଏଠି ସାମାଜିକ ଜୀବନ ଭାରି ଅସଂଲଗ୍ନ, ଚିନ୍ତାଜନକ ଭାବେ ଅସଂପୃକ୍ତ। ଏଠି କାହା ଘରେ ଡକାୟତି ହେଲେ ପଡିଶା ଘରର ନିଦ ଭାଙ୍ଗିଲେ ବି ମଧ୍ୟ କେହି ଉଠନ୍ତି ନାହିଁ କି ସେପଟ ଘରର ଲୋକ କେହି ମରିଗଲେ ତାଙ୍କ ପୁଅନାତିମାନେ ଲଣ୍ଡା ନ ହେବା ଯାଏଁ ଏ ପଟ ଘରର କେହି ଜାଣନ୍ତି ନାହିଁ। ଏଠି ଦୁର୍ଘଟଣାରେ ଗୁରୁତର ଆହତ ହୋଇ ରାସ୍ତାକଡ଼ରେ ଛଟପଟ ହେଉଥିବା ମୁମୂର୍ଷୁଙ୍କୁ ଡାକ୍ତରଖାନା ବୋହିନେବା ପାଇଁ ଗାଡିଟିଏ ଆଗେଇ ଆସେ ନାହିଁ। ଯଦିଓ ଅହରହ ମାଳ ମାଳ ଗାଡି ଦୌଡ଼ରେ ରାଜଧାନୀ ସର୍ବଦା ଅସ୍ତବ୍ୟସ୍ତ। ଏଠାରେ କୋଡିଏ ଜଣ ଆନ୍ଦୋଳନକାରୀଙ୍କୁ ଆବଶ୍ୟକ ସ୍ଥଳେ ସାବାଡ଼ କରିବାକୁ ନିୟୋଜିତ ଥାଆନ୍ତି ଶହ ଶହ ପୋଲିସ। ମୁଖ୍ୟଙ୍କଠୁଁ ଆରମ୍ଭ କରି ସାମନ୍ତଙ୍କ ସେବାରେ ସଦା ତତ୍ପର ପୋଲିସଙ୍କ ସାମାନ୍ୟ ସେବା କିନ୍ତୁ ଏଠି ସାଧାରଣଙ୍କ ପାଇଁ ସ୍ୱର୍ଗର ପାରିଜାତଠାରୁ ଆହୁରି ମହଙ୍ଗା। ରାଜଧାନୀର ଔଜ୍ଜ୍ୱଲ୍ୟ ବୋଧହୁଏ କେବଳ ଆଲୋକିତ ଜୀବନର ଅଧିକାରୀ ଉଜ୍ଜ୍ୱଳ ଅସାମାନ୍ୟଙ୍କ ପାଇଁ। ସାମାନ୍ୟ, ସାଧାରଣଙ୍କ ପାଇଁ ତ ଏହା ଘନ ଘୋର ଅନ୍ଧକାରଠାରୁ ଆହୁରି ଭୟଙ୍କର, ଅଧିକ ଅଭିଶପ୍ତ। ଗତ କୋଡିଏ ବର୍ଷ ଧରି ରାଜଧାନୀର ଏକ ଉପାନ୍ତ ଅଞ୍ଚଳରେ ରହୁଥିବା ଜଣେ ସାଧାରଣ ଲୋକର ନିଜସ୍ୱ ଅନୁଭବ ଏ ପ୍ରକାର ବିଚାର ସପକ୍ଷରେ ଏକ ବଳିଷ୍ଠ ପ୍ରମାଣ।

ରାତି ଠିକ୍ ତିନିଟାରେ ଷ୍ଟେଶନରେ ଟ୍ରେନ୍ ପହଞ୍ଚିଲା। ରାକେଶ ଗାଡିରୁ ଓହ୍ଲାଇପଡି ପ୍ଲାଟ୍‌ଫର୍ମର ଚାରିଆଡ଼କୁ ଚାହିଁ ଦେଖିଲା କୋଳାହଳଶୂନ୍ୟ ନୀରବ ନିଥର ପରିବେଶ। ଏହା ପୂର୍ବରୁ ସେ ତିନି ଚାରିଥର ଭୁବନେଶ୍ୱର ଆସିଥିଲେ ବି ତା' ଭାଇର ନୂଆ ଘରର ଠିକଣା ତାକୁ ଜଣାନାହିଁ। ସବୁଠାରୁ ଅସୁବିଧା ହେଲା ସେ ଓଡ଼ିଆ କହି ଜାଣିନି। ରାତି ପାହିବାକୁ ଅପେକ୍ଷା କରିବାର ନିଷ୍ପତ୍ତି ନେଇ ସେ ଷ୍ଟେଶନ ବାହାରକୁ ଆସିଲା ଓ ଖଣ୍ଡେ ଦୂରରେ ଖୋଲାଥିବା ଚା ଦୋକାନକୁ ଯାଇ ଗରମ ଚା କପେ ପିଇ ଶୀତରାତିରେ ନିଜକୁ ଟିକିଏ ଉଷୁମ କରିବାକୁ ଚେଷ୍ଟା କଲା। ଚା ପିଇସାରି ପୁଣି ପ୍ଲାଟଫର୍ମ ଭିତରକୁ ପଶୁଛି, ଦେଖିଲା ରାତି ପାଟ୍ରୋଲିଂ କରୁଥିବା ପୋଲିସ କନ୍‌ଷ୍ଟେବଲ ଜଣେ ତାକୁ ଅଟକିବାକୁ ଇଶାରା ଦେଲେ। ରାକେଶ ଖୁସି ହେଲା। ଅଚିହ୍ନା ଅଜଣା ବେସରକାରୀ ଲୋକଙ୍କୁ ଭାଇଙ୍କ ଠିକଣା ପଚାରିବା ଅପେକ୍ଷା ସରକାରୀ ପୋଲିସ ବାବୁଙ୍କୁ ପଚାରିବା ବେଶି ନିରାପଦ ଭାବି ସେ ଠିକଣାଟି ପକେଟରୁ ବାହାର କରିବାକୁ ଯାଉଛି। ପୋଲିସ ବାବୁ ତାଙ୍କ ସନ୍ଧାନୀ କାଇଦାରେ ଆରମ୍ଭ କରିଦେଲେ- କୁଆଡୁ ଆସିଲ, କୁଆଡେ ଯିବ, ଏ ବ୍ୟାଗ୍ ଭିତରେ କ'ଣ ଅଛି ? ଏକାଥରେ ମେଞ୍ଚାଏ ପ୍ରଶ୍ନ।

ମୋ ଘର ମେଦିନୀପୁର। ମୋ ବଡ଼ଭାଇ ଏଠାରେ କାମ କରନ୍ତି। ଘରେ ମାଆଙ୍କ ଦେହ ଅସୁସ୍ଥ ଥିବାରୁ ତାଙ୍କୁ ନେବା ପାଇଁ ଆସିଛି। କେଇଦିନ ତଳେ ସେ ବସା ବଦଳାଇ ଥିବାରୁ ତାଙ୍କ ନୂଆ ଠିକଣା ଜାଣିନାହିଁ। କେମିତି ସେଠାକୁ ଯିବି, ଟିକିଏ ବତାଇ ଦିଅନ୍ତୁ। ରାକେଶ ତା' ମାତୃଭାଷା ବଙ୍ଗଳାରେ କହି ନିଜ ଭାଇର ନୂଆ ଠିକଣା କାଗଜଟି ବଢ଼ାଇଦେଲା। ରାକେଶର ବଙ୍ଗଳା ଭାଷା ଶୁଣି ତାତି ଉଠିଲେ ପୋଲିସ ବାବୁ। ତା'ର ଭାଷା ଓ ପ୍ରଦେଶ ପ୍ରତି ଅଶାଳୀନ ଭାଷାରେ ନିଜର ସମ୍ମାନ ଜଣାଇ ଚଢ଼ାଗଳାରେ କହିଲେ ଆମକୁ ଯେମିତି ସରକାର ରଖିଛି ତୋ ଭଳି ରାତି ଟ୍ରେନ୍‌ରୁ ଓହ୍ଲାଉଥିବା ନୂଆ ଲୋକମାନଙ୍କୁ ତାଙ୍କ ଠିକଣା ବତାଇବା ପାଇଁ! ଆବେ ହେ! ଏ ଇଲାକାରେ ମୋର ତିନିବର୍ଷ ହୋଇଗଲାଣି। ବଙ୍ଗଳାରୁ ଆସି ଏଠାରେ ଚୋରି ଡକାୟତି କରି ଷ୍ଟେଶନରେ ଘୂରି ବୁଲୁଥିବା ତୁମ ଭଳି ନିଶାଚରମାନଙ୍କୁ ମୁଁ ଠିକ୍ ଚିହ୍ନିଛି। ଖୋଲ୍ ତୋ ବ୍ୟାଗ୍। ଦେଖା କ'ଣ ଅଛି। ଚାଲ୍ ଥାନାକୁ।

ଅଚାନକ ଘଟଣା ଏମିତି ମୋଡ଼ ନେବ ବୋଲି ରାକେଶ କେବେ ଆଶା କରି ନ ଥିଲା। ସେ ତଟସ୍ଥ ହୋଇ ପୁଣିଥରେ ନିଜ ଭାଷାରେ ବୁଝାଇବାକୁ ଚେଷ୍ଟା କଲା ଓ କାନ୍ଧରେ ଥିବା ଏୟାର ବ୍ୟାଗ୍‌ଟି ଖୋଲି ତା' ଭିତରେ ଥିବା ନିଜ ବ୍ୟବହାର୍ଯ୍ୟ ସାମଗ୍ରୀ ଦେଖାଇଦେଲା। କିନ୍ତୁ ରାତିରେ ପାଟ୍ରୋଲିଂ ଡ୍ୟୁଟି କରି କ୍ଲାନ୍ତ ହୋଇପଡିଥିବା ପୋଲିସ କନ୍‌ଷ୍ଟେବଲଙ୍କ ନିଦୁଆ ଆଖି ଦୁଇଟି ଏସବୁ ବାସ୍ତବତାକୁ ସ୍ୱୀକାର କରିବାକୁ ପ୍ରସ୍ତୁତ ନ ଥିଲେ। ସେ ବ୍ୟାଗ୍ ଛାଡି ରାକେଶର ପକେଟ ଦରାଣ୍ଡିବା ଆରମ୍ଭ କରିଦେଲେ ଓ ପକେଟରୁ ପର୍ସ କାଢି ସମ୍ବଳର ପରିମାଣ ଦେଖିନେଲେ। କିଛିକ୍ଷଣ ମଧ୍ୟରେ ପର୍ସରେ ଥିବା ପାଞ୍ଚଶହ ଟଙ୍କାର ନୋଟ୍‌ଟି ପକେଟ ପରିବର୍ତ୍ତନ କରି କନଷ୍ଟେବଲଙ୍କ ପକେଟକୁ ଚାଲି ଆସିଲା। ଦାରୁଭୂତ ମୁରାରି ପରି ନିର୍ବାକ୍ ହୋଇ ନିଜର ନିର୍ଯାତନା ପ୍ରତ୍ୟକ୍ଷ କରୁଥିବା ରାକେଶକୁ ସେଇଠି ସେଇ ଅବସ୍ଥାରେ ଛାଡି ରାତ୍ରିର ପ୍ରହରୀ ଜଣକ ନିଜ ରାସ୍ତାରେ ଚାଲିଗଲେ।

କିଛି ସମୟ ପୂର୍ବରୁ ସରକାରୀ ଲୋକଙ୍କୁ ସାହାଯ୍ୟ ମାଗିବାକୁ ନିରାପଦ ମଣିଥିବା ବଙ୍ଗାଳି ଯୁବକ ତା'ର ଏ ଦାରୁଣ ଦୁର୍ଦ୍ଦଶା ପରେ ଆଉ କାହାକୁ ନିଜ ଭାଇର ଠିକଣା ପଚାରିବାକୁ ସାହସ କରିପାରିଲାନି। ସେ ରାତି ପାହିବାକୁ ଅପେକ୍ଷା କରି ପ୍ଲାଟ୍‌ଫର୍ମରେ ବସି ରହିଲା। ସକାଳେ ଭାଇ ସହ ଯୋଗାଯୋଗ କରି କୌଣସି ପ୍ରକାରେ ତାଙ୍କ ବସାରେ ପହଞ୍ଚିଗଲା ଓ ନିଜ ଦୁର୍ଭାଗ୍ୟର କାହାଣୀ ବଖାଣିଲା। ରାକେଶର ଭାଇ ରାଜଧାନୀ ନଗରୀରେ ବେଶ୍ ପୁରୁଣା। ସୁତରାଂ ତାଙ୍କ ନଗରୀର ରୂପ ରାତିରେ ଏମିତି ବଦଳିଯାଏ ବୋଲି ସେ ସହଜରେ ବିଶ୍ୱାସ କରିପାରୁ ନ ଥିଲେ। ଏହା ସହ ତାଙ୍କ କୋଡିଏ ବର୍ଷର ସମ୍ପର୍କକୁ ପୁଞ୍ଜିକରି ସେ ଏହାର ପ୍ରତିବାଦ କରିବାକୁ ନିଜ ଭାଇ ସହ ସମ୍ପୃକ୍ତ ଥାନା ଆଡ଼କୁ ମୁହାଁଇଲେ।

ଥାନା ବାବୁ ସବୁ ଶୁଣିଲେ ସିନା ବିଶ୍ୱାସ କଲେ ନାହିଁ। ଶୁଣିବା ଓ ଶୁଣାକଥାକୁ ବିଶ୍ୱାସ କରିବା ଏକା କଥା ନୁହେଁ ନିଶ୍ଚୟ। କିନ୍ତୁ ଶୁଣିବା ଓ ବିଶ୍ୱାସ କରିବା ମଝିରେ ଅନୁସନ୍ଧାନ କରିବା ଭଳି ପୋଲିସ ପ୍ରଶାସନରେ ଯେଉଁ ବ୍ୟବସ୍ଥା ଅଛି, ତାହା କରିବାକୁ ସେ ଉଚିତ ମଣିଲେ ନାହିଁ। ମାତ୍ର ବଡ଼ଭାଇ ଜଣକ ପ୍ରତିବାଦ କଲେ। ସମାଜର ସାଧାରଣ ବର୍ଗଙ୍କ ସହାୟତା କରିବାକୁ ଯେଉଁ ପୋଲିସ ନିଯୁକ୍ତ, ସେ ଯେମିତି ପାହାନ୍ତା ପହରରେ ତାଙ୍କ ଅସହାୟ ଭାଇଟିର କଅଁଳ ମନକୁ ହତ୍ୟା କରିଛନ୍ତି, ତାହା ବିରୋଧରେ ଏକ ଲିଖିତ ଅଭିଯୋଗ କରିବା ପାଇଁ ସେ ଅଡ଼ି ବସିଲେ। ପରିଣାମ ହେଲା ଅତ୍ୟନ୍ତ ପ୍ରତ୍ୟାଶିତ। ସାଧାରଣ ଅପରାଧୀଙ୍କ ବିରୋଧରେ ଅଭିଯୋଗ ଲେଖିବାକୁ ଯେତେବେଳେ ତଳହାତିଆ ପଛାର ଆଶ୍ରୟ ନେବାକୁ ହୁଏ, ସେତେବେଳେ ଖୋଦ୍ ପୋଲିସ ବିରୋଧରେ ଅଭିଯୋଗ ରେକର୍ଡ କରିବା ଯେ ଏକ ଦୁରୂହ ବ୍ୟାପାର, ଏ କଥା ବୁଝିପାରି ନ ଥିବାରୁ ଦୁଇ ଭାଇଙ୍କୁ ଯଥେଷ୍ଟ ମୂଲ୍ୟ ଦେବାକୁ ପଡିଲା। ପ୍ରାୟ ଛଅ ଘଣ୍ଟା କାଳ ଥାନା ଭିତରେ କାକୁସ୍ଥ ଭାବରେ ବସି ରହିବା ପରେ ଶେଷରେ ଯେତେବେଳେ ସେମାନଙ୍କୁ ମୁକ୍ତି ମିଳିଲା, ସେତେବେଳେ ନିଜ ଅବାସ୍ତବ ଜିଦ୍ ଆଗରେ ସେମାନେ ହାରି ସାରିଥିଲେ। ନିଜ ଅସହାୟତାକୁ ପ୍ରଚଣ୍ଡ ଅଭିଶାପ ଦେଇ ଫେରିଯାଇଥିଲେ ନୀରବରେ।

ଆମ ସ୍ମାର୍ଟ ସହରର ଔଜ୍ଜ୍ୱଲ୍ୟ ମଧ୍ୟରେ ରହି ରହି ମୁହଁ ଦେଖାଉଥିବା କଳାଛାୟାମାନଙ୍କ ଭୟଙ୍କର ଚେହେରାର ଉପରୋକ୍ତ ଘଟଣାଟି ଏକ ସାଙ୍କେତିକ ପ୍ରତିବେଦନ ମାତ୍ର। ଏଠାକାର ବିଚିତ୍ର ବ୍ୟବସ୍ଥା ମଧ୍ୟରେ ଦୁଇ ପ୍ରକାର ନାଗରିକଙ୍କ ପାଇଁ ଦୁଇ ଭିନ୍ନ କିସମର ଆଚାର ସଂହିତା। ପ୍ରଥମ ବର୍ଗର ଆଗଧାଡିର ନାଗରିକମାନଙ୍କ ପାଇଁ ଆଗପଛ ଚାରିଆଡେ ପୋଲିସର ନିରାପତ୍ତା ବଳୟ। ଏମାନଙ୍କ ଦେହ ସହ ଅନ୍ୟ କାହା ଦେହର ସାମାନ୍ୟ ସ୍ପର୍ଶକୁ ବିବେଚନା କରାଯାଏ ଏକ ସ୍ପର୍ଦ୍ଧା ଭାବେ। ଅଥଚ ଦ୍ୱିତୀୟ ବର୍ଗର ଶେଷଧାଡିର ନାଗରିକ ସବୁଆଡୁ ସବୁ ପ୍ରକାରେ ଲୁଣ୍ଠିତ, ଲାଞ୍ଛିତ ଓ ନିର୍ଯାତିତ, ଠିକ୍ ରାକେଶ ଓ ତାଙ୍କ ବଡ଼ଭାଇଙ୍କ ପରି।

ପ୍ରଜ୍ଞା ନିଳୟ, ବିଦ୍ୟାପତିନଗର, ଚକେଇସିହାଣି,
ଭୁବନେଶ୍ୱର, ମୋ-୮୮୯୫୬୨୪୧୦୫

# କୁଷ୍ଠରୋଗୀଙ୍କ ସାହାରା

ବିଶ୍ୱକୁ ମହାତ୍ମା ଗାନ୍ଧୀଙ୍କ ଅବଦାନ ଅତୁଳନୀୟ। ତାଙ୍କ ଆଦର୍ଶକୁ ସ୍ମରଣୀୟ ରଖିବା ଲାଗି ଭାରତ ସରକାରଙ୍କ ପକ୍ଷରୁ ୧୯୯୫ରୁ ପ୍ରତିବର୍ଷ ଅନ୍ତର୍ଜାତୀୟ ଗାନ୍ଧୀ ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଆସୁଛି। ମହାତ୍ମାଙ୍କ ୧୨୫ତମ ଜନ୍ମବାର୍ଷିକୀରୁ ସଂସ୍ଥାପିତ ଏହି ସମ୍ମାନ ଅହିଂସା ଓ ଗାନ୍ଧୀବାଦ ଜରିଆରେ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ ରୂପାନ୍ତରଣ ଆଣିପାରୁଥିବା ବ୍ୟକ୍ତି ଓ ସଙ୍ଗଠନକୁ ଦିଆଯାଉଛି। ଦକ୍ଷିଣ ଆଫ୍ରିକାର ବର୍ଣ୍ଣବୈଷମ୍ୟ ବିରୋଧୀ ବିପ୍ଳବୀ ନେଲ୍‌ସନ ମଣ୍ଡେଲା, ଭାରତର 'ଚିପ୍‌କୋ' ଆନ୍ଦୋଳନର ପୁରୋଧା ଚଣ୍ଡିପ୍ରସାଦ ଭଟ୍ଟଙ୍କଠାରୁ ଆରମ୍ଭ କରି ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଭଳି ସଙ୍ଗଠନ ଏଭଳି ସମ୍ମାନର ଅଧିକାରୀ ହୋଇପାରିଛନ୍ତି। ୨୦୧୯ ଜାନୁୟାରୀ ୧୬ରେ ଶେଷ ୪ ବର୍ଷ ପାଇଁ ଏହି ପୁରସ୍କାର ଘୋଷଣା କରାଯାଇଛି। ୨୦୧୫ ପାଇଁ କନ୍ୟାକୁମାରୀସ୍ଥିତ ବିବେକାନନ୍ଦ ଫାଉଣ୍ଡେଶନ, ୨୦୧୬ ଲାଗି ଅକ୍ଷୟ ପାତ୍ର ଫାଉଣ୍ଡେଶନ ଓ ସୁଲଭ ଇଣ୍ଟରନ୍ୟାଶନାଲ, ୨୦୧୭ ସକାଶେ ଏକଲ ଅଭିଯାନ ଟ୍ରଷ୍ଟ ଏବଂ ୨୦୧୮ ନିମନ୍ତେ କୁଷ୍ଠ ନିରାକରଣ ଲାଗି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ)ର ଗୁଡ୍‌ୱିଲ୍ ଆମ୍ବାସାଡର ବା ସଦିଚ୍ଛା ଦୂତ ଥିବା ୟୋହେଇ ସାସାକାୱାଙ୍କୁ ଚୟନ କରାଯାଇଛି। ବିଜେତାଙ୍କୁ ଏକ କୋଟି ଟଙ୍କା ସହ ଫଳକ ପ୍ରଦାନ କରାଯିବ। ଏହି ସମ୍ମାନ ଘୋଷଣା ପରେ ସାସାକାୱାଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାକୁ ଆସିଥିବାରୁ ତାଙ୍କ ଆଦର୍ଶ ଓ ଲକ୍ଷ୍ୟ ବିଷୟରେ ଜାଣିବାକୁ ପ୍ରତ୍ୟେକଙ୍କ ଆଗ୍ରହ ରହିବା ସ୍ୱାଭାବିକ।

ବ୍ୟକ୍ତିତ୍ୱ



ୟୋହେଇ ସାସାକାୱା

୧୯୩୯ ଜାନୁୟାରୀ ୮ରେ ଜନ୍ମଗ୍ରହଣ କରିଥିବା ସାସାକାୱା ଜାପାନର ସର୍ବବୃହତ୍ ଦାତବ୍ୟ ଅନୁଷ୍ଠାନ 'ନିପନ୍ ଫାଉଣ୍ଡେଶନ'ର ଅଧ୍ୟକ୍ଷ ଅଛନ୍ତି। କୁଷ୍ଠ ନିରାକରଣ ଲାଗି ଡବ୍ଲ୍ୟୁଏଚ୍‌ଓର ସଦିଚ୍ଛା ଦୂତ ରହିଥିବା ଏହି ବ୍ୟକ୍ତି ଟୋକିଓସ୍ଥିତ ମୈଜି ୟୁନିଭର୍ସିଟିଜ୍ ସ୍କୁଲ ଅଫ୍ ପଲିଟିକାଲ ସାଇନ୍ସ ଆଣ୍ଡ୍ ଇକନମିକ୍ସରୁ ଡିଗ୍ରୀ ଅର୍ଜନ କରିବା ପରେ ଜଣେ ସାମାଜିକ ଉଦ୍ୟୋଗୀ ଭାବେ ପରିଚିତ ହେବାକୁ ଲକ୍ଷ୍ୟ ରଖିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ଜାପାନ ମୋଟରବୋଟ୍ ରେସିଂ ଆସୋସିଏଶନ ଅଧ୍ୟକ୍ଷ ଓ ଜାପାନ ଫାଉଣ୍ଡେଶନ ଫର୍ ଶିପ୍‌ବିଲ୍ଡିଂ ଆଡ୍‌ଭାନ୍ସମେଣ୍ଟର ନିର୍ଦ୍ଦେଶକ ହୋଇଥିଲେ। ତେବେ ୧୯୮୯ରେ ନିପନ୍ ଫାଉଣ୍ଡେଶନର ସେ ସଭାପତି ହୋଇ କାଳକ୍ରମେ ଏହାର ଅଧ୍ୟକ୍ଷ ହୋଇପାରିଛନ୍ତି। ଅନ୍ତର୍ଜାତୀୟ ସ୍ତରରେ ସାମାଜିକ କ୍ଷେତ୍ରରେ ଏକ ସ୍ୱାତନ୍ତ୍ର୍ୟ ବଜାୟ ରଖିବାକୁ ଯାଇ ସେ ବିଭିନ୍ନ ପ୍ରସଙ୍ଗରେ କାର୍ଯ୍ୟ କରିଚାଲିଛନ୍ତି। ବିଶେଷକରି ଖାଦ୍ୟ ସୁରକ୍ଷା, ସ୍ୱାସ୍ଥ୍ୟସେବା ଏବଂ ଶିକ୍ଷାର ବିକାଶ ହେଉଛି ତାଙ୍କ ଚିନ୍ତନର ୩ ପ୍ରମୁଖ କ୍ଷେତ୍ର। ଚେର୍ନୋବିଲ୍ ଆଣବିକ ପାୱାର ପ୍ଲାଣ୍ଟ ଦୁର୍ଘଟଣାରେ ପୀଡ଼ିତ ୨ ଲକ୍ଷ ପିଲାଙ୍କ ଚିକିତ୍ସା ଦିଗରେ ତାଙ୍କ ଉଦ୍ୟମ ବେଶ୍ ପ୍ରଶଂସନୀୟ ହୋଇପାରିଛି। ଉଭୟ ଜାପାନ ଓ ଅନ୍ତର୍ଜାତୀୟ ସ୍ତରରେ ଯେଉଁଠାରେ ବିପର୍ଯ୍ୟୟ ଦେଖାଦେଇଥାଏ, ସେଠାକୁ ସାସାକାୱା ମାନବୀୟ ସହାୟତା ଦେବା ପାଇଁ ଆଗେଇ ଯାଇଥାଆନ୍ତି। କେବଳ ଫାଉଣ୍ଡେଶନ ପକ୍ଷରୁ ପାଣ୍ଠି ଯୋଗାଣ ନୁହେଁ, ବ୍ୟକ୍ତିଗତ ଭାବେ ଉପସ୍ଥିତ ରହି ଜନକଲ୍ୟାଣ କରିବା ତାଙ୍କ ଅଙ୍ଗୀକାରବଦ୍ଧତାର ପରିଚୟ ଦେଇଛି। ତେବେ ବିଶ୍ୱବ୍ୟାପୀ ତାଙ୍କ ପରିଚୟ କହିଲେ କୁଷ୍ଠ ନିରାକରଣ ନିମନ୍ତେ ତାଙ୍କ ଏକନିଷ୍ଠତା ସର୍ବାଗ୍ରେ ରହିଛି। ଏଭଳି ରୋଗୀଙ୍କ ପ୍ରତି ସମବେଦନା ଆସିବା ପଛରେ ତାଙ୍କ ପିତାଙ୍କ ଅବଦାନକୁ ସେ ମନେପକାଇଥାଆନ୍ତି। ୧୯୬୫ ମସିହାରେ ତାଙ୍କ ପିତା ଦକ୍ଷିଣ କୋରିଆରେ କୁଷ୍ଠରୋଗୀଙ୍କ ସେବା କରୁଥିବା ବେଳେ ସେ ସେଥିରେ ସାମିଲ ହୋଇଥିଲେ। ଏଭଳି ରୋଗୀଙ୍କୁ ସେତେବେଳେ ସମାଜରୁ ବାସନ୍ଦ କରି ଦିଆଯାଉଥିଲା। ପିତାଙ୍କଠାରୁ ପ୍ରେରଣା ପାଇବା ପରେ କୁଷ୍ଠ ଆରୋଗ୍ୟଯୁକ୍ତ ବୋଲି ରୋଗୀଙ୍କ ମନରେ ଆଶ୍ୱାସନା ଭରି ଦେଇଥିଲେ। ତେଣୁ ବିଭିନ୍ନ ଦେଶରେ ସରକାର, ନେତା, ଗଣମାଧ୍ୟମ ଏବଂ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନର ସାହାରା ନେଇ କୁଷ୍ଠ ନିରାକରଣ ଦିଗରେ ସମ୍ପୂର୍ଣ୍ଣ ଅଭିଯାନ ଆରମ୍ଭ କରିଥିଲେ। ୧୯୯୦ରେ କୁଷ୍ଠ ନିରାକରଣ ଦିଗରେ ମଲ୍ଟିଡ୍ରଗ୍ ଥେରାପି (ଏମ୍‌ଡିଟି) ବଣ୍ଟନ ଦିଗରେ ବିଶେଷ ଗୁରୁତ୍ୱ ଦେଇଥିଲେ। ଇତିମଧ୍ୟରେ ଭାରତ ସମେତ ବିଶ୍ୱର ସମସ୍ତ ଦେଶରେ ଏହି ରୋଗ ଦୂରେଇ ଯିବାରେ ଲାଗିଛି। ଫଳସ୍ୱରୂପ ୨୦୦୧ରୁ ଡବ୍ଲ୍ୟୁଏଚ୍‌ଓର ଗୁଡ୍‌ୱିଲ୍ ଆମ୍ବାସାଡର ହୋଇପାରିଛନ୍ତି। ସେବାକୁ ମହାତ୍ମା ଗାନ୍ଧୀ ଜୀବନର ବ୍ରତ ଭାବେ ଗ୍ରହଣ କରି ନେଇଥିଲେ। ଆଜି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ସାସାକାୱା ସମଗ୍ର ମାନବ ଜାତିର ଉତ୍ଥାନ ଲାଗି ଯେଉଁ ଦିଗଟିକୁ ଧରି ସେବାରତ ଅଛନ୍ତି, ତାହା ଅନ୍ୟମାନଙ୍କ ପାଇଁ ଯୁଗଯୁଗ ଧରି ପ୍ରେରଣାଦାୟୀ ହୋଇ ରହିବ।

-ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଭାରତୀୟ ସମାଜ ପିତୃକେନ୍ଦ୍ରିକ ପରିବାରକୁ ନେଇ ଗଢ଼ିଉଠିଛି। କାରଣ ଆମ ଦେଶର ପରିବାରରେ ପୁରୁଷ ହେଉଛି ମୁଖ୍ୟ ବ୍ୟକ୍ତି। ତାଙ୍କ ନାମରେ ମୁଖ୍ୟତଃ ସମ୍ପତ୍ତିର ମାଲିକାନା ରହିଥାଏ। ପରିବାରର ଅନ୍ୟ ସଦସ୍ୟମାନେ ତାଙ୍କୁ ମାନି ଚଳିଥାଆନ୍ତି। ତେଣୁ ଭାରତୀୟ ସମାଜ ଏକ ପୁରୁଷପ୍ରଧାନ ସମାଜ ଭାବରେ ଗଣ୍ୟ ହୋଇଥାଏ। ନିକଟରେ ଝିଅ ନାମରେ ସମ୍ପତ୍ତି କରିବାରୁ ଖାପ୍ ପଞ୍ଚାୟତରେ ବାପାଙ୍କ ପ୍ରତି ଦଣ୍ଡାଦେଶ ହୋଇଛି। ଏପରି ଏକ ଘଟଣା ଘଟିଛି ରାଜସ୍ଥାନ ରାଜ୍ୟର ଯୋଧପୁର ଅଞ୍ଚଳରେ। ସ୍ଥାନୀୟ ବିଲାଡା ତହସିଲ ଖେଜଡଲାରେ ଜଣେ ପିତା ତାଙ୍କ ସମ୍ପତ୍ତିର କିଛି ଅଂଶ ଝିଅ ନାମରେ କରିଥିଲେ। ତେବେ ଏହାକୁ ତାଙ୍କର ସରଗରା ସମାଜ ପକ୍ଷରୁ ପସନ୍ଦ କରାଯାଇ ନ ଥିଲା। କାରଣ ସମାଜରେ ପ୍ରଚଳିତ ପୁରୁଣା ପରମ୍ପରାକୁ ଖାପ୍ ପଞ୍ଚାୟତ ଧରି ରଖିଛି। ପଞ୍ଚାୟତ ଡକାଯାଇ ଏହି ପରିବାରକୁ ଦିଆଯାଇଛି ବାସନ୍ଦ ଦଣ୍ଡାଦେଶ। ଏହି ଦଣ୍ଡ ଉଠାଇବା ପାଇଁ ପଞ୍ଚାୟତ ପକ୍ଷରୁ ଲକ୍ଷାଧିକ ଟଙ୍କା ଦାବି କରାଯାଇଥିବା ଅଭିଯୋଗ ହୋଇଛି। ପରିବାର ସଦସ୍ୟଙ୍କ ଅଭିଯୋଗ ଆଧାରରେ ଜିଲା ମାଜିଷ୍ଟ୍ରେଟ୍‌ଙ୍କ ପକ୍ଷରୁ ପଞ୍ଚାୟତର ୧୫ଜଣଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି।

### ଚିରନ୍ତନୀ

କିଣିଲ ଭୁବନମୟ ରୂପଗୁଣେ ଅଭୟ ଅଶୋକ
ଜିଣିଲ ଶୈଶବ ଜରା ଦୀନ ଧନୀ ଜ୍ଞାନୀ ମୂର୍ଖ ଲୋକ।
(ସୁନା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୨୦ ଜାନୁୟାରୀ ୧୯୯୪

- ଆମେରିକାର ଲସ୍‌ଏଞ୍ଜେଲସଠାରେ ଭୂମିକମ୍ପରେ ୪୦ ଜଣଙ୍କ ମୃତ୍ୟୁ।
- ଶ୍ରୀଲଙ୍କାର ଅନୁରାଧାପୁର ଜିଲାରେ ଏକ ଶକ୍ତିଶାଳୀ ବୋମା ବିସ୍ଫୋରଣରେ ୬୦ ଜଣଙ୍କ ମୃତ୍ୟୁ।

## ପାଠକ ଶ୍ରେଷ୍ଠ ବିଚାରକ

### ଜନପ୍ରତିନିଧିଙ୍କ ସମ୍ପତ୍ତି

ମହାଶୟ,

ଧରିତ୍ରୀରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଆଉ କେତେକ ମନ୍ତ୍ରୀଙ୍କର ସମ୍ପତ୍ତି ସିଏମ୍‌ଓ ୱେବ୍‌ସାଇଟ୍‌ରେ ଅପଡେଟ୍ ହୋଇ ଜନସାଧାରଣଙ୍କ ଗୋଚରାର୍ଥେ ପ୍ରକାଶିତ ହେବାର ଖବର ପ୍ରକାଶ ପାଇଛି। ଅର୍ଥ ଓ ଅବକାରୀ ମନ୍ତ୍ରୀ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ କୋଟିପତି ତାଲିକାରେ ଥିବାବେଳେ ପରିବହନ ମନ୍ତ୍ରୀ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିଜ ସମ୍ପତ୍ତି ଉଲ୍ଲେଖ ନ କରିବା ଜଣାଯାଇଛି। ତେବେ ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ହୋଇଥିବା ବିଧାୟକମାନେ ମନ୍ତ୍ରୀ ହୋଇ କୋଟିପତି ହେବାର ସୁଯୋଗ ହାସଲ କରିବା ଆନନ୍ଦର ବିଷୟ। ତେବେ ଯେଉଁମାନେ ସମ୍ପତ୍ତି ତାଲିକା ଦେଉନାହାନ୍ତି ସେମାନେ ତୁରନ୍ତ ପ୍ରକାଶ କଲେ ଭୋଟଦାତାମାନେ ଆସନ୍ତା ନିର୍ବାଚନ ପୂର୍ବରୁ ତାହା ଅବଗତ ହୋଇ ଉପଯୁକ୍ତ ପ୍ରାର୍ଥୀ ଚୟନ କରିପାରିବେ।

ହରମୋହନ ମହାନ୍ତି, ଦଣ୍ଡତୋଟା, ପୁରୀ

### ଆଗ ବଟି ପରେ ଚେକ୍

ଲାଞ୍ଚ ଏବଂ ଦୁର୍ନୀତିକୁ ଏଡ଼ାଇବା ପାଇଁ ସରକାର ଭିଜିଲାନ୍ସ, କ୍ରାଇମ୍‌ବ୍ରାଞ୍ଚ ଏବଂ ପୋଲିସ ପ୍ରଶାସନ ଭଳି କେତେକ ସଂସ୍ଥା ସୃଷ୍ଟି କରିଛନ୍ତି। ଏହି ସଂସ୍ଥାଗୁଡ଼ିକ ଡାଳେ ଡାଳେ ଗଲେ ଦୁର୍ନୀତିଗ୍ରସ୍ତ ନେତା ଓ କର୍ମଚାରୀ ପତ୍ରେ ପତ୍ରେ ଯାଉଛନ୍ତି। ଏଥିରୁ ବଞ୍ଚିବା ପାଇଁ ସେମାନେ ଆଉ ସିଧାସଳଖ ଲାଞ୍ଚ ନେବାକୁ ପସନ୍ଦ କରୁନାହାନ୍ତି। ବରଂ ଦଲାଲ ଜରିଆରେ ନେଉଛନ୍ତି। ଦଲାଲଗିରି କରି ଲୋକେ ମାଲାମାଲ ହୋଇଯାଉଛନ୍ତି। ଗ୍ରାମାଞ୍ଚଳରେ ସରକାର ଇନ୍ଦିରା ଆବାସ ଯୋଗାଇ ଦେଉଛନ୍ତି। ଏଥିରେ ବି ଲାଞ୍ଚ କାରବାର ହେଉଥିବା ଅଭିଯୋଗ ହେଉଛି। ଆଗ ବଟି ପରେ ଚେକ୍ ଆଉ ଆଲଟମେଣ୍ଟ ଅର୍ଡର। ଲୋକ ଦେଖିବାକୁ ପୂରା ଅର୍ଥର ଚେକ୍ କିନ୍ତୁ ଆଗରୁ ବଟି ଆଦାୟ ସରିଥାଏ। ବିଭିନ୍ନ ବିଭାଗରେ ସେହି ଅବସ୍ଥା। ଆଗରୁ ବିଲ୍ ପାସ୍ ପରେ ଇଞ୍ଜିନିୟର, ଅଫିସର ଏବଂ କିରାଣିମାନେ ବଟି ଆଦାୟ କରୁଥିଲେ। ଆଜିକାଲି ୱାର୍କ ଅର୍ଡର ପାଇବା ଆଗରୁ ବଟି ନେଇଯାଉଛନ୍ତି। ତାହା ପୁଣି ଦଲାଲଙ୍କ ଜରିଆରେ। ତେଣୁ ଧରାପଡ଼ିବାର ସମ୍ଭାବନା କମ୍।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



“ ଲେଖନୀ ଓ ତରବାରୀ ଉଭୟ ଶକ୍ତିଶାଳୀ, କିନ୍ତୁ ଲେଖନୀର ହିଁ ଜୟ ହୁଏ।
- ନେପୋଲିୟନ୍

**ସଂକ୍ଷେପରେ**

### କୁଳପତିଙ୍କୁ ଏବିଭିପିର ଦାବିପତ୍ର

ଚିପିଲିମା,୧୯।୧(ଡି.ଏନ.ଏ.)- ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଶନିବାର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ପକ୍ଷରୁ କୁଳପତିଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏଣୁ ଜ୍ୟୋତିବିହାର କ୍ୟାମ୍ପସ ପରିସରକୁ ପୋଲିସ ଛାଉଣୀରେ ରଖାଯାଇଥିଲା। ଅପରାହ୍ନ ସାଢେ ୧ଟାରେ ଛାତ୍ରୀଛାତ୍ର ପ୍ରଶାସନିକ କୋଠା ସମ୍ମୁଖରେ ପହଞ୍ଚି ୧୩ ଦଫାର ଏକ ଦାବିପତ୍ର କୁଳପତିଙ୍କ ଉଦ୍ଦେଶ୍ୟରେ କୁଳସଚିବ ପ୍ରଫେସର ସତ କୁମାର ସାହୁଙ୍କୁ ଦେଇଥିଲେ। ବୁଦ୍ଧଦେବ ବାଗ୍, ରିତେଶ ରଞ୍ଜନ ମେହେର, ଜ୍ୟୋତିରନ ନାୟକ, ମିତ୍ରପ୍ରକାଶ ବଳ, ଗୌରୀଶଙ୍କର ମହନ୍ତ, ସୁବ୍ରତ କୁମାର, ବିଶ୍ୱଜିତ ମିଶ୍ର, ନିକୁ ବିହାରି ପଣ୍ଡା, ସୌମ୍ୟରଞ୍ଜନ ବଡ଼ପଣ୍ଡା, ଚଣ୍ଡିପ୍ରସାଦ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ।

# ‘ପିଠା’ରେ ବ୍ଲକ ପ୍ରଶାସନକୁ ପାଣି ପିଆଇଲେ ସରପଞ୍ଚ

**ବାମରା, ୧୯।୧ (ସ୍ୱ.ପ୍ର.)**

ଗୋବିନ୍ଦପୁର ପଞ୍ଚାୟତରେ ଗତ ମାସ ୨୦ ଦିନ ବିଳମ୍ବରେ ପିଡିଏସ ଚାଉଳ ବଣ୍ଟନ ହୋଇଥିଲା। ଚଳିତ ମାସ ମଧ୍ୟ ୨୦ ଦିନ ବିତି ଗଲାଣି। ହେଲେ ଏ ପର୍ଯ୍ୟନ୍ତ ଚାଉଳ ବଣ୍ଟନ ଆରମ୍ଭ ହୋଇନାହିଁ । ଏହାକୁ ନେଇ ‘ପିଠା’ କାର୍ଯ୍ୟକ୍ରମକୁ ସରପଞ୍ଚ ମିନାକ୍ଷୀ ମାଝୀ ବିରୋଧ କରିଛନ୍ତି। ପଞ୍ଚାୟତରେ ହୋଇଥିବା ପିଠା କାର୍ଯ୍ୟକ୍ରମକୁ ସେ ବର୍ଜନ କରିଥିଲେ। ଫଳରେ ସମର୍ଥକ କି ଲୋକେ ଯାଇ ନ ଥିଲେ। ଏଣୁ ଆୟୋଜକ ବ୍ଲକ୍ ପ୍ରଶାସନ ନାକେଦମ ହେବା ସହ ହାତ ଟେକି ଦେଇଥିଲେ। ଶେଷ ମୁହୂର୍ତ୍ତରେ ବ୍ଲକ ପ୍ରଶାସନ ପକ୍ଷରୁ କେତେକ ହାତ ଗଣତି ଲୋକଙ୍କୁ ନେଇ ହାଇସ୍କୁଲ ପଡିଆରେ ପିଠା କାର୍ଯ୍ୟକ୍ରମ କରାଯାଇଥିଲା। ବାମରା ବିଡିଓ ସୁଶୀଲ କୁଜୁର କହିଛନ୍ତି ଯେ, ସରପଞ୍ଚଙ୍କ ଅସହଯୋଗ କାରଣରୁ ଚାଉଳ ବଣ୍ଟନ ହୋଇ ପାରୁନାହିଁ। ସରପଞ୍ଚଙ୍କ ଅସହଯୋଗ କାରଣରୁ ଯୋଗାଣ ସହାୟକ ଅମିର ସାହୁ ଇସ୍ତଫା ଦେଇଛନ୍ତି। ପ୍ରଥମ ମାସରେ ସଗରା ଯୋଗାଣ ସହାୟକ ଓ ଦ୍ୱିତୀୟ ମାସରେ ଗଡପୋଷ ଯୋଗାଣ ସହାୟକଙ୍କୁ ଚାଉଳ ବଣ୍ଟନ ପାଇଁ ଦାୟିତ୍ୱ ଦିଆଯାଇଥିଲା । ମାତ୍ର ସରପଞ୍ଚ ବାଧା ଦେଉଥିବାରୁ ଉକ୍ତ ପଞ୍ଚାୟତରେ କୌଣସି ଯୋଗାଣ ସହାୟକ ଚାଉଳ ବଣ୍ଟନ କରିବାକୁ ରାଜି ହେଉ ନାହାନ୍ତି ।

ଖାଲି ପଡିଥିବା ଯୋଗାଣ ସହାୟକ ପଦ ପୂରଣ ପାଇଁ ଆବେଦନ ଗ୍ରହଣ କରାଯାଇଥିଲା । ଆବେଦନ ଯାଞ୍ଚ ପରେ ଉପଯୁକ୍ତ ପ୍ରାର୍ଥୀଙ୍କୁ ଚୟନ କରାଯାଇଥାନ୍ତା। ମାତ୍ର ଆବେଦନ ଯାଞ୍ଚ ପ୍ରକ୍ରିୟାରେ ମଧ୍ୟ ସରପଞ୍ଚ ବିଭିନ୍ନ ଆଳ ଦେଖାଇ ବାଧା ସୃଷ୍ଟି କରିବା ସହିତ ସହଯୋଗ କରି ନ ଥିଲେ। ଏଣୁ ନିଯୁକ୍ତି ପ୍ରକ୍ରିୟା ମଧ୍ୟ ସ୍ଥଗିତ କରିବାକୁ ପଡିଛି । ଏହା ସତ୍ତ୍ୱେ ଶୀଘ୍ର ଖାଉଟିଙ୍କୁ ଚାଉଳ ଯୋଗାଇବା ପାଇଁ ବ୍ୟବସ୍ଥା କରାଯିବ ବୋଲି ବିଡିଓ କହିଛନ୍ତି । ଅନ୍ୟପକ୍ଷେ ବ୍ଲକ ଯୋଗାଣ ଅଧିକାରୀ ସୂର୍ଯ୍ୟକାନ୍ତ ପ୍ରଧାନ ମଧ୍ୟ ସରପଞ୍ଚଙ୍କ ଅସହଯୋଗ କାରଣରୁ ଚାଉଳ ବଣ୍ଟନ ବାଧାପ୍ରାପ୍ତ ହେଉଛି । ଯୋଗାଣ ସହାୟକ ପଦ ପୂରଣ ହେଲେ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ ବୋଲି କହିଛନ୍ତି।



ଶନିବାର ବ୍ରାଇଟ୍ ଫ୍ୟୁଚର୍ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡା ଉତ୍ସବରେ ପ୍ରତିଯୋଗୀମାନେ ।

## ବ୍ରାଇଟ୍ ଫ୍ୟୁଚର୍ ସ୍କୁଲର କ୍ରୀଡ଼ା ଉତ୍ସବ

**ସମ୍ବଲପୁର, ୧୯।୧ (ବ୍ୟୁରୋ)**

ବ୍ରାଇଟ୍ ଫ୍ୟୁଚର୍ ପବ୍ଲିକ ସ୍କୁଲର ୨୨ତମ ବାର୍ଷିକ କ୍ରୀଡା ଉତ୍ସବ ନକ୍ସାପାଲିଠାରେ ଅନୁଷ୍ଠିତ ହୋଇଯାଇଛି । ସ୍କୁଲ ଅଧ୍ୟକ୍ଷ ଡ. ବସନ୍ତ କୁମାର ବିଶୋଇଙ୍କ ଅଧ୍ୟକ୍ଷତାରେ ଉତ୍ସବ ହୋଇଥିଲା । ସ୍କୁଲ ପରିଚାଳନା କମିଟି ସଭାପତି ଜଗଦୀଶ ଚନ୍ଦ୍ର ତ୍ରିପାଠୀ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ । ରୋହିତ ଯାଦବ, ଦୀପ୍ତିରାଣୀ ପ୍ରଧାନ, ରାମନାଥ ମୁଣ୍ଡା, ହେମସାଗର ମିର୍ଦ୍ଧା, ପ୍ରଜ୍ଞା ରଣବିଡା, ତପନ କୁମାର ପାତ୍ର, ଶୁଭମ ମାଝୀ, ରିମାଞ୍ଜଳି ବେହେରା, ଏସ. ପଟେଲ, ଏପି ମେହେରଙ୍କୁ ପୁରସ୍କୃତ କରାଯାଇଥିଲା । ଅପରପକ୍ଷେ ଅଭିଭାବକଙ୍କ ମଧ୍ୟରେ ଦୌଡ ଓ ମ୍ୟୁଜିକ ଚେୟାର ପ୍ରତିଯୋଗିତା ହୋଇଥିଲା ।

## ସମ୍ବଲପୁରରେ ମାନବ ଶୃଙ୍ଖଳ

**ସମ୍ବଲପୁର, ୧୯।୧ (ବ୍ୟୁରୋ)**

ସମ୍ବଲପୁର ଡିଭିଜନ ଜୀବନ ବିମା କର୍ମଚାରୀ ସଂଘ ପକ୍ଷରୁ ରାଷ୍ଟ୍ରୀୟସ୍ତର ଏଲଆଇସି ସୁରକ୍ଷା ଦିବସ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ଅଧିକାରୀ, କର୍ମଚାରୀ ଓ ଏଜେଣ୍ଟମାନେ ଜୀବନ ବୀମା ମଣ୍ଡଳ ଅଫିସ ରାସ୍ତାରେ ମାନବ ଶୃଙ୍ଖଳ କରିଥିଲେ । ଅପରାହ୍ନ ୨ଟା ୧୫ ମିନିଟରୁ ୩ଟା ପର୍ଯ୍ୟନ୍ତ ସେମାନେ ହାତକୁ ହାତ ଯୋଡି ରାସ୍ତା ଉପରେ ଛିଡା ହୋଇଥିଲେ। ସଂଘ ସଭାପତି ରାଜୀବ ଲୋଚନ ଦାସ, ସାଧାରଣ ସମ୍ପାଦକ ମୀନରଞ୍ଜନ ବିଶି, ଯୁଗ୍ମ ସମ୍ପାଦକ ମହେଶ୍ୱର ଷଣ୍ଢ, ଅଫିସର ଆସୋସିଏସନର ବିଜୟ ମହାପାତ୍ର, କିଶୋର ସାହୁ, ଏଜେଣ୍ଟ ଆସୋସିଏସନ୍‌ର ଅଭିଜିତ ରାୟ, ଡେଭଲପ୍‌ମେଣ୍ଟ ଅସୋସିଏସନ୍‌ର ଅନିଲ ତ୍ରିପାଠୀ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ।



ସମ୍ବଲପୁର ଏଲଆଇସି ମଣ୍ଡଳ ଅଫିସ ସମ୍ମୁଖ ରାସ୍ତାରେ ମାନବ ଶୃଙ୍ଖଳା ।




ଜମାଦାରପାଲି ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ଓ କର୍ମକର୍ତ୍ତା ।

## ଜମାଦାରପାଲି ଆଶ୍ରମ ସ୍କୁଲର ବାର୍ଷିକୋତ୍ସବ

**ସମ୍ବଲପୁର, ୧୯।୧ (ବ୍ୟୁରୋ)**

ଜମାଦାରପାଲି ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଜିଲା ମଙ୍ଗଳ ଅଧିକାରୀ ଡ. ସୀତାଂଶୁ ମୋହନ ଦାଶଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ଗୌରିରାଣୀ ଦେଈ, ନାଟ୍ୟକାର ଡ. ଦ୍ୱାରିକାନାଥ ନାୟକ, ନୀଳମାଧବ ପାଣିଗ୍ରାହୀ, ସୁଧୀର ପୂଜାରୀ, ରାଜେନ୍ଦ୍ର ଜଗତ ଓ ଲିଲି ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଧାନ ଶିକ୍ଷକ ପ୍ରଶାନ୍ତ ପ୍ରଧାନ ସ୍ୱାଗତ ଭାଷଣ ଦେବାସହ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଅତିଶ କୁମାର ଶତପଥୀଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ ‘ମିରାର କାହାଣୀ’ ମଞ୍ଚସ୍ଥ ହୋଇଥିଲା ।

## ପାର୍ବତୀ ଗିରିଙ୍କ ୯୩ ତମ ଜୟନ୍ତୀ ପାଳିତ

**ସମ୍ବଲପୁର,୧୯।୧ (ବ୍ୟୁରୋ)**

ସମ୍ବଲପୁର ପାର୍ବତୀ ଗିରି କଲେଜରେ ବହ୍ନି କନ୍ୟା ସ୍ୱାଧୀନତା ସଂଗ୍ରାମୀ ପାର୍ବତୀ ଗିରିଙ୍କ ୯୩ ତମ ଜୟନ୍ତୀ ପାଳିତ ହୋଇଛି । ଯୁକ୍ତ ୨ କଲେଜ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଅଧ୍ୟକ୍ଷତା କରିଥିଲେ । ମାନଧାତା ବାବା କଲେଜ ଅଧ୍ୟାପକ ତୁଷାର ରଞ୍ଜନ ବାରିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅତିଥି ଭାବେ ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ, ରେଢାଖୋଲ ବିଧାୟକ ରୋହିତ ପୂଜାରୀ, ପ୍ରଫେସର ମିନକେତନ ପାଠୀ,ବୀରସିଂଗଡ ସରପଞ୍ଚ ରିଙ୍ଗାରାଣୀ ବେହେରା, ସନ୍ଧ୍ୟାରାଣୀ ପ୍ରଧାନ ଯୋଗ ଦେଇଥିଲେ । ସଭାରେ ପାର୍ବତୀ ଗିରିଙ୍କ ଜୀବନି ଓ ଆଦର୍ଶ ଉପରେ ଆଲୋଚନା କରାଯାଇଥିଲା । ଏହି ଅବସରରେ ରେଡକ୍ରସ ସଦସ୍ୟା କ୍ଷୀରୋଦ ଚନ୍ଦ୍ର ଓଝାଙ୍କ ସହଯୋଗରେ ଏକ ମାଗଣା ସ୍ୱାସ୍ଥ ଶିବିର ଅନୁଷ୍ଠିତ ହୋଇଥିଲା । ମୋଟ ୧୬୦ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ସନ୍ଧ୍ୟାରେ ଭଜନ କୀର୍ତ୍ତନ୍ୟ କାର୍ଯ୍ୟକ୍ରମ ହୋଇଥିଲା ।



ଫୁଲଝରଣରେ ପାର୍ବତି ଗିରି ଜୟନ୍ତୀ ପାଳନ ଅବସରରେ ଅତିଥି ଓ ଛାତ୍ରୀଛାତ୍ର ।

### ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ
## କ୍ରୀଡ଼ା ଛାତ୍ରାବାସ ବିଜୟୀ

**ସମ୍ବଲପୁର,୧୯।୧(ବ୍ୟୁରୋ)**

ଜିଲା କ୍ରୀଡା ସଂଘ ପକ୍ଷରୁ ଆୟୋଜିତ ଡା. ସନାତନ ବେହେରା ସ୍ମାରକୀ ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଶନିବାର ମ୍ୟାଚରେ କ୍ରୀଡା ଛାତ୍ରାବାସ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ କ୍ରୀଡା ଛାତ୍ରାବାସ ବନାମ କୁଦୋପାଲି ବୀଣାପାଣି କ୍ଲବ ମଧ୍ୟରେ ମ୍ୟାଚ ଏକତରଫା ହୋଇଥିଲା । ଶେଷରେ କ୍ରୀଡା ଛାତ୍ରାବାସ ୭-୦ ଗୋଲରେ ବିଜୟୀ ହୋଇଥିଲା । ରାଜାରାମ ଓରାମ, ବଳରାମ ମଟାରୀ, ପଦ୍ମ ନାୟକ, କିଶୋର ଚନ୍ଦ୍ର ତ୍ରିପାଠୀ ମ୍ୟାଚ ପରିଚାଳନା କରିଥିଲେ। ଫୁଟବଲ ସମ୍ପାଦକ ଅବଦୁଲ ଗଫାରଙ୍କ ସଂଯୋଜନାରେ ପୁରସ୍କାର ବିତରଣ ଉତ୍ସବ ହୋଇଥିଲା । ରେଖା ଦେ, ସନ୍ଧ୍ୟାରାଣୀ ଭୋଇ, ମୋନୀ ସାହୁ, ରାଜା ଚାନ୍ଦ ଅତିଥି ଭାବେ ଯୋଗ ଦେଇଥିଲେ ।



ଭିଏସଏସ ଷ୍ଟାଡିୟମରେ ଅତିଥିମାନେ ଫୁଟବଲ ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି ।

## ଜାଗୃତି ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

**ସମ୍ବଲପୁର,୧୯।୧(ବ୍ୟୁରୋ)**

ଜାଗୃତି ବିଦ୍ୟାମନ୍ଦିରର ୨୩ତମ ବାର୍ଷିକ ଉତ୍ସବ କୁଲୁଥକାନୀଠାରେ ଅନୁଷ୍ଠିତ ହୋଇଯାଇଛି । ସ୍କୁଲ ପରିଚାଳନା କମିଟି ସଭାପତି ହେମନ୍ତ କୁମାର ମହାପାତ୍ରଙ୍କ ପରିଚାଳନାରେ ଉତ୍ସବ ହୋଇଥିଲା। ପ୍ରଫେସର ଶଙ୍କର ପ୍ରସାଦ ପତି ମୁଖ୍ୟଅତିଥି, ଶିକ୍ଷାବିତ ଅରବିନ୍ଦ ମହାପାତ୍ର ଓ ଧରଣୀଧର ପ୍ରଧାନ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ସ୍କୁଲ ସମ୍ପାଦକ ହରିଶ୍ଚନ୍ଦ୍ର ଦାଶ ସ୍ୱାଗତ ଭାଷଣ ଓ ସୂଚନା ପ୍ରଦାନ କରିଥିଲେ । ଅଧ୍ୟକ୍ଷା ସୁଜାତା ମହାପାତ୍ର ବାର୍ଷିକ ବିବରଣୀ ପାଠ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ଏହାପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।




ଜାଗୃତି ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବରେ ଅତିଥିମାନେ ମଞ୍ଚାସୀନ ଥିବା ବେଳେ ଛାତ୍ରୀମାନେ ସଂଗୀତ ପରିବେଷଣ କରୁଛନ୍ତି ।

## ପୋଲ ତଳକୁ ଖସିଲା ଦୁଇ ଟ୍ରକ, ୪ ଆହତ

**ଲହୁଣୀପଡା, ୧୯।୧ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ କଲେଇପୋଷ-ବାହାଡାପଶି ରାସ୍ତା ୧୦ (କ) ରାଜ୍ୟ ରାଜପଥର ଟାଙ୍କଯୋଡା ନିକଟରେ ଶୁକ୍ରବାର ରାତି ପ୍ରାୟ ସାଢ଼େ ୧୦ଟାବେଳେ ଦୁର୍ଘଟଣା ଘଟିଛି। ପୋଲ ତଳକୁ ଟ୍ରକ ଉପରେ ଟ୍ରକ ଖସିପଡି ଚାରିଜଣ ଆହତ ହୋଇ ଚିକିତ୍ସିତ ହେଉଥିବା ଜଣାଯାଇଛି। କୋଇଡା ଖଣି ଅଞ୍ଚଳରୁ ଲୁହାପଥର ଗୁଣ୍ଡ ବୋଝେଇ କରି ଓଡି ୧୪ ଏଫ- ୪୧୫୬ ଟ୍ରକ ଯାଉଥିଲା। ସାମାନ୍ୟ ନିକଟରେ ଓଡି ୧୪ ପି- ୫୨୬୪ ଟ୍ରକ ବାହାଡାପଶି ଆଡକୁ ଯାଉଥିଲା। କୌଣସି କାରଣରୁ ପ୍ରଥମ ଟ୍ରକଟି ଭାରସାମ୍ୟ ହରାଇ ପୋଲ ତଳକୁ ଖସି ପଡିଥିଲା। ପଛ ଟ୍ରକ ମଧ୍ୟ ତା ଉପରେ ଖସିପଡିଥିଲା। ଭୟଙ୍କର ଶବ୍ଦ ହେବାକୁ ସ୍ଥାନୀୟ ଲୋକ ପହଞ୍ଚି ଡ୍ରାଇଭର ଓ ଖଲାସିଙ୍କୁ ଉଦ୍ଧାର କରିଥିଲେ। ଲହୁଣୀପଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଚିକିତ୍ସା ପାଇଁ ବଣେଇ ଡାକ୍ତରଖାନାକୁ ପଠାଇଥିଲେ।

+PILES CLINIC+
Near Budheswari Temple, ମହୀ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳଦ୍ୱାର (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

MAHENDAR FINANCE
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
8860754476
7838556518
Block Chack, Balasore-756027

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE
କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

GET INSTANT CASH AGAINST GOLD
GOLD CASH™
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲ୍‌ଟାଇମ୍ ରୋଜଗାର କରନ୍ତୁ 15000ରୁ 25000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
BUKAR, MALEPUR, JAMUI, BIHAR-811313
9065013355, 9162431749

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୁରଣ କରନ୍ତୁ । ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

1985ରୁ ସହସ୍ରାଧିକଙ୍କୁ ଲାଭ
ମହାକାଳୀ ଶକ୍ତିପୀଠ ଉତ୍ତରାଖଣ୍ଡ
ପ୍ରଫେସର ବିପି ଖନ୍ନା
ତନ୍ତ୍ର-ମନ୍ତ୍ର ଅନୁଭବୀ PhD ଜ୍ୟୋତିଷ କାଳୀ ମହାବିଦ୍ୟାର ତପସ୍ୱୀ ତାନ୍ତ୍ରିକ
(ପ୍ରେମବିବାହର 1757 କେସ୍ ସଫଳ)
ମହାବଶୀକରଣ, ପ୍ରେମରେ ଧୋକା, ସଉତୁଣୀ ଶତ୍ରୁ, ଗୃହକ୍ଲେଶ, ଯାଦୁ-ଟୋନା, ସନ୍ତାନ ବାଧା
‘ଠକ ବଙ୍ଗାଳି ମୌଲବୀ ବାବାଙ୍କ ପ୍ରତି ସାବଧାନ’
‘ଘଣ୍ଟା-ମିନିଟ୍‌ରେ ନିଦାନର ଦାବି ଧୋକା ଅଟେ’
09198771709
ସବୁଦିଗରୁ ନିରାଶ ବ୍ୟକ୍ତି ସମ୍ପୂର୍ଣ୍ଣ ସମାଧାନ ପାଆନ୍ତୁ

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ ।
ବ୍ୟବସାୟ, ପ୍ରେମବିବାହ, ମନ ଚାହୁଁଥିବା ଭଲପାଉଥିବା, କଳାଯାଦୁ, କରି କରାଉଥିବା, ପତି-ପତ୍ନୀ ମଧ୍ୟରେ ଝଗଡା ଏବଂ ଗୃହକ୍ଲେଶ, ସଉତୁଣୀ ଶତ୍ରୁ ମୁକ୍ତି, ରୁଷିଥିବା ଲୋକଙ୍କୁ ରାଜି କରାଇବା, ବଶୀକରଣ, ମୁଠ ଯାଦୁ ଟୋଣା, କ୍ୟାରିୟରରେ ଅସଫଳତା, ରୋଗରେ ଔଷଧ କାମ ନ କରିବା ଘରେ ହେଉଥିବା ଝଗଡା, ମା, ଭଉଣୀ ଓ ଝିଅମାନେ ନିଃସଙ୍କୋଚରେ ଫୋନ୍ କାରନ୍ତୁ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
(ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର)
9773820765
8512004851

BUSINESS
ଖାଲିଥିବା ଜମି ଓ ଛାତ ଉପରେ ହିନ୍ଦୁସ୍ଥାନ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 95,000,00/- ପାଆନ୍ତୁ ଓ ମାସକୁ ଭଡା 95,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଦରମା 70,000/-ଟଙ୍କା + 1 Bike
ରେଜିଷ୍ଟ୍ରେସନ ଫ୍ରୀ - ଏଗ୍ରୀମେଣ୍ଟ ୨୦ ବର୍ଷ
Plot No - 114/617, Devaraja Mohalla, Bangalore, Karnataka 570001
9634734514
7599131272



ରୋଗ, ଶତ୍ରୁ ଓ ଋଣ ଏମାନଙ୍କୁ ସବୁବେଳେ ଶେଷ କରିବାକୁ ଚେଷ୍ଟା କରିବ।
ପାପୀ, ହିଂସ୍ର ପ୍ରାଣୀ ଓ ହିଂସ୍ର ମନୁଷ୍ୟଙ୍କଠାରୁ ସର୍ବଦା ଦୂରରେ ରହିବ।
- ତୁଳସୀ ଦାସ



## ସଂକ୍ଷେପରେ

### ବସ୍ ତଳେ ପଶିଗଲା ବାଇକ୍

**ରେଙ୍ଗାଲି, ୧୯।୧ (ଡି.ଏନ.ଏ.)-** ସମ୍ବଲପୁର-ରାଉରକେଲା ବିଜୁ ଏକ୍ସପ୍ରେସ ୱେ ତଥା ଶାସନ ଥାନା ଅନ୍ତର୍ଗତ ବାଏପାସ ଗେଟପଡା ଛକ ନିକଟରେ ବସ୍-ବାଇକ୍ ଦୁର୍ଘଟଣାରେ ଜଣେ ଗୁରୁତର ଆହତ ହୋଇ ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଶନିବାର ଅପରାହ୍ନ ସାଢ଼େ ୪ଟାରେ ଶାସନ ଥାନା ଅନ୍ତର୍ଗତ ଗେଟପଡା ଛକ ନିକଟରେ ଆଦିତ୍ୟ ରେସିଡେନସିଆଲ ସ୍କୁଲର (ଓଆର୍ ୧୫ ଏଫ- ୭୪୮୮) ବସ୍ ଝାରସୁଗୁଡା ପଟକୁ ଯିବା ସମୟରେ ଝାରସୁଗୁଡାରୁ ସମ୍ବଲପୁରକୁ ଏକ ବାଇକ୍ (ଓଆର୍ ୧୫ ଆର୍- ୭୪୨୦ ସିବିଜେଡ୍)ରେ ଯାଉଥିବା ରଜତ ସାହୁ (୨୧) ବସ ସହ ମୁହାଁମୁହିଁ ଧକ୍କା ହୋଇଥିଲେ। ବାଇକ୍ଟି ବସ୍ ତଳେ ପଶିଯାଇଥିଲା । ରଜତଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବୁର୍ଲା ଡାକ୍ତରଖାନା ପଠାଯାଇଛି । ଶାସନ ଥାନା ପୋଲିସ ଏକ ଦୁର୍ଘଟଣା ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି।

# ଉପଜିଲାପାଳଙ୍କୁ ମଣ୍ଡି ସମସ୍ୟା ଜଣାଇଲେ ଚାଷୀ

**ରେଢ଼ାଖୋଲ,୧୯।୧(ଡି.ଏନ.ଏ.)**

ରେଢ଼ାଖୋଲ ରାମ ମନ୍ଦିର ପରିସରରେ ଶନିବାର ନବ ନିର୍ମାଣ କୃଷକ ସଂଗଠନ ରେଢ଼ାଖୋଲ ଶାଖାର ଏକ ବୈଠକ ଅନୁଷ୍ଠିତ ହୋଇଛି। ଦୁର୍ଯ୍ୟୋଧନ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଯୋଗ ଦେଇଥିଲେ। ସଂଗଠନ ପକ୍ଷରୁ ଚାଷୀମାନଙ୍କ ପାଇଁ ଦାବି କରାଯାଇଥିବା ପ୍ରାଇସ, ପେନସନ, ପ୍ରେଷ୍ଟିଜ ସମ୍ପର୍କରେ ଆଲୋଚନା କରିବା ସହିତ ଚାଷୀମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଧାନ ମଣ୍ଡିଗୁଡିକରେ ଦେଖା ଦେଇଥିବା ଅବ୍ୟବସ୍ଥା ଉପରେ ପ୍ରଶାସନ କୌଣସି ପଦକ୍ଷେପ ନେଉ ନ ଥିବା ଯୋଗୁ ଅସନ୍ତୋଷ ପ୍ରକାଶ ପାଇଥିଲା। ମଣ୍ଡିରେ କଟନି ଛଟନି ଓ ଦଲାଲମାନଙ୍କ ସକ୍ରିୟତା, ଠିକ ସମୟରେ ଧାନର ପ୍ରାପ୍ୟ ମିଳୁ ନ ଥିବା ବେଳେ ରେଢ଼ାଖୋଲ ବନଖଣ୍ଡରେ ହାତୀ ଓ ବନ୍ୟଜନ୍ତୁ ଉପଦ୍ରବ ଯୋଗୁ କ୍ଷତି ହେଉଥିବା ଫସଲର କ୍ଷତିପୂରଣ ଓ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ବୀମାରାଶି ପ୍ରଦାନ କରାଯାଉ ନ ଥିବା ନେଇ ଚାଷୀମାନେ ଅଭିଯୋଗ କରିଥିଲେ। ଫେବୃୟାରୀ ୬ରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ସମାବେଶରେ ବହୁ ସଂଖ୍ୟାରେ ଯୋଗ ଦେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବୈଠକ ପରେ ଆବାହକ ଦୋଳଗୋବିନ୍ଦ ପ୍ରଧାନଙ୍କ ନେତୃତ୍ୱରେ ଏକ ଚାଷୀ ପ୍ରତିନିଧି ଦଳ ଉପଜିଲାପାଳ ବିଶିକେଶନ ଦେହୁରୀଙ୍କୁ ସାକ୍ଷାତ କରି ମଣ୍ଡି ଅବ୍ୟବସ୍ଥା ଓ ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ। ବୈଠକରେ ମାଗୁଣି ପ୍ରଧାନ, ଭଗବାନ ପ୍ରଧାନ, ବିଶ୍ୱନାଥ ବେହେରା, ଜଗବନ୍ଧୁ ପ୍ରଧାନ, ବାମଦେବ ଦେହୁରୀ, କରୁଣା ସାହୁ, ରମାକାନ୍ତ ସାହୁ, ସୁଦାମ ଧଳ, ରମଣୀ ରଞ୍ଜନ ଦେହୁରୀ, ପବିତ୍ର ମୋହନ ପ୍ରଧାନ, ଲୋକନାଥ ପ୍ରଧାନଙ୍କ ସମେତ ବହୁ ଚାଷୀ ଯୋଗ ଦେଇଥିଲେ।



ଚାଷୀ ପ୍ରତିନିଧି ଦଳ ଶନିବାର ଉପଜିଲାପାଳଙ୍କୁ ସାକ୍ଷାତ କରି ମଣ୍ଡି ଅବ୍ୟବସ୍ଥା ଓ ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିବା ଅବସରରେ।

### ଗର୍ଲ୍ସ ହାଇସ୍କୁଲ ଜମି ହଡପ ଉଦ୍ୟମ ଅଭିଯୋଗ

**ରେଢ଼ାଖୋଲ,୧୯।୧(ଡି.ଏନ.ଏ.)**

ରେଢ଼ାଖୋଲ ସହରର ସର୍ବପୁରାତନ ସରକାରୀ ବାଳିକା ବିଦ୍ୟାଳୟର ଜମିକୁ ଏକ ଇଂଲିଶ ମାଧ୍ୟମ ବିଦ୍ୟାଳୟ କର୍ତ୍ତୃପକ୍ଷ ଜବର ଦଖଲ ଉଦ୍ୟମ କରୁଥିବା ନେଇ ଅଭିଯୋଗ ହୋଇଛି। ରାଣୀ ଅନ୍ନପୂର୍ଣ୍ଣା ସରକାରୀ ବାଳିକା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମଶ୍ରୀ ଦାସ ଏ ନେଇ ଉପଜିଲାପାଳ ବିଶିକେଶନ ଦେହୁରୀଙ୍କଠାରେ ଲିଖିତ ଅଭିଯୋଗ କରିଛନ୍ତି। ଏହା ସହିତ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକ, ଜିଲାପାଳ, ରେଢ଼ାଖୋଲ ତହସିଲଦାର ଓ ଥାନା ଅଧିକାରୀଙ୍କୁ ମଧ୍ୟ ଲିଖିତ ଭାବେ ଜଣାଇଛନ୍ତି। ଏହି ଘଟଣାକୁ ନେଇ ସହରରେ ମଧ୍ୟ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ବାଳିକା ହାଇସ୍କୁଲ କର୍ତ୍ତୃପକ୍ଷ କରିଥିବା ଅଭିଯୋଗ ଅନୁଯାୟୀ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ପ୍ରହ୍ଲାଦ ରାୟ ଲାଠ ପ୍ରାୟ ୩ ଏକର ଜମି ସ୍କୁଲ ପାଇଁ ଦାନ କରିଥିଲେ। ଏହି ଜମିଟି ଉକ୍ତ ଇଂଲିଶ ମାଧ୍ୟମ ସ୍କୁଲକୁ ଲାଗି ରହିଛି। ଏହାର ସୁଯୋଗ ନେଇ ଇଂଲିଶ ମାଧ୍ୟମ ସ୍କୁଲ କର୍ତ୍ତୃପକ୍ଷ ଏହି ଜମିକୁ ହଡପ କରିବା ପାଇଁ ପୂର୍ବରୁ ମଧ୍ୟ ଚେଷ୍ଟା କରିଥିଲେ। ଏଥିଯୋଗୁ ରେଢ଼ାଖୋଲ ଜନସାଧାରଣଙ୍କ ପକ୍ଷରୁ ପ୍ରତିବାଦ ମଧ୍ୟ କରାଯାଇଥିଲା। ଏହି ଜମିକୁ ନେଇ ରେଢ଼ାଖୋଲ ସିଭିଲ କୋର୍ଟରେ ମଧ୍ୟ ଏକ ମାମଲା (ସିଏସ-୧୬/୨୦୧୧/୩୧/୧୧) ବିଚାରାଧୀନ ଅଛି। ତାହା ସତ୍ତ୍ୱେ ଉକ୍ତ ଜମି ଉପରେ ବେଆଇନ ଭାବେ ଫାଟକ ଓ ରାସ୍ତାନିର୍ମାଣ କରି ନିଜ ଅକ୍ତିଆରକୁ ନେବା ପାଇଁ ଉଦ୍ୟମ ଚାଲିଛି। ଏ ଦିଗରେ ପ୍ରଶାସନ ପକ୍ଷରୁ ତୁରନ୍ତ ହସ୍ତକ୍ଷେପ କରି ପଦକ୍ଷେପ ନେବାକୁ ପ୍ରଧାନ ଶିକ୍ଷୟିତ୍ରୀ ଅନୁରୋଧ କରିଛନ୍ତି ।

# ଗଙ୍ଗାଧର ମେହେର ଉଚ୍ଚ ମାଧ୍ୟମିକ ସ୍କୁଲର ବାର୍ଷିକ ଉତ୍ସବ

**ସମ୍ବଲପୁର, ୧୯।୧ (ବ୍ୟୁରୋ)**

ଗଙ୍ଗାଧର ମେହେର ଉଚ୍ଚ ମାଧ୍ୟମିକ ସ୍କୁଲର ୧୯ତମ ବାର୍ଷିକ ଉତ୍ସବ 'ମହ୍ଲାର' ଶନିବାର ଅମୃତ ବିହାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ଅଧକ୍ଷା ସୁଜ୍ଞାନିମଞ୍ଜରୀ ଜେମାଙ୍କ ପରିଚାଳନାରେ ଉତ୍ସବ ହୋଇଥିଲା । ଶିକ୍ଷାବିତ ଡ. ଦିଲୀପ କୁମାର ପଣ୍ଡା, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସ୍ନାତୋକତ୍ତର ଅଧକ୍ଷ ଡ. ସଦନ କୁମାର ପାଲ ଏବଂ ରାୟଗଡା ମଡେଲ ଡିଗ୍ରୀ କଲେଜ ସହକାରୀ ପ୍ରଫେସର ଡ. ଶ୍ୟାମ ଭୋଇ ଅତିଥି ଭାବେ ଯୋଗ ଦେଇଥିଲେ। ରଞ୍ଜନ କୁମାର ସାହୁ ବାର୍ଷିକ ବିବରଣୀ ପାଠ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଉପାଧକ୍ଷା ସଙ୍ଗୀତା ମୁଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସ୍କୁଲର ଦ୍ୱିତୀୟ ବର୍ଷ ବାଣିଜ୍ୟ ଛାତ୍ରୀ ସୁପ୍ରୀତି ସାହୁଙ୍କୁ ଶ୍ରେଷ୍ଠ ଛାତ୍ରୀ ଭାବେ ପୁରସ୍କୃତ କରିଥିଲେ। ଡ. ମାନଭଞ୍ଜନ ପାଣିଗ୍ରାହୀ ମାନପତ୍ର ପାଠ କରିଥିଲେ । ଡ. ସୁନୀଲ କୁମାର ଗୁରୁ ଉଦ୍ଦେଶ୍ୟ ଓ ଲକ୍ଷ୍ୟ ବିଷୟରେ ସୂଚନା ଦେଇଥିଲେ । ପ୍ରଭୁଦତ୍ତ ହୋତା, ଏନସି କୁଲଦୀପ, ଭୋଜରାଜ ରୋହିଦାସ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ପ୍ରତ୍ୟାଷା, ସଂସ୍କୃତିକା, ପ୍ରାଣକ୍ଷିତ, ପ୍ରିତୀ, କରିଶ୍ମା, ସାଗରିକା, କୋମଳ, ହିତିଶା, ରିତିକା, ପ୍ରିତି ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ପ୍ରିୟଙ୍କା ସୁନା ଓଡିଶୀ ନୃତ୍ୟ ପରିବେଷଣ କରିଥିବା ବେଳେ ମୋହିତ କ୍ଷେତ୍ରୀ ଭଜନ ଗାନ କରିଥିଲେ ।



ଗଙ୍ଗାଧର ମେହେର ଉଚ୍ଚ ମାଧ୍ୟମିକ ସ୍କୁଲର ୧୯ତମ ବାର୍ଷିକ ଉତ୍ସବ 'ମହ୍ଲାର'ରେ ଜଣେ ଛାତ୍ରୀଙ୍କୁ ସମ୍ମାନିତ କରୁଛନ୍ତି।



କିନ୍ନରଙ୍କ ଅଧିକାର ସମ୍ପର୍କିତ କର୍ମଶାଳାରେ ବିଚାରପତି, ଆଇନଜୀବୀ ପ୍ରମୁଖ ଅତିଥିଗଣ।

# କିନ୍ନରଙ୍କ ଅଧିକାର ସମ୍ପର୍କିତ ସଚେତନତା କର୍ମଶାଳା

**ରେଢ଼ାଖୋଲ,୧୯।୧(ଡି.ଏନ.ଏ.)**

ରେଢ଼ାଖୋଲ ତାଲୁକ ଆଇନ ସେବା ପ୍ରାଧିକରଣ ସମିତି ପକ୍ଷରୁ ସିଭିଲ କୋର୍ଟ ପରିସରରେ କିନ୍ନରଙ୍କ ଅଧିକାର ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ତାଲୁକ ଆଇନସେବା ପ୍ରାଧିକରଣ ସମିତିର ଅଧ୍ୟକ୍ଷ ତଥା ସବ୍ ଜଜ୍ ବାସୁଦେବ ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ। ଏସ୍‌ଡିଜେଏମ ଅପୂର୍ବା ଚୌଧୁରୀ, ବରିଷ୍ଠ ଆଇନଜୀବୀ ଶିବପ୍ରସାଦ ପ୍ରଧାନ, ସଜଳ କାନ୍ତ ପାଲ, ଏପିପି ପ୍ରେମଚାନ୍ଦ କୁଲୁ ପ୍ରମୁଖ ଯୋଗ ଦେଇଥିଲେ। କର୍ମଶାଳାରେ କିନ୍ନରମାନଙ୍କ ସାମ୍ବିଧାନିକ ଅଧିକାର ଓ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ବିଭିନ୍ନ ସୁବିଧା ସୁଯୋଗ ଉପରେ ଆଲୋଚନା କରାଯିବା ସହ ସଚେତନ କରାଯାଇଥିଲା।

### ସମ୍ବଲପୁରୀ ନାଟକ ଜୁଏ ମଞ୍ଚସ୍ଥ

**ଅତାବିରା, ୧୯।୧ (ଡି.ଏନ.ଏ):** ଅତାବିରା ବ୍ଲକ ଲରମ୍ବା କଲେଜରେ ସମ୍ବଲପୁରୀ ନାଟକ 'ଜୁଏ'ମଞ୍ଚସ୍ଥ ହୋଇଛି। ସୁଶାନ୍ତ ମିଶ୍ରଙ୍କ ରଚିତ ଓ ନାଟ୍ୟ ନିର୍ଦ୍ଦେଶକ ପ୍ରମୋଦ ସେଠଙ୍କ ନିର୍ଦ୍ଦେଶନାରେ ମଞ୍ଚସ୍ଥ ହୋଇଛି। ମୁଖ୍ୟଅତିଥି ମୁଖ୍ୟଅତିଥି ଭାବେ ଅତାବିରା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ତପସ୍ୱିନୀ ଗୁରୁ ସମ୍ମାନିତ କରିଥିଲେ ।

# ସରସ୍ୱତୀ ଶିଶୁ ମନ୍ଦିର ପ୍ରତ୍ୟେକ କ୍ଷେତ୍ରରେ ଆଗୁଆ

**ବାମରା, ୧୯।୧ (ସ୍ୱ.ପ୍ର.)**

ବାମରା ବ୍ଲକ କେଶାଇବାହାଲ ପଞ୍ଚାୟତ ସୋଲବଗା ସରସ୍ୱତୀ ଶିଶୁ ମନ୍ଦିରର ଷଷ୍ଠ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଦିଲୀପ ରାୟ ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ବେଦମାତା ସେବାଶ୍ରମର ପ୍ରତିଷ୍ଠାତ୍ରୀ ସୁବୋଦିନୀ ପଟେଲ ସଂଯୋଜନା କରିଥିଲେ । ପ୍ରଧାନ ଆଚାର୍ଯ୍ୟ ଉମେଶ ଚନ୍ଦ୍ର ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ପୂର୍ବତନ ବିଧାୟକ ବୃନ୍ଦାବନ ମାଝି ମୁଖ୍ୟଅତିଥି, କୁଚୁରାଚୁଆଁ କଲେଜ ଅଧ୍ୟାପକ ସତ୍ୟନାରାୟଣ ପଟେଲ ମୁଖ୍ୟବକ୍ତା ଓ ବାମରା ତହସିଲଦାର ଅନିଲ କୁଲୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଭାରତୀୟ ସଂସ୍କୃତି, ପରମ୍ପରା, ଗୁରୁଶିଷ୍ୟ ସମ୍ପର୍କ, ସାହିତ୍ୟ, କଳା ଓ ଭାଷାଜ୍ଞାନ ଉପରେ ଆଧାରିତ ସରସ୍ୱତୀ ଶିଶୁ ମନ୍ଦିର ପ୍ରତ୍ୟେକ କ୍ଷେତ୍ରରେ ଆଗୁଆ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ପରିଚାଳନା ସମିତି ସମ୍ପାଦକ ସୁବ୍ରତ ନାଏକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କ ସହ ଆଚାର୍ଯ୍ୟ ସୁଜାତା ଦାଶ, ରଞ୍ଜିତା ସାହୁ, ଅରୁଣ ବେହେରା ଓ ସୁବୋଦିନୀ ପଟେଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ଶାରୀରିକ ପ୍ରଦର୍ଶନ, ଯୋଗାସନ, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ତୁଳସୀ ମଞ୍ଜରୀ ବହିଦାର ଧନ୍ୟବାଦ ଦେଇଥିଲେ ।




ସୋଲବଗା ସରସ୍ୱତୀ ଶିଶୁ ମନ୍ଦିରର ଷଷ୍ଠ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

### କଂଗ୍ରେସରେ ଅଛୁ ରହିବୁ

**ରେଙ୍ଗାଲି, ୧୯।୧ (ଡି.ଏନ.ଏ)**

ରେଙ୍ଗାଲି ବ୍ଲକ କିନାଲୋଇ ପଞ୍ଚାୟତ ଜୁନାଡିହିଠାରେ ରେଙ୍ଗାଲି ବ୍ଲକ ବରିଷ୍ଠ କଂଗ୍ରେସ ନେତା ଓ କର୍ମୀଙ୍କ ମଧ୍ୟରେ ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଥିଲା। କଂଗ୍ରେସରେ ଅଛୁ, ଆଗକୁ ରହିବୁ ବୋଲି ସମସ୍ତେ ଦୃଢ଼ୋକ୍ତି କରି ସଂକଳ୍ପ ନେଇଥିଲେ । ନବ ଦାସ କଂଗ୍ରେସ ଛାଡିଲା ସତ୍ତ୍ୱେ ଆଗାମୀ ନିର୍ବାଚନରେ କଂଗ୍ରେସ ଦଳକୁ ବିଜୟ ଲାଭ କରିବା ପାଇଁ ରଣନୀତି ପ୍ରସ୍ତୁତ କରାଯାଇଥିଲା। କଂଗ୍ରେସ ଭାଙ୍ଗି ନାହିଁ ଭାଙ୍ଗିବ ନାହିଁ ବୋଲି ରେଙ୍ଗାଲି ବ୍ଲକ କଂଗ୍ରେସ ସଭାପତି ସୁବାସ ବିଶ୍ୱାଳ ବୈଠକରେ ସଭାପତିତ୍ୱ କରି ପ୍ରକାଶ କରିଥିଲେ । ସରୋଜ ପୂଝାରୀ, ଗୋପାଳ ପଣ୍ଡା, ବିପିନ ଭୋଇ, ପ୍ରଫୁଲ୍ଲ ବିଶ୍ୱାଳ, ହେମନ୍ତ ଦାସ, ଦୁର୍ଗା ବାଗ, ବୀର ରଣବିଡା, ଦୟାନିଧି ଭଏଁସାଲ, ମୋହନ ନାଏକ, ଚତୁର୍ଭୁଜ ଝାଙ୍କର, ଜୁନୁ ପାଣିଗ୍ରାହୀ, ନେପାଳ ପଧାନ, ଦୁର୍ଲ୍ଲଭ ଓରାମ, ତରୁଣ ମେହେର, ପ୍ରଶାନ୍ତ ସାହୁଙ୍କ ସହ ବ୍ଲକର ୧୬ଟି ପଞ୍ଚାୟତରୁ ଶତାଧିକ ବରିଷ୍ଠ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ । ମହମ୍ମଦ ରୁସ୍ତମ, ଇନ୍ଦ୍ରମଣି ବାରିକ, ପିଣ୍ଟୁ ନାଥ ଏବଂ ଚିପିଲିମାର ବଳାରାମ ସେଟ ଉପସ୍ଥିତ ଥିଲେ।

# ଜୋନାଲ ଆଇଟିଆଇ ଫେଷ୍ଟ ଉଦ୍‌ଯାପିତ

**ହୀରାକୁଦ, ୧୯।୧ (ଡି.ଏନ.ଏ)**

ହୀରାକୁଦ ଶିଳ୍ପ ତାଲିମ କେନ୍ଦ୍ର ଆନୁକୂଲ୍ୟରେ ଜୋନାଲ ଆଇଟିଆଇ ଫେଷ୍ଟ– ୨୦୧୯ ଗତ ୧୫ ତାରିଖଠାରୁ ଆରମ୍ଭ ହୋଇ ଶନିବାର ଉଦଯାପିତ ହୋଇଛି । ରେଙ୍ଗାଲି ସରକାରୀ ପଲିଟେକନିକ୍‌ର ପ୍ରିନ୍ସିପାଲ ସମରଜିତ ବିଶ୍ୱାଳ, ଜିଲା ନିୟୋଜନ ଅଧିକାରୀ ଗଣେଶ୍ୱର ନାୟକ, ବିଦ୍ୟୁତପ୍ରଭା ସାହୁ, ଶିରିଶ କୁମାର ସାହୁ, ଖବରଦାତା ବିକ୍ରମାଦିତ୍ୟ ଶତପଥୀ ଯୋଗ ଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ । ଶିଳ୍ପ ତାଲିମ କେନ୍ଦ୍ରର ଅଧକ୍ଷ ଧନଞ୍ଜୟ ଖୁରା ବିଭିନ୍ନ ଶିଳ୍ପ ତାଲିମ କେନ୍ଦ୍ରରୁ ଆସିଥିବା ପ୍ରତିନିଧି ଓ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ୩୩ଟି ଖେଳକୁଦ ଓ ୨୨ଟି ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ୍ୟ ବିବେଚିତ ପ୍ରତିଯୋଗୀମାନେ ପୁରସ୍କୃତ ହୋଇଥିଲେ । ଉଦ୍‌ଯାପନୀ ସମାରୋହରେ ବିଭିନ୍ନ ଶିଳ୍ପ ତାଲିମ କେନ୍ଦ୍ର ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ଛାତ୍ରୀଛାତ୍ର ଉପସ୍ଥିତ ଶିକ୍ଷାନବୀଶ ଏବଂ ଅତିଥିମାନଙ୍କୁ ମନମୁଗ୍ଧ କରିଥିଲେ । ହୀରାକୁଦ ଶିଳ୍ପ ତାଲିମ କେନ୍ଦ୍ର ବିଭିନ୍ନ ଇଭେଣ୍ଟରେ ଦଳଗତ ଚାମ୍ପିୟନ ହୋଇ ପୁରସ୍କୃତ ହୋଇଥିଲା। କର୍ମଚାରୀ ସତ୍ୟବାଦ ବିଶ୍ୱାଳ ବ୍ୟକ୍ତିଗତ ଚାମ୍ପିୟନ ହୋଇଥିଲେ।



# ପଧାନପାଲି ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପିତ

**ପଡିଆବାହାଲ,୧୯।୧(ଡି.ଏନ.ଏ.)**

ପଧାନପାଲି ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀର ଶନିବାର ଥିଲା ତୃତୀୟ ତଥା ଅନ୍ତିମ ଦିବସ । ଅତିଥି ଭାବେ ରେଢାଖୋଲ ବିଧାୟକ ରୋହିତ ପୂଜାରୀ, ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ, ପୂର୍ବତନ ଲୋକ ସଭା ସଦସ୍ୟ ଭବାନୀ ହୋତା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସ୍କୁଲ ପରିସରରେ ପ୍ରତିଷ୍ଠାତା ସଭ୍ୟ ଅଚ୍ୟୁତାନନ୍ଦ ନାୟକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଥିଲା। ପରେ 'ପ୍ରାଥମିକ ଶିକ୍ଷାରେ ସଂକଟ' ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଆଲୋଚନାଚକ୍ରରେ ବାହାମ ସରପଞ୍ଚ ମିତ୍ରଭାନୁ ପଧାନ, ସମିତି ସଭ୍ୟା ରିନା ଝାଙ୍କର, ପ୍ରଫୁଲ୍ଲ କୁମାର ପଣ୍ଡା, ପ୍ରଧାନ ଶିକ୍ଷୟିତ୍ରୀ ସାବିତ୍ରୀ ବିଶ୍ୱାଳ, ଦୀପକ ବେହେରା ମଞ୍ଚାସୀନ ଥିଲେ । ଦିଲ୍ଲୀପ କୁମାର ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସ୍ମରଣିକା ଉନ୍ମୋଚନରେ ଡା. ପ୍ରଦୀପ ପଣ୍ଡା, ଅବସରପ୍ରାପ୍ତ ସଚିବ ପଠାନ ପଣ୍ଡା, ସଞ୍ଜୟ କୁମାର ନାୟକ, ଡା. ରାଜାରାମ ଷଡଙ୍ଗୀ ଅଂଶ ଗ୍ରହଣ କରିଥିଲେ। ଗୁରୁପୂଜନ କାର୍ଯ୍ୟକ୍ରମରେ ଅବିନାଶ ଚନ୍ଦ୍ର ଶର୍ମା, ପ୍ରଫୁଲ୍ଲ କୁମାର ପଣ୍ଡା, ସୁରେନ୍ଦ୍ର ମହାକୁର, ଲୋଚନ ମେହେର, ପ୍ରହଲ୍ଲାଦ ସାହୁ, ଧନେଶ୍ୱର ବଡପଣ୍ଡା, ଲକ୍ଷ୍ମୀ ନାରାୟଣ ବେହେରା, ଗୋପାଳ ପ୍ରସାଦ ପଣ୍ଡା, ସୁରେନ୍ଦ୍ର ପଣ୍ଡା, ରାଧାକାନ୍ତ ଭୋଇଙ୍କୁ ସମ୍ମାନିତ କରାଯାଇଥିଲା। ସୁରେନ୍ଦ୍ର ପଣ୍ଡା ସଭାପତିତ୍ୱ କରିଥିବା ବେଳେ ଡା. ରାଜାରାମ ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।




ପଧାନପାଲି ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀର ଶେଷ ଦିବସରେ ମଞ୍ଚାସୀନ ଅତିଥି।

# ଶୃଙ୍ଖଳା, ଅଧ୍ୟବସାୟ ଛାତ୍ର ଜୀବନର ଚାବିକାଠି

**ରେଙ୍ଗାଲି,୧୯।୧(ଡି.ଏନ.ଏ.)**

ରେଙ୍ଗାଲି ସୁରଜମଲ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଶନିବାର କଲେଜ ଅଧକ୍ଷ ସୁଜିତ କୁମାର ସେନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦୀପକ କୁମାର ବେହେରା ଯୋଗଦେଇ ଆତ୍ମ ସମୀକ୍ଷା, ଆତ୍ମବିଶ୍ୱାସ ଓ ଇଚ୍ଛାଶକ୍ତି ଜୀବନର ମୂଳମନ୍ତ୍ର। ଶୃଙ୍ଖଳା ଓ ଅଧ୍ୟବସାୟ ଛାତ୍ରୀଛାତ୍ରମାନଙ୍କ ଚାବି କାଠି ବୋଲି କହିଥିଲେ। ଅଧ୍ୟାପକ ଡ. ମନୋଜ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପିକା ପ୍ରଣତୀ ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରଧ୍ୟାପିକା ଡ. ମିନତୀ ଶତପଥୀ, ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗର୍ଡିଆ ଉପସ୍ଥିତ ଥିଲେ। କଲେଜର ବିଶିଷ୍ଟ ପ୍ରତିଭା ତୀରନ୍ଦାଜ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଶଙ୍କର ମୁଣ୍ଡା ଓ ମେଧାବୀ ଛାତ୍ରୀ ଚାନ୍ଦିନୀ ଓରାମଙ୍କୁ ପୁରସ୍କୃତ କରାଯାଇଥିଲା। ମୁଖ୍ୟ କିରାଣି ମୁକୁନ୍ଦରାମ ପଟେଲଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା । କଲେଜରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।




ରେଙ୍ଗାଲି ସୁରଜମଲ ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର।



ବିଶ୍ରାମର ମାତ୍ରା ଯଦି ଅଧିକ ହୋଇଗଲା ତେବେ ସେହି ବିଶ୍ରାମ ହିଁ କଷ୍ଟଦାୟକ ହୋଇଉଠେ।

- ହୋମର



## ସଂକ୍ଷେପରେ

### ରିଆମାଳ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ରିଆମାଳ,୧୯।୧ (ଡି.ଏନ୍.ଏ.): ରିଆମାଳ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଶନିବାର ଉଦଯାପିତ ହୋଇଯାଇଛି। ବରିଷ୍ଠ ଶିକ୍ଷକ ଠଣ ସୁନ୍ଦର ସାହୁ ଅଧକ୍ଷତା କରିଥିବାବେଳେ ବିଶିଷ୍ଟ ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ଶିକ୍ଷକ ଧରଣୀଧର ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଶିଶୁମନ୍ଦିରର ପ୍ରଧାନଶିକ୍ଷକ ନରେନ୍ଦ୍ର ବିଶ୍ୱାଳ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବିଜ୍ଞାନ ଶିକ୍ଷକ ସୁକାନ୍ତ କୁମାର ନନ୍ଦ ମଞ୍ଚ ପରିଚାଳନା କରି ଅତିଥି ପରିଚୟ ଦେଇଥିଲେ। କ୍ରୀଡ଼ା ଶିକ୍ଷକ ରୋହିତ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ରିଆମାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ଟପ୍ପୋ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପାତ୍ର ସଭାପତିତ୍ୱ କରିଥିଲେ।

### କଂସର ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

ବାରକୋଟ, ୧୯।୧ (ଡି.ଏନ.ଏ): ଦେବଗଡ ଜିଲା କଂସର ଶିଶୁ ମନ୍ଦିରର ଦଶମ ବାର୍ଷିକଉତ୍ସବ ଶନିବାର ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ ଜିଲା ପରିଷଦ ଅଧକ୍ଷା ସୁଧାମୟୀ ପଟେଲ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ରେବତୀ ପାତ୍ର ଯୋଗଦେଇ ଦୀପ ପ୍ରଜ୍ୱଳନ କରିଥିଲେ। ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସମ୍ବଲପୁର ବିଭାଗର ବୌଦ୍ଧିକ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ସଭାପତି ଶଶିଭୂଷଣ ସାହୁ ସଭା ପରିଚାଳନା କରିଥିଲେ। ସମ୍ପାଦକ ଅଶୋକ କୁମାର ଭୋଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଲକ୍ଷ୍ମଣ କୁମାର ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ବୌଦ୍ଧିକ କାର୍ଯ୍ୟକ୍ରମ ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।

### ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ବକ୍ତୃତା ପ୍ରତିଯୋଗିତା

ଦେବଗଡ,୧୯।୧(ସ୍ୱ.ପ୍ର.) ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ଅଷ୍ଟମରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଆୟୋଜିତ ହୋଇଯାଇଛି। 'ଜଳର ଅପଚୟ ଓ ଆଗାମୀ ଭବିଷ୍ୟତ' ବିଷୟ ବସ୍ତୁ ଉପରେ ଆଧାରିତ ଏହି ପ୍ରତିଯୋଗିତାରେ ଗୋହିରା ନୋଡାଲ ହାଇସ୍କୁଲର ଘନଶ୍ୟାମ କୁଅଁର ପ୍ରଥମ, ସିନ୍ଦୂରପାଟ ହାଇସ୍କୁଲର କ୍ରୀଷ୍ଣା ସାହୁ ଦ୍ୱିତୀୟ ଏବଂ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଅଲିଭା ଶତପଥୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରତିଯୋଗିତାରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଅର୍ଚ୍ଚନା ପାତ୍ର ଏବଂ ଶୋଭାଶ୍ରୀ ଦେବ ଓ ଡଅଁରା ହାଇସ୍କୁଲର ପ୍ରଧାନ ଶିକ୍ଷକ ଇନ୍ଦ୍ରମଣି ସାମଲ ବିଚାରକ ଭାବେ ଯୋଗ ଦେଇଥିଲେ। ଗୋହିରା ଡ୍ୟାମର ନିର୍ବାହୀ ଯନ୍ତ୍ରୀ ଘନଶ୍ୟାମ ଦ୍ୱିବେଦୀ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେ ଏବଂ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୁମୁଦବନ୍ଧୁ ପୃଷ୍ଟି ଉପସ୍ଥିତ ଥିଲେ।

### ୧୫୮ ପ୍ରକଳ୍ପକୁ ୪ କୋଟି ୩୫ ଲକ୍ଷ ଟଙ୍କା ମଞ୍ଜୁର

ଦେବଗଡ/ବାରକୋଟ,୧୯।୧ (ସ୍ୱ.ପ୍ର./ଡି.ଏନ.ଏ.): ଦେବଗଡ ଜିଲା ବାରକୋଟ ବ୍ଲକ ଅଧୀନ ଡଅଁରା ପଞ୍ଚାୟତ ହାଇସ୍କୁଲ ଖେଳ ପଡିଆରେ ଅନୁଷ୍ଠିତ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବ୍ଲକର ୨୪ଟି ପଞ୍ଚାୟତର ୧୫୮ଟି ପ୍ରକଳ୍ପ ପାଇଁ ୪କୋଟି ୩୫ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଏହି ଅବସରରେ ଡଅଁରା ପଞ୍ଚାୟତ ହାଇସ୍କୁଲ ଖେଳ ପଡିଆରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଭିଡିଓ କନଫରେନ୍ସିଂ ଜରିଆରେ ଉପସ୍ଥିତ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି ଓ ଗ୍ରାମବାସୀଙ୍କ ସହିତ କଥାବାର୍ତ୍ତା କରି ସେମାନଙ୍କ ଦ୍ୱାରା ଉପସ୍ଥାପିତ ପ୍ରକଳ୍ପଗୁଡିକୁ ଅଗ୍ରାଧିକାର ଭିତ୍ତିରେ ଅନୁମୋଦନ କରିଥିଲେ। ୩ ମାସ ମଧ୍ୟରେ ପ୍ରକଳ୍ପଗୁଡିକର କାର୍ଯ୍ୟ ଶେଷ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାପାଳ ସୁଧାଂଶୁ ମୋହନ ସାମଲ, ଜିଲା ପରିଷଦ ଅଧକ୍ଷା ସୁଧାମୟୀ ପଟେଲ, ପିଡି ଡିଆରଡିଏ ଭିନସେଣ୍ଟ ପୁନମକାନ୍ତ ଏକ୍କା, ଜିଲା ପରିଷଦ ଉପାଧକ୍ଷ ଜୟକୃଷ୍ଣ ପ୍ରଧାନ, ଜିଲା ପରିଷଦ ସଦସ୍ୟ ଦାଶରଥୀ କିସାନ ଓ ଗୁରୁବାରୀ ପାତ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଟୁନୁ ମେହେର, ଅଧକ୍ଷା ସୁବାସିନୀ ସାହୁ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

■ ମୟୂରଭଞ୍ଜ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା

# ମଣିଷପଣିଆର ଗବେଷଣାଗାର ମୟୂରଭଞ୍ଜ: ଧର୍ମେନ୍ଦ୍ର



ମୟୂରଭଞ୍ଜ ଜିଲା ନିଛୁଆପଦା ଛଉ ନୃତ୍ୟ ପ୍ରତିଷ୍ଠାନର କଳାକାରଙ୍କ ଦ୍ୱାରା ମେଳାର ଛଉ ନୃତ୍ୟ ପରିବେଷଣ ।

ଭୁବନେଶ୍ୱର,୧୯।୧(ବ୍ୟୁରୋ)

ମୟୂରଭଞ୍ଜକୁ କୌଣସି ଦିଗରୁ ବି ବାରି ହେବନାହିଁ। ସବୁଠାରେ ମଣିଷପଣିଆ କମି କମି ଯାଉଥିବା ବେଳେ ମୟୂରଭଞ୍ଜ କିନ୍ତୁ ମଣିଷପଣିଆକୁ ଉଜ୍ଜୀବିତ କରି ରଖିଛି। ମଣିଷପଣିଆର ଗବେଷଣାଗାର ହେଉଛି ମୟୂରଭଞ୍ଜ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ମୟୂରଭଞ୍ଜ ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ ଉତ୍କଳ ମଣ୍ଡପରେ ଆୟୋଜିତ ଅଷ୍ଟମ ମୟୂରଭଞ୍ଜ ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟଅତିଥିଭାବେ ଯୋଗଦେଇ ପ୍ରଧାନ ଏହା କହିଥିଲେ।

ଏହି ତିନିଦିନିଆ ଉତ୍ସବର ଶନିବାର ଦ୍ୱିତୀୟ ସନ୍ଧ୍ୟା ଥିବାବେଳେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଉତ୍ସବର ଶୀର୍ଷକ ସଙ୍ଗୀତ 'ଭଞ୍ଜ ମାଟି ଆମ ମା' ପରିବେଷିତ ହୋଇଥିଲା। ଏହାପରେ ଭଞ୍ଜପୁର ଝୁମୁରିଆ ଝୁମର ଦଳର ଶିଳ୍ପୀମାନଙ୍କର ଚିତ୍ତାକର୍ଷକ ଝୁମର ନୃତ୍ୟ, ସଙ୍ଗୀତ ଏବଂ ନିଛୁଆପଦା ଛଉ ନୃତ୍ୟ ପ୍ରତିଷ୍ଠାନ ଦ୍ୱାରା ଛଉନୃତ୍ୟ 'ଅର୍ପଣ' ଏବଂ 'ପ୍ରେମ ଋତୁ' ପରିବେଷିତ ହୋଇଥିଲା। ଯାହା ସମବେତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏଥିସହିତ କରଞ୍ଜିଆର ନୃତ୍ୟଶ୍ରୀ ଦଳ ଏବଂ ଫ୍ଲୋଲେସ୍ ଡ୍ୟାନ୍ସ ଗ୍ରୁପ୍, ବାରିପଦାର ନଂ ୧ ଡ୍ୟାନ୍ସ ଗ୍ରୁପ୍, ଭୁବନେଶ୍ୱର ଗୁରୁକୁଳ ଡ୍ୟାନ୍ସ ଆଣ୍ଡ୍ ଭିଜୁଆଲ୍ ଏକାଡେମୀର ଆଦିମ ଆଦିବାସୀ ମହାସଂଘର କଳାକାରମାନେ ଆଧୁନିକ ନୃତ୍ୟ ପରିବେଷଣ କରିଥିଲେ। ହାସ୍ୟ ଅଭିନେତା ପପୁ ପମ୍‌ପମ୍, ସଲିଲ ମିତ୍ର, ନିର୍ଦ୍ଦେଶକ ତାପସ ସରଘରିଆ ହାସ୍ୟରସ ମାଧ୍ୟମରେ ଦର୍ଶକଙ୍କୁ ଭରପୂର ହସାଇଥିଲେ। ଏହାପରେ କଣ୍ଠଶିଳ୍ପୀ ଦେବାଶିଷ ମହାପାତ୍ର ଏବଂ ସାଗର କୁମାର ମନଛୁଆଁ ଗୀତରେ ଶ୍ରୋତାଙ୍କୁ ବାନ୍ଧି ରଖିଥିଲେ। ଦ୍ୱିତୀୟ ସନ୍ଧ୍ୟାର ଅନ୍ୟତମ ଆକର୍ଷଣ ଥିଲେ ଅଭିନେତା ବାବୁଶାନ, ମିହିର ଦାସ ଏବଂ ସ୍ୱରାଜ। ସେହିଭଳି ଉତ୍ସବ ପରିସରରେ ଥିବା କ୍ରାଫ୍ଟ ମେଳା ଏବଂ ମୟୂରଭଞ୍ଜର ପାରମ୍ପରିକ ବ୍ୟଞ୍ଜନ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଖୋଦ୍ ମୁଡିମାଂସର ମଜା ନେଇଥିଲେ। ସଂସଦର ସାଧାରଣ ସମ୍ପାଦକ ଗୋକୁଳ ଚନ୍ଦ୍ର ଦାସ ସ୍ୱାଗତ ଭାଷଣ, ରଜନୀକାନ୍ତ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅଭିନେତା ମିହିର ଦାସ ମୟୂରଭଞ୍ଜର ପାରମ୍ପରିକ ଖାଦ୍ୟର ମଜା ନେଉଛନ୍ତି।

## ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ




ଶୋଭାଯାତ୍ର ବାହାରି ବିଭିନ୍ନ ନାରାବାଜୀ ଦେଇ ନଗର ପରିକ୍ରମା କରୁଛନ୍ତି।

ଦେବଗଡ,୧୯।୧(ସ୍ୱ.ପ୍ର)

ଦେବଗଡ଼ରେ ଶନିବାର ଶତାଧିକ ମହିଳା କଂଗ୍ରେସ କର୍ମୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏମାନେ ସ୍ଥାନୀୟ ଗୋପାଳଜୀ ମନ୍ଦିରରୁ ଶୋଭାଯାତ୍ରରେ ବାହାରି ଜିଲାପାଳଙ୍କ ଅଫିସରେ ପହଞ୍ଚି ଥିଲେ। ଜିଲା ମହିଳା କଂଗ୍ରେସ ସଭାପତି ମଞ୍ଜୁଲତା ନାଏକ, ସୁନିତା ବାଘ, ଜିଲା କଂଗ୍ରେସ ସଭାପତି ଉମାଶଙ୍କର ସାହୁ, ସିଦ୍ଧେଶ୍ୱର ଗୁରୁ, ପ୍ରକାଶ ଦେବତା, ଅନୁଜ ପ୍ରଧାନ, ରିଙ୍କୁ ଖଡିରନ୍ନ, ଲକ୍ଷନ ସାହୁ, କ୍ଷେତ୍ରବାସୀ ପାତ୍ରଙ୍କ ସମେତ ଶତାଧିକ ମହିଳା କର୍ମୀ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, ଦାରିଙ୍ଗବାଡ଼ି ଆବାସିକ ବିଦ୍ୟାଳୟର ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀ ହଷ୍ଟେଲରେ ପ୍ରସବ କରିବା ଓ ନବଜାତ ଶିଶୁର ମୃତ୍ୟୁ ଘଟଣାକୁ ପ୍ରତିବାଦ କରି ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଓ ରମେଶ ମାଝିଙ୍କୁ ବହିଷ୍କାର ଦୁଇ ବିଭାଗୀୟ ସଚିବଙ୍କୁ ନିଲମ୍ବନ ଦାବି କରି ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

### ଭାରିଯାନ ଧକ୍କାରେ ୨ ଆହତ

ରାଉରକେଲା ଅଫିସ,୧୯।୧

ବାସନ୍ତୀ କଲୋନୀ ଡିଏଭି ଛକରେ ଶନିବାର ପୂର୍ବାହ୍ନରେ ଦୁର୍ଘଟଣା ଘଟି ୨ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ରାମଚନ୍ଦ୍ର ପାଲ ଓ ବିଜୟ ରାଉତ। ଏମାନଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍)ରେ ଭର୍ତ୍ତି କରାଯାଇଛି। ଛେଣ୍ଡ ପୋଲିସ ଘଟଣାର ତଦନ୍ତ କରୁଛି। ସୂଚନାନୁସାରେ ଓଆର୍୧୪-ଟି୫୦୬୨ନଂ ଭାରୀଯାନ ଛେଣ୍ଡ ଦିଗରେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଓଆର୍୧୪-ଡବ୍ଲ୍ୟୁ୮୭୧୦ନଂ ବାଇକ୍‌କୁ ଡଙ୍ଗା ଛକ ନିକଟରେ ଧକ୍କା ଦେଇଥିଲା। ବାଇକ୍‌ରେ ଥିବା ରାମଚନ୍ଦ୍ର ଓ ବିଜୟ ଆହତ ହୋଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଜବତ କରିଛି।

## ସୁଗୁଡା ଜୁନିୟର କଲେଜର ବାର୍ଷିକ କ୍ରୀଡା ଉଦ୍‌ଯାପିତ

ଦେବଗଡ,୧୯।୧(ସ୍ୱ.ପ୍ର)

ଜିଲାର ତିଲେଇବଣି ବ୍ଲକ ଅଧୀନ ସୁଗୁଡା ପଞ୍ଚାୟତ ସମିତି କଲେଜରେ ଦୁଇଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଆୟୋଜିତ ଉତ୍ସବରେ କଲେଜର ଅଧକ୍ଷ ସନ୍ତୋଷ କୁମାର ଦେବତା ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସମାଜ ମଙ୍ଗଳ ବୋର୍ଡ ପୂର୍ବତନ ଅଧକ୍ଷା ନିବେଦିତା ନାୟକ ଯୋଗଦାନ କରି ଛାତ୍ରୀଛାତ୍ରଙ୍କୁ ନିଷ୍ଠା,ସଂକଳ୍ପ ରଖିଲେ ଜୀବନରେ ସର୍ବଦା ଆଗେଇପାରିବ ବୋଲି କହିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଇଂ ସୁଜିତ ପ୍ରଧାନ, ମୁଖ୍ୟବକ୍ତା ଭାବେ ଜିଲା ଶିଶୁ କଲ୍ୟାଣ ସମିତିର ଚେୟାରମ୍ୟାନ ଅତୁଲ୍ୟ ପୂଜାରୀ ଉପସ୍ଥିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଲେଜର ପ୍ରତିଷ୍ଠାତା ସଦସ୍ୟ ଡମ୍ବରୁ ପ୍ରଧାନ, ଶିବତରାଣ ସାହୁ, ପୂର୍ଣ୍ଣ ସାହୁ, ଲିତିଆ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଅତିଥିମାନଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରିଥିଲେ। ମହିଳା ବିଭାଗର ଶ୍ରେଷ୍ଠ କ୍ରୀଡାବିତ ଭାବେ କାଞ୍ଚନ ସବର ଏବଂ ପୁରୁଷ ବିଭାଗରେ ଶ୍ରେଷ୍ଠ କ୍ରୀଡାବିତ ଭାବେ ପ୍ରଦୀପ କିଷାନ ପୁରସ୍କୃତ ହୋଇଥିଲେ। କ୍ରୀଡା ପ୍ରତିଯୋଗିତାକୁ କଲେଜର ପିଇଟି କାଶୀନାଥ ଶବର ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଅଧ୍ୟାପକ ବିଜୟ ଶତପଥୀଙ୍କ ସମେତ ଅନ୍ୟ ଅଧ୍ୟାପିକା ଅଧ୍ୟାପକ ତଥା କର୍ମଚାରୀ ସହଯୋଗ କରିଥିଲେ। ସଭା ଶେଷରେ କଲେଜର ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭା ପ୍ରାରମ୍ଭରେ କ୍ରୀଡା ଉପଦେଷ୍ଟା ଅଧ୍ୟାପକ ରଞ୍ଜନ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ଦେବଜାନୀ କର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୟ କୁମାର ପ୍ରଧାନ,ସୁଶିଲ ପ୍ରଧାନ, ସୁବ୍ରତା ସାହୁ, ରଂଜନ ବିଶ୍ୱାଳ, ପ୍ରତାପ ପ୍ରଧାନ, କିଶୋର ମହାକୁଳ, ସୀତାକାନ୍ତ ସାହୁ, ଜୟ ସାହୁ, ନରେନ୍ଦ୍ର ପ୍ରଧାନଙ୍କ ସହଯୋଗ କରିଥିଲେ।




ନେହେରୁ ଯୁବକେନ୍ଦ୍ର ତରଫରୁ ଦକ୍ଷତା ବିକାଶ ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ଦକ୍ଷତା ବିକାଶ ଦିବସ ପାଳିତ

ଦେବଗଡ,୧୯।୧(ସ୍ୱ.ପ୍ର)

ଭାରତ ସରକାରଙ୍କ ଯୁବବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧିନସ୍ଥ ନେହେରୁ ଯୁବକେନ୍ଦ୍ର ତରଫରୁ ଦକ୍ଷତା ବିକାଶ କେନ୍ଦ୍ରଠାରେ ଦକ୍ଷତା ବିକାଶ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଦୀପ କୁମାର ବିଶ୍ୱାଳଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ନିୟୋଜିକ ଅଧିକାରୀ ଚିନ୍ତାମଣି ମହାନନ୍ଦ ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତାଲିମ ପ୍ରତିଷ୍ଠାନର ପ୍ରଶିକ୍ଷକ ଚନ୍ଦ୍ରଶେଖର ପ୍ରଧାନ, ସୌଗତ ସେନ, ଶୁସିଲ ବିଶ୍ୱାଳ, କବିତା ସାହୁ ପ୍ରମୁଖ ଯୋଗଦେଇ ଦକ୍ଷତା ବୃଦ୍ଧି ଓ ସ୍ୱାବଲମ୍ବୀ ହେବା ପାଇଁ ଏବଂ ଦକ୍ଷତା ବିକାଶ ଉପରେ ଆଲୋକପାତ କରିତ୍ଲେ । ଶେଷରେ ପ୍ରିୟଙ୍କା ପାତ୍ର ଦନ୍ୟବାଦ ଅର୍ପଣ କରିଥିଲେ।

### ମହିଳାଙ୍କ ମଦ ବିରୋଧୀ ଅଭିଯାନ

ଝାରସୁଗୁଡ଼ା ଅଫିସ,୧୯।୧

ମଦ ବିରୋଧରେ ଅଣ୍ଟା ଭିଡ଼ିଛନ୍ତି ମହିଳା। ରାଜ୍ୟର କୋଣ ଅନୁକୋଣରେ କୁଚିଆ ମଦ ଓ ଚୋରାମଦ କାରବାରକୁ ଜୋରଦାର ବିରୋଧ କରାଯାଉଛି। କଥା ନ ଶୁଣିଲେ କଠୋର ପଦକ୍ଷେପ ନେଉଛନ୍ତି। ଶନିବାର ଝାରସୁଗୁଡ଼ା ତାଳପଟିଆସ୍ଥିତ ଖଡ଼ିଆପଡ଼ାରେ ସ୍ଥାନୀୟ ମହିଳାମାନେ କୁଚିଆ ମଦ ବ୍ୟବସାୟୀଙ୍କ ଘରେ ଚଢ଼ାଉ କରିଛନ୍ତି। ଏପରିକି କୁଚିଆ ମଦ କାରକାର କରୁଥିବା କେତେଜଣ ବ୍ୟକ୍ତିଙ୍କୁ ଧରି ପୋଲିସ ହେପାଜତରେ ଦେଇଛନ୍ତି ମହିଳାମାନେ। ଗ୍ରାମାଞ୍ଚଳରେ କୁଚିଆ ଓ ଚୋରା ମଦ କାରବାର ସଂକ୍ରାମକ ଭଳି ବ୍ୟାପିଛି। ଏହାଦ୍ୱାରା ସ୍କୁଲ ପଢୁଆ ପିଲା ମଦ ପିଇ ଜୀବନକୁ ନଷ୍ଟ କରୁଛନ୍ତି। ବୟସ୍କମାନେ ବି କାମ ନ କରି ଦେଶୀମଦ ପିଇ ବୁଲୁଛନ୍ତି। ଏହାଦ୍ୱାରା ସାମାଜିକ ବାତାବରଣ ନଷ୍ଟ ହେଉଥିବା ବେଳେ ମହିଳାଙ୍କ ଅଧିକାର କ୍ଷୁଣ୍ଣ ହେଉଛି। ମହିଳାମାନେ ନିର୍ଯାତିତ ହେଉଛନ୍ତି। ଏଭଳି ବାରମ୍ବାର ଅଭିଯୋଗ ଆସିବା ପରେ ସମର୍ଥ ମହିଳା ସଙ୍ଗଠନର ମମତା ନାଏକଙ୍କ ନେତୃତ୍ୱରେ ମହିଳାମାନେ ଶନିବାର ତାଳପଟିଆ ଖଡ଼ିଆପଡ଼ାରେ ଚଢ଼ାଉ କରିଥିଲେ। ମଦ କାରବାର କରୁଥିବା ଲୋକଙ୍କ ଘରେ ଯାଞ୍ଚ କରିବା ସହ ହଜାର ହଜାର ଖାଲି ମଦ ପାଉଚ୍ ଜବତ କରିଥିଲେ।

## ସୁବର୍ଣ୍ଣ ଜୟନ୍ତୀ, ରଜତ ଜୟନ୍ତୀ ସମାରୋହ

ରିଆମାଳ, ୧୯।୧ (ଡି.ଏନ.ଏ.)

ରିଆମାଳ ବ୍ଲକ କଣ୍ଟାବାହାଲ ଉଚ୍ଚବିଦ୍ୟାଳୟ ଖେଳପଡ଼ିଆରେ ଶନିବାର କଣ୍ଟାବାହାଲ ଉ.ପ୍ରା. ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଓ ଉଚ୍ଚବିଦ୍ୟାଳୟର ରଜତ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶରତ ପ୍ରଧାନ ସଭାରେ ଅଧକ୍ଷତା କରିଥିଲେ। ଉଦୟ କୁମାର ପ୍ରଧାନ ଓ ଜେନାମଣି ସାହୁ ସଂଯୋଜନା କରିଥିଲେ। ଦେବଗଡ଼ ବିଧାୟକ ନିତେଶ ଗଙ୍ଗଦେବ, ପୂର୍ବତନ ବିଧାୟକ ସୁବାସ ପାଣିଗ୍ରାହୀ, ବିଦ୍ୟାଳୟର ପ୍ରତିଷ୍ଠାତା କେଶବ ପ୍ରଧାନ, ପ୍ରଧାନଶିକ୍ଷକ ମନୋରଞ୍ଜନ ନାୟକ, ସନ୍ଥ ପ୍ରମୋଦ କୁମାର, ରିଆମାଳ ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପାତ୍ର, ଉତ୍ତମ କୁମାର ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ରଞ୍ଜନ କୁମାର ନାୟକ ବିବରଣୀ ପାଠ କରିଥିବାବେଳେ ତରୁଣ କୁମାର ଧନ୍ୟବାଦ ଦେଇଥିଲେ। ପୁରାତନ ଛାତ୍ର ସଂସଦର ସଭାପତି ରାଜେନ୍ଦ୍ର କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଦିଲ୍ଲୀପ ବିଶ୍ୱାଳ, ହୃଷୀକେଶ ସାହୁ, ମଦନମୋହନ ନାୟକ, ଦିଲ୍ଲୀପ ସାହୁ ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।



କଣ୍ଟାବାହାଲ ଉ.ପ୍ରା. ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଓ ଉଚ୍ଚବିଦ୍ୟାଳୟର ରଜତ ଜୟନ୍ତୀ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।



୮ମ ରାଜ୍ୟସ୍ତରୀୟ ମହିଳା ଓ ପୁରୁଷ ଦିବାରାତ୍ର କବାଡି ଚାମ୍ପିୟନଶିପ୍‌ରେ ଅତିଥିଙ୍କ ସହ ଖେଳାଳି ଏବଂ ଆୟୋଜକ।

## କବାଡି ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିନରେ ୬ ମ୍ୟାଚ୍ ଖେଳାଗଲା

ଦେବଗଡ,୧୯।୧(ସ୍ୱ.ପ୍ର.)

ସ୍ଥାନୀୟ ଗୋପାଳଜୀ ମନ୍ଦିର ପଡିଆଠାରେ ଦେବଗଡ କବାଡି କମିଟି ତରଫରୁ ୮ମ ରାଜ୍ୟସ୍ତରୀୟ ମହିଳା ଓ ପୁରୁଷ ଦିବାରାତ୍ର କବାଡି ଚାମ୍ପିୟନଶିପ୍ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଶନିବାର ଦ୍ୱିତୀୟ ଦିନରେ ଉଭୟ ମହିଳା ଓ ପୁରୁଷ ଟିମ୍ ମଧ୍ୟରେ ୬ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା । ସକାଳେ ଖେଳାଳି, ଆୟୋଜକଙ୍କୁ ନେଇ ଏକ ଶୋଭାଯାତ୍ରା ଦେବଗଡ ସହର ପରିକ୍ରମା କରିଥିଲା। ପ୍ରଫୁଲ୍ଲ କୁମାର ନାୟକଙ୍କ ସଂଯୋଜନାରେ ଏସଡିସିସି ବ୍ୟାଙ୍କ ସଭାପତି ଅମରେନ୍ଦ୍ର ଗଙ୍ଗଦେବ, ଡ. ୱିଲିୟମ୍ ହେଣେଜ୍ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପୃଥ୍ୱୀରାଜ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ପଦ୍ମଚରଣ ପ୍ରଧାନ, ରାଜେଶ ସେଠ, ପ୍ରମୋଦ ସାହୁ, ସୁରେନ୍ଦ୍ର ନାୟକ, ମଳୟ ରାଉତ, ଲିଙ୍ଗରାଜ ସାହୁ, ବୁଦ୍ଧଦେବ ପ୍ରଧାନ, ବିଶ୍ୱଭୂଷଣ ପାଲ, ମିହିର ପଟ୍ଟନାୟକ ଓ ପ୍ରଶାନ୍ତ ପରିଡା ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ। ଅବନୀ ମିଶ୍ର ଧାରା ବିବରଣୀ ପ୍ରଦାନ କରିଥିଲେ । ରବିବାର ସେମି ଫାଇନାଲ ଏବଂ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।



ନିଜର ସ୍ୱାର୍ଥକୁ ପୋଡ଼ି ନ ପକାଇଲେ ଜଗତରେ
ଶାନ୍ତି ଦର୍ଶନ ହୋଇପାରିବ ନାହିଁ।
- ସନ୍ଥକବି ଭୀମଭୋଇ



# ଖଞ୍ଜାମାହାଲ ଖାଦାନରେ ଚଢ଼ାଉ

**ସୋର,୧୯।୧(ଡ଼ି.ଏନ୍.ଏ.):** ସୋର ତହସିଲ ଅଧୀନ ବାଗୁଡି ଖଞ୍ଜାମାହାଲ ଖାଦାନରେ ବେଆଇନ ପଥର ଉତ୍ତୋଳନ ହେଉଥିବା ଖବରପାଇ ସୋର ତହସିଲ ତରଫରୁ ଚଢାଉ କରାଯାଇଛି। ତହସିଲଦାର ଦେବୀପ୍ରସାଦ ଦାଶ ପୋଲିସ ଉପସ୍ଥିତିରେ ଚଢାଉ କରିଥିଲେ। ଏହି ସମୟରେ ୧ ଲକ୍ଷ ୫ ହଜାର ଟଙ୍କା ଜରିମାନ ଆଦାୟ କରାଯାଇଛି। ସୂଚନାଯୋଗ୍ୟ ଯେ, ଏହି ପାହାଡରେ ୫୯ଟି ଖାଦାନରୁ ପଥର ଉତ୍ତୋଳନ କରାଯାଉଥିବା ବେଳେ ୯୦ ନମ୍ବର ଖାଦାନ ଉପରେ ଚଢାଉ କରାଯାଇଥିଲା । ବେଆଇନ ଭାବେ କମ୍ପ୍ରେସର ମେଶିନ୍ ସହାୟତାରେ ବିସ୍ଫୋରଣ କରାଯାଉଥିଲା । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ତହସିଲଦାର ଲିପ୍ସା ରାୟ ଉପସ୍ଥିତ ଥିଲେ।

### ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର ମାମଲା

# ବଳାତ୍କାରୀଙ୍କୁ ୭, ସହଯୋଗୀଙ୍କୁ ୫ ବର୍ଷ ଜେଲ୍

**ଭଦ୍ରକ ଅଫିସ, ୧୯।୧**

ଭଦ୍ରକ ସ୍ପେଶାଲ ଟ୍ରାକ୍ ଜଜ୍ ଜନକ ରାଉତ ଏକ ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର ମାମଲାର ବିଚାର କରି ଶନିବାର ବଳାତ୍କାରୀଙ୍କୁ ୭ ଓ ସହଯୋଗୀଙ୍କୁ ୫ବର୍ଷ ଜେଲ୍ ଦଣ୍ଡ ଶୁଣାଣି କରିଛନ୍ତି। ଉଲ୍ଲେଖନୀୟ ଯେ, ବନ୍ତ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ୨ ଅଭିଯୁକ୍ତ ସଞ୍ଜୟ ରାଉତ ଓ ଅଭୟ କୁମାର ପାତ୍ର ୨୦୦୯ ଅଗଷ୍ଟ ୩୦ରେ ଏକ ବାଇକ୍‌ରେ ଅପହରଣ କରିନେଇଥିଲେ। ବନ୍ତ ଥାନା ଅନ୍ତର୍ଗତ ମୋହନପୁର ଗାଁର ସଞ୍ଜୟ ନାବାଳିକାଙ୍କୁ ପ୍ରଥମେ ଭୁବନେଶ୍ୱର ଓ ପରେ ରାଉରକେଲା ତଥା ବିଭିନ୍ନ ସ୍ଥାନରେ ଭଡ଼ା ଘର ନେଇ ସେଠାରେ ରଖି ବଳାତ୍କାର କରିଥିବା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଅଭିଯୋଗକୁ ଭିତ୍ତିକରି ଦଫା ୩୬୩, ୩୬୬, ୩୭୬, ୫୦୬, ୩୬୮ ମୂଳେ ମାମଲା (ନଂ.୧୦୪/୨୦୦୯) ରୁଜୁ କରି ତଦନ୍ତ ରିପୋର୍ଟ କୋର୍ଟରେ ଦାଖଲ କରିଥିଲା। ସ୍ପେଶାଲ ଟ୍ରାକ୍ କୋର୍ଟ ୨୪ଜଣ ସାକ୍ଷ୍ୟଙ୍କ ବୟାନକୁ ଭିତ୍ତିକରି ଗୋହିରିପଦା ଗାଁର ଅଭୟଙ୍କୁ ଅପହରଣରେ ସମ୍ପୃକ୍ତ ଥିବା ଦର୍ଶାଇ ୫ ବର୍ଷ ଏବଂ ସଞ୍ଜୟଙ୍କୁ ଅପହରଣ ପରେ ବଳାତ୍କାର ଅଭିଯୋଗରେ ୭ ବର୍ଷ ଜେଲ୍ ଦଣ୍ଡ ଶୁଣାଣି କରିଛନ୍ତି। ସରକାରୀ ଓକିଲ ବସନ୍ତ କୁମାର ସ୍ୱାଇଁ ମାମଲା ପରିଚାଳନା କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଓର ଉଣ୍ଡି ବସିଥା,
ବେଳ ଦେଖି ହଗିଯା ।**

ପେଟ ସଫା ବା ପରିଷ୍କାର ରହିଲେ ଦେହ ସୁସ୍ଥ ରହିଥାଏ। ସାଧାରଣତଃ ଝାଡ଼ା ପରିଷ୍କାର ନ ହେଲେ ଭୋକ ଲାଗି ନ ଥାଏ ଓ ଦେହ ମଧ୍ୟ ଦୁର୍ବଳ ଲାଗିଥାଏ। ତେଣୁ ଦେହକୁ ସୁସ୍ଥ ନୀରୋଗ ରଖିବା ପାଇଁ ହେଲେ ଏଥିପ୍ରତି ଯତ୍ନଶୀଳ ହେବା ନିତାନ୍ତ ଆବଶ୍ୟକ। ସେଥିପାଇଁ ନିୟମିତ ଭାବେ ଏକ ନିର୍ଦ୍ଦିଷ୍ଟ ସମୟରେ ଅଭ୍ୟାସ କରି ଝାଡ଼ାଯିବା ଉଚିତ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଓଲେଇର ଦରଦର କଞ୍ଚା,
ହାଣ୍ଡିଖାଇର ଦରଦର ସିଝା ।**

ଅସ୍ଥିର ପ୍ରକୃତି ବ୍ୟକ୍ତିଙ୍କର କାର୍ଯ୍ୟଶୈଳୀ ବେଢ଼ଙ୍ଗିଆ ହୋଇଥାଏ। ତରତର ସ୍ୱଭାବ ଯୋଗୁ ତାଙ୍କଦ୍ୱାରା କୌଣସି କାର୍ଯ୍ୟ ଠିକ୍ ଭାବେ ହୋଇପାରି ନ ଥାଏ। ଅସ୍ଥିର ଚିତ୍ତ ଯୋଗୁ ସେମାନେ ସବୁବେଳେ କ୍ଷତିରେ ପଡ଼ିଥାନ୍ତି ଓ ହେଉଥିବା କାର୍ଯ୍ୟସବୁ ବିଗିଡ଼ି ଯାଇଥାଏ। ସେହିପରି ଖାଦ୍ୟଲୋଭୀ ବ୍ୟକ୍ତି କେବେ ଭୋକ ସମ୍ଭାଳି ରହିପାରି ନ ଥାନ୍ତି। ଖାଦ୍ୟ ଭଲଭାବେ ପ୍ରସ୍ତୁତ ହେବା ପର୍ଯ୍ୟନ୍ତ ଧୈର୍ଯ୍ୟ ଧରି ଅପେକ୍ଷାକରିବା ସେମାନଙ୍କ ପକ୍ଷେ କାଠିକର ପାଠ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଫି' ବୃଦ୍ଧି ପ୍ରତିବାଦରେ ଛାତ୍ର ଅସନ୍ତୋଷ

**ଚାନ୍ଦବାଲି, ୧୯।୧ (ଡି.ଏନ.ଏ.):** ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ମତୋ ଯୁକ୍ତ ୩ କଲେଜର ଡେଭ୍‌ଲପମେଣ୍ଟ ଫି' ବୃଦ୍ଧିକୁ ଛାତ୍ରୀଛାତ୍ର ପ୍ରତିବାଦ କରିଛନ୍ତି। ଫର୍ମ ପୂରଣ ଚାଲିଥିବା ବେଳେ ଛାତ୍ରୀଛାତ୍ର ଶନିବାର ଅଧ୍ୟକ୍ଷଙ୍କୁ ଭେଟି ବର୍ଦ୍ଧିତ ଫି' କମାଇବା ପାଇଁ ଲିଖିତ ଦାବି କରିଥିଲେ। ଅସନ୍ତୁଷ୍ଟ ଛାତ୍ରୀଛାତ୍ର ଏକାଠି ହୋଇ କଲେଜ ଫାଟକରେ ତାଲା ପକାଇ ହୋହଲ୍ଲା କରିଥିଲେ। ଆର୍ଥିକ ଦୁର୍ବଳ ଶ୍ରେଣୀର ପିଲାଙ୍କ ପାଇଁ କେତେକ ରିହାତି ନେଇ ବିଚାର କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ସ୍ଥିତି ଶାନ୍ତ ପଡ଼ିଥିଲା। ପରେ ଫର୍ମ ପୂରଣ ସ୍ୱାଭାବିକ ହୋଇଥିଲା।

**ଡାକ ବିଭାଗ (ସିଭିଲ୍ ୱିଙ୍ଗ୍)**

**ଇ-ଟେଣ୍ଡର ଆମନ୍ତ୍ରଣ ସୂଚନା**

ଭାରତର ରାଷ୍ଟ୍ରପତିଙ୍କ ତରଫରୁ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ(ନିର୍ମାଣ), ପୋଷ୍ଟାଲ ସିଭିଲ୍ ଡ଼ିଭିଜନ, ତୃତୀୟ ମହଲା ପୋଷ୍ଟାଲ ଷ୍ଟୋର ଡିପୋ ବିଲ୍ଡିଂ, ସତ୍ୟନଗର, ଭୁବନେଶ୍ୱର-୭୫୧୦୦୭ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ନିମନ୍ତେ ଦୁଇ ଗୋଟି ଲଫାଫା ପ୍ରଣାଳୀରେ ଜଉମୁଦା ପରସେଣ୍ଟେଜ୍ ରେଟ୍ ଟେଣ୍ଡରଗୁଡ଼ିକ ଆମନ୍ତ୍ରଣ କରାଯାଉଛି :

1. NIT No. **52/CDB/2018-19.** କାର୍ଯ୍ୟର ନାମ : ପୋଷ୍ଟାଲ ପ୍ରିଣ୍ଟିଂ ପ୍ରେସ, ଭୁବନେଶ୍ୱରରେ ବିଦେଶୀ ଡାକଘରର ନବିନିକରଣ। ଆନୁମାନିକ ମୂଲ୍ୟ : **ଟ.୧୧,୪୭,୦୩୧.୦୦,** ଅମାନତ ଜମା ରାଶି : **ଟ.୨୨,୯୪୧/-,** ଟେଣ୍ଡର ଶୁଳ୍କ : କିଛିନାହିଁ, ଇ-ଟେଣ୍ଡର ପ୍ରୋସେସିଙ୍ଗ୍ ଶୁଳ୍କ : ଯାହା ପ୍ରଯୁଜ୍ୟ ବିଡ଼ର ଦ୍ୱାରା ବହନ କରାଯିବ, ଯାହାକି ଇ-ପେଁଠ ଗେଟ୍‌ୱେ ମାଧ୍ୟମରେ ଆଇଟିଆଇ ଲିମିଟେଡ୍, ନୂଆ ଦିଲ୍ଲୀ ଠାରେ ପେଁଠ ଯୋଗ୍ୟ ହେବା ଆବଶ୍ୟକ। ଶେଷ ହେବା ଅବଧି : **୪୫** (ପଇଁଚାଳିଶି) ଦିନ, ବିଡ୍ ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ : **ତା.୨୪.୦୧.୨୦୧୯**ରିଖ ଅପରାହ୍ଣ **୧୫.୦୦**ଘଟିକା ପର୍ଯ୍ୟନ୍ତ।

ବିଡ୍ ଫର୍ମ ଏବଂ ଅନ୍ୟ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ **https://dopcivil.euniwizard.com** ରୁ ପ୍ରାପ୍ତ କରାଯାଇ ପାରିବ।

ସ୍ୱା/- କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ନିର୍ମାଣ),
ପୋଷ୍ଟାଲ ସିଭିଲ୍ ଡିଭିଜନ, ଭୁବନେଶ୍ୱର

## ସେଲ୍ଫି କର୍ଣ୍ଣର



@ କୁନୁ



@ କଳ୍ପନା



@ ବିଜୟ



@ ଅମିତ୍



@ମଞ୍ଜୁ

**ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ** smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# ଚନ୍ଦନଭାଟି ପଞ୍ଚାୟତ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ

**ବଲାଙ୍ଗୀର ଅଫିସ, ୧୯।୧**

ବଲାଙ୍ଗୀର ସଦର ବ୍ଲକ୍ ଅନ୍ତର୍ଗତ ଚନ୍ଦନଭାଟି ପଞ୍ଚାୟତ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଛି। ଉତ୍ସବରେ ମୁଖ୍ୟଅତିଥିଭାବେ ସ୍ଥାନୀୟ ବିଧାୟକ ତଥା ବିରୋଧୀଦଳ ନେତା ନରସିଂହ ମିଶ୍ର ଯୋଗଦେଇଥିଲେ । ସମ୍ମାନିତ ଅତିଥି ବ୍ଲକ ଶିକ୍ଷା ଅଧିକାରୀ ରିଚପାଲ ସାଗର ଓ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ରାମ ପ୍ରସାଦ ମିଶ୍ର, ମୁଖ୍ୟବକ୍ତା ଭାବେ ବିନାୟକ ପବ୍ଲିକ ସ୍କୁଲ ପରିଚାଳନା ନିର୍ଦ୍ଦେଶିକା ସରସ୍ୱତୀ ନନ୍ଦ ମଞ୍ଚାସୀନ ହୋଇଥିଲେ । ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ମେହେରଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ବିଧାୟକ ମିଶ୍ରଙ୍କୁ ବିଦ୍ୟାଳୟ ତରଫରୁ ଉପଢୌକନ ସହ ସ୍ମାରକୀ ଅର୍ପଣ କରି ସମ୍ମାନିତ କରାଯାଇଥିଲା । ପ୍ରଭୁଦତ୍ତ ପଧାନ ଓ ସୁଷମା ଭୋଇଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ। ଏଥିରେ ବହୁ ଅଭିଭାବକ, ପିତାମାତା ଯୋଗଦେଇଥିଲେ । ଏହି ଅବସରରେ ମୁଖ୍ୟଅତିଥି ମିଶ୍ର ସ୍କୁଲର ନୂତନ କୋଠାଗୃହର ଉଦ୍ଘାଟନ କରିଥିଲେ ।

### ୮ ମାସ ପରେ ଅପହୃତା ନାବାଳିକା ଉଦ୍ଧାର

# ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

**ଉଦଳା,୧୯।୧ (ଡି.ଏନ.ଏ.)**

୮ ମାସ ପୂର୍ବରୁ ଅପହୃତା ଜଣେ ନାବାଳିକାଙ୍କୁ ଉଦଳା ପୋଲିସ ଗୁଜୁରାଟରୁ ଉଦ୍ଧାର କରିଛି। ତାଙ୍କୁ ଅପହରଣ ଓ ବଳାତ୍କାର ଅଭିଯୋଗରେ ରାଇଦାଣ୍ଡିଆ ଗ୍ରାମର ନିର୍ମଳ ମଲ୍ଲିକଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ୍ ସୂଚନା ଅନୁସାରେ, ଗତ ବର୍ଷ ମେ' ୧୬ ତାରିଖରେ ଉଦଳା ଥାନା ଅଞ୍ଚଳର ଜଣେ ନାବାଳିକା ଅପହରଣ ହୋଇଥିବା ନେଇ ଲିଖିତ ଅଭିଯୋଗ ହୋଇଥିଲା । ପୋଲିସ୍ ମାମଲା (ନଂ - ୮୦/୧୮) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଶେଷରେ ପୋଲିସ୍‌ର ଏକ ସ୍ୱତନ୍ତ୍ର ଟିମ୍ ନାବାଳିକାଙ୍କୁ ଗୁଜୁରାଟରୁ ଉଦ୍ଧାର କରି ନିର୍ମଳ ମଲ୍ଲିକଙ୍କୁ ଗିରଫ କରିଛି । ନାବାଳିକାଙ୍କ ବୟାନ ଅନୁସାରେ ଅଭିଯୁକ୍ତ ଜଣକ ତାଙ୍କୁ ଅପହରଣ କରି ନେବା ସହିତ ବଳାତ୍କାର କରିଥିବା ପୋଲିସ୍ ନିକଟରେ ସ୍ୱୀକାର କରିଥିବା ଜଣାଯାଇଛି । ପୋଲିସ୍ ଏ ନେଇ ନାବାଳିକାର ବୟାନ ରେକର୍ଡ କରିବା ସହିତ ଡାକ୍ତରୀମାଇନା କରାଇଥିବା ଉଦଳା ଥାନା ଆଇଆଇସି କହିଛନ୍ତି ।

# କୁଲିଙ୍କୁ ଗ୍ରୁପ୍ ଡି' ମାନ୍ୟତା ଦାବିରେ ବିକ୍ଷୋଭ

**ବାଲେଶ୍ୱର ଅଫିସ, ୧୯।୧**

କୁଲିଙ୍କୁ ଗ୍ରୁପ୍ ଡି' ମାନ୍ୟତା ଦାବିରେ ବାଲେଶ୍ୱର ରେଳଷ୍ଟେଶନରେ କାର୍ଯ୍ୟ କରୁଥିବା ଅଲ୍ ଇଣ୍ଡିଆ ଲାଲ୍ ବର୍ଦି କୁଲି ୟୁନିଅନ୍ ପକ୍ଷରୁ ଶନିବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏ ନେଇ ଏକ ସ୍ମାରକପତ୍ର ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ୨୦୦୮ରେ ତତ୍କାଳୀନ କେନ୍ଦ୍ର ରେଳମନ୍ତ୍ରୀ କୁଲିମାନଙ୍କୁ ଗ୍ୟାଙ୍ଗ୍‌ମ୍ୟାନ୍-୨ ଏବଂ ଗ୍ରୁପ୍ ଡି' ସରକାରୀ ଚାକିରିରେ ଭର୍ତ୍ତି କରାଇଥିଲେ। ସେଥିରୁ ବହୁ କୁଲି ଅନ୍ତର୍ଭୁକ୍ତ ନ ହୋଇପାରି ଆଜି ଯାଏ ଦୁର୍ଦ୍ଦଶାରେ କାମ କରୁଛନ୍ତି। ଏବେ ରେଳ ପାସେଞ୍ଜରମାନେ ଚକା ଲଗା ଥିବା ଲଗେଜ୍ ବ୍ୟାଗ୍, ବ୍ୟାଟେରି ରିକ୍ସା ଓ ଲିଫ୍ଟ ବ୍ୟବହାର କରୁଥିବା ଯୋଗୁ କୁଲିମାନଙ୍କର ରୋଜଗାର ପ୍ରତିଦିନ ୧୦୦ରୁ ୧୫୦ ଟଙ୍କା ହେବା କଷ୍ଟ ହୋଇପଡ଼ିଛି। ଏତିକିରେ ପରିବାର ଚଳାଇବାକୁ ଅକ୍ଷମ ହୋଇପଡ଼ିଛନ୍ତି। ବିକ୍ଷୋଭରେ ସଭାପତି ଅଜିତ୍ କୁମାର ରାଉତ, ସମ୍ପାଦକ ମାନସ ଦାସ, ଉପସଭାପତି ସିକନ୍ଦର ଦାସ, ବିଜୟ କୁମାର ବେହେରା, ସନ୍ତୋଷ ଦାସ ଓ ଗୌରାଙ୍ଗ ଦାସ ପ୍ରମୁଖ ସାମିଲ ଥିଲେ।

## ତହସିଲ କାର୍ଯ୍ୟାଳୟ, ବେତନଟୀ

### ଭୂଅର୍ଜନ ଅଧିକାରୀ ତଥା କ୍ଷମତାପନ୍ନ ପ୍ରାଧିକାରୀ, ଜାତୀୟ ରାଜପଥ-୫ ପ୍ରକଳ୍ପ, ବେତନଟୀ, ଜିଲ୍ଲା- ମୟୂରଭଞ୍ଜ

### ସର୍ବସାଧାରଣ ନୋଟିସ୍

ଜାତୀୟ ରାଜପଥ ଆଇନ୍ ୧୯୫୬ (Act 48 of 1956) ର ଧାରା-୩ (କ) ଉପଧାରା-୩ (୧) ମୁତାବକ ଯେହେତୁ, ଭାରତ ସରକାର ସଡ଼କ ଓ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ଦ୍ୱାରା ଜାତୀୟ ରାଜପଥ ନଂ-୫ର ରାଜ୍ୟର ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ବେତନଟୀ ତହସିଲର ବେତନଟୀଠାରୁ ପଦ୍ମନାଭପୁର (ଝାରପୋଖରିଆ, ବାରିପଦା, ବାଲେଶ୍ୱର ସେକ୍ସନ)ର ସଂପ୍ରସାରଣ ନିମନ୍ତେ କେନ୍ଦ୍ର ସରକାରଙ୍କ ବ୍ୟୟରେ ନିମ୍ନ ତଫସିଲଭୁକ୍ତ ଜମିକୁ ସାର୍ବଜନୀନ ଉଦ୍ଦେଶ୍ୟରେ ଅଧିଗ୍ରହଣ କରିବା ଆବଶ୍ୟକ ହେଉଅଛି । ଯେହେତୁ ଜାତୀୟ ରାଜପଥ ଆଇନ ୧୯୫୬ ( ୧୯୫୬ର ୪୮ ନଂ ଆଇନ୍)ର ଧାରା ୩ (କ)ର ଉପଧାରା ଅନୁଯାୟୀ କେନ୍ଦ୍ର ସରକାର ତାଙ୍କ ଅଧିସୂଚନା ନଂ S.O. 6278 (E) ତା. ୨୧.୧୨.୨୦୧୮ ଦ୍ୱାରା ପ୍ରୋକ୍ତ ଉଦ୍ଦେଶ୍ୟରେ ପ୍ରକାଶ କରିଅଛନ୍ତି । ଏତଦ୍ୱାରା ତଫସିଲଭୁକ୍ତ ଜମିର ସତ୍ୱବାନ ବ୍ୟକ୍ତି, ଭୂମିମାଲିକ, ସ୍ୱାର୍ଥ ଥିବା ବ୍ୟକ୍ତିମାନଙ୍କୁ ଜଣାଇ ଦିଆଯାଉଛି ଯେ, ଏହି ଅଧିସୂଚନା ପ୍ରକାଶିତ ହେବାର ୨୧ (ଏକୋଇଶ) ଦିନ ମଧ୍ୟରେ ଉପରୋକ୍ତ ଉଦ୍ଦେଶ୍ୟରେ ବ୍ୟବହାର ନିମନ୍ତେ ଯଦି କୌଣସି ଆପତ୍ତି ଥାଏ ତାହାଲେ ସେ ନିଜେ କିମ୍ବା ତାଙ୍କ ଦ୍ୱାରା ବିଧିପୂର୍ବକ କ୍ଷମତାପନ ବ୍ୟକ୍ତିଙ୍କ ଦ୍ୱାରା କାରଣ ସହ ଲିଖିତ ଭାବେ ଭୂ-ଅର୍ଜନ ଅଧିକାରୀ, ଜାତୀୟ ରାଜପଥ ପ୍ରକଳ୍ପ ନଂ. ୫, ଜିଲ୍ଲା ମୟୂରଭଞ୍ଜଙ୍କ କାର୍ଯ୍ୟାଳୟ ଠିକଣାରେ ଉପରୋକ୍ତ ଆଇନର ଧାରା-୩ (ଗ)ର ଉପଧାରା (୧) ଅନୁସାରେ ଆପତ୍ତି ଦରଖାସ୍ତ ଦାଏର କରିପାରିବେ । ଏ ସମ୍ପର୍କରେ ଧାରା ୩ (ଗ)ର ଉପଧାରା (୨) ଅନୁଯାୟୀ କ୍ଷମତାପନ ପ୍ରାଧିକାରୀଙ୍କ ଆଦେଶ ଚୂଡ଼ାନ୍ତ ବିବେଚିତ ହେବ ।

ଉକ୍ତ ଜମିର ଏକ ନକ୍ସା ଓ ଅନ୍ୟାନ୍ୟ ବିଶଦବିବରଣୀ ଭୂଅର୍ଜନ ଅଧିକାରୀ ତଥା କ୍ଷମତାପନ ପ୍ରାଧିକାରୀ, ଭୂଅର୍ଜନ ପ୍ରକୋଷ୍ଠ (ଜାତୀୟ ରାଜପଥ) ଏନ୍.ଏଚ୍.-୫ ବେତନଟୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ସର୍ବସାଧାରଣଙ୍କ ନିରୀକ୍ଷଣ କରିବା ନିମନ୍ତେ ଲଭ୍ୟ ହେଉଅଛି ।

ସ୍ୱାଃ ଭୂଅର୍ଜନ ଅଧିକାରୀ ତଥା କ୍ଷମତାପନ ପ୍ରାଧିକାରୀ,
ଜାତୀୟ ରାଜପଥ-୫ ପ୍ରକଳ୍ପ, ବେତନଟୀ

### MINISTRY OF ROAD TRANSPORT AND HIGHWAYS

### NOTIFICATION

New Delhi, the 21st December, 2018

**S.O: 6278 (E).** —In exercise of the powers conferred by sub-section (1) of section 3A of the National Highways Act, 1956 (48 of 1956) (hereinafter referred to as the said Act), the Central Government, after being satisfied that for the public purpose, the land, the brief description of which is given in the schedule below, is required for building (widening/Two-lane with paved shoulder/four laning etc.), maintenance, management and operation of National Highway No.18, on the stretch of land from Km.28 to Km. 77 (At-Bhagabati, Po- Betnoti, P/S- Betnoti, Dist.- Mayurbhanj) in the district of MAYURBHANJ in the State of ODISHA, hereby declares its intention to acquire such land.

Any person interested in the said land may, within twenty-one days from the date of publication of this notification in the Official Gazette, object to the use of such land for the aforesaid purpose under sub-section (1) of section 3C of the said Act.

Every such objection shall be made to the Competent Authority, namely, Competent Authority of Land Acquisition in writing and shall set out the grounds thereof and the Competent Authority shall give the objector an opportunity of being heard, either in person or by a legal practitioner, and may, after hearing all such objections and after making such further enquiry, if any, as the Competent Authority thinks necessary, by order, either allow or disallow the objections.

Any order made by the Competent Authority under sub-section (2) of section 3C of the said Act shall be final.

The land plans and other details of the land covered under this notification are available and can be inspected by the interested person at the aforesaid office of the Competent Authority.

**SCHEDULE**

**Brief description of the land to be acquired, with or without structure, falling NH 18 in the stretch of land from NH 18 (At- Bhagabati, Po- Betnoti, P/S- Betnoti, Dist. - Mayurbhanj) in the district of MAYURBHANJ in the State of ODISHA.**

| ରାଜ୍ୟ: ଓଡ଼ିଶା | ଜିଲ୍ଲା :ମୟୂରଭଞ୍ଜ | | | | |
|---|---|---|---|---|---|
| କ୍ର.ନଂ. | ସର୍ଭେ/ ପ୍ଲଟ ନଂ | ଜମିର ପ୍ରକାର | ଜମିର କିସମ | ଜମିର ସ୍ଥାନୀୟ ରକବା (ହେକ୍ଟରରେ) | ଅଧିଗ୍ରହଣ ଜମିର ରକବା (ହେକ୍ଟରରେ) |
| ତହସିଲ : ବେତନଟୀ | | | | | |
| ଗ୍ରାମ : ଆଗିରିଆ | | | | | |
| ୧ | ୧୮୬ | ବେସରକାରୀ | ଘରବାରି | ୦.୦୦୦୪୦୪୬ (ହେକ୍ଟରରେ) | ୦.୦୦୦୪୦୪୬ |
| ୨ | ୧୮୭ | ବେସରକାରୀ | ଘରବାରି | ୦.୦୦୦୪୦୪୬ (ହେକ୍ଟରରେ) | ୦.୦୦୦୪୦୪୬ |
| ୩ | ୧୮୮ | ବେସରକାରୀ | ଘରବାରି | ୦.୦୦୦୪୦୪୬ (ହେକ୍ଟରରେ) | ୦.୦୦୦୪୦୪୬ |
| ୪ | ୨୦୩ | ବେସରକାରୀ | ଶାରଦ ଅଣଜଳସେଚିତ-୨ | ୦.୦୦୦୪୦୪୬ (ହେକ୍ଟରରେ) | ୦.୦୦୦୪୦୪୬ |
| ୫ | ୨୦୫ | ବେସରକାରୀ | ଶାରଦ ଅଣଜଳସେଚିତ-୨ | ୦.୦୦୦୪୦୪୬ (ହେକ୍ଟରରେ) | ୦.୦୦୦୪୦୪୬ |
| ୬ | ୨୦୮ | ବେସରକାରୀ | ଶାରଦ ଅଣଜଳସେଚିତ-୧ | ୦.୦୦୦୪୦୪୬ (ହେକ୍ଟରରେ) | ୦.୦୦୦୪୦୪୬ |
| ୭ | ୨୨୯ | ବେସରକାରୀ | ଚକ | ୦.୦୦୦୪୦୪୬ (ହେକ୍ଟରରେ) | ୦.୦୦୦୪୦୪୬ |
| ଗ୍ରାମ: ବେତନଟୀ | | | | | |
| ୧ | ୩୯୨ | ସରକାରୀ | ସଡ଼କ | ୦.୦୧୨୧୪୦୮ (ହେକ୍ଟରରେ) | ୦.୦୧୨୧୪୦୮ |
| ୧ | ୪୯୫ | ସରକାରୀ | ନୟନଜୋରି | ୦.୦୨୪୨୮୧୭ (ହେକ୍ଟରରେ) | ୦.୦୨୪୨୮୧୭ |
| ଗ୍ରାମ: ପଦ୍ମନାଭପୁର | | | | | |
| ୧ | ୭୦୩ | ବେସରକାରୀ | ଚକ | ୦.୦୦୬୪୭୫୧ (ହେକ୍ଟରରେ) | ୦.୦୦୬୪୭୫୧ |
| | | | ମୋଟ | ୦.୧୯୧୦ | ୦.୧୯୧୦ |

TAHASILDAR, BETNOTI
CALA-CUM-TAHASILDAR, NH-5, BETNOTI




## BRIDE WANTED

Khandayat boy 1986/ 6' B.Tech, Bank PO require serviceholder (preferable banking) Barsha. 9338229705, 8144274615. D-64772

Wanted job Brahmin Bride, DCB Bank Deputy Manager, 32. 8763682144. D-65601

Khandayat boy service TCS, required BE/ MBA/ MCA. Contact 8280026066. D-10679

## GROOM WANTED

1985, 5', Khandayat PSU Bank Manager girl, Govt./ PSU/ Bank groom required. Ph: 9861228214. D-10554

Divorcee bride Lecturer 39, Teacher 41 (caste-no-bar). Contact: 7873374269. D-65450

Now Matrimonial ads. only on Wednesday & Sunday Book 1 Get 1 FREE




**Construct your dream home @ 450/-, @ 1350/- & onwards with all branded materials along with 50 years structural guaranty. We provide BDA plan approval & Architect Plan- SMPL: 9439483779.** D-10650




Shivam logistic packers movers. Household/ car relocation countrywide. 9777044177, 9338461133. D-10586




Fully refreshed/ relaxed body massage by expert therapist, Shastri Nagar. 7377984773. D-65282

Rejuvenate and Ayurvedic full body massage by smart therapist. 9114402304. D-65283

Saishree ayurvedic full body massage ladies & gents. Contact: 7438896074. D-64689

Herbal full body massage with refreshment by well trained therapist. 7381239385. D-65513

Herbal full body massage by smart/ expert therapist. Contact: 8338067247. D-65514

Newly opening ayurvedic massage smart therapist, Shree herbal. 7750020754. D-65515

Improving your health, skin care through expert therapist, excellent offer. 9668374480. D-65516

Pamper yourself this Mansoon professional massage. Contact Purple Orchid. 9776598888. D-65517

Ayurvedic full body massage ladies/ gents experts therapist. 8338097451 . D-64693

Sai solution ayurvedic full body massage ladies/ gents. Contact: 8117033493. D-64695

Experienced full body massage with us by experts. Enquiry: 06742597822, 7377048581. D-65510

Roshin ayurvedic massage club fully relaxed by smart lady home service facility available. 9937637219. D-64684

Ayurvedic full body massage ladies/ gents smart experts therapist. 9114697517. D-64686

Physiotherapy, full body massage by trained ladies/ gents therapy. 7008773793. D-65451




PMEGP, MSME, AGRO, food processing, want to make any project. Consult Mr. Samantaray (FCA). 7008236035, 9937309695. D-10582

Buy one Jeans pant only 850/- and earn upto 30,000/- per month. Cash on delivery available. Order only to whatsapp: 8114680173. D-64775

Buy one Jean Pant only 850/- and earn upto 10.000/- Per month. We need business partner for every Town. +918114680173. D-64773

## LOST

Myself Samirka Prasad Jaiswal have been lost my cheque book while traveling. Cheque No. are 1950 to 2000 Account No. is 163205005978 which belong from ICICI Bank Semiliguda Branch if someone gets then please contact to my Mobile No.: 7008403339. D-10677




## SALE

Hyundai Creta- 2016, Sx(0), Cruze- 2014, LTZ, Lancer Cedia Sports red, Skoda Octavia, Nissan Teanna, Land Rover. 7381091234, 9861194627. D-65330

2500 km. run May, 2018 Alto 800 VXI silver colour. 9437284700. D-10660




## SALE

2BHK simplex @ 25,50,000/- at Balianta, Hanspal. Mob: 7064994691, 8763499150. D-10631

Plotting project near Patia KIIT University, Bhubaneswar 40” mainroad, 30” subroad, draingage, electrification, instant boundarywall sqft. 1150/-. 6370743007, 6370855152. D-65341

ଭୁବନେଶ୍ୱରରେ 6300 sqft. ଘରବାରି plot ସୁନ୍ଦରପଦାରେ, duplex ଜାଗମରାରେ ବିକ୍ରିହେବ। 9337124361, 8917656421. D-58031

ଭୁବନେଶ୍ୱର ସୁନ୍ଦରପଦା Indus Engineering କଲେଜ backside sqft.- 199/-ରେ ପ୍ଲଟ ମିଳୁଅଛି। 8338932027. D-65312

ଭୁବନେଶ୍ୱର Khordha NHରୁ 100’ ଦୂରତାରେ BDA plot 400/-ରେ ମିଳୁଅଛି। 9090963952. D-65328

Gharabari plot at bypass NH side, Kantabada Square, MITM Engineering Collage front, Bhubaneswar: 9938373904. D-65442

Gharabari ST plot 2000 sqft. (2nos.) Vipul Garden front,Ghatikia, Bhubaneswar: 7381564227. D-65443

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32 lakhs. Contact: 9937059891, 9348253463, 8908292617.** D-10648

Sale of MA & MB- 30, G.G.P.Colony,Rasulgarh. Cost @ 60 Lakhs. Contact: 9861068796, 9437573355. D-10573

Residential plot available at Khandagiri, Bhubaneswar AIIMS Hospital backside 30' Road with compoundwall 700/- psqft. 9938373904. D-65444

**Gharabari plots at Balianta and Bhingarpur immediate possession, registration. Contact: 9437147826.** D-10478

ଭୁବନେଶ୍ୱର ବାଲିଅନ୍ତା roadside Puri Bypass sideରେ ପ୍ଲଟ ମିଳୁଛି। 8093465134. D-65338

BDA yellowzone gharabadi boundary, electricity and greenery facilities plot at Patrapada, Tamnado and Infovally GITA College Square. 9938770157, 7008818121. D-65339

Bhubaneswar Patia KIIT University ନିକଟରେ ବାସୋପଯୋଗୀ plot କିଣନ୍ତୁ। 9439444251, 9078085655. D-65334

Booking one lakh simplex 2BHK 1200 sqft. land 20,50,000/- BDA area Tankapani Road, Sai Temple. Instalment 10,000/-. 7735738102. D-10628

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 9348253463, 8908292617.** D-10649

ଭୁବନେଶ୍ୱର ଖଣ୍ଡଗିରି AMRI Hospital ନିକଟରେ ପାଚେରିସହ plot sqft. 1350/-. 9776452737. D-65340

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-65509

Gharabadi yellow zone plot near AIIMS Hospital immediate possession. 9438277164, 9938670164. D-65508

2800 sqft. semi commercial land for immediate sale at Hanspal, NH-5, Bhubaneswar. Contact Deepak: 9937329999. D-64569

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ କିଛି ଦୂରତାରେ 1200 sqft. 1,80,000/-, ପ୍ରତାପନଗରୀ ଧାକୁଲେଇପୀଠରୁ କିଛି ଦୂରତାରେ 1200କୁ 2,60,000/- (outright). 9938177361, 9776934361. D-65321

One BHK flat for sale near Seabeach, Puri with modern facilities. Contact: 0674-2561050, 8260011011. D-10493

Finance plots Uttara-510/- Pipili bypass- 360/- Hanspal- 1350/- Atala-650/-, Pahal- 1450/-. 9776711888, 9658619997. D-10622

Bhubaneswar AIIMS Hospital,. plot. 9777553622. D-64769

BDA yellowzone gharabari plot 30ft. road near Hanspal Square and Samantarapur Nuagaon: 9438419823, 9437286655. D-65448

3 bedroom new premium group housing duplex for immediate sale at Garage Chhak, Bhubaneswar. Contact Deepak: 9937329999. D-64568

Gharabari plot with boundary 50mtr. from Khandagiri Square/ BDA approved Duplex 1Km. from Hanspal Square and Atala: 9438419823, 9437286655. D-65449

Land required in cuttack, Bhubaneswar for marketing, sharing, outright. 9937816565. D-10644

Plot for sale near Balipatna (BDA area) @ Rs. 85/- per sqft. (Total area 2 acres) 500 mtrs. distance from Balipatana Market. Contact nos. 8984249041, 9348251575. D-10657

Want to make a society deal for 50 Units of 2/3BHK flats project at Corporate price near AMRI Hospital, Ghatikia, Bhubaneswar. 7750085903. D-10658

2BHK/ 1BHK flat ready for immediate sale at SBI Colony, Kesura, Bhubaneswar. 9437000723. D-56163

2BHK flat with fully furnished at Sunderpada. 9439362175. D-35841

Flats available for sale at Pokhariput, Bhubaneswar. RERA, BDA & SBI approved. Call: 7381863666, 7381267666. D-65518

Luxurious studio, 1&2 BHK, duplex at prime location of puri. Book@ 1lakh. 9437929773. D-10664

## LEASE

One running lodge near Puri Sea Beach for immediate long term lease. Contact: 9090714981, 7008456764. D-64037

## GENERAL

## SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-65329

Shop for sale 210 sqft. Metrohouse Vanivihar, BBSR. Contact: 7381077972. D-10643




1000, 750, 700, 650, 450 sqft. available for office purpose at centrally located Unit-9, 2300 sqft. office space available at Metro house Vanivihar. 3BHK available for rent at Damayanti Apartment Nayapally. Mob: 7789837712, 9861256148. D-71411

**6000 sqft. Prime Retail Showroom high footfall zone at Damana Square, Chandrasekharpur, Bhubaneswar on rent. Genuine person please contact: 9437073222.** D-10675

1400 sqft. commercial space at BMC Bhabani mall sqft. 50/-. 9337119834. D-65331

2BHK house Kalinga Nagar opposite Vipul Garden, family, service holder. 9337281564, 9437581715. D- 64936

**For rent 25000 sqft. open land near Dhauli with boundary wall and gate, for commercial purpose. Contact: 8917576258.** D-10572

3BHK first floor suitable for family/ MESS. Available in Sailashree Vihar. 9437101413. D-63930

Tolet for shop/ bank/ Inst./ Comm. Sailashree Vihar House No.- VIM-508 (1) Ground floor (20x17)= 340 running garment shop, (2) 1st floor 1680 sqft., running small bazar, facing to main road and adjacent to Indian Bank building at Sailashree Vihar, BBSR for immediate rent contact Dillip Sahoo. Mob. No.:7682090550, 9438296700. D-10575

**1500 sqft. 1st Floor, Ashok Nagar, Janpath, Bhubaneswar for Office purpose on Rent. Contact: 9437073222.** D-10676

ଭୁବନେଶ୍ୱରରେ ଆଉଟେଷ୍ଟସ ଘର–3 phase line ସହ ଖୋଲା ଜାଗା ଆବଶ୍ୟକ। Contact: 8018172594. D-62919

3BHK marble flat Unit-8, Souvagya Nagar, Main road. Contact. 9000004523. D-64938

## ACCOMMODATION

3BHK house road side ground floor for clinic. Contact: 7894744308. D-59846

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## କୃତିତ୍ୱ



ଇନ୍ଦ୍ରପ୍ରିୟା ଶ୍ରୀଚନ୍ଦନ



ପ୍ରତ୍ୟୁଷ କୁମାର ଦଳାଇ

ନହରକଣ୍ଟାସ୍ଥିତ ସରସ୍ୱତୀ ଶିକ୍ଷାମନ୍ଦିରର ଛାତ୍ରୀ ଇନ୍ଦ୍ରପ୍ରିୟା ଶ୍ରୀଚନ୍ଦନ, ଛାତ୍ର ପ୍ରତ୍ୟୁଷ କୁମାର ଦଳାଇ ୨୦୧୭–୧୮ ବର୍ଷ ପାଇଁ ଭୁବନେଶ୍ୱର ଶିକ୍ଷାମଣ୍ଡଳ ଦ୍ୱାରା ପରିଚାଳିତ ୫ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଉଭୟ ସଫଳତା ବିଦ୍ୟାଳୟ ପାଇଁ ଗର୍ବ ଓ ଗୌରବ ଅଟେ। ଉଭୟ ଛାତ୍ରୀଛାତ୍ର ଏହାର ଶ୍ରେୟ ସେମାନଙ୍କ ମା–ପ୍ରିୟମ୍ବଦା ଶ୍ରୀଚନ୍ଦନ, ପଲ୍ଲଶ୍ରୀ ପ୍ରଧାନ, ବାପା– ଇନ୍ଦ୍ରଜିତ ଶ୍ରୀଚନ୍ଦନ, ବସନ୍ତ କୁମାର ଦଳାଇ, ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ (ସୁରେନ୍ଦ୍ର କୁମାର ଖୁଣ୍ଟିଆ ପ୍ରଧାନ ଆଚାର୍ଯ୍ୟା ଜୟଶ୍ରୀ ମହାପାତ୍ର ଓ ଗୁରୁମା ଗୁରୁଜୀଙ୍କୁ ଦେଇଛନ୍ତି। ଧ–୪୬୨୬୦

## Birthday Wish



**Sanjana Kundu**

Nuapatna, Cuttack

Wishing you a day filled with happiness and a year filled with joy. Happy Birthday. Best Wishes From: ବାପା, ମା, ଭାଇ, ଭଉଣୀ, ଦାଦା, ଖୁଡୀ, ସଞ୍ଜୁ, ବନ୍ଧୁ ଓ ପରିବାରବର୍ଗ। ଧ–୧୦୬୬୮

## ଜନ୍ମଦିନ ଶୁଭେଚ୍ଛା



(ରାଜ୍)

**ଶ୍ରୀଜିତ୍ ପଟ୍ଟନାୟକ**

IRC Village, BBSR

ତୋର ନବମ ଜନ୍ମବାର୍ଷିକ ତିଥି ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ଓ ଶିରିଡି ସାଇବାବାଙ୍କ ନିକଟରେ ପ୍ରାର୍ଥନା ତୋର ଚଲାପଥ ସର୍ବଦା କୁସୁମିତ ହେଉ ତଥା ଯଶସ୍ୱୀ କରନ୍ତୁ। ଶୁଭେଚ୍ଛା ସହ: ବୋଉମା, ମାମି, ପାପା, ମାମା, ମଣ୍ଟୁ କାକୁ, ସାନମା, ଟଣ୍ଟୁ କାକୁ, କାକୀ, ଚିଣ୍ଟୁ କାକୁ, ସାନ କାକୀ, ବୁଲୁ ଭାଇନା, ଅପା, ଅଜା, ଆଈ, ମାମୁ, ମାଇଁ, ମଉସା, ମାଉସୀ, ଗୁଡ୍ଡୁ, ଦିଦି, ପ୍ରେମ, ଶ୍ୱେତା, ସିଦ୍ଧେଶ, ବନ୍ଧୁ ଓ ପରିବାରବର୍ଗ। ଧ–୧୦୬୬୫

## ଦ୍ୱିତୀୟ ଜନ୍ମବାର୍ଷିକୀ ଶୁଭେଚ୍ଛା



**ନୃସିଂହ ଦାଶ**

Tikarpada, Puri

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ତୋର ଚଲାପଥ ସର୍ବଦା କୁସୁମିତ ହେଉ। ଶୁଭେଚ୍ଛା ସହ: ମାମା, ପାପା, ଭାଇନା, ନାନୀ, ବାପା, ମା, କାକା, ଖୁଡୀ ଓ ବନ୍ଧୁପରିବାରବର୍ଗ। ଧ–୧୦୬୬୭

## CLASSIFIED BOOKING STATIONS

**GYANA BHANDAR**
Tamando, Bhubaneswar, Rohit Behera, Ph: 9438621987

**NET POINT**
Plot No. 516/1758, Sujata House, KIIT Square, Patia, Binit Ku. katual, Ph: 0674-2726335, 9337013246

**ANNAPURNA COMMUNICATION**
Qtr.-LC 133/24, C.S Pur, BBSR. Prabina Kumar Mohanty, Ph- 2551286,9337336614

**JM GRAPHICS**
SA-12, VSS Nagar, IDCO Market Complex, mancheswar I.E., Bhubaneswar-10, Jitendriya Mansingh, Ph:0674-2582095

**MEDIA SOLUTION**
VSS Nagar, Santosh Ku. Tripathy, Mob : 7735510493

**M/S. SREE JAYADEV JAGANNATH PHOTOSHOP**
Balianta Bazar, Balianta, Khurda Nilamadhab Sahoo, Mob: 9439897622, 9777927622

**BEEZY'S & ADD**
Balakati, Khurda, Giridhari Lal Saranga, Mob : 9438302811

**SUMIT COMMUNICATION**
Hruda Nanda Behera, Plot No.- 983, Mancheswar, BBSR, Mob : 9938965727

**AMAN ADDCARE**
Niranjan Sahoo, Plot No.-114/7, Airport Square, Bhimpur, BBSR, Mob : 9937426436

**MARUTI STD**
Infront of Big Bazar, Satya Nagar, V.L. Raju, Narayan Raja, Ph: 9861245489, 9861712131

**S S ENTERPRISES**
2943, Palasuni near ISA Daignosics, Rasulgarh BBSR, Pabana Garnayak, Mob: 9348737060, 7381305892

**SAGAR COMMUNICATION**
Damana Square, Chandrasekharpur, BBSR-16, Infront of Metro Homes & IDBI Bank. Mr. Sagar Sahoo, Ph: 9861237341, 0674-2744077.

**MAA COMMUNICATION**
Plot No-A/81, Sahid Nagar, Infront of Canara Bank, BBSR. Mr. Tusarkanta Swain, Ph: 7008452524, 9437353424

**AKANKSHYA COMMUNICATION**
Near O.S.H.B Office Building, Kharvel Nagar, Unit-III, BBSR-1, Bimal Das., Mob: 9439968686

**GHUNGUR COMMUNICATION**
Palasuni, Bhubaneswar, Manoj Kumar Sahoo, Ph- 9337883640, 9938270084, 9853497164

**MUNNA COMMUNICATION**
163, Jharpada,Cuttack Road, BBSR. Priyabrata Mohalik, Ph: 9337875700, 9861234845

**SUKHALATA SPARE HOUSE**
217, CTC Road, BBSR, Prasant Dash, Mob: 9439339595

**SAI COMMUNICATION**
3A/H, BJB Nagar, BBSR, Lulu Rath, Mob: 9437030835, 2430835

**DOOR SANCHAR P.C.O**
79, In Front of Hotel Venus Inn, Bapujinagar, BBSR, Biraja prasad Mohanty, Mobile: 9437229325

**POOJA AGENCY**
Plot No-5, Bapuji Nagar, BBSR, Kamal Lochan Patra, 9437136979, 9937022211

**TRAVEL SEBA**
Plot No.-117, Bapuji Nagar, BBSR, Durga Prasad Sarangi, Phone: 09853320727, 09583098408

**S. M. ADVERTISERS**
Forest Park, BBSR, Pabitra Ku. Behera, Mob: 9658693280

**ASWINI KUMAR PANDA**
Plot-969/3035, Prakruti Vihar, Dleta Square, Aswini Kumar Panda Routray, Ph : 9040020034

**SIVASHAKTI XEROX & BOOK STORE**
SBI Chhak, Mahatab Road, BBSR, Benudhar Mohapatra. Mob:9861446268, 8763174237.

**M/S. S.R. SERVICES**
228, Kedar Gouri Vihar, Bhubaneswar-14, Bishnu Pada Das, Ph: 0674- 2434134, 9439353453, 9937071176.

**SWAYAMVER**
Rath Road, Mausima Square, BBSR, M.R. Pradhan, Mob: 9778877018, 8093475794, 6002233

**MAHADEV REALESTATE CONSULTANCY**
A/M-16, Phase-I, Bhimtangi, Old Town, BBSR, Prabas Ku. Sundaray, Ph:0674- 2590575, 9937064680

**MAHALAXMI VARIETY STORE**
Badagada Brit Colony, J. K. Panigrahy, Mob : 9437941222

**KANAN COMPUTERS**
Samantrapur, Ramakanta Sasmal, Mob : 9437439164

**ASSET PROPERTIES**
R.P. Patra, Plot-3766, Opposite Reliance Footprint, Rabi talkies chakka, Lewis Road, 9337124748 (What's app) 9439963384

**MAA SARALA ENTERPRISERS**
N-5/37, Nayapalli, BBSR, Tushar Pattnaik, 8018202611, 9937071279.

**BISHNUPRIYA COMMUNICATION**
Shop No.-5,Ground Floor, P.D Market, BBSR, Nirakar Choudhury, Mob- 9338301743, 9853533237, 0674-2563259

**STUDIO MUNNA PHOTOGRAPHY**
N-6, 311, IRC Village, Nayapali, BBSR, Chitta Ranjan Patra, Mob- 9337180581, 9124380581

**ANITA ADVERTISERS**
S-17, BDA Market Complex, Nilakantha Nagar, near Passport Office, Nayapalli, BBSR-12, Chinmaya Choudhury, Ph: 9338991113, 9861678764, 0674-2564277




## In Memoriam



**Late Kailash Chandra Sahoo**
DOB: 09.05.1951
DOD: 06.01.2004
Khadi Niketan Plaza
136, Ashok Nagar, Unit-II,
Bhubaneswar, Odisha- 751009

Always remember that you are absolutely unique. Fondly remembered & deeply missed. Mourned by: Smt. Saudamini Sahoo, Sanjeev Sahoo & Nibedita Sahoo, Dr. Akshaya Ku. Sahoo & Sunita Sahoo, Rajeev Sahoo & Kalpana Sahoo, Ashu, Omm, Shree, Sona, Rupa, Mona. D-10656

## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ଶ୍ରୀମତୀ ପ୍ରମୋଦିନୀ ସାବତ**

ଆବିର୍ଭାବ: ୧୯।୦୪।୧୯୫୫
ତିରୋଧାନ: ୨୦।୦୧।୨୦୧୨

ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ ପରିବାର ଓ ବନ୍ଧୁବର୍ଗଙ୍କ ସହ ଏ.କେ. ସାବତ ଆଣ୍ଡ କମ୍ପାନୀର ପାର୍ଟନର୍ସ ଏବଂ ସମସ୍ତ କର୍ମକର୍ତ୍ତାବୃନ୍ଦ। ଧ–୧୦୬୩୦

## ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ବ୍ରଜ କିଶୋର ନାୟକ**

ଶାନ୍ତିନିବାସ, ୱାଟର ୱାର୍କସ ରୋଡ୍, ପୁରୀ

ଆବିର୍ଭାବ: ୦୮।୧୦।୧୯୫୦
ତିରୋଧାନ: ୦୨।୦୧।୨୦୧୮

ତୁମର ହସ ହସ ମୁହଁ, ସ୍ନେହ, କର୍ମନିଷ୍ଠା, ସଙ୍କୋଚପଣିଆ ତଥା ଛାତ୍ରବତ୍ସଳ ଗୁଣ ଯୋଗୁ କେବଳ ପୁରୀ ଜିଲ୍ଲା ସ୍କୁଲ ନୁହେଁ ସମଗ୍ର ପୁରୀ ସହରରେ ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ତୁମେ ଆଦର୍ଶ। ତୁମ ଆଶୀର୍ବାଦ ଆମ୍ଭମାନଙ୍କର ଶ୍ରେୟ ହେଉ ଏବଂ ତୁମର ଆତ୍ମାର ସଦ୍‌ଗତି ହେଉ ଏହାହିଁ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଶୋକସନ୍ତପ୍ତ ପରିବାର ଓ ବନ୍ଧୁବାନ୍ଧବ। ଧ–୬୩୭୫୨

## ସଂକ୍ଷେପରେ



କୌଶଳ ବିକାଶ ଏବଂ ନିଯୁକ୍ତିକୁ ନେଇ ଠିକ୍ ତଥ୍ୟ ସଂଗ୍ରହ ହେବାର ଆବଶ୍ୟକତା ରହିଛି।
– ପୀୟୂଷ ଗୋଏଲ, କେନ୍ଦ୍ର ରେଳ ମନ୍ତ୍ରୀ



ଦେଶୀୟ ସଂସ୍ଥାଗୁଡ଼ିକ ଦେଶର ଇକମର୍ସ କ୍ଷେତ୍ରରେ ପ୍ରବେଶ କରିଲେ ଡାଟା କଲୋନାଇଜେଶନ ହ୍ରାସ ଘଟିବ।
– ଟି.ଭି. ମୋହନ ଦାସ ପାଇ, ପୂର୍ବତନ ସିଏଫ୍‌ଓ ଇନଫୋସିସ

### ନୀରବ ମୋଦି ଠକେଇ ମାମଲା
## ପିଏନ୍‌ବିର ୨ ଅଧିକାରୀ ବହିଷ୍କୃତ




**ନୂଆଦିଲ୍ଲୀ,୧୯-୧:** ହୀରା ବ୍ୟବସାୟୀ ନୀରବ ମୋଦି ଓ ତାଙ୍କ ମାମୁ ମେହୁଲ ଚୋକ୍‌ସୀଙ୍କ ଦ୍ୱାରା ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ରୁ ପ୍ରାୟ ୧୪ ହଜାର କୋଟି ଟଙ୍କାର ଠକେଇ ମାମଲାରେ କେନ୍ଦ୍ର ସରକାର ନିକଟରେ ଅବସର ନେବାକୁ ଥିବା ୨ ଜଣ ଏକଜିକ୍ୟୁଟିଭ ଡାଇରେକ୍ଟରଙ୍କୁ ଚାକିରିରୁ ବହିଷ୍କାର କରିଛନ୍ତି। ଏହି ଦୁଇ ଅଧିକାରୀଙ୍କ ମଧ୍ୟରୁ କେ.ଭିରା ବ୍ରହ୍ମଜୀ ରାଓ ଚଳିତ ମାସ ୨୨ରେ ଓ ଅନ୍ୟ ଜଣେ ସଞ୍ଜୀବ ଶରଣ ଆସନ୍ତା ମେ'ରେ ଅବସର ନେଇଥାନ୍ତେ। ଦିଲ୍ଲୀ ହାଇକୋର୍ଟରେ ରାଓଙ୍କ ପକ୍ଷରୁ ଏକ ରିଟ୍ ପିଟିଶନ ଦାଖଲ କରାଯାଇଥିବାରୁ ସରକାରଙ୍କ ପକ୍ଷରୁ ନୋଟିଫିକେଶନ ଜାରି କରାଯାଇଥିବା କୁହାଯାଉଛି। ୧୪ ହଜାର କୋଟି ଟଙ୍କାର ଠକେଇ ରୋକିବାରେ ୨ ଜଣ ଅଧିକାରୀ ବିଫଳ ହୋଇଥିବା ସରକାରଙ୍କ ପକ୍ଷରୁ କାରଣ ଦର୍ଶାଯାଇଛି। ପୂର୍ବରୁ ସରକାର ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ସୂଚନାଥାଉ କି, ପୂର୍ବରୁ ବିଜୟା ବ୍ୟାଙ୍କରେ କାର୍ଯ୍ୟ କରିଥିବା ରାଓ ୨୦୧୪ ଜାନୁୟାରୀରେ ପିଏନ୍‌ବିରେ ଯୋଗ ଦେଇଥିଲେ। ସେ ବିପଦ ପରିଚାଳନା, ଟ୍ରେଜେରି ଓ ଅପରେଶନ ଦାୟିତ୍ୱରେ ରହିଥିବା ବେଳେ ପୂର୍ବରୁ ଜେନେରାଲ ମ୍ୟାନେଜର ଦାୟିତ୍ୱରେ ଥିବା ଶରନ ପରେ ଉକ୍ତ ବ୍ୟାଙ୍କର ଏକଜିକ୍ୟୁଟିଭ ଡାଇରେକ୍ଟର ଭାବେ ପଦୋନ୍ନତି ପାଇଥିଲେ। ଏଥିପୂର୍ବରୁ ସରକାର ପୂର୍ବତନ ପିଏନ୍‌ବି ସିଇଓ ଉଷା ଅନନ୍ତସୁବ୍ରମଣ୍ୟନଙ୍କୁ ସମାନ କାରଣ ଦର୍ଶାଇ ଚାକିରିରୁ ବହିଷ୍କାର କରିଥିଲେ। ବହିଷ୍କାର ସମୟରେ ସେ ଆଲ୍ଲାହାବାଦ ବ୍ୟାଙ୍କର ଏମ୍‌ଡି ତଥା ସିଇଓ ଥିଲେ।

### ଜିଏସ୍‌ଟି କାରବାର
## ୬ଟି ରାଜ୍ୟ ସୀମା ବଢ଼ାଇବାକୁ ରାଜି




**ନୂଆଦିଲ୍ଲୀ,୧୯-୧:** ସାମଗ୍ରୀ ଏବଂ ସେବା ଟିକସ(ଜିଏସ୍‌ଟି) ଅଧୀନରେ ଗଠିତ ଜିଏସ୍‌ଟି ପରିଷଦ ଏମ୍‌ଏସ୍‌ଏମ୍‌ଇଙ୍କ ଲାଗି କାରବାର ସୀମାକୁ ୪୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି। ତେବେ ଅଦ୍ୟାବଧି ମାତ୍ର ୬ଟି ରାଜ୍ୟ ଏଥିପାଇଁ ରାଜି ହୋଇଥିବା ସୂଚନା ମିଳିଛି। ପୂର୍ବରୁ ସୀମା ବୃଦ୍ଧିକୁ ବିରୋଧ କରୁଥିବା ଛତିଶଗଡ଼ ଉକ୍ତ ତାଲିକାରେ ରହିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଅନ୍ୟପକ୍ଷରେ ପାହାଡିଆ ରାଜ୍ୟ ଭାବେ ପରିଚିତ ଜମ୍ମୁ-କଶ୍ମୀର ଓ ଆସାମ ପାଇଁ ସୀମା ହ୍ରାସ କରାଯାଇଥିଲେ ହେଁ ସେମାନେ ଏହା ବୃଦ୍ଧି କରିବାକୁ ଯାଉଛନ୍ତି। ପୂର୍ବରୁ ଏହି ଦୁଇ ରାଜ୍ୟ ପାଇଁ କାରବାର ସୀମା ୧୦ ଲକ୍ଷ ଟଙ୍କା ଧାର୍ଯ୍ୟ ହୋଇଥିଲା ବେଳେ ସେମାନେ ଏହାର ଦ୍ୱିଗୁଣା ସୀମା ଧାର୍ଯ୍ୟ କରିଥିଲେ। କାରବାର ସୀମା ବୃଦ୍ଧି ପାଇଁ ଅନ୍ୟ ରାଜ୍ୟଗୁଡିକ ବିଚାରବିମର୍ଶ ଚଳାଇଥିଲା ବେଳେ କେନ୍ଦ୍ର ସରକାର ଏହାକୁ ଲାଗୁ କରିବାର ସମୟସୀମାକୁ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି। ନୂଆ ଜିଏସ୍‌ଟି ସୀମା ବୃଦ୍ଧି ନିଷ୍ପତ୍ତି ରାଜ୍ୟଗୁଡିକ ଉପରେ ଛାଡ଼ି ଦିଆଯାଇଛି। ଏହାଦ୍ୱାରା ପଞ୍ଜୀକୃତ ୧.୨ କୋଟି ଏମ୍‌ଏସ୍‌ଏମ୍‌ଇଙ୍କ ମଧ୍ୟରୁ ପ୍ରାୟ ୨୦ ଲକ୍ଷ ଜିଏସ୍‌ଟିରୁ ବାହାରି ଯିବେ। ଏହାଦ୍ୱାରା ଆୟ ପ୍ରଭାବିତ ହେବ ବୋଲି ରାଜ୍ୟଗୁଡିକ ପରିଷଦର ଗତ ବୈଠକରେ ଯୁକ୍ତି ଦର୍ଶାଇଥିଲେ।

## ଜମି କିଣାବିକା: ୨୦ ହଜାରରୁ ଊର୍ଦ୍ଧ୍ୱ ହେଲେ କାର୍ଯ୍ୟାନୁଷ୍ଠାନ

**ନୂଆଦିଲ୍ଲୀ,୧୯-୧:** ଜମିଜମା କିଣାବିକାରେ ୨୦ ହଜାର ଟଙ୍କାରୁ ଅଧିକ ନଗଦ ନେଣଦେଣ ହେଲେ ଆୟକର ବିଭାଗ ନୋଟିସ ଜାରି କରିବ। ଏନେଇ ଇତିମଧ୍ୟରେ ବିଭାଗର ଦିଲ୍ଲୀ ଡିଭିଜନ ଅଭିଯାନ ଆରମ୍ଭ କରିବାକୁ ଯାଉଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଜମିଜମା କିଣାରେ ୨୦ ହଜାର ଟଙ୍କାରୁ ଅଧିକ ନଗଦ କାରବାର କରିଥିବା ବ୍ୟକ୍ତିବିଶେଷଙ୍କ ସମ୍ପର୍କରେ ଜାଣିବା ଲାଗି ଆୟକର ବିଭାଗର ଅଧିକାରୀମାନେ ଜମିଜମା ପଞ୍ଜୀକରଣ କାର୍ଯ୍ୟାଳୟକୁ ଯାଇ ତାଲିକା ତିଆରି କରିବା ଆରମ୍ଭ କରିଛନ୍ତି। ଦିଲ୍ଲୀର ସମସ୍ତ ୨୧ ସବ୍ ରେଜିଷ୍ଟ୍ରାର ଅଫିସରୁ ୨୦୧୫-୧୮ ମଧ୍ୟରେ ହୋଇଥିବା ଜମିଜମା ବିକ୍ରିର ତଥ୍ୟ ସଂଗ୍ରହ କରାଯାଉଛି। ନାମ ଗୋପନ ରଖି ଜଣେ ଅଧିକାରୀ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

# ୨୦ ହଜାର କୋଟି ରୋକିଛି ଆୟକର ବିଭାଗ

**ନୂଆଦିଲ୍ଲୀ,୧୯-୧**

- ପ୍ରତ୍ୟକ୍ଷ ଟିକସ ସଂଗ୍ରହ ଲକ୍ଷ୍ୟ ଧାର୍ଯ୍ୟ ୧୪.୭ ପ୍ରତିଶତ
- ୧୦୦ କୋଟି ଅଥବା ତଦୂର୍ଦ୍ଧ୍ୱ ରିଫଣ୍ଡ ଏପ୍ରିଲରେ ଦିଆଯାଇପାରେ
- ୧୫୦ରୁ ୩୦୦ କୋଟିର ୧୭୫ମାମଲା ବିଚାରାଧୀନ
- ଡିସେମ୍ବର ସୁଦ୍ଧା ପ୍ରତ୍ୟକ୍ଷ ଟିକସ ସଂଗ୍ରହ ପରିମାଣ ୭.୪୩ ଲକ୍ଷ କୋଟି ଟଙ୍କା

ଆୟକର ବିଭାଗ ଆର୍ଥିକ ବର୍ଷ ୨୦୧୬-୧୭ ଲାଗି ବିଭିନ୍ନ କମ୍ପାନୀ ଏବଂ ରାଷ୍ଟ୍ରାୟତ୍ତ ସଂସ୍ଥାଙ୍କ ବଡ଼ ଧରଣର ରିଫଣ୍ଡ ରୋକିବାକୁ ନିଷ୍ପତ୍ତି ନେଇଛି। ଏଥିଲାଗି ବିଭାଗ ପକ୍ଷରୁ ଏକାଧିକ କାରଣ ମଧ୍ୟ ଦର୍ଶାଯାଇଛି। ଯେଉଁଥିରେ ସ୍ରୋତ ଉପରେ ଟିକସ କାଟିବା(ଟିଡିଏସ୍) ସହ କ୍ରେଡିଟ୍ ନ ମିଶିବା, କ୍ଷତିକୁ ଆଗାମୀ ବର୍ଷ ପାଇଁ ଦର୍ଶାଇବା ଏବଂ ବିଗତ ବର୍ଷର ଟିକସ ଦାବି ପଡିରହିବା ଆଦି ସାମିଲ କରାଯାଇଛି। ଏହିସବୁ ବିବାଦର ସମାଧାନ ପର୍ଯ୍ୟନ୍ତ ପ୍ରାୟ ୨୦ ହଜାର କୋଟି ଟଙ୍କାର ରିଫଣ୍ଡ ଦାବିକୁ ରୋକାଯାଇଛି। ପ୍ରତ୍ୟକ୍ଷ ଟିକସ ବାବଦରେ ଚଳିତ ବର୍ଷର ବଜେଟ୍‌ରେ ଧାର୍ଯ୍ୟ ଲକ୍ଷ୍ୟ ୧୧.୫ ଲକ୍ଷ କୋଟି ଟଙ୍କାର ଏହା ୧.୭ ପ୍ରତିଶତ।

ଜଣେ ଟିକସଦାତାଙ୍କ ପକ୍ଷରୁ ଆୟକର ରିଫଣ୍ଡ ଦାବି କରିଥିବା ଚାର୍ଟାର୍ଡ ଆକାଉଣ୍ଟାଣ୍ଟ କହିଛନ୍ତି ଯେ, ଟିଡିଏସ୍ ସହ କ୍ରେଡିଟ ମିଶୁ ନ ଥିବାରୁ ରିଫଣ୍ଡକୁ ରୋକାଯାଇଛି ବୋଲି ଆୟକର ବିଭାଗ ସଫେଇ ଦେଇଛି। ୧୦୦ କୋଟି ଅଥବା ତଦୂର୍ଦ୍ଧ୍ୱ ରାଶିର ରିଫଣ୍ଡ ଏପ୍ରିଲରେ ପ୍ରଦାନ କରାଯିବାର ସମ୍ଭାବନା ରହିଛି ବୋଲି ବିଭାଗ କହିଛି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଏକ ରାଷ୍ଟ୍ରାୟତ୍ତ କମ୍ପାନୀର ୬ ହଜାର କୋଟି ଟଙ୍କାର ରିଫଣ୍ଡ ଦାବି ଲଟକିଛି। ତେବେ ଏ ସମ୍ପର୍କରେ ବିସ୍ତୃତ ସୂଚନା ମିଳିପାରିନାହିଁ। କେବଳ ଏତିକି ନୁହେଁ, ଆୟକର ବିଭାଗ ଅନ୍ତଃରାଷ୍ଟ୍ରୀୟ ନେଣଦେଣ ସହ ଜଡ଼ିତ ଟ୍ରାନ୍ସଫର ପ୍ରାଇସିଂ ମାମଲାକୁ ତ୍ୱରାନ୍ୱିତ କରିଛି। ଟିକସଦାତାଙ୍କ ପକ୍ଷରୁ ବିବାଦ ସମାଧାନ କମିଟି ସମ୍ମୁଖରେ ଆଗତ ମାମଲାଗୁଡିକୁ ଆୟକର ବିଭାଗ ଫଇସଲା କରୁଛି। ପ୍ରାୟ ୧୭୫ ଏଭଳି ମାମଲାର ଏବେ ଶୁଣାଣି ଚାଲିଛି। ୧୫୦ କୋଟିରୁ ୩୦୦ କୋଟି ଟଙ୍କା ଭିତରେ ରିଫଣ୍ଡ ଦାବି କରୁଥିବା ଏଭଳି ଟିକସଦାତାଙ୍କ ମାମଲାଗୁଡିକୁ ଆୟକର ବିଭାଗ ଖୋଲାଇ ରଖିଛି। ଆୟକର ନିୟମ ଅନୁଯାୟୀ କମିଟି ନିର୍ଦ୍ଦେଶ ଦେବା ମାତ୍ରେ ଆକଳନ ଅଧିକାରୀ ଟିକସଦାତାଙ୍କୁ ତାଙ୍କ ପକ୍ଷ ଶୁଣାଇବା ଲାଗି ସୁଯୋଗ ନ ଦେଇ ରିଫଣ୍ଡ ଦାବି ସମ୍ପର୍କରେ ମିଳିଥିବା ନିର୍ଦ୍ଦେଶକୁ ପାଳନ କରଥାନ୍ତି। ଫଳରେ ଟିକସଦାତା ଅପିଲୀୟ ଅଦାଲତରେ ଆବେଦନ କରିବାକୁ ସୁଯୋଗ ପାଆନ୍ତି। ଏଥିପୂର୍ବରୁ କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି) ଅଧ୍ୟକ୍ଷ ସୁଶୀଲ ଚନ୍ଦ୍ରା ପ୍ରତ୍ୟକ୍ଷ ଟିକସ ସଂଗ୍ରହ ଧିମା ପଡିଯାଇଥିବାରୁ ଚିନ୍ତା ବ୍ୟକ୍ତ କରିଥିଲେ। କେନ୍ଦ୍ର ସରକାର ବଜେଟ୍‌ରେ ବିତ୍ତୀୟ ନିଅଣ୍ଟ ପରିମାଣକୁ ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୩.୩ ପ୍ରତିଶତରେ ରଖିବା ଲାଗି ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ଏହାକୁ ଦର୍ଶାଇବା ଲାଗି ସମ୍ଭବତଃ ବିଭାଗ ଉକ୍ତ ପଦକ୍ଷେପ ନେଇଛି। ଚଳିତ ଆର୍ଥିକ ବର୍ଷରେ ପ୍ରତ୍ୟକ୍ଷ ଟିକସ ସଂଗ୍ରହ ୧୪.୭ ପ୍ରତିଶତ ରହିବ ବୋଲି ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଥିବା ବେଳେ ଏପ୍ରିଲ-ଡିସେମ୍ବରରେ ୧୩.୬ ପ୍ରତିଶତ ପର୍ଯ୍ୟନ୍ତ ପୂରଣ କରିପାରିଛନ୍ତି। ଅର୍ଥାତ୍ ପ୍ରତ୍ୟକ୍ଷ ଟିକସ ବାବଦରେ ମଧ୍ୟ ସରକାର ଲକ୍ଷ୍ୟ ପୂରଣ କରିପାରିବେ ନାହିଁ ଏହା ସ୍ପଷ୍ଟ ହୋଇଛି। ଚନ୍ଦ୍ରା ଏହାକୁ ନେଇ ନିଜର ଉଦ୍‌ବେଗ ପ୍ରକାଶ କରିସାରିଛନ୍ତି। ଜଣେ ଅଧିକାରୀ କହିଛନ୍ତି ଯେ, ଟିଡିଏସ୍ ସହ କ୍ରେଡିଟ ନ ମିଶିବା ଯୋଗୁ ଏହି ସ୍ଥିତି ଉପୁଜିଛି। ଏହାଛଡ଼ା କ୍ଷତିକୁ ପରବର୍ତ୍ତୀ ବର୍ଷକୁ ଗଡ଼ାଇ ନେବା ଯୋଗୁ ରିଫଣ୍ଡକୁ ରୋକାଯାଇଛି। ଆଇନ ଅନୁଯାୟୀ ଆୟକର ବିଭାଗ କ୍ରମାଗତ ୮ ବର୍ଷ ପର୍ଯ୍ୟନ୍ତ କ୍ଷତିକୁ ଆଗକୁ ଗଡ଼ାଇବାକୁ ଅନୁମତି ଦେଇପାରିବ। ପ୍ରାପ୍ତ ସୂଚନାନୁଯାୟୀ ଡିସେମ୍ବର ସୁଦ୍ଧା ରାଜସ୍ୱ ସଂଗ୍ରହ ୭.୪୩ ଲକ୍ଷ କୋଟି ଟଙ୍କା ହୋଇଛି। ଆର୍ଥିକ ବର୍ଷର ପ୍ରଥମ ୬ ମାସରେ ଟିକସ ସଂଗ୍ରହ ଆଶାଜନକ ରହିଥିବା ବେଳେ ତୃତୀୟ ତ୍ରୈମାସରେ ଆଦାୟ କମିଛି। ସେହିପରି ଏପ୍ରିଲ-ନଭେମ୍ବରରେ ଆଦାୟ ୧୪.୭ ପ୍ରତିଶତ ବଢ଼ିଛି, କିନ୍ତୁ ଏପ୍ରିଲ-ଡିସେମ୍ବରରେ ଏହା ହ୍ରାସ ପାଇଛି।



## ବିଗ୍ ବଜାରର 'ସବ୍‌ସେ ଶସ୍ତା ୫ ଦିନ୍' ସେଲ ୨୩ରୁ

**ଭୁବନେଶ୍ୱର,୧୯-୧**




ପ୍ରମୁଖ ରିଟେଲ ଚେନ୍ ବିଗ୍ ବଜାର ପକ୍ଷରୁ ଏହାର 'ସବ୍‌ସେ ଶସ୍ତା ୫ ଦିନ' ସେଲ୍ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଚଳିତ ମାସ ୨୩ରୁ ୨୭ ଯାଏ ଚାଲିବ। ଏହି ସମୟରେ ବିଗ୍ ବଜାର ଷ୍ଟୋରରୁ କ୍ରୟ ଉପରେ ଗ୍ରାହକମାନେ ଆକର୍ଷଣୀୟ ରିହାତି ପାଇ ପାରିବେ। ୩୦୦୦ ଟଙ୍କାରୁ ଊର୍ଦ୍ଧ୍ୱ କ୍ରୟ ଉପରେ ଫ୍ୟୁଚର ପେଓ୍ୱାଲେଟରେ ୨୦% କ୍ୟାଶବ୍ୟାକ ମିଳିବ। ରୁପେ କାର୍ଡରେ ୫୦୦ ଟଙ୍କାରୁ ଅଧିକ ମୂଲ୍ୟର ସାମଗ୍ରୀ କ୍ରୟରେ ୭% ଅତିରିକ୍ତ ରିହାତି, ସର୍ବନିମ୍ନ ୫୦୦୦ ଟଙ୍କାର କ୍ରୟରେ ୧୦% ଅତିରିକ୍ତ ରିହାତି, ପେଟିଏମ୍‌ରେ ଗିଫ୍ଟ ଭାଉଚର କ୍ରୟ କରିବା ସହ ଏହି ଭାଉଚର ଉପରେ ୫୦% କ୍ୟାଶବ୍ୟାକ ଏବଂ ଦ୍ରବ୍ୟ କ୍ରୟ ଉପରେ ୨୦%ରୁ ଅଧିକ ରିହାତି ସୁବିଧା ପାଇବେ ବୋଲି ବିଗ୍ ବଜାର ପକ୍ଷରୁ ସୂଚନା ରହିଛି। ଗ୍ରାହକମାନେ ବିଗ୍ ବଜାର ଷ୍ଟୋରରେ ପୁରୁଷ, ମହିଳା, ପିଲାମାନଙ୍କ ଫ୍ୟାଶନ, ଏଲ୍‌ଇଡି ଟିଭି, ସ୍ମାର୍ଟଫୋନ, ଗୃହ ଉପକରଣ ଭଳି ବିଭିନ୍ନ ସାମଗ୍ରୀ ଉପରେ ରିହାତି ପାଇ ପାରିବେ। ଏଭଳି ସେଲ ଦ୍ୱାରା ସାମଗ୍ରୀ କ୍ରୟ ଉପରେ ଲୋକମାନେ ଅଧିକ ସଞ୍ଚୟ କରିପାରିବେ ବୋଲି ବିଗ୍ ବଜାରର ସିଇଓ ସଦାଶିବ ନାୟକ ସୂଚନା ଦେଇଛନ୍ତି।

## ଫେବୃୟାରୀ ୩ରେ ଫିଟ୍‌ଜୀର ଆଡ୍‌ମିଶନ ଟେଷ୍ଟ

**ଭୁବନେଶ୍ୱର, ୧୯-୧**

କୋଚିଂ ପ୍ରତିଷ୍ଠାନ ଫିଟଜୀ ପକ୍ଷରୁ ଏହାର ଆଡମିଶନ ଟେଷ୍ଟ ଫେବୃୟାରୀ ୩ରେ ଅନୁଷ୍ଠିତ ହେବାକୁ ଯାଉଛି। ଜେଇଇ ଆଡଭାନ୍ସ, ଜେଇଇ ମେନ୍ ସହ ବିଭିନ୍ନ ପ୍ରତିଦ୍ୱନ୍ଦ୍ୱିତାମୂଳକ ପରୀକ୍ଷା ତଥା ବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଦିଗରେ ଏହା ଛାତ୍ରୀଛାତ୍ରୀଙ୍କୁ ସୁବିଧା ଦେବ ବୋଲି ଫିଟଜୀ ପକ୍ଷରୁ କୁହାଯାଇଛି। ଏଥିପାଇଁ ପଞ୍ଚମରୁ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଆବେଦନ କରି ପାରିବେ। ପଞ୍ଜୀକରଣର ଶେଷ ତାରିଖ ଚଳିତ ମାସ ୩୧ ରହିଛି। ଅଫଲାଇନ ପଞ୍ଜୀକରଣ ଲାଗି ଛାତ୍ରୀଛାତ୍ର ଫିଟ୍‌ଜୀ କେନ୍ଦ୍ରରୁ ଆବେଦନ ପତ୍ର ସଂଗ୍ରହ କରିପାରିବେ। ସେହିଭଳି ଫିଟଜୀ ୱେବସାଇଟକୁ ଯାଇ ଅନଲାଇନ ପଞ୍ଜୀକରଣ କରିହେବ। ଛାତ୍ରୀଛାତ୍ରଙ୍କ ଚିନ୍ତାକରିବା ଶକ୍ତି ତଥା ମୂଳଦୁଆକୁ ଉନ୍ନତ କରିବା ପାଇଁ ସର୍ବଦା ପ୍ରୟାସରତ ବୋଲି ଫିଟ୍‌ଜୀର ନିର୍ଦ୍ଦେଶକ ଆର୍.ଏଲ୍. ତ୍ରୀଖା ସୂଚନା ଦେଇଛନ୍ତି।




## ହିରୋ 'ଏକ୍ସଟ୍ରିମ ୨୦୦ଆର୍'ର ଆକ୍ଟିଭେଶନ କ୍ୟାମ୍ପେନ

**ଭୁବନେଶ୍ୱର,୧୯-୧**

ପ୍ରମୁଖ ୨ ଚକିଆ ଯାନ ନିର୍ମାତା ହିରୋ ମୋଟୋକର୍ପ ଲିମିଟେଡ ପକ୍ଷରୁ ବଜାରକୁ ଆସିଥିବା ନୂଆ ପ୍ରିମିୟମ ବାଇକ୍ 'ଏକ୍ସଟ୍ରିମ ୨୦୦ଆର୍' ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ଆକ୍ଟିଭେଶନ କ୍ୟାମ୍ପେନ ଅନୁଷ୍ଠିତ ହେଉଛି। କମ୍ପାନୀ ପକ୍ଷରୁ ନିକଟରେ ଖୋର୍ଦ୍ଧାରେ ଏଭଳି ଏକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଚଳିତ ସପ୍ତାହରେ ଶୁକ୍ରବାର ଶନିବାର ୨ ଦିନ ଧରି ଭୁବନେଶ୍ୱରର ୟୁନିଟ-୧ ମାର୍କେଟଠାରେ ଏହି କାର୍ଯ୍ୟକ୍ରମ ଚାଲୁ ରହିଛି। ଏଠାରେ ନୂଆ ମଡେଲଟିର ପାଓ୍ୱାର, ଟର୍କ, ଫିଟନେସ ସହ ଅତ୍ୟାଧୁନିକ ଫିଚର ସମ୍ପର୍କରେ ନୂଆ ପିଢିର ଗ୍ରାହକଙ୍କୁ ସଚେତନ କରାଯାଉଛି। ଗ୍ରାହକ ଏନ୍‌ଗେଜମେଣ୍ଟ, ମନୋରଞ୍ଜନ କାର୍ଯ୍ୟକ୍ରମ ଏବଂ ପ୍ରତିଯୋଗିତା ଏଠାରେ ଗ୍ରହଣ କରାଯାଇଛି। ଗ୍ରାହକଙ୍କ ଲାଗି ଗିଫ୍ଟ ବ୍ୟବସ୍ଥା ମଧ୍ୟ ରହିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏହି ମଡେଲରେ ୨୦୦ ସିସିର ଇଞ୍ଜିନ, ୪.୬ ସେକେଣ୍ଡରେ ୧୧୪ କିମିର ସ୍ପିଡ୍, ସିଫ୍ଟ ଫ୍ରେମ ଡିଜାଇନ, କଷ୍ଟମାଇଜ ଏର୍ଗୋନୋମିକ, ଆରାମ, ବୋଲ୍ଡ ଫୁଏଲ ଟ୍ୟାଙ୍କ, ୭ ଷ୍ଟେପର ମନୋସକ୍ ସସପେନଶନ ଟେକ୍ନୋଲୋଜି ରହିଛି। ଏହି କ୍ୟାମ୍ପେନ 'ଫିୟର ନଥିଙ୍ଗ' ନାମରେ ଚାଲିଥିବା ବେଳେ ଯୁବବର୍ଗଙ୍କୁ ବିଭିନ୍ନ ଆକ୍ଟିଭିଟି ଦ୍ୱାରା ଉତ୍ସାହିତ କରାଯାଉଛି ବୋଲି କମ୍ପାନୀ ପ୍ରକାଶ କରିଛି। ଏହି ମେଡଲଟିର ଏକ୍ସ ଶୋ'ରୁମ ବଜାର ଦର ୯୦,୯୦୦ ଟଙ୍କା ରହିଛି।

## ବ୍ରେକଜିଟ୍ ଆହ୍ୱାନକୁ ଦେଖି ପଦକ୍ଷେପ ନିଆଯିବ: ଶକ୍ତିକାନ୍ତ



**ଗାନ୍ଧୀନଗର,୧୯-୧**

ବ୍ରେକଜିଟ୍‌କୁ ନେଇ ସାରା ବିଶ୍ୱରେ ଅନିଶ୍ଚୟତାର ବାତାବରଣ ରହିଛି। ଭାରତ ମଧ୍ୟ ଏହା ଉପରେ ଦୃଷ୍ଟି ରଖିଛି। ଏ ସଂକ୍ରାନ୍ତୀୟ ଆହ୍ୱାନକୁ ଦେଖିବା ପରେ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ପଦକ୍ଷେପ ନେବ ବୋଲି ଗଭର୍ନର ଶକ୍ତିକାନ୍ତ ଦାସ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ବ୍ରେକଜିଟ୍ ପରେ ବ୍ରିଟେନ ଓ ୟୁରୋପୀୟ ୟୁନିୟନ ସହ ଭାରତର ଦୃଢ଼ ବାଣିଜ୍ୟ ଓ ନିବେଶ ବୃଦ୍ଧି ନେଇ ପରିଣାମଗତ ନୀତି ସଂକ୍ରାନ୍ତରେ ଆହ୍ୱାନ ରହିଛି। ଅନ୍ତର୍ଜାତୀୟ ବଜାରରେ ତେଲ ଦର ବୃଦ୍ଧି ତଥା ଅନିଶ୍ଚିତ ଚାହିଦା ପରିବେଶ ଭିତରେ ମଧ୍ୟ ଭାରତର ବହିଃ କ୍ଷେତ୍ର ଏଥିରୁ ଅଛୁଆଁ ରହିପାରିଛି। ଏଠାରେ ଭାଇବ୍ରାଣ୍ଟ ଗୁଜରାଟ ସମ୍ମିଳନୀରେ ଯୋଗ ଦେଇ ସେ କହିଛନ୍ତି ଯେ, ବ୍ରେକଜିଟ୍ ଆହ୍ୱାନର ମୁକାବିଲା ଲାଗି ଭାରତୀୟ କମ୍ପାନୀ ଓ ନୀତି ନିର୍ଦ୍ଧାରକଙ୍କୁ ନିଜ ନିଜର କୌଶଳ ବଦଳାଇବାକୁ ହେବ।

## ବିଦେଶରେ ଟ୍ରେନ୍୧୮ ପ୍ରତି ବଢୁଛି ଆଗ୍ରହ

**ନୂଆଦିଲ୍ଲୀ,୧୯-୧**



ଟ୍ରେନ ୧୮ ନିର୍ମାଣ ପରେ ଭାରତୀୟ ରେଲୱେ କୋଚ୍ ଓ ୱାଗନର ୨୦୦ ବିଲିୟନ ଡଲାରର ବିଶ୍ୱ ବଜାରରେ ଓହ୍ଲାଇବାକୁ ଯୋଜନା ପ୍ରସ୍ତୁତ କରିଛି। କାରଣ ଏହି ଟ୍ରେନ ପ୍ରତି ବିଦେଶରେ ଆଗ୍ରହ ବୃଦ୍ଧି ପାଇବାରେ ଲାଗିଛି। ପେରୁ, ଇଣ୍ଡୋନେସିଆ, ମାଲେସିଆ ଏବଂ ପଶ୍ଚିମ ଏସିଆର କେତେକ ଦେଶ ଏଥିପ୍ରତି ଆଗ୍ରହ ପ୍ରକାଶ କରିଛନ୍ତି। ଏହାକୁ ଦେଖି ଭାରତୀୟ ରେଲୱେ ୨୦୦ ବିଲିୟନ ଡଲାର କୋଚ୍ ଓ ୱାଗନ ବଜାରରେ ପ୍ରବେଶ ଲାଗି ରେଲୱେ ଅଣ୍ଟାଭିଡ଼ିଛି। ଏଥିଲାଗି ରେଲୱେର ନଜର ସିଙ୍ଗାପୁର-କୁଆଲାଲାମ୍ପୁର ହାଇସ୍ପିଡ ରେଳ(ଏଚ୍‌ଏସ୍‌ଆର୍) ପ୍ରକଳ୍ପ ଉପରେ ରହିଛି, ଯାହାକି ଦୀର୍ଘ ଦିନ ହେବ ବନ୍ଦ ହୋଇଯାଇଛି। ସୂଚନାଥାଉ କି, ୧୦୦ କୋଟି ଟଙ୍କାରେ ନିର୍ମାଣ ହୋଇଥିବା ଟ୍ରେନ ୧୮ର ଦିଲ୍ଲୀ-ବାରାଣସୀ ମଧ୍ୟରେ ବାଣିଜ୍ୟିକ ଚଳାଚଳ ଖୁବଶୀଘ୍ର ହେବାକୁ ଯାଉଛି। ରେଲୱେ ବୋର୍ଡର ରୋଲିଂ ଷ୍ଟକ୍ ସଦସ୍ୟ ରାଜେଶ ଅଗ୍ରୱାଲ କହିଛନ୍ତି ଯେ, ମଧ୍ୟ-ପୂର୍ବ, ଉତ୍ତର ଏବଂ ଦକ୍ଷିଣ ଆମେରିକା, ଦକ୍ଷିଣ-ପୂର୍ବ ଏସିଆ ଏବଂ ଏପରିକି ପୂର୍ବ ୟୁରୋପର ଦେଶଗୁଡିକ ଟ୍ରେନ୍୧୮ ପ୍ରତି ଆଗ୍ରହ ପ୍ରଦର୍ଶନ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରେଲୱେକୁ ଦେଶରେ ତିଆରି ହେଉଥିବା ଏହି ଟ୍ରେନ ସମ୍ପର୍କରେ ଏକ ପ୍ରେଜେଣ୍ଟେଶନ ତିଆରି କରିବାକୁ ନିର୍ଦ୍ଦେଶ ଦେଇସାରିଛନ୍ତି।

## ରେଡଚିଫ୍‌ର ଭାଗ୍ୟଶାଳୀ ଗ୍ରାହକ ପୁରସ୍କୃତ



**ଗୁରୁଗ୍ରାମ,୧୯-୧**

ଲେୟାନ ଗ୍ଲୋବାଲ ପ୍ରାଇଭେଟ ଲିମିଟେଡର ଲୋକପ୍ରିୟ ଲେଦର୍ ବ୍ରାଣ୍ଡ ରେଡଚିଫ୍ ପକ୍ଷରୁ ଏହାର ଭାଗ୍ୟଶାଳୀ ବିଜେତାଙ୍କୁ ପୁରସ୍କୃତ କରାଯାଇଛି। ଗୁରୁଗ୍ରାମର ଏକ ହୋଟେଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାଗ୍ୟଶାଳୀଙ୍କୁ ବୁଲେଟ୍ ମୋଟର ସାଇକେଲ ପ୍ରଦାନ କରାଯାଇଛି। ଦେଶର ୧୨୨ ସହରର ଗ୍ରାହକଙ୍କୁ ଲକି ଡ୍ରରେ କମ୍ପାନୀ ସାମିଲ କରିଥିଲା। ଗୁଣବତ୍ତା ଫୁଟୱେର ଲାଗି ଜଣାଶୁଣା ଏହି ବ୍ରାଣ୍ଡ ଦେଶର ୫,୦୦୦ ମଲ୍ଟି ବ୍ରାଣ୍ଡ ଆଉଟଲେଟରେ ଉପଲବ୍ଧ। କମ୍ପାନୀ ବର୍ତ୍ତମାନ ଏହାର ୧୪୦ ଅଧିକୃତ ସ୍ୱତନ୍ତ୍ର ଆଉଟଲେଟରେ ଏହି ପ୍ରଡକ୍ଟଗୁଡ଼ିକୁ ଯୋଗାଉଛି। ଏହା ବାଦ ଇ-କମର୍ସ ପ୍ଲାଟଫର୍ମରେ କମ୍ପାନୀର ପ୍ରଡକ୍ଟ ଉପଲବ୍ଧ ହେଉଛି। ଗ୍ରାହକଙ୍କୁ ପ୍ରାଥମିକତା ଦେଇ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ମନୋଜ ଜ୍ଞାନଚନ୍ଦାନୀ ସୂଚନା ଦେଇଛନ୍ତି। ଭାଗ୍ୟଶାଳୀ ବିଜେତାଙ୍କ ମଧ୍ୟରେ ଦିଲୀର ଅରବିନ୍ଦ କୁମାର, ଭରତପୁରର ମଦନ ମୋହନ, ରେୱାରୀର ଅଶ୍ୱିନୀ ଶର୍ମା,ବାରାଣସୀର ମହିନ୍ଦ୍ର ପ୍ରତାପ, ଲକ୍ଷୀମପୁରକ୍ଷୀରିର ରୋହିତ ରାଜ ସିଂ ପ୍ରମୁଖ ଅଛନ୍ତି। ବୁଲେଟ ବାଦ କମ୍ପାନୀ ୧୪୦ହୋମଥିଏଟରମଧ୍ୟପ୍ରଦାନକରିଛି।

# ଓଡ଼ିଶା ପାଇଁ ୭୫ ହଜାର କୋଟିରୁ ଊର୍ଦ୍ଧ୍ୱ ଋଣ ଯୋଜନା

**ଭୁବନେଶ୍ୱର,୧୯-୧**




**ନାବାର୍ଡର ଫୋକସ୍ ପେପର**

ଚଳିତବର୍ଷରେ ରାଜ୍ୟରେ ବିଭିନ୍ନ କ୍ଷେତ୍ର ଲାଗି ୭୫,୬୧୨ କୋଟି ଟଙ୍କାର କ୍ରେଡିଟ୍ ପୋଟେନସିଆଲ (ଋଣ ଯୋଜନା) ରହିଛି। ଜାତୀୟ କୃଷି ଏବଂ ଗ୍ରାମୀଣ ଉନ୍ନତୀକରଣ ବ୍ୟାଙ୍କ(ନାବାର୍ଡ) ପକ୍ଷରୁ ୨୦୧୯-୨୦ ବର୍ଷ ଲାଗି କ୍ରେଡିଟ୍ ସେମିନାର ଅବସରରେ ଏହାର ସିଜିଏମ୍ ଏ.ଚନ୍ଦ୍ରଶେଖର ଏହି ସୂଚନା ଦେଇଛନ୍ତି। ପ୍ରତିଷ୍ଠାନ ପକ୍ଷରୁ ଜାରି କରାଯାଇଥିବା ଫୋକସ୍ ପେପରରେ ରାଜ୍ୟରେ ଋଣ ସମ୍ଭାବନା ନେଇ ଉଲ୍ଲେଖ ରହିଛି। ଏଥିରେ ରାଜ୍ୟର ଭିତ୍ତିଭୂମି ଆବଶ୍ୟକତା, ଯୋଜନା, ଋଣ ଯୋଗାଣ ସହ ଆଗ୍ରୋ କ୍ଲାଇମେଟିକ ଜୋନର ବିଭିନ୍ନ କ୍ଷେତ୍ର ଏବଂ ଉପକ୍ଷେତ୍ରକୁ ସାମିଲ କରାଯାଇଛି। ଋଣ ସମ୍ଭାବନା ରହିଥିବା କ୍ଷେତ୍ରଗୁଡ଼ିକ ବ୍ୟାଙ୍କ ତଥା ଅନ୍ୟାନ୍ୟ ଅଂଶୀଦାରମାନେ ନଜରରେ ରଖି ଧାର୍ଯ୍ୟ ଲକ୍ଷ୍ୟ ଦିଗରେ କାର୍ଯ୍ୟ କରିବାକୁ ଚନ୍ଦ୍ରଶେଖର ଗୁରୁତ୍ୱାରୋପ କରିଛନ୍ତି। ସେହିଭଳି ନାବାର୍ଡ ପକ୍ଷରୁ ରାଜ୍ୟରେ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ସେ ସୂଚନା ଦେଇଛନ୍ତି।

କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ରାଜ୍ୟ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ କହିଛନ୍ତି ଯେ, ନାବାର୍ଡ ଗ୍ରାମୀଣ ଭିତ୍ତିଭୂମି ଉନ୍ନତୀକରଣ ପାଣ୍ଠି(ଆର୍‌ଆଇଡିଏଫ୍)ର ଋଣ ଲାଭ କରିବାରେ ଓଡ଼ିଶା ଏକ ପ୍ରମୁଖ ରାଜ୍ୟ । ପଶୁ, କୁକୁଡା ପାଳନ, ମତ୍ସ୍ୟଚାଷ କ୍ଷେତ୍ରକୁ କୃଷି ଟର୍ମ ଋଣରେ ବୃଦ୍ଧି ହେଉଥିବାରୁ ଏହା ଲୋକଙ୍କ ଆୟ ବୃଦ୍ଧି ଦିଗରେ ସହାୟକ ହେଉଥିବା ସେ ମତପ୍ରକାଶ କରିଥିଲେ। ରାଜ୍ୟର ବିକାଶ ଲାଗି ବ୍ୟାଙ୍କ ନ ଥିବା ସ୍ଥାନଗୁଡ଼ିକରେ ବ୍ୟାଙ୍କିଙ୍ଗ ସେବା ଉପଲବ୍ଧ କରାଇବାକୁ ସେ ଆର୍‌ବିଆଇ ଏବଂ ଅନ୍ୟ ବ୍ୟାଙ୍କରଙ୍କୁ ପରାମର୍ଶ ଦେଇଛନ୍ତି। କୃଷି, ଅନ୍ୟାନ୍ୟ ଆନୁଷଙ୍ଗିକ କ୍ଷେତ୍ର ସହ ଗ୍ରାମୀଣ କ୍ଷେତ୍ରକୁ ଋଣ ଯୋଗାଣ ଉପରେ କୃଷି ବିଭାଗ ପ୍ରମୁଖ ସଚିବ ସୁଭାଷ ଗର୍ଗ ମତ ରଖିଥିଲେ। ଭବିଷ୍ୟତର ଋଣ ଯୋଜନା ନେଇ ନାବାର୍ଡ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ଆର୍‌ବିଆଇର ଆଞ୍ଚଳିକ ନିର୍ଦ୍ଦେଶକ ଏମ୍.କେ. ମଲ୍ଲ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମ ଅବସରରେ ଏସ୍‌ବିଆଇ ସିଜିଏମ୍ ପ୍ରବୀଣା କାଲା, ଏସ୍‌ଏଲବିସିର ସଦସ୍ୟ ତଥା ଡିଜିଏମ୍ ପି.କେ.ସି. ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ସହଜ ହେଉଛି ପରୀକ୍ଷା ପ୍ରସ୍ତୁତି



ଦିନଥିଲା କୌଣସି କମ୍ପିଟେଟିଭ୍ ପରୀକ୍ଷା କିମ୍ବା ଇଣ୍ଟରଭ୍ୟୁ ଲାଗି ପ୍ରସ୍ତୁତ ହେବାକୁ ଖୁବ୍ କଷ୍ଟ କରିବାକୁ ପଡୁଥିଲା। କେତେବେଳେ ଆବଶ୍ୟକ ଷ୍ଟଡି ମ୍ୟାଟେରିଆଲ୍ ମିଳିବାରେ ଅସୁବିଧା ହେଉଥିଲା ତ ଆଉ କେବେ ପରୀକ୍ଷା ପ୍ରସ୍ତୁତି ଲାଗି କୋଚିଂ ସେଣ୍ଟର ଯିବାରେ ସମୟ ଅଭାବ କିମ୍ବା ଅର୍ଥ ସାଜୁଥିଲା ବାଧକ। ହେଲେ ଏବେ ସେ ସମୟ ଆଉ ନାହିଁ। ନିଜର ଶିକ୍ଷାଗତ ଯୋଗ୍ୟତାନୁଯାୟୀ ଯେକୌଣସି କମ୍ପିଟେଟିଭ୍ ପରୀକ୍ଷା ଲାଗି ଘରେ ବସି ପ୍ରସ୍ତୁତି କରିବାର ସମସ୍ତ ସୁବିଧା ସୁଯୋଗ ଆଣି ଦେଇଛି ଇଣ୍ଟରନେଟ୍ ...

**ଗୁଗୁଲ:** ତତ୍କ୍ଷଣାତ୍ କୌଣସି ବିଷୟରେ ଜାଣିବାର ବର୍ତ୍ତମାନ ସବୁଠୁ ସହଜ ମାଧ୍ୟମ ପାଲଟିଛି ସର୍ଚ୍ଚ ଇଞ୍ଜିନ ଗୁଗୁଲ୍। ବିଦ୍ୟାର୍ଥୀଙ୍କ ଲାଗି ଏହା ବରଦାନଠୁ କମ୍ ନୁହେଁ। ଯଦି କୌଣସି ପରୀକ୍ଷା ଲାଗି ପ୍ରସ୍ତୁତ ହେବାର ଥାଏ ଏଥିରେ ସର୍ଚ୍ଚ କରିବା ଦ୍ୱାରା ସମସ୍ତ ଡିଟେଲ୍ ମିଳିବା ସହ ପ୍ରସ୍ତୁତି ଲାଗି ଷ୍ଟଡି ମ୍ୟାଟେରିଆଲ୍ ଏବଂ ବିଗତ ବର୍ଷ ଗୁଡ଼ିକର ପ୍ରଶ୍ନ ଉତ୍ତର ମଧ୍ୟ ମିଳି ପାରୁଛି। ଏ ବାବଦୀୟ କେଉଁ ସବୁ ବ୍ଲଗ୍ କିମ୍ବା ୱେବ୍‌ସାଇଟ୍ ଆପଣଙ୍କ ପାଇଁ ଉପାଦେୟ ହୋଇପାରିବ ସେ ସମ୍ପର୍କରେ ବି ସବିଶେଷ ତଥ୍ୟ ଏଥିରୁ ମିଳିଯାଉଛି।

**ୟୁଟ୍ୟୁବ୍:** ବିଭିନ୍ନ ଚାକିରି ସମ୍ବନ୍ଧିତ ବିଶେଷ କରି କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତି ନିମନ୍ତେ ବିଦ୍ୟାର୍ଥୀମାନଙ୍କ ଲାଗି ୟୁଟ୍ୟୁବ୍ ବେଶ୍ ସହାୟକ ହୋଇପାରୁଛି। ଏଥିରେ ଅଧ୍ୟାପକ, ଶିକ୍ଷାବିତ୍, କୋଚିଂ ସେଣ୍ଟର ସଞ୍ଚାଳକ, ବିଶେଷଜ୍ଞ ଆଦିଙ୍କ ଦ୍ୱାରା ବିଭିନ୍ନ ବିଷୟ ବସ୍ତୁକୁ ନେଇ ଭିଡିଓ ଉପଲବ୍ଧ ରହୁଛି। ଏମିତିକି ୟୁଟ୍ୟୁବ୍‌ର ବିଭିନ୍ନ ଚ୍ୟାନେଲ୍‌ରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ, ଗ୍ରୁପ୍ ଡିସ୍କସନ୍ ଭିଡିଓ ମଧ୍ୟ ଉପଲବ୍ଧ ରହୁଛି। ଯାହାକୁ ଦେଖି ପାଠ ବୁଝିବା ଏବଂ ମନେ ରଖିବା ଅଧିକ ସରଳ ହୋଇପାରୁଛି।

**ବ୍ଲଗ୍ ଏବଂ ୱେବ୍‌ସାଇଟ୍:** ଏଥିରେ ବିଶେଷଜ୍ଞମାନଙ୍କ ଦ୍ୱାରା ବିଭିନ୍ନ ପରୀକ୍ଷା ଲାଗି ପ୍ରସ୍ତୁତ ହେବା ଏବଂ ସେଥିରେ କୃତକାର୍ଯ୍ୟ ହେବାର ଟିପ୍ସ ମିଳିଯାଉଛି। ବିଗତବର୍ଷ ଗୁଡ଼ିକରେ ଏଭଳି ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କ ସଫଳତାର ସୂତ୍ର ଏବଂ ପଢ଼ାକୁ ଅଧିକ ସୁଦୃଢ଼ କରିବାର କୌଶଳ ଜାଣି ହେଉଛି। କୋଚିଂ ସେଣ୍ଟର ଏବଂ ଅନ୍‌ଲାଇନ୍ କୋର୍ସ ଯୋଗାଉଥିବା ଅନେକ ପୋର୍ଟାଲ ତରଫରୁ ବି ପଢ଼ା ସାମଗ୍ରୀ ଏଥିରୁ ମିଳିପାରୁଛି।



**ବର୍ତ୍ତମାନ ଇଣ୍ଟରନେଟ୍ ଜରିଆରେ ପାଠ ପଢ଼ା ବିଶେଷ କରି ଯେକୌଣସି କମ୍ପିଟେଟିଭ୍ ପରୀକ୍ଷା ଲାଗି ଘରେ ବସି ପ୍ରସ୍ତୁତି କରିବା ହୋଇପାରିଛି ଅଧିକ ସହଜ ଏବଂ ସରଳ...**

**ପବ୍ଲିକେଶନ:** ଯେକୌଣସି ପରୀକ୍ଷା ଲାଗି ପ୍ରସ୍ତୁତ ହେବା ନିମନ୍ତେ ଏଥିପାଇଁ ଆବଶ୍ୟକ ପୁସ୍ତକ ଯଥା ସମୟରେ ମିଳିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା। କାରଣ ଅର୍ଥ ଅଭାବରୁ ବହି କିଣି ନ ପାରିବା, ଦୋକାନରେ ବହି ଉପଲବ୍ଧ ନ ଥିବା କିମ୍ବା ଯଥା ସମୟରେ ଯୋଗାଡ଼ ନ ହୋଇପାରିବା କାରଣରୁ ଅନେକଙ୍କୁ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଥିବାରୁ ନଜିର ରହିଛି। ହେଲେ ବର୍ତ୍ତମାନ ବିଭିନ୍ନ ପବ୍ଲିସର୍ସଙ୍କର ପୁସ୍ତକ ଅନ୍‌ଲାଇନ୍‌ରେ ଅର୍ଥାତ୍ ଇ-ବୁକ୍ ଭାବେ ମିଳୁଛି। କେତେକ ବହି ସମ୍ପୂର୍ଣ୍ଣ ମାଗଣାରେ ପଢ଼ି ହେଉଥିବାବେଳେ ଆଉ କେତେକର ଦେୟ ଦେବା ପରେ ଡାଉନ୍‌ଲୋଡ୍ କରି ଇଚ୍ଛାନୁସାରେ ପଢ଼ି ହେଉଛି।

**ଇ- ଲାଇବ୍ରେରୀ:** ଯଦି ନିର୍ଦ୍ଦିଷ୍ଟ ପବ୍ଲିକେଶନ୍‌ର ବହି ନ ମିଳେ ତେବେ ଏହି ସମ୍ବନ୍ଧିତ ଅନ୍ୟ ବହି ଖୋଜିବା ଲାଗି ଏବେ ଇ-ଲାଇବ୍ରେରୀର ସୁବିଧା ବି ନିଆଯାଇପାରୁଛି। ଏଥିରୁ ଆବଶ୍ୟକତା ଅନୁଯାୟୀ ଏକାଧିକ ବହି ଡାଉନ୍‌ଲୋଡ୍ କରି ଡେସ୍କଟପ୍, ଲାପ୍‌ଟପ୍ ହେଉ କିମ୍ବା ସ୍ମାର୍ଟଫୋନ୍‌ରେ ମଧ୍ୟ ପଢ଼ି ହେଉଛି। ଏହାଦ୍ୱାରା ସାଙ୍ଗରେ ଅଧିକ ବହି ଧରି ଯିବାର ଟେନ୍‌ଶନ୍ ରହୁନାହିଁ। ଯେକୌଣସି ସ୍ଥାନରେ ଅବା ସମୟରେ ନିଜ ଫୋନ୍‌ରେ ପଢ଼ିବା ବି ସହଜ ହେଉଛି।

**ଇ- କମର୍ସ:** ଏହି ୱେବ୍‌ସାଇଟ୍‌ଟି ବର୍ତ୍ତମାନ ବିଭିନ୍ନ ପ୍ରକାରର ସୁବିଧା ଯୋଗାଇ ଦେଉଥିବାରୁ ବେଶ୍ ଲୋକପ୍ରିୟ ହୋଇପାରିଛି। ଯେଉଁଥିରେ ସାମିଲ ରହିଛି ବିଦ୍ୟାର୍ଥୀମାନଙ୍କ ଲାଗି ଆବଶ୍ୟକ ଷ୍ଟଡି ମ୍ୟାଟେରିଆଲ୍। ପାଠ ପଢ଼ା ଠାରୁ ଆରମ୍ଭ କରି ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତି ନିମନ୍ତେ ଏଥିରେ ଡାଟା ଉପଲବ୍ଧ ହୋଇପାରୁଛି। ଯାହାକୁ ସିଧାସଳଖ ହେଉ କିମ୍ବା ଡାଉନ୍‌ଲୋଡ୍ କରି ପରେ ପଢ଼ାଯାଇପାରୁଛି।

**ମକ୍ ଟେଷ୍ଟ:** ବର୍ତ୍ତମାନ ବଡ଼ ବଡ଼ ସଂସ୍ଥାନରେ ପ୍ରବେଶ କରିବା ଲାଗି କମ୍ପ୍ୟୁଟର ଆଧାରିତ ଟେଷ୍ଟ ବାଧ୍ୟତାମୂଳକ ହେଉଥିବା ଦେଖିବାକୁ ମିଳୁଛି। ଯେଉଁଥିପାଇଁ ପ୍ରସ୍ତୁତି ହେବା ଲାଗି ଅନ୍‌ଲାଇନ୍‌ରେ ଅନେକ ୱେବ୍‌ପୋର୍ଟାଲ, ମୋବାଇଲ୍ ଆପ୍, ୱେବ୍‌ସାଇଟ୍‌ର ସୁବିଧା ମିଳୁଛି। ଯେଉଁଥିରେ ପୂର୍ବବର୍ଷଗୁଡ଼ିକରେ ଏଭଳି ପରୀକ୍ଷାରେ ଆସିଥିବା ପ୍ରଶ୍ନ ସହ ଚଳିତବର୍ଷ ଲାଗି ସାମ୍ଭାବ୍ୟ ପ୍ରଶ୍ନ ସାମିଲ ରହୁଛି। ଯାହାର ସାହାଯ୍ୟ ନେଇ ଜଣେ ବିଦ୍ୟାର୍ଥୀ ମକ୍ ଟେଷ୍ଟ ଲାଗି ନିଜକୁ ପ୍ରସ୍ତୁତ କରିବା ସହଜ ହୋଇପାରିବ।

## ଏ ସପ୍ତାହର ପ୍ରଶ୍ନ

୧– ନିକଟରେ ଆଇସିଏସ୍‌ଆଇ ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ .........ଙ୍କୁ ମିଳିଛି ?
୨– ୧୦ମ ଶିଖ୍ ଗୁରୁ ଗୋବିନ୍ଦ ସିଂ .......... ମସିହାରେ ଜନ୍ମ ଗ୍ରହଣ କରିଥିଲେ ?
୩– 'ୱାନ୍ ଫ୍ୟାମିଲୀ, ୱାନ୍ ଜବ୍' ସ୍କିମ୍ .......... ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଛି ?
୪– ଫିଲିପ୍ କୋଟ୍‌ଲର୍ ପ୍ରେସିଡେନ୍ସିଆଲ୍ ଆୱାର୍ଡ ପାଇଥିବା ପ୍ରଥମ ଭାରତୀୟ ..................... ?
୫– ସୋଲାନମ୍ ଟ୍ୟୁବେରୋସମ୍ .........ର ବୈଜ୍ଞାନିକ ନାମ ?

## ଗତ ସପ୍ତାହର ଉତ୍ତର

୧ ଚେନ୍ନାଇ
୨ ଏଚ୍‌ଡିଏଫ୍ ମ୍ୟୁଚୁଆଲ୍ ଫଣ୍ଡ
୩ ଲନ୍ ଚାନୀ
୪ ଭିଏତ୍‌ନାମ
୫ ଚାର୍ଲ୍ସ ମାସିଣ୍ଟସ୍

## ଉତ୍ତରଦାତା



ପ୍ରଶାନ୍ତ କର, ପୁରୀ



ମୂରଲୀଧର ପ୍ରଧାନ,ବ୍ରହ୍ମପୁର



କିରନ୍ କୁମାର ମହାନ୍ତି, ଭୁବନେଶ୍ୱର

**ବିଦ୍ର:** ଉତ୍ତର ଲେଖି ଫଟୋ ସହ ନିମ୍ନ ଠିକଣାରେ ପଠାନ୍ତୁ। ଉତ୍ତର ସମ୍ପୂର୍ଣ୍ଣ ଠିକ୍ ହେଲେ ନାମ ସହ ଫଟୋ ଏହି ପୃଷ୍ଠାରେ ପ୍ରକାଶ ପାଇବ।

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitri-agamiasha @gmail.com

## ଜାଣନ୍ତୁ ଦୁନିଆ

### ହୀରା

**ହୀରାର ସୌନ୍ଦର୍ଯ୍ୟ ଏପରି ଯେ, ତାହା କାହାର ବି ଦୃଷ୍ଟିଆକର୍ଷଣ କରିପାରେ। ତେବେ ସୁନ୍ଦର ଦିଶୁଥିବା ଏହି ଦାମୀ ପଥର କେବଳ ଅଳଙ୍କାର ଭାବେ ନୁହେଁ ଆହୁରି ଅନେକ କାର୍ଯ୍ୟରେ ବ୍ୟବହାର ହୋଇଥାଏ । ଆସନ୍ତୁ ଜାଣିବା ହୀରା ସମ୍ପର୍କରେ କେତୋଟି କଥା...**

- ହୀରା ହେଉଛି ପୃଥିବୀର ସବୁଠୁ ଶକ୍ତ ବା ଟାଣ ଉପାଦାନ।
- ସାଧାରଣତଃ ଅନେକଙ୍କ ମନରେ ଏକ ଧାରଣା ଥାଏ ଯେ, ସବୁ ହୀରା ଦେଖିବାକୁ ସ୍ୱଚ୍ଛ। ହେଲେ ସବୁ ହୀରା ଦେଖିବାକୁ ଏପରି ନୁହେଁ। କାରଣ ପୃଥିବୀ ପୃଷ୍ଠରେ ଲାଲ୍, ନୀଳ, ଗୋଲାପି, ହଳଦିଆ, କଳା, ସବୁଜ, ବଇଗଣୀ, କମଳା ଆଦି ରଙ୍ଗର ହୀରା ମଧ୍ୟ ରହିଛି।
- ସ୍କଟ୍‌ଲାଣ୍ଡ ସ୍ଥିତ ସେଣ୍ଟ ଆଣ୍ଡ୍ର୍ୟୁଜ୍ ୟୁନିଭର୍ସିଟିର ରସାୟନବିଜ୍ଞାନ ବିଭାଗର ବିଶେଷଜ୍ଞ ଉଜୋଙ୍ଗ୍ ଝୌ କ୍ୟାଣ୍ଡେଲ୍ ଜଳିବା ସମୟରେ ଏଥିରୁ ନିର୍ଗତ ଅଗ୍ନିଶିଖାରେ ୧.୫ମିଲିୟନ୍ ସୂକ୍ଷ୍ମ ହୀରା କଣିକା ଥିବା ଆବିଷ୍କାର କରିଥିଲେ।
- କଟିଂ ଏବଂ ପଲିଶିଂ ଦ୍ୱାରା ଗୋଟିଏ ହୀରାର ପ୍ରକୃତ ଓଜନର ପ୍ରାୟ ୫୦ ପ୍ରତିଶତ କ୍ୟାରେଟ୍ ପର୍ଯ୍ୟନ୍ତ ହ୍ରାସ ପାଇଥାଏ।
- ହୀରା ଖଣି ସର୍ବପ୍ରଥମେ ପ୍ରାୟ ୨୮୦୦ ବର୍ଷ ପୂର୍ବେ ଭାରତରେ ମିଳିଥିଲା। ବର୍ତ୍ତମାନ ସମଗ୍ର ପୃଥିବୀରେ ପ୍ରାୟ ୨୫ଟି ଦେଶରେ ହୀରା ଖଣି ରହିଥିବା ବେଳେ ୟୁରୋପ ଏବଂ ଆଣ୍ଟାର୍କଟିକା ମହାଦେଶରେ ଏପର୍ଯ୍ୟନ୍ତ ଏହାର ସନ୍ଧାନ ମିଳିନାହିଁ।
- ହୀରା ଭୂପୃଷ୍ଠର ପ୍ରାୟ ୨୦୦ କିମି. ଗଭୀରତାରେ ସୃଷ୍ଟି ହୋଇଥାଏ, ଯାହାକି ସମୟକ୍ରମେ ଆଗ୍ନେୟ ଉଦ୍‌ଗିରଣ ଆଦି କାରଣରୁ ଉପରକୁ ଉଠିଆସିଥାଏ।
- କୁଲିନାନ୍ ହୀରା ହେଉଛି ବର୍ତ୍ତମାନ ସୁଦ୍ଧା ଆବିଷ୍କାର ହୋଇଥିବା ସବୁଠାରୁ ବଡ ହୀରା। ଯାହାର ପ୍ରକୃତ ଓଜନ ୩୧୦୬ କ୍ୟାରେଟ୍।
- ୧୪୭୭ରେ ଅଷ୍ଟ୍ରିଆର ଆର୍କଡ୍ୟୁକ୍ ମ୍ୟାକ୍ସିମିଲିଆନ୍ ସର୍ବପ୍ରଥମେ ହୀରା ମୁଦି ପିନ୍ଧାଇ ବର୍ଗଣ୍ଡୀଙ୍କୁ ବିବାହ ପ୍ରସ୍ତାବ ଦେଇଥିଲେ।
- ପୃଥିବୀ ବାହାରେ ଅର୍ଥାତ୍ ମହାକାଶରେ କେତୋଟି ଗ୍ରହରେ ହୀରା ରହିଥିବା ଗବେଷକମାନେ ପ୍ରକାଶ କରିଛନ୍ତି।
- ଆଫ୍ରିକା ଏବଂ ଦକ୍ଷିଣ ଆମେରିକାରେ ମିଳୁଥିବା କାବ୍ରୋନାଡୋ ହୀରାର ଉତ୍ପତି ପୃଥିବୀ ପୃଷ୍ଠରେ ନୁହେଁ ବରଂ ଏହା ବହୁବର୍ଷ ପୂର୍ବେ ଅନ୍ୟ ଗ୍ରହରୁ ଆସିଥିବା ବିଶ୍ୱାସ କରାଯାଏ।





## ଟପ୍ 10

### ପୃଥିବୀର ଶକ୍ତିଶାଳୀ ବାୟୁସେନା

୧– ୟୁନାଇଟେଡ୍ ଷ୍ଟେଟ୍ସ ଏୟାର ଫୋର୍ସ..........ଆମେରିକା
୨– ରଷିଆନ୍ ଏୟାର ଫୋର୍ସ........................ ରୁଷିଆ
୩– ପିପୁଲ୍ସ ଲିବରେଶନ୍ ଆର୍ମି ଏୟାର ଫୋର୍ସ....... ଚାଇନା
୪– ଇଣ୍ଡିଆନ୍ ଏୟାର ଫୋର୍ସ........................ ଭାରତ
୫– ରୟାଲ ଏୟାର ଫୋର୍ସ........................ ଇଂଲଣ୍ଡ
୬– ଇସ୍ରାଏଲ୍ ଏୟାର ଫୋର୍ସ..................... ଇସ୍ରାଏଲ୍
୭– ଫ୍ରେଞ୍ଚ୍ ଏୟାର ଫୋର୍ସ........................... ଫ୍ରାନ୍ସ
୮– ତୁର୍କୀଶ ଏୟାର ଫୋର୍ସ............................ ତୁର୍କୀ
୯– ଇଜିପ୍ଟିଆନ୍ ଏୟାର ଫୋର୍ସ...................... ଇଜିପ୍ଟ
୧୦– ଜର୍ମାନ ଏୟାର ଫୋର୍ସ...................... ଜର୍ମାନୀ



# ତେଲୁଗୁ ଡ୍ୟାନ୍ସିଂ ରିଆଲିଟି ଶୋ'ରେ ଚମକୁଛନ୍ତି କାହ୍ନା



ଯୁବ ପ୍ରତିଭା | କାହ୍ନା ମହାନ୍ତି

କୁହାଯାଏ, ପ୍ରତିଭାକୁ ମାର୍ଜିତ ପାଇଁ ଗୁରୁ ଆବଶ୍ୟକ । କିନ୍ତୁ ସେ ଥିଲେ ନିଜେ ନିଜର ଗୁରୁ। ଟିଭି ଏବଂ ଇଣ୍ଟର୍‌ନେଟରୁ ପ୍ରସିଦ୍ଧ କୋରିଓଗ୍ରାଫର୍ ଏବଂ ଡ୍ୟାନ୍ସରଙ୍କ ନୃତ୍ୟକୁ ଦେଖି ପ୍ରଶିକ୍ଷଣ ନେଇଥିଲେ । ଭୁଲ୍ କରୁଥିଲେ, ପୁଣି ନିଜେ ନିଜକୁ ସୁଧାରି ନେଉଥିଲେ। ନିଜ ସ୍ୱପ୍ନକୁ ସଫଳ କରିବାକୁ ଜଣେ ମଣିଷ ଯେ, କେତେ ପରିଶ୍ରମ କରିପାରେ, ସଂଘର୍ଷ କରିପାରେ, ତ୍ୟାଗ କରିପାରେ, ତାହାର ଏକ ଜ୍ୱଳନ୍ତ ଉଦାହରଣ ପାଲଟିଲେ ଗଂଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକର ମାର୍କଣ୍ଡିରେ ରହୁଥିବା ମା' ମାମି ଏବଂ ବାପା ତାରାକାନ୍ତ ମହାନ୍ତିଙ୍କ ପୁଅ କାହ୍ନା ମହାନ୍ତି। ବର୍ତ୍ତମାନ ସେ ତେଲୁଗୁ ଡ୍ୟାନ୍ସ ରିୟଲ୍‌ଟି ଶୋ' ଜଗତରେ ଧମାଲ୍ କରୁଛନ୍ତି । ନିଜ ଡ୍ୟାନ୍ସର ଯାଦୁରେ ସମସ୍ତଙ୍କ ମନ ଜିଣୁଛନ୍ତି । ମାତ୍ର ୧୬ ବର୍ଷ ବୟସରେ ସେ ତେଲୁଗୁ ଟେଲିଭିଜନ୍ ଜଗତରେ ସଫଳ ଡ୍ୟାନ୍ସର ଏବଂ କୋରିଓଗ୍ରାଫର୍ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ।

ଜନ୍ମ ଓଡ଼ିଶାରେ ହୋଇଥିଲେ ମଧ୍ୟ ପରିସ୍ଥିତି କାହ୍ନାଙ୍କୁ ହାଇଦ୍ରାବାଦ୍‌ରେ ପହଞ୍ଚାଇ ଦେଇଥିଲା । ସେଠାରେ ପ୍ରାଥମିକ ଶିକ୍ଷା ଗ୍ରହଣ କରିଥିଲେ। ପିଲାଟି ଦିନରୁ ଡ୍ୟାନ୍ସ ପ୍ରତି କାହ୍ନାଙ୍କର ଖୁବ୍ ଆଗ୍ରହ ରହିଥିଲା। ତେଣୁ ମାତ୍ର ୬ବର୍ଷ ବୟସରେ ସେ ବିଦ୍ୟାଳୟ ସ୍ତରୀୟ ନୃତ୍ୟ ପ୍ରତିଯୋଗିତାରେ ଭାଗନେଇ ନିଜର ସ୍ୱତନ୍ତ୍ର ନୃତ୍ୟ ଶୈଳୀ ଦ୍ୱାରା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିଲେ। ଏହାର କିଛି ଦିନ ପରେ ନିଜ ଗାଁକୁ ଛୁଟିରେ ଆସିବା ଅବସରରେ ଦଣ୍ଡନାଚରେ ନୃତ୍ୟ ପ୍ରଦର୍ଶନର ସୁଯୋଗ ପାଇଥିଲେ। ଆଉ ସେଠାରେ ଦର୍ଶକଙ୍କ କରତାଳି ଏବଂ ପ୍ରଶଂସା ତାଙ୍କ ଭିତରର ଡ୍ୟାନ୍ସରକୁ ଯେମିତି ବାଧ୍ୟ କରିଥିଲା, ଆହୁରି ଆଗକୁ ଯିବାକୁ। ଆଉ ସେବେଠୁ ପଛକୁ ଫେରିନାହାନ୍ତି। ସେ ପ୍ରଥମେ ତେଲୁଗୁ ଟିଭି ଚ୍ୟାନେଲ୍ 'ଇ-ଟିଭି'ରେ ପ୍ରସାରିତ ଲୋକପ୍ରିୟ ଡ୍ୟାନ୍ସ ରିୟଲ୍‌ଟି ଶୋ' 'ଢି(ନିଆଁ)'ରେ ୨୦୧୨ ମସିହାରେ ଭାଗନେବାକୁ ସୁଯୋଗ ପାଇଥିଲେ। ଏହାପରେ କାହ୍ନା ଓଡ଼ିଶାକୁ ଆସି ସାର୍ଥକ ଚ୍ୟାନେଲରେ ପ୍ରସାରିତ ଡ୍ୟାନ୍ସ ରିୟଲ୍‌ଟି ଶୋ' 'ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ'ରେ ଅଂଶଗ୍ରହଣ କରି ପ୍ରଥମ ରନର୍ସଅପ୍ ହୋଇପାରିଥିଲେ । ତେବେ ସଫଳତାର ନିକଟତର ହୋଇ ଚାମ୍ପିୟନ୍ ଟ୍ରଫି ହାତଛଡ଼ା ହୋଇଯାଇଥିଲେ ମଧ୍ୟ ହିନ୍ଦୀ ଚଳଚ୍ଚିତ୍ର ଜଗତର ଅନ୍ୟତମ ଶ୍ରେଷ୍ଠ ଡ୍ୟାନ୍ସର ଏବଂ ଅଭିନେତା ଗୋବିନ୍ଦାଙ୍କଠାରୁ ପୁରସ୍କାର ଗ୍ରହଣ କରିବା ତାଙ୍କ ଜୀବନର ସ୍ମରଣୀୟ ମୁହୂର୍ତ୍ତ ବୋଲି ପ୍ରକାଶ କରନ୍ତି କାହ୍ନା। ଇତିମଧ୍ୟରେ ବାଙ୍ଗାଲୋର୍‌ରେ କନଡ଼ ଭାଷାରେ ସେ କେତେକ ଶୋ' ଏବଂ ହାଇଦ୍ରାବାଦ୍‌ରେ 'ଢି-୧୦ ଏବଂ ୧୧'ରେ ବି କୋରିଓଗ୍ରାଫି କରିସାରିଛନ୍ତି। ତାଙ୍କ ପ୍ରଶିକ୍ଷଣରେ ନୃତ୍ୟ କରିଥିବା ପ୍ରତିଯୋଗୀମାନେ ସଫଳତା ହାସଲ ମଧ୍ୟ କରିଛନ୍ତି। ଯେଉଁଥିଲାଗି ତେଲୁଗୁ ଭାଷାଭାଷୀଙ୍କ ମଧ୍ୟରେ ସେ ଏକ ପରିଚିତ ଚେହେରା ପାଲଟିଯାଇଛନ୍ତି । ନିଜେ ଡ୍ୟାନ୍ସ ଶିଖିବା ସହ ଏକ ଡ୍ୟାନ୍ସ କୋଚିଂ ସେଣ୍ଟର ଖୋଲିଛନ୍ତି। ହାଇଦ୍ରାବାଦ୍‌ରେ ରହି ତେଲୁଗୁ ଚଳଚ୍ଚିତ୍ର ଜଗତରେ କ୍ୟାରିୟର୍ ଗଢ଼ିବାକୁ ଇଚ୍ଛା ରଖିଥିବା କାହ୍ନା, ନିଜ ସ୍ୱପ୍ନକୁ ସଫଳ କରିବାକୁ କଠିନ ପରିଶ୍ରମ କରୁଛନ୍ତି। ଆଉ ଦିନେ ନିଶ୍ଚିତ ଜଣେ ସଫଳ କୋରିଓଗ୍ରାଫ୍ ହେବି ବୋଲି ଆତ୍ମବିଶ୍ୱାସର ସହ ପ୍ରକାଶ କରିଛନ୍ତି।

–ଆଶୀର୍ବାଦ ରାଉତ

“ବିରାଟ କୋହଲି କ୍ରିକେଟର ସମସ୍ତ ଫର୍ମାଟରେ ଭଲ ପ୍ରଦର୍ଶନ କରି ଆସୁଛନ୍ତି, ହେଲେ ସେ ସଚିନ ତେନ୍ଦୁଲକରଙ୍କ ସହ ତୁଳନୀୟ ନୁହନ୍ତି ।

–ଏସ୍. ଶ୍ରୀସନ୍ଥ, ପୂର୍ବତନ ଭାରତୀୟ କ୍ରିକେଟର



“ଅଷ୍ଟ୍ରେଲିଆ ମାଟିରେ ଭାରତର ପ୍ରଥମ ଟେଷ୍ଟ ସିରିଜ ବିଜୟ ପଛରେ ୟର୍କର ବୋଲର ଯଶପ୍ରୀତ ବୁମ୍ରାଙ୍କ ବିଶେଷ ଭୂମିକା ରହିଛି ।

–ୱାସିମ ଆକ୍ରମ, ପୂର୍ବତନ ପାକିସ୍ତାନ କ୍ରିକେଟର



## ସଂକ୍ଷେପରେ

### ଫୁଟବଲରେ ରୌପ୍ୟ, ହକିରେ ଓଡ଼ିଶାକୁ ବ୍ରୋଞ୍ଜ

**କଟକ ଅଫିସ,୧୯।୧ :** ମହାରାଷ୍ଟ୍ରର ପୁଣେଠାରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ ଗେମ୍ସର ୧୭ବର୍ଷରୁ କମ୍ ମହିଳା ଫୁଟବଲରେ ଓଡ଼ିଶା ରୌପ୍ୟ ଓ ହକିରେ ବ୍ରୋଞ୍ଜ ପଦକ ବିଜୟୀ ହୋଇଛି । ସଂଘର୍ଷପୂର୍ଣ୍ଣ ଫୁଟବଲ ଇଭେଣ୍ଟର ଫାଇନାଲରେ ଓଡ଼ିଶା ଦଳ ୧-୨ ଗୋଲରେ ଝାଡ଼ଖଣ୍ଡଠାରୁ ହାରି ଯାଇଥିଲା। ସେହିପରି ହକି ପ୍ରତିଯୋଗିତାର ସେମିରେ ଝାଡ଼ଖଣ୍ଡ ଠାରୁ ପରାସ୍ତ ହେବା ପରେ ଓଡ଼ିଶା ଶନିବାର ବ୍ରୋଞ୍ଜ ପଦକ ମ୍ୟାଚ୍ ପଞ୍ଜାବ ବିପକ୍ଷରେ ଖେଳିଥିଲା । ୩-୨ ଗୋଲରେ ଓଡ଼ିଶା ଏହି ମ୍ୟାଚକୁ ଜିତିଛି। ପ୍ରଥମ କ୍ୱାର୍ଟରରେ ଓଡ଼ିଶା ପକ୍ଷରୁ ୩ଟି ଗୋଲ ସ୍କୋର ହୋଇଥିଲା । ୪ର୍ଥ ମିନିଟରେ ସୁନୀତା ଖାଖା, ୬ଷ୍ଠ ମିନିଟରେ ଜ୍ୟୋତି ଛତ୍ରି ଓ ୧୩ତମ ମିନିଟରେ ନିମାବତି ସିଂ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପ୍ରଥମ କ୍ୱାର୍ଟରର ୧୫ତମ ମିନିଟରେ ମଧ ପଞ୍ଜାବର ସି ତମାଙ୍ଗ ଏକ ଗୋଲ ଦେଇଥିଲେ । ୩-୧ରେ ପ୍ରଥମ କ୍ୱାର୍ଟରକୁ ଓଡ଼ିଶା ଅଗ୍ରଣୀ ରଖିବା ପରେ ଦ୍ୱିତୀୟ ଓ ତୃତୀୟ କ୍ୱାର୍ଟର ଗୋଲ ଶୂନ୍ୟ ରହିଥିଲା । ୪ର୍ଥ କ୍ୱାର୍ଟରରେ ପଞ୍ଜାବ ଗୋଟିଏ ଗୋଲ ଦେବା ଫଳରେ ମ୍ୟାଚ୍ ୩-୨ ଗୋଲରେ ଶେଷ ହୋଇଥିଲା ।

# ପ୍ରି-କ୍ୱାର୍ଟରରେ ସେରେନା-ହାଲେପ

**ଅଷ୍ଟ୍ରେଲିଆନ ଓପନ ଟେନିସ**

ମେଲବୋର୍ନ,୧୯।୧(ଏଏଫ୍‌ପି)

ଆମେରିକାର ସେରେନା ୱିଲିୟମ୍ସ ସିଜନର ପ୍ରଥମ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ ଓପନ ଟେନିସର ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ୩ୟ ରାଉଣ୍ଡ ମ୍ୟାଚ୍‌ରେ ୱିଲିୟମ୍ସ ୬-୨, ୬-୧ ସେଟ୍‌ରେ ୟୁକ୍ରେନର ଡାୟାନା ୟଷ୍ଟ୍ରିମସ୍କାଙ୍କୁ ହରାଇ ଦେଇଛନ୍ତି। ମାତୃତ୍ୱ ଲାଭ କରିବା ପରେ ୩୭ ବର୍ଷୀୟ ଆମେରିକୀୟ ଖେଳାଳି ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବା ଲକ୍ଷ୍ୟରେ ରହିଛନ୍ତି। ଦୁଇ ବର୍ଷ ତଳେ ଏଠାରେ ସେ ୨୩ତମ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିଲେ। ପ୍ରି-କ୍ୱାର୍ଟରରେ ସେ ଶୀର୍ଷ ର୍‍ୟାଙ୍କପ୍ରାପ୍ତ ସିମୋନା ହାଲେପଙ୍କୁ ଭେଟିବେ। ହାଲେପ ଅନ୍ୟ ଏକ ମ୍ୟାଚ୍‌ରେ ସେରେନାଙ୍କ ଭଉଣୀ ଭେନସ ୱିଲିୟମ୍ସଙ୍କୁ ୬-୨, ୬-୩ ସେଟ୍‌ରେ ପରାସ୍ତ କରିଛନ୍ତି। ମହିଳା ସିଙ୍ଗଲ୍ସର ଅନ୍ୟ ମ୍ୟାଚ ଗୁଡ଼ିକ ମଧ୍ୟରେ ଜାପାନର ନାଓମି ଓସାକା ୫-୭, ୬-୪, ୬-୧ ସେଟ୍‌ରେ ତାଇପେର ହିସ୍ ସୁ-ୱି, ୟୁକ୍ରେନର ଏଲିନା ସ୍ୱିତୋଲିନା ୪-୬, ୬-୪, ୭-୫ ସେଟ୍‌ରେ ଚାଇନାର ଶୁଇ ଝାଙ୍ଗ୍, ଲାଟଭିଆର ଆନାସ୍ତାସିଜା ସେଭାସ୍ତୋଭା ୬-୩, ୬-୩ ସେଟ୍‌ରେ ଚାଇନାର ୱାଙ୍ଗ୍ କ୍ୱାଙ୍ଗ୍, ଆମେରିକାର ମାଡିସନ କିଜ୍ ୬-୩, ୬-୨ ସେଟ୍‌ରେ ବେଲାରୁଷର ଏଲିସେ ମେର୍ଟେନ୍ସ, ସ୍ପେନର ଗାର୍ବିନ ମୁଗୁରୁଜା ୭-୬(୭/୫), ୬-୨ ସେଟ୍‌ରେ ସୁଇଜରଲାଣ୍ଡର ଟିମିଆ ବାକ୍ସିନସ୍କି ଏବଂ ଚେକ୍ ରିପବ୍ଲିକର କାରୋଲିନା ପ୍ଲିସ୍‌କୋଭା ୬-୪, ୩-୬, ୬-୨ରେ ଇଟାଲୀର କାମିଲା ଜିଓର୍ଗିଙ୍କୁ ହରାଇ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

### ଜୋକୋଭିଚ୍ ୪ର୍ଥ ରାଉଣ୍ଡରେ

ପୁରୁଷ ସିଙ୍ଗଲ୍ସରେ ଟାଇଟଲ ଦାବିଦାର ସର୍ବିଆର ନୋଭାକ୍ ଜୋକୋଭିଚ୍ ୪ର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ୩ୟ ରାଉଣ୍ଡ ମ୍ୟାଚରେ ସେ କାନାଡ଼ାର ଡେନିସ ଶାପୋଭାଲୋଭଙ୍କୁ ୬-୩, ୬-୪, ୪-୬, ୬-୦ ସେଟ୍‌ରେ ପରାସ୍ତ କରିଛନ୍ତି। ଅନ୍ୟ ଖେଳାଳିଙ୍କ ମଧ୍ୟରେ ରୁଷିଆର ଡାନିଲ ମେଡଭେଡେଭ ୬-୨, ୭-୬(୭/୩), ୬-୩ରେ ବେଲାରୁଷର ଡେଭିଡ୍ ଗଫିନ, ଜାପାନର କେଇ ନିଶିକୋରି ୭-୬(୮/୬), ୬-୧, ୬-୨ରେ ପର୍ତ୍ତୁଗାଲର ଜୋଆଓ ସୋଉସା, ସ୍ପେନର ପାବ୍‌ଲୋ କାରେନୋ ବୁଷ୍ଟା ୬-୨, ୬-୪, ୨-୬, ୬-୪ ସେଟ୍‌ରେ ଇଟାଲୀର ଫାବିଓ ଫୋଗନିନି, କାନାଡ଼ାର ମିଲୋସ ରାଓନିକ୍ ୬-୪, ୬-୪, ୭-୬(୮/୬)ରେ ଫ୍ରାନ୍ସର ପିଏରେ-ହ୍ୟୁଗ୍ସ ହର୍ବର୍ଟ, ଜର୍ମାନୀର ଆଲେକ୍ସାଣ୍ଡର ଜାଭେରେଭ ୬-୩, ୬-୩, ୬-୨ରେ ଅଷ୍ଟ୍ରେଲିଆର ଆଲେକ୍ସ ବୋଲ୍ଟ ଏବଂ କ୍ରୋଏସିଆର ବୋର୍ନା କୋରିକ୍ ୨-୬, ୬-୩, ୬-୪, ୬-୩ ସେଟ୍‌ରେ ସର୍ବିଆର ଫିଲିପ୍ କ୍ରାଜିନୋଭିଚ୍‌ଙ୍କୁ ହରାଇ ଚତୁର୍ଥ ରାଉଣ୍ଡରେ ପହଞ୍ଚିଛନ୍ତି।



ରୋଜର ଫେଡରରଙ୍କ ସହ ବିରାଟ କୋହଲି ଓ ଅନୁଷ୍କା ଶର୍ମା।

### ଫେଡରରଙ୍କୁ ଭେଟିଲେ ବିରୁଷ୍କା

**ମେଲବୋର୍ନ,୧୯।୧(ଏପି):** ଭାରତୀୟ କ୍ରିକେଟ ଦଳର ଅଧିନାୟକ ବିରାଟ କୋହଲି ଓ ତାଙ୍କ ପତ୍ନୀ ଅନୁଷ୍କା ଶର୍ମା ଶନିବାର କିମ୍ବଦନ୍ତୀ ଟେନିସ ଖେଳାଳି ରୋଜର ଫେଡରରଙ୍କୁ ଭେଟିଛନ୍ତି। ଏଥିସହ ମେଲବୋର୍ନ ପାର୍କଠାରେ ବିରାଟ ଓ ଅନୁଷ୍କା (ବିରୁଷ୍କା) ଚଳିତ ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ପୂର୍ବତନ ଶୀର୍ଷ ର୍‍ୟାଙ୍କଧାରୀ ଖେଳାଳି ନୋଭାକ ଜୋକୋଭିଚ୍‌ଙ୍କ ୩ୟ ରାଉଣ୍ଡ ମ୍ୟାଚ୍ ଉପଭୋଗ କରିଥିଲେ। ଜୋକୋଭିଚ୍ ୬-୩, ୬-୪, ୪-୬, ୬-୪ ସେଟ୍‌ରେ ଡେନିସ ଶାପଭାଲୋଭଙ୍କୁ ହରାଇ ଦେଇଥିଲେ। ଏହି ମ୍ୟାଚ୍‌ର କେତେକ ଫଟୋ ଓ ଫେଡରରଙ୍କ ସହ ଉଠାଇଥିବା ଫଟୋକୁ ଟୁଇଟରରେ କୋହଲି ଶେୟାର କରିଛନ୍ତି।

### ଗୋପୀନାଥ ଚ୍ୟାଲେଞ୍ଜ ଟ୍ରଫି
# ଫାଇନାଲରେ କ୍ରାଉନକୁ ଭେଟିବ ଇଲେଭେନ ଷ୍ଟାର



ଜ୍ଞାନରଞ୍ଜନ ସ୍ୱାଇଁ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

**ଭଣ୍ଡାରିପୋଖରୀ, ୧୯।୧ (ଡି.ଏନ.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମାଳଦା ପଞ୍ଚାୟତର ରଘୁନାଥପୁର ଖେଳପଡିଆରେ ଚାଲିଥିବା ଦ୍ୱାଦଶତମ ଆନ୍ତଃ ଜିଲା ଅଦ୍ୱୈତ୍ୟ ନାୟକ ମେମୋରିଆଲ ଗୋପୀନାଥ ଚ୍ୟାଲେଞ୍ଜ ଟ୍ରଫିର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ବିଏମ୍‌ସିସି ଗୋଲକୁଣ୍ଡକୁ ହରାଇ ଯାଜପୁର ଇଲେଭେନ ଷ୍ଟାର ଫାଇନାଲରେ ପ୍ରବେଶ କରିଛି। ବିଏମ୍‌ସିସି ଟସ୍ ଜିତି ୩୦ ଓଭରରେ ୯ ଉଇକେଟ ହରାଇ ୧୬୫ ରନ୍ କରିଥିଲା। ଦଳ ପକ୍ଷରୁ ବିଶ୍ୱଭୂଷଣ ବିହାରୀ ୫ ଚୌକା ସହ ୫୧ ରନ୍, ମୁଜାଖିର ଅଲିଖାଁ ଗୋଟିଏ ଛକା, ୨ ଚଉକାରେ ୨୭ ରନ୍, ମାନସ ମୁଦୁଲି ଗୋଟିଏ ଛକା, ୨ ଚୌକାରେ ୨୪ ରନ୍ କରିଥିଲେ। ପ୍ରତିପକ୍ଷର ବୋଲର ସତ୍ୟବ୍ରତ ସ୍ୱାଇଁ, ଅରବିନ୍ଦ ସିଂ, ସ୍ୱପ୍ନେଶ ବିଶ୍ୱାଳ ୬ ଓଭର ଲେଖାଏ ବୋଲିଂ କରି ୨ଟି ଲେଖାଏ ଉଇକେଟ ପାଇଥିଲେ। ୧୬୬ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଇଲେଭେନ ଷ୍ଟାର ୨୫ ଓଭରରେ ୪ ଉଇକେଟ ହରାଇ ୧୬୯ ରନ୍ କରି ବିଜୟଲାଭ କରିଥିଲା। ଦଳ ପକ୍ଷରୁ ଜ୍ଞାନରଞ୍ଜନ ସ୍ୱାଇଁ ୮ଟି ଛକା ୯ଟି ଚୌକା ସମେତ ୧୦୨ ରନ୍ କରି ଓପନିଂ ଆସି ନଟ୍‌ଆଉଟ ରହିଥିଲେ। ଅଭିଳାଷ ରାଉତରାୟ ୨ ଚୌକାରେ ୧୬ ରନ୍, ସ୍ୱପ୍ନେଶ ବିଶ୍ୱାଳ ୪ ଚୌକାରେ ୧୩ ରନ୍ କରିଥିଲେ। ପ୍ରତିପକ୍ଷର ମାନସ ମୁଦୁଲି ୬ ଓଭର ବୋଲିଂ କରି ୪ ଉଇକେଟ ଓ ଲେନିନ ବଳ ୪ ଓଭର ବୋଲିଂ କରି ଗୋଟିଏ ଉଇକେଟ ପାଇଥିଲେ।

ଶନିବାର ମ୍ୟାଚ୍‌ରେ ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ଜ୍ଞାନରଞ୍ଜନ ସ୍ୱାଇଁଙ୍କୁ ପୁରସ୍କୃତ କରାଯାଇଥିଲା। ଶରତ ଚନ୍ଦ୍ର ଜେନା, ଖଗେଶ୍ୱର ମଲିକ ଅମ୍ପାୟାର ଭାବେ ଖେଳ ପରିଚାଳନା କରିଥିଲେ। ଚିନ୍ମୟ ରାଉତରାୟ, ସୁବ୍ରତ ସ୍ୱାଇଁ, ରଘୁନାଥ ମାଝି ସ୍କୋରର ଏବଂ ପ୍ରଦୀପ୍ତ ନାୟକ, ବିଷ୍ଣୁ ବୋଇତାଇ, ଗୋପବନ୍ଧୁ ମାଝି ଧାରା ବିବରଣୀ ପ୍ରଦାନ କରିଥିଲେ। ରବିବାର ଭୁବନେଶ୍ୱର କ୍ରାଉନ କ୍ଲବ ଓ ଯାଜପୁର ଇଲେଭେନ ଷ୍ଟାର ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଟୁର୍ନାମେଣ୍ଟ ଆୟୋଜକ ରଘୁନାଥପୁର କ୍ରିକେଟ କ୍ଲବ ସଭାପତି ବିଶ୍ୱନାଥ ମାଝି ସୂଚନା ଦେଇଛନ୍ତି।

### ଓଡ଼ିଶା ଟେନିସ ପ୍ରିମିୟର ଲିଗ୍
# କେନ୍ଦ୍ରାପଡ଼ା-ପୁରୀ ଫାଇନାଲ

ଭୁବନେଶ୍ୱର, ୧୯।୧(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୨ୟ ଓଡ଼ିଶା ଟେନିସ ପ୍ରିମିୟର ଲିଗ୍ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶନିବାର ଅନୁଷ୍ଠିତ ସେମିଫାଇନାଲରେ ସମ୍ବଲପୁର ଶୁଟର୍ସଙ୍କୁ ହରାଇ କେନ୍ଦ୍ରାପଡ଼ା କଣ୍ଟେଣ୍ଡର୍ସ ଏବଂ ଅନୁଗୋଳ ଏସର୍ସଙ୍କୁ ହରାଇ ପୁରୀ ୱେଭର୍ସ ଫାଇନାଲରେ ପ୍ରବେଶ କରିଛି। ରବିବାର କେନ୍ଦ୍ରାପଡ଼ା କଣ୍ଟେଣ୍ଡର୍ସ ଓ ପୁରୀ ୱେଭର୍ସ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ।

ତୀବ୍ର ସଂଘର୍ଷପୂର୍ଣ୍ଣ ପ୍ରଥମ ସେମିଫାଇନାଲରେ କେନ୍ଦ୍ରାପଡ଼ା ୨୫-୨୪ ପଏଣ୍ଟରେ ସମ୍ବଲପୁର ଶୁଟର୍ସଙ୍କୁ ପରାସ୍ତ କରିଛି। ସମ୍ବଲପୁରର ଏସ.ଡି. ପ୍ରଜ୍ୱଳ ଦେବ କେନ୍ଦ୍ରାପଡ଼ାର ଜଗମିତ ସିଂଙ୍କୁ ୭-୨, କେନ୍ଦ୍ରାପଡ଼ାର ଆଲେକ୍ସ ସୋଲାଙ୍କି ୭-୨ରେ ଆଦିତ୍ୟ ଶତପଥୀଙ୍କୁ, ନିଶାନ୍ତ ଗୋଏଲ-ଜଗମୀତ ସିଂ ଯୋଡ଼ି ୭-୧ରେ ଦିଲୀପ ମହାନ୍ତି-ଆଦିତ୍ୟ ଶତପଥୀ ଯୋଡ଼ିଙ୍କୁ ହରାଇଥିବାବେଳେ ସମ୍ବଲପୁର ଶୁଟର୍ସର ଆୟୁଷି ତନୱାର ୭-୫ରେ କେନ୍ଦ୍ରାପଡ଼ାର ଅଭିକା ସଗୱାଲଙ୍କୁ ଏବଂ ଏସ.ଡି. ପ୍ରଜ୍ୱଳ-ଆୟୁଷି ତନୱାର ଯୋଡ଼ି ୭-୪ରେ ଅଭିକା ସଗୱାଲ-ଆଲେକ୍ସ ସୋଲାଙ୍କିଙ୍କୁ ପରାସ୍ତ କରିଛନ୍ତି। ଦ୍ୱିତୀୟ ସେମିଫାଇନାଲରେ ପୁରୀ ୱେଭର୍ସ ୩୦-୧୮ରେ ଅନୁଗୋଳ ଏସର୍ସଙ୍କୁ ହରାଇ ଦେଇଛି। ପୁରୀ ୱେଭର୍ସର ସୁରଜ ଆର. ପ୍ରବୋଧ ୭-୨ରେ ଅନୁଗୋଳ ଏସର୍ସର ସାହିଲ ଗାୱାରେଙ୍କୁ, ଆଶୁତୋଷ ଦାସ ୭-୨ରେ ସୈଫ ଅଲୀଙ୍କୁ ଏବଂ ସୁରଜ-ଜଗଦୀଶ ତନୱାର ଯୋଡ଼ି ଅମିତ ବେନିୱାଲ-ସ୍ରଭ୍ୟା ଶିବାନୀ ଚିକାଲାପୁଡ଼ିଙ୍କୁ ପରାସ୍ତ କରିଛନ୍ତି। ସେହିପରି ଅନୁଗୋଳ ଏସର୍ସର ସ୍ରଭ୍ୟା ଶିବାନୀ ଚିକାଲାପୁଡ଼ି ୭-୩ରେ ପୁରୀ ୱେଭର୍ସର ଅନମ ଆଲମାସଙ୍କୁ ଏବଂ ଅମିତ ବେନିୱାଲ-ସ୍ରଭ୍ୟା ଶିବାନୀ ଚିକାଲାପୁଡ଼ି ଯୋଡ଼ି ୭-୬(୫)ରେ ଜଗଦୀଶ ତନୱାର-ଅନମ ଆଲମାସଙ୍କୁ ହରାଇ ଦେଇଛନ୍ତି।

# ବୋର୍ଡ ଏକାଦଶ ଦଳରେ ରାଜେଶ

କଟକ ଅଫିସ,୧୯।୧

ପପୁ ରାୟଙ୍କ ପରେ ଆଉ ଜଣେ ଓଡ଼ିଆ ଯୁବ କ୍ରିକେଟ ପ୍ରତିଭା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ବୋର୍ଡ ସଭାପତି ଏକାଦଶ ଦଳରେ ସ୍ଥାନ ପାଇଛନ୍ତି । ଭାରତ ଗସ୍ତରେ ଆସିଥିବା ଇଂଲଣ୍ଡ ଲାୟନ୍ସ ବିପକ୍ଷ ଏକ ୨ ଦିନିଆ ୱାର୍ମଅପ ମ୍ୟାଚ୍ ପାଇଁ ଡାହାଣହାତୀ ପେସ ବୋଲର ରାଜେଶ ମହାନ୍ତିଙ୍କୁ ଚୂଡ଼ାନ୍ତ ୧୫ଜଣିଆ ଦଳରେ ସାମିଲ କରାଯାଇଛି । ପୂର୍ବରୁ ଓଡ଼ିଶା ସ୍ପିନର ପପୁ ରାୟ ପୂର୍ବରୁ ଦଳରେ ସ୍ଥାନ ପାଇଛନ୍ତି। ଡାହାଣହାତୀ ପେସ ବୋଲର ରାଜେଶଙ୍କର ଚଳିତ ରଣଜୀ ସିଜନରେ ଓଡ଼ିଶା ପକ୍ଷରୁ ପ୍ରଥମଶ୍ରେଣୀ କ୍ରିକେଟରେ ପଦାର୍ପଣ ହୋଇଥିଲା । ୮ଟି ମ୍ୟାଚ୍ ଖେଳିଥିବା ରାଜେଶ ୪୦ଟି ଉଇକେଟ ହାସଲ କରିଥିଲେ । ଆସାମ ବିପକ୍ଷ ମ୍ୟାଚରେ ରାଜେଶ କ୍ୟାରିୟରର ଶ୍ରେଷ୍ଠ ବୋଲିଂ କରିଥିଲେ । ପ୍ରଥମ ଇନିଂସ୍‌ରେ ୩୧ରନ ଦେଇ ୫ଟି ଓ ଦ୍ୱିତୀୟ ଇନିଂସରେ ୫୫ରନ୍ ଦେଇ ୬ଟି ଉଇକେଟ ଅକ୍ତିଆର କରିବା ସହ ଗୋଟିଏ ମ୍ୟାଚ୍‌ରେ ମୋଟ ୧୧ଟି ଉଇକେଟ ରାଜେଶ ଦଖଲ କରିଥିଲେ । ବାଲାଂଦେଶର ଢ଼ାକା ଠାରେ ଗତ ସେପ୍ଟେମ୍ବରରେ ଖେଳାଯାଇଥିବା ୧୯ବର୍ଷରୁ ଏସିଆ କପରେ ମଧ ରାଜେଶ ଜାତୀୟ ଦଳରୁ ପ୍ରତିନିଧିତ୍ୱ କରିଥିଲେ । ପିତା କିଶୋର ଚନ୍ଦ୍ର ମହାନ୍ତି ଓ ମା ମନୋରମା ମହାନ୍ତିଙ୍କ ପୁତ୍ର ରାଜେଶଙ୍କ ଘର ନୟାଗଡ଼ ଜିଲା ତୁଳସୀପୁର ଅଞ୍ଚଳରେ । ଟେନିସ ବଲ କ୍ରିକେଟ ଖେଳୁଖେଳୁ ଏବେ ରାଜ୍ୟର ଆଗଧାଡ଼ିର ପେସ ବୋଲର ଭାବେ ପରିଗଣିତ ହେଲେଣି ରାଜେଶ । ଭୁବନେଶ୍ୱରେ ହେଉଥିବା ଏକ ଘରୋଇ ଟୁର୍ନାମେଣ୍ଟ ଖେଳିବାକୁ ଆସିଥିବା ବେଳେ ରାଜ୍ୟର ପୂର୍ବତନ କ୍ରିକେଟର ଦୀପକ ମଙ୍ଗରାଜଙ୍କ ନଜରକୁ ସେ ଆସିଥିଲେ । ପରେ ରାମେଶ୍ୱର ସ୍ପୋର୍ଟିଂରେ ଯୋଗ ଦେଇ ଅଭ୍ୟାସ କରିବା ସହ ରାଜ୍ୟ ୧୯ବର୍ଷରୁ କମ ଦଳରେ ସ୍ଥାନ ପାଇଥିଲେ। କୁଚବିହାର ଟ୍ରଫି ୨୦୧୭-୧୮ ସିଜନରେ ରାଜେଶ ୪ଟି ମ୍ୟାଚ ଖେଳି ମୋଟ୍ ୧୧ଟି ଉଇକେଟ ଦଖଲ କରିଥିଲେ। ଏହା ପରେ ରାଜେଶଙ୍କର ଓଡ଼ିଶା କ୍ରିକେଟରେ ଯାତ୍ରା ଜାରି ରହିଛି । ଇଂଲଣ୍ଡ ଲାୟନ୍ସ ବିପକ୍ଷ ମ୍ୟାଚରେ ଭଲ ପ୍ରଦର୍ଶନ କରିବାକୁ ନିଶ୍ଚିତ ଭାବେ ଚେଷ୍ଟା କରିବି ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି।



**ବୋର୍ଡ ସଭାପତି ଏକାଦଶ ଦଳ**

ଈଶାନ କିଶନ(ଅଧିନାୟକ), ଅକ୍ଷତ ରେଡ୍ଡୀ, ଧ୍ରୁବ ଶୋରେ, ରିକି ଭୁଇ, ସିଦ୍ଧେଶ ଲାଡ୍, ରିଙ୍କୁ ସିଂ, ପ୍ରିୟମ ଗର୍ଗ, ସୌରଭ କୁମାର, ରାହୁଲ ଚହର, ଜୟନ୍ତ ଯାଦବ, ଅନିକେତ ଚୌଧାରୀ, ଅଙ୍କିତ୍ ରାଜପୁତ, ରାଜେଶ ମହାନ୍ତି।

# ‘ପାଣ୍ଡ୍ୟା, ରାହୁଲଙ୍କୁ ଖେଳିବାକୁ ଦିଆଯାଉ’

ନୂଆଦିଲ୍ଲୀ,୧୯।୧(ପି.ଟି.)

ତଦନ୍ତ କାର୍ଯ୍ୟ ଶେଷ ନ ହେବା ପର୍ଯ୍ୟନ୍ତ ହାର୍ଦ୍ଦିକ ପାଣ୍ଡ୍ୟା ଓ କେ.ଏଲ୍. ରାହୁଲଙ୍କୁ ଖେଳିବା ଲାଗି ଅନୁମତି ଦେବାପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ସି.କେ. ଖାନ୍ନା ପ୍ରଶାସକ କମିଟି (ସିଓଏ)କୁ ନିବେଦନ କରିଛନ୍ତି। ଏକ ଟିଭି ଚ୍ୟାଟ୍ ଶୋ’ କାର୍ଯ୍ୟକ୍ରମରେ ମହିଳାଙ୍କ ଉପରେ ବିବାଦୀୟ ମନ୍ତବ୍ୟ ଯୋଗୁ ଏହି ଖେଳାଳି ଦ୍ୱୟଙ୍କୁ ସିଓଏ ସସ୍‌ପେଣ୍ଡ କରିଛି। ସେମାନଙ୍କୁ ଅଷ୍ଟ୍ରେଲିଆ ବିପକ୍ଷ ସିରିଜ ଅଧାରୁ ଫେରାଇ ଅଣାଯାଇଛି। ଏହି ଭୁଲ ପାଇଁ ଉଭୟେ ନିଃସର୍ତ୍ତ କ୍ଷମା ପ୍ରାର୍ଥନା ମଧ କରିସାରିଛନ୍ତି। ପ୍ରଶାସକ କମିଟି ନିକଟକୁ ଖାନ୍ନା ପଠାଇଥିବା ଚିଠିରେ ଏହା ଉଲ୍ଲେଖ କରିଛନ୍ତି। ପୁନଶ୍ଚ ପାଣ୍ଡ୍ୟା ଓ ରାହୁଲଙ୍କୁ ନ୍ୟୁଜିଲାଣ୍ଡ ଟୁର୍ ପାଇଁ ଭାରତୀୟ ଦଳରେ ସାମିଲ କରିବା ଲାଗି ସେ ପ୍ରସ୍ତାବ ଦେଇଛନ୍ତି। କିନ୍ତୁ ଖେଳାଳିଦ୍ୱୟଙ୍କ ଭାଗ୍ୟ ନିର୍ଦ୍ଧାରଣ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଜଣେ ଅମ୍ବୁଡ୍‌ସମ୍ୟାନଙ୍କ ଦ୍ୱାରା କରାଯାଉ ବୋଲି ସିଓଏ ଚାହୁଁଛି। ଏଣେ ୧୪ଟି ରାଜ୍ୟ ଆସୋସିଏଶନ ତୁରନ୍ତ ସ୍ୱତନ୍ତ୍ର ସାଧାରଣ ବୈଠକ (ଏସ୍‌ଜିଏମ୍) ଡକାଇବା ଲାଗି ଦାବି କରିଛନ୍ତି। ଏମାନଙ୍କ ମଧ୍ୟରେ ଅଧିକାଂଶ ବିସିସିଆଇର ପୂର୍ବତନ ସଭାପତି ଏନ. ଶ୍ରୀନିବାସନଙ୍କ ଅନୁଗତ ଭାବେ ଜଣାଶୁଣା। ବିସିସିଆଇ କୋଷାଧ୍ୟକ୍ଷ ଅନିରୁଦ୍ଧ ଚୌଧାରୀ ତୁରନ୍ତ ଏସ୍‌ଜିଏମ ଡକାଇବା ଲାଗି ଖାନ୍ନାଙ୍କୁ ମଧ ଚିଠି ଲେଖିଛନ୍ତି। ଏହାଦ୍ୱାରା ବୋର୍ଡ ସଦସ୍ୟମାନେ ଜଣେ ଅମ୍ବୁଡ୍ସମ୍ୟାନ ନିଯୁକ୍ତି ଦେଇପାରିବେ। ବିସିସିଆଇ ସମ୍ବିଧାନ ଅନୁସାରେ ବାର୍ଷିକ ସାଧାରଣ ବୈଠକ (ଏଜିଏମ)ରେ ଜଣେ ଅମ୍ବୁଡ୍‌ସମ୍ୟାନଙ୍କୁ ନିଯୁକ୍ତି ଦିଆଯାଇପାରିବ। ମାତ୍ର ଏହି ବିଷୟ ବର୍ତ୍ତମାନ କୋର୍ଟରେ ବିଚାରାଧୀନ ଥିବା ଖାନ୍ନା ଚୌଧାରୀଙ୍କୁ କହିଛନ୍ତି। ଖାନ୍ନା ଆହୁରି ମଧ କାର୍ଯ୍ୟକାରୀ ସମ୍ପାଦକ ଅମିତାଭ ଚୌଧାରୀଙ୍କ ମତାମତ ଲୋଡିଛନ୍ତି।

# ସେମିରେ ହାରିଲେ ସାଇନା

**କୁଆଲାଲମ୍ପୁର,୧୯।୧(ପି.ଟି.):** ଏଠାରେ ଚାଲିଥିବା ମାଲେସିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ମହିଳା ସିଙ୍ଗଲ୍ସ ବର୍ଗର ସେମିଫାଇନାଲରେ ଷ୍ଟାର ଭାରତୀୟ ଖେଳାଳି ସାଇନା ନେହ୍ୱାଲ ପରାସ୍ତ ହୋଇଛନ୍ତି। ଏଥିସହ ପ୍ରତିଯୋଗିତାରେ ଭାରତୀୟ ପ୍ରତିଦ୍ୱନ୍ଦ୍ୱିତା ଶେଷ ହୋଇଛି। ସେମିଫାଇନାଲରେ ସାଇନା ତିନି ଥର ବିଶ୍ୱ ଚାମ୍ପିୟନ ତଥା ଅଲିମ୍ପିକ୍ ଚାମ୍ପିୟନ କାରୋଲିନ ମାରିନଙ୍କଠାରୁ ପରାସ୍ତ ହୋଇଛନ୍ତି। ଶନିବାର ଖେଳାଯାଇଥିବା ମୁକାବିଲାରେ ସାଇନା ୧୬-୨୧, ୧୩-୨୧ ଗେମ୍‌ରେ ହାରି ଯାଇଛନ୍ତି। ଏହି ମ୍ୟାଚ୍‌ରେ ୪୦ ମିନିଟ୍ ଧରି ସଂଘର୍ଷ କରିବା ପରେ ମଧ ୨୮ ବର୍ଷୀୟା ସାଇନା ବିଜୟ ଲାଭ କରିବାକୁ ସକ୍ଷମ ହୋଇ ନ ଥିଲେ। ଅନ୍ୟପକ୍ଷରେ ସାଇନାଙ୍କ ବିପକ୍ଷରେ ସ୍ପାନିଶ ଖେଳାଳି କାରୋଲିନଙ୍କ ଏହା ୬ଷ୍ଠ ବିଜୟ।

# ବିଦର୍ଭଠାରୁ ହାରିଲା ଓଡ଼ିଶା

କଟକ ଅଫିସ,୧୯।୧

ରାଜକୋଟର ଏସ୍‌ସିଏ ଷ୍ଟାଡିୟମରେ ଶନିବାର ଖେଳା ଯାଇଥିବା ୨୩ବର୍ଷରୁ କମ୍ ମହିଳା ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ଏକ ମ୍ୟାଚ୍‌ରେ ଓଡ଼ିଶା ୬ ଉଇକେଟରେ ବିଦର୍ଭଠାରୁ ହାରିଛି। ଲଗାତର ୩ଟି ମ୍ୟାଚରେ ବିଜୟୀ ହେବା ପରେ ଟୁର୍ନାମେଣ୍ଟରେ ଓଡ଼ିଶାର ଏହା ପ୍ରଥମ ପରାଜୟ। ଗ୍ରୁପ-ଇରେ ସ୍ଥାନ ପାଇଥିବା ଓଡ଼ିଶା ୪ ମ୍ୟାଚରୁ ୧୨ ପଏଣ୍ଟ ପାଇ ପଏଣ୍ଟ ଟେବୁଲର ୨ୟ ସ୍ଥାନରେ ରହିଛି । ସୁଶ୍ରୀ ଦିବ୍ୟଦର୍ଶିନୀଙ୍କ ନେତୃତ୍ୱାଧୀନ ଓଡ଼ିଶା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୭୧ରନରେ ଅଲଆଉଟ ହୋଇଥିଲା। ବିଦର୍ଭ ଅଧିନାୟିକା କସତଙ୍କ ଅର୍ଦ୍ଧଶତକୀୟ ବଳରେ ଦଳ ବିଜୟ ଲକ୍ଷ୍ୟ ହାସଲ କରିଥିଲା।

# ମୁରିବାହାଲ, ଘୁଷୁରାମୁଣ୍ଡା ସେମିରେ

ଟିକ୍ରାପଡା,୧୯।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁନ୍ତଳା ବ୍ଲକ ଝିଙ୍କିଡୁଙ୍ଗୁରୀ ପଞ୍ଚାୟତ ଅଧିନ ଝରବାହାଲିଠାରେ ଆୟୋଜିତ ରମେଶ ସିଂଭୋଇ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟର ଶନିବାର ଥିଲା ଦ୍ୱିତୀୟ ଦିବସ । ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ମୁରିବାହାଲ ଓ ସିଆଲଡୁଙ୍ଗୁଡୁଙ୍ଗି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ସିଆଲଡୁଙ୍ଗୁଡୁଙ୍ଗି ଦଳକୁ ୪-୦ ଗୋଲରେ ହରାଇ ମୁରିବାହାଲ ସେମି ଫାଇନାଲକୁ ଉନ୍ନିତ ହୋଇଥିଲା। ଚତୁର୍ଥ କ୍ୱାର୍ଟର ଫାଇନାଲ ଘୁଷୁରାମୁଣ୍ଡା ଓ ମେରାବାହାଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳ ଅମୀମାଂସିତ ରହିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ମେରାବାହାଲକୁ ୫-୪ ଗୋଲରେ ହରାଇ ଘୁଷୁରାମୁଣ୍ଡା ସେମିଫାଇନାଲକୁ ଉନ୍ନିତ ହୋଇଥିଲା। ଜିତେନ୍ଦ୍ର ଜାଲ, ବିନୋଦ ବେହେରା, ରାଜେଶ ପୋଢ ଖେଳ ପରିଚାଳନା କରିଥିଲେ । ଯୁବରାଜ ବଗର୍ତ୍ତି, ଅକ୍ଷୟ ଘିଭେଲା ଧାରା ବିବରଣୀ ପ୍ରଦାନ କରିଥିଲେ । ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ସ୍ଥାନୀୟ ସରପଞ୍ଚ ବଜ୍ରଙ୍ଗଲାଲ ଜୈନ, ସମିତି ସଭ୍ୟ ଅନନ୍ତ କାଲସାଏ ଅତିଥିଭାବେ ଯୋଗ ଦେଇଥିଲେ। ରବିବାର ସେମିଫାଇନାଲ ଓ ଫାଇନାଲ ଖେଳ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ସୂତ୍ରରୁ ପ୍ରକାଶ ।

### ବୋରାସମ୍ବର କପ୍ କ୍ରିକେଟ
# ବଲାଙ୍ଗୀର ମହିଳା ଦଳ ବିଜୟୀ

ପଦ୍ମପୁର, ୧୯।୧ (ଡି.ଏନ.ଏ)

ବରଗଡ଼ ଜିଲା ପଦ୍ମପୁର ବୋରାସମ୍ବର ସ୍ପୋର୍ଟିଂ ଆନୁକୂଲ୍ୟରେ ଚାଲିଥିବା ୨୫ତମ ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟରେ ଶନିବାର ଏକ ପ୍ରଦର୍ଶନୀ ମହିଳା କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଏଥିରେ ବଲାଙ୍ଗୀର ଏକାଦଶ କିଟ୍‌କୁ ପରାସ୍ତ କରିଛି। ବଲାଙ୍ଗୀର ଦଳ ପ୍ରଥମେ ବ୍ୟାଟିଂ କରି ଆନ୍ତର୍ଜାତିକ ଖେଳାଳି ରୋଶନାରା ପରବୀନ୍‌ଙ୍କ ୩୨ ଏବଂ ରଶ୍ମିତା ଚିନ୍ନାରାଙ୍କ ୨୩ ରନ ସହାୟତାରେ ୨୦ ଓଭରରେ ୮ ଉଇକେଟ ହରାଇ ୧୨୧ ରନ ସଂଗ୍ରହ କରିଥିଲା। କିଟ୍ ଦଳ ପକ୍ଷରୁ ଲକ୍ଷ୍ମୀପ୍ରିୟା ୩ଟି ଉଇକେଟ ଅକ୍ତିଆର କରିଥିଲେ । ଜବାବରେ କିଟ୍ ୧୯.୧ ଓଭରରେ ୯୧ ରନ ସଂଗ୍ରହ କରି ସମସ୍ତ ଉଇକେଟ ହରାଇଥିଲା । ଦଳ ପକ୍ଷରୁ ଲକ୍ଷ୍ମୀପ୍ରିୟା ୨୫ ରନ ସଂଗ୍ରହ କରିଥିବା ବେଳେ ବଲାଙ୍ଗୀର ଦଳ ପକ୍ଷରୁ ରୋଶନାରା ପରବୀନ୍ ୪ଟି ଏବଂ ନିବେଦିତା ୩ଟି ଉଇକେଟ ଅକ୍ତିଆର କରିଥିଲେ । ଫଳରେ ବଲାଙ୍ଗୀର ଦଳ ୩୦ ରନ୍‌ରେ ବିଜୟୀ ହୋଇଥିଲା । ପୁରସ୍କାର ବିତରଣୀ ଉତ୍ସବରେ ପଦ୍ମପୁର ଏସ୍‌ଡିପିଓ ଲକ୍ଷ୍ମୀନାରାୟଣ ପଣ୍ଡା, ଆଇଆଇସି କେ. ପ୍ରିୟଙ୍କା ରାଉତରାଏ ଏବଂ ବିଡିଓ ଏଜିଜା ମିଶ୍ର ଅତିଥି ଭାବେ ଯୋଗଦେଇ ରୋଶନାରା ପରବୀନ୍‌ଙ୍କୁ ଓମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ । ଅମ୍ପାୟର ବଳରାମ ପଟ୍ଟନାୟକ ଏବଂ ଚୂଡ଼ାମଣୀ ପାଢ଼ୀ ଖେଳ ପରିଚାଳନା, ଆକାଶ କୁମାର ଦାଶ ସ୍କୋରର ଏବଂ ସନ୍ତୋଷ ନାୟାର ଧାରା ବିବରଣୀ ପ୍ରଦାନ କରିଥିଲେ। ରବିବାର ଖୋର୍ଦ୍ଧା ରେଳବାଇ ଏବଂ ୟୁଥ କ୍ରିକେଟ କ୍ଲବ ରାଉରକେଲା ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ କୁହାଯାଇଛି ।




ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ରବିବାର, ଜାନୁୟାରୀ ୨୦/୨୦୧୯ Sambalpur, Sunday, January 20/ 2019

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବାଲୁଗାଁ,୧୯।୧(ଡି.ଏନ.ଏ.): ଖୋର୍ଦ୍ଧା ଜିଲା ବାଲୁଗାଁ ପେଟ୍ରୋଲ୍ ପମ୍ପ ନିକଟରେ ଥିବା ମୋବାଇଲ କେୟାର କାର୍ଯ୍ୟାଳୟ ପରିସରରେ ଜଣେ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ବାଲୁଗାଁ ପୋଲିସ ଉଦ୍ଧାର କରିଛି। ମୃତକ ହେଲେ ଭଦ୍ରକ ଜିଲା ଧୁଷୁରୀ ଥାନା କୋଠରା ଗ୍ରାମର ସରୋଜ ବେହେରାଙ୍କ ପୁଅ ସତ୍ୟଜିତ୍ ବେହେରା ଓରଫ ଲକି (୨୩)।
ପ୍ରକାଶ ଯେ, ବାଲୁଗାଁ ବଜାର ମେନ୍ ରୋଡ୍‌ରେ ଥିବା ନମନ ଗାଲାକ୍ସି ନାମକ ମୋବାଇଲ କେୟାରରେ ଦୀର୍ଘଦିନ ଧରି ସତ୍ୟଜିତ୍ କାର୍ଯ୍ୟ କରୁଥିଲେ । ଦୈନନ୍ଦିନ ପରି ଗତ ଶୁକ୍ରବାର ରାତ୍ରିରେ କାର୍ଯ୍ୟ ସାରି ସେ ନିଜର ସହକର୍ମୀମାନଙ୍କୁ ଘରକୁ ପଠାଇଦେଇଥିଲେ। ଶନିବାର ସକାଳେ ଉକ୍ତ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ଜଣେ ମହିଳା କର୍ମଚାରୀ କାର୍ଯ୍ୟାଳୟ ଖୋଲି ଭିତରକୁ ଯିବା ପରେ ସତ୍ୟଜିତଙ୍କ ଝୁଲନ୍ତା ମୃତଦେହ ଦେଖି ପଡ଼ୋଶୀ ଦୋକାନୀଙ୍କୁ ଜଣାଇଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଥିଲା । ବିଳମ୍ବିତ ରାତ୍ରିରେ ଏକ ସୁଇସାଇଡ ନୋଟ ଲେଖି ସତ୍ୟଜିତ ଆତ୍ମହତ୍ୟା କରିଥିବା ପୋଲିସ କହିଛି। କାର୍ଯ୍ୟାଳୟ ପରିସରରେ ଥିବା ସିସିଟିଭି ଫୁଟେଜ୍‌କୁ ବାଲୁଗାଁ ଥାନା ଆଇଆଇସି ଶରତ ଚନ୍ଦ୍ର ପାତ୍ର ଦେଖିବା ପରେ ସତ୍ୟଜିତ୍ ଆତ୍ମହତ୍ୟା କରିଥିବା ସୂଚନା ଦେଇଛନ୍ତି । ଏନେଇ ନଂ ୧/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି ।




ରାଉରକେଲା ଏନ୍‌ଆଇଟିର ସମାବର୍ତ୍ତନ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

ଏନ୍‌ଆଇଟିର ସମାବର୍ତ୍ତନ ଉତ୍ସବ, ୧୫୪୦ ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ସାର୍ଟିଫିକେଟ ପ୍ରଦାନ

# ୧୧ ଛାତ୍ରୀଛାତ୍ର ପାଇଲେ ସ୍ୱର୍ଣ୍ଣ ପଦକ

ରାଉରକେଲା ଅଫିସ,୧୯।୧

ସାମାଜିକ ଗତି ଓ ପ୍ରଗତି ଆଧାରରେ ଆଗକୁ ବଢ଼ିବାକୁ ହେବ । ପ୍ରତିକୂଳ ପରିସ୍ଥିତି ଆମକୁ ଅନେକ କିଛି ଶିକ୍ଷା ଦେଇଥାଏ । ଜୀବନର ବଡ଼ ସ୍ୱପ୍ନକୁ ସାକାର କରିବାକୁ ହେଲେ ନିରନ୍ତର ପ୍ରୟାସ କରିବାକୁ ପଡ଼ିବ ବୋଲି ଶନିବାର ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି)ର ୧୬ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଦିତ୍ୟ ବିର୍ଲା ଗ୍ରୁପ୍ ଅଧ୍ୟକ୍ଷ କୁମାର ମଙ୍ଗଳମ ବିର୍ଲା ମତ ପ୍ରକାଶ କରିଛନ୍ତି । ସେ କହିଥିଲେ, ଶ୍ରମ ହିଁ ସଫଳତାର ପଥ ପ୍ରଦର୍ଶକ । ପରିବର୍ତ୍ତନର ବାର୍ତ୍ତାବହ ଛାତ୍ର ସମାଜ ଏ ଦିଗରେ ସର୍ବଦା ସକାରାତ୍ମକ ପଦକ୍ଷେପ ନେବା ଉଚିତ । ସମ୍ପ୍ରତି ବିଭିନ୍ନ କାରଣରୁ ଦେଶର ଅର୍ଥନୀତି ବଳିଷ୍ଠ ହୋଇଛି। ଆମେ ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କରିପାରିଛୁ। ବୈଷୟିକ କ୍ଷେତ୍ରରେ ଶିକ୍ଷାର୍ଜନ କରୁଥିବା ଛାତ୍ରୀଛାତ୍ର ସର୍ବଦା ସର୍ବୋତ୍କୃଷ୍ଟ ପ୍ରଦର୍ଶନ ପ୍ରତି ଯତ୍ନବାନ ହେବା ଆବଶ୍ୟକ ବୋଲି ବିର୍ଲା କହିଥିଲେ। ଶୈକ୍ଷିକ ଜୀବନକୁ ବୋଝ ନ ଭାବି ଖୁସି ମନରେ ପ୍ରତି ଚାଲେଞ୍ଜର ସମ୍ମୁଖୀନ ହେଲେ ସବୁକିଛି ସହଜ ହୋଇଥାଏ। ସମାଜ ଓ ଦେଶ ପ୍ରତି ଛାତ୍ର ସମାଜର ଗୁରୁଦାୟିତ୍ୱ ରହିଛି। ଶ୍ରମ ଓ ସାଧନା ବଳରେ ଅସାଧ୍ୟକୁ ସାଧ କରିବା କିଛି ବଡ଼କଥା ନୁହେଁ। ଏଣୁ ସମାଜକୁ କିଛି ଫେରାଇବାର ବାର୍ତ୍ତା ନେଇ ଆମେ ସଙ୍କଳ୍ପବଦ୍ଧ ହେବା ଉଚିତ ବୋଲି ବିର୍ଲା ମତ ପ୍ରକାଶ କରିଥିଲେ। ଏନ୍‌ଆଇଟି ବୋର୍ଡ ନିର୍ଦ୍ଦେଶକ ସନ୍ତୃପ୍ତ ବି. ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାବର୍ତ୍ତନ ଉତ୍ସବରେ ୧୧ଜଣ ଗ୍ରାଜୁଏଟ୍‌ଙ୍କୁ ଗୋଲ୍ଡ ମେଡାଲ ପ୍ରଦାନ କରାଯାଇଥିବାବେଳେ ମେକାନିକାଲ ଇଞ୍ଜିନିୟରିଂ ବିଭାଗର ୨୦୧୮ ବ୍ୟାଚ୍ ଛାତ୍ର ଚିନି ରେୱାନ୍ତଙ୍କୁ ଶ୍ରେଷ୍ଠ ଛାତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ୫୮୫ ବି.ଟେକ୍, ୧୩୫ ଡୁଆଲ ଡିଗ୍ରୀ ବି.ଟେକ୍ ଓ ଏମ୍.ଟେକ, ୭୫ ଇଣ୍ଟିଗ୍ରେଟେଡ୍ (୫ବର୍ଷିଆ) ଏମ୍‌ଏସ୍‌ସି, ୬୧୭ ଏମ୍.ଟେକ୍, ୧୨୬ ଏମ୍‌ଏସ୍‌ସି, ୫ ଏମ୍‌ଏ, ୩୮ ଏମ୍‌ବିଏ, ୧୧ ଏମ୍.ଟେକ (ରିସର୍ଚ୍ଚ) ଓ ୧୨୬ ପିଏଚ୍‌ଡି ଛାତ୍ରୀଛାତ୍ରଙ୍କୁ ମିଶାଇ ୧୫୪୦ ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ୨୦୦୭ ପରେ ଏନ୍‌ଆଇଟି ଜାତୀୟ ସ୍ତରରେ ନିଜ ସ୍ଥିତି ସୁଦୃଢ଼ କରିଥିବା ବେଳେ ଏଯାବତ ୯୯୯୮ ଇଞ୍ଜିନିୟର, ବୈଜ୍ଞାନିକ, ଶିକ୍ଷକ ଓ ଗ୍ରାଜୁଏଟ୍‌ଙ୍କ ସମେତ ୬୧୩ ପିଏଚ୍‌ଡିଧାରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରିସାରିଛି। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ତଥା ସୁନାମ ଅର୍ଜନ କରିଥିବା କେଲେତେଜଣ ପୁରାତନ ଛାତ୍ରୀଛାତ୍ରଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ଆନିମେଶ ବିଶ୍ୱାସ, ରେଜିଷ୍ଟ୍ରାର ସରୋଜ ପଟେଲ, ଡିନ୍ କେ.କେ. ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ।

## ବରଗଡ଼ ଧନୁଯାତ୍ରା

# ମଥୁରା ପହଞ୍ଚିଲେ କୃଷ୍ଣ, ବଳରାମ

ମଥୁରାନଗରୀ/ଗୋପପୁର,୧୯।୧

ବରଗଡ଼ ଧନୁଯାତ୍ରା ମହୋତ୍ସବର ଶନିବାର ନବମ ଦିବସରେ ଅକ୍ରୂର କୃଷ୍ଣ ଓ ବଳରାମଙ୍କୁ ଧରି ମଥୁରା ଅଭିମୁଖେ ବାହାରିବା ପରେ ଗୋପପୁର ଯାତ୍ରା ଶେଷ ହୋଇଛି । ଗୋପପୁର ଯାତ୍ରାର ଅନ୍ତିମ ଦିବସରେ ଅପରାହ୍ନ ପ୍ରାୟ ୪ଟାରେ ଅକ୍ରୂର ଶ୍ରୀକୃଷ୍ଣ, ବଳରାମଙ୍କୁ ଧରି ନନ୍ଦଭବନରୁ ବାହାରିଥିଲେ । ନନ୍ଦରାଣୀ, ନନ୍ଦରାଜା ବେନିଭାଇଙ୍କ ଶୁଭ ମନାସିଥିଲେ । ଏହାପରେ ଗୋପପୁର ପରିକ୍ରମା କରି ଶ୍ରୀକୃଷ୍ଣ, ବଳରାମ ଗୋପ ମଣ୍ଡପକୁ ପହଞ୍ଚିଥିଲେ । ଗୋପପୁର ପରିକ୍ରମାବେଳେ ପ୍ରତି ଘର ସମ୍ମୁଖରେ ପୂର୍ଣ୍ଣକଳସ ସ୍ଥାପନ କରି ଅକ୍ରୂରଙ୍କ ସମେତ ବେନିଭାଇଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା ।
ଗୋପମଣ୍ଡପ ଦୃଶ୍ୟାଭିନୟରେ ଅକ୍ରୂର ଶ୍ରୀକୃଷ୍ଣ, ବଳରାମଙ୍କୁ ମଥୁରା ନେବା ପାଇଁ ନନ୍ଦରାଜା ଓ ନନ୍ଦରାଣୀଙ୍କୁ କହିଥିଲେ । ମାତ୍ର ନନ୍ଦରାଣୀ, ନନ୍ଦରାଜା ବେନିଭାଇଙ୍କୁ ମଥୁରା ଛାଡ଼ିବାକୁ ଚାହିଁ ନ ଥିଲେ । ଧନୁଯାତ୍ରା ସାରି ୪ଦିନ ପରେ ମଥୁରାରୁ ଫେରି ଆସିବେ ବୋଲି ଶ୍ରୀକୃଷ୍ଣ ନନ୍ଦରାଣୀ ଓ ନନ୍ଦରାଜାଙ୍କୁ ବୁଝାଇଥିଲେ । ଶ୍ରୀକୃଷ୍ଣଙ୍କୁ ମେଲାଣୀ ଦେବାବେଳେ ନନ୍ଦରାଣୀ, ନନ୍ଦରାଜାଙ୍କ ସମେତ ଗୋପବାସୀ କାନ୍ଦି ପକାଇଥିଲେ । ଶ୍ରୀରାଧା ମଧ୍ୟ କୃଷ୍ଣଙ୍କ ପଥରୋଧ କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ । ବେନିଭାଇ ଗୋପପୁର ଛାଡ଼ିବା ପରେ ଶ୍ରୀରାଧାଙ୍କ ସମେତ ସମସ୍ତ ଗୋପାଳ ବାଳକ, ଗୋପୀ ଗୋପାଙ୍ଗନା ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲେ । ଅନ୍ୟପଟେ ବେନିଭାଇ ଅକ୍ରୂରଙ୍କ ସହିତ ମଥୁରା ପହଞ୍ଚି ଆଦିମାତା ମନ୍ଦିର (ଖଜୁରଟିକ୍ରା)ରେ ବିଶ୍ରାମ ନେଇଥିଲେ । ଅପରପକ୍ଷେ କଂସ ମହାରାଜ ଅନ୍ୟଦିନ ଭଳି ଶନିବାର ମଥୁରା ପରିଭ୍ରମଣ କରିଥିଲେ । ବାଟରେ ସେ ଆମ୍ରବନ (ଗୋବିନ୍ଦପାଲି)କୁ ଯାଇଥିଲେ ଏବଂ ସେଠାରେ ଶ୍ରୀକୃଷ୍ଣଙ୍କ ଆରାଧନାରତ ମୁନି ଋଷିଙ୍କ ଯଜ୍ଞ ମଣ୍ଡପ ଭାଙ୍ଗିଥିଲେ। ଏହା ସହିତ ମୁନିଋଷିଙ୍କୁ ସେଠାରୁ ଚାବୁକ ପ୍ରହାର ସହିତ ବାନ୍ଧି ଆଣିଥିଲେ । କଂସଙ୍କ ଆଦେଶକ୍ରମେ ତାଙ୍କ ସୈନ୍ୟ, ସାମନ୍ତ ମୁନିଋଷିଙ୍କୁ ନିଷ୍ଠୁର ମାଡ଼ ମାରି କାରାଗାରକୁ ନେଇ ବନ୍ଦୀ କରିଥିଲେ । ଅନ୍ୟାୟ, ଅତ୍ୟାଚାରରୁ ନିବୃତ୍ତ ରହିବା ପାଇଁ ମୁନିଋଷିମାନେ ମହାରାଜ କଂସଙ୍କୁ ପରାମର୍ଶ ଦେଇଥିଲେ। କିନ୍ତୁ ମହାରାଜ ଆହୁରି କ୍ରୋଧାନ୍ୱିତ ହୋଇ ପଡ଼ିବାରୁ ମୁନିଋଷି ତାଙ୍କୁ ଅଭିଶାପ ଦେଇଥିଲେ । ଶ୍ରୀକୃଷ୍ଣ, ବଳରାମ ମଥୁରା ପହଞ୍ଚିଥିବା ଖବର ପାଇ ମହାରାଜ କଂସ ଖୁସିରେ ଉତ୍‌ଫୁଲ୍ଲିତ ହୋଇ ନାଚଗୀତରେ ମସ୍‌ଗୁଲ୍ ହୋଇ ପଡ଼ିଥିଲେ । ଶନିବାର ରାଜଦରବାରରେ ରାଜ୍ୟ ସଂସ୍କୃତି ବିଭାଗ ସ୍ୱତନ୍ତ୍ର ସଚିବ ରାମକୃଷ୍ଣ ସାହୁ, ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ, ବୁର୍ଲାର କୁଳପତି ପ୍ରଫେସର ଅଟଳ ଚୌଧୁରୀ ଏବଂ ୱେସ୍କୋର ଚିଫ୍ ଅପରେଟିଙ୍ଗ ଅଫିସର ତରୁଣ ବଲ୍ଲଭ ମିଶ୍ର ରାଜଅତିଥି ଭାବେ ଯୋଗ ଦେଇଥିଲେ । ମଥୁରା ରାଜ୍ୟର ସମସ୍ତ କଳାକାର ଭତ୍ତା ପାଇ ନ ଥିବା ଯୋଗୁ ମହାରାଜ କଂସ ସଚିବଙ୍କ ଉପରେ ବର୍ଷିଥିଲେ । ମଥୁରା କଳାକାରଙ୍କ ବୟସସୀମା କୋହଳ କରି ସମସ୍ତ କଳାକାରଙ୍କୁ ଭତ୍ତା ପ୍ରଦାନ ପାଇଁ ମହାରାଜ କଂସ ନିର୍ଦ୍ଦେଶ ଦେଇଥିଲେ । ସେହିପରି ମଥୁରାରେ ବାରମ୍ବାର ବିଦ୍ୟୁତ୍ କାଟ୍ ଯୋଗୁ ମହାରାଜା ୱେସ୍କୋର ଚିଫ୍ ଅପରେଟିଙ୍ଗ ଅଫିସରଙ୍କୁ ତାଗିଦ କରିଥିଲେ ।



ଅକ୍ରୂର ଶ୍ରୀକୃଷ୍ଣ ଓ ବଳରାମଙ୍କୁ ଧରି ମଥୁରା ଅଭିମୁଖେ ଯାତ୍ରା କରୁଛନ୍ତି ।

# ଟ୍ୟାଙ୍କର-ବସ୍ ଧକ୍କାରେ ୨ ମୃତ, ୨୦ ଆହତ



ଦୁର୍ଘଟଣାଗ୍ରସ୍ତ ବସ୍।





ଆହତମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ସମ୍ବଲପୁର,୧୯।୧(ବ୍ୟୁରୋ)

ସମ୍ବଲପୁର ଜିଲା ଯୁଯୁମୁରା ନିକଟ କୟାକୁଦ (କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥ)ରେ ଶନିବାର ଅପରାହ୍ନ ୪ଟାରେ ଏକ ଗ୍ୟାସ୍ ବୋଝେଇ ଟ୍ୟାଙ୍କର ଓ ଗୋଟିଏ ଟୁରିଷ୍ଟ ବସ୍ ମୁହାଁମୁହିଁ ଧକ୍କା ହୋଇ ଦୁର୍ଘଟଣା ଘଟିଛି । ଏଥିରେ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୦ରୁ ଅଧିକ ଆହତ ହୋଇଛନ୍ତି । ମୃତକ ଦ୍ୱୟ ହେଲେ ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା କଳାଶ୍ରୀ ଗୋପାଳପୁର ଗ୍ରାମର ଶୁକଦେବ ଦାସ (୭୨) ଓ ମାତାଜୀ ଦାସ (୭୨)। ଘଟଣା ସ୍ଥଳରେ ଶୁକଦେବଙ୍କ ମୃତ୍ୟୁ ଘଟିଥିବା ବେଳେ ଜିଲା ସଦର ଡାକ୍ତରଖାନାରେ ମାତାଜୀ ଆଖି ବୁଜିଛନ୍ତି। ଗୁରୁତର ଅବସ୍ଥାରେ ଅନ୍ୟ ୨ ଜଣଙ୍କୁ ବୁର୍ଲା ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ନିକଟସ୍ଥ ଯୁଯୁମୁରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାୟ ୧୦ରୁ ଅଧିକ ଯାତ୍ରୀଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇ ଜିଲା ସଦର ଡାକ୍ତରଖାନାକୁ ନିଆ ଯାଇଥିଲା। ସେଠାରେ ଜିଲାପାଳ ସମର୍ଥ ବର୍ମା ଓ ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ଉପସ୍ଥିତ ରହି ଚିକିତ୍ସା ବ୍ୟବସ୍ଥା ତଦାରଖ କରିଛନ୍ତି। ସମସ୍ତ ଆହତଙ୍କୁ ମାଗଣାରେ ଚିକିତ୍ସା କରିବାକୁ ଜିଲାପାଳ ବର୍ମା ଜିଲା ମୁଖ୍ୟ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସିଡିଏମଓ କଲ୍ୟାଣ କୁମାର ଗୁପ୍ତା, ଉପଜିଲାପାଳ ପ୍ରଦୀପ ସାହୁ ମଧ୍ୟ ସେଠାରେ ଉପସ୍ଥିତ ରହି ଚିକିତ୍ସା ବ୍ୟବସ୍ଥା ତଦାରଖ କରିଥିଲେ।
ପୋଲିସ ସୂଚନା ଦେଇ କହିଛି ଯେ, ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା କଳାଶ୍ରୀ ଗୋପାଳପୁର ଗ୍ରାମର ମହିଳା, ପୁରୁଷ ଓ ପିଲାମାନେ ଓଆର-୦୫-ଭି-୮୭୪୪ ନମ୍ବର ବିଶିଷ୍ଟ ବସ୍‌ରେ ସମ୍ବଲପୁର ଜିଲାର ହୀରାକୁଦ ଡ୍ୟାମ୍, ଘଣ୍ଟେଶ୍ୱରୀ ମନ୍ଦିର, ବୁର୍ଲା, ହୁମା ବକ୍ରମନ୍ଦିର ଆଦି ସ୍ଥାନ ବୁଲି ଶନିବାର ଘରକୁ ଫେରୁଥିଲେ । ହେଲେ କୟାକୁଦ ଗ୍ରାମ ନିକଟରେ ଏକ ଗ୍ୟାସ ବୋଝେଇ ଟ୍ୟାଙ୍କର (ନଂ ଏନଏଲ ୦୧ -ଏ - ୮୬୭୧) ବସ୍‌କୁ ସାମ୍ନା ପଟୁ ଧକ୍କା ଦେଇଥିଲା। ଅଗ୍ନିଶମ ବିଭାଗ କର୍ମଚାରୀ, ଯୁଯୁମୁରା ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ବସ୍‌ରୁ ଯାତ୍ରୀମାନଙ୍କୁ ଉଦ୍ଧାର କରିଥିଲେ । ୧୦୮ ଆମ୍ବୁଲାନ୍ସ ଓ ପୋଲିସ ଗାଡିରେ ଆହତମାନଙ୍କୁ ଯୁଯୁମୁରା ମେଡିକାଲ ଓ ଜିଲା ସଦର ଡାକ୍ତରଖାନାକୁ ପଠାଯାଇଥିଲା। ତେବେ ପୋଲିସ ଗାଡି ଦୁଇଟିକୁ ଜବତ କରି ଦୁର୍ଘଟଣାଜନିତ ଏକ ମାମଲା ରୁଜୁ କରିଛି।

# ଘର ଭାଙ୍ଗି ଜିନିଷ ବୋହିନେଲେ

ପଦ୍ମପୁର, ୧୯।୧ (ଡି.ଏନ.ଏ.)

ଭଦ୍ରକଜିଲା ବାସୁଦେବପୁର ବ୍ଲକ ଅଧୀନ ଜଗନ୍ନାଥପ୍ରସାଦ ପଞ୍ଚାୟତ ଦାସଡିହ ଗ୍ରାମର କେତେଜଣ ବ୍ୟକ୍ତି ଉକ୍ତ ଗ୍ରାମର ପ୍ରହ୍ଲାଦ ମଳିକଙ୍କ ଘରକୁ ଭାଙ୍ଗି ଜିନିଷପତ୍ର ବୋହି ନେଇଯାଇଛନ୍ତି। ଏଥିସହ ତାଙ୍କ ଘରକୁ ପୋଡ଼ି ଦେବାକୁ ଉଦ୍ୟମ କରାଯାଇଥିବା ପ୍ରହ୍ଲାଦ ନାୟକାଣିଡିହୀ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ୧୫ ଜଣଙ୍କ ନାଁରେ ଏକ ମାମଲା(ନଂ.୩/୧୯) ରୁଜୁ କରିଛି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ପୋଲିସ ଗିରଫ କରିଛି ।ଅଭିଯୋଗରେ ଦର୍ଶାଯାଇଛି ଯେ, ପ୍ରହ୍ଲାଦ ଗ୍ରାମଠାରୁ କିଛି ଦୂରରେ ଏକ ସରକାରୀ ଜାଗାରେ ଘର କରି ୨୦ବର୍ଷ ଧରି ପରିବାର ସହ ରହିଆସୁଥିଲେ। ଶୁକ୍ରବାର କେତେକ ଅସାମାଜିକ ଲୋକ ସଂଘବଦ୍ଧ ଭାବେ ତାଙ୍କ ଘରେ ପଶି ଭଙ୍ଗାରୁଜା କରିଥିଲେ। ତାଙ୍କ ଘରେ ଥିବା ଧାନ, ଚାଉଳ, ଆସବାବପତ୍ର ସହ ଟଙ୍କା ସେମାନେ ନେଇଯାଇଥିଲେ। ପରିବାର ଲୋକ ପାଟି କରିବାରୁ ସେମାନେ ପ୍ରହ୍ଲାଦଙ୍କ ସ୍ତ୍ରୀ ଓ ପିଲାଙ୍କୁ ମାରଧର କରିବା ସହ ୨ ବଖରା ଘରକୁ ଭାଙ୍ଗି ମାଟିରେ ମିଶାଇ ଦେଇଥିଲେ। ଏହାପରେ ସେଥିରେ ନିଆଁ ଲଗାଇ ଦେଇ ଚାଲିଯାଇଥିଲେ। ପ୍ରହ୍ଲାଦ ଏ ନେଇ ସନ୍ଧ୍ୟାରେ ୧୫ ଜଣଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ।

ନିର୍ବାଚନୀ କାର୍ଯ୍ୟରେ ଅବହେଳା

# ୨ କର୍ମଚାରୀ ନିଲମ୍ବିତ

ସୁନ୍ଦରଗଡ଼, ୧୯।୧ (ଡି.ଏନ୍.ଏ.)

ଭାରତର ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଗତ ୭ରୁ ଇଭିଏମ୍ ଏବଂ ଭିଭି ପିଏଟ୍ ମେଶିନର ବ୍ୟବହାର ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହି ସଚେତନତା କାର୍ଯ୍ୟରେ ରାଉରକେଲା ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ବିଶ୍ରା ସହକାରୀ ବ୍ଲକ ଶିକ୍ଷାଧିକାରୀ ଶରତ କୁମାର ପତି, ବେଦବ୍ୟାସ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିବେକାନନ୍ଦ ଦାସଙ୍କୁ ନିୟୋଜିତ କରାଯାଇଥିଲା। ମାତ୍ର ଏହି ୨ ପ୍ରଶିକ୍ଷକ ନିର୍ବାଚନ ଆୟୋଗଙ୍କ ମାର୍ଗଦର୍ଶିକାଙ୍କୁ ଉଲ୍ଲଂଘନ କରିବା ସହ ସଚେତନତା କାର୍ଯ୍ୟର ଅବହେଳା କରିଥିବା ଯୋଗୁ ଜିଲାପାଳ ସୁରେନ୍ଦ୍ର କୁମାର ମୀନା ସେମାନଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ସେହିପରି ଆସନ୍ତା ସାଧାରଣ ନିର୍ବାଚନ ୨୦୧୯ ପାଇଁ ପୋଲିଂ ଅଧିକାରୀ ନିଯୁକ୍ତି ସକାଶେ ସରକାରୀ କର୍ମଚାରୀମାନଙ୍କ ତାଲିକା ଦେବା ପାଇଁ ଜିଲାର ସମସ୍ତ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ସଦର ବ୍ଲକ ଶିକ୍ଷାଧିକାରୀ ଜାଣିଶୁଣି କେତେକ ସରକାରୀ କର୍ମଚାରୀମାନଙ୍କ ନାମ ତାଲିକା ପଠାଇବା କାର୍ଯ୍ୟରେ ଅବହେଳା ଯୋଗୁ ତାଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସ୍କୁଲ ଓ ଗଣଶିକ୍ଷା ବିଭାଗଙ୍କୁ ଜିଲାପାଳ ସୁପାରିଶ କରିଛନ୍ତି।
ସୂଚନାଯୋଗ୍ୟ, ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଜିଲାର ସମସ୍ତ ଗ୍ରାମକୁ ଯାଇ ଭୋଟରମାନଙ୍କୁ ସଚେତନ କରିବା ସହ ପ୍ରଶିକ୍ଷଣ ଦେଉଛନ୍ତି । ଏଥିପାଇଁ ୪୯ଟି ସଚେତନତା ରଥ ସହ ୪୯ଜଣ ସରକାରୀ କର୍ମଚାରୀଙ୍କୁ ଜିଲାପାଳ ମୀନା ନିୟୋଜିତ କରିଛନ୍ତି। ଇଭିଏମ୍ ଓ ଭିଭିପିଏଟ୍ ମେଶିନଗୁଡିକୁ ସରକାରୀ ଘର ତଥା ଯେଉଁ ସ୍ଥାନରେ ସୂର୍ଯ୍ୟକିରଣ ପଡୁ ନ ଥିବ ସେଠାରେ ଭୋଟରମାନଙ୍କୁ ସଚେତନ କରିବା ପାଇଁ ନିର୍ଦ୍ଦେଶ ରହିି ନିର୍ବାଚନ କାର୍ଯ୍ୟରେ ଅବହେଳା କଲେ ସମ୍ପୃକ୍ତ ଦୋଷୀ ଅଧିକାରୀ ଏବଂ କର୍ମଚାରୀମାନଙ୍କ ବିରୋଧରେ ଆଗାମୀ ଦିନରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ସମସ୍ତଙ୍କୁ ସତର୍କ କରିଦେଇଛନ୍ତି।

# ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ୪ ଅଟକ

**ବାରିପଦା ଅଫିସ,୧୯।୧**–ବାରିପଦା ସଦର ଥାନା ଅଧୀନ ବାଉରା ଗ୍ରାମର ଜଣେ ୧୧ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର ନେଇ ଅଭିଯୋଗ ହୋଇଛି। ପୋଲିସ ଏହି ଅଭିଯୋଗକୁ ଭିତ୍ତି କରି ଏକ ମାମଲା (ନଂ.୫/୧୯) ରୁଜୁ କରିଛି। ଏହା ସହିତ ଏସଆଇ ଯୋଗେଶ ବଢ଼େଇଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରି ସନ୍ଦେହରେ ୪ ଜଣଙ୍କୁ ଅଟକ ରଖିଛି। ଅଟକ ୪ ଜଣଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ବଳାତ୍କାର କରିଥିବା ବେଳେ ଅନ୍ୟ ୩ ଜଣ ସହଯୋଗ କରିଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି। ଏସଆଇ ଯୋଗେଶ ବଢ଼େଇଙ୍କ ସୂଚନା ମୁତାବକ ଗତ ବୁଧବାର ପୀଡିତା ଘରେ ଏକୁଟିଆ ଥିଲେ। ତାଙ୍କ ପରିବାରର ସମସ୍ତ ସଦସ୍ୟ ଦାମୋଦର ମେଳାକୁ ଯାଇଥିଲେ। ସେମାନେ ଗୁରୁବାର ଘରକୁ ଫେରିବା ପରେ ଘଟଣା ସମ୍ପର୍କରେ ଅବଗତ ହୋଇଥିଲେ। ଏହା ପରେ ଶୁକ୍ରବାର ଗ୍ରାମରେ ମିଟିଂ ବସିଥିଲା। ଯେଉଁଥିରେ କୌଣସି ପ୍ରକାର ସମାଧାନ ହୋଇ ପାରି ନ ଥିଲା। ଏଣୁ ପୀଡିତାଙ୍କ ପରିବାର ପକ୍ଷରୁ ଶନିବାର ଥାନାରେ ଅଭିଯୋଗ କରାଯାଇଥିବା ସେ କହିଛନ୍ତି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



କୌଣସି ଲୋକ ଦୀର୍ଘକାଳ ଧରି କ୍ଷମତାର ଅପବ୍ୟବହାର କରିପାରେ ନାହିଁ କି ପାରିବ ନାହିଁ।
- ସେନେକା

## ସଂକ୍ଷେପରେ

### ଦାନିଏଲ ସ୍ମାରକୀ ହକି ଟୁର୍ଣ୍ଣାମେଣ୍ଟ: ଶାନ୍ତିପ୍ରକାଶ କ୍ଲବ ଦକ୍ଷିଣିପାଲି ଚାମ୍ପିୟନ

**ଅମରପାଲି, ୧୯।୧(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ବହଳପଦର ପଞ୍ଚାୟତ ସୁରଧାପାଲି (ହୋତାପାଲି)ଠାରେ ଚାଲିଥିବା ପଞ୍ଚମ ଆନ୍ତଃରାଜ୍ୟ ଦାନିଏଲ ସ୍ମାରକୀ ହକି ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଆଦିବାସୀ କ୍ଲବ ଗେଦ୍ରାମାଲକୁ ୨-୦ ଗୋଲରେ ପରାସ୍ତ କରି ଶାନ୍ତିପ୍ରକାଶ କ୍ଲବ ଦକ୍ଷିଣିପାଲି ଚାମ୍ପିୟନ ହୋଇଛି। ଶାନ୍ତିପ୍ରକାଶ କ୍ଲବ ଦକ୍ଷିଣିପାଲି ପକ୍ଷରୁ ବାର୍ନା ଲୁଗୁନ ମ୍ୟାଚର ୧୩ ମିନିଟ ଓ ସାମସନ୍ ଲୁଗୁନ ଦ୍ୱିତୀୟାର୍ଦ୍ଧର ୧୧ମିନିଟରେ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଗେଦ୍ରାମାଲ ଦଳ ପକ୍ଷରୁ ଜୁଲସାନନ୍ ସୁରିନ ଦ୍ୱିତୀୟାର୍ଦ୍ଧର ୧୫ମିନିଟରେ ଏକ ମାତ୍ର ଗୋଲ ସ୍କୋର କରିଥିଲେ। ଫାଇନାଲ ଖେଳରେ ସୁରେଶ ମିଞ୍ଜ ଓ ଚୋନସ ଲାକ୍ରା ରେଫରୀ ଏବଂ ତେଲେଙ୍ଗାନା ମିଞ୍ଜ, ରଞ୍ଜନ ମିଞ୍ଜ ଓ ଅନୀଲ ଲାକ୍ରା ଲାଇନ ମ୍ୟାନ କାର୍ଯ୍ୟ ତୁଲାଇଥିଲେ। ଫିଲିପ ତିର୍କି ଧାରା ବିବରଣୀ ପ୍ରଦାନ କରିଥିଲେ। ଆୟୋଜକ କ୍ଲବର ସଭାପତି ଯୋଶଫ ଲାକ୍ରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବଲାଙ୍ଗୀରର ପୂର୍ବତନ ଏମପି ସଙ୍ଗୀତା କୁମାର ସିଂଦେଓ ମୁଖ୍ୟଅତିଥି ଏବଂ ସୁବର୍ଣ୍ଣପୁର ଜିଲ୍ଲା ପରିଷଦ ଅଧକ୍ଷା ଉଷା କୁମାରୀ, ଜିଲ୍ଲା ପରିଷଦ ସଭ୍ୟା ଗାୟତ୍ରୀ ପାଣିଗ୍ରାହୀ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ । ଅମିତ ଲାକ୍ରାଙ୍କୁ ମ୍ୟାନ ଅଫ୍ ଦି ସିରିଜ, ସାମସନ୍ ଲୁଗୁନ ମ୍ୟାନ ଅଫ୍ ଦି ମ୍ୟାଚ, ସୁନୀଲ ମିଞ୍ଜଙ୍କୁ ଶ୍ରେଷ୍ଠ ଗୋଲ ରକ୍ଷକ, ରୋସନ ବିଲୁଙ୍ଗ ଶ୍ରେଷ୍ଠ ଗୋଲ ସ୍କୋରର ଭାବେ ପୁରସ୍କୃତ କରାଯାଇଥିଲା। ଉଭୟ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ଟ୍ରଫି ସହିତ ନଗଦ ଅର୍ଥରାଶି ଦିଆଯାଇ ପୁରସ୍କୃତ କରାଯାଇଥିଲା ।

### ଲୋଇସିଂହା କଲେଜର ବାର୍ଷିକ କ୍ରୀଡ଼ା

**ଲୋଇସିଂହା,୧୯।୧ (ଡି.ଏନ.ଏ.):** ଲୋଇସିଂହା କଲେଜର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗୀତାରେ ଯୁକ୍ତ ୩ରେ ବାଳିକା ବର୍ଗରେ ରୂପାଲି ସ୍ୱାଇଁ, ବାଳକ ବର୍ଗରେ ଜୟପ୍ରକାଶ ସାହୁ, ଯୁକ୍ତଦୁଇ ବାଳିକା ବର୍ଗରେ ସଂଗୀତା ସାହୁ, ବାଳକ ବର୍ଗରେ ଶିବଶଙ୍କର ସାହୁ ଚାମ୍ପିୟନ ହୋଇଛନ୍ତି। ଗତ ୧୭ ଓ ୧୮ ତାରିଖ ଦୁଇଦିନ ଧରି କଲେଜ ଖେଳପଡିଆରେ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୬୨ଟି ପ୍ରତିଯୋଗିତାରେ ୩୫୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ଏହି ପ୍ରତିଯୋଗିତାକୁ କ୍ରୀଡା ଶିକ୍ଷକ ପ୍ରଦୀପ ବର୍ଗର୍ତ୍ତି, ବାଳିକା ହାଇସ୍କୁଲ କ୍ରୀଡା ଶିକ୍ଷୟିତ୍ରୀ କରବୀ ଚାଟାର୍ଜି, ସହଯୋଗୀ ବିଜୟ ରଣା, ଅଞ୍ଜନ ବେଶ୍ରା ଓ କଲେଜ ଅଧ୍ୟାପିକାଅଧ୍ୟାପକ, କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ । କ୍ରୀଡା ସଂସଦ ଉପସଭାପତି ରୋଶନାରା ବେଗମଙ୍କ ଅଧ୍ୟକ୍ଷତା ଓ ସୁନେତି ହୋତାଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଯୁକ୍ତତିନି ଅଧ୍ୟକ୍ଷ ବୀରବର ତ୍ରିପାଠୀ ମୁଖ୍ୟ ଅତିଥି, ଯୁକ୍ତଦୁଇ ଅଧ୍ୟକ୍ଷ ଗୋବିନ୍ଦ ସାହୁ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ।

ଇଙ୍କ୍‌ଫେଷ୍ଟର ତୃତୀୟ ସନ୍ଧ୍ୟାରେ ଅତିଥିଙ୍କ ମତ

# ବିଶ୍ୱବାସୀଙ୍କ ପାଇଁ ଗାନ୍ଧୀବାଦର ପ୍ରାସଙ୍ଗିକତା ରହିଛି

**ସୋନପୁର,୧୯।୧(ନି.ପ୍ର.)**





ଇଙ୍କ୍‌ଫେଷ୍ଟ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ବୃନ୍ଦ।

ଅହିଂସାର ପୂଜାରୀ ଥିଲେ ମହାତ୍ମାଗାନ୍ଧୀ। ସେ ରାମ ରାଜ୍ୟର ସ୍ୱପ୍ନ ଦେଖିଥିଲେ। ଗାଁର ବିକାଶ ହେଲେ ଦେଶର ବିକାଶ ହେବ ବୋଲି କହୁଥିଲେ। ନିଶା ନିବାରଣ ଓ ଗ୍ରାମ୍ୟ ସ୍ୱରାଜର ବାର୍ତ୍ତା ଦେଉଥିଲେ। ସ୍ୱଚ୍ଛତା ପ୍ରତି ଗାନ୍ଧୀ ଗୁରୁତ୍ୱ ଦେଉଥିଲେ। ଅନୁସୂଚିତ ଜାତି, ଜନଜାତି ଓ ପଛୁଆବର୍ଗଙ୍କ କଲ୍ୟାଣ ପାଇଁ ଚିନ୍ତା କରୁଥିଲେ। ଆବଶ୍ୟକ ଅନୁସାରେ ଉପଯୋଗ କରିବାକୁ କହୁଥିଲେ। ତେଣୁ ବିଶ୍ୱବାସୀଙ୍କ ପାଇଁ ଗାନ୍ଧୀବାଦର ପ୍ରାସଙ୍ଗିକତା ଆଜି ବି ରହିଛି ବୋଲି ସୁବର୍ଣ୍ଣପୁର ପୁସ୍ତକ ଓ ସାହିତ୍ୟ ମେଳା ଇଙ୍କ୍‌ଫେଷ୍ଟର ତୃତୀୟ ସନ୍ଧ୍ୟାରେ ଅତିଥି ବୃନ୍ଦ ମତପ୍ରକାଶ କରିଛନ୍ତି। ଶନିବାର ସମକାଳୀନ ବିଶ୍ୱରେ ଗାନ୍ଧୀ ବିଚାରର ପ୍ରାସଙ୍ଗିକତା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଓଡିଶା ଗାନ୍ଧୀବାଦୀ ଫୋରମର ଅଧକ୍ଷା ଡ. ରୀନା ରାଉତରାୟ ଆଲୋଚକଭାବେ ଯୋଗଦେଇ କହିଥିଲେ ଯେ, ଭାଗବତ ଗୀତାକୁ ଗାନ୍ଧୀ ନିଜର ଗାଇଡ୍ ଭାବେ ବିବେଚନା କରିଥିଲେ। ସେ ସତ୍ୟର ଉପାସକ ଥିଲେ। ପଡୋଶୀଙ୍କ ସହିତ ଉତ୍ତମ ସମ୍ପର୍କ ରକ୍ଷା ଉପରେ ଗୁରୁତ୍ୱ ଦେଉଥିଲେ। ଗାନ୍ଧୀ ଏକ ଚେତନା। ତାଙ୍କ ଦର୍ଶନ ଓ ଆଦର୍ଶରେ ଯୁବସମାଜ ଅନୁପ୍ରାଣୀତ ହେବା ଉଚିତ ବୋଲି ଡ. ରାଉତରାୟ କହିଥିଲେ। ଭାରତୀୟ ସାଧାରଣ ପ୍ରଶାସନ ପ୍ରତିଷ୍ଠାନ ଦିଲ୍ଲୀର ପ୍ରାଧ୍ୟାପକ ଡ. ସୁଜିତ କୁମାର ପୃଷେଠ ଅନ୍ୟତମ ଆଲୋଚକଭାବେ ଯୋଗଦେଇ କହିଥିଲେ ଯେ, ଗାନ୍ଧୀ ବିଚାରଧାରା ଜୀବନର ଏକ ଅଂଶ। ବିଶ୍ୱରେ ଏବେ ଅନିଶ୍ଚିତତାବାଦ ରହିଛି। ତେଣୁ ଗାନ୍ଧୀ ବିଚାର ପ୍ରତି ସାରା ବିଶ୍ୱରେ ଆଗ୍ରହ ବଢୁଛି। ୧୯୩୭ରେ ଗାନ୍ଧିଜୀ ଆଦର୍ଶ ଗ୍ରାମର ପରିଭାଷା କହିଥିଲେ। ସ୍ୱାଧିନତାର ୭୦ ବର୍ଷ ପରେ ଆମେ ଗ୍ରାମର ବିକାଶ କଥା ଚିନ୍ତା କରୁଛୁ। ଗଙ୍ଗାନଦୀକୁ ପରିଷ୍କାର ରଖିବା ପାଇଁ ଗାନ୍ଧୀ କୁମ୍ଭମେଳାରେ ବୁଡ ପକାଉଥିଲେ। ଗାନ୍ଧୀ ଧର୍ମ କଥା କହୁଥିଲେ। କିନ୍ତୁ ଆଜିର ରାଜନୀତି ଧର୍ମ ଅଲଗା। ଗଣତନ୍ତ୍ର ପ୍ରତି ମଧ ଗାନ୍ଧୀବାଦର ପ୍ରାସଙ୍ଗିକତା ରହିଛି ବୋଲି ଡ. ପୃଷେଠ ମତପ୍ରକାଶ କରିଥିଲେ। ଶିକ୍ଷାବିତ୍ ହରପ୍ରସାଦ ରଥ ସଭାରେ ଅଧକ୍ଷତା କରି ବିଶ୍ୱରେ ଗାନ୍ଧୀ ବିଚାରର ପ୍ରାସଙ୍ଗିକତା ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ରାଜୀବ ନାୟକ ସଭାକୁ ସଂଯୋଜନା କରିବା ସହିତ ପ୍ରାରମ୍ଭିକ ସୂଚନା ଓ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଶ୍ୟାମା ଓଁ ପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।



ଦୁର୍ଘଟଣାଗ୍ରସ୍ତ ଟ୍ରକ୍।

## ମାଲ ବୋଝେଇ ଟ୍ରକ ଦୁର୍ଘଟଣାଗ୍ରସ୍ତ

**ଡୁଙ୍ଗୁରିପାଲି, ୧୯।୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ବାଙ୍କିପାଲି ଆନ୍ଧ୍ରାଡେରା ରାସ୍ତାରେ ଶନିବାର ସକାଳେ ଏକ ମାଲ ବୋଝେଇ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇଛି। ଝାରସୁଗୁଡାରୁ ଆମୁମିନିୟମ ନେଇ ବିଶାଖାପାଟନା ପୋର୍ଟ ଅଭିମୁଖେ ଯାଉଥିବା ଟ୍ରକ ନଂ ସିଜି ୦୪ ଏମପି ୫୬୧୭ ପଣ୍ଡକିଟାଲ ବାଙ୍କିପାଲି ମଧ୍ୟସ୍ଥ ଆନ୍ଧ୍ରାଡେରା ନିକଟରେ ଭାରସାମ୍ୟ ହରାଇ ଏକ ଗଛରେ ବାଡେଇ ହୋଇଯାଇଥିଲା। ହେଲେ ଟ୍ରକ ଡ୍ରାଇଭର ଝାରଖଣ୍ଡ ବାନଖେଲାର ନାଗିନ୍ଦ୍ର ପାଣ୍ଡେ ନିଶ୍ଚିତ ବିପଦରୁ ବର୍ତ୍ତି ଯାଇଛନ୍ତି। ଏ ନେଇ ରାମପୁର ଥାନାରେ ଏକ ମାମଲା( ନଂ. ୫/୧୯) ରୁଜୁ ହୋଇଥିବା ଥାନା ଅଧିକାରୀ ପ୍ରଦୀପ କୁମାର ପଧାନ ପ୍ରକାଶ କରିଛନ୍ତି। ରାମପୁର ପୋଲିସ ଘଟଣାସ୍ଥଳରେ ଜଗି ରହିଛି ।

ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ବାର୍ଷିକ ସମୀକ୍ଷା

# ଜଙ୍ଗଲ ରହିଲେ ଜୀବନ ଜୀବିକା ସୁରକ୍ଷିତ ରହିବ

**ସୋନପୁର,୧୯।୧(ନି.ପ୍ର.)**





ସମୀକ୍ଷା ବୈଠକରେ ମଞ୍ଚାସୀନ ଅତିଥି ବୃନ୍ଦ।

ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଭାଗ-୨ର ବାର୍ଷିକ ସମୀକ୍ଷା ବୈଠକ ସୁବର୍ଣ୍ଣପୁର ବନଖଣ୍ଡ ଅଧିକାରୀ ସୁଶାନ୍ତ କୁମାର ସାମନ୍ତରାୟଙ୍କ ସଭାପତିତ୍ୱରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ମଧୁସୂଦନ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ଜଙ୍ଗଲ ରହିଲେ ଜୀବନ ଜୀବିକା ସୁରକ୍ଷିତ ରହିବ ବୋଲି ଜିଲାପାଳ କହିଥିଲେ। ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ପିଡି ଡିଆରଡିଏ ସୂର୍ଯ୍ୟନାରାୟଣ ଦାଶ, ଭୁବନେଶ୍ୱରସ୍ଥିତ ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଉପନିର୍ଦ୍ଦେଶକ ସୁଦର୍ଶନ ବେହେରା, ପ୍ରକଳ୍ପର ଦକ୍ଷତା ବୃଦ୍ଧି ବିଶାରଦ ପ୍ରକାଶ ସାହୁ, ଉଦ୍ୟାନ ବିଭାଗର ସହକାରୀ ନିର୍ଦ୍ଦେଶକ ନରେନ୍ଦ୍ର ସାହୁ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଶୋଭାଚନ୍ଦ୍ର ମେହେର, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଅସିତ କୁମାର ବଡପଣ୍ଡା, ସିଡିଭିଓ ବିନୟ ଭୂଷଣ ପାତ୍ର, ଜଳ ବିଭାଜିକା ସଂଘ ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜବନ୍ଧୁ ପାଣିଗ୍ରାହୀ ଓ ଜିଲା ମତ୍ସ୍ୟ ଅଧିକାରୀ ପ୍ରଦୀପ କୁମାର ଦେ ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ଗତ ତା୧୯।୧।୧୯ରିଖରେ ଏହି ପ୍ରକଳ୍ପର ଶୁଭାରମ୍ଭ ହୋଇଥିବା ଏବଂ ଖଣ୍ଡୀୟ ପରିଚାଳନା କାର୍ଯ୍ୟାଳୟ ବିନିକା, ସୋନପୁର ଓ ଉଲୁଣ୍ଡା ଏଫଏମୟୁ ଦ୍ୱାରା ୧ ବର୍ଷ ମଧ୍ୟରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ହୋଇଥିଲା। ବନ ପରିଚାଳନା ୟୁନିଟ୍ ଦ୍ୱାରା ଗଠନ କରାଯାଇଥିବା ବନ ସୁରକ୍ଷା ସମିତି, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ବର୍ଗୀକରଣ, ଉଜୁଡା ଜଙ୍ଗଲର ପୁନରୁଦ୍ଧାର, ଜଙ୍ଗଲ ସୁରକ୍ଷା, ବନ ସୁରକ୍ଷା ସମିତିର ଦକ୍ଷତା ବୃଦ୍ଧି, ଜଙ୍ଗଲ ସନ୍ନିକଟ ଗ୍ରାମର ଅଧିବାସୀଙ୍କ ଜୀବନ ଜୀବିକାର ଉନ୍ନତିକରଣ, ଜଙ୍ଗଲ ପରିଚାଳନା ସମ୍ବନ୍ଧୀୟ ତାଲିମ, ଜଙ୍ଗଲ ଉପରେ ନିର୍ଭରଶୀଳ ପରିବାରଙ୍କ ଜୀବନଧାରଣର ମନବୃଦ୍ଧି ଏବଂ ସ୍ଥାନୀୟ ପ୍ରଶାସନର ସହଯୋଗିତାରେ ବିଭିନ୍ନ ରୋଜଗାରକ୍ଷମପନ୍ଥା ଉପରେ ଆଲୋଚନା ହୋଇଥିଲା।

ଏହି ଅବସରରେ ଗତ ୧ବର୍ଷର ବିଭିନ୍ନ କାର୍ଯ୍ୟକ୍ରମକୁ ପିପିଟି ମାଧ୍ୟମରେ ଉପସ୍ଥାପନା କରାଯାଇଥିଲା। ଜାପାନ ଆନ୍ତର୍ଜାତିକ ସହଯୋଗ ସଂସ୍ଥା ଏବଂ ଓଡିଶା ସରକାରଙ୍କ ମିଳିତ ସହଯୋଗରେ ଆସନ୍ତା ୧୦ବର୍ଷ ପାଇଁ ଏହି ପ୍ରକଳ୍ପ ଜରିଆରେ ଜଙ୍ଗଲ ଓ ଜୀବଜନ୍ତୁଙ୍କ ସୁରକ୍ଷା ସହ ଜଙ୍ଗଲ ଉପରେ ନିର୍ଭରଶୀଳ ଗ୍ରାମବାସୀମାନଙ୍କ ଜୀବନ ଜୀବିକାର ସର୍ବାଙ୍ଗୀନ ଉନ୍ନତି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି ପ୍ରକଳ୍ପର ଉପନିର୍ଦ୍ଦେଶକ ସୁଦର୍ଶନ ବେହେରା କହିଥିଲେ । ପ୍ରାରମ୍ଭରେ କ୍ଷେତ୍ରୀୟ ପରିଚାଳନା ସଂସ୍ଥା(ଏଫଏମୟୁ) ଅନ୍ତର୍ଗତ ବିଭିନ୍ନ ଭିଏସଏସ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଏଫଏମୟୁ କର୍ମଚାରୀଙ୍କ ଦ୍ୱାରା ପ୍ରସ୍ତୁତ ଉପକରଣ, ସାମଗ୍ରୀ ଓ ଉନ୍ନୟନ କାର୍ଯ୍ୟ ସମ୍ପର୍କିତ ଫଟୋଚିତ୍ରକୁ ନେଇ ଏକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ବନଖଣ୍ଡର ସହକାରୀ ବନ ସଂରକ୍ଷକ ସୁଶିଳ କୁମାର ତ୍ରିପାଠୀ, ବିଶେଷବସ୍ତୁ ବିଶେଷଜ୍ଞ ପ୍ରଦୀପ କୁମାର ବରାଳ, ବନାଞ୍ଚଳ ଅଧିକାରୀ ରଞ୍ଜନ କୁମାର ମହାନ୍ତି ଓ ବନ ସୁରକ୍ଷା ସମିତିମାନଙ୍କର ପଦାଧିକାରୀ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ।

## ବଜରଙ୍ଗ ଦଳ ପକ୍ଷରୁ ରକ୍ତଦାନ ଶିବିର

**ସୋନପୁର,୧୯।୧(ନି.ପ୍ର.)**

ବଜରଙ୍ଗ ଦଳ ସୁବର୍ଣ୍ଣପୁର ଜିଲା ଶାଖା ପକ୍ଷରୁ ଭୀମଭୋଇ କଳା ମଣ୍ଡପ ପରିସରରେ ଶନିବାର ଏକ ମେଗା ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଏହି ଅବସରରେ ଯୁବତୀ ଯୁବକମାନେ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ଶିବିରରେ ମୋଟ ୬୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ବ୍ଲଡ ବ୍ୟାଙ୍କ ଅଧିକାରୀ ଡାକ୍ତର ଜୟପ୍ରକାଶ ପ୍ରଧାନଙ୍କ ନେତୃତ୍ୱରେ ଟେକ୍‌ନିସିଆନ ସୁବାସ ପଣ୍ଡା ଓ ଟିମ୍ ରକ୍ତ ସଂଗ୍ରହ କରିଥିଲେ। ସାମାଜିକକର୍ମୀ ଶ୍ରୀବତ୍ସ ମଲ୍ଲିକ, ଜନମୁରା ସରପଞ୍ଚ ଅରବିନ୍ଦ ବାରିକ ଓ ବିବେକାନନ୍ଦ ମାହାନା ପ୍ରମୁଖ ଅତିଥିଭାବେ ଯୋଗଦାନ କରିଥିଲେ। ବଜରଙ୍ଗ ଦଳର ଜିଲା ସଂଯୋଜକ ଜିତୁ ବଡମାଳୀ, ଟାଉନ ସଭାପତି ରଜତ ଅଗ୍ରୱାଲା, ସ୍ୱରୂପ କୁମାର ପାତ୍ର, ଶାନ୍ତନୁ ବଣିଆ, ସୁବାଷ ପଣ୍ଡା, ପିଣ୍ଟୁ ପଣ୍ଡା, ରାଜେଶ କୁମାର ସାହୁ, ଶିବ ବାଗ, ବାଲଗୋପାଳ ପଣ୍ଡା, ଲିକୁନ ମୁଣ୍ଡା, ମୁନା ବାରିକ, ସନୁ ବେହେରା, ନେପାଳ ମହାକୁଡ, ବଣ୍ଟି ପରିଡା, ଆଶିଷ ଷଡଙ୍ଗୀ ଓ ବଂଶୀ ସେଠୀ ପ୍ରମୁଖ ଶିବିର ଆୟୋଜନରେ ସହଯୋଗ କରିଥିଲେ।





ବାର୍ଷିକ ଉତ୍ସବରେ ପରିବେଶିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ପଞ୍ଚାୟତ ସମିତି ବାଳିକା ହାଇସ୍କୁଲର ବାର୍ଷିକ ଉତ୍ସବ

## ନାଚଗୀତ, ନାଟକରେ ମନମୋହିଲେ କଳାକାର

**ବୀରମହାରାଜପୁର, ୧୯।୧ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ପଞ୍ଚାୟତ ସମିତି ସରକାରୀ ହାଇସ୍କୁଲ ବାର୍ଷିକ ଉତ୍ସବ ଶନିବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରଧାନଶିକ୍ଷକ ନିରଞ୍ଜନ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ପ୍ରାକ୍ତନ ଡିଏଲସି ଡ. ପ୍ରଫୁଲ୍ଲ କୁମାର ରଥ ମୁଖ୍ୟଅତିଥି ଏବଂ ବୀରମହାରାଜପୁର କଲେଜର ଇତିହାସ ବିଭାଗ ମୁଖ୍ୟ ଡ. ହିମାଂଶୁ ଶେଖର ପାଢ଼ୀ ମୁଖ୍ୟବକ୍ତାଭାବେ ଯୋଗଦାନ କରି ଉଦ୍‌ବୋଧନ ଦେଇଥିଲେ । ସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଧାଂଶୁ କୁମାର ତ୍ରିପାଠୀ ଓ ସ୍ଥାନୀୟ ସିଡିପିଓ ସଞ୍ଜୁରାଣୀ ମିଶ୍ର ଉତ୍ସବରେ ସମ୍ମାନୀତ ଅତିଥିଭାବେ ବକ୍ତବ୍ୟ ରଖିଥିଲେ। ଛାତ୍ରୀମାନଙ୍କ ଆବାହନୀ ସଂଗୀତ ମଧ୍ୟରେ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶିକ୍ଷୟିତ୍ରୀ ନମିତା ଡାଙ୍ଗ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ମଞ୍ଜୁବାଳା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଅନୁଷ୍ଠାନ ତରଫରୁ ବିଭିନ୍ନ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ଲକ୍ଷ୍ମୀନାରାୟଣ ସାହୁ, ଯୁଗଳ କିଶୋର ମିଶ୍ର, ଶୁକ୍ଳବର୍ଣ୍ଣ ମେହେର ଓ ଗୌତମ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାକାର୍ଯ୍ୟ ସରିବା ପରେ କିଶୋରୀ ଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ନୃତ୍ୟ, ଗୀତ ଏବଂ ନାଟକକୁ ଦର୍ଶକମାନେ ଉପଭୋଗ କରିଥିଲେ । ସଂସ୍କାର ଧର୍ମୀ ନାଟକ ଛେନା ମଞ୍ଚସ୍ଥ ହୋଇଥିବା ବେଳେ ଗୁରୁ ହୃଷିକେଶ ଦାସଙ୍କ ସଂଗୀତ ଓ ନୃତ୍ୟ ନିର୍ଦ୍ଦେଶନାରେ ଛାତ୍ରୀମାନେ ଲୋକନୃତ୍ୟ ପ୍ରଦର୍ଶନ କରି ମଞ୍ଚ ଦୁଲୁକାଇ ଦେଇଥିଲେ । ସାଂସ୍କୃତିକ ବିଚିତ୍ରାର ସଂଯୋଜନା କରିଥିଲେ ଲକ୍ଷ୍ମୀନାରାୟଣ ସାହୁଙ୍କ ସହ ଝରଣା ମେହେର ଓ ଆରତୀ ବାରିକ ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790



ସୁବର୍ଣ୍ଣପୁରରେ ମହିଳା କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

ମହିଳା କଂଗ୍ରେସ ପକ୍ଷରୁ ରାଜ୍ୟପାଳଙ୍କୁ ସ୍ମାରକପତ୍ର

# ଆଦିବାସୀ କଲ୍ୟାଣ, ମହିଳା ଶିଶୁ ବିକାଶ ମନ୍ତ୍ରୀଙ୍କୁ ବହିଷ୍କାର ଦାବି

**ସୋନପୁର,୧୯।୧(ନି.ପ୍ର.)**

କନ୍ଧମାଳ ଜିଲା ଦାରିଙ୍ଗିବାଡିର ଜଣେ ଅଷ୍ଟମ ଶ୍ରେଣୀର ଛାତ୍ରୀ ଗର୍ଭବତୀ ହେବା, ପ୍ରସବ ପରେ ନବଜାତକର ମୃତ୍ୟୁ ହେବା ଓଡିଶାକୁ ନିନ୍ଦିତ କରିଥିବା ମହିଳା କଂଗ୍ରେସ ଅଭିଯୋଗ କରିଛି। ଏଥିପାଇଁ ବିଭାଗୀୟ ମନ୍ତ୍ରୀ, ସଚିବ ଓ କନ୍ଧମାଳ ଜିଲାପାଳଙ୍କୁ ଦାୟି କରିଛି ଦଳ। ଶନିବାର ସୁବର୍ଣ୍ଣପୁର ଜିଲା ମହିଳା କଂଗ୍ରେସ ପକ୍ଷରୁ ଦାୟିତ୍ୱରେ ଅବହେଳା ପାଇଁ ଆଦିବାସୀ କଲ୍ୟାଣ ମନ୍ତ୍ରୀ ରମେଶ ମାଝି ଏବଂ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କୁ ମନ୍ତ୍ରୀ ମଣ୍ଡଳରୁ ବହିସ୍କାର ପାଇଁ ଦାବି କରାଯାଇଛି। ସେହିପରି ଜିଲାପାଳ ଓ ଦୁଇ ଜଣ ସଚିବଙ୍କୁ ନିଲମ୍ବନ ଦାବି କରିଛି ମହିଳା କଂଗ୍ରେସ। ଏ ସମ୍ପର୍କିତ ଏକ ଦାବିପତ୍ର ଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କୁ ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ଦାବିପତ୍ର ଗ୍ରହଣ କରିଥିଲେ। ଜିଲା ମହିଳା କଂଗ୍ରେସ କମିଟି ସଭାନେତ୍ରୀ ସୂର୍ଯ୍ୟକାନ୍ତି ବାଗଙ୍କ ନେତୃତ୍ୱରେ ଅନୁଷ୍ଠିତ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମରେ ବରିଷ୍ଠ ନେତା ସର୍ବେଶ୍ୱର ପୁରୋହିତ, ପିସିସି ସମ୍ପାଦକ ଜିତେନ୍ଦ୍ର ପଟ୍ଟନାୟକ, ନରଦେବ ଭୋଇ, ମାଧବ କୁମ୍ଭାର, ତରଣୀ ବାରିକ, ବରୁଣ ସୁନା, କୁନ୍ତୀ ମହାନନ୍ଦ, ସସ୍ମିତା ସୁନା, ଝିଲି ବାଗ, ନିହାରିକା ବାଗ ଓ ଜୟଶ୍ରୀ ମହାନନ୍ଦ ପ୍ରମୁଖ ସାମିଲ ହୋଇଥିଲେ ।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

MAHENDAR FINANCE
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
8860754476
7838556518
Block Chack, Balasore-756027

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167, 9973805993

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 15000ରୁ 25000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
BUKAR, MALEPUR, JAMUI, BIHAR-811313
9065013355, 9162431749

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୁରଣ କରନ୍ତୁ । ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 (Telangana)
7787907927
7787922501
9319932148
Email id- pmjansamridhi@gmail.com

1985ରୁ ସହସ୍ରାଧିକଙ୍କୁ ଲାଭ
ମହାକାଳୀ ଶକ୍ତିପୀଠ ଉତ୍ତରାଖଣ୍ଡ
ପ୍ରଫେସର ବିପି ଖନ୍ନା
ତନ୍ତ୍ର-ମନ୍ତ୍ର ଅନୁଭବୀ PhD ଜ୍ୟୋତିଷ କାଳୀ ମହାବିଦ୍ୟାର ତପସ୍ୱୀ ତାନ୍ତ୍ରିକ
(ପ୍ରେମବିବାହର 1757 କେସ୍ ସଫଳ)
ମହାବଶୀକରଣ, ପ୍ରେମରେ ଧୋକା, ସଉତୁଣୀ ଶତ୍ରୁ, ଗୃହକ୍ଳେଶ, ଯାଦୁ-ଟୋନା, ସନ୍ତାନ ବାଧା
'ଠକ ବଙ୍ଗାଳି ମୌଲବୀ ବାବାଙ୍କ ପ୍ରତି ସାବଧାନ'
'ଘଣ୍ଟା-ମିନିଟ୍‌ରେ ନିଦାନର ଦାବି ଧୋକା ଅଟେ'
09198771709
ସବୁଆଡୁ ନିରାଶ ବ୍ୟକ୍ତି ସମ୍ପୂର୍ଣ୍ଣ ସମାଧାନ ପାଆନ୍ତୁ

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
(ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର)
9773820765
8512004851

BUSINESS
ଖାଲିଥିବା ଜମି ଓ ଛାତ ଉପରେ ହିନ୍ଦୁସ୍ଥାନ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 95,000,00/- ପାଆନ୍ତୁ ଓ ମାସକୁ ଭଡା 95,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଦରମା 70,000/-ଟଙ୍କା + 1 Bike
ରେଜିଷ୍ଟ୍ରେସନ ଫ୍ରୀ - ଏଗ୍ରୀମେଣ୍ଟ ୨୦ ବର୍ଷ
Plot No - 114/617, Devaraja Mohalla, Bangalore, Karnataka 570001
9634734514
7599131272



ବିଶ୍ରାମର ମାତ୍ରା ଯଦି ଅଧିକ ହୋଇଗଲା ତେବେ ସେହି ବିଶ୍ରାମ ହିଁ କଷ୍ଟଦାୟକ ହୋଇଉଠେ।

- ହୋମର

## ସଂକ୍ଷେପରେ

### ବିଶ୍ୱଶାନ୍ତି ଗୀତା ମହାଯଜ୍ଞ ଉଦ୍‌ଯାପିତ

**ଅତାବିରା, ୧୯।୧ (ଡି.ଏନ.ଏ):** ଭେଡେନ ବ୍ଲକ ଦେଶଭଟିଲି ପଞ୍ଚାୟତ ଉଦେପୁରଠାରେ ତିନି ଦିନ ଧରି ଚାଲିଥିବା ବିଶ୍ୱଶାନ୍ତି ଗୀତା ମହାଯଜ୍ଞ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ଗାଁ ଗୌନ୍ତିଆ ମଦନ ମୋହନ ଦାଶ ଓ ତାଙ୍କ ସ୍ତ୍ରୀ ସୁଚିତା ଦାଶ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ପ୍ରତିଦିନ ଗୀତା ପଠନ ସହ ମନ୍ତ୍ରପାଠ କରାଯାଇଥିଲା। ପଣ୍ଡିତ ବଂଶୀଧର ଆଚାର୍ଯ୍ୟ, ପଣ୍ଡିତ ଟିକୁ ନାୟକ, ପଣ୍ଡିତ ଅବିନାଶ ପୁରୋହିତ, ପଣ୍ଡିତ ଜଗନ୍ନାଥ ପୁରୋହିତ, ଛନ୍ଦାଚରଣ ପାଢ଼ୀ, ମନୋରଞ୍ଜନ ପାଣିଗ୍ରାହୀ ପ୍ରମୁଖ ଗୀତା ପଠନ କରି ହୋମଯଜ୍ଞ କରିଥିଲେ। ପ୍ରଥମ ଦିନ କଳସ ଯାତ୍ରା, ଦ୍ୱିତୀୟ ଦିନ ବିଷ୍ଣୁ ପୂଜନ ଓ ଶେଷଦିନ ହୋମଯଜ୍ଞ କରି ଗୀତା ମହାଯଜ୍ଞ ଉଦଯାପିତ ହୋଇଥିଲା। ଗ୍ରାମର ହିମାଂଶୁ ଶେଖର ଦନ୍ତା, ଅରୁଣ ପାତ୍ର, ବଳରାମ ଦନ୍ତା, ଜୟନାରାୟଣ ସେଟ, ପରୀକ୍ଷିତ ପୁରୋହିତ, ଯାଜ୍ଞସେନୀ ପୁରୋହିତ, ମୁକ୍ତା ଦନ୍ତା, ପ୍ରଭାସିନୀ ପୁରୋହିତ, ଗୀତା ଦନ୍ତା ପ୍ରମୁଖ ସହଯୋଗ କରିଥିଲେ ।

### ଜବରଦଖଲ ଉଚ୍ଛେଦ ନେଇ ବୈଠକ

**ପାଇକମାଳ, ୧୯।୧ (ଡି.ଏନ.ଏ):** ପାଇକମାଳ ଡାକବଙ୍ଗଳାଠାରେ ଶନିବାର ପାଇକମାଳ ଜନ ସାଧାରଣ ଓ ପ୍ରଶାସନ ମଧରେ ବିଜୁ ଏକ୍ସପ୍ରେସ ୱେ ପାଇଁ ସରକାରୀ ଜମି ଉଚ୍ଛେଦ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ପାଇକମାଳ ତହସିଲଦାର ପୂର୍ଣ୍ଣାନନ୍ଦ ପଟେଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପୂର୍ତ୍ତ ବିଭାଗ ଏସଡିଓ ଜିତେନ୍ଦ୍ର ମେହେର, ପଦ୍ମପୁର ଏସଡିପିଓ ଲକ୍ଷ୍ମୀନାରାୟଣ ପଣ୍ଡା, ପାଇକମାଳ ଥାନା ଆଇଆଇସି ବିଶ୍ୱଜିତ ମନବୋଧ ଯୋଗ ଦେଇଥିଲେ । ପାଇକମାଳ ବସ୍ତି ରୋଡର ଉଭୟ ପଟରେ ଥିବା ସରକାରୀ ଜମିକୁ ଚିହ୍ନଟ କରାଯାଇ ଆସନ୍ତା ୨୭ ତାରିଖ ସୁଦ୍ଧା ଉଚ୍ଛେଦ କରାଯିବ ବୋଲି କୁହାଯାଇଥିଲା ।

### ସମ୍ବଲପୁରୀ ନାଟକ ଜୁଏ ମଞ୍ଚସ୍ଥ

**ଅତାବିରା, ୧୯।୧ (ଡି.ଏନ.ଏ):** ଅତାବିରା ବ୍ଲକ ଲରମ୍ବା କଲେଜରେ ସମ୍ବଲପୁରୀ ନାଟକ 'ଜୁଏ' ମଞ୍ଚସ୍ଥ ହୋଇଯାଇଛି। ସୁଶାନ୍ତ ମିଶ୍ରଙ୍କ ରଚିତ ଓ ନାଟ୍ୟ ନିର୍ଦ୍ଦେଶକ ପ୍ରମୋଦ ସେଠଙ୍କ ନିର୍ଦ୍ଦେଶନାରେ ଛାତ୍ର ଅଭିନେତା ପରବ୍ରହ୍ମ ମେହେର, ଦେବାଶିଷ ପାତ୍ର, ଶୁଭ୍ରାଂଶୁ ନାଏକ, ମିଲନ ବିଶ୍ୱାଳ, ଅଚ୍ୟୁତ ଦାଶ, ତାପସ ଦେବତା, କୁନା ପ୍ରଧାନ ପ୍ରମୁଖ ଅଭିନୟ କରିଥିଲେ। ବ୍ୟଙ୍ଗାତ୍ମକ ହେଲେ ବି ପୌରାଣିକ ବିଷୟ ବସ୍ତୁ ସହ ଆଧୁନିକ ମଣିଷର ରହସ୍ୟବାଦକୁ ହାସ୍ୟରସ ମାଧମରେ ଏହି ଛାତ୍ର କଳାକାରମାନେ ଉପସ୍ଥାପନ କରିଥିଲେ । ନିର୍ଦ୍ଦେଶକ ପ୍ରମୋଦ ସେଠଙ୍କୁ ମାନପତ୍ର ସହ ଉପଢ଼ୌକନ ଦେଇ ମୁଖ୍ୟଅତିଥି ଏନଏସି ଅତାବିରା କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ତପସ୍ୱିନୀ ଗୁରୁ ସମ୍ମାନିତ କରିଥିଲେ ।

### ପୋଲିସ ସହ ଆଞ୍ଚଳିକ ସମସ୍ୟା ଆଲୋଚନା

**ପାଇକମାଳ, ୧୯।୧ (ଡି.ଏନ.ଏ);** ପାଇକମାଳ ଅଞ୍ଚଳର ବିଭିନ୍ନ ସମସ୍ୟାକୁ ନେଇ ନାଗରିକ କମିଟିର ସଦସ୍ୟମାନେ ଶନିବାର ସ୍ଥାନୀୟ ଥାନାରେ ପଦ୍ମପୁର ଏସଡିପିଓ ଲକ୍ଷ୍ମୀନାରାୟଣ ପଣ୍ଡାଙ୍କ ସହ ଆଲୋଚନା କରିଥିଲେ । ଗତ ୮ ତାରିଖରେ ନାଗରିକ କମିଟି ତରଫରୁ ବରଗଡ ଏସ୍‌ପି ମୁକେଶ କୁମାର ଭାମୁଙ୍କୁ ଏକ ଦାବିପତ୍ର ଦିଆଯାଇଥିଲା । ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ପଦ୍ମପୁର ଏସଡିପିଓ ପଣ୍ଡା ପାଇକମାଳ ଥାନାକୁ ଆସି ନାଗରିକ କମିଟି କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ । ପାଇକମାଳ ଅଞ୍ଚଳରେ ବେଆଇନ କଫ ସିରପ, ମଦ, ନିଶା ଟାବଲେଟ ବନ୍ଦ କରିବା, ପାଇକମାଳ ମୁଖ୍ୟଛକ ଓ ଅନ୍ୟାନ୍ୟ ସ୍ଥାନରେ ଥିବା ଟ୍ରାଫିକ ସମସ୍ୟା, ସଟ୍ଟା ଖେଳ ଆଦି ଉପରେ ଆଲୋଚନା ହୋଇଥିଲା । ସମସ୍ତ ସମସ୍ୟାର ସମାଧାନ କରାଯିବା ପାଇଁ ଏସ୍‌ଡିପିଓ ପ୍ରତିଶ୍ରୁତି ଦେଇଥିଲେ । ନାଗରିକ କମିଟି ସଭାପତି ମନୋଜ ତ୍ରିବେଦୀ, ସମ୍ପାଦକ ନୀଳମଣି ପଣ୍ଡା, ବଣିକ ସଂଘ ସଭାପତି ଯୁଗଳ କିଶୋର ମେହେର, ଆଇନଜୀବୀ ରାମରତନ ପୁରୋହିତ, ରାଜକିଶୋର ସାହୁ, ପୂର୍ବତନ ବ୍ଲକ ଅଧକ୍ଷ ବିନୋଦ କୁମାର କାଳିଆ, ବିଜୟ କୁମାର ସ୍ୱାଇଁ, ସରୋଜ ସାମଲ, ଏମ୍‌ଡି ରାଜା ଉପସ୍ଥିତ ଥିଲେ । ଥାନା ଅଧିକାରୀ ବିଶ୍ୱଜିତ ମନବୋଧ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗୋପପୁର ଦୃଶ୍ୟାଭିନୟ ଥିଲା ନିଆରା

ବରଗଡ଼ ଧନୁଯାତ୍ରା ମହୋତ୍ସବରେ ଶନିବାର ଗୋପପୁର ଦୃଶ୍ୟାଭିନୟ ଶେଷ ହୋଇଛି । ୮ଦିନ ଧରି ଚାଲିଥିବା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ଗୋପପୁରବାସୀ । ସେଠାକାର ଦୃଶ୍ୟାଭିନୟରେ ଅଳ୍ପ କିଛି ଚରିତ୍ରକୁ ଛାଡ଼ିଥିଲେ ବାକି ଶ୍ରୀକୃଷ୍ଣ, ବଳରାମ, ଶ୍ରୀରାଧା, ଗୋପାଳ ବାଳକ, ଗୋପୀ, ଗୋପାଙ୍ଗନା ଅଧିକାଂଶ ଚରିତ୍ରର କଳାକାରମାନେ ଗୋପପୁର ଭାବେ ପରିଚିତ ଅମ୍ବାପାଲିର । ଗୋପପୁର ଯାତ୍ରାର କିଛି କଳାକାର ଏବଂ କାର୍ଯ୍ୟକ୍ରମରେ ସକ୍ରିୟ ଭୂମିକା ନେଇଥିବା କିଛି ଗୋପବାସୀଙ୍କ ମତାମତକୁ ନେଇ ଏକ ଉପସ୍ଥାପନା...



ଗୋପପୁର ଭାବେ ପରିଚିତ ଅମ୍ବାପାଲିରେ ଘର । ପିଲାବେଳୁ ମୁଁ ଗୋପପୁର ଯାତ୍ରାରେ ଅଭିନୟ କରିଆସୁଛି । ପିଲାବେଳେ ଶ୍ରୀକୃଷ୍ଣ ଭୂମିକାରେ ଅଭିନୟ କରିଥିଲି । ବିଶ୍ୱରୂପ ଦର୍ଶନବେଳେ ବିଷ୍ଣୁ ଚରିତ୍ରରେ ମଧ୍ୟ ଅଭିନୟ କରିଥିଲି । କିଛିବର୍ଷ ହେଲା ମଧୁମଙ୍ଗଳ ଚରିତ୍ରରେ ଅଭିନୟ ଜାରି ରଖିଛି । ବହୁତ ଭଲ ଲାଗୁଛି ଏବଂ ଏଥର ଯାତ୍ରା ଅନ୍ୟବର୍ଷ ତୁଳନାରେ ଭଲ ହୋଇଛି ।**–ପଞ୍ଚାନନ ବିର୍ତ୍ତିଆ**



ବରଗଡ଼ ସଦର ବ୍ଲକ କଟାପାଲିରେ ଘର । ସରସ୍ୱତୀ ଶିଶୁ ମନ୍ଦିର(ଓଡ଼ିଆ ବିଭାଗ)ରେ ଆଚାର୍ଯ୍ୟ ଭାବେ କାର୍ଯ୍ୟରତ । ମୁଁ ଉଭୟ ମଥୁରା ଓ ଗୋପପୁରର ଭିନ୍ନ ଚରିତ୍ରରେ ଅଭିନୟ କରି ଆସୁଛି । ମଥୁରାରେ କଂସଙ୍କ ପ୍ରହରୀ, ବକାସୁର, ବୀରବାହାଳୀ ବାଦନକାରୀ ଏବଂ ଗୋପପୁରରେ ୨ବର୍ଷ ହେଲା ଅନ୍ଧବ୍ରାହ୍ମଣ ଭୂମିକାରେ ଅଭିନୟ କରି ଆସୁଛି । ବକାସୁର ବଧ ଓ ଅନ୍ଧବ୍ରାହ୍ମଣ ଦୃଶ୍ୟାଭିନୟ ପାଇଁ ଗୋପପୁର ଆସିଥିଲି ।**–ପ୍ରହଲ୍ଲାଦ ମାହାଣା**



ମୁଁ ଗୋପପୁରର । ପିଲାବେଳେ ୭ବର୍ଷ ଧରି ଗୋପାଳ ବାଳକ ଭୂମିକାରେ ଅଭିନୟ କରିଥିଲି । ୧୮ବର୍ଷ ହେଲା ଗୋପପୁର ଯାତ୍ରାର ଗୋପୀମାନଙ୍କୁ ନିର୍ଦ୍ଦେଶନା ଦେଇ ଆସୁଛି । ଏହା ସହିତ ଶବରୀ ଭୂମିକାରେ ମଧ୍ୟ ଅଭିନୟ କରେ । ବାପା ସ୍ୱର୍ଗତ ନିଶାମଣି ଥପା ପୂର୍ବରୁ ଯଶୋଦା, ଶବରୀ, ମଧୁମଙ୍ଗଳ ଆଦି ଚରିତ୍ରରେ ଅଭିନୟ କରିବା ସହିତ ନିର୍ଦ୍ଦେଶନା ମଧ୍ୟ ଦେଉଥିଲେ । ମୁଁ ତାଙ୍କ ପ୍ରେରଣାକୁ ପାଥେୟ କରି ଚାଲିଛି ।**–ଅଗ୍ନି କୁମାର ଥପା**



ସୋହେଲା ବ୍ଲକ ଘେଁସରେ ଘର । ଜୀବିକାରେ ଜଣେ ଛୋଟଚାଷୀ । ୧୧ବର୍ଷ ହେଲା ମୁଁ ଶଙ୍ଖଚୂଡ ଭୂମିକାରେ ଅଭିନୟ କରିଆସୁଛି । ଧନୁଯାତ୍ରାରେ କଥୁଆର ରାଜ୍ୟର ରାଜା ଭୂମିକାରେ ମଧ୍ୟ ଅଭିନୟ କରିଛି । ଘେଁସ୍ ଦୁଲାବିହା ସାଂସ୍କୃତିକ ପରିଷଦରେ ନିଶାନ ବଜାଏ । ଗୋପପୁରରେ ଶଙ୍ଖଚୂଳ ଦୃଶ୍ୟାଭିନୟ ବେଳେ ବହୁତ ଭଲ ଲାଗିଲା । ଜୀରାନଦୀ କୂଳ ବିସ୍ତୃତ ପଡ଼ିଆରେ ଯେଉଁଳି ଦର୍ଶକଙ୍କ ସମାଗମ ହୋଇଥିଲା, ନିଜକୁ ବହୁତ ଖୁସି ଲାଗିଲା ।**–ଭଗବାନ ପାଣ୍ଡେ**



ଗତବର୍ଷ ଅପେକ୍ଷା ଏଥର ଗୋପପୁର ଯାତ୍ରାରେ ଅନେକ କିଛି ନୂତନତା ଆସିଛି । କିଛି ନୂତନ ଦୃଶ୍ୟାଭିନୟ ମଧ୍ୟ ଯୋଡ଼ି ହୋଇଛି । ଧନୁଯାତ୍ରା ମହୋତ୍ସବ ସମିତି ଏବଂ ସମସ୍ତ ଗୋପବାସୀଙ୍କ ସହଯୋଗରୁ ଗୋପପୁର ଯାତ୍ରା ନିଜ ଆକର୍ଷଣୀୟତା ବଜାୟ ରଖିବା ସହିତ ଆଗକୁ ଆହୁରି ସରସ ସୁନ୍ଦର ହେବାରେ ଲାଗିଛି । ଏଭଳି ପ୍ରୟାସ ଆଗକୁ ମଧ୍ୟ ଜାରି ରଖିବୁ ।**–ସୁଶୀଲ ମହାପାତ୍ର**



ବରଗଡ଼ ଖଜୁରତିକ୍ରାରେ ମୋର ଘର । ଗୋପପୁର ଯାତ୍ରାରେ ଶବରୀ ଭୂମିକାରେ ଅଭିନୟ କରିଛି । ୩ବର୍ଷ ହେଲା ଏହି ଅଭିନୟର ସୁଯୋଗ ପାଇ ଆସୁଛି । ଅଳ୍ପକିଛି ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଛି । କିନ୍ତୁ କେବେ ଏତେ ବଡ଼ ମହୋତ୍ସବରେ ଅଭିନୟ ସୁଯୋଗ ପାଇନାହିଁ । ସେଠାରେ ମୁଁ କୋଳିଖିଆ ଦୃଶ୍ୟରେ ଅଭିନୟ କରିଥିଲି ଏବଂ ବହୁତ ଭଲ ଲାଗିଲା ।**–ପଦ୍ମାବତୀ ସାହୁ**



ଗୋପପୁର ଯାତ୍ରା ପରମ୍ପରାକୁ ବଜାୟ ରଖି ଚାଲିଛି । ଭଗବାନଙ୍କ ଲୀଳାଖେଳ ଏଠାରେ ଦେଖିବାକୁ ମିଳେ । ଏଥର ଯାତ୍ରା ବହୁତ ଉଚ୍ଚକୋଟୀର ହୋଇଛି । ଜୀରାନଦୀ କୂଳରେ ମଧ୍ୟ ଅନେକ କିଛି ଦୃଶ୍ୟାଭିନୟ ନୂତନ ଭାବେ କରାଯାଇଥିଲା । ଆଗାମୀ ବର୍ଷକୁ କିଭଳି ଭାବେ ଆଉ କିଛି ଭଲ ଏବଂ ଉତ୍ତମ କଳାକାରଙ୍କୁ ନେଇ ଅଭିନୟ ଭଲ ହୋଇ ପାରିବ, ତାକୁ ଗୁରୁତ୍ୱ ଦେବୁ ।**–ଦୟାନିଧି ପ୍ରଧାନ**

**ଉପସ୍ଥାପନା: ପ୍ରେମାନନ୍ଦ ଖମାରୀ**



ଅତାବିରା ନୋଡାଲ ହାଇସ୍କୁଲରେ ଜିଲାସ୍ତରୀୟ ସ୍କାଉଟ, ଗାଇଡ ପରୀକ୍ଷା ଚାଲିଛି ।

# ରାଜ୍ୟପାଳ ପୁରସ୍କାର ପାଇଁ ସ୍କାଉଟ ଗାଇଡ ପରୀକ୍ଷା

**ଅତାବିରା, ୧୯।୧ (ଡି.ଏନ.ଏ)**

ଅତାବିରା ନୋଡାଲ ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ ସ୍କାଉଟ୍ ଗାଇଡ ରାଜ୍ୟପାଳ ପୁରସ୍କାର ପରୀକ୍ଷାର ୨ୟ ଦିବସ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଜିଲା ଅତିରିକ୍ତ ଶିକ୍ଷାଧିକାରୀ କଳ୍ପନା ନାୟକ, ବ୍ଲକ ଶିକ୍ଷା ଅଧିକାରୀ ରାଜାରାମ ମେହେର, ଜିଲା ଶାରୀରିକ ନିରୀକ୍ଷକ ତ୍ରୈଲୋକ୍ୟ ନାୟକ, ପ୍ରଧାନଶିକ୍ଷକ ଆନନ୍ଦ ମେହେର ପ୍ରମୁଖ ଯୋଗ ଦେଇଥିଲେ । ରାଜ୍ୟ ପର୍ଯ୍ୟବେକ୍ଷକ ଚନ୍ଦ୍ରଶେଖର ପରିଡା, ରାଜ୍ୟ ସାଧନକର୍ମୀ ରାଜେନ୍ଦ୍ର ବାଗ ପରୀକ୍ଷା ପରିଚାଳନା କରିଥିଲେ । ଲବ ସାହୁ, ଭୁବନେଶ୍ୱର ମହାକୁର, ଆଶୁତୋଷ ଦେ, ପ୍ରଶାନ୍ତ ଭୋଇ, କିଶୋର ପ୍ରଧାନ, ବିଜୁଳିବତୀ ଦଲେଇ, ଅନୁସୟା ଦେବତା, ରମେଶ ସେଠ ପ୍ରମୁଖ କ୍ରୀଡା ଶିକ୍ଷକ ସହଯୋଗ କରିଥିଲେ । ଜିଲାର ବିଭିନ୍ନ ହାଇସ୍କୁଲରୁ ୧୭୬ ସ୍କାଉଟ, ୧୦୩ ଗାଇଡ ଏହିପରି ମୋଟ ୨୭୯ ଜଣ ପରୀକ୍ଷାରେ ଅଂଶଗ୍ରହଣ କରଇଥିଲେ । ୧୧ ସ୍କାଉଟ ମାଷ୍ଟର, ୧୮ ଗାଇଡ କ୍ୟାପଟେନ ଯୋଗଦେଇ ପରୀକ୍ଷା ତଦାରଖ କରିଥିଲେ ।



ବରଗଡ଼ ଧନୁଯାତ୍ରାର ନବମ ଦିବସରେ ମଥୁରା ଯିବା ପାଇଁ ଯଶୋଦା ଶ୍ରୀକୃଷ୍ଣଙ୍କୁ ମେଲାଣି ଦେଉଛନ୍ତି ।



ମଥୁରା ଗମନ ବେଳେ ଶ୍ରୀରାଧା କୃଷ୍ଣଙ୍କ ବାଟ ଓଗାଳୁଛନ୍ତି ।



ଅକ୍ରୁର କୃଷ୍ଣ ଓ ବଳରାମଙ୍କୁ ମଥୁରା ନେବାବେଳେ ସମ୍ପ୍ରଦା ପରିବେଷଣ କରାଯାଉଛି ।



କଂସ ମୁନିରଷିଙ୍କ ଯଜ୍ଞକୁଣ୍ଡ ଭାଙ୍ଗିବାକୁ ଗୋବିନ୍ଦପାଲି ଆମ୍ରବନକୁ ଯାଇଛନ୍ତି ।

■ ଦାରିଙ୍ଗବାଡ଼ି ଛାତ୍ରୀ ପ୍ରସବ ଘଟଣା

# ଜିଲାପାଳ ଅଫିସ ଆଗରେ ମହିଳା କଂଗ୍ରେସର ବିକ୍ଷୋଭ

**ମଥୁରାନଗରୀ,୧୯।୧**

ଦାରିଙ୍ଗବାଡ଼ି ଛାତ୍ରୀ ପ୍ରସବ ଘଟଣାରେ ମହିଳା କଂଗ୍ରେସ ରାଜ୍ୟର ଦୁଇ ମନ୍ତ୍ରୀ ରମେଶ ମାଝି ଓ ପ୍ରଫୁଲ୍ଲ ସାମଲଙ୍କ ବହିଷ୍କାର ଦାବି କରିଛି । ଏହି ଦାବି ନେଇ ଶନିବାର ବରଗଡ଼ ଜିଲା ମହିଳା କଂଗ୍ରେସ ପକ୍ଷରୁ ଜିଲାପାଳ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । କଂଗ୍ରେସ ନେତ୍ରୀ କଲ୍ୟାଣୀ ମିଶ୍ରଙ୍କ ନେତୃତ୍ୱରେ ଶତାଧିକ ମହିଳା ଏକ ବିଶାଳ ରାଲିରେ ଜିଲାପାଳ ଅଫିସ ଅଭିମୁଖେ ବାହାରିଥିଲେ ଏବଂ ସ୍ଥାନୀୟ ଗାନ୍ଧୀଛକରେ ଦୁଇ ମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ । ଜିଲାପାଳ ଅଫିସ ପହଞ୍ଚିବା ପରେ ସେଠାରେ ବିକ୍ଷୋଭ ଓ ନାରାବାଜି କରିଥିଲେ। ସେହିପରି କନ୍ଧମାଳ ଜିଲାପାଳ ଏବଂ ଦୁଇ ସଚିବଙ୍କୁ ତୁରନ୍ତ କାର୍ଯ୍ୟରୁ ନିଲମ୍ବନ କରାଯାଉ ବୋଲି ସେମାନେ ଦାବି କରିବା ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଅତିରିକ୍ତ ଜିଲାପାଳ ତପିରାମ ମାଝି ସ୍ମାରକପତ୍ର ଗ୍ରହଣ କରିଥିଲେ । ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା, ରିପୁନାଥ ସେଠ, ପୂର୍ବତନ ବିଧାୟକ ସାଧୁ ନେପାକ, ନିହାର ରଞ୍ଜନ ମହାନନ୍ଦ, ଜିଲା କାର୍ଯ୍ୟକାରୀ ସଭାପତି ଯୁଗଳ ପ୍ରସାଦ ସିଂ, ପିସିସି ସମ୍ପାଦକ ହରଦୀପ ସିଂ, ନୀଳିମା ଅଗ୍ରୱାଲ, ସୁପ୍ରଭା ଦାଶ ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

# ସାମାଜିକ ଦାୟିତ୍ୱବୋଧ ଅଭାବରୁ ଦୁର୍ନୀତି ବଢ଼ୁଛି

**ବିଜେପୁର/ପାଇକମାଳ, ୧୯।୧ (ଡି.ଏନ.ଏ)**

ବରଗଡ ଜିଲା ବିଜେପୁର ବ୍ଲକ ସମଲାଇପଦର ସ୍ଥିତ ପାର୍ବତୀ ଗିରି ଅନାଥ ବୃଦ୍ଧାଶ୍ରମରେ ୯୩ତମ ପାର୍ବତୀ ଗିରି ଜୟନ୍ତୀ ସମାରୋହ ଶନିବାର ଅନୁଷ୍ଠିତ ହୋଇଯାଇଛି । ବିଧାୟିକା ରୀତା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ସୁବାଷ ପଧାନଙ୍କ ଅଧକ୍ଷତାରେ ଜୟନ୍ତୀ ସଭା ଆୟୋଜିତ ହୋଇଥିଲା । ବ୍ଲକ ଅଧକ୍ଷା ମାନିନୀ ଭୋଇ, କବି କୃଷ୍ଣଚନ୍ଦ୍ର ଭୋଇ, ରବିଚନ୍ଦ୍ର ସାହୁ ସମ୍ମାନୀତ ଅତିଥି, ସୋହେଲା କଲେଜର ଇଂରାଜୀ ଅଧାପିକା ଜୟଶ୍ରୀ ସାହୁ ମୁଖ୍ୟବକ୍ତା, ମେଲଛାମୁଣ୍ଡା କଲେଜର ଓଡିଆ ଅଧାପକ ଡ. ପ୍ରଦୀପ କୁମାର ପ୍ରଧାନ ସମ୍ମାନୀତ ବକ୍ତା ଭାବେ ଯୋଗ ଦେଇଥିଲେ। ସାମ୍ପ୍ରତିକ କାଳରେ ଉଚ୍ଚଶିକ୍ଷିତ ଡିଗ୍ରୀଧାରୀ ଯୁବକମାନେ ବହୁ ପଦ ପଦବୀରେ ଅଧିଷ୍ଠିତ । ମାତ୍ର ସେମାନଙ୍କର ସାମାଜିକ ଦାୟିତ୍ୱବୋଧ ଅଭାବରୁ ସମାଜରେ ଭ୍ରଷ୍ଟାଚାର ଦୁର୍ନୀତି ବୃଦ୍ଧି ପାଉଛି । ତେଣୁ ସାମାଜିକ ପରିବର୍ତ୍ତନରେ ଉଚ୍ଚ ଶିକ୍ଷିତ ଯୁବଗୋଷ୍ଠୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ସୁତରାଂ ଉଚ୍ଚ ଶିକ୍ଷିତ ଯୁବଗୋଷ୍ଠୀ ସାମାଜିକ ଉତ୍ତରଦାୟୀତ୍ୱ ସମ୍ପାଦନ କଲେ ବହ୍ନିକନ୍ୟା ପାର୍ବତୀଙ୍କ ପ୍ରତି ହେବ ପ୍ରକୃତ ଶ୍ରଦ୍ଧାଞ୍ଜଳି ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ । ଏହି ଅବସରରେ ସାମାଜିକ କର୍ମୀ ସୁବ୍ରତ ବିର୍ତ୍ତିଆ ଓ ଏମ୍. ଗଣ୍ଡପାଲିର ଜିଲା ସାହୁଙ୍କୁ ପାର୍ବତୀ ଗିରି ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା । ଲାଲସାହେବ ବାରିକ, ସୁଦାମ ଲୁହା ମାନପତ୍ର ପାଠ କରିଥିଲେ। ଉପେନ୍ଦ୍ର ମହାପାତ୍ର, ଅକ୍ଷୟ କୁମାର ବାରିକ, ସଫେତ ବାରିକ, ସୁବିଜ୍ଞ ମଲ୍ଲିକ, ନାରାୟଣ ପଟେଲ, ସତ୍ୟବାନ ସାହୁ, ଶିବ ଭୋଇ, ସୁରେଖା ଭୁଏ ପ୍ରମୁଖ ସହଯୋଗ କରିଥିଲେ । ପ୍ରତ୍ୟୁଷରୁ ଏହି ଆଶ୍ରମର ଅନ୍ତେବାସୀ ବହ୍ନିକନ୍ୟାଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ରାମଧୂନ୍ ଗାନ କରିଥିଲେ । ଜଳନ୍ଧର ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ ।

**ପାଇକମାଳ, (ଡି.ଏନ.ଏ):** ପାଇକମାଳ ବ୍ଲକ ନୃସିଂହନାଥ ରାସ୍ତା କଡରେ ଥିବା କସ୍ତୁରବା ଗାନ୍ଧୀ ମାତୃନିକେତନରେ ପାର୍ବତୀ ଗିରିଙ୍କ ୯୩ ତମ ଜୟନ୍ତୀ ଶନିବାର ପାଳିତ ହୋଇଯାଇଛି। ଭୋର ୫ ଟାରୁ ଅନ୍ତେବାସୀମାନେ ପ୍ରଭାତ ଫେରି କରିଥିଲେ । ପରେ ତାଙ୍କ ସମାଧି ପୀଠରେ ପୂଜାର୍ଚ୍ଚନା ସହ ରାମଧୂନ ଗାନ କରାଯାଇଥିଲା । ଅପରାହ୍ନ ୫ଟାରେ ମାତୃନିକେତନ ପରିସରରେ ଥିବା ମଣ୍ଡପରେ ହରିବନ୍ଧୁ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ ମୁଖ୍ୟଅତିଥି, ମାଣ୍ଡୋସିଲ କଲେଜର ଓଡିଆ ଅଧାପକ ସନ୍ତୋଷ ସିଂ ଠାକୁର ମୁଖ୍ୟବକ୍ତା, ଜିଲା ପରିଷଦ ଅଧକ୍ଷା ମୁକ୍ତା ସାହୁ, ପାଇକମାଳ ଏବିଡିଓ ପ୍ରଦୀପ କୁମାର ଭୋଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ, ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ସ୍ମୃତିଚାରଣ କରିଥିଲେ। ସାମାଜିକ କର୍ମୀ ଜଳନ୍ଧର ପଟେଲଙ୍କୁ ପାର୍ବତୀ ଗିରି ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା । ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମାତୃନିକେତନର ନିର୍ମଳ ଗିରି ଧନ୍ୟବାଦ ଅର୍ପଣ କରିଥିଲେ। ସ୍ମୃତି କମିଟିର ବିଜୟ ପ୍ରଧାନ, ଜନାର୍ଦ୍ଦନ ପଣ୍ଡା, ମାତୃପ୍ରସାଦ ରଥ, ଦୁର୍ଯ୍ୟୋଧନ ତ୍ରିପାଠୀ, ଡ. ଜୟଶ୍ରୀ ସାହୁ, ପ୍ରେମସାଗର ଫୌଜଦାର ସହଯୋଗ କରିଥିଲେ । ରାତିରେ ଅନୁଷ୍ଠାନର ଅନ୍ତେବାସୀଙ୍କ ଦ୍ୱାରା ସମ୍ବଲପୁରୀ ନାଟକ ମାହାପୁରୁ ମଞ୍ଚସ୍ଥ ହୋଇଥିଲା ।



ଅନ୍ୟର ଅନିଷ୍ଟ ଚିନ୍ତା କଲେ ନିଜର କ୍ଷତି ହୁଏ,
ସମୟ ସମୟରେ ପ୍ରାଣ ବି ଯାଇପାରେ।
- ବିନୋବା ଭାବେ



## ସଂକ୍ଷେପରେ

### କୁଶମେଲରେ କଂଗ୍ରେସ କର୍ମୀ ସମ୍ମିଳନୀ

**ଲୋଇସିଂହା,୧୯।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ୩୪ ନଂ ଜୋନ ଅନ୍ତର୍ଗତ କୁଶମେଲଠାରେ କଂଗ୍ରେସର କର୍ମୀ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କସ୍ତୁବ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କୋର କମିଟି ସଭ୍ୟ ସମ୍ପଦ ପୋଢ, ଗଣେଶ ସାହୁଙ୍କ ସମେତ ପ୍ରଦେଶ କମିଟି କର୍ମକର୍ତ୍ତା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ବୈଠକରେ ସାଙ୍ଗଠନିକ ଆଲୋଚନା କରିବା ସହ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ କର୍ମୀ ଓ ଜନସାଧାରଣଙ୍କଠାରୁ ଅବଗତ ହୋଇଥିଲେ। କଂଗ୍ରେସର ଶକ୍ତି କାର୍ଯ୍ୟକ୍ରମରେ ଯୋଡି ହେବାକୁ ସେ ସାଧାରଣ ଜନତାକୁ ଆହ୍ୱାନ ଦେଇଥିଲେ। ଏ ସମ୍ପର୍କରେ ଜିଲା କଂଗ୍ରେସ ସଭାପତି ଦିଲୀପ କୁମାର ବେହେରାଙ୍କୁ ପଚାରିବାରୁ କାର୍ଯ୍ୟକ୍ରମ ସମ୍ପର୍କରେ ମୁଁ ଜାଣି ନାହିଁ ବୋଲି କହିଛନ୍ତି।

### ଜନରାଜ୍ୟ ଦିବସ ପାଳନ ପାଇଁ ପ୍ରସ୍ତୁତି

**ଖପ୍ରାଖୋଲ, ୧୯।୧(ଡି.ଏନ.ଏ):** ବଲାଙ୍ଗୀର ଜିଲା ସମିତି ସଭା ଗୃହରେ ବ୍ଲକସ୍ତରୀୟ ଜନରାଜ୍ୟ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତରଣୀ ସୁନାଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଦର ମହକୁମାର ସମସ୍ତ ଶିକ୍ଷାନୁଷ୍ଠାନ ମିଳିତଭାବେ ଏହି ଜାତୀୟ ଦିବସକୁ କିଭଳି ପାଳନ କରିବେ ସେ ନେଇ ଆଲୋଚନା ହୋଇଥିଲା। ବିଭିନ୍ନ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ସହିତ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ, ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିଙ୍କୁ ସମ୍ମାନିତ କରିବାକୁ ସ୍ଥିର ହୋଇଥିଲା। ବୈଠକରେ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣମାସୀ ବରିହା, ଏପିଓ ପୁଷ୍ପାଞ୍ଜଳି ସ୍ୱାଇଁ, ହେଡକ୍ଲାର୍କ ବ୍ରଜବନ୍ଧୁ ଠାକୁର, ସ୍ଥାନୀୟ ସରପଞ୍ଚ ଉପେନ୍ଦ୍ର ଭୋଇ, ପୋଲିସ୍ ଏଏସଆଇ ଆର.କେ ଧରୁଆ, ପବିତ୍ର ଦାଶ, କିଶୋର ବାଗ, ଅଭୟ ତ୍ରିପାଠୀ, ବିଭିନ୍ନ ବିଭାଗର ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

### ଜାତୀୟ ମତଦାତା ଦିବସ ଉପଲକ୍ଷେ କୁଇଜ ପ୍ରତିଯୋଗିତା
#### ୬ କେନ୍ଦ୍ରରେ ଭାଗନେଲେ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର

**ବୀରମହାରାଜପୁର, ୧୯।୧ (ଡି.ଏନ.ଏ.):** ଆସନ୍ତା ୨୫ତାରିଖରେ ଜାତୀୟ ମତଦାତା ଦିବସ ପାଳନ ହେବାକୁ ଯାଉଛି। ଏହାର ଅବ୍ୟବହିତ ପୂର୍ବରୁ ବୀରମହାରାଜପୁର ନିର୍ବାଚନ ମଣ୍ଡଳୀର ମତଦାତା ପଞ୍ଜିକରଣ ଅଧିକାରୀ (ଇଲେକଟ୍ରୋରାଲ ରେଜିଷ୍ଟ୍ରେସନ୍ ଅଫିସର)ଙ୍କ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ଗଣତାନ୍ତ୍ରିକ ରାଷ୍ଟ୍ରରେ ମତଦାନର ବଳିଷ୍ଠ ଭୁମିକା ଏବଂ ଏହାର ସଫଳ ପ୍ରୟୋଗ ସମ୍ପର୍କରେ ଅଧିକଜ୍ଞାନ ଆହରଣ ଉଦ୍ଦେଶ୍ୟରେ ଶନିବାର ଏହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୩ଟି ଯାକ ବ୍ଲକରେ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମିଳିଥିବା ସୂଚନା ମତେ, ବିନିକା ବ୍ଲକ ତଥା ଏନଏସିର ୨ଟି କେନ୍ଦ୍ରରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସେହିପରି ଉଲୁଣ୍ଡା ବ୍ଲକର ଉଲୁଣ୍ଡା ଓ ସିଣ୍ଡୋଳ ତଥା ବୀରମହାରାଜପୁର ବ୍ଲକର ବୀରମହାରାଜପୁର ଏବଂ ସୁବଳୟା ହାଇସ୍କୁଲ କେନ୍ଦ୍ରରେ ୧୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ମାଧମିକ, ଉଚ୍ଚ ମାଧମିକ ଓ ଡିଗ୍ରୀ ଶ୍ରେଣୀର ଛାତ୍ରୀଛାତ୍ରମାନଙ୍କ ପାଇଁ ୩ଟି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ଉପଖଣ୍ଡ ରାଜସ୍ୱ ଅଧିକାରୀ ଅମୂଲ୍ୟ କୁମାର ସାହୁଙ୍କଠାରୁ ପ୍ରକାଶ।

## ଝଲୋ ଝଲୋ ଦିଶୁଛେ ସରକାରୀ ଅବହେଲା
# ଆବାସ ଯୋଜ୍‌ନାର କାର୍ଯ୍ୟାଦେଶ ଲାଗି ହଟହଟା

**ଉଲୁଣ୍ଡା ୧୯।୧ (ଡି.ଏନ.ଏ)**

ବଖ୍‌ରେ ଘର, ସେଥିରେ ଫେନ୍ ଜଁକାପେଲ୍‌ହା ହେଇ ରହୁଛନ୍ ଗୁଟେ ପରିବାର୍‌ର ୯ ଝନ୍ ଲୋକ୍। ସଖାଲ ପାଏଲେ ପର୍‌ହର ଘରେ ଖଟ୍‌ଲେ ଯାଇ ଘରର ଚୁଲି ଜଲୁଛେ। ସରକାରୀ ଯୋଜ୍‌ନା କହେଲେ ପରିବାର ପାଇଥିବାର ବିପିଏଲ କାର୍ଡ ଖଁଡ଼େ, ବାକି ସବୁ ସରକାରୀ ସୁବିଧା ସୁଯୋଗ୍ ପରିବାର ଲାଗି ସାତ୍ ସପନ୍ ହେଇଛେ। ହେଲେ ଗଲା ୧୬-୧୭ ଆର୍‌ଥିକ ବଛରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜ୍‌ନାରେ ଘର ଖଁଡ଼େ ପାଏବାର ଲାଗି ତାଲିକାରେ ତାକର ନାଁ ବାହାରିଛେ। ପଁଚେତ୍ ଅଫିସ କାଁଥିରେ ଥିବାର ତାଲିକାରେ ବି ରହିଛେ ନାଁ, ହେଲେ ଏଭ୍‌ତକ୍ କାର୍ଯ୍ୟାଦେଶ ନୁହେମିଲେ। ଏନ୍‌ତା ଗୁଟେ ଭିନେ କିସ୍‌ମର ଘଟନା ଦେଖ୍‌ବାକେ ମିଲିଛେ ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ପଞ୍ଚମହଲା ଗାଁରେ। ଇ ଗାଁର ବାସିନ୍‌ଦା ହେଉଛନ୍ ଗୁଣନିଧି ଗୁରୁ। ତାକର ପରିବାର କହେଲେ ମାଏକିନା ତିଲୋତମା, ୫ ଝି, ପୁଓ, ଜୁଏଁ ଆର ଗୁଟେ ନାତିକେ ବୁଝାସି। ଇ ୯ ଝନିଆଁ କୁଟୁମ ଲାଗି ଘର ଦୁଇ ବଖରା ନିହାତି ଦରକାର ଥିଲା ବେଲେ ସରକାରୀ ଅବହେଲା ପରିବାର୍‌ର ମୁଡ଼ଦୁଖାର କାରନ୍ ସାଜିଛେ। ପରିବାରଟା ପଛୁଆ ବର୍‌ଗର ହେଇଥିଲା ବେଲେ ତାକର ନାଁ ଅନୁସୂଚିତ ଜନଜାତି ବରଗ୍‌ରେ ଭରି ଦିଆଯାଇଛେ। ଯେନ୍‌ଥିରଲାଗି ପଁଚେତ୍‌ର ଏସ୍‌ଇସିସି ତାଲିକାର ୧୪ ନମ୍ବରରେ ତାକର ନାଁ ଥିଲେ ବି ଘର ତିଆରିବାକେ କାର୍ଯ୍ୟାଦେଶ ନାଇଁ ମିଲବାର। ସମସିଆ ବାବ୍‌ଦେ ଗୁଣନିଧି ସୁବର୍ଣ୍ଣପୁର ଜିଲାପାଲକୁ ଭେଟି ଗୁହାରି କରିଥିଲେ ବି ଆଏଜ୍‌ତକ୍ କିଛି ସୁଫଲ ନାଇଁ ପାଇପାରି। ଇ ସରକାରୀ ଭୁଲ୍ ଲାଗି ୨ ବଛର ହେଲା ପରିବାରଟା ବଡ଼ା ଗୁଲ୍‌ଗୁଲା ହେଉଛନ୍। ରହେବାର ଲାଗି ଘରେ ଜାଗାଠାନ୍ ନାଇଁ, ଇ ହାଡ଼ଭଂଗା ଶୀତେ ଯିବେ କାହିଁ, ଉପେ ଶୂଇନ୍ ହେଇ ପରିବାରଟା ଜଁକାପେଲ୍‌ହା ହେଇ ରହୁଛନ୍। ଇ ବାବ୍‌ଦେ ଉଲୁଣ୍ଡା ବିଡିଓ ରୁନୁ ଲାକ୍ରାକୁଁ ପଚରାଲାରୁ ମୁଇଁ ଇ ସମସିଆ ବାବ୍‌ଦେ ନାଇଁ ଜାନି, ଯେତେ ଜଲ୍‌ଦି ହେବା ସମସିଆର ସମାଧାନ କରି ତାହାକୁ ଘର ଯୁଗେଇ ଦେବାର ବେବସ୍‌ତା କରମି ବଲି କହିଥିଲେ। ଜିଲା ପରଶାସନ ଇ ଦିଗେ ଦୁରୁଷ୍‌ଟି ଦେଇ ସରକାରୀ ଯୋଜ୍‌ନାରେ ପରିବାରକେ ପକ୍କାଘର ଯୁଗେଇ ଦେବାକେ ବୁଧିଜୀବୀ ମହଲରେ ଦାବି ହେଉଛେ।


ଭଂଗା କୁରିଆରେ ଗୁଣନିଧିଙ୍କର ପରିବାର ।

### ଲୁର୍କୀ ଧନୁଯାତ୍ରା: ଅକ୍ରୁରଙ୍କ ଗୋପପୁର ଗମନ

**ଗୁଡ଼ଭେଲା,୧୯।୧(ଡ଼ିଏନଏ)**

ଗୁଡଭେଲା ବ୍ଲକ ଅନ୍ତର୍ଗତ ଲୁର୍କୀ ଗ୍ରାମରେ ଚାଲିଥିବା ଧନୁଯାତ୍ରା ମହୋତ୍ସବର ଶନିବାର ଥିଲା ପଞ୍ଚମ ଦିନ । ପ୍ରତ୍ୟେକ ଦିନ ଭଳି ଗୋପାଳ ବାଳକଙ୍କ ଗହଣରେ ବେନିଭାଇ ଶ୍ରୀକୃଷ୍ଣ ଓ ବଳରାମ ଗୋପପୁର ପରିକ୍ରମା କରିବା ସହ ଯମୁନା ନଈକୂଳ ବୃନ୍ଦାବନ ପଡିଆରେ ଖେଳକୁଦରେ ମାତିଥିଲେ । ସେଠାରେ ଶ୍ରୀକୃଷ୍ଣଙ୍କ ଦ୍ୱାରା କାଳୀୟ ଦଳନ ଓ ବସ୍ତ୍ର ହରଣ ଦୃଶ୍ୟ ମଞ୍ଚସ୍ଥ ହୋଇଥିଲା। ଅପରପକ୍ଷରେ ମଥୁରାଧିପତି ମହାରାଜା କଂସଙ୍କ ନିର୍ଦ୍ଦେଶକ୍ରମେ ଅକ୍ରୁର ଶ୍ରୀକୃଷ୍ଣ ଓ ବଳରାମଙ୍କୁ ଧନୁଯାତ୍ରରେ ମଥୁରାପୁରକୁ ଆଣିବା ପାଇଁ ଗୋପପୁରକୁ ଯାଇଛନ୍ତି । ପୌରାଣିକ କଥାବସ୍ତୁ ଉପରେ ଆଧାରିତ ଏହି ସବୁ ଦୃଶ୍ୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ରାଜ ଅତିଥି ଭାବେ ହିଫଜୁଲ ରହମାନ ଯୋଗ ଦେଇଥିଲେ । କଂସ ମହାରାଜାଙ୍କ ଭୂମିକାରେ ଗୋପାଳ ପଣ୍ଡା, ମହାମନ୍ତ୍ରୀ ଲକ୍ଷିନ୍ଦ୍ର ଭୁଏ, ଅକ୍ରୁର ଭୋପାଳ ଚନ୍ଦ୍ର ପ୍ରଧାନ, ମୁଷ୍ଟିକ-ଅରୁଣ ପାଢୀ, ଡଗର-ବାବୁଲାଲ ଭୋଇ ଓ ନରେନ୍ଦ୍ର ଘିବେଲାଙ୍କ ଅଭିନୟ ଚିତାକର୍ଷକ ହୋଇଥିଲା। ଧନୁଯାତ୍ରା କମିଟି ସଭାପତି ସରୋଜ ପ୍ରଧାନ, ଆନନ୍ଦ ପ୍ରଧାନ, ଅବନୀ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ଗନ୍ଧରାଡି କଲେଜ**

**ଜହ୍ନାପଙ୍କ, ୧୯।୧ (ଡି.ଏନ.ଏ)**

ବୌଦ୍ଧ ବ୍ଲକ ଅନ୍ତର୍ଗତ ଜହ୍ନାପଙ୍କ ସ୍ଥିତ ଯୁକ୍ତ ୨ ଜୁନିୟର ଗନ୍ଧରାଡି ମହାବିଦ୍ୟାଳୟରେ ଗତ ୮ ତାରିଖରୁ ଚାଲିଥିବା ଛାତ୍ରୀମାନଙ୍କ ଆତ୍ମସୁରକ୍ଷା ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ସଭାରେ ୫ମ ଆଇଆରବିର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଲଳିତ କୁମାର ବାଘ ମୁଖ୍ୟଅତିଥି, ଅଧାପିକା ପ୍ରଭାତୀ ତ୍ରିପାଠୀ ସମ୍ମାନିତ ଅତିଥି, ଅଧାପକ ଅଶୋକ କୁମାର ପାଣ୍ଡିଆ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀମାନେ ପାଇଥିବା ତାଲିମର ସଦୁପଯୋଗ କରିବା ସହିତ ଗ୍ରାମାଞ୍ଚଳରେ ଥିବା ମହିଳାମାନଙ୍କୁ ତାଲିମ ଦେବାକୁ ପରାମର୍ଶ ଦେଇଥିଲେ। ଏହି ତାଲିମ ଫଳରେ ଛାତ୍ରୀମାନଙ୍କର ଶାରୀରିକ ଓ ମାନସିକ ବଳ ବୃଦ୍ଧି ପାଇବ ବୋଲି ଅତିଥିମାନେ ନିଜ ବକ୍ତବ୍ୟରେ କହିଥିଲେ । ଶାରୀରିକ ଶିକ୍ଷକ ସୁବାଷ ଭୋଇ ଅତିଥି ପରିଚୟ ଦେଇଥିବା ବେଳେ ଅଧାପକ ପ୍ରଭାତ କୁମାର ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ମହାବିଦ୍ୟାଳୟର ଅଧକ୍ଷ ରମାକାନ୍ତ ପଣ୍ଡା ଅଧକ୍ଷତା କରିଥିଲେ। ତାଲିମଦାତା ସୁଶ୍ରୀ ସୁପ୍ରିୟା ପ୍ରଧାନ, ସୋନାଲି ମହାକୁଡ ଓ ରୋଜାଲିନ ରାଜହଂସ ତାଲିମ ପ୍ରଦାନ କରିଥିଲେ। ଏହି ଶିବିରରେ ୯୦ ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ ।


ଶିବିରରେ ଛାତ୍ରୀମାନେ ଆତ୍ମରକ୍ଷା ତାଲିମ ନେଉଛନ୍ତି ।

## ଶିକ୍ଷଣୀୟ ସାମଗ୍ରୀ, ବିଜ୍ଞାନ ପ୍ରଦର୍ଶନୀ

**ବଲାଙ୍ଗୀର ଅଫିସ, ୧୯।୧**

ବଲାଙ୍ଗୀର ଜିଲା ସାଲେଭଟା ଉତ୍କଳମଣି ହାଇସ୍କୁଲଠାରେ ଶିକ୍ଷଣୀୟ ସାମଗ୍ରୀ ତଥା ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି। ଆଗଲପୁର ବ୍ଲକ ବିଇଓ ମଞ୍ଜୁଲତା ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଦର୍ଶନୀରେ ଜିଲା ଶିକ୍ଷା ଅଧିକାରୀ କାର୍ତ୍ତିକେଶ୍ୱର ଲେଙ୍କା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଆଗଲପୁର ବ୍ଲକ ସାଲେଭଟା ଏବଂ କୁଟାସିଂହା କ୍ଲଷ୍ଟରସ୍ତରୀୟ ଶିକ୍ଷକ, ଶିକ୍ଷିକା ଏବଂ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଶିକ୍ଷଣୀୟ ସାମଗ୍ରୀ ଶିକ୍ଷା ପ୍ରଦାନ ପ୍ରକ୍ରିୟାରେ କିଭଳି ସହାୟକ ହୋଇପାରିବ ସେନେଇ ଆଲୋଚନା ହୋଇଥିଲା । ବ୍ଲକସ୍ତରରେ ଶିକ୍ଷଣୀୟ ମ୍ୟୁଜିୟମ ଗଠନ କରିବାକୁ ପ୍ରସ୍ତାବ ଦିଆଯାଇଥିଲା । ରାଜେନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ଓଡିଆ ବିଭାଗ ଅଧାପକ ଶେଷନ ବିଶି, ସମ୍ବଲପୁରୀ କବି ଏବଂ ନାଟ୍ୟକାର ବିନୋଦ କୁମାର ପଶାୟତ, ଜିଲା ବିଜ୍ଞାନ ସୁପରଭାଇଜର ନୀଳମଣି ପଟେଲ, ଜିଲା ଶିକ୍ଷା ନିରୀକ୍ଷକ ଜ୍ୟୋତିରଞ୍ଜନ ପରିଡା,ଏବିଇଓ ସବିତା ମିଶ୍ର, ଦିଲୀପ ବେହେରା, ଉତ୍କଳମଣି ହାଇସ୍କୁଲ ପ୍ରଧାନଶିକ୍ଷକ ସଦାନନ୍ଦ ଭୋଇ, ମାୟାବର୍ହା ହାଇସ୍କୁଲ ପ୍ରଧାନଶିକ୍ଷକ ବସନ୍ତ କୁମାର ହୋତା, ବ୍ୟଙ୍ଗକବି ଅନୁପ୍ରିୟା ମିଶ୍ର ମଞ୍ଚାସୀନ ଥିଲେ । ସାଲେଭଟା କ୍ଲଷ୍ଟର ସିଆରସିସି ଦୁର୍ଯ୍ୟୋଧନ ପଶାୟତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଉଭୟ କ୍ଲଷ୍ଟର୍‌ରୁ ୨୧ଟି ସ୍କୁଲରୁ ୧୫୨ଟି ପ୍ରଦର୍ଶନୀ ଡେସ୍କ ଲାଗିଥିଲା । ମାୟାବର୍ହା ହାଇସ୍କୁଲର ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ରବିନ୍ଦ୍ର ପଶାୟତ ଏବଂ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଯୁବକବି ସୁଜିତ ସତପଥୀଙ୍କୁ ସମ୍ମାନିତ କରାଯାଇଥିଲା। ଏକ ଭବ୍ୟ କବିତା ପାଠୋତ୍ସବ, ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ମୁକ୍ତ କ୍ୱିଜ୍ ପ୍ରତିଯୋଗିତା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଜଙ୍ଗଲିଆକେ ସାତ୍ ସପନ ଇନ୍ଦିରା ଆବାସ


ନିଜର ଦଦ୍‌ରା ଘର ଆଘେ ଜଙ୍ଗଲିଆଙ୍କର ପରିବାର।

**ଅତାବିରା, ୧୯।୧ (ଡି.ଏନ.ଏ)**

କେନ୍ଦ୍ର ଆର ରାଏଜ୍ ସରକାର ଗରିବ୍ ଦୁଖିକୁ ସରକାରୀ ଯୋଜ୍‌ନାରେ ଘର ଯୁଗେଇ ଦେବାର ଲାଗି ବହୁତ୍‌ଟେ ଯୋଜ୍‌ନା ତିଆର କରିଛନ୍। ହେଲେ ତଲୁ ଉପର ତକ୍ ଲାଁଚ୍‌ଖୁଁଚ୍ କାରବାର, ରାଜନଇତିକ୍ ପାତରଅଁତର ଲାଗି ହକ୍‌ଦାର ହିତାଧିକାରୀ ଯୋଜ୍‌ନାର ସୁଫଲ ପାଏବାର ଜାଗାରେ ବଲି ପଡୁଛନ୍। ଏନ୍‌ତା ଗୁଟେ ଉଦାହରନ୍ ଦେଖ୍‌ବାକେ ମିଲିଛେ ବରଗଡ଼ ଜିଲା ଭେଡ଼େନ ବ୍ଲକ ଦେଶପଥର୍ଲା ଗାଁର ହରିଜନ ପଡ଼ାରେ। ଇ ପଡ଼ାରେ ବାସ କରୁଛନ୍ ଜଙ୍ଗଲିଆ ଗର୍ଡ଼ିଆ(୮୫)। ତାକର ପରିବାର କହେଲେ ମାଏକିନା କଲାବତୀ(୮୦), ପୁଓ ଶେଷଦେବ(୨୮) ଆର ବହ ଦୀପିକା(୨୪)କୁଁ ନେଇ ସୁଖର ସଁସାର। ପରିବାରଟା ନିହାତି ଗରିବ୍ ଆର ଦରିଦିରିଆ ସୀମାରେଖା ତଲେ ଥିଲା ବେଲେ ସରକାରୀ ସାହାଯ୍ ହିସାବେ ରାଶନ କାର୍ଡରେ ଫିମାସ ୨୫ କେ.ଜି. ଚାଉଲ ଆର ଜଙ୍ଗଲିଆ ୩ଶହ ଟଁକା ଭତା ପାଉଛନ୍। ଜଙ୍ଗଲିଆ ଏହେଦେ ଅପାରୁ ହେଲାରୁ କାମ୍‌ବୁତା କରି ନାଇଁ ପାରବାର। ଯେନଥିରଲାଗି ପରିବାରର ବୋଝ ଏହେଦେ ପୁଓ ଉପରେ ଅଛେ। ପୁଓ ଶେଷଦେବ ବୁରତିରେ ଝନେ ମିସ୍ତ୍ରୀ ହେଇଥିଲା ବେଲେ ସେ ଯାହା କମାନି କରୁଛନ୍ ସେଥିରେ ପରିବାରଟା ଦୁଖେ କଷ୍‌ଟେ ଚଲିଯାଉଛନ୍। ହେଲେ ଘରେ ସବୁବେଲେ ଅଭାବ ଅନାଟନ ଲାଗି ରହିଛେ, ଘରେ କେତେବେଲେ କାହାର ଦିହିପା ଖରାପ ହେଲେ ପରିବାରଟା ବଡ଼ା ଦହଗଁଜ୍ ହେଉଛନ୍। ଏନ୍‌ତାଥି ସେମାନେ ରହୁଥିବାର ମାଏଟ୍ କୁରିଆଟା ଦଦ୍‌ରା ହେଇଯାଇଥିଲେ ବି ଅଭାବ ଅନାଟନ ଲାଗି ସଜେଇ ନାଇଁପାରବାର। ଜଙ୍ଗଲିଆ ଇନ୍ଦିରା ଆବାସ ଗୁଟେ ପାଏବାର ଲାଗି ପଁଚେତରୁ ବ୍ଲକ୍ ଦଉଡୁଛନ୍, ଆବେଦନ କରୁଛନ୍, ଅଧିକାରୀମାନକୁ ଗୁହାରି କରୁଛନ୍। ହେଲେ କେହି ତାକର କଥା ନାଇଁ ଶୁନବାର। ଏନ୍‌ତା କି ଜଙ୍ଗଲିଆ ଇନ୍ଦିରା ଆବାସ ଗୁଟେ ପାଏବାର ଲାଗି ପଁଚେତରୁ ବ୍ଲକକେ ଅତି କମ୍‌ରେ ୨୦ ଥର ଯାଇଛେଁ ବଲି କହିଥିଲେ। ଇ ବାବ୍‌ଦେ ଭେଡ଼େନ ବ୍ଲକ ବିଡିଓ ମୂରଲୀଧର ନାୟକକୁଁ ପଚରାଲାରୁ ଜଙ୍ଗଲି ଗଡିଆକୁଁ ନିହାତି ଭାବେ ଯୋଜ୍‌ନାରେ ସାମିଲ କରି ଘର ଯୁଗେଇ ଦିଆଯିବା ବଲି କହେବାର ସଂଗେ ମୋର ସମିଆରେ ସଭେ ନିଏ ପାଏବେ ବଲି ସେ କହିଥିଲେ। ସେନ୍‌ତା ଦେଶଭଟିଲି ପଁଚେତ୍‌ର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ ଦାଶକୁଁ ପଚରାଲାରୁ ହିତାଧିକାରୀଙ୍କର ନାଁ ତାଲିକାରେ ଥିଲେ ଘର ପାଏବେ ନାଇଁ ହେଲେ ଆବେଦନ କଲା ଉତାରୁ ଘର ଯୁଗେଇ ଦିଆଯିବା ବଲି କହିଥିଲେ।

# ପ୍ରାଦେଶିକସ୍ତରୀୟ ପ୍ରଧାନ ଆଚାର୍ଯ୍ୟ ପ୍ରଶିକ୍ଷଣ ସମ୍ମିଳନୀ

**ବୌଦ୍ଧ,୧୯।୧(ସ୍ୱ.ପ୍ର)**

ବୌଦ୍ଧ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ତିନି ଦିନିଆ ପ୍ରାଦେଶିକସ୍ତରୀୟ ପ୍ରଧାନଆଚାର୍ଯ୍ୟ ପ୍ରଶିକ୍ଷଣ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଶିଶୁ ବିଦ୍ୟାମନ୍ଦିରର ସାରଦା ମଣ୍ଡପଠାରେ ଶିକ୍ଷା ବିକାଶ ସମିତି ବିଦ୍ୟା ମନ୍ଦିରର ସ୍ୱାଖିକ କୈଳାଶ ଚନ୍ଦ୍ର ଦାଶଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ବୌଦ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ଘିବେଲା ମୁଖ୍ୟଅତିଥି, ଓଡ଼ିଶା ଶିକ୍ଷା ବିକାଶ ସମିତି ସଙ୍ଗଠନ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅତିଥିମାନେ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କ ସାମୂହିକ ବିକାଶକୁ ଗୁରୁତ୍ୱ ଦେବା ସହିତ ଗୁଣାତ୍ମକ ଶିକ୍ଷା ପ୍ରଦାନ, ଶୃଙ୍ଖଳା ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶୈକ୍ଷିକ ବାତାବରଣ ରକ୍ଷା ପାଇଁ ପ୍ରଧାନ ଆଚାର୍ଯ୍ୟମାନଙ୍କୁ ପରାମର୍ଶ ଦେଇଥିଲେ। ବୌଦ୍ଧ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିଚାଳନା ସମିତି ସଭାପତି ଆରତୀ ସାହୁ ଓ ସମ୍ପାଦକ ରାଜ କିଶୋର ମହାରଣାଙ୍କ ତତ୍ତ୍ୱାବଧାନରେ ପ୍ରଧାନଆଚାର୍ଯ୍ୟ ଧରଣୀଧର ପରିଡା ଓ ଅନ୍ୟ ଆଚାର୍ଯ୍ୟା ଆଚାର୍ଯ୍ୟମାନେ ସହଯୋଗ କରିଥିଲେ ।

## ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟରେ ସଚେତନତା ଶିବିର
# ତମାଖୁ ବର୍ଜନ ବାର୍ତ୍ତା ଦେଲେ ଛାତ୍ରୀଛାତ୍ର

**ବୌଦ୍ଧ,୧୯।୧(ସ୍ୱ.ପ୍ର)**

ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ପରିସରରେ ଦୁଇଦିନିଆ ତମାଖୁ ସଚେତନତା ଶିବିର ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଦିବସରେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ବିଶ୍ୱରଞ୍ଜନ ସାହୁ ଓ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମହାପାତ୍ର ଅତିଥି ଭାବେ ଯୋଗଦାନ କରିଥିଲେ । ସାଧନ କର୍ମୀ ଆଲୋକ କୁମାର ମିଶ୍ର ତମାଖୁ ବ୍ୟବହାର କରି ଜନସାଧାରଣ କିପରି ରୋଗଗ୍ରସ୍ତ ହେଉଛନ୍ତି ସେ ସମ୍ପର୍କରେ ଆଲୋକପାତ କରିଥିଲେ । ଯୁବ ରେଡକ୍ରସ୍‌ର ସମ୍ପାଦକ ଅଧ୍ୟାପକ ପ୍ରବୀର କୁମାର ଦାସ ତମାଖୁ ସେବନ ଦ୍ୱାରା ଯୁବପିଢି ଅଳ୍ପ ବୟସରେ କିପରି ମୃତ୍ୟୁର ଶିକାର ହେଉଛନ୍ତି ଏବଂ ଏହାଠାରୁ ଦୂରେଇ ସୁସ୍ଥ ଜୀବନଯାପନ କରିବାକୁ ପରାମର୍ଶ ଦେଇଥିଲେ । ଶିକ୍ଷା ବିଭାଗର ଅଧ୍ୟାପକ ଦିଲୀପ କୁମାର ଖୁଣ୍ଟିଆ ନିଶା ସେବନରୁ ବିରତ ରହିବା ପାଇଁ ଉତ୍ସାହିତ କରିଥିଲେ । ଶିବିରର ଉଦ୍‌ଯାପନୀ ଦିବସରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମହାପାତ୍ର ଅତିଥି ଭାବେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। ମହାବିଦ୍ୟାଳୟକୁ ତମାଖୁ ନିଷେଧ ଅଞ୍ଚଳ ଭାବରେ ଘୋଷଣା କରିବା ପାଇଁ ଏହି ଶିବିରରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ମହାବିଦ୍ୟାଳୟର ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି ଶିବିରରେ ଯୋଗ ଦେଇଥିଲେ । ଯୁବ ରେଡକ୍ରସର ସ୍ୱେଚ୍ଛାସେବୀ ଓ ମହାବିଦ୍ୟାଳୟର ଏନସିସି ଛାତ୍ରୀଛାତ୍ରଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା ।



ବୌଦ୍ଧ ପଞ୍ଚାୟତ କଲେଜରେ ପିଲାମାନେ ତମାଖୁ ବର୍ଜନ ପାଇଁ ସଚେତନ କରୁଛନ୍ତି ।

# ରାମଗଡ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ବୌଦ୍ଧ,୧୯।୧(ସ୍ୱ.ପ୍ର)**

ହରଭଙ୍ଗା ବ୍ଲକ ରାମଗଡ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବକୁ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଲମ୍ଫଡିଆଁ, ଦୌଡ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର କ୍ରୀଡା ଶିକ୍ଷକ ଦଶରଥ ଭୋଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କ୍ରୀଡା ଉତ୍ସବ ପରିଚାଳନାରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ ।


ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।



ନିଜକୁ ସମାଲୋଚନା କରିବାର କଳା ଯେ ଶିଖିଛି,
ସେ ଉନ୍ନତି ପଥରେ ନିଶ୍ଚୟ ଆଗେଇ ଯାଇଛି।
- ଫ୍ରାଙ୍କଲିନ୍

## ସଂକ୍ଷେପରେ

### ଶୃଙ୍ଖଳା, ଅଧ୍ୟବସାୟ ଛାତ୍ର ଜୀବନର ଚାବି କାଠି

ରେଙ୍ଗାଲି,୧୯।୧(ଡି.ଏନ.ଏ.)

ରେଙ୍ଗାଲି ସୁରଜମଲ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଶନିବାର କଲେଜ ଅଧକ୍ଷ ସୁଜିତ କୁମାର ସେନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦୀପକ କୁମାର ବେହେରା ଯୋଗ ଦେଇ ଆତ୍ମ ସମୀକ୍ଷା, ଆତ୍ମବିଶ୍ୱାସ ଓ ଇଚ୍ଛାଶକ୍ତି ଜୀବନର ମୂଳମନ୍ତ୍ର। ଶୃଙ୍ଖଳା ଓ ଅଧ୍ୟବସାୟ ଛାତ୍ରୀଛାତ୍ରମାନଙ୍କ ଚାବି କାଠି ବୋଲି କହିଥିଲେ। ଅଧାପକ ଡ. ମନୋଜ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧାପିକା ପ୍ରଣତୀ ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ । ପ୍ରଧାପିକା ଡ. ମିନତୀ ଶତପଥୀ, ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗର୍ଡିଆ ଉପସ୍ଥିତ ଥିଲେ। କଲେଜର ବିଶିଷ୍ଟ ପ୍ରତିଭା ତୀରନ୍ଦାଜ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଶଙ୍କର ମୁଣ୍ଡା ଓ ମେଧାବୀ ଛାତ୍ରୀ ଚାନ୍ଦିନୀ ଓରାମଙ୍କୁ ପୁରସ୍କୃତ କରାଯାଇଥିଲା। ମୁଖ୍ୟ କିରାଣୀ ମୁକୁନ୍ଦରାମ ପଟେଲଙ୍କୁ ମଧ ସମ୍ମାନିତ କରାଯାଇଥିଲା । କଲେଜରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ଜୋଙ୍କ ସେଚ ପ୍ରକଳ୍ପ ପାଣି ବିବାଦ

# ତଳମୁଣ୍ଡ ଚାଷୀଙ୍କ ୧୨ଘଣ୍ଟିଆ ନୂଆପଡ଼ା ବନ୍ଦ

ନୂଆପଡା ଅଫିସ,୧୯।୧

ନୂଆପଡା ଜିଲା ଜୋଙ୍କ ଜଳସେଚନ ପ୍ରକଳ୍ପରୁ ରବି ଚାଷ ସକାଶେ ପାଣି ବଣ୍ଟନକୁ ନେଇ ଉପର ମୁଣ୍ଡ ଏବଂ ତଳ ମୁଣ୍ଡଚାଷୀଙ୍କ ମଧ୍ୟରେ ମୁଣ୍ଡ ଟେକିଥିବା ବିବାଦ ଦିନକୁ ଦିନ ଉଗ୍ର ରୂପ ନେବାରେ ଲାଗିଛି। ଶନିବାର ତଳମୁଣ୍ଡର ଚାଷୀମାନେ ତୁରନ୍ତ ପାଣି ଯୋଗାଇଦେବା ଦାବିରେ ୧୨ଘଣ୍ଟିଆ ନୂଆପଡା ବନ୍ଦ ଡାକରା ଦେଇଥିଲେ। ଫଳରେ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ନୂଆପଡ଼ା ଜିଲା ସଦର ମହକୁମା ସମେତ ଖରିଆରରୋଡ ସହର ବନ୍ଦ ରହିଥିଲା । ଏପରି କି ୩୫୩ ନମ୍ବର ଜାତୀୟ ରାଜପଥରେ ଗାଡି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା । ଅନ୍ୟପକ୍ଷେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବା ସମ୍ଭାବନାକୁ ଏଡାଇବାକୁ ଶାନ୍ତି କମିଟି ବୈଠକ ୩ ଘଣ୍ଟା ଧରି ବସି ବିଚାର ଆଲୋଚନା କରିଥିଲେ ମଧ ଏଥିରୁ କୌଣସି ସୁଫଳ ମିଳି ନ ଥିଲା ।

ସୂଚନା ଅନୁସାରେ, ଜିରୋ ହେଡକୁ ରବି ଚାଷ ପାଇଁ ପାଣି ଦେବା ସହ ବିଭିନ୍ନ ଦାବିରେ ଉପର ମୁଣ୍ଡ ଚାଷୀଙ୍କୁ ନେଇ ଯୋଗେଶ୍ୱର କୃଷକ ମଞ୍ଚ ପକ୍ଷରୁ ଦିଆଯାଇଥିବା ଧାରଣା ଶନିବାର ୨୬ଦିନରେ ପହଞ୍ଚିଛି । ଅନ୍ୟପକ୍ଷେ ତଳ ମୁଣ୍ଡ ଚାଷୀଙ୍କ ରବି ଚାଷ ସକାଶେ ପାଣି ଯୋଗାଇବାରେ ପ୍ରଶାସନ ଫେଲ ମାରିଥିବାରୁ ଚାଷୀଙ୍କ ଅସନ୍ତୋଷ ଉଗ୍ର ରୂପ ଧାରଣ କରିଛି । ବିଗତ ଦିନରେ ଚାଷୀମାନେ ଏହାକୁ ନେଇ ଜାତୀୟ ରାଜପଥ ଅବରୋଧ କରି ଜିଲାପାଳଙ୍କ ଅଫିସ ଘେରାଉ କରିଥିଲେ । ହେଲେ ସେମାନଙ୍କୁ ନ୍ୟାୟ ନ ମିଳିବାରୁ ଶେଷରେ ଶନିବାର ସକାଳ ୬ଟାରୁ ଚାଷୀମାନେ ନୂଆପଡ଼ା ଏବଂ ଖରିଆରରୋଡ ସହର ବିଭିନ୍ନ ଜାଗାରେ ଜାତୀୟ ରାଜପଥ ଅବରୋଧ କରିଥିଲେ । ମାମଲାକୁ ଗୁରୁତ୍ୱ ଦେଇ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ଏକ ଶାନ୍ତି କମିଟି ବୈଠକ କରାଯାଇଥିଲା। ଏଥିରେ ବରିଷ୍ଠ ଆଇନଜୀବୀ ମୁରଲୀଧର ପଣ୍ଡା ସଭାପତିତ୍ୱ କରିଥିଲେ । ଉପଜିଲାପାଳ ତରଣୀସେନ ନାଏକ, ଅତିରିକ୍ତ ଏସ୍‌ପି ସୁନୀଲ ଆଚାର୍ଯ୍ୟ, ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଗୌରାଙ୍ଗ ଚରଣ ସାହୁ, ଏସ୍‌ଡିପିଓ ବିଦ୍ୟୁତ୍ ଚନ୍ଦ୍ର ପଣ୍ଡା, ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ, ସରୋଜ ସାହୁ, ହାଲ୍ଲା ସିଂ, ଟୁକୁ ଯୋଷୀ, ପିଣ୍ଟୁ ପାଣିଗ୍ରାହୀ, ଶ୍ୱେତରାମ ଦେୱାଙ୍ଗନ, ଉପର ମୁଣ୍ଡରୁ ଯୋଗେଶ୍ୱର ମଞ୍ଚ ସଭାପତି ପ୍ରକାଶ ଦିକ୍ଷୀତ, ସମ୍ପାଦକ ଭରତଲାଲ ରାଉତ, କମଳେଶ ଦିକ୍ଷୀତ, ତଳ ମୁଣ୍ଡରୁ ଏପେକ୍ସ କମିଟି ସଭାପତି ରାଜେଶ କୁମାର ନିଗମ, ଧନୀ ସାହୁ, ପ୍ରମୋଦ କୁମାର ସାହୁ, ମନୋଜ ସାହୁ, ମହେଶ ନିଆଲ, ରାଜେନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଏ ସମ୍ପର୍କରେ ୩ଘଣ୍ଟା ଧରି ଆଲୋଚନା କରାଯାଇଥିଲେ ମଧ କୌଣସି ନିର୍ଯ୍ୟାସ ବାହାରି ନ ଥିଲା । ଶେଷରେ ତଳ ମୁଣ୍ଡଚାଷୀମାନେ ସନ୍ଧ୍ୟା ୬ଟା ପରିବର୍ତ୍ତେ ଆନ୍ଦୋଳନକୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଚାଲୁ ରଖିବେ ବୋଲି ଘୋଷଣା କରି ରାସ୍ତାରେ ବସି ରହିଥିଲେ । ବରିଷ୍ଠ ପୋଲିସ ଅଧିକାରୀମାନେ ଧାରଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ପରେ ରାତି ସାଢେ ୧୦ଟାରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ।



ନୂଆପଡା ଏକତା ଛକ ନିକଟରେ ଆନ୍ଦୋଳନକାରୀମାନେ ରାସ୍ତା ଅବରୋଧ କରିଛନ୍ତି।

- ୩ଘଣ୍ଟାର ଶାନ୍ତି କମିଟି ବିଫଳ
- ପ୍ରତିଶ୍ରୁତି ପରେ ଆନ୍ଦୋଳନ ହଟିଲା

ଧବଳେଶ୍ୱର କ୍ରିକେଟ ଟୁର୍ନାମେଣ୍ଟ

# ତୃତୀୟ କ୍ୱାର୍ଟର ଫାଇନାଲରେ ସମ୍ବଲପୁର ବିଜୟୀ

ମୋହନଗିରି,୧୯।୧(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକର ମୋହନଗିରିଠାରେ ଜାନୁୟାରି ୧୦ତାରିଖରୁ ଚାଲି ଥିବା ଧବଳେଶ୍ୱର କ୍ରିଡ଼ା ଓ ସାଂସ୍କୃତିକ ଅନୁଷ୍ଠାନର ଜିଲାସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟର ଶନିବାର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ସମ୍ବଲପୁର ଏବଂ ଭାବାନୀପାଟଣା ମଧ୍ୟରେ ହୋଇଥିଲା। ଟସ୍ ଜିଣି ସମ୍ବଲପୁର ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୧୮ ଓଭରରେ ୯ ଉଇକେଟ ହରାଇ ୨୦୯ରନ୍ ସଂଗ୍ରହ କରି ଥିଲା। ଯବାବରେ ଭବାନୀପାଟଣା ଦଳ ୧୮ ଓଭରରେ ୯ ଉଇକେଟ ହରାଇ ୧୦୪ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲେ। ବ୍ୟକ୍ତିଗତ ଭାବେ ୧୨ ରନ୍ ଓ ୩ ଉଇକେଟ ହାସଲ କରିଥିବା ସମ୍ବଲପୁରର ଇଜାଜ୍ ମହମ୍ମଦଙ୍କୁ ମ୍ୟାଚର ମ୍ୟାନ ଅଫ ଦି ମ୍ୟାଚ ଭାବେ ଘୋଷଣା କରାଯାଇଥିଲା। ମ୍ୟାଚରେ ଅମ୍ପାୟର ଭାବେ ସତ୍ୟ ମହାପାତ୍ର ଓ ସତ୍ୟମ ହୋତା ଖେଳ ପରିଚାଳନା କରିଥିବା ବେଳେ, ଧାରାବିବରଣୀରେ ସ୍ୱପ୍ନେଶ୍ୱର କର୍ମୀ, ଜଳେଶ୍ୱର ସାହୁ ଏବଂ ଦିବାକର ସାହୁ, ସ୍କୋର ବୋର୍ଡରେ ସୁନିଲ କୁମାର ଭୋଇ ଓ ଚନ୍ଦ୍ରଭାନୁ ବେହେରା ଦାୟିତ୍ୱ ସମ୍ପାଦନା କରିଥିଲେ। ୨୦ ତାରିଖ ଟୁର୍ନାମେଣ୍ଟର ସପ୍ତମ ଲିଗ୍ ମ୍ୟାଚ କଳାହାଣ୍ଡିର କୁସୁର୍ଲା ଏବଂ ବଲାଙ୍ଗୀରର ବଡମାଳ ମଧ୍ୟରେ ଖେଳାଯିବ।

# ଉପଜିଲାପାଳଙ୍କୁ ମଣ୍ଡି ସମସ୍ୟା ସମ୍ପର୍କରେ ଜଣାଇଲେ ଚାଷୀ

ରେଢ଼ାଖୋଲ,୧୯।୧(ଡି.ଏନ.ଏ.)

ରେଢ଼ାଖୋଲ ରାମ ମନ୍ଦିର ପରିସରରେ ଶନିବାର ନବ ନିର୍ମାଣ କୃଷକ ସଂଗଠନ ରେଢ଼ାଖୋଲ ଶାଖାର ଏକ ବୈଠକ ଅନୁଷ୍ଠିତ ହୋଇଛି। ଦୁର୍ଯ୍ୟୋଧନ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଯୋଗ ଦେଇଥିଲେ। ସଂଗଠନ ପକ୍ଷରୁ ଚାଷୀମାନଙ୍କ ପାଇଁ ଦାବି କରାଯାଇଥିବା ପ୍ରାଇସ, ପେନସନ, ପ୍ରେଷ୍ଟିଜ ସମ୍ପର୍କରେ ଆଲୋଚନା କରିବା ସହିତ ଚାଷୀମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଧାନ ମଣ୍ଡି ଗୁଡିକରେ ଦେଖା ଦେଇଥିବା ଅବ୍ୟବସ୍ଥା ଉପରେ ପ୍ରଶାସନ କୌଣସି ପଦକ୍ଷେପ ନେଉ ନ ଥିବା ଯୋଗୁ ଅସନ୍ତୋଷ ପ୍ରକାଶ ପାଇଥିଲା। ମଣ୍ଡିରେ କଟନି ଛଟନି ଓ ଦଲାଲମାନଙ୍କ ସକ୍ରିୟତା, ଠିକ ସମୟରେ ଧାନର ପ୍ରାପ୍ୟ ମିଳୁ ନ ଥିବା ବେଳେ ରେଢ଼ାଖୋଲ ବନଖଣ୍ଡରେ ହାତୀ ଓ ବନ୍ୟଜନ୍ତୁ ଉପଦ୍ରବ ଯୋଗୁ କ୍ଷତି ହେଉଥିବା ଫସଲର କ୍ଷତିପୂରଣ ଓ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ବୀମାରାଶି ପ୍ରଦାନ କରାଯାଉ ନ ଥିବା ନେଇ ଚାଷୀମାନେ ଅଭୀଯୋଗ କରିଥିଲେ। ଫେବ୍ରୁୟାରୀ ୬ରେ ଭୁବନେଶ୍ୱରରରେ ଅନୁଷ୍ଠି ହେବାକୁ ଥିବା ରାଜ୍ୟସ୍ତରୀୟ ସମାବେଶରେ ବହୁ ସଂଖ୍ୟାରେ ଯୋଗ ଦେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବୈଠକ ପରେ ଆବାହକ ଦୋଳଗୋବିନ୍ଦ ପ୍ରଧାନଙ୍କ ନେତୃତ୍ୱରେ ଏକ ଚାଷୀ ପ୍ରତିନିଧି ଦଳ ଉପଜିଲାପାଳ ବିଶିକେସନ ଦେହୁରୀଙ୍କୁ ସାକ୍ଷାତ କରି ମଣ୍ଡି ଅବ୍ୟବସ୍ଥା ଓ ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ। ବୈଠକରେ ମାଗୁଣି ପ୍ରଧାନ, ଭଗବାନ ପ୍ରଧାନ, ବିଶ୍ୱନାଥ ବେହେରା, ଜଗବନ୍ଧୁ ପ୍ରଧାନ, ବାମଦେବ ଦେହୁରୀ, କରୁଣା ସାହୁ, ରମାକାନ୍ତ ସାହୁ, ସୁଦାମ ଧଳ, ରମଣି ରଂଜନ ଦେହୁରୀ, ପବିତ୍ର ଲୋକନାଥ ପ୍ରଧାନଙ୍କ ସମେତ ବହୁ ଚାଷୀ ଯୋଗ ଦେଇଥିଲେ।

# ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

ନୂଆପଡା ଅଫିସ,୧୯।୧

ଶିକ୍ଷାର ପରିସୀମା ବ୍ୟାପକ। ଶିକ୍ଷାକୁ ଯେକୌଣସି କ୍ଷେତ୍ରରେ ବ୍ୟବହାର କରାଯାଇପାରିବ। ଏହା ଦ୍ୱାରା ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ମତ ପ୍ରକାଶ ପାଇଛି। ସ୍ଥାନୀୟ ଦିଲ୍ଲୀ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବରେ ଯୋଗ ଦେବା ଅବସରରେ ଅତିଥିମାନେ ଏହା କହିଛନ୍ତି। ଶୁକ୍ରବାର ବିଳମ୍ବିତ ରାତ୍ରିରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ନାଏକ ସଭାପତିତ୍ୱ କରିଥିବା ବେଳେ କଳାହାଣ୍ଡି ଏମ୍‌ପି ଅର୍କକେଶରୀ ସିଂ ଦେଓ ମୁଖ୍ୟଅତିଥି, ନୂଆପଡ଼ା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ ମୁଖ୍ୟ ବକ୍ତା, ବିଦ୍ୟାଳୟର ଅଧ୍ୟକ୍ଷ ପ୍ରେମ ଅଗ୍ରୱାଲ, ପରିଚାଳନା ନିର୍ଦ୍ଦେଶକ ସରୋଜବାଇ ଅଗ୍ରୱାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ ଶିକ୍ଷାର ବିଭିନ୍ନ ଦିଗ ଉପରେ ଉପସ୍ଥାପନ କରିଥିବା ବେଳେ ଏହି ଦିଗରେ ବିଦ୍ୟାଳୟ ଜିଲାରେ କିପରି ଏକ ସ୍ୱତନ୍ତ୍ର ସ୍ଥାନ ଲାଭ କରିଛି ତାହା କହିଥିଲେ। ଶିକ୍ଷୟିତ୍ରୀ ସଂଯୁକ୍ତା ନାଏକ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଆଦର୍ଶ ଅଭିଭାବକ ଭାବେ ସନ୍ତୋଷ ଅଗ୍ରୱାଲ, ଗୋରେଲାଲ ନିଆଲଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏଥିରେ ମୋଟ ୧୮ଟି ଗ୍ରୁପରେ ଡ୍ୟାନ୍ସ, ନାଟକ ପ୍ରଦର୍ଶୀତ ହୋଇଥିଲା। ଏହାକୁ ସମସ୍ତ ଅଭିଭାବକ, ଛାତ୍ରୀଛାତ୍ର ମନଭରି ଉପଭୋଗ କରିଥିଲେ। ବିଦ୍ୟାଳୟର ଶିକ୍ଷକ ସମସେର ଅଲୀ, ପଞ୍ଚାବୀ ମାଝି ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମର ନିର୍ଦ୍ଦେଶନା ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀ ସହଯୋଗ କରିଥିଲେ।



ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଛାତ୍ରୀଛାତ୍ର।

୧୬ଶ କେସିଏସ୍ଏ କପ୍ କ୍ରିକେଟ ଟୁର୍ନାମେଣ୍ଟ

# ଟାଉନ ଇଲେଭେନ୍ ଭୁବନେଶ୍ୱର ଚାମ୍ପିୟନ

ଖଡିଆଲ,୧୯।୧(ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ପଡିଆଠାରେ ଚାଲିଥିବା ୧୬ଶ କେସିଏସ୍ଏ କପ୍ କ୍ରିକେଟ ଟୁର୍ନାମେଣ୍ଟର ଶନିବାର ଅନୁଷ୍ଠିତ ଫାଇନାଲ ଖେଳରେ ପିସିସି ପାଟଣାଗଡକୁ ୯୨ ରନ୍ ବ୍ୟବଧାନରେ ହରାଇ ଟାଉନ ଇଲେଭେନ୍ ଭୁବନେଶ୍ୱର ଦଳ ଚଳିତ ବର୍ଷର ଚାମ୍ପିୟନ ହୋଇଛି । ଭୁବନେଶ୍ୱର ଦଳ ଟସ୍ ଜିଣି ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ବ୍ୟାଟ୍ସ ମ୍ୟାନ ବିଶାଳ କରଙ୍କ ୪୩ ରନ୍, ଦୀପକ ମାଝି ୪୮ ଲୁହା ମିଶ୍ରଙ୍କ ୪୩ ରନ୍ ସହାୟତାରେ ୧୯୧ରନ୍‌ର ବିଶାଳ ସ୍କୋର କରିଥିଲା। ଜବାବରେ ପାଟଣାଗଡ ଦଳ ପଡିଆକୁ ଓହ୍ଲାଇ ଦ୍ରୁତ ଗତିରେ ରନ୍ ସଂଗ୍ରହ କରିବାକୁ ଯାଇ ଦଳର ବ୍ୟାଟ୍ସମ୍ୟାନ ରାହୁଲଙ୍କ ୩୮ ରନ୍ ସହାୟତାରେ ୧୯ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୯୯ ରନ୍ କରିବାକୁ ସକ୍ଷମ ହୋଇଥିଲା। ଫଳରେ ଭୁବନେଶ୍ୱର ଦଳ ୯୨ ରନ୍ ବ୍ୟବଧାନରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଆସୋସିଏଶନ୍ ସଭାପତି ଅଧିରାଜ ପାଣିଗ୍ରାହୀଙ୍କ ଅଧକ୍ଷତା ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଖଡିଆଳ ବନଖଣ୍ଡ ଅଧିକାରୀ ଖୁସବନ୍ତ ସିଂ ମୁଖ୍ୟଅତିଥି, ପୂର୍ବତନ ବିଧାୟକ ରାଜେନ୍ଦ୍ର ଢ଼ୋଲକିଆ, ଜିଲା ପରିଷଦ ସଭ୍ୟ ଉଜ୍ଜ୍ୱଳ ଗୁପ୍ତା, ଖଡିଆଳ ଆଇଆଇସି ସଦାନନ୍ଦ ପୂଜାହାରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଭୁବନେଶ୍ୱର ଦଳକୁ ନଗଦ ୩୧ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅଫ୍ ପାଟଣାଗଡ ଦଳକୁ ନଗଦ ୨୧ ହଜାର ସହ ଟ୍ରଫି ପ୍ରଦାନ କରାଯାଇଥିଲେ। ଭୁବନେଶ୍ୱର ଦଳର ଖେଳାଳି ବିଶାଳ କର ବ୍ୟାଟିଂରେ ୪୩ ରନ୍ ଓ ବୋଲିଂରେ ୪ ଉଇକେଟ ହାସଲ କରି ବିଜୟୀରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବାରୁ ତାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଓ କ୍ୟାପଟେନ୍ ଦୀପକ ମାଝିଙ୍କୁ ମ୍ୟାନ୍ ଅଫ୍ ଦି ସିରିଜରେ ବିବେଚିତ କରି ପୁରସ୍କୃତ କରାଯାଇଥିଲା। ଶେଷରେ ଆସୋସିଏଶନ୍‌ର ସମ୍ପାଦକ ସନ୍ତୁ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଓସିଏର ପ୍ୟାନେଲ ଅମ୍ପାୟର ପ୍ରତାପ ପାତ୍ର, ଚୁଡାମଣି ପାଢ଼ୀ ଖେଳ ପରିଚାଳନା କରିଥିଲେ। ସୋନୁ ପଟ୍ଟନାୟକ ସ୍କୋରର ଦାୟିତ୍ୱ ତୁଲାଇଥିଲେ । ଟୁର୍ନାମେଣ୍ଟକୁ ସଫଳ କରିବାରେ ଆସୋସିଏଶନ୍‌ର ବିନୋଦ ତାଣ୍ଡି, ଶିବ ସଂଘଲ, କପିଳ ସାଗର, ସାନ ଜଗତ, ବଡ ଜଗତ, ମନୋଜ ଦୀପ, ଅମିତାଭ ପଟେଲ ପ୍ରମୁଖ ସହଯୋଗ କରିଥିଲେ।




ଅତିଥିଙ୍କ ଗହଣରେ ଟ୍ରଫି ସହ ଖେଳାଳିମାନେ।

# ଇଂଲିଶ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଜୁନାଗଡ,୧୯।୧(ଡି.ଏନ୍.ଏ/ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜୁନାଗଡ଼ ସହର ଅଗ୍ରସେନ ଭବନ ପରିସରରେ ଶନିବାର ସନ୍ଧ୍ୟାରେ ସ୍ଥାନୀୟ ଶାଇନିଂ କିଡ୍‌ସ ୱାଲଡ୍ ଇଂଲିଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଥୁଆମୁଲ ରାମପୁର ମା' ମାଣିକେଶ୍ୱରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟ ନାରାୟଣ ମୁଣ୍ଡଛିନା, ମୁଖ୍ୟ ବକ୍ତା ମାଧବ ବେହେରା, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ରାଧେଶ୍ୟାମ ପଣ୍ଡା, ବେଦ ପ୍ରକାଶ ଗୋଏଲ ପ୍ରମୁଖ ଯୋଗଦେଇ ଆଧୁନିକ ଶିକ୍ଷାର ଉନ୍ନତି ଉପରେ ଉଦ୍‌ବୋଧନ ଦେଇଥିଲେ। ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ କୃତୀ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ଟ୍ରଫି ସହ ପୁରସ୍କୃତ କରାଯାଇଥିଲା। ପରେ ଶିଶୁମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଯାହାକି ବେଶ୍ ଚିତ୍ତାକର୍ଷକ ହୋଇଥିଲା। ଏହାକୁ ଶର୍ମିଷ୍ଠା ଯୋଷୀ ଏବଂ ଇନ୍ଦ୍ରଜିତ ସିଂହ ପରିଚାଳନା କରିଥିଲେ। ବିଦ୍ୟାଳୟର ମୁଖ୍ୟ କାର୍ଯ୍ୟନିର୍ବାହୀ ପ୍ରବୀର ଗୋୟଲ ଓ ତାଙ୍କ ସ୍ତ୍ରୀ ସରିତା ଗୋୟଲଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ଶିକ୍ଷକ ହିରାକ୍ଷ ବାଣୁଆ, ଦେବଶ୍ରୀତା, ସୁଦୀପ୍ତ ପୁରୋହିତ, ଗୋସିଆ ବାଇ, ମିତା ମାଝି, ଦେବହୁତୀ ଚିନ୍ଦା, ରାକେଶ ମେହେର, ସଙ୍ଗୀତା ସାହୁ ଓ ସନ୍ତୋଷିନୀ ସାହୁ ପ୍ରମୁଖ କାର୍ଯ୍ୟ ସମ୍ପାଦନା କରିଥିଲେ। ଶେଷରେମ୍ ଗାୟତ୍ରୀ ପୂଝାରୀ ଧନ୍ୟବାଦ ଦେଇଥିଲେ।




ଶାଇନିଂ କିଡ୍‌ସ ୱାଲଡ୍‌ର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

MAHENDAR FINANCE
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
8860754476
7838556518
Block Chack, Balasore-756027

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 15000ରୁ 25000 ମାସିକ ଲାପଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
BUKAR, MALEPUR, JAMUI, BIHAR-811313
9065013355, 9162431749

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୁରଣ କରନ୍ତୁ । ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

1985ରୁ ସହସ୍ରାଧିକଙ୍କୁ ଲାଭ
ମହାକାଳୀ ଶକ୍ତିପୀଠ ଉତ୍ତରାଖଣ୍ଡ
ପ୍ରଫେସର ବିପି ଖନ୍ନା
ତନ୍ତ୍ର-ମନ୍ତ୍ର ଅନୁଭବୀ PhD ଜ୍ୟୋତିଷ କାଳୀ ମହାବିଦ୍ୟାର ତପସ୍ୱୀ ତାନ୍ତ୍ରିକ
(ପ୍ରେମବିବାହର 1757 କେସ୍ ସଫଳ)
ମହାବଶୀକରଣ, ପ୍ରେମରେ ଧୋକା, ସଉତୁଣୀ ଶତ୍ରୁ, ଗୃହକ୍ଲେଶ, ଯାଦୁ-ଟୋନା, ସନ୍ତାନ ବାଧା
'ଠକ ବଙ୍ଗାଳି ମୌଲବୀ ବାବାଙ୍କ ପ୍ରତି ସାବଧାନ'
'ଘଣ୍ଟା-ମିନିଟ୍‌ରେ ନିଦାନର ଦାବି ଧୋକା ଅଟେ'
09198771709
ସବୁଆଡ଼ୁ ନିରାଶ ବ୍ୟକ୍ତି ସମ୍ପୂର୍ଣ୍ଣ ସମାଧାନ ପାଆନ୍ତୁ

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠକରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

BUSINESS
ଖାଲିଥିବା ଜମି ଓ ଛାତ ଉପରେ ହିନ୍ଦୁସ୍ଥାନ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 95,000,00/- ପାଆନ୍ତୁ ଓ ମାସକୁ ଭଡା 95,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଦରମା 70,000/-ଟଙ୍କା + 1 Bike
ରେଜିଷ୍ଟ୍ରେସନ ଫ୍ରୀ - ଏଗ୍ରୀମେଣ୍ଟ ୨୦ ବର୍ଷ
Plot No - 114/617, Devaraja Mohalla, Bangalore, Karnataka 570001
9634734514
7599131272



ମୁଁ ଅନ୍ୟକୁ ଥଟ୍ଟା କରେ ସତକଥା କହି, କାରଣ ସତ୍ୟ ହେଉଛି ସବୁଠାରୁ ବଳି ଆମୋଦଦାୟକ ଥଟ୍ଟା।
- ଜର୍ଜ ବର୍ନାଡ ଶ



## ସଂକ୍ଷେପରେ

### ବସ୍ ତଳେ ପଶିଗଲା ବାଇକ୍

ରେଙ୍ଗାଲି, ୧୯।୧ (ଡି.ଏନ.ଏ.)- ସମ୍ବଲପୁର-ରାଉରକେଲା ବିଜୁ ଏକ୍ସପ୍ରେସ ୱେ ତଥା ଶାସନ ଥାନା ଅନ୍ତର୍ଗତ ବାଏପାସ ଗେଟପଡା ଛକ ନିକଟରେ ବସ୍-ବାଇକ୍ ଦୁର୍ଘଟଣାରେ ଜଣେ ଗୁରୁତର ଆହତ ହୋଇ ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଶନିବାର ଅପରାହ୍ନ ସାଢ଼େ ୪ଟାରେ ଶାସନ ଥାନା ଅନ୍ତର୍ଗତ ଗେଟପଡା ଛକ ନିକଟରେ ଆଦିତ୍ୟ ରେସିଡେନସିଆଲ ସ୍କୁଲର (ଓଆର୍ ୧୫ ଏଫ- ୭୪୮୮) ବସ୍ ଝାରସୁଗୁଡା ପଟକୁ ଯିବା ସମୟରେ ଝାରସୁଗୁଡାରୁ ସମ୍ବଲପୁରକୁ ଏକ ବାଇକ୍ (ଓଆର୍ ୧୫ ଆର୍- ୭୪୨୦ ସିବିଜେଡ୍)ରେ ଯାଉଥିବା ରଜତ ସାହୁ (୨୧) ବସ ସହ ମୁହାଁମୁହିଁ ଧକ୍କା ହୋଇଥିଲେ। ବାଇକଟି ବସ୍ ତଳେ ପଶିଯାଇଥିଲା । ରଜତଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବୁର୍ଲା ଡାକ୍ତରଖାନା ପଠାଯାଇଛି । ଶାସନ ଥାନା ପୋଲିସ ଏକ ଦୁର୍ଘଟଣା ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି।

### ରାସ୍ତା ପ୍ରଶସ୍ତୀକରଣ ନାମରେ ଚାଲିଛି ଗଛ କଟା

# ବିଭିନ୍ନ ମହଲରେ ଉଦ୍‌ବେଗ

ଭବାନୀପାଟଣା, ୧୯।୧(ଡି.ଏନ୍.ଏ.)

କଳାହାଣ୍ଡି ଜିଲାର ଜଙ୍ଗଲଗୁଡିକ ଦିନକୁ ଦିନ ଲଣ୍ଡା ହେବାରେ ଲାଗିଛି। ଏଭଳିସ୍ଥିତିରେ ଜିଲାର ବିଭିନ୍ନ ଅଞ୍ଚଳର ରାସ୍ତାଗୁଡିକ ପ୍ରଶସ୍ତୀକରଣ କରାଯିବା ନାମରେ ପୂର୍ତ୍ତ ଓ ଜାତୀୟ ରାଜପଥ ବିଭାଗ ପକ୍ଷରୁ ରାସ୍ତାର ଉଭୟପାର୍ଶ୍ୱରେ ଥିବା ବହୁ ପୂରାତନ ଏବଂ ମୂଲ୍ୟବାନ ଗଛଗୁଡିକୁ କାଟି ଦିଆଯାଉଛି। ଏନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇବା ସହ ଗଛକଟା ବନ୍ଦ କରିବାକୁ ଦାବି ହୋଇଛି। ଗତ ୫ ବର୍ଷ ମଧ୍ୟରେ ଜିଲାର ରାସ୍ତାକଡରେ ଥିବା ହଜାର ହଜାର ମୂଲ୍ୟବାନ ଗଛ କାଟି ଦିଆଯାଇଥିବା ଜଣାପଡିଛି। ହେଲେ ପରବର୍ତ୍ତୀ ଅବସ୍ଥାରେ ରସ୍ତାକଡରେ ଗଛ ଲଗାଯାଉ ନ ଥିବା ଅଭିଯୋଗ ହୋଇଛି। ୫ ବର୍ଷ ମଧ୍ୟରେ ଭବାନୀପାଟଣାଠାରୁ ଖଡିଆଳ, କେସିଙ୍ଗା ଅମାଠ ଛକଠାରୁ ଭବାନୀପାଟଣା ଦେଇ ଜୁନାଗଡ଼, ଆମପାଣି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ସକାଶେ ବିରାଟକାୟ ଗଛ ସବୁ କାଟି ଦିଆଯାଇଛି। ହେଲେ ବର୍ତ୍ତମାନ ସୁଦ୍ଧା ରାସ୍ତାରେ ଆଖିଦୃଶିଆ ବୃକ୍ଷରୋପଣ କରାଯାଇ ନାହିଁ। ଅନ୍ୟପକ୍ଷେ ରାସ୍ତାକଡରେ କେତେ ଗଛ ଲଗାଯାଇଛି ଏବଂ ବର୍ତ୍ତମାନ କେତେ ଗଛ ବଞ୍ଚି ରହିଛି, ସେନେଇ କେତେ ଖର୍ଚ୍ଚ ହୋଇଛି ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସାଧାରଣରେ ଦାବି ହୋଇଛି। ବର୍ତ୍ତମାନ ଭବାନୀପାଟଣା ସ୍ୱୟଂଶାସିତ ମହାବିଦ୍ୟାଳୟଠାରୁ ଛତିଗୁଡା ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ବିରାଟକାୟ ଗଛଗୁଡିକୁ କାଟି ଦିଆଯାଉଛି। ଏନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଜନସାଧାରଣ ଦାବି କରିଛନ୍ତି।



ଭବାନୀପାଟଣା ସ୍ୱୟଂଶାସିତ ମହାବିଦ୍ୟାଳୟଠାରୁ ଛତିଗୁଡା ରାସ୍ତାରେ ଗଛକଟା ଚାଲିଛି।

## ପାଣି ପଞ୍ଚାୟତ ପକ୍ଷ ବିଭାଜନସ୍ତରୀୟ ସମାରୋହ

କର୍ଲାମୁଣ୍ଡା, ୧୯।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର ପଞ୍ଚାୟତରେ ପାଣି ପଞ୍ଚାୟତ କମିଟି କାର୍ଯ୍ୟାଳୟ ପରିସରରେ ଶନିବାର ପାଣି ପଞ୍ଚାୟତ ପକ୍ଷ ବିଭାଜନସ୍ତରୀୟ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶୀର୍ଷ କମିଟିର ସଭାପତି ଶେଷଦେବ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପଶ୍ଚିମାଞ୍ଚଳ ଜଳସେଚନ ମଣ୍ଡଳ ଅଧୀକ୍ଷଣ ଯନ୍ତ୍ରୀ ଶିଶିର କୁମାର ଶତପଥୀ, ମୁଖ୍ୟ ବକ୍ତା ଭାବେ ମ.ରାମପୁର ଜିଲା ପରିଷଦ ସଭ୍ୟ ପୁଷ୍ପେନ୍ଦ୍ର କୁମାର ସିଂ ଦେଓ, ସମ୍ମାନିତ ଅତିଥି ଭାବେ କର୍ଲାମୁଣ୍ଡା ତହସିଲଦାର ଅବନୀକାନ୍ତ ସାହୁ, କଳାହାଣ୍ଡି ଜଳସେଚନ ଉପ ବିଭାଜନର ସହକାରୀ ଯନ୍ତ୍ରୀ ଉମେଶ ପ୍ରସାଦ ପଟ୍ଟନାୟକ, ଉତେଇ ଜଳସେଚନ ଉପ ବିଭାଜନର ସହକାରୀ ନିର୍ବାହୀ ଯନ୍ତ୍ରୀ ଅମିୟ କୁମାର ସାମଲ, ଶୀର୍ଷ କମିଟିର ସମ୍ପାଦକ ବିଷ୍ଣୁ ମାଝି, ଶୀର୍ଷ କମିଟି କୋଷାଧ୍ୟକ୍ଷ ଦୟାନିଧି ମାଝି ପ୍ରମୁଖ ଯୋଗଦେଇ ପାଣିର ଠିକ୍ ବ୍ୟବହାର ଏବଂ ତାହାର ସୁପରିଚାଳନା ଉପରେ ଆଲୋକପାତ କରିଥିଲେ। ଏଥିରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତାକୁ କନିଷ୍ଠ ଯନ୍ତ୍ରୀ ସୁନୀଲ କୁମାର ସେଠୀ ପାଠ କରିଥିବା ବେଳେ ପ୍ରକଳ୍ପର ବିବରଣୀ ଅମୀୟ କୁମାର ସାମଲ ପାଠ କରିଥିଲେ। ଅଶୋକ କୁମାର ଖମାରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଜଳସେଚନ ବିଭାଗର ନିଷ୍ଠାପର କର୍ମଚାରୀ ଭାବେ ବୈକୁଣ୍ଠ ବିହାରୀ ପ୍ରଧାନ ଓ କୀର୍ତ୍ତନ ସିଂ, ଅଗ୍ରଣୀ କୃଷକ ଭାବେ ଉତ୍କଳମଣି ସାହୁ, ଗଣେଶ୍ୱର ରଣାଙ୍କୁ ମାନପତ୍ର ସହ ଉପଢୌକନ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମ ଆୟୋଜନରେ ପାଣି ପଞ୍ଚାୟତର କର୍ମକର୍ତ୍ତା, ଉତେଇ ଜଳସେଚନ ବିଭାଗର କର୍ମଚାରୀ ସହଯୋଗ କରିଥିଲେ।

## ଜୁନାଗଡରେ ଭାଜପାର କର୍ମୀ ସମାବେଶ

ଜୁନାଗଡ଼, ୧୯।୧(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଜୁନାଗଡ଼ ସହର ବିଜୁ ପଟ୍ଟନାୟକ ଷ୍ଟାଡିୟମଠାରେ ଶନିବାର ଭାଜପାର କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଆରମ୍ଭରେ ଦଳୀୟ କର୍ମୀମାନେ ମା' ଲଙ୍କେଶ୍ୱରୀ ମନ୍ଦିରରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ବିଜୁ ପଟ୍ଟନାୟକ ଷ୍ଟାଡିୟମରେ ପହଞ୍ଚିଥିଲେ। ସେଠାରେ ଅନୁଷ୍ଠିତ ସଭାରେ ନାନ୍ଦୋଲ ଜୋନ ସଭାପତି ଲକ୍ଷ୍ମୀ ନାରାୟଣ ବାଣୁଆ ସଭାପତିତ୍ୱ କରିଥିଲେ। ଏଥିରେ ପୂର୍ବତନ ମନ୍ତ୍ରୀ ତଥା ରାଷ୍ଟ୍ରୀୟ ଓବିସି ମୋର୍ଚ୍ଚା ସମ୍ପାଦକ ହିମାଂଶୁ ଶେଖର ମେହେର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ଭାଜପା ଯୁବନେତା ମନୋଜ କୁମାର ମେହେର, ବ୍ଲକ ଅଧ୍ୟକ୍ଷା ନୂର୍ଯ୍ୟ ମାଝି, ଉପାଧ୍ୟକ୍ଷ ଟଙ୍କଧର ନାଏକ, ଜିଲାପରିଷଦ ସଭ୍ୟା ଶର୍ମିଷ୍ଠା ମେହେର, କାଞ୍ଚନ ବାଗ, ଜିଲା ଯୁବ ମୋର୍ଚ୍ଚା ସମ୍ପାଦକ ଅର୍ଜ୍ଜୁନ ଚନ୍ଦ୍ର ଦାଶ, ଜୁନାଗଡ଼ ନଗର ସଭାପତି କାଳିନ୍ଦ୍ରୀ ପାଣିଗ୍ରାହୀ, ବିକାଶ ରଞ୍ଜନ ସରାଫ, ଭବାନୀଶଙ୍କର ଠାକୁର, ହୃଦାନନ୍ଦ ପୂଝାରୀ, ଚନ୍ଦ୍ରଧ୍ୱଜ ରଣା ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର ରାଷ୍ଟ୍ରୀୟ ଓବିସି ମୋର୍ଚ୍ଚା ସମ୍ପାଦକ ଭାବେ ମନୋନୀତ ହେବା ପରେ ତାଙ୍କୁ ଦଳୀୟ କର୍ମୀମାନେ ସମାବେଶରେ ଫୁଲମାଳ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।



ଶୋଭାଯାତ୍ରାରେ ବାହାରିଥିବା ଭାଜପା କର୍ମକର୍ତ୍ତା।

## ଫୁଟବଲ : ରଜାପଡ଼ା ବିଜୟୀ

ରିକ୍ଷିତା, ୧୯।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲଠାରେ ଚାଲିଥିବା ମା' ମାହେଶ୍ୱରୀ ଫୁଟବଲ ଟୁର୍ନାମେଣ୍ଟର ଶନିବାର ଦ୍ୱିତୀୟ ଦିବସରେ ରଜାପଡା ଏବଂ ବାଲବେଡା ମଧ୍ୟରେ ହୋଇଥିଲା। ଏଥିରେ ରଜାପଡ଼ା ଦଳ ୩-୦ ଗୋଲରେ ବିଜୟୀ ହୋଇଥିଲା। ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶ୍ରୀନିବାସ ମିଶ୍ର, ପୂର୍ବତନ ସରପଞ୍ଚ ରବୀନ୍ଦ୍ର ପାଣ୍ଡେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ମ୍ୟାଚକୁ ବିନୋଦ ହେର୍ଣ୍ଣା, ପିଙ୍କୁ ଚନ୍ଦନ ଓ ସଂକୀର୍ତ୍ତନ ଗହୀର ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ଶିଶିର ଗହୀର ରହିଥିଲେ। ମହେନ୍ଦ୍ର ସାହୁ, ଜ୍ୟୋତିରଞ୍ଜନ ପଧାନ, ମହେନ୍ଦ୍ର ପଧାନ ପ୍ରମୁଖ ସହଯୋଗ କରିଥିଲେ । ରବିବାର ରାସତାମାଲ ଏବଂ ରାମପୁର ଦଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

## ମହିଳା କଂଗ୍ରେସ କମିଟିର ବିକ୍ଷୋଭ, ପ୍ରତିବାଦ ସଭା

ଭବାନୀପାଟଣା, ୧୯।୧(ଡି.ଏନ୍.ଏ.)

ସ୍କୁଲ ଛାତ୍ରୀ ବଳାତ୍କାର ଘଟଣାର ବିଚାର ବିଭାଗୀୟ ତଦନ୍ତ ଦାବି କରି ଜିଲା ମହିଳା କଂଗ୍ରେସ କମିଟି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ ସଭା ଜିଲା କଂଗ୍ରେସ ସଭାନେତ୍ରୀ ସୁକାନ୍ତି ସରାପଙ୍କ ନେତୃତ୍ୱରେ ଶନିବାର ଅନୁଷ୍ଠିତ ହୋଇଛି। ଓଡ଼ିଶାରେ ବିଜେଡି ସରକାରଙ୍କ ସମୟରେ ଆଇନ ଶୃଙ୍ଖଳା ପରିସ୍ଥିତ ଭୁଶୁଡି ପଡିଥିବା ବେଳେ ଶିଶୁ, ଆଦିବାସୀ, ଦଳିତଙ୍କ ଉପରେ ଅତ୍ୟାଚାର ବୃଦ୍ଧି ପାଉଥିବା ବେଳେ ବଳାତ୍କାର, ହତ୍ୟା ଘଟଣା ବଢିବାରେ ଲାଗିଛି। ଏପରି କି ମହିଳାମାନଙ୍କ ଆର୍ଥିକ, ସାମାଜିକ ଓ ରାଜନୈତିକ ଅଭିବୃଦ୍ଧିରେ ସରକାର ବିଫଳ ହୋଇଥିବା ମହିଳା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଅନ୍ୟପକ୍ଷେ ଜାରିଙ୍ଗବାଡିର ଅଷ୍ଟମ ଶ୍ରେଣୀ ଛାତ୍ରୀ ପ୍ରସବ କରିବା ଘଟଣା ପରେ ବିଭାଗୀୟ ମନ୍ତ୍ରୀ ଘଟଣାସ୍ଥଳକୁ ନ ଯିବା ଏକ ଦୁଃଖଦାୟକ ଘଟଣା ବୋଲି ମହିଳା କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି। ଏନେଇ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ମହିଳାମାନେ ଦାବି କରିଥିଲେ। କଳାହାଣ୍ଡି ଜିଲା ମହିଳା କଂଗ୍ରେସ କମିଟି ସଭାପତି ସୁକାନ୍ତି ସରାଫଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ହୋଇଥିଲା। ଏଥିରେ ଡିସିସି ସଭାପତି ଭାରତ ଭୂଷଣ ବେମାଲ, ରାଜ୍ୟ ସମ୍ପାଦିକା ମାଣିକ୍ୟ ସୁନା, ଘନଶ୍ୟାମ ଅଗ୍ରୱାଲ, ପଦ୍ମିନୀ ଯୋଷୀ, ମମତା ଦାସ, ଉଚ୍ଛବଚରଣ ସାହୁ, ସନ୍ତୋଷ କୁମାର ମୁଣ୍ଡ, ମହମ୍ମଦ ଅଲ୍ଲୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା ।

- ଛାତ୍ରୀ ବଳାତ୍କାର ଘଟଣା
- ବିଚାର ବିଭାଗୀୟ ତଦନ୍ତ ଦାବି



ମହିଳା କଂଗ୍ରେସ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ଜୁନାଗଡ଼ରେ ବିଜେଡିର କର୍ମୀ ସମ୍ମିଳନୀ

ଜୁନାଗଡ, ୧୯।୧(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଜୁନାଗଡ଼ ସହର ସାପ୍ତାହିକ ବଜାରଠାରେ ଶନିବାର ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୁନାଗଡ଼ ବ୍ଲକର ପ୍ରତି ପଞ୍ଚାୟତର ସଭାପତି, ଯୁବ ସଭାପତି ଓ ମହିଳା ସଭାନେତ୍ରୀମାନେ ଯୋଗଦେଇଥିଲେ। ଜୁନାଗଡ଼ ବ୍ଲକ ବିଜେଡି ସଭାନେତ୍ରୀ ମନିଷା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବିଜେଡି ଯୁବ ନେତା ହିମାଂଶୁ ଶେଖର ବରାଡ, ଜିଲା ସଭାନେତ୍ରୀ କଲ୍ୟାଣୀ ନାଏକ, ଜୁନାଗଡ଼ ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ମହେଶ କୁମାର ସାହୁ, ଅଧ୍ୟକ୍ଷା ବିଜୟାଲକ୍ଷ୍ମୀ କନ୍ଦପାନ, ନାରୀନେତ୍ରୀ ମନୋରମା ମହାଲିକ, ମହିଚଲା ସରପଞ୍ଚ ଅଜୟ କୁମାର ବେହେରା, ପୂର୍ବତନ ସରପଞ୍ଚ ମଳୟ ରଞ୍ଜନ ଆଚାର୍ଯ୍ୟ, ରଜନୀକାନ୍ତ ବୈଠାରୁ, ପ୍ରଦ୍ୟୁମ୍ନ ରାଉତ, ପ୍ରଭାସ ମେହେର ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଅତିଥିମାନେ ବକ୍ତବ୍ୟ ଦେବା ସହ ସେଗୁଡିକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ସେହିପରି ସଂଗଠନକୁ ମଜଭୁତ କରିବା ପାଇଁ ନୂତନ ଭାବେ ଜୁନାଗଡ ବ୍ଲକର ସମସ୍ତ ପଞ୍ଚାୟତର ପଞ୍ଚାୟତ ସଭାପତି, ଯୁବ ସଭାପତି ଓ ସଭାନେତ୍ରୀ ଚୟନ କରାଯାଇଥିଲା



କର୍ମୀ ସମ୍ମିଳନୀରେ ଉପସ୍ଥିତ ଦଳୀୟ କର୍ମକର୍ତ୍ତା।

## ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

ଜୁନାଗଡ, ୧୯।୧(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜୁନାଗଡ ଏନ୍‌ଏସିସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ଜୁନାଗଡ ଏନ୍‌ଏସି ପରିସରରେ କାର୍ଯ୍ୟନିର୍ବାହୀ ଅଧିକାରୀ ଈଶ୍ୱର ପୂଝାରୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ନଗରପାଳ ବିଜୟଲକ୍ଷ୍ମୀ କନ୍ଧପାନ, ଅଗ୍ନିଶମ ଅଧିକାରୀ ଶିଶିର କାନ୍ତ ସିଂ ପ୍ରମୁଖଙ୍କ ସହ ଜୁନାଗଡ ସହରର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଓ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ। ସାଧାରଣତନ୍ତ୍ର ଦିବସରେ ଅତିରିକ୍ତ ଜିଲାପାଳଙ୍କୁ ଅତିଥି ଭାବରେ ନିମନ୍ତ୍ରଣ କରିବା ପାଇଁ ନିଷ୍ପତ୍ତି ହେବା ସହିତ ଅଗ୍ନିଶମ ଅଧିକାରୀଙ୍କ ତତ୍ତ୍ୱାବଧାନରେ ପରେଡ ପରିଚାଳନା ପାଇଁ ନିଷ୍ପତ୍ତି ହୋଇଥିଲା। ସୋମବାରଠାରୁ ସ୍କୁଲସ୍ତରୀୟ ପ୍ରତିଯୋଗୀତା ଅନୁଷ୍ଠିତ ହେବା ପାଇଁ ସ୍ଥିରୀକୃତ ହୋଇଥିଲା।

## ଜୟ ଜଗନ୍ନାଥ କ୍ରିକେଟ : ପର୍ଲା ଚାମ୍ପିୟନ

ବେହେରା, ୧୯।୧(ଡି.ଏନ୍.ଏ)

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଜୟନ୍ତପୁର ଖେଳ ପଡିଆଠାରେ ଚାଲିଥିବା ଜୟ ଜଗନ୍ନାଥ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ତଥା ଫାଇନାଲ ମ୍ୟାଚ ଜୟନ୍ତପୁର ଏବଂ ପର୍ଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଜୟନ୍ତପୁର ଦଳ ଟସ୍ ଜିଣି ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୧୧୭ ରନ ସଂଗ୍ରହ କରିଥିଲା। ଜବାବରେ ପର୍ଲା ଦଳ ୧୩ ଓଭରରେ ୬ ଉଇକେଟ ହରାଇ ୧୧୮ ରନ୍ କରି ବିଜୟୀ ହେବା ସହ ଟୁର୍ନାମେଣ୍ଟର ଚାମ୍ପିୟନ ବିବେଚିତ ହୋଇଥିଲା। ଟୁର୍ନାମେଣ୍ଟରେ ମ୍ୟାନ ଅଫ୍ ଦ ମ୍ୟାଚ ଓ ମ୍ୟାନ ଅଫ୍ ଦ ସିରିଜ ଭାବେ ପର୍ଲାର ରାମନାଥ ମନୋନୀତ ହୋଇଥିଲେ। ପ୍ରମୋଦ ନାଏକ ଓ ଭୁପେନ୍ଦ୍ର ନାଏକ ଫାଇନାଲ ମ୍ୟାଚ ପରିଚାଳନା କରିଥିଲେ। ସୁନୀଲ ସେନାପତି, ତୁଳସିରାମ ନାଏକ ଧାରାବିବରଣି ଦେଇଥିବା ବେଳେ ସ୍କୋରର ଭାବେ ବିଶ୍ୱନାଥ ନାଏକ ଓ ଚନ୍ଦ୍ରଶେଖର ମାଝି ରହିଥିଲେ। ଏହି ଅବସରରେ ଅନୁଷ୍ଠିତ ଟୁର୍ନାମେଣ୍ଟର ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଜୟନ୍ତପୁର ସରପଞ୍ଚର ମଣି ଦୁରିଆ, ସମ୍ମାନିତ ଅତିଥି ଭାବେ ସମିତିସଭ୍ୟ ସୁବାସ ଚନ୍ଦ୍ର ବାଗ, ପୂର୍ବତନ ସରପଞ୍ଚ ଟିକଚନ ଯାଦବ, ବରିଷ୍ଠ ଆଇନଜୀବୀ ତଥା କଂଗ୍ରେସ ଜିଲା ସାଧାରଣ ସମ୍ପାଦକ ଦିଗାମ୍ବର ଦୁରିଆ, ତ୍ରିଲୋଚନ ବାଗ, ଯୁବରାଜ ନାଏକ, ଖିତିରାମ ଭୋଇ, ହରେକୃଷ୍ଣ ନାଏକ, ପୂର୍ଣ୍ଣଚନ୍ଦ୍ର ନାଏକ,ବଳରାମ ପୂଝାରୀ ପ୍ରମୁଖ ଯୋଗଦେଇଥିଲେ।



ଜୟ ଜଗନ୍ନାଥ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ।

## ହଜି ଯାଉଛେ ଛେରଛେରା ମଗା ରିତ୍‌ମା

ଭବାନୀପାଟଣା ୧୯।୧(ଡି.ଏନ୍.ଏ.)

ଆଏବାର ସୋମବାର ପାଳିତ ହେବା ପଶ୍ଚିମ ଓଡ଼ିଶାର ସିଘା ପରବ ପୁଷ୍‌ପୁନି। ଛୋଟ ଛୋଟ ପିଲାମାନେ ଖଁଦେ ବ୍ୟାଗ, ହାତେ ଚଂଘରା ଧରି ଘର ଘର ବୁଲି 'ଛେର ବୁଢ଼ୀ ଛେରଛେରା, ଇ ଘର ବୁଢ଼ୀ କାହିଁ ଗଲା, ମଡ଼ାପିଠା ଦେମି କହିଥିଲା' ଗୀତ୍ ଗାଇ ଛେରଛେରା ମାଗ୍‌ବେ। ଘରର ମାଲକେନମାନେ ଖୁସିମନେ ଗୀତ୍ ଶୁନି ଚାଉଲ, ପନିପରିବା, ପିଠାମଡ଼ା ଆନି ପିଲାକୁ ଦେବେ। ପିଲାମାନେ ସେ ସବୁକେ ନେଇ ନିଜର ସାଂଗସାଥି ମିଶି ଭୁଜିଭାତ କରି ମଉଜ କରବେ। ପୁଷ୍‌ପୁନି ପଶ୍ଚିମ ଓଡ଼ିଶାର ଗୁଟେ ସିଘା କୃଷି ଭିତିକ୍ ପରବ। ହେଲେ ଦିନୁ ଦିନ୍‌କେ ଇ ସଂସ୍କୃତି, ପରମ୍ପରା ଆଧୁନିକତାର ଛାପରେ ମେଟି ଯିବାକେ ବସଲାନ। ପଶ୍ଚିମ ଓଡ଼ିଶାର ଭିନେ ଭିନେ ଜିଲାରେ ପାଳିତ ହେଇ ଆସୁଥିବାର ଇ ପୁଷ୍‌ପୁନି ପରବ୍‌ର ଗୁରୁତ୍ ଅଛେ। ଇ ସମିଆରେ ଚାଷୀ ବଛରକୁତା ହାଡ଼ଭଂଗା ପରିଶ୍ରମ ଉତାରୁ ଟିକେ ଫୁରସତ୍ ପାଏସି। ଅମଲ ହେଇଥିବାର ଫସଲକେ ଘରେ ବେଉଁତେ ରଖାଥୁଆ କରି ବଛରେର କାମ ପଟାସି। ଚାଷୀ ଇ କାମ୍‌ଟା ଠିକ୍ ପୁଷ୍‌ପୁନି ବେଲକେ ସରସି। ସାହୁକାରମାନେ ହଲିଆଗୁତି, ଗାଇଚରୁହାମାନକୁ ଇ ଦିନ ଭୁତି ବରତନ୍, ଖାଏବାର ପିଇବାର, କପଡ଼ାଲତା ଦେଇ ବଛରେ କାମ୍ ସରବାର ଉଧେ ବିଦାକି ଦେସନ୍। ସେନ୍‌ତା ଇ ପୁଷ୍‌ପୁନି ବାଁଟ୍‌ସନ୍। ଗାଁମାନକେ ବୁଢ଼ାମାନେ ଛୋଟ ଛୋଟ ଛୁଆକୁ ଧରି ପୁଷ୍‌ପୁନି ଉଧେ ଛେରଛେରା ମାଗସନ୍। ଆରକେତେ ବଜାଗଜା ବଜେଇ ଦଲ ଦଲ ହେଇ ଗାଁରେ ଘର ଘର ଛେରଛେରା ମାଗ୍‌ସନ୍। ସେମାନେ ମଗାଜଟାରେ ଯାହା ପାଇଥିବେ ନିଜର ନିଜର ଭିତରେ ଭାଗବଁଟା କରି ଖାଇ ଖୁସିମନାସନ୍। ଆଜି ବି ପଶ୍ଚିମ ଓଡ଼ିଶାର ଅନେକ ଗାଁଗଁଡ଼ାରେ ଇ ପରବ୍‌ର

### କୃଷି ଭିତିକ ପରବ ପୁଷ୍‌ପୁନି

ଦିନ ସାହୁକାରମାନେ ଆଏବାର ବଛରେ ତକ୍ କାମ୍ କରବାର ଲାଗି ହଲିଆଗୁତି, ଗାଇଚରୁହାକୁ ବଏନା ଦେସନ୍। ଇ ପରବଟା ଧନି ଗରିବ, ଭେଦଭାବ ପାସରି ସମ୍ପର୍କକେ ମଜବୁତ କରସି। ପୁଷ୍‌ପୁନି ଦିନ ସଭେ ନିଜର ଘରମାନକେ ଶକ୍ତି ମତେ ପିଠାମଡ଼ା କରି ପାଖିପଡ଼ିଶା, ମିତା ମଏତର, ହଲିଆଗୁତି, ଗାଇଚରୁହାମାନକୁ ଗୁରୁତ୍ ଅଛେ। ହେଲେ ଦିନୁ ଦିନକେ ଆମର ସଭିଅତା, ସଂସ୍କୃତି, ପିଁଧନ ଉଢ଼ନ, ଖାଏଦ୍ ପାଏନ୍ ବଦଲୁଛେ, ଯେନ୍‌ଥିରଲାଗି ଇ ପୁରନା ପରମ୍ପରା, ସଂସ୍କୃତି ସେଥିରେ ମାଡ଼ ଖାଉଛେ। ଲୋକ୍ ଦିନୁ ଦିନ୍‌କେ ଇ ସବୁକେ ପାସରି ଦେଉଛନ୍। ଦିନ୍ ଆଏବା ଇ ସବୁ ମହାନ ସଂସ୍କୃତି, ପରମ୍ପରା ଇତିହାସ ବହିରେ ସୀମିତ ହେଇ ରହିଯିବା।

## ରାସ୍‌ତା ତରେ ଚାଲିଛେ ବେଆଇନ ଇଟାଭାଟି

ଜୁନାଗଡ, ୧୯।୧(ଡି.ଏନ୍.ଏ)

କଳାହାଣ୍ଡି ଜିଲା ଜୁନାଗଡ଼ ତହସିଲ ଅଂଚଲରେ ଏହେଦେ ବେଉସାୟୀମାନେ ଇଟାଭାଟି କାମ ଆରମ୍ଭ କରିଥିବାର ଦେଖିବାକେ ମିଳୁଛେ। ସବୁ ବଛର ଖରାମାସେ ଲୋକ ଇଟାଭାଟି ଧରୁଥିଲା ବେଲେ ଇଥର ଆଗତୁରା ଦେଖିବାକେ ମିଳିଛେ। ଉନିଆ ବେଉସା ଅପେକ୍ଷା ଇଥିରେ ଅଧିକା ଲାଭ ହେଉଥିବାର ଲାଗି କେତେ ବେଉସାୟୀ ଇତାକେ ନିଜର ଜୀବ୍‌କା ହିସାବେ ଧରି ନେଇଛନ୍। ଏନ୍‌ତାଥି ସରକାର ରାଜସ୍ୱ ହରଉଛନ, ଅଂଚଲରେ ତାପମାନ ବଢ଼ବାର ସଂଗେ ପରିବେଶ ପରଦୁଷନ ହେଉଛେ। ଇ ସବୁ କାରନ୍ ଲାଗି ଏହେଦେ ସରକାର ଇଟା ପୁଡ଼ାବାର ଲାଗି ଅନୁମତି ନାଇଁ ଦେଉଥିଲା ବେଲେ ଜୁନାଗଡ଼ ତହସିଲରେ ଇତାର ଉଲଟିଆ ପରଭାବ ଦେଖିବାକେ ମିଳୁଛେ। ଜୁନାଗଡ଼ ତହସିଲର ବହୁତଟେ ନଏଦ୍‌ଖଁଡ଼ିଆ ଗାଁମାନକେ ଲୋକ୍ ଇଟା ପୁଡ଼ଉଥିବାର ଦେଖିବାକେ ମିଳୁଛେ। ସେନ୍‌ତା ଜୁନାଗଡ଼ ତହସିଲର ବଳଦିଆମାଲରୁ ପଲାସ ଗାଁକେ ଯାଉଥିବାର ରାସ୍‌ତା ତରେ ଗୁଟେ ବେଆଇନ ଇଟାଭାଟି ଚାଲିଥିବାର ଦେଖିବାକେ ମିଳିଛେ। ଏହେଦ୍‌କା ଇଠାନେ ହଜାର ହଜାର ଇଟା ଗଢ଼ା ଚାଲିଥିଲା ବେଲେ ଗୁଟେ ଇଟାଭାଟି ପୁଡ଼ାଚାଲିଛେ। ଯେନ୍‌ଥିରଲାଗି ଆସର ପାସର ପରିବେଶ କୁହୁଲାରେ ପରଦୁଷିତ ହେବାର ସଂଗେ ଅଂଚଲର ତାପମାନ ବି ବଢୁଛେ। ରାସ୍‌ତାରେ ଯାଉଥିବାର ଆର ଆସର ପାସର ଗାଁଗଁଡ଼ାର ଲୋକ୍ ଇଟାଭାଟି କୁହୁଲାରେ ଉନ୍‌ମୁନେଇ ଯାଉଛନ୍। ଇଟା ଭାଟି ମାଲିକ ଝନକ ରାଜସ୍ୱ ବିଭାଗର ବିନା ଅନୁମତିରେ ଇଠାନେ ବେଆଇନ୍ ଭାଟି ଲଗେଇଥିବାର ଜନାପଡ଼ିଛେ। ଇ ବାବ୍‌ଦେ ଜୁନାଗଡ଼ ତହସିଲଦାର ଉପେନ୍ଦ୍ର ଲୁହାକୁଁ ପଚରାଲାରୁ ବହୁତ ଜଲଦି ଇଟାଭାଟି ଉପରେ ଚଢ଼ଉ କରି ପଦକ୍ଷେପ ନିଆଯିବା ବଲି କହିଥିଲେ।

### ଚେତି ଶୁଇଛେ ବିଭାଗ



ବଳଦିଆମାଲ-ପଲାସ ଗାଁ ରାସ୍‌ତା ତରେ ବେଆଇନ ଇଟାଭାଟି।



ଅନ୍ୟର ଅନିଷ୍ଟ ଚିନ୍ତା କଲେ ନିଜର କ୍ଷତି ହୁଏ,
ସମୟ ସମୟରେ ପ୍ରାଣ ବି ଯାଇପାରେ।
- ବିନୋବା ଭାବେ



## ସଂକ୍ଷେପରେ

### କୁଶମେଲରେ କଂଗ୍ରେସ କର୍ମୀ ସମ୍ମିଳନୀ

**ଲୋଇସିଂହା,୧୯।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ୩୪ ନଂ ଜୋନ ଅନ୍ତର୍ଗତ କୁଶମେଲଠାରେ କଂଗ୍ରେସର କର୍ମୀ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କସ୍ତୁବ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କୋର କମିଟି ସଭ୍ୟ ସମ୍ପଦ ପୋଡ, ଗଣେଶ ସାହୁଙ୍କ ସମେତ ପ୍ରଦେଶ କମିଟି କର୍ମକର୍ତ୍ତା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ବୈଠକରେ ସାଙ୍ଗଠନିକ ଆଲୋଚନା କରିବା ସହ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ କର୍ମୀ ଓ ଜନସାଧାରଣଙ୍କଠାରୁ ଅବଗତ ହୋଇଥିଲେ। କଂଗ୍ରେସର ଶକ୍ତି କାର୍ଯ୍ୟକ୍ରମରେ ଯୋଡି ହେବାକୁ ସେ ସାଧାରଣ ଜନତାକୁ ଆହ୍ୱାନ ଦେଇଥିଲେ। ଏ ସମ୍ପର୍କରେ ଜିଲା କଂଗ୍ରେସ ସଭାପତି ଦିଲୀପ କୁମାର ବେହେରାଙ୍କୁ ପଚାରିବାରୁ କାର୍ଯ୍ୟକ୍ରମ ସମ୍ପର୍କରେ ମୁଁ ଜାଣି ନାହିଁ ବୋଲି କହିଛନ୍ତି।

### ଜନରାଜ୍ୟ ଦିବସ ପାଳନ ପାଇଁ ପ୍ରସ୍ତୁତି

**ଖପ୍ରାଖୋଲ, ୧୯।୧(ଡି.ଏନ.ଏ):** ବଲାଙ୍ଗୀର ଜିଲା ସମିତି ସଭା ଗୃହରେ ବ୍ଲକସ୍ତରୀୟ ଜନରାଜ୍ୟ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତରଣୀ ସୁନାଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଦର ମହକୁମାର ସମସ୍ତ ଶିକ୍ଷାନୁଷ୍ଠାନ ମିଳିତଭାବେ ଏହି ଜାତୀୟ ଦିବସକୁ କିଭଳି ପାଳନ କରିବେ ସେ ନେଇ ଆଲୋଚନା ହୋଇଥିଲା। ବିଭିନ୍ନ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ସହିତ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ, ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିଙ୍କୁ ସମ୍ମାନିତ କରିବାକୁ ସ୍ଥିର ହୋଇଥିଲା। ବୈଠକରେ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣମାସୀ ବରିହା, ଏପିଓ ପୁଷ୍ପାଞ୍ଜଳି ସ୍ୱାଇଁ, ହେଡକ୍ଲାର୍କ ବ୍ରଜବନ୍ଧୁ ଠାକୁର, ସ୍ଥାନୀୟ ସରପଞ୍ଚ ଉପେନ୍ଦ୍ର ଭୋଇ, ପୋଲିସ୍ ଏଏସଆଇ ଆର.କେ ଧରୁଆ, ବ୍ଲକ ଅଗ୍ନିଶମ ଅଧିକାରୀ ବୀରବର ମଲ୍ଲିକ, ଡୋଲାମଣି ସେଠ, ପବିତ୍ର ନାଏକ, ପବିତ୍ର ଦାଶ, କିଶୋର ବାଗ, ଅଭୟ ତ୍ରିପାଠୀ, ବିଭିନ୍ନ ବିଭାଗର ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

### ଲୋଇସିଂହା କଲେଜର ବାର୍ଷିକ କ୍ରୀଡ଼ା

**ଲୋଇସିଂହା,୧୯।୧ (ଡି.ଏନ.ଏ.):** ଲୋଇସିଂହା କଲେଜର ୩୬ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାରେ ଯୁକ୍ତ ୩ରେ ବାଳିକା ବର୍ଗରେ ରୂପାଲି ସ୍ୱାଇଁ, ବାଳକ ବର୍ଗରେ ଜୟପ୍ରକାଶ ସାହୁ, ଯୁକ୍ତଦୁଇ ବାଳିକା ବର୍ଗରେ ସଂଗୀତା ସାହୁ, ବାଳକ ବର୍ଗରେ ଶିବଶଙ୍କର ସାହୁ ଚାମ୍ପିୟନ ହୋଇଛନ୍ତି। ଗତ ୧୭ ଓ ୧୮ ତାରିଖ ଦୁଇଦିନ ଧରି କଲେଜ ଖେଳପଡିଆରେ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୬୨ଟି ପ୍ରତିଯୋଗିତାରେ ୩୫୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାକୁ କ୍ରୀଡ଼ା ଶିକ୍ଷକ ପ୍ରଦୀପ ବଗର୍ତ୍ତି, ବାଳିକା ହାଇସ୍କୁଲ କ୍ରୀଡ଼ା ଶିକ୍ଷୟିତ୍ରୀ କରବୀ ଚାଟାର୍ଜି, ସହଯୋଗୀ ବିଜୟ ରଣା, ଅଞ୍ଜନ ବେଶ୍ରା ଓ କଲେଜ ଅଧ୍ୟାପିକାଅଧ୍ୟାପକ, କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ। କ୍ରୀଡ଼ା ସଂସଦ ଉପସଭାପତି ରୋଶନାରା ବେଗମଙ୍କ ଅଧ୍ୟକ୍ଷତା ଓ ସୁନେତି ହୋତାଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଯୁକ୍ତତିନି ଅଧ୍ୟକ୍ଷ ବୀରବର ତ୍ରିପାଠୀ ମୁଖ୍ୟ ଅତିଥି, ଯୁକ୍ତଦୁଇ ଅଧ୍ୟକ୍ଷ ଗୋବିନ୍ଦ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିଦ୍ୱୟ ଚାମ୍ପିୟନ ଓ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ।

ବଲାଙ୍ଗୀର ଆକାଶବାଣୀ କେନ୍ଦ୍ର ରୌପ୍ୟ ଜୟନ୍ତୀ ସମାରୋହ

# ‘କାର୍ଯ୍ୟକ୍ରମର ମାନ ବଢ଼ାଇବାକୁ ହେବ’

**ବଲାଙ୍ଗୀର ଅଫିସ, ୧୯।୧**



ଅତିଥିମାନେ ରୌପ୍ୟ ଜୟନ୍ତୀ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

ବଲାଙ୍ଗୀର ଆକାଶବାଣୀ କେନ୍ଦ୍ର ପ୍ରତିଷ୍ଠାର ୨୫ବର୍ଷ ପୂର୍ତ୍ତି ଅବସରରେ ସ୍ଥାନୀୟ ଟାଉନ୍ ହଲଠାରେ ରୌପ୍ୟ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଛି। ରୌପ୍ୟ ଜୟନ୍ତୀ କମିଟି ସଭାପତି ତଥା ବଲାଙ୍ଗୀର ଆକାଶବାଣୀ କେନ୍ଦ୍ର ମୁଖ୍ୟ ଲକ୍ଷ୍ମଣ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତାଭାବେ ପ୍ରସାର ଭାରତୀର ପୂର୍ବତନ ଆଡିଶନାଲ ଡାଇରେକ୍ଟର ଜେନେରାଲ ଅଭୟ କୁମାର ପାଢ଼ୀ ଯୋଗଦେଇଥିଲେ। ସଭାମଞ୍ଚରେ ରୌପ୍ୟ ଜୟନ୍ତୀ କମିଟି ଉପସଭାପତି ଏମ୍.ଆର.କେ. ରାଓ, କମିଟି ସମ୍ପାଦକ ବିଜୟ କୁମାର ପୁରୋହିତ, ଦେବବ୍ରତ ଭୋଇ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ସଭାପତି ପଣ୍ଡା ସ୍ୱାଗତ ବକ୍ତବ୍ୟ ଦେଇ ବଲାଙ୍ଗୀର ଆକାଶବାଣୀ କେନ୍ଦ୍ର ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟ ଅତିଥିମାନେ ବକ୍ତବ୍ୟ ରଖି ଆକାଶବାଣୀ କାର୍ଯ୍ୟକ୍ରମ ଓ ବଲାଙ୍ଗୀର ଆକାଶବାଣୀ କେନ୍ଦ୍ର ଉପରେ ସୂଚନା ଦେଇଥିଲେ। ଏହି ଅବସରରେ ଅତିଥିମାନେ ରୌପ୍ୟ ଜୟନ୍ତୀ ସ୍ମରଣିକା ଉନ୍ମୋଚନ କରିଥିଲେ।

ମୁଖ୍ୟବକ୍ତା ପାଢ଼ୀ ଆଲୋଚନା ବିଷୟ ୨୦୫୦ ମସିହାରେ ଆକାଶବାଣୀ ଉପରେ ଆଲୋଚନା କରିଥିଲେ। ପ୍ରାକ୍ ସ୍ୱାଧୀନତା ଓ ସ୍ୱାଧୀନତା ପରବର୍ତ୍ତୀ କାଳରେ ଭାରତରେ ଆକାଶବାଣୀ ଭୂମିକା ଓ ଏହାର ଆହ୍ୱାନ ଉପରେ ସେ ଆଲୋକପାତ କରିଥିଲେ। ଟେଲିଭିଜନର ପ୍ରସାର ପୂର୍ବରୁ ଆକାଶବାଣୀର ଲୋକପ୍ରିୟତା ଏବଂ ଟେଲିଭିଜନର ବ୍ୟାପକତା ପରେ ରେଡିଓର ଆହ୍ୱାନ ଉପରେ ବକ୍ତବ୍ୟ ରଖିଥିଲେ। ମୋବାଇଲ ଆସିବା ପରେ ଏବଂ ଡିଜିଟାଲ ଯୁଗରେ ରେଡିଓ କ୍ରମଶଃ ଅଲୋଡା ଭଳି ମନେ ହେଉଥିଲେ ମଧ୍ୟ ଦୈବୀ ଦୁର୍ବିପାକ ସମୟରେ ଏବେବି ରେଡିଓ ହିଁ ଏକମାତ୍ର ସୂଚନା ପ୍ରସାରଣର ନିର୍ଭରଯୋଗ୍ୟ ସ୍ରୋତ ରହିଛି ବୋଲି କହିଥିଲେ। ତେବେ କେବଳ ଦୁର୍ବିପାକର ସୂଚନା ଦେଇ ରେଡିଓ ବଞ୍ଚିପାରିବ ନାହିଁ। ସମୟର ତାଳଦେଇ ନୂତନ ଆହ୍ୱାନର ମୁକାବିଲା କରିବା ପାଇଁ କାର୍ଯ୍ୟକ୍ରମ ମାନ ବଢ଼ାଇବାକୁ ପଡିବ। ୨୦୫୦ମସିହାର ଆହ୍ୱାନ ପାଇଁ ଏବେଠୁ ସେଭଳି ପ୍ରଯତ୍ନ କରିବାକୁ ହେବ। କାର୍ଯ୍ୟକ୍ରମର ମାନ ବଢ଼ିଲେ ରେଡିଓର ସମ୍ମାନ ବଢ଼ିବ ଓ ଲୋକେ ଏହାକୁ ଆଦରି ନେବେ ବୋଲି ପାଢ଼ୀ କହିଥିଲେ। ସଭାପରେ କଣ୍ଠଶିଳ୍ପୀ ଦୁଃଖିଶ୍ୟାମ ତ୍ରିପାଠୀ ଭଜନ ପରିବେଷଣ କରିଥିଲେ। ପଞ୍ଚମ ଅନୁଷ୍ଠାନ ପକ୍ଷରୁ ବଜନିଆ ଓ ରସରକେଲି ନୃତ୍ୟ ଏବଂ ଜୟନ୍ତୀ ଦୀପ ଓ ସାଥୀ ସଞ୍ଚାର କଳା ପ୍ରଦର୍ଶନ କରିଥିଲେ। ଶେଷରେ ଦେବବ୍ରତ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ପ୍ରଫେସର ମଧୁସୂଦନ ପତି, ମଞ୍ଚ ଅଭିନେତା ସତ୍ୟନାରାୟଣ ବେହେରା, ଗୁରୁଶ୍ରୀ ଘାସିରାମ ମିଶ୍ର, ଶିକ୍ଷାପ୍ରେମୀ ପ୍ରାଣବନ୍ଧୁ ନାୟକ, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, କବି ପ୍ରହ୍ଲାଦ ଶତପଥୀ, ମୋହନ ସାହୁ, ପୂର୍ବତନ ଆକାଶବାଣୀ ମୁଖ୍ୟ ଭାଗିରଥି ମିଶ୍ର, ପ୍ରଫୁଲ୍ଲ କୁମାର ମାଝି, ଜୟରାମ ମୁଣ୍ଡା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ, ଜୟରାମ ମିଶ୍ର, ବ୍ରହ୍ମାନନ୍ଦ ବନ୍‌ଛୋର, କୃଷ୍ଣଚନ୍ଦ୍ର ବାରିକ, ଡ ମହେଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଲୁର୍କୀ ଧନୁଯାତ୍ରା: ଅକ୍ରୂରଙ୍କ ଗୋପପୁର ଗମନ

**ଗୁଡ଼ଭେଲା,୧୯।୧(ଡ଼ିଏନଏ)**

ଗୁଡଭେଲା ବ୍ଲକ ଅନ୍ତର୍ଗତ ଲୁର୍କୀ ଗ୍ରାମରେ ଚାଲିଥିବା ଧନୁଯାତ୍ରା ମହୋତ୍ସବର ଶନିବାର ଥିଲା ପଞ୍ଚମ ଦିନ। ପ୍ରତ୍ୟେକ ଦିନ ଭଳି ଗୋପାଳ ବାଳକଙ୍କ ଗହଣରେ ବେନିଭାଇ ଶ୍ରୀକୃଷ୍ଣ ଓ ବଳରାମ ଗୋପପୁର ପରିକ୍ରମା କରିବା ସହ ଯମୁନା ନଈକୂଳ ବୃନ୍ଦାବନ ପଡିଆରେ ଖେଳକୁଦରେ ମାତିଥିଲେ। ସେଠାରେ ଶ୍ରୀକୃଷ୍ଣଙ୍କ ଦ୍ୱାରା କାଳୀୟ ଦଳନ ଓ ବସ୍ତ୍ର ହରଣ ଦୃଶ୍ୟ ମଞ୍ଚସ୍ଥ ହୋଇଥିଲା। ଅପରପକ୍ଷରେ ମଥୁରାଧିପତି ମହାରାଜା କଂସଙ୍କ ନିର୍ଦ୍ଦେଶକ୍ରମେ ଅକ୍ରୂର ଶ୍ରୀକୃଷ୍ଣ ଓ ବଳରାମଙ୍କୁ ଧନୁଯାତ୍ରରେ ମଥୁରାପୁରକୁ ଆଣିବା ପାଇଁ ଗୋପପୁରକୁ ଯାଇଛନ୍ତି। ପୌରାଣିକ କଥାବସ୍ତୁ ଉପରେ ଆଧାରିତ ଏହି ସବୁ ଦୃଶ୍ୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ରାଜ ଅତିଥି ଭାବେ ହିଫଜୁଲ ରହମାନ ଯୋଗ ଦେଇଥିଲେ। କଂସ ମହାରାଜାଙ୍କ ଭୂମିକାରେ ଗୋପାଳ ପଣ୍ଡା, ମହାମନ୍ତ୍ରୀ ଲକ୍ଷିନ୍ଦ୍ର ଭୁଏ, ଅକ୍ରୂର ଭୋପାଳ ଚନ୍ଦ୍ର ପ୍ରଧାନ, ମୁଷ୍ଟିକ-ଅରୁଣ ପାଢ଼ୀ, ଉଗର-ବାବୁଲାଲ ଭୋଇ ଓ ନରେନ୍ଦ୍ର ଘିବେଲାଙ୍କ ଅଭିନୟ ଚିତାକର୍ଷକ ହୋଇଥିଲା। ଧନୁଯାତ୍ରା କମିଟି ସଭାପତି ସରୋଜ ପ୍ରଧାନ, ଆନନ୍ଦ ପ୍ରଧାନ, ଅବନୀ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଦେଓଗାଁ ବ୍ଲକରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ

# ୨୮୪ ପ୍ରକଳ୍ପ ପାଇଁ ୬.୨୭କୋଟି ମଞ୍ଜୁର



ଦେଓଗାଁ ବ୍ଲକରେ ଅନୁଷ୍ଠିତ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ଉପସ୍ଥିତ ମହିଳା ଓ କର୍ମକର୍ତ୍ତା।

**ଦେଓଗାଁ,୧୯।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ନିକଟସ୍ଥ ଖେଳପଡିଆଠାରେ ଶନିବାର ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଶଙ୍କର ପ୍ରସାଦ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏମପି କଳିକେଶ ନାରାୟଣ ସିଂଦେଓ, ବିଧାୟକ ନରସିଂହ ମିଶ୍ର, ପୂର୍ବତନ ରାଜ୍ୟ ସଭା ସାଂସଦ ଅନଙ୍ଗ ଉଦୟ ସିଂଦେଓ, ବ୍ଲକ ଅଧ୍ୟକ୍ଷା ରୀନା ମେହେର, ବିଜେଡି ରାଜ୍ୟପରିଷଦ ସଭ୍ୟ ଅର୍କେଶ ନାରାୟଣ ସିଂଦେଓ, ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ କୁମାର ମେହେର, ଜିଲା ପରିଷଦ ସଭ୍ୟ ଶୁଶିଳ କୁମାର ଚାନ୍ଦ, ଜିଲା ବିଜୁଯୁବ ଜନତାଦଳ ସଭାପତି ଲୋଟସ ଷଡଙ୍ଗୀ ପ୍ରମୁଖ ଯୋଗଦେଇଥିଲେ। ଜିଲାପାଳ ଅରିନ୍ଦମ ଡାକୁଆ, ଡିଆରଡିଏ ପିଡି ମହେଶ୍ୱର ସ୍ୱାଇଁ ଓ ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ରାଜ୍ୟସ୍ତରୀୟ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଆରମ୍ଭରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସିଂ ଦ୍ୱାରା ଦେଓଗାଁ ବ୍ଲକର ୨୬ଟି ପଞ୍ଚାୟତ ଅନ୍ତର୍ଗତ ୧୨୭ଖଣ୍ଡ ଗ୍ରାମକୁ ରାଜ୍ୟ ସରକାରଙ୍କ ପାଣ୍ଠିରୁ ୨୮୪ ପ୍ରକଳ୍ପ ପାଇଁ ୬କୋଟି ୨୭ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ପଞ୍ଚାୟତରୁ ୧୨ହଜାରରୁ ଉର୍ଦ୍ଧ୍ୱ ମା'ଭଉଣୀ ଯୋଗଦେଇଥିବା ବେଳେ ଖାଦ୍ୟ ବ୍ୟବସ୍ଥା ଠୁ ଆରମ୍ଭ କରି ମହିଳାଙ୍କୁ ଗାଡିରେ ନେବା ଆଣିବାରେ ଅବ୍ୟବସ୍ଥା ଦେଖାଦେଇଥିଲା। କାର୍ଯ୍ୟକ୍ରମ ସ୍ଥଳକୁ ଡୁମେରପିଟା ପଞ୍ଚାୟତ ସତୀଘାଟରୁ ଆସିଥିବା ଭଗବତୀ ମେହେର ନାମକ ଜନୈକା ମହିଳା ହଠାତ ଅଚେତ ହୋଇପଡିଥିଲେ। ତାଙ୍କୁ ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା କରାଇଥିବା ବେଳେ ସେ ଅଖିଆ ଅପିଆ ରହିଥିବାରୁ ଏଭଳି ହୋଇଥିବା ଡାକ୍ତର କହିଥିଲେ। ଅପରପକ୍ଷରେ କାର୍ଯ୍ୟକ୍ରମସ୍ଥଳକୁ ବଡବନ୍ଧ ଜଗନ୍ନାଥପଡାରୁ ମହିଳାଙ୍କୁ ନେଇ ଆସୁଥିବା ଅଟୋ ମହାମରାଛକଠାରେ ଭାରସାମ୍ୟ ହରାଇ ଓଲଟି ପଡିବାରେ ୨ଜଣ ମହିଳା ଆହତ ହୋଇଥିବା ଜଣାପଡିଛି।

### ଶିକ୍ଷଣୀୟ ସାମଗ୍ରୀ, ବିଜ୍ଞାନ ପ୍ରଦର୍ଶନୀ

**ବଲାଙ୍ଗୀର ଅଫିସ, ୧୯।୧**

ବଲାଙ୍ଗୀର ଜିଲା ସାଲେଭଟା ଉତ୍କଳମଣି ହାଇସ୍କୁଲଠାରେ ଶିକ୍ଷଣୀୟ ସାମଗ୍ରୀ ତଥା ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି। ଆଗଲପୁର ବ୍ଲକ ବିଇଓ ମଞ୍ଜୁଲତା ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଦର୍ଶନୀରେ ଜିଲା ଶିକ୍ଷା ଅଧିକାରୀ କାର୍ତ୍ତିକେଶ୍ୱର ଲେଙ୍କା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଆଗଲପୁର ବ୍ଲକ ସାଲେଭଟା ଏବଂ କୁଟାସିଂହା କ୍ଲଷ୍ଟରସ୍ତରୀୟ ଶିକ୍ଷକ, ଶିକ୍ଷିକା ଏବଂ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଶିକ୍ଷଣୀୟ ସାମଗ୍ରୀ ଶିକ୍ଷା ପ୍ରଦାନ ପ୍ରକ୍ରିୟାରେ କିଭଳି ସହାୟକ ହୋଇପାରିବ ସେନେଇ ଆଲୋଚନା ହୋଇଥିଲା। ବ୍ଲକସ୍ତରରେ ଶିକ୍ଷଣୀୟ ମ୍ୟୁଜିୟମ ଗଠନ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ରାଜେନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ଓଡିଆ ବିଭାଗ ଅଧ୍ୟାପକ ଶେଷନ ବିଶି, ସମ୍ବଲପୁରୀ କବି ଏବଂ ନାଟ୍ୟକାର ବିନୋଦ କୁମାର ପଶାୟତ, ଜିଲା ବିଜ୍ଞାନ ସୁପରଭାଇଜର ନୀଳମଣି ପଟେଲ, ଜିଲା ଶିକ୍ଷା ନିରୀକ୍ଷକ ଜ୍ୟୋତିରଞ୍ଜନ ପରିଡା,ଏବିଇଓ ସବିତା ମିଶ୍ର, ଦିଲୀପ ବେହେରା, ଉତ୍କଳମଣି ହାଇସ୍କୁଲ ପ୍ରଧାନଶିକ୍ଷକ ସଦାନନ୍ଦ ଭୋଇ, ମାୟାବର୍ହା ହାଇସ୍କୁଲ ପ୍ରଧାନଶିକ୍ଷକ ବସନ୍ତ କୁମାର ହୋତା, ବ୍ୟଙ୍ଗକବି ଅନୁପ୍ରିୟା ମିଶ୍ର ମଞ୍ଚାସୀନ ଥିଲେ। ସାଲେଭଟା କ୍ଲଷ୍ଟର ସିଆରସିସି ଦୁର୍ଯ୍ୟୋଧନ ପଶାୟତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉଭୟ କ୍ଲଷ୍ଟରରୁ ୨୧ଟି ସ୍କୁଲରୁ ୧୫୨ଟି ପ୍ରଦର୍ଶନୀ ଡେସ୍କ ଲାଗିଥିଲା। ମାୟାବର୍ହା ହାଇସ୍କୁଲର ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ରବିନ୍ଦ୍ର ପଶାୟତ ଏବଂ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଯୁବକବି ସୁଜିତ ସତପଥୀଙ୍କୁ ସମ୍ମାନିତ କରାଯାଇଥିଲା। ଏକ ଭବ୍ୟ କବିତା ପାଠୋତ୍ସବ, ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ମୁକ୍ତ କ୍ୱିଜ୍ ପ୍ରତିଯୋଗିତା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଅର୍ଜୁନପୁର ହାଇସ୍କୁଲ ରଜତ ଜୟନ୍ତୀର ଦ୍ୱିତୀୟ ଦିବସ

# ମନମୋହିଲା ହାସ୍ୟକବିତା, ସାଂସ୍କୃତିକ କାର୍ଯ୍ୟକ୍ରମ

**ଦେଓଗାଁ, ୧୯।୧(ଡି.ଏନ.ଏ.)**




ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅର୍ଜୁନପୁର ଉଚ୍ଚବିଦ୍ୟାଳୟର ୩ଦିନ ଧରି ଅନୁଷ୍ଠିତ ରଜତ ଜୟନ୍ତୀ ସମାରୋହର ଶନିବାର ଦ୍ୱିତୀୟ ଦିବସ। ଏହି ଦିନ ଅପରାହ୍ନ ୧୨ଟାରେ ଗୁରୁ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହେମନ୍ତ କୁମାର ଦାଶଙ୍କ ପରିଚାଳନା ତଥା ପୂର୍ବତନ ପ୍ରଧାନଶିକ୍ଷକ ଜିବେଶ୍ୱର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବ୍ଲକ ଶିକ୍ଷାଧିକାରୀ ଭାଗ୍ୟବତୀ ଦାଶ ଯୋଗଦେଇଥିଲେ। ପାଲେଶ୍ୱର ବାଗ ସ୍ୱାଗତ ଭାଷଣ ଦେଇଥିବା ବେଳେ ପିତାମ୍ବର ପ୍ରଧାନୀ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ହାସ୍ୟ କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ୟଙ୍ଗକବି ସଚ୍ଚି ପଣ୍ଡା, ରଞ୍ଜିତ ପଧାନ, ନିର୍ମଳ ନାଏକ, ମୁନିରାମ କୁମ୍ଭାର, ନକୁଳ ମେହେର, ସଚ୍ଚିଦାନନ୍ଦ ପଧାନଙ୍କ ସମେତ ସ୍ଥାନୀୟ ଆଶୁକବି ହେମନ୍ତ ଦାଶ, ଅଜିତ ମିଶ୍ର ଓ ଯାଜ୍ଞସେନୀ ସାହୁ ପ୍ରମୁଖ ଯୋଗଦେଇ ହାସ୍ୟ କବିତା ଗାନ କରିଥିଲେ। ଭାଜପା ନେତା ବାସୁଦେବ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ, ସମ୍ମାନୀତ ଅତିଥି ଭାଜପା ରାଜ୍ୟ ଓବିସି ମୋର୍ଚ୍ଚା ଉପସଭାପତି ଡା. ଶଶୀଭୂଷଣ ସାହୁ, ବ୍ୟଙ୍ଗକବି ରସରାଜ ଅଚ୍ୟୁତ ପୁରୋହିତ ଯୋଗଦେଇଥିଲେ। ଶିବ ପ୍ରସାଦ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଭୁବନେଶ୍ୱର ଉତ୍କଳ ଡ୍ୟାନ୍ସ ଏକାଡେମୀ, ସ୍ଥାନୀୟ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ପରେ ବଲାଙ୍ଗୀର ରୁଣୁଝୁଣୁ କଳାପରିଷଦଙ୍କ ଦ୍ୱାରା ପରାମ୍ପରିକ ନୃତ୍ୟ, ସାଲେପାଲି ଗ୍ରାମମଙ୍ଗଳ ପାଠାଗାରର ଡ୍ୟାନ୍ସଗ୍ରୁପ ଦ୍ୱାରା ନୃତ୍ୟ ପରିବେଷଣ ସମସ୍ତଙ୍କ ମନଛୁଆଁ ହୋଇପାରିଥିଲା। କାର୍ଯ୍ୟକ୍ରମକୁ ସ୍ଥାନୀୟ ହାଇସ୍କୁଲର ସମସ୍ତ ଶିକ୍ଷୟତ୍ରୀଶିକ୍ଷକ, ପରିଚାଳନା କମିଟି ତଥା ଗ୍ରାମବାସୀ ସହଯୋଗ କରୁଛନ୍ତି। ରବିବାର ରଜତ ଜୟନ୍ତୀର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହେବ ବୋଲି ଆୟୋଜକ ସୂତ୍ରରୁ ପ୍ରକାଶ।

ନୂଆଁପାଲି ଧନୁଯାତ୍ରାର ଚତୁର୍ଥ ସନ୍ଧ୍ୟା

# ଅଷ୍ଟମଲ୍ଲ, ପୁତନାଙ୍କ ମୃତ୍ୟୁରେ କଂସ ମର୍ମାହତ

**ଦେଓଗାଁ, ୧୯।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉପରଝର ପଞ୍ଚାୟତ ଅନ୍ତର୍ଗତ ନୂଆଁପାଲିରେ ୫ଦିନଧରି ଚାଲିଥିବା ଧନୁଯାତ୍ରା ମହୋତ୍ସବର ଶନିବାର ଥିଲା ଚତୁର୍ଥ ସନ୍ଧ୍ୟା। ଏହି ଦିବସରେ ଅଷ୍ଟମଲ୍ଲ ନିଧନ ଖବର ପାଇ ମହାରାଜ କଂସ ବିଚଳିତ ହେବା ପରେ ପୁତନାଙ୍କୁ ଗୋପପୁର ପ୍ରେରଣ କରିଥିଲେ। କୃଷ୍ଣଙ୍କୁ ସ୍ତନ୍ୟପାନ କରିବା ସମୟରେ ପୁତନାଙ୍କ ମୃତ୍ୟୁ ହେବା ଖବର ପାଇ ମହାରାଜା କଂସ ମର୍ମାହତ ହୋଇଛନ୍ତି। ଆଉ ପାତ୍ରମନ୍ତ୍ରୀଙ୍କ ସହ କରିଛନ୍ତି ବିଚାର ବିମର୍ଷ। ଛଳନାରେ କୃଷ୍ଣଙ୍କୁ ମଥୁରା ନଗରୀକୁ ଡକାଇବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ସେଥିପାଇଁ ଧନୁଯାତ୍ରାର ଆୟୋଜନ କରି ଭଣଜା କୃଷ୍ଣ ଓ ବଳରାମଙ୍କୁ ଆଣିବାପାଇଁ ଅକ୍ରୁରଙ୍କୁ ଗୋପପୁର ପ୍ରେରଣ କରିବା ଆଦି ଦୃଶ୍ୟ ମଞ୍ଚସ୍ଥ ହୋଇଥିଲା। ଏ ଅବସରରେ କମିଟି ସଭାପତି କୌସ୍ତୁଭମଣି ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଚତୁର୍ଥ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ବଳରାମ ସଂ ଯାଦବ, ସମ୍ମାନୀତ ଅତିଥି ଉପରଝର ସେବା ସମବାୟ ସମିତି ସଭାପତି ପଞ୍ଚାନନ ପଧାନ, ଯୁବନେତା ଶୈଳେନ୍ଦ୍ର ସାହୁ ଯୋଗଦେଇଥିଲେ। ଏହି ଦିନ କଂସ ମହାରାଜ ଭୂମିକାରେ ଗୋପାଳ ସାହୁ(ଏଲି), ମହାମନ୍ତ୍ରୀ ଭୂମିକାରେ କଳାକୃଷ୍ଣ ସାହୁ, ସେନାପତି ଆକାଶ ବିଶ୍ୱାଳ, ମୁଷ୍ଟିକ ଶଙ୍କର ସାହୁ ଆଦି ଅଭିନୟ କରିଥିଲେ। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ମୀନାବଜାର, ନାଟକ, ସଂଚାର ଆକାଶ ଦୋଳି ଆଦି ଆକର୍ଷଣର କେନ୍ଦ୍ର ସାଜଥିବା ବେଳେ ଯାତ୍ରାକୁ ଉପସଭାପତି ସୁକଲ୍ୟାଣ ବିଶ୍ୱାଳ, ସମ୍ପାଦକ ନୀଳମଣି ନାଏକ, କୋଷାଧ୍ୟକ୍ଷ ଅଶୋକ ଶତପଥୀ, ଚକାମନ ଭୋଇ, ପିଙ୍କୁ ଭୋଇ, ସହସମ୍ପାଦକ ଘାସିରାମ ନାଏକ ତଥା ଗ୍ରାମବାସୀ ସହଯୋଗ କରୁଛନ୍ତି।

ଜଗନ୍ନାଥ କଲେଜର ବାର୍ଷିକ କ୍ରୀଡ଼ା

# ସବିତା ବାଳିକା, ରମେଶ ବାଳକ ଚାମ୍ପିୟନ

**ଦେଓଗାଁ, ୧୯।୧(ଡି.ଏନ.ଏ.)**




ସାହାଜବାହାଲ ଡିଗ୍ରୀ କଲେଜରେ ବାର୍ଷିକ କ୍ରୀଡା ଉଦ୍‌ଯାପନୀ ଅବସରରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର।

ବଲାଙ୍ଗୀର ଜିଲା ସଦର ବ୍ଲକ ସାହାଜବାହାଲ ଜଗନ୍ନାଥ ଡିଗ୍ରୀ କଲେଜର ବାର୍ଷିକ କ୍ରୀଡା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଖେଳ ଶିକ୍ଷକ ସନାତନ ମିଶ୍ରଙ୍କ ପରିଚାଳନାରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ୧୦୦ମିଟର, ୨୦୦ମି, ୪୦୦ମି ଦୌଡ, ଉଚ୍ଚଡିଆଁ, ଲମ୍ବଡିଆଁ, ସଟପୁଟ ଥ୍ରୋ, ଡିସକସ ଥ୍ରୋ, ଜାଭଲିନ ଥ୍ରୋ, ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବାଳିକା ବିଭାଗରେ ସବିତା କୁମୁରା ଓ ବାଳକ ବିଭାଗରେ ରମେଶ କୁମାର ଧରୁଆ ଚାମ୍ପିୟନ ହୋଇ ପୁରସ୍କୃତ ହୋଇଥିଲେ। ଅଧ୍ୟାପକ ସଞ୍ଜିବ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କ୍ରୀଡା ଉତ୍ସବର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ କଲେଜ ଅଧ୍ୟକ୍ଷ ପ୍ରମୋଦ କୁମାର ବରାଡ, ସମ୍ମାନୀତ ଅତିଥି ଅଧ୍ୟାପକ କବିରାଜ ଭୋଇ. ଗୋବିନ୍ଦ ଚନ୍ଦ୍ର ଭୋଇ, ଶାନ୍ତନୁ କୁମାର ପାତ୍ର ଓ ହିମାଂଶୁ ଶେଖର ବାରିକ ପ୍ରମୁଖ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଉତ୍ସବକୁ ମଦନଲାଲ ପଣ୍ଡା, ଅରୁଣ କୁମାର ଯୋଷୀ, କିଶୋର କୁମାର ହୋତା, ରଙ୍ଗାଧର ହୋତା, ଗୋବର୍ଦ୍ଧନ ବଗର୍ତ୍ତି ପ୍ରମୁଖ ସହଯୋଗ କରିଥିଲେ।

# ବିଦ୍ୟୁତ ସଂଯୋଗ ଲାଗି ଧାରନାରେ ବସଲେ ଗାଁବାସୀ

**ଲୋଇସିଂହା,୧୯।୧(ଡି.ଏନ.ଏ.)**



ଏସଡିଓ ଅଫିସ ଆଘେ ଧାରନାରେ ବସିଥିବାର ଗାଁବାସୀ।

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକର ପତ୍ରାପାଲି ଗାଁର ଗରିବ୍ ଶ୍ରେଣୀର ଲୋକ୍ ଆଏଜତକ୍ ବିଦ୍ୟୁତ ସେବା ପାଏବାରୁ ବଁଚିତ ହେଇ ରହିଛନ୍। ପରଶାସନର ନାକତଲେ ଥିଲେ ବି ଦୀପତଲ ଅଁଧାର ଲେଖେଁ ରହୁଥିବାର ଅଭିଯୋଗ କରି ଗାଁବାସୀ ଶନିବାର ବିଦ୍ୟୁତ ବିଭାଗ ଏସଡିଓକଁର ଦପତର ଆଘେ ଧାରନା ଦେଇଥିଲେ। ଏସଡିଓ କମଲେଶ ପଧାନ ଉଚ ଅଧିକାରୀକଁର ସଂଗେ ଆଲୋଚନା କରି ଆଏବାର ପେବୃୟାରୀ ଶେଷ୍ ତକ୍ ବିଦ୍ୟୁତ୍ ସେବା ଯୁଗେଇ ଦେବାକେ କଥା ଦେଲାରୁ ଲୋକ୍ ଧାରଣାରୁ ଉହୁରିଥିଲେ। ସୂଚନା ହିସାବେ, ଲୋଇସିଂହା ପଁଚେତ୍‌ର ୪ ନଂ ୱାର୍ଡରେ ପତ୍ରାପାଲି ଗାଁ ରହିଛେ। ଇ ଗାଁଟା ବ୍ଲକ୍ ଅଫିସନୁ ଅଢ଼େ କି.ମି. ଆର ବିଦ୍ୟୁତ ସେକ୍ସନ ଅଫିସନୁ ଦେଢ଼ କି.ମି. ଦୂରେ ରହିଛେ। ଗାଁର ଗରିବ୍ ଶ୍ରେଣୀର ଲୁକ୍‌କୁ ବିଦ୍ୟୁତ ସେବା ଯୁଗେଇ ଦେବାର ଉଧେ ପାଖାପାଖି ୧୦ ବଛର ତଲୁ ବଡ଼ଭାଗି କାମ୍ ସରିଛେ। ଗାଁରେ ବିଦ୍ୟୁତ ଖୁଁଟା ଡୁପା ହେଇ ଲୁକ୍‌କର ଘରମାନକେ ବୋର୍ଡ ବି ଲଗାଯାଇଛେ। ହେଲେ ଦୁଖର କଥା ଆଏଜ୍‌ତକ୍ ଗାଁର ଝନେ ବି ଗରିବ୍ ପରିବାରକେ ବିଦ୍ୟୁତ୍ ସଂଯୋଗ ନାଇଁ ଦିଆଯାଇ। ଇଥିର ଲାଗି ଗାଁବାସୀ ଭିନେ ଭିନେ ସମିଆରେ ବିଦ୍ୟୁତ ସଂଯୋଗ ଦାବି କଲେ ଗାଁରେ ବିଦ୍ୟୁତ ସଂଯୋଗ ଦିଆଯାଇଥିବାର ବିଭାଗ ତରଫୁ କୁହାଯାଉଥିବାର ଅଭିଯୋଗ କରିଛନ୍। ଇତାକେ ନେଇ ଗାଁବାସୀକର ଭିତରେ ବଡ଼ଭାରି ଅସନ୍ତୋଷ ପରକାଶ ପାଇଥିଲା। ଆନୀୟ ସମିତି ସଭ୍ୟ କୁନାଇ ଭୋଇକଁର ମଂଗୁଆଲତିରେ କୁଞ୍ଜବିହାରୀ ପଧାନ, ସୁରେଶ ବାଗ, କଂସ ପଧାନ, ଅଶୋକ ପଧାନ,ସୁରିନ୍ଦ୍ର ବାଗ, ତପିସା ପଧାନ, ବୁଦ୍ଧ ପଧାନ, ଧ୍ରୁବ ପଧାନ, ରଇବାରୀ ପଧାନ, ଜାମା ପଧାନ, ଜାହ୍ନବି ପଧାନ ସମେତ ପରମୁଖ୍ ଗାଁର ଅନେକ ମହିଳା ପୁରୁଷ ଆସି ଏସଡିଓ ଅଫିସରେ ଧାରନା ଦେବାର ସଂଗେ ବିଦ୍ୟୁତ ସଂଯୋଗ ଦାବିରେ ଅଡିବସିଥିଲେ।



" ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ।
- ବ୍ୟାସଦେବ



## ସଂକ୍ଷେପରେ

### ହୃଦ୍‌ରୋଗ ଉପରେ କର୍ମଶାଳା

**ବ୍ରଜରାଜନଗର,୧୯।୧(ଡି.ଏନ୍.ଏ.)**-ସ୍ଥାନୀୟ କେନ୍ଦ୍ରୀୟ ଚିକିତ୍ସାଳୟରେ ହୃଦ୍‌ରୋଗ ଓ ଶ୍ୱାସକ୍ରିୟା ପୁନଃ ପ୍ରଚଳନ ଉପରେ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଛି। ପ୍ରଶିକ୍ଷକ ଡା. ପ୍ରିୟବ୍ରତ ସାହୁ, ଡା. ମାନସ ରଞ୍ଜନ ପାଣ୍ଡେ, ଡା. ବି.କେ. ଶର୍ମା ପ୍ରମୁଖ ଏଥିରେ ଯୋଗଦେଇ ଦୁର୍ଘଟଣାରେ ଜୀବନ ହାରୁଥିବା ବ୍ୟକ୍ତିଙ୍କ ଜୀବନ କିପରି ବଞ୍ଚାଯାଇ ପାରିବ ସେ ବିଷୟରେ ଅବଗତ କରାଇଥିଲେ। ଇବ୍ କ୍ଷେତ୍ର ପ୍ରବନ୍ଧକ ମଧୁସୂଦନ ଶର୍ମା ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସଙ୍ଗୀତା ଅଗ୍ରୱାଲ ଏଥିରେ ଅଧକ୍ଷତା କରିଥିଲେ।

### ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ: ୪ କୋଟିର ପ୍ରକଳ୍ପ ଅନୁମୋଦନ

**ଝାରସୁଗୁଡ଼ା ଅଫିସ,୧୯।୧**-ଝାରସୁଗୁଡ଼ା ବଡ଼ମାଲ ପଡ଼ିଆରେ ଶନିବାର ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଝାରସୁଗୁଡ଼ା ସଦର ବ୍ଲକ ଅନ୍ତର୍ଗତ ୧୬ ପଞ୍ଚାୟତର ପ୍ରସ୍ତାବିତ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ ଦେଇଛନ୍ତି। ପ୍ରତ୍ୟେକ ପଞ୍ଚାୟତ ପାଇଁ ୨୫ ଲକ୍ଷ ଲେଖାଏଁ ମୋଟ ୪ କୋଟି ଟଙ୍କାର ପ୍ରସ୍ତାବ ପାରିତ ହୋଇଛି। ମିଶନ ଶକ୍ତି ଘର ନିର୍ମାଣ, ସ୍ୱୟଂ ସହାୟକ ଗୋଷ୍ଠୀ ସଭାଗୃହ, ଗାଧୁଆ ତୁଠରେ ପାହାଚ ଏବଂ କୋଠରି, ଗୋଷ୍ଠୀକେନ୍ଦ୍ର ନିର୍ମାଣ, କଲ୍ୟାଣମଣ୍ଡପ ଭଳି ପ୍ରକଳ୍ପ ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଥିଲା। ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଭିଡିଓ କନଫରେନସିଂ ଜରିଆରେ ଏହି ପ୍ରକଳ୍ପଗୁଡ଼ିକୁ ଅନୁମୋଦନ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସତ୍ୟନାରାୟଣ ଦାଶ, ଡିପିଓ ବସନ୍ତ କୁମାର ପାତ୍ର, ବିଡିଓ ଶଙ୍କର କେର୍କେଟା, ବ୍ଲକ ଅଧକ୍ଷ ଦିଗମ୍ବର ଭୋଇଙ୍କ ସମେତ ସମସ୍ତ ପଞ୍ଚାୟତର ସରପଞ୍ଚ ଓ ସରକାରୀ ଅଧିକାରୀ ଉପସ୍ଥିତ ଥିଲେ।

### କଲେଜର ବାର୍ଷିକ ଉତ୍ସବ

**ଝାରସୁଗୁଡ଼ା ଅଫିସ,୧୯।୧**-ଝାରସୁଗୁଡ଼ା ମହିଳା ମହାବିଦ୍ୟାଳୟର ୩୭ତମ ବାର୍ଷିକ ଉତ୍ସବ ଶନିବାର ସ୍ଥାନୀୟ ଅଡିଟୋରିୟମରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ବରଗଡ଼ ଏମ୍‌ପି ଡା. ପ୍ରଭାସ କୁମାର ସିଂ ଯୋଗଦେଇ ବିଭିନ୍ନ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଦେଶରେ ନାରୀ ଶିକ୍ଷାର ଅଗ୍ରଗତି ଘଟୁଛି ବୋଲି କହିଥିଲେ। ମହିଳା କଲେଜ ଅଧକ୍ଷା ବଲବିନ୍ଦର କୌର ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରାଧାପିକା ସୁଷମା ମହାନ୍ତି, ଅଧାପିକା ଜୟଶ୍ରୀ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଛାତ୍ରସଂସଦର ଶିବାନୀ ପାଢ଼ୀ, ଅନିଷା ପଟ୍ଟନାୟକ, ଶ୍ୱେତା କୌର, ଶ୍ରୀୟା ସିଂ, ଅର୍ଚ୍ଚନା ମହାନ୍ତି, ତନୁ ଦୁବେ, ସ୍ନିଗ୍ଧା ଭୌମିକ, ବନିତା ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଅଧାପିକା ରେଣୁକା ପୂଜାରୀ ଧନ୍ୟବାଦ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ହାସ୍ୟ କବି ନିତିଶ ଆଚାର୍ଯ୍ୟ ହାସ୍ୟ କବିତା ପାଠ କରିଥିଲେ।

■ ମନ୍ତ୍ରୀଙ୍କ ବହିଷ୍କାର ଦାବି

# ମହିଳା କଂଗ୍ରେସର ଧାରଣା, ବିକ୍ଷୋଭ

**ଝାରସୁଗୁଡ଼ା ଅଫିସ,୧୯।୧**

ଦାରିଙ୍ଗବାଡ଼ି ଆଶ୍ରମ ସ୍କୁଲ ଛାତ୍ରୀ ପ୍ରସବ ଘଟଣା ଏବଂ ନବଜାତ ଶିଶୁ ମୃତ୍ୟୁ ଘଟଣା ଓଡ଼ିଶା ପାଇଁ କଳଙ୍କ। ରାଜ୍ୟ ସରକାରଙ୍କ ଆଦିବାସୀ କଲ୍ୟାଣ ମନ୍ତ୍ରୀ ରମେଶ ମାଝି ଏବଂ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ଚରମ ଅବହେଳା ଯୋଗୁ ଏହି କଳଙ୍କିତ ଅଧାୟ ସୃଷ୍ଟି ହୋଇଛି। ମନ୍ତ୍ରୀଙ୍କ ଅବହେଳା, ସଚିବଙ୍କ ଅଦୂରଦର୍ଶିତା, ଜିଲାପାଳଙ୍କ ଅବହେଳା ଏଥିପାଇଁ ଦାୟୀ ବୋଲି ଅଭିଯୋଗ କରିଛି ଝାରସୁଗୁଡ଼ା ଟାଉନ ମହିଳା କଂଗ୍ରେସ। ତେଣୁ ଏହି ଦୁଇ ମନ୍ତ୍ରୀଙ୍କ ଇସ୍ତଫା ଦାବି କରି ମହିଳା କଂଗ୍ରେସ ଶନିବାର ଜିଲାପାଳ ଅଫିସ ଆଗରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଛି। ଏ ସମ୍ବନ୍ଧୀୟ ଏକ ସ୍ମାରକପତ୍ର ଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କ ନିକଟକୁ ପଠାଯାଇଛି। ଉପରୋକ୍ତ ଘଟଣାରେ ଛାତ୍ରୀଙ୍କ ପରିବାରକୁ ନ ଭେଟିବା, ଚିକିତ୍ସାରେ ଅବହେଳା ରାଜ୍ୟବାସୀଙ୍କ ଭାବାବେଗକୁ ଅସମ୍ମାନିତ କରିଛି। ମୁଖ୍ୟମନ୍ତ୍ରୀ ଏହି ଘଟଣାରେ ନୀରବ ରହିବା ଅତ୍ୟନ୍ତ ନିନ୍ଦନୀୟ ବୋଲି କଂଗ୍ରେସ ଅଭିଯୋଗ କରିଛି। ତେଣୁ ଏହି ମନ୍ତ୍ରୀ ଦ୍ୱୟଙ୍କୁ ବହିଷ୍କାର କରିବାକୁ ଦାବି କରିଛି ମହିଳା କଂଗ୍ରେସ। ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସର ରେଖା ହୋତା, ରୂପାଦୀପ୍ତା ମହାପାତ୍ର, ପ୍ରଭାତୀ ମିଶ୍ର, ସଞ୍ଜୁକ୍ତା ମହାପାତ୍ର, ଟାଉନ ମହିଳା କଂଗ୍ରେସ ସଭାନେତ୍ରୀ ରୁବିନା ଖାଁ, ଭରତ ଅୱସ୍ଥୀ ବେଲା ଥାପ୍ପା, ସରିତା ସା, ରତି ତନ୍ତୀ, ସୁରେଖା ଖୁସି, ସବିତା ଖୁସି, ବିନା ସିଂ ପ୍ରମୁଖ ପ୍ରତିବାଦରେ ସାମିଲ ଥିଲେ।




ମହିଳା କଂଗ୍ରେସ କର୍ମୀମାନେ ବିକ୍ଷୋଭ କରୁଛନ୍ତି।




ଚାମ୍ପିୟନ ଟ୍ରଫି ପାଇଥିବା ଏକ ବିଦ୍ୟାଳୟର ପ୍ରତିଯୋଗୀ ଛାତ୍ରୀଛାତ୍ରଙ୍କ ସହିତ ମୁଖ୍ୟଅତିଥି ଓ ଆୟୋଜକ କମିଟି ସଦସ୍ୟ।

■ ଆନ୍ତଃ ବିଦ୍ୟାଳୟ ବାଲ୍ୟଶ୍ରୀ ଅଲିମ୍ପିଆଡ୍

# ଯୋଗଦେଲେ ୨୩ ସ୍କୁଲର ୨୬୪ ଛାତ୍ରୀଛାତ୍ର

**ବେଲପାହାଡ଼,୧୯।୧(ଡି.ଏନ୍.ଏ.)**- ଝାରସୁଗୁଡ଼ା ଜିଲା ବେଲପାହାଡ଼ସ୍ଥିତ ଟିଆର୍‌ଏଲ୍ ଷ୍ଟାଡିୟମରେ ଶନିବାର ଆନ୍ତଃ ବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା 'ବାଲ୍ୟଶ୍ରୀ ଅଲିମ୍ପିଆଡ୍' ଅନୁଷ୍ଠିତ ହୋଇଛି। ଏଥିରେ ପୌରାଞ୍ଚଳ ଅନ୍ତର୍ଗତ ୨୩ ବିଦ୍ୟାଳୟର ୨୬୪ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ୮ ବର୍ଷରୁ କମ୍ ବାଳିକା ଓ ବାଳକ ବର୍ଗରେ ଯଥାକ୍ରମେ ବିବେକାନନ୍ଦ ବିଦ୍ୟାଳୟର ସୋନାଲି ଗୁଡ଼ିଆ ଓ ଜାମକାନି ପ୍ରାଥମିକ ବିଦ୍ୟାଳୟର କ୍ରିଷ୍ଣା ମୁଣ୍ଡା ବ୍ୟକ୍ତିଗତ ଚାମ୍ପିୟନ ହୋଇଛନ୍ତି। ୧୪ ବର୍ଷରୁ କମ୍ ବାଳିକା ଓ ବାଳକ ବର୍ଗରେ ଯଥାକ୍ରମେ ବେଲପାହାଡ଼ ଇଂଲିଶ ମିଡିୟମ ସ୍କୁଲର ତନ୍ମୟୀ ନାୟକ ଓ ବେଲପାହାଡ଼ ରିଫ୍ରାକ୍ଟୋରିଜ ଉଚ୍ଚ ବିଦ୍ୟାଳୟର ଅଲତାଫ ରାଜା ଚାମ୍ପିୟନ ହୋଇଛନ୍ତି। ସେହିପରି ପ୍ରାଥମିକ ବିଦ୍ୟାଳୟ ସ୍ତରରେ ଗାନ୍ଧୀନଗର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ବିବେକାନନ୍ଦ ବିଦ୍ୟାଳୟ ଯୁଗ୍ମ ଚାମ୍ପିୟନ ଟ୍ରଫି ହାସଲ କରିଛନ୍ତି। ମାଧ୍ୟମିକ ସ୍ତରରେ ବେଲପାହାଡ଼ ଇଂଲିଶ ମିଡିୟମ ସ୍କୁଲ ଚାମ୍ପିୟନ ହୋଇଛି। ପ୍ରତିଯୋଗିତା ଉଦ୍‌ଘାଟନୀ ଉତ୍ସବରେ ଟିଆର୍‌ଏଲ୍ କ୍ରୋସାକି ରିଫ୍ରାକ୍ଟୋରିଜ ଉପସଭାପତି ହ୍ରିଦେଶ ସେହଗଲ ଏବଂ ଉଦ୍‌ଯାପନୀ ଉତ୍ସବରେ ବେଲପାହାଡ଼ ପୌର ପରିଷଦ ନିର୍ବାହୀ ଅଧିକାରୀ ଲୋକନାଥ ତିୱାରୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବିଭିନ୍ନ ସ୍କୁଲର ଖେଳ ଶିକ୍ଷକ ହମିଦ ମହାପାତ୍ର, ଦେବେନ୍ଦ୍ର ବେହେରା, ଲୋଚନ କାଣ୍ଡରା, ଚିନନ୍ତି ମିଂଜ୍, ପଞ୍ଚାନନ ପାଣିଗ୍ରାହୀ ଓ ନନ୍ଦିନୀ ରାଉତ ପ୍ରତିଯୋଗିତା ପରିଚାଳନା କରିଥିଲେ। ବେଲପାହାଡ଼ ଇଂଲିଶ ମିଡିୟମ ସ୍କୁଲ ଅଧକ୍ଷା ରମା କାର୍ତ୍ତିକ ଓ ବେଲପାହାଡ଼ ରିଫ୍ରାକ୍ଟୋରିଜ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନିରଞ୍ଜନ ତ୍ରିପାଠୀ ବାଲ୍ୟଶ୍ରୀ ଅଲିମ୍ପିଆଡ୍ ଆୟୋଜନ କମିଟିର ଯଥାକ୍ରମେ ସମ୍ପାଦିକା ଓ ସହସମ୍ପାଦକ ଦାୟିତ୍ୱ ତୁଲାଇଥିଲେ। ସୂଚନାଯୋଗ୍ୟ, ଗତ ୧୫ ବର୍ଷ ଧରି ଶିଶୁମାନଙ୍କ ଶାରୀରିକ ଓ କ୍ରୀଡ଼ା ପ୍ରତିଭା ବିକାଶ ଉଦ୍ଦେଶ୍ୟରେ ଟିଆର୍‌ଏଲ୍ ପକ୍ଷରୁ ଗଠିତ ବାଲ୍ୟଶ୍ରୀ ନାମକ ଏକ ଅନୁଷ୍ଠାନ ପକ୍ଷରୁ ପ୍ରତିବର୍ଷ ବାଲ୍ୟଶ୍ରୀ ଅଲିମ୍ପିଆଡ୍ ଆୟୋଜିତ ହୋଇଆସୁଛି।

■ ଝାରସୁଗୁଡ଼ାରେ ପ୍ରସ୍ତାବିତ କ୍ୟାନସର୍ ହସ୍ପିଟାଲକୁ ବିରୋଧ

## ବ୍ରଜରାଜନଗର ସ୍ଥାନାନ୍ତର କରିବାକୁ ଦାବି

**ବ୍ରଜରାଜନଗର,୧୯।୧(ଡି.ଏନ୍.ଏ.)**

ଝାରସୁଗୁଡ଼ାଠାରେ ନିର୍ମାଣ ହେବାକୁ ଥିବା ପ୍ରସ୍ତାବିତ କ୍ୟାନସର ହସ୍ପିଟାଲକୁ ବ୍ରଜରାଜନଗର ଅଞ୍ଚଳବାସୀ ବିରୋଧ କରିଛନ୍ତି। ଏହାକୁ ବ୍ରଜରାଜନଗରରେ ସ୍ଥାପନ କରିବାକୁ ଦାବି ହୋଇଆସୁଛି। ଏଥିପାଇଁ ଶନିବାର ସ୍ଥାନୀୟ ଅଗ୍ରସେନ ଭବନରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ବିଧାୟିକା ରାଧାରାଣୀ ପଣ୍ଡା ବ୍ରଜରାଜନଗର ନାଗରିକ କମିଟି ନାମରେ ଏକ ସର୍ବଦଳୀୟ ସଭା ଡକାଇଥିଲେ ମଧ୍ୟ କେବଳ ଭାଜପାର କର୍ମକର୍ତ୍ତାମାନେ ଯୋଗଦେଇ ସେମାନଙ୍କ ମତ ରଖିଥିଲେ। ଝାରସୁଗୁଡ଼ା ଜିଲାପାଳ ବିଭୂତି ଭୂଷଣ ପଟ୍ଟନାୟକ ଜିଲା ଖଣିଜ ପାଣ୍ଠିକୁ ଶାସକ ଦଳ ପ୍ରରୋଚନାରେ ଖର୍ଚ୍ଚ କରୁଛନ୍ତି। ଏ ନେଇ ବିଧାୟିକା ବାରମ୍ବାର ପ୍ରତିବାଦ କରିବା ସତ୍ତ୍ୱେ କୌଣସି ସୁଫଳ ନ ମିଳିବାରୁ ବାଧହୋଇ ଜିଲା ଖଣିଜ ପାଣ୍ଠି ଉନ୍ନୟନ କମିଟି ସଦସ୍ୟ ପଦରୁ ଇସ୍ତଫା ଦେଲେ ବୋଲି କହିବା ସହିତ ଆଗାମୀ ଦିନରେ ପ୍ରସ୍ତାବିତ କ୍ୟାନସର ହସ୍ପିଟାଲ ବ୍ରଜରାଜନଗରରେ କରିବାକୁ ଦାବି କରିଥିଲେ। ସେ ଏ କ୍ଷେତ୍ରରେ ସମ୍ପୂର୍ଣ୍ଣ ଏକା ହୋଇଯାଇଥିବାରୁ ପ୍ରଶାସନ ଉପରେ ଚାପ ସୃଷ୍ଟି କରିବାରେ ଅସହାୟତା ପ୍ରକାଶ କରିଥିଲେ। ତେଣୁ ବ୍ରଜରାଜନଗରର ସମସ୍ତ ମହିଳା ପୁରୁଷ ଏକତ୍ରିତ ହୋଇ ଆସନ୍ତା ୨୪ ତାରିଖ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ବିରୋଧ କରିବାକୁ ଆହ୍ୱାନ ଦେଇଥିଲେ। ଏଥିସହ ସରକାରୀ, ଘରୋଇ ସ୍କୁଲ, କଲେଜ, ପରିବହନ, କାର୍ଯ୍ୟାଳୟ, ରାସ୍ତାଘାଟ ଆଦି ଠପ୍ କରିବାକୁ ସେ ଆହ୍ୱାନ ଦେଇଥିଲେ।

# ଚାଷୀ ସମାବେଶ ସଫଳ କରିବାକୁ ପ୍ରୟାସ

**ଲଖନପୁର,୧୯।୧(ଡି.ଏନ୍.ଏ.)**

ଆସନ୍ତା ୨୭ ତାରିଖରେ ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ପଞ୍ଚଗାଁ ରେଙ୍ଗାଲି ବଜାର ପ୍ରାଙ୍ଗଣରେ ଜିଲାସ୍ତରୀୟ ଚାଷୀ ସମାବେଶ ଅନୁଷ୍ଠିତ ହେବ। ଏହାକୁ ସଫଳ କରିବା ପାଇଁ ଲଖନପୁର କୃଷକ ସଙ୍ଗଠନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି। ଲଖନପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଶନିବାର ବେଣୁଧର ଭୋଇଙ୍କ ଅଧକ୍ଷତାରେ ଏ ନେଇ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସଂଗଠନର କର୍ମକର୍ତ୍ତା ବିରଞ୍ଚି ସାହୁ, ସୁରେଶ ତ୍ରିପାଠୀ, ଗୋପୀନାଥ ମାଝି, ବାସୁଦେବ ଭୋଇ ପ୍ରମୁଖ ଚାଷୀ ସମାବେଶ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସମାବେଶରେ ବିଭିନ୍ନ ରାଜ୍ୟରୁ ଚାଷୀନେତାମାନେ ଯୋଗଦେବେ। ଏଥିରେ ଜଳପୁରୁଷ ଡ. ରାଜେନ୍ଦ୍ର ସିଂହ, ଅଶୋକ ପ୍ରଧାନ, ଲିଙ୍ଗରାଜ ପ୍ରଧାନ, ସରୋଜ ମହାନ୍ତି, ନିରଞ୍ଜନ ବିଦ୍ରୋହୀ ପ୍ରମୁଖ ନେତା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ଲଖନପୁର ବ୍ଲକର ବିଭିନ୍ନ ଗ୍ରାମର ଲୋକଙ୍କୁ ସଙ୍ଗଠିତ କରିବା ପାଇଁ କୃଷକ ସଙ୍ଗଠନ ତରଫରୁ ପ୍ରୟାସ ଜାରି ରହିଛି। ସମାବେଶରେ ଜିଲାର ବହୁ ସଂଖ୍ୟାରେ ଚାଷୀ ଯୋଗଦେବା ପାଇଁ ସଙ୍ଗଠନ ପକ୍ଷରୁ ଆହ୍ୱାନ କରାଯାଇଛି। ଲୋକେ ହୀରାକୁଦ ଜଳଭଣ୍ଡାରର ଅଥଳ ଜଳରାଶି ଦେଖୁଛନ୍ତି। କିନ୍ତୁ ଏହାକୁ ଚାଷକାର୍ଯ୍ୟରେ ବ୍ୟବହାର କରିପାରୁନାହାନ୍ତି। ଏହି ଜଳକୁ ଚାଷ ଉଦ୍ଦେଶ୍ୟରେ ବ୍ୟବହାର କରି ୩୩ ପଞ୍ଚାୟତର ସମ୍ପୂର୍ଣ୍ଣ ଚାଷଜମିକୁ ଜଳସେଚିତ କରିବା ଚାଷୀଙ୍କ ଦାବିଗୁଡ଼ିକ ମଧ୍ୟରେ ପ୍ରମୁଖ। ଏଥିସହ ଜିଲାର କୋଇଲି ଘୋଘର, ଇବ୍, ବସୁନ୍ଧରା, ତେଲେନ୍, ଭେଡେନ୍ ଆଦି ନଦୀରେ ବ୍ୟାରେଜ୍ ନିର୍ମାଣ କରି ସମଗ୍ର ଜିଲାକୁ ଜଳସେଚିତ କରିବା, ନୂତନ ପୋଖରୀ ଖନନ ସାଙ୍ଗକୁ ପୁରାତନ ପୋଖରୀ, ବନ୍ଧ ଆଦି ଜଳାଶୟର ପୁନରୁଦ୍ଧାର କରିବା, କୃଷିଋଣ ସମ୍ପୂର୍ଣ୍ଣ ଛାଡ଼କରିବା, ସ୍ୱାମୀନାଥନ କମିଶନ ସୁପାରିସ ଲାଗୁ, ଚାଷୀଙ୍କୁ ଉପଯୁକ୍ତ ଶସ୍ୟବୀମା ପ୍ରଦାନ, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କିଇଣ୍ଟାଲ ପିଛା ୨୯୩୦ ଟଙ୍କା କରିବା, କୃଷକ ଓ ଶ୍ରମିକଙ୍କୁ ମାସିକ ୫ହଜାର ଟଙ୍କା ପେନ୍‌ସନ ପ୍ରଦାନ, ଲଖନପୁର ବ୍ଲକରେ ଶୀତଳ ଭଣ୍ଡାର ପ୍ରତିଷ୍ଠା ଆଦି ୧୧ଦଫା ଦାବି ରହିଛି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାନନ ପ୍ରଧାନ, ଭୋନାଥ ବଢ଼େଇ, କିଶୋର ଚନ୍ଦ୍ର ପ୍ରଧାନ, ଝୁମେରଲାଲ ହାତୀ, ପ୍ରେମାନନ୍ଦ ପ୍ରଧାନ, ଲିଙ୍ଗରାଜ ବଢ଼େଇ, ଗିରୀଶ କୁମାର ଖମାରୀ, ସୁରେନ୍ଦ୍ର ଜୟସ୍ୱାଲ, ଟିକେଶ୍ୱର ପ୍ରଧାନ, ଅଭିନ୍ନ ଚନ୍ଦ୍ର ମାଝି ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଯୋଗଦେଇଥିବା କୃଷକ ସଙ୍ଗଠନ କର୍ମକର୍ତ୍ତା।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790



ମହିଳାମାନେ ଚୋରା ମଦ କାରବାର ବିରୋଧରେ ପ୍ରତିବାଦ କରୁଛନ୍ତି।

# ମହିଳାଙ୍କ ବନ୍ଦ ବିରୋଧୀ ଅଭିଯାନ

**ଝାରସୁଗୁଡ଼ା ଅଫିସ,୧୯।୧**-ମଦ ବିରୋଧରେ ଅଣ୍ଟା ଭିଡ଼ିଛନ୍ତି ମହିଳା। ରାଜ୍ୟର କୋଣ ଅନୁକୋଣରେ କୁଚିଆ ମଦ ଓ ଚୋରାମଦ କାରବାରକୁ ଜୋରଦାର ବିରୋଧ କରାଯାଉଛି। କଥା ନ ଶୁଣିଲେ କଠୋର ପଦକ୍ଷେପ ନେଉଛନ୍ତି। ଶନିବାର ଝାରସୁଗୁଡ଼ା ତାଲପଟିଆସ୍ଥିତ ଖଡ଼ିଆପଡ଼ାରେ ସ୍ଥାନୀୟ ମହିଳାମାନେ କୁଚିଆ ମଦ ବ୍ୟବସାୟୀଙ୍କ ଘରେ ଚଢ଼ାଉ କରିଛନ୍ତି। ଏପରିକି କୁଚିଆ ମଦ କାରକାର କରୁଥିବା କେତେଜଣ ବ୍ୟକ୍ତିଙ୍କୁ ଧରି ପୋଲିସ ହେପାଜତରେ ଦେଇଛନ୍ତି ମହିଳାମାନେ। ଗ୍ରାମାଞ୍ଚଳରେ କୁଚିଆ ଓ ଚୋରା ମଦ କାରବାର ସଂକ୍ରାମକ ଭଳି ବ୍ୟାପିଛି। ଏହାଦ୍ୱାରା ସ୍କୁଲ ପଢୁଆ ପିଲା ମଦ ପିଇ ଜୀବନକୁ ନଷ୍ଟ କରୁଛନ୍ତି। ବୟସ୍କମାନେ ବି କାମ ନ କରି ଦେଶୀମଦ ପିଇ ବୁଲୁଛନ୍ତି। ଏହାଦ୍ୱାରା ସାମାଜିକ ବାତାବରଣ ନଷ୍ଟ ହେଉଥିବା ବେଳେ ମହିଳାଙ୍କ ଅଧିକାର କ୍ଷୁଣ୍ଣ ହେଉଛି। ମହିଳାମାନେ ନିର୍ଯାତିତ ହେଉଛନ୍ତି। ଏଭଳି ବାରମ୍ବାର ଅଭିଯୋଗ ଆସିବା ପରେ ସମର୍ଥ ମହିଳା ସଙ୍ଗଠନର ମମତା ନାଏକଙ୍କ ନେତୃତ୍ୱରେ ମହିଳାମାନେ ଶନିବାର ତାଲପଟିଆ ଖଡ଼ିଆପଡ଼ାରେ ଚଢ଼ାଉ କରିଥିଲେ। ମଦ କାରବାର କରୁଥିବା ଲୋକଙ୍କ ଘରେ ଯାଞ୍ଚ କରିବା ସହ ହଜାର ହଜାର ଖାଲି ମଦ ପାଉଚ୍ ଜବତ କରିଥିଲେ।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

MAHENDAR FINANCE
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
8860754476
7838556518
Block Chack, Balasore-756027

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ। ଘରେ ବସି ପାଆନ୍ତୁ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE
କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲ୍‌ଟାଇମ୍ ରୋଜଗାର କରନ୍ତୁ 15000ରୁ 25000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
BUKAR, MALEPUR, JAMUI, BIHAR-811313
9065013355, 9162431749

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି। ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୁରଣ କରନ୍ତୁ। ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ।
Address: Ameerpt, Hyderabad, Pin- 5000106 (Telangana)
7787907927
7787922501
9319932148
Email id- pmjansamridhi@gmail.com

1945ରୁ ସହସ୍ରାଧିକଙ୍କୁ ଲାଭ
ମହାକାଳୀ ଶକ୍ତିପୀଠ ଉତ୍ତରାଖଣ୍ଡ
ପ୍ରଫେସର ବିପି ଖନ୍ନା
ତନ୍ତ୍ର-ମନ୍ତ୍ର ଅନୁଭବୀ PhD ଜ୍ୟୋତିଷ କାଳୀ ମହାବିଦ୍ୟାର ତପସ୍ୱୀ ତାନ୍ତ୍ରିକ
(ପ୍ରେମବିବାହର 1757 କେସ୍ ସଫଳ)
ମହାବଶୀକରଣ, ପ୍ରେମରେ ଧୋକା, ସଉତୁଣୀ ଶତ୍ରୁ, ଗୃହକ୍ଲେଶ, ଯାଦୁ-ଟୋନା, ସନ୍ତାନ ବାଧା
'ଠକ ବଙ୍ଗାଳି ମୌଲବୀ ବାବାଙ୍କ ପ୍ରତି ସାବଧାନ'
'ଘଣ୍ଟା-ମିନିଟ୍‌ରେ ନିଦାନର ଦାବି ଧୋକା ଅଟେ'
09198771709
ସବୁଆଡ଼ୁ ନିରାଶ ବ୍ୟକ୍ତି ସମ୍ପୂର୍ଣ୍ଣ ସମାଧାନ ପାଆନ୍ତୁ

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ।
ବ୍ୟବସାୟ, ପ୍ରେମବିବାହ, ମନ ଚାହୁଁଥିବା ଭଲପାଉଥିବା, କଳାଯାଦୁ, ଗୃହକ୍ଲେଶ, ସଉତୁଣୀ ଶତ୍ରୁ, ବଶୀକରଣ, ମୂଠ ଯାଦୁ ଟୋଣା ...
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠକରଣୀ
ବାବା ଆଲାମ ଖାନ
(ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର)
9773820765
8512004851

BUSINESS
ଖାଲିଥିବା ଜମି ଓ ଛାତ ଉପରେ ହିନ୍ଦୁସ୍ଥାନ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 95,000,00/- ପାଆନ୍ତୁ ଓ ମାସକୁ ଭଡା 95,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ଦରମା 70,000/-ଟଙ୍କା + 1 Bike
ରେଜିଷ୍ଟ୍ରେସନ ଫ୍ରୀ - ଏଗ୍ରୀମେଣ୍ଟ ୨୦ ବର୍ଷ
Plot No - 114/617, Devaraja Mohalla, Bangalore, Karnataka 570001
9634734514
7599131272



ଲେଖନୀ ଓ ତରବାରି ଉଭୟ ଶକ୍ତିଶାଳୀ, କିନ୍ତୁ ଲେଖନୀର ହିଁ ଜୟ ହୁଏ।

- ନେପୋଲିୟନ୍



## ସଂକ୍ଷେପରେ

### ଭାରିଯାନ ଧକ୍କାରେ ୨ ଆହତ

**ରାଉରକେଲା ଅଫିସ,୧୯।୧-** ବାସନ୍ତୀ କଲୋନୀ ଡିଏଭି ଛକରେ ଶନିବାର ପୂର୍ବାହ୍ନରେ ଦୁର୍ଘଟଣା ଘଟି ୨ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ରାମଚନ୍ଦ୍ର ପାଲ ଓ ବିଜୟ ରାଉତ। ଏମାନଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍)ରେ ଭର୍ତ୍ତି କରାଯାଇଛି। ଛେଣ୍ଡ ପୋଲିସ ଘଟଣାର ତଦନ୍ତ କରୁଛି। ସୂଚନାନୁସାରେ ଓଆର୍୧୪-ଟିଏ୦୬୨ନଂ ଭାରୀଯାନ ଛେଣ୍ଡ ଦିଗରେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଓଆର୍୧୪-ଡବ୍ଲ୍ୟୁ୮୭୧୦ନଂ ବାଇକ୍‌କୁ ଡଙ୍ଗା ଛକ ନିକଟରେ ଧକ୍କା ଦେଇଥିଲା। ବାଇକ୍‌ରେ ଥିବା ରାମଚନ୍ଦ୍ର ଓ ବିଜୟ ଆହତ ହୋଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଜବତ କରିଛି।

# ଅଣଚାଷୀଙ୍କ କବ୍‌ଜାରେ କାଳିଆ ଯୋଜନା

■ ଭୋଟ ପାଇଁ ଯୋଜନାକୁ ବାଟବଣା କରାଯାଉଛି, ଜିଲା ପ୍ରଶାସନ ଦୃଷ୍ଟି ଦେଉ

**ରାଉରକେଲା ଅଫିସ,୧୯।୧**

ରାଜ୍ୟ ସରକାରଙ୍କ କାଳିଆ ଯୋଜନାରେ ଚାଷୀ ଉପକୃତ ହେବା ପରିବର୍ତ୍ତେ ଅଣଚାଷୀଙ୍କ ହାତରେ ଯୋଜନା ବୁଡ଼ିଯିବାକୁ ବସିଛି ବୋଲି ସାମାଜିକ କର୍ମୀ ଶାନ୍ତନୁ କୁସୁମ ଅଭିଯୋଗ କରିଛନ୍ତି। ଜିଲା ପ୍ରଶାସନ ଦୃଷ୍ଟି ନ ଦେଲ ଏହା ଦିଗହରା ହେବା ସୁନିଶ୍ଚିତ ବୋଲି ସେ କହିଛନ୍ତି। ସହାୟତାକୁ ଅପେକ୍ଷା କରିଥିବା କ୍ଷୁଦ୍ର ବା ନାମମାତ୍ର ଚାଷୀ ଏଥିରୁ ବଞ୍ଚିତ ହେବେ। କାରଣ କିଛି ଲୋକପ୍ରତନିଧି ଯେନେତେନ ଉପାୟରେ ନିଜ ପାଖ ଲୋକଙ୍କୁ ଯୋଜନାରେ ସାମିଲ କରିବାକୁ ଉଦ୍ୟମ ଆରମ୍ଭ କରି ଦେଇଛନ୍ତି ବୋଲି କୁସୁମ ଅଭିଯୋଗ କରିଛନ୍ତି। ନିକଟରେ ବଣାଇଁ ଅଞ୍ଚଳରେ ଏକ ସ୍ୱେଚ୍ଛାସେବୀ ଦଳ କୁସୁମଙ୍କ ନେତୃତ୍ୱରେ ବିଭିନ୍ନ ପଞ୍ଚାୟତରେ ବୁଲି କାଳିଆ ଯୋଜନା ହିତାଧିକାରୀଙ୍କ ସହ ସମ୍ପର୍କ କରିଥିଲେ। ଏଥିରୁ ଜଣାପଡ଼ିଛି ଯେ ବାସ୍ତବ ହିତାଧିକାରୀ ଯୋଜନାଠାରୁ ବହୁ ଦୂରରେ ରହିଛନ୍ତି। ଏନେଇ ବଣାଇଁ ଉପଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସହ ଖୁବଶୀଘ୍ର ଅନ୍ୟ ଉପଖଣ୍ଡ ଅଧିକାରୀଙ୍କୁ ଏଭଳି ହେରଫେର ନେଇ ଅଭିଯୋଗ କରାଯିବ ବୋଲି କୁସୁମ କହିଛନ୍ତି। ଏହି ଯୋଜନାରୁ କିପରି ସହରାଞ୍ଚଳ ଲୋକେ ଅସାଧୁ ଉପାୟରେ ଉପକୃତ ହେବେ ସେ ନେଇ ମଧ୍ୟ ଉଦ୍ୟମ ଆରମ୍ଭ ହୋଇଛି। ଚାଷବାସ ସହ ଆଦୌ ସମ୍ପର୍କ ନ ଥିବା ଅଣଚାଷୀ ନିଜକୁ କୃଷି ଶ୍ରମିକ ଦର୍ଶାଇ ଯୋଜନାରୁ ଫାଇଦା ନେବାକୁ ବସିଛନ୍ତି। ସରକାର ଯୋଜନା ଘୋଷଣା କରି ଚୁପ୍ ବସିଲେ ହେବ ନାହିଁ। ଏହା ଠିକ ହିତାଧିକାରୀଙ୍କ ନିକଟରେ କିଭଳି ପହଞ୍ଚି ପାରିବ ସେ ଦିଗରେ ଧ୍ୟାନ ଦିଆଯିବା ଆବଶ୍ୟକ ବୋଲି କୁସମ କହିଛନ୍ତି। ତଳ ସ୍ତରର ନେତା ଭୋଟ ହାଇତେଇବା ଉଦ୍ଦେଶ୍ୟରେ ଯୋଜନାକୁ ବାଟବଣା କରିବାକୁ ଲାଗି ପଡ଼ିଛନ୍ତି। ପ୍ରଥମ ପର୍ଯ୍ୟାୟ ଆବେଦନ ପରେ ଏଭଳି ଅନିୟମିତତା ନଜରକୁ ଆସିଛି। ଏ ନେଇ ଜିଲା ପ୍ରଶାସନ ଦୃଷ୍ଟିଦେଲେ ଏହାକୁ ରୋକାଯାଇ ପାରିବ। ଯଦି ଦଳୀୟ ଆଧାରରେ ଏହାକୁ ପରିଚାଳନା କରାଯାଏ ତେବେ ପ୍ରକୃତ ଚାଷୀ ଏଥିରୁ କାଣିଚାଏ ସୁବିଧା ପାଇବେ ନାହିଁ। ଆହୁରି ଶୁଣାଯାଉଛି ଯେ କାଳିଆ ଯୋଜନାରୁ ହିତାଧିରୀଙ୍କୁ ସୁବିଧା ପ୍ରଦାନ କରିବାକୁ କିଛି ଲୋକ ଅର୍ଥ ଆଦାୟ କରୁଛନ୍ତି। ଏପରିକି ଆବେଦନ ପାଇଁ ଉଦ୍ଦିଷ୍ଟ ଫର୍ମକୁ ମଧ୍ୟ ଚଢ଼ା ଦରରେ ବିକ୍ରି କରାଯାଉଛି। ଏସବୁ ପ୍ରାମାଣିତ କରୁଛି ଯେ ନେଇ ସରକାର ବେପରୁଆ ମନୋଭାବ ପୋଷଣ କରୁଛନ୍ତି। ଏଥିପ୍ରତି ଦୃଷ୍ଟି ଦିଆ ନ ଗଲେ ଆଦିବାସୀ ବହୁଳ ସୁନ୍ଦରଗଡ଼ ଜିଲାର ଚାଷୀ ବହୁଳ ଭାବେ ପ୍ରତାରିତ ହେବେ। ଏଣୁ ଆବେଦନପତ୍ରକୁ କଡ଼ାକଡ଼ି ଯାଞ୍ଚ କରାଯାଇ ନକଲି ଆବେଦନକାରୀଙ୍କୁ ଏଥିରୁ ବାଦ୍ ଦେବାକୁ କୁସୁମ ଦାବି କରିଛନ୍ତି।

# ଉତ୍ତମ କାର୍ଯ୍ୟ ପାଇଁ ହିଟ୍‌ଲର କ୍ଲବ ପୁରସ୍କୃତ

**ବଡଗାଁ, ୧୯।୧ (ଡି.ଏନ.ଏ)**

କୁତ୍ରା ବ୍ଲକ ଅନ୍ତର୍ଗତ ପୁର୍କାପାଲି ପଞ୍ଚାୟତ ନିକିତିପଡାଠାରେ ଥିବା ହିଟଲର୍ ୟୁଥ କ୍ଲବ ଦ୍ୱାରା ଅତି ଉତ୍ତମ କାର୍ଯ୍ୟ ପ୍ରଦର୍ଶିତ କରିଥିବାରୁ ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ୨୫ ହଜାର ଟଙ୍କାର ଚେକ ଓ ମାନପତ୍ର ଦିଆଯାଇ ପୁରସ୍କୃତ କରାଯାଇଛି। ସୁନ୍ଦରଗଡ ବିକାଶ ଭବନଠାରେ ଶନିବାର ଆୟୋଜିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଅତିରିକ୍ତ ଜିଲାପାଳ ଭାସ୍କର ଚନ୍ଦ୍ର ଟୁଡୁକ, ଶ୍ରମଶକ୍ତି କଲେଜ ଅଧ୍ୟକ୍ଷ ହେମନ୍ତ କୁମାର ଚୌଧୁରୀ, ଯୋଗଗୁରୁ ଜୟଶଙ୍କର ସାହୁ, ସନ୍ତୋଷ ଅମାତଙ୍କ ଉପସ୍ଥିତିରେ କ୍ଲବ ସଦସ୍ୟଙ୍କୁ ପୁରସ୍କୃତ କରାଯାଇଥିଲା। ସେଠାରେ କ୍ଲବର ପୂର୍ବତନ ସଭାପତି ସୁମନ୍ତ କୁମାର ସା କ୍ଲବ ଦ୍ୱାରା ହୋଇ ଆସୁଥିବା କାର୍ଯ୍ୟଗୁଡିକ ଉପରେ ଆଲୋକପାତ କରି ଏହା କ୍ଲବ ସଦସ୍ୟଙ୍କୁ ଉତ୍ସାହିତ କରିବ ଓ ଏହି ପୁରସ୍କାର ଅଞ୍ଚଳବାସୀଙ୍କର ବୋଲି କହିଥିଲେ। ସୂଚନାଯୋଗ୍ୟ ଯେ, କ୍ଲବ ପକ୍ଷରୁ ମଦ ବିରୋଧି ଅଭିଯାନ, ଫୁଟବଲ, କ୍ରିକେଟ, ନୃତ୍ୟ, ଗୀତ ପ୍ରତିଯୋଗିତା, ସଡକ ସୁରକ୍ଷା ସଚେତନତା, ବୃକ୍ଷ ରୋପଣ, ଲେବର କାର୍ଡ ବଣ୍ଟନ ଆଦି ବିଭିନ୍ନ ସମାଜସେବା ଓ ସଚେତନତା କାର୍ଯ୍ୟକ୍ରମ ହୋଇଆସୁଛି।




ଜଗଦା ଅଞ୍ଚଳରେ ଅନୁଷ୍ଠିତ ମହିଳା ସମାବେଶରେ ସାମାଜିକ କର୍ମୀ ମିନତୀ ଦେବତାଙ୍କୁ ସମ୍ମାନିତ କରାଯାଉଛି।

# ନବବର୍ଷ ଉପଲକ୍ଷେ ଆକର୍ଷଣୀୟ କାର୍ଯ୍ୟକ୍ରମ

**ରାଉରକେଲା ଅଫିସ,୧୯।୧**

ଶୁକ୍ରବାର ଜଗଦା ସମାଜ ମଙ୍ଗଳ କେନ୍ଦ୍ରରେ ନବବର୍ଷ ଉପଲକ୍ଷେ ଜଗଦା ଡେଭଲପମେଣ୍ଟ କମିଟି ପକ୍ଷରୁ ସ୍ଥାନୀୟ ମହିଳାଙ୍କୁ ନେଇ ଆକର୍ଷଣୀୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସ୍ମାଇଲ ଜଗଦା ନାମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୫ଶହରୁ ଉର୍ଦ୍ଧ୍ୱ ମହିଳା ଯୋଗଦେଇଥିଲେ। ମୁଖ୍ୟଅତିଥି ରୂପେ ସାମାଜିକ କର୍ମୀ ମିନତୀ ଦେବତା ଯୋଗଦେଇ କହିଥିଲେ, ରାଜ୍ୟରେ ମହିଳା ସଶକ୍ତୀକରଣ ଏକ ସକାରାତ୍ମକ ଦିଗରେ ଗତି କରୁଛି। ଲକ୍ଷାଧିକ ମହିଳା ଆଜି ଏହା ଦ୍ୱାରା ସ୍ୱାବଲମ୍ବୀ ହେବା ସହ ବଭିନ୍ନ କ୍ଷେତ୍ରରେ ଦକ୍ଷତା ପ୍ରତିପାଦନ କରିବାକୁ ସୁଯୋଗ ପାଇଛନ୍ତି। ଆତ୍ମ ନିର୍ଭରଶୀଳ ହେବା ସହ ନିଜ ପରିବାର ସମୃଦ୍ଧିରେ ଏମାନେ ସହାୟକ ହୋଇପାରିଛନ୍ତି। ଆଗାମୀ ଦିନରେ ନିଜ ସ୍ଥିତି ସୁଦୃଢ଼ ନେଇ ମହିଳାମାନେ ଆଗକୁ ଆସିବା ଦରକାର ବୋଲି ଦେବତା ମତ ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ବିକି ଶର୍ମା ଶିଶୁଶ୍ରମିକ ଓ ଭ୍ରୁଣହତ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସେ କହିଥିଲେ, ମହିଳାମାନେ ସଚେତନ ହେଲେ ଏକ ସୁନ୍ଦର ଓ ଶୃଙ୍ଖଳିତ ସମାଜ ଗଠନ ସମ୍ଭବ। ତେବେ ସୋମାନଙ୍କୁ ପ୍ରୋତ୍ସାହିତ କରାଯିବା ଆବଶ୍ୟକ। ଏହି ଅବସରରେ ସାମାଜିକ କର୍ମୀ ଦେବତାଙ୍କୁ ସଂଗଠନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅୟୋଜନ କରାଯାଇଥିଲା। ଏଥିରେ ସାମାଜିକ କର୍ମୀ ଦୀପକ ସାହୁ, ଅମୀୟ ଦାସ, ବବିତା ମହାନ୍ତି, କିଶୋର ନାୟକ, ରାଧାକାନ୍ତ ପାତ୍ର, ଆଶିଷ ସିଂ ଓ ଅନୀଲ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଅଣସଂଗଠିତ ଶ୍ରମିକ କଂଗ୍ରେସ ରାଜ୍ୟ ସମ୍ପାଦକ ନିଯୁକ୍ତ

**ରାଉରକେଲା ଅଫିସ,୧୯।୧**

ଓଡ଼ିଶା ପ୍ରଦେଶ ଅଣସଂଗଠିତ ଶ୍ରମିକ କଂଗ୍ରେସ ରାଜ୍ୟ ଅଧ୍ୟକ୍ଷ ବିଦ୍ୟାଧର ମହାନ୍ତିଙ୍କ ସୁପାରିସ କ୍ରମେ ଅଖିଳ ଭାରତୀୟ ଅଣସଂଗଠିତ ଶ୍ରମିକ କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ଅରବିନ୍ଦ ସିଂ ରାଉରକେଲାର ଯୁବ ଶ୍ରମିକ ନେତା କୈଳାସ ସାହୁଙ୍କୁ ରାଜ୍ୟ ସମ୍ପାଦକ ରୂପେ ନିଯୁକ୍ତ କରିଛନ୍ତି। ଏହି କମିଟିର ରାଜ୍ୟ ଅପାଧ୍ୟକ୍ଷ ଅଛନ୍ତି ଜନାର୍ଦ୍ଦନ ଦେହୁରି। କୈଳାସଙ୍କ ବ୍ୟତୀତ ନିରଞ୍ଜନ ସେଠୀ ଓ ବିଜୟ ବିଶ୍ୱାଳଙ୍କୁ ମଧ୍ୟ ସମ୍ପାଦକ ଦାୟିତ୍ୱ ପ୍ରଦାନ କରାଯାଇଛି। ରାଉରକେଲା ସାଂଗଠନିକ ଜିଲା ଅଣସଂଗଠିତ ଶ୍ରମିକ କଂଗ୍ରେସ ସଭାପତି ରୂପେ ନିହାର ଦାସଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ସଂଯୋଜକ ରହିଛନ୍ତି ଫିରୋଜ ଖାଁ। ସୁନ୍ଦରଗଡ଼ ସାଂଗଠନିକ ଜିଲା ସଭାପତି ରୂପେ ଆଶା ମିଞ୍ଜଙ୍କୁ ନିଯୁକ୍ତି ଦିଆଯାଇଛି। ସଂଯୋଜକ ରୂପେ ମୁନ୍ନା ଶର୍ମା ମନୋନୀତ ହୋଇଛନ୍ତି। ରାଜ୍ୟ ସ୍ତରରେ ସାଂଗଠନିକ ଅଦଳବଦଳ ସହ ଅଣସଂଗଠିତ ଶ୍ରମିକ କଂଗ୍ରେସକୁ ମଜବୁତ କରାଯିବାକୁ ପଦକ୍ଷେପ ନିଆଯାଇଛି ବୋଲି ସାହୁ ଏକ ବିବୃତିରେ ପ୍ରକାଶ କରିଛନ୍ତି।

# ତୃଣମୂଳସ୍ତରରେ ବିଜେଡିକୁ ମଜଭୁତ କରିବା ପାଇଁ ପ୍ରସ୍ତୁତି

**କୁଆଁରମୁଣ୍ଡା,୧୯।୧ (ଡି.ଏନ.ଏ.)**



କୁଆଁରମୁଣ୍ଡା ଲ୍ୟାମ୍ପ୍ସ ନିକଟସ୍ଥ ଗୋଷ୍ଠୀ କେନ୍ଦ୍ରରେ ବିଜେଡିର ବୈଠକରେ ଉପସ୍ଥିତ କର୍ମୀ ଓ ନେତା।

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ନିର୍ବାଚନମଣ୍ଡଳୀରେ ବିଜୁ ଜନତା ଦଳ (ବିଜେଡ଼ି)କୁ କିଭଳି ଅଧିକ ମଜଭୂତ କରାଯାଇ ପାରିବ ସେ ନେଇ ପଞ୍ଚାୟତସ୍ତରୀୟ ପ୍ରସ୍ତୁତି ବୈଠକ ଶନିବାର କୁଆଁରମୁଣ୍ଡାଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ବିଜେଡ଼ି ପର୍ଯ୍ୟବେକ୍ଷକ ରାଜ୍ୟସଭା ସଦସ୍ୟ ପ୍ରଶାନ୍ତ ନନ୍ଦ ଓ ବୀରମିତ୍ରପୁର ନିର୍ବାଚନମଣ୍ଡଳୀ ବିଜେଡ଼ି ପର୍ଯ୍ୟବେକ୍ଷକ ରାଜେନ୍ଦ୍ର ଦାସଙ୍କ ନିର୍ଦ୍ଦେଶକ୍ରମେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କୁଆଁରମୁଣ୍ଡା ବ୍ଲକ ବିଜେଡ଼ି ସଭାପତି ରାଜେନ୍ଦ୍ର କୁଜୁର ଅଧ୍ୟକ୍ଷତା କରି ଉପସ୍ଥିତ ପଞ୍ଚାୟତସ୍ତରୀୟ ସକ୍ରିୟ କର୍ମୀମାନଙ୍କ ସହ ଦଳର ସ୍ଥିତି ଓ ଆଗାମୀ ଦିନରେ କିଭଳି ଦଳକୁ ଆହୁରି ଅଧିକ ମଜଭୂତ କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ କୁଆଁରମୁଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ମାଗଦାଲି କୋନଗାଡି, କୁଆଁରମୁଣ୍ଡା 'କ' ଜିଲା ପରିଷଦ ସଭ୍ୟା ସୁନିତା ଅହିର, ପୂର୍ବତନ ଜିଲା ପରିଷଦ ସଭ୍ୟ ଆଡଭୋକେଟ୍ ସୁନିଲ ତିର୍କୀ, ପୂର୍ବତନ ରାଜ୍ୟସଭା ସାଂସଦ ପ୍ରତିନିଧି ରାଜେଶ ଖାଲଖୋ, ଖୁଖୁଣ୍ଡୁବାହାଲ ପଞ୍ଚାୟତ ସମିତି ସଭ୍ୟା ଆଲବିନା ପ୍ରଭା ତିର୍କୀ, ସକ୍ରିୟ କର୍ମୀ ମନୋଜ ଦାସ, ଶରତ ତନ୍ତୀ, ରାଜେନ୍ଦ୍ର ବିଶ୍ୱାଳ, ବ୍ଲକ ମହିଳା ବିଜେଡ଼ି ସଭାନେତ୍ରୀ ମିନାକ୍ଷୀ ବାରିକ, ରାଏବୋଗୋ ଜୋନର ବରିଷ୍ଠ ବିଜେଡ଼ି ନେତା ଫୁଲଜେମ୍ସ ଏକ୍କା, କଚାରୁ ଅଞ୍ଚଳର ପାଉଲୁସ୍ ବେକ, ଭାଦେ ଅହିରଙ୍କ ସହ ଅନ୍ୟମାନେ ଉପସ୍ଥିତ ରହି ଦଳକୁ ମଜଭୂତ କରିବା ପାଇଁ ଆପ୍ରାଣ ଉଦ୍ୟମ ଜାରି ରହିବ ବୋଲି ବ୍ଲକ ବିଜେଡ଼ି ସଭାପତି କୁଜୁରଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଆଗାମୀ ଦିନରେ ଏହିଭଳି କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରାଯିବ ବୋଲି ବ୍ଲକ ବିଜେଡ଼ି ସଭାପତି କୁଜୁର ସୂଚନା ଦେଇଛନ୍ତି।

# କୁମଝରିଆ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**କୁଆଁରମୁଣ୍ଡା,୧୯।୧(ଡି.ଏନ.ଏ.)**



ଜିଲାପି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀମାନେ।

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ କୁମଝରିଆ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶନିବାର ନିକଟସ୍ଥ ଖେଳ ପଡିଆରେ ଆୟୋଜିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଇତିଶ୍ରୀ ଜେନା କ୍ରୀଡ଼ା ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପ୍ରଧାନଶିକ୍ଷୟିତ୍ରୀ ଜେନା ନିଜ ବକ୍ତବ୍ୟରେ ସୁନ୍ଦରଗଡ଼ ଜିଲାରୁ ହକି ଓ ଖୋଖୋରେ ବହୁ ଖେଳାଳି ରାଜ୍ୟ ଓ ଜାତୀୟସ୍ତରରେ ସୁନାମ ଅର୍ଜନ କରିଥିବା ଉଦାହରଣ ଦେଇ ଛାତ୍ରୀମାନଙ୍କୁ ଉତ୍ସାହିତ କରିଛନ୍ତି। ଏହି ଅବସରରେ ଛାତ୍ରୀମାନଙ୍କ ଦ୍ୱାରା ଆକର୍ଷଣୀୟ ପରେଡ୍ ପ୍ରଦର୍ଶିତ ହୋଇଥିଲା। ଏହା ପରେ ଉଚ୍ଚଡିଆଁ, ଲମ୍ବ ଡିଆଁ, ଥାଳିଆ ଫିଙ୍ଗା, ଗୋଳା ଫିଙ୍ଗା, ଜିଲାପି ଦୌଡ, ଅଖା ଦୌଡ ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶେଷରେ ଅନୁଷ୍ଠିତ ମ୍ୟୁଜିକ୍ ଚେୟାର ପ୍ରତିଯୋଗିତା ବେଶ୍ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ/ଶିକ୍ଷକ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୂଚାରୁରୂପେ ସଞ୍ଚାଳନ କରିଥିଲେ।

# ରଘୁନାଥପାଲି ବିଦ୍ୟାଳୟରେ ଫକୀରମୋହନ ଜୟନ୍ତୀ

**ରାଉରକେଲା ଅଫିସ,୧୯।୧**

ଓଡ଼ିଆ ଭାଷା ସାହିତ୍ୟର ସେନାପତି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ଶନିବାର ରଘୁନାଥପାଲି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଳନ କରାଯାଇଛି। ଓଡ଼ିଆ ଭାଷା ବିକାଶ ମଞ୍ଚ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ବିଜୟିନୀ ଜେନା ଅଧ୍ୟକ୍ଷତା କରିଥିଲେ। କବି କୁଞ୍ଜବିହାରୀ ରାଉତ ମୁଖ୍ୟଅତିଥି, ଭାଷା ବିକାଶ ମଞ୍ଚ ସାଧାରଣ ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ର ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ରାଉତ କହିଥିଲେ, ଓଡ଼ିଆ ଜାତି ଓ ଭାଷା ଭଣ୍ଡାରକୁ ସେନାପତିଙ୍କ ଦାନ ଅବିସ୍ମରଣୀୟ ହୋଇ ରହିବ। ଓଡ଼ିଆ ଭାଷାର ବିଲୋପ ବେଳେ ଜଣେ ସଜାଗ ପ୍ରହରୀ ଭାବେ ସେ ନିଜକୁ ଏହାର ଉତ୍ଥାନ ପାଇଁ ସମର୍ପିତ କରିଥିଲେ। ମୁଖ୍ୟବକ୍ତା ମହାପାତ୍ର କହିଥିଲେ, ଫକୀରମୋହନଙ୍କୁ ଓଡ଼ିଆ ସାହିତ୍ୟର ଯୁଗ ନିର୍ମାତା, କାଳଜୟୀ ସାହିତ୍ୟିକ ଓ ପ୍ରତିଭାର ସୂର୍ଯ୍ୟ ଭାବେ ଅଭିହିତ କରାଯାଏ। ଦେଶର ଗାଉଁଲି ଭାଷାକୁ ସାହିତ୍ୟର ମର୍ଯ୍ୟାଦା ଦେଇ ନୂତନ ପରମ୍ପରାରେ ସର୍ବଜନାଦୃତ ସାହିତ୍ୟ ସର୍ଜନା କରିବାରେ ସେ ଥିଲେ ଜଣେ ନିପୁଣ ପ୍ରତିଭା। ତାଙ୍କ ରଚିତ ଗଳ୍ପ ସାହିତ୍ୟ ଓ ଉପନ୍ୟାସ ଓଡ଼ିଆ ଭାଷା ସାହିତ୍ୟକୁ ସମୃଦ୍ଧ କରିଛି। ଆଜିର ଯୁବପିଢ଼ି ତାଙ୍କ ରଚିତ ପୁସ୍ତକ ପଠନ କରିବାକୁ ମହାପାତ୍ର ପରାମର୍ଶ ଦେଇଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ସବିତା ବସ୍ତିଆ ମଧ୍ୟ ସେନାପତିଙ୍କ କୃତିତ୍ୱ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।




ଜଲଦା ପ୍ରିୟଦର୍ଶିନୀ ମହିଳା ମହାବିଦ୍ୟାଳୟରେ ଆୟୋଜିତ କ୍ରୀଡ଼ା ଉତ୍ସବରେ ମଞ୍ଚାସୀନ ଅତିଥି।

# ପ୍ରିୟଦର୍ଶିନୀ ମହିଳା ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ରାଉରକେଲା ଅଫିସ,୧୯।୧**

ଜଲଦା ମିନି ଷ୍ଟାଡିୟମ ପ୍ରିୟଦର୍ଶିନୀ ମହିଳା ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଛି। ମହାବିଦ୍ୟାଳୟ ଉପାଧ୍ୟକ୍ଷା ଜ୍ୟୋସ୍ନା ଷଡ଼ଙ୍ଗୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ସେକ୍ଟର-୨୦ ଇସ୍ପାତ ଇଂଲିଶ ମିଡିୟମ ସ୍କୁଲର ଅବସରପ୍ରାପ୍ତ ଅଧ୍ୟକ୍ଷ ପି.ସି. ମହାପାତ୍ର ମୁଖ୍ୟଅତିଥି ରୂପେ ଯୋଗଦେଇ କ୍ରୀଡ଼ା ଛାତ୍ରୀଛାତ୍ରଙ୍କ ବ୍ୟକ୍ତିତ୍ୱ ନିର୍ମାଣ, ଶାରୀରିକ ଦକ୍ଷତା, ବୌଦ୍ଧିକ ବିକାଶ ଓ ଶୃଙ୍ଖଳିତ ଜୀବନ ଗଠନରେ ସହାୟକ ହୋଇଥାଏ ବୋଲି କହିଥିଲେ। ଅଧାପିକା ଶୁଭ୍ରା ନାୟକ କାର୍ଯ୍ୟକ୍ରମ ସଂଯୋଜନା କରି କହିଥିଲେ, କ୍ରୀଡ଼ା କେବଳ ଶାରୀରିକ ବିକାଶରେ ସହାୟକ ହୁଏନାହିଁ ବରଂ ସମ୍ପର୍କ ବୃଦ୍ଧିରେ ମଧ୍ୟ ସହାୟକ ହୋଇଥାଏ। କ୍ରୀଡ଼ା ପ୍ରଶିକ୍ଷିକା ଇତିଶ୍ରୀ ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିବା ସହ ନିଜ ବକ୍ତବ୍ୟରେ କହିଥିଲେ, ଶିକ୍ଷା ସହିତ ଖେଳକୁଦ ସର୍ବଦା ଯୋଡ଼ିହୋଇ ରହିଛି। ଖେଳ ପ୍ରତି ଆଗ୍ରହୀ ଛାତ୍ରୀଛାତ୍ରଙ୍କ ଶାରୀରିକ ଓ ମାନସିକ ସୁସ୍ଥତା ସର୍ବଦା ବଜାୟ ରହେ। ଏ ଦିଗରେ ମହାବିଦ୍ୟାଳୟ ଛାତ୍ରୀ ଆଗ୍ରହୀ ହେବାକୁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ କୃତୀ କ୍ରୀଡ଼ାବିତ୍‌ଙ୍କୁ ପୁରସ୍କୃତ କରାଯାଇଥିଲା। ଚଳିତବର୍ଷ ଯୁକ୍ତ ୨ ଶ୍ରେଣୀର ଅରୁଣା କୁଲୁ ଓ ଯୁକ୍ତ ୩ର ଆମ୍ନେସିଆ କାଣ୍ଡୁଲିନା ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ଛାତ୍ରୀ ଶ୍ରଦ୍ଧାଞ୍ଜଳି ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଅଧାପିକା ଜ୍ୟୋସ୍ନା ଷଡ଼ଙ୍ଗୀ ମୁଖ୍ୟଅତିଥି ରୂପେ ଯୋଗଦେଇ ଉତ୍ସବର ଶୁଭାରମ୍ଭ କରିଥିଲେ। ଅଧାପିକା ସରିତା ଦାସ, ରଞ୍ଜୁ ପଟେଲ, ଗୀତିକା ପଟେଲ, ଅପରାଜିତା ମିଶ୍ର, ପ୍ରଭାମଞ୍ଜରୀ ଦାସ, ମିନତୀ ଦାସ, ସଞ୍ଜୁକ୍ତା ପଟ୍ଟନାୟକ, ଜୟଶ୍ରୀ ବାରିକ, ନନ୍ଦିତା ମହାନ୍ତି, ପ୍ରୀତିବାଳା ମହାକୁଡ଼, ଅରୁନ୍ଧତୀ ଦାସ, ସୁନନ୍ଦା ନାଥ, ମୀନା ମହନ୍ତ ଓ ନିବେଦିତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ନାବାଳିକା ଛାତ୍ରୀ ପ୍ରସବ କରିବା ଘଟଣା

# ନ୍ୟାୟ୍ ଦାବିରେ ମହିଳା କଂଗ୍ରେସର ବିକ୍ଷୋଭ

**ରାଉରକେଲା ଅଫିସ,୧୯।୧**

ଦାରିଙ୍ଗବାଡ଼ି ସରକାରୀ ସେବାଶ୍ରମ ଅନ୍ତେବାସୀ ନାବାଳିକା ଛାତ୍ରୀଙ୍କ କନ୍ୟା ପ୍ରସବ ଘଟଣାକୁ ନେଇ ଜିଲା ମହିଳା କଂଗ୍ରେସ ପକ୍ଷରୁ ଶନିବାର ରାଉରକେଲା ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ଲତା ନାୟକଙ୍କ ନେତୃତ୍ୱରେ ଏଥିରେ ଶତାଧିକ କର୍ମୀ ଯୋଗଦେଇ ନାବାଳିକାଙ୍କ ମୃତ୍ୟୁକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଏଥିରେ ଜିଲା କଂଗ୍ରେସ ସଭାପତି ରବି ରାୟ ଯୋଗଦେଇ କହିଥିଲେ, ରାଜ୍ୟରେ ମହିଳା ନିର୍ଯାତନା ବଢ଼ି ଚାଲିଥିବା ବେଳେ ନାବାଳିକା ଅତ୍ୟାଚାର ଅସହ୍ୟ ହେଲାଣି। ଏ କ୍ଷେତ୍ରରେ ସରକାରଙ୍କ ବିଫଳତା ଓ ମନ୍ତ୍ରୀଙ୍କ ଅପାରଗତାକୁ ନେଇ ରାୟ କ୍ଷୋଭ ପ୍ରକାଶ କରିଥିଲେ। ତୁରନ୍ତ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଓ ରମେଶ ମାଝି ନିଜ ପଦରୁ ଇସ୍ତଫା ଦିଅନ୍ତୁ ବୋଲି ରାୟ ଦାବି କରିଥିଲେ। ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାନେତ୍ରୀ ନିରୁପମା ବଳିଆରସିଂ, ପ୍ରଦେଶ କଂଗ୍ରେସ ସମ୍ପାଦିକା ଆଶା ମିଞ୍ଜ, ଜ୍ୟୋତି ଡୁଙ୍ଗଡୁଙ୍ଗ ପ୍ରମୁଖ ଏଥିରେ ବକ୍ତବ୍ୟ ରଖି ସରକାରଙ୍କ ମହିଳାମାରଣ ନୀତିକୁ ଦୃଢ଼ ବିରୋଧ କରାଯିବ ବୋଲି କହିଥିଲେ। ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ରଶ୍ମିରଞ୍ଜନ ପାଢ଼ୀ ବକ୍ତବ୍ୟ ରଖି ରାଜ୍ୟ ବିଜେଡି ଶାସନରେ କିପରି ମହିଳା, ଶିଶୁ ଅତ୍ୟାଚାରିତ ହୋଇଛନ୍ତି ତାହାର ଲମ୍ବା ତାଲିକା ଉପସ୍ଥାପନ କରିଥିଲେ। ସେ କହିଥିଲେ, ଶାସକ ଦଳକୁ ଗାଦି ଚିନ୍ତା ଲାଗିଥିବା ବେଳେ ତମାମ ରାଜ୍ୟରେ ଶିଶୁ ନିର୍ଯାତନା କାହା ନଜରକୁ ଆସୁନି। ଏନେଇ ସରକାରଙ୍କ ନୀରବତା ମହଙ୍ଗା ସାବ୍ୟସ୍ତ ହେବ ବୋଲି ପାଢ଼ୀ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହିଳା ନେତ୍ରୀ ଗୀତା ସିଂ ଓ ଜୟନ୍ତୀ ଦାସ ବକ୍ତବ୍ୟ ରଖି ସରକାରଙ୍କୁ ସମାଲୋଚନା କରିଥିଲେ। ଶେଷରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏଡିଏମ୍‌ଙ୍କ ପ୍ରତିନିଧିଙ୍କ ମାଧ୍ୟମରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଯୁବ ନେତା ଗଜେନ୍ଦ୍ର ତନ୍ତୀ ଧନ୍ୟବାଦ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୋମନାଥ ପଣ୍ଡା, ଭାସ୍କର ଖିଲାର, ରାଜେଶ ଟପୋ, ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ସବିର ହୁସେନ, ସର୍ବେଶ ସିଂ, ପ୍ରବୋଧ ଦାସ, କୀର୍ତ୍ତନ ଦାସ, ବାସୁ ବାନାର୍ଜୀ, ସନ୍ତୋଷ ତନ୍ତୀ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲା ମହିଳା କଂଗ୍ରେସ ପକ୍ଷରୁ ଏଡିଏମ୍‌ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।



କୌଣସି ଲୋକ ଦୀର୍ଘକାଳ ଧରି କ୍ଷମତାର ଅପବ୍ୟବହାର କରିପାରେ ନାହିଁ କି ପାରିବ ନାହିଁ।
- ସେନେକା



**ସଂକ୍ଷେପରେ**

## ଶିକ୍ଷକଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

**ବାଲିଶଙ୍କରା, ୧୯।୧ (ଡି.ଏନ.ଏ)-** ବାଲିଶଙ୍କରା ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ପ୍ରମୋଦ କୁମାର ସାହୁଙ୍କୁ ଶୁକ୍ରବାର ବିଦ୍ୟାଳୟ ପରିସରରେ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ୯ବର୍ଷ କାଳ ଶିକ୍ଷକତା କାର୍ଯ୍ୟକରିଥିବା ବେଳେ ତାଙ୍କ ବଦଳି ହୋଇଯାଇଥିବାରୁ ପ୍ରଧାନଶିକ୍ଷୟିତ୍ରୀ ବେଲିସାଜଦା ଖାଲଖୋଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ସଭା ହୋଇଥିଲା। ଏଥିରେ ସମାଜସେବୀ ସୁଗ୍ରୀବ ବାଘ, ଉତ୍ତମ କୁମାର ତନ୍ତି, ପ୍ରଦୀପ କୁମାର ନନ୍ଦ, ସତ ସେଠ, କିର୍ତ୍ତିରାମ ରାଏକଳିଆ, ବିଜୟ କୁମାର ନାଏକ, ରାଜାରମଣ କୁଜୁର, ପୁଷ୍ପାଞ୍ଜଳି ନାଏକ, ଖ୍ରୀଷ୍ଟ ଫରବା, ଅର୍ଚ୍ଚନା ସେନାପତି, ରେଖା ପଟେଲ, ପ୍ରଜ୍ଞାଞ୍ଜଳି ପଟେଲ ଯୋଗଦେଇଥିଲେ। ସମାଜସେବୀ ସୁଗ୍ରୀବ ବାଘ ଓ ପ୍ରଧାନ ଶିକ୍ଷୟିତ୍ରୀ ବେଲି ସାଜଦା ଖାଲଖୋ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ। ଶିକ୍ଷକ ଅମରେନ୍ଦ୍ର ବେହେରା ସଭା ସଞ୍ଚାଳନ ଓ ଧନ୍ୟବାଦ ଅର୍ପଣ କରିଥିଲେ।

### ଆଦିବାସୀ କଲ୍ୟାଣ, ମହିଳା ଶିଶୁ ବିକାଶ ମନ୍ତ୍ରୀଙ୍କୁ ବହିଷ୍କାର ଦାବି

# ମହିଳା କଂଗ୍ରେସ ପକ୍ଷରୁ ବିକ୍ଷୋଭ

**ସୁନ୍ଦରଗଡ଼, ୧୯।୧ (ଡି.ଏନ୍.ଏ)**

ରାଜ୍ୟରେ ମହିଳାମାନଙ୍କ ପ୍ରତିହିଂସା, ଅତ୍ୟାଚାର, ନିର୍ଯାତନା ବଢ଼ି ଚାଲିଛି। ଦାରିଙ୍ଗବାଡିରେ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କ ପ୍ରସବ ଘଟଣା ଓ ପରେ ନବଜାତ ଶିଶୁର ମୃତ୍ୟୁ ହେବା ଓଡ଼ିଶା ପାଇଁ ଏକ କଳଙ୍କିତ ଅଧ୍ୟାୟ। ଏହି ଘଟଣାରେ ଆଦିବାସୀ କଲ୍ୟାଣ, ମହିଳା ଶିଶୁ ବିକାଶ ମନ୍ତ୍ରୀଙ୍କ ବହିଷ୍କାର ଏବଂ କନ୍ଧମାଳ ଜିଲାପାଳ, ୨ଜଣ ସଚିବଙ୍କୁ ଅବିଳମ୍ବେ ନିଲମ୍ବିତ କରିବା ଦାବିରେ ଶନିବାର ଜିଲା ମହିଳା କଂଗ୍ରେସ କମିଟି ତରଫରୁ ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ଦାବି ନେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲାପାଳ ସୁରେନ୍ଦ୍ର କୁମାର ମୀନାଙ୍କୁ ଭେଟି ପ୍ରଦାନ କରିଥିଲେ। ଜିଲା ମହିଳା କଂଗ୍ରେସର ସଭାନେତ୍ରୀ ସରୋଜିନୀ ବାଙ୍କରାଙ୍କ ନେତୃତ୍ୱରେ ଶତାଧିକ ମହିଳା କଂଗ୍ରେସ କର୍ମୀ ନାରୀ କଲ୍ୟାଣ କେନ୍ଦ୍ରଠାରୁ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହା ସହ ବିଭାଗୀୟ ମନ୍ତ୍ରୀ ଓ ୨ ସଚିବଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ଏହି ବିକ୍ଷୋଭ ସମାବେଶରେ ଓଡିଶା ପ୍ରଦେଶ ମହିଳା କଂଗ୍ରେସ କମିଟିର ଉପସଭା ନେତ୍ରୀ ଦେବସ୍ମିତା ସାମଲ, ସାଧାରଣ ସମ୍ପାଦିକା ଅମିତା ବିଶ୍ୱାଳ, ସମ୍ପାଦିକା ତ୍ରିଷ୍ଣା ରାୟ, ରଜନୀ କୁଲ୍ଲୁ, ପ୍ରଦେଶ କଂଗ୍ରେସ କମିଟିର ସମ୍ପାଦକ ରାଜକିଶୋର ଷଡଙ୍ଗୀ, ଜିଲା କଂଗ୍ରେସ କମିଟିର ସଭାପତି ବେଣୁମାଧବ ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ସୁନୀତା ବିଶ୍ୱାଳ, ଉପସଭାପତି ଅଜିତ ପ୍ରସାଦ, ପୂର୍ବତନ କାଉନସିଲର ଦେବାଶୀଷ ଦାଶ, ଜିଲା ମହିଳା କଂଗ୍ରେସର ଉପସଭାନେତ୍ରୀ ଶିଖା ମଣ୍ଡଳ, ସାଧାରଣ ସମ୍ପାଦିକା ଶୀତଳତା ନାୟକ, ବିନୀତା ନାଏକ, ସନ୍ଧ୍ୟାରାଣୀ ପଟେଲ, ପଦ୍ମାବତୀ ରାଉତ, ସରସ୍ୱତୀ ସୁନ୍ୟାନୀ, ଧରିତ୍ରୀ ବାଗ୍, କଂଗ୍ରେସ ସେବାଦଳର ମୁଖ୍ୟ ମୁନୁ ସରାଫ ପ୍ରମୁଖ ଦଳୀୟ ନେତୃବୃନ୍ଦ ଏହି ବିକ୍ଷୋଭ ସମାବେଶରେ ଉଦ୍‌ବୋଧନ ଦେଇଥିଲେ। ରାଜ୍ୟ ସରକାର ମହିଳା ଓ ଶିଶୁମାନଙ୍କ ସୁରକ୍ଷା ଦିଗରେ ବିଫଳ ହୋଇଥିବାବେଳେ ସେମାନଙ୍କ ପ୍ରତି ହେଉଥିବା ଶୋଷଣ, ନିର୍ଯାତନା ସାଙ୍ଗକୁ ଦାରିଙ୍ଗବାଡି ଭଳି ଅନ୍ୟାନ୍ୟ ସ୍ଥାନରେ ନାବାଳିକାଙ୍କ ପ୍ରତି ହେଉଥିବା କୁତ୍ସିତ ଘଟଣାକୁ ଘଣ୍ଟ ଘୋଡାଇବାକୁ ଅପଚେଷ୍ଟା କରାଯାଉଥିବା ସେମାନେ ଅଭିଯୋଗ କରିଥିଲେ।



ସୁନ୍ଦରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ପୋଲ ତଳକୁ ଖସିଲା ଦୁଇ ଟ୍ରକ୍ : ୪ ଆହତ

**ଲହୁଣୀପଡା, ୧୯।୧ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ କଲେଇପୋଷ- ବାହାଡାପଶି ରାସ୍ତା ୧୦ (କ) ରାଜ୍ୟ ରାଜପଥର ଟାଙ୍କଯୋଡା ନିକଟରେ ଶୁକ୍ରବାର ରାତି ପ୍ରାୟ ସାଢ଼େ ୧୦ଟାବେଳେ ଦୁର୍ଘଟଣା ଘଟିଛି। ପୋଲ ତଳକୁ ଟ୍ରକ ଉପରେ ଟ୍ରକ ଖସିପଡି ଚାରିଜଣ ଆହତ ହୋଇ ଚିକିତ୍ସିତ ହେଉଥିବା ଜଣାଯାଇଛି। ପ୍ରାପ୍ତ ସୂଚନା ଅନୁସାରେ କୋଇଡା ଖଣି ଅଞ୍ଚଳରୁ ଲୁହାପଥର ଗୁଣ୍ଡ ବୋଝେଇ କରି ଓଡି ୧୪ ଏଫ- ୪୧୫୬ ଟ୍ରକ ଯାଉଥିଲା। ସାମାନ୍ୟ ନିକଟରେ ଓଡି ୧୪ ପି- ୫୨୬୪ ଟ୍ରକ ବାହାଡାପଶି ଆଡକୁ ଯାଉଥିଲା। କୌଣସି କାରଣରୁ ପ୍ରଥମ ଟ୍ରକଟି ଭାରସାମ୍ୟ ହରାଇ ପୋଲ ତଳକୁ ଖସି ପଡିଥିଲା। ପଛ ଟ୍ରକ ମଧ୍ୟ ତା ଉପରେ ଖସିପଡିଥିଲା। ଫଳରେ ଭୟଙ୍କର ଶବ୍ଦ ହେବାକୁ ସ୍ଥାନୀୟ ଲୋକମାନେ ପହଞ୍ଚି ଡ୍ରାଇଭର ଓ ଖଲାସିମାନଙ୍କୁ ଗାଡି ଭିତରୁ ଉଦ୍ଧାର କରିଥିଲେ। ଖବରପାଇ ଲହୁଣୀପଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଚିକିତ୍ସା ପାଇଁ ବଣେଇ ଡାକ୍ତରଖାନାକୁ ପଠାଇଥିଲେ। ଆହତ ଚାଳକ ଖଲାସି ଦେବଗଡ ଅନୁଗୋଳ ଜିଲାର ଲିକୁନ ବେହେରା (୨୩), ଝରିଆ ନାଏକ (୨୪) ଓ ଜାମଦର ନାଏକ (୨୩) ସମେତ ଚାରିଜଣ ଟ୍ରକ ଦୁଇଟିରେ ଲୁହାଗୁଣ୍ଡ ନେଇ ଅନୁଗୋଳ ଜିଲା ଜିନ୍ଦଲ ପ୍ଲାଣ୍ଟକୁ ଯାଉଥିଲେ ବୋଲି ପୋଲିସର ପ୍ରାଥମିକ ତଦନ୍ତ ଜଣାପଡିଛି । ପୋଲିସ ଗାଡି ଦୁଇଟିକୁ ଜବତ କରିବା ସହିତ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।



ଟ୍ରକ ଉପରେ ଟ୍ରକ ଖସିପଡ଼ିଛି।

### ବଡ଼ଗାଁ ଥାନା ପୋଲିସ ମାନବିକତା ଭୁଲିଗଲା

# ସୂଚନା ସତ୍ତ୍ୱେ ମୃତଦେହ ଉଠାଇଲେ ନାହିଁ

**ବଡ଼ଗାଁ, ୧୯।୧ (ଡି.ଏନ.ଏ)**

ମୃତଦେହକୁ ସମ୍ମାନର ସହିତ ଉଠାଇ ଦାହ ସଂସ୍କାର କରିବାର ସାମାଜିକ ନିୟମ ରହିଛି। ପୋଲିସ କୌଣସି ସ୍ଥାନରେ ଅଜଣା ମୃତଦେହ ପଡିଥିବା ସୂଚନା ପାଇଲେ ତଦନ୍ତ କରିଥାଏ। ମୃତଦେହକୁ ଚିହ୍ନଟ ପାଇଁ ରଖାଯାଏ କିମ୍ବା ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୋତି ଦିଆଯାଏ। ହେଲେ ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ପୋଲିସ ଏହାର ବ୍ୟତିକ୍ରମ କରି ମାନବିକତାକୁ ଭୁଲିଗଲା ଭଳି ଘଟଣା ସୃଷ୍ଟି କରିଛି। ସତେ ଯେମିତି ପୋଲିସ ମାନବିକତାକୁ ହତ୍ୟା କରିଛି। ଏହା ଲୋକଙ୍କୁ ବିସ୍ମିତ କରିଛି। ଘଟଣା ହେଲା ଏହିପରି, ବୁଧବାର ପୂର୍ବାହ୍ନରେ ବଡଗାଁ ଥାନା ଅନ୍ତର୍ଗତ କିଞ୍ଜିରକେଲା ଗାଁ ନିକଟ ସିଆଲଯୋର ନାଳ ଉପରମୁଣ୍ଡରେ ଏକ ମହୁଲ ଗଛମୂଳେ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡିଥିବା ଗାଈ ଚରାଳିମାନେ ଦେଖିଥିଲେ। ଏହା ପରେ ଗ୍ରାମବାସୀ ଘଟଣାସ୍ଥଳକୁ ଯାଇ ମୃତଦେହ ଦେଖିଥିଲେ ମଧ୍ୟ ସେ କେଉଁଠିକାର ଜାଣି ପାରି ନ ଥିଲେ। ମୃତବ୍ୟକ୍ତିଙ୍କ ଆଣ୍ଠୁରେ କ୍ଷତ ଚିହ୍ନ ଥିବାରୁ ଘଟଣାର ତଦନ୍ତ ଆବଶ୍ୟକ। ଏ ସମ୍ପର୍କରେ ସୂଚନା ପାଇ ଶୁକ୍ରବାର ପୂର୍ବାହ୍ନରେ ଆମ ପ୍ରତିନିଧି ଘଟଣା ସ୍ଥଳକୁ ଯାଇ ମୃତଦେହ ଦେଖିଲା ପରେ ସେଠିଠାରୁ ୧୦ଟା ୫୭ ମିନିଟରେ ଥାନା ଏଏସଆଇଙ୍କୁ ମୋବାଇଲରେ ସୂଚନା ଦେଇଥିଲେ। ଶୁକ୍ରବାର ୧୧ଟାରୁ ଶନିବାର ୨ଟା ସୁଦ୍ଧା ୨୭ ଘଣ୍ଟା ପରେ ପୋଲିସ ମୃତଦେହ ଉଦ୍ଧାର କରିବାକୁ ଯାଇଥିଲା। ଗ୍ରାମବାସୀ ମୃତଦେହ ୪ଦିନ ହେଲା ପଡିଥିଲେ ମଧ୍ୟ କାହିଁକି ପୋଲିସକୁ ଜଣାଇଲେ ନାହିଁ ଜାଣିବା ପାଇଁ କେତେକ ବ୍ୟକ୍ତିଙ୍କୁ ପଚାରିବାରେ ନାମ ଗୋପନ ରଖିବାକୁ କହି ଜଣାଇଥିଲେ ଯେ, ଥାନାକୁ ଏକ ଘଟଣାରେ ଯାଇଥିଲା ବେଳେ ପୋଲିସ ଅଧିକାରୀ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିଥିଲେ। ତେଣୁ ସୂଚନା ଦେଇ କାହିଁକି ହଇରାଣରେ ପଡିବୁ। ତେବେ ପୋଲିସ ଓ ଜନତା ମଧ୍ୟରେ ଉତ୍ତମ ସମ୍ପର୍କ ସୃଷ୍ଟି ପାଇଁ ପୋଲିସ ବିଭାଗ ପକ୍ଷରୁ ଜନ ସମ୍ପର୍କ ଶିବିର କରୁଥିଲା ବେଳେ ବଡଗାଁ ଥାନାରେ ଚୋର, ଡକାୟତଙ୍କୁ ନୁହେଁ ସାଧାରଣ ଜନତା କୌଣସି ଘଟଣା, ଅଭିଯୋଗ ଜଣାଇବାକୁ ଗଲେ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରାଯାଉଥିବା ଅଭିଯୋଗ ରହିଛି। ବଡଗାଁ ଆଦର୍ଶ ଥାନା କଳଙ୍କିତ ହେବା ପୂର୍ବରୁ ବିଭାଗୀୟ ଉଚ୍ଚ ଅଧିକାରୀମାନେ ପଦକ୍ଷେପ ନେବାକୁ ଦାବି ହେଉଛି।



ଚାମ୍ପିୟନ ସୁବାସ ଓ ଲକ୍ଷ୍ମୀଙ୍କ ସହିତ ଅତିଥି ଓ ଅଧ୍ୟାପକ।

# ପିଏସ୍ କଲେଜର ବାର୍ଷିକ କ୍ରୀଡ଼ା

**ବଡ଼ଗାଁ, ୧୯।୧ (ଡି.ଏନ.ଏ)**

**ସୁବାସ ଓ ଲକ୍ଷ୍ମୀ ଚାମ୍ପିୟନ**

ବଡ଼ଗାଁ ସ୍ଥିତ ପଞ୍ଚାୟତ ସମିତି କଲେଜରେ ବୁଧବାର ଯୋଗ ଶିବିର, ଗୁରୁବାର ଓ ଶୁକ୍ରବାର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଏବଂ ଶନିବାର କଲେଜର ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଛି। ବୁଧବାର କଲେଜ ଅଧ୍ୟକ୍ଷ ସୁଶାନ୍ତ କୁମାର ଚୌଧୁରୀଙ୍କ ସଭାପତିତ୍ୱରେ ଯୋଗ ଶିବିର ହୋଇଥିଲା। ଏଥିରେ ବଡଗାଁ ସ୍ଥିତ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର କର୍ମକର୍ତ୍ତା ଯୋଗ ଉପରେ ବୁଝାଇବା ସହିତ ପ୍ରଶିକ୍ଷଣ ଦେଇଥିଲେ। ଗୁରୁବାର ଓ ଶୁକ୍ରବାର ବାର୍ଷିକ କ୍ରୀଡା ପ୍ରତିଯୋଗିତା ହୋଇଥିଲା। ବଡଗାଁ ତହସିଲଦାର ସୋନାଲି ଚାନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡା ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କଲେଜର ପୂର୍ବତନ ସଭାପତି ମୁଖରାମ ନାଏକ ମୁଖ୍ୟଅତିଥି, କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ସୁରେନ୍ଦ୍ର କୁମାର ପଟେଲ ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ କଲେଜ ଅଧ୍ୟକ୍ଷ ଚୌଧୁରୀ ସଭାପତିତ୍ୱ କରିଥିବା ବେଳେ ଅଧ୍ୟାପକ ନିରୋଜ କୁମାର ପଟେଲ ମଞ୍ଚ ପରିଚାଳନା ଓ ଅଧ୍ୟାପକ ଉପାଧ୍ୟାୟ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ବାର୍ଷିକ କ୍ରୀଡା ପ୍ରତିଯୋଗିତାର ବିଭିନ୍ନ ଇଭେଣ୍ଟରେ କୃତୀତ୍ୱ ହାସଲ କରିଥିବା ପ୍ରଥମ ବର୍ଷ କଳା ଛାତ୍ର ସୁବାଷ ମାଝି ଓ ପ୍ରଥମ ବର୍ଷ କଳା ଛାତ୍ରୀ ଲକ୍ଷ୍ମୀ କିଷାନ ଚାମ୍ପିୟନ ହୋଇଥିଲେ। କଲେଜର ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ ତହସିଲଦାର ଚାନ୍ଦ ମୁଖ୍ୟଅତିଥି, ରାଉରକେଲା ଏନଆଇଟିର ଅବସରପ୍ରାପ୍ତ ପ୍ରଫେସର କିଶୋର କୁମାର ପୁରୋହିତ ମୁଖ୍ୟବକ୍ତା ଓ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ମିଞ୍ଜ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ପୁରୋହିତ ଅଧ୍ୟବସାୟ ହିଁ ସଫଳତାର ଚାବିକାଠି ବୋଲି କହିଥିଲେ । ବ୍ଲକ ଅଧ୍ୟକ୍ଷା ମିଞ୍ଜ କଠିନ ପରିଶ୍ରମ ହିଁ ସଫଳତାର ମନ୍ତ୍ର ବୋଲି କହି ପିଲାଙ୍କୁ ଉତ୍ସାହିତ କରିଥିଲେ। କଲେଜ ଅଧ୍ୟକ୍ଷ ଚୌଧୁରୀ ସଭା ପରିଚାଳନା କରିବା ସହ କଲେଜର ବାର୍ଷିକ ବିବରଣୀ ପାଠ କରିଥିଲେ । ଇଂରାଜୀ ଅଧ୍ୟାପକ ଦଶରଥ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ।

# ରାଜ୍ୟସ୍ତରୀୟ ପୋଲିସ ପରିବାର କଲ୍ୟାଣ ପ୍ରଦର୍ଶନୀ ଉଦ୍‌ଯାପିତ

**କଟକ ଅଫିସ, ୧୯।୧**

କଟକ ବାଲିଯାତ୍ରା ଉପର ପଡିଆରେ ବରିଷ୍ଠ ପୋଲିସ ଅଧିକାରୀ ମହିଳା କ୍ଲବ ଆନୁକୂଲ୍ୟରେ ଗତ ୧୭ ତାରିଖ ଠାରୁ ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ ପୋଲିସ ପରିବାର କଲ୍ୟାଣ ପ୍ରଦର୍ଶନୀ ଶନିବାର ଉଦ୍‌ଯାପିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା ଯୋଗଦେଇ ଆଗାମୀ ଦିନରେ ଏହି ପ୍ରଦର୍ଶନୀକୁ ଅଧିକ ଆକର୍ଷଣୀୟ କରିବାକୁ ପରାମର୍ଶ ଦେଇଥିଲେ। ବରିଷ୍ଠ ପୋଲିସ ଅଧିକାରୀ ମହିଳା କ୍ଲବର ଉପାଧ୍ୟକ୍ଷ ବୀଣା ରାୟ ଶ୍ରୀବାସ୍ତବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ରେଷ୍ଠ ପରିବାର କଲ୍ୟାଣ କେନ୍ଦ୍ରଗୁଡିକୁ ପୁରସ୍କୃତ କରାଯାଇଥିଲା। ଷ୍ଟଲ୍ ସାଜସଜ୍ଜା ପାଇଁ କଟକର ଓଏସ୍ଏପି ଷଷ୍ଠ ବାଟାଲିୟନ ପ୍ରଥମ, ସୁନ୍ଦରଗଡ ପୋଲିସ ଜିଲା ଦ୍ୱିତୀୟ ଏବଂ ଓଏସ୍ଏପି ୪ର୍ଥ ବାଟାଲିୟନ ତୃତୀୟ ସ୍ଥାନ ଅଧିକାର କରିଥିଲା। ସେହିପରି ଖାଦ୍ୟ ପ୍ରସ୍ତୁତୀକରଣ ଓ ସଂରକ୍ଷଣ ପାଇଁ ବ୍ରହ୍ମପୁର ପୋଲିସ ଜିଲା ପ୍ରଥମ, ଓଏସ୍ଏପି ୩ୟ ବାଟାଲିୟନ ଦ୍ୱିତୀୟ ଓ ଗଞ୍ଜାମ ପୋଲିସ ଜିଲା ତୃତୀୟ ସ୍ଥାନ ଅଧିକାର କରିଥିଲା। ହସ୍ତକଳା ଓ ସୂଚୀ କାର୍ଯ୍ୟ ପାଇଁ ଓଏସ୍ଏପି ୭ମ ବାଟାଲିୟନ ପ୍ରଥମ, ରାଉରକେଲା ପୋଲିସ ଜିଲା ଦ୍ୱିତୀୟ ଏବଂ ସୁନ୍ଦରଗଡ ପୋଲିସ ଜିଲା ତୃତୀୟ ସ୍ଥାନ ହାସଲ କରିଥିଲା। ସମସ୍ତ ବିଜେତାଙ୍କୁ ଅର୍ଥ ରାଶି ସହ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଓଡ଼ିଶା ପୋଲିସର କ୍ରୀଡାବିତ୍ କୁମାରୀ ସରସ୍ୱତୀ ଚାନ୍ଦଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

### ଅଜଣା ଗାଡ଼ି ଧକ୍କାରେ ବୃଦ୍ଧାଙ୍କ ମୃତ୍ୟୁ

**ସୁନ୍ଦରଗଡ, ୧୯।୧ (ଡି.ଏନ୍.ଏ.)**

ରାଉରକେଲା -ସମ୍ବଲପୁର ବିଜୁ ଏକ୍ସପ୍ରେସ ୱେର ସୁନ୍ଦରଗଡ ସହର ଉପକଣ୍ଠ ଭୋଜପୁରଠାରେ ଶୁକ୍ରବାର ରାତି ପ୍ରାୟ ସାଢେ ୭ଟା ବେଳେ ଏକ ଅଜଣା ଗାଡି ଧକ୍କାରେ ଜଣେ ବୃଦ୍ଧାଙ୍କର ମୃତ୍ୟୁ ଘଟିଛି । ମୃତା ବୃଦ୍ଧାଙ୍କ ନାମ ବୈଶାଖୀ ସୋରେଙ୍ଗ (୬୦) ଓ ତାଙ୍କ ଘର ସ୍ଥାନୀୟ ନବରଙ୍ଗପୁର ଗ୍ରାମରେ ବୋଲି ଜଣାଯାଇଛି। ଖବର ପାଇ ଟାଉନଥାନା ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ସକାଶେ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଛନ୍ତି।

# ବିଦେଶୀ ମଦ ଜବତ, ୨ ଗିରଫ

**ଲେଫ୍ରିପଡ଼ା, ୧୯।୧ (ଡି.ଏନ.ଏ)**

ଲେଫ୍ରିପଡା ଥାନା ଅନ୍ତର୍ଗତ ବେହେରାମାଲ ଗ୍ରାମର ବୁଦ୍ଧଦେବ ନାଏକ (୩୮) ଏବଂ ସ୍ଥାନୀୟ ଲେଫ୍ରିପଡା ଗ୍ରାମର ଅର୍ଜୁନ ସାହୁ(୬୫) ବେଆଇନ ଭାବେ ମଦ ବିକ୍ରି କରୁଥିବାରୁ ପୋଲିସ ଶନିବାର ଗିରଫ କରିଛି। କୌଣସି ସୂତ୍ରରୁ ପୋଲିସ ଖବରପାଇ ଅଭିଯୁକ୍ତ ଦ୍ୱୟଙ୍କ ଘରେ ଚଢାଉ କରିଥିଲା। ଚଢାଉ ପରେ ଅଭିଯୁକ୍ତ ବୁଦ୍ଧଦେବଠାରୁ ଏକଶହ ତେର ଲିଟର ବିଦେଶୀମଦ ପୋଲିସ ଜବତ୍ କରିଛି। ସେହିପରି ପୋଲିସ ଅର୍ଜୁନଠାରୁ ବାର ଲିଟର ବିଦେଶୀମଦ ଜବତ୍ କରିଛି।

# କ୍ଲଷ୍ଟରସ୍ତରୀୟ ସହଯୋଗ-୨ ତାଲିମ ଉଦ୍‌ଯାପିତ

**ସବ୍‌ଡେଗା, ୧୯।୧ (ଡି.ଏନ.ଏ)**

ସବ୍‌ଡେଗା ବ୍ଲକ ଡୁମେରବାହାଲ କ୍ଲଷ୍ଟରସ୍ତରୀୟ ସହଯୋଗ-୨ ତାଲିମ ଶିବିର ଛତାସର୍ଗି ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଉଦ୍‌ଯାପିତ ହୋଇଯାଇଛି। ଏହି କ୍ଲଷ୍ଟର ଅନ୍ତର୍ଗତ ୧୧ଟି ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପରିଚାଳନା କମିଟିର ସଭ୍ୟାସଭ୍ୟମାନେ ତାଲିମ ଗ୍ରହଣ କରିଥିଲେ। ସିଆରସିସି ଅର୍ଜୁନ ରୋହିଦାସଙ୍କର ତତ୍ତ୍ୱାବଧାନରେ ଏହି ତାଲିମ ସମ୍ପନ୍ନ ହୋଇଥିବାବେଳେ ସାଧନ କର୍ମୀ ସୁଶିଲ କୁମାର ନାଏକ, କ୍ଷେତ୍ରୀବର ନେଗୀ, କେଦାରନାଥ ବେହେରା, ଅର୍ଜୁନ ରୋହିଦାସ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ଶିକ୍ଷା ଷ୍ଟାଣ୍ଡିଂ କମିଟି ବିଦ୍ୟାଳୟ ପରିଚାଳନା କମିଟି, ଶିକ୍ଷକ ଅଭିଭାବକ ସଂଘର ଗଠନ ଓ ଭୂମିକା, ଶିଶୁ ଅଧିକାର, ମଧ୍ୟାହ୍ନ ଭୋଜନ ଆଦି ବିଷୟରେ ଆଲୋଚନା ହୋଇଥିଲା। ସେହିପରି ବିଦ୍ୟାଳୟ ବିକାଶ ଯୋଜନା, ସାମାଜିକ ସମୀକ୍ଷା, ବିଶେଷ ଆବଶ୍ୟକତା ଥିବା ପିଲାମାନଙ୍କ ସମସ୍ୟା ଓ ସମାଧାନ, ସ୍ୱଚ୍ଛ ଭାରତ, ସ୍ୱଚ୍ଛ ବିଦ୍ୟାଳୟ ଆଦର୍ଶ ବିଦ୍ୟାଳୟର ପରିକଳ୍ପନା, ଅଭିଯୋଗ ପ୍ରତି ଧ୍ୟାନ ଆଦି ବିଷୟରେ ତିନି ଦିନ ବ୍ୟାପି ଅନୁଷ୍ଠିତ ହୋଇଥିବା ଏହି ତାଲିମ କାର୍ଯ୍ୟକ୍ରମରେ ସାଧନ କର୍ମୀମାନେ ବିସ୍ତୃତ ଆଲୋଚନା କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମହେନ୍ଦ୍ର ନାଏକ ମୁଖ୍ୟଅତିଥି ଭାବେ ଯୋଗଦାନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ତାଲିମ ଅବସରରେ ଗ୍ରହଣ କରିଥିବା ସମସ୍ତ ଅଭିଜ୍ଞତାକୁ ନିଜ ବିଦ୍ୟାଳୟରେ କାର୍ଯ୍ୟକାରୀ କରିବାକୁ ତଥା ସହଯୋଗର ହାତ ବଢ଼ାଇବା ସହ ନିଜ ବିଦ୍ୟାଳୟର ଉନ୍ନତ କଳ୍ପେ ସହାୟକ ହେବାକୁ ସିଆରସିସି ଉଦଯାପନୀ ଅବସରରେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ପରିଶେଷରେ ଛତାସର୍ଗୀ ସରକାରୀ ପ୍ରାଥମିକ ବିଦ୍ୟାଳୟର ଚେୟାରମେନ ବେଣୁଧର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାର୍ଷିକ କବାଡ଼ି ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ସୁନ୍ଦରଗଡ଼, ୧୯।୧ (ଡି.ଏନ୍.ଏ)**

ସ୍ଥାନୀୟ ମୁଣ୍ଡାପଡାସ୍ଥିତ ବିର୍ସା ମୁଣ୍ଡା ୟୁଥ କ୍ଲବ ଆନୁକୂଲ୍ୟରେ ବାର୍ଷିକ କବାଡି ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଶୁକ୍ରବାର ସନ୍ଧ୍ୟାରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ଅତିରିକ୍ତ ଜିଲାପାଳ ଭାସ୍କର ଚନ୍ଦ୍ର ଡୁରୁକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କବାଡି ଟୁର୍ନାମେଣ୍ଟକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ପଞ୍ଚଦିବସୀୟ ଟୁର୍ନାମେଣ୍ଟରେ ମୋଟ ୧୨ଟି ଦଳ ଭାଗ ନେଇଛନ୍ତି। ଉଦ୍‌ଘାଟନୀ ମ୍ୟାଚ ସୁପର 'ଏ' ବଏଜ୍ ଓ ଆୟୋଜକ ବିର୍ସାମୁଣ୍ଡା କ୍ଲବ ମଧ୍ୟରେ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଜଗଦ୍ଧାତ୍ରୀ କ୍ଲବ ଓ ଆକ୍ସନ କ୍ଲବ ମଧ୍ୟରେ ହୋଇଥିଲା। ଏହି ଦୁଇମ୍ୟାଚରେ ଯଥାକ୍ରମେ ସୁପର 'ଏ' ବୟେଜ ଓ ଜଗଦ୍ଧାତ୍ରୀ କ୍ଲବ ବିଜୟୀ ହୋଇଥିଲେ। ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସରେ ଭାଜପା ଜିଲା ସଭାପତି ବଟକିଶୋର ମିଶ୍ର ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ଭାବେ ସଦର ବ୍ଲକ ଜିଲା ପରିଷଦ ସଭ୍ୟ ସୁଖଲାଲ ମୁଣ୍ଡା ଓ ପୂର୍ବତନ କାଉନସିଲର ସୌଦାମିନୀ ବାଗ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଦ୍ୱିତୀୟ ଦିବସର ପ୍ରଥମ ମ୍ୟାଚ ସୁନାରିପଡା ଓ ଗାନ୍ଧୀ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଗାନ୍ଧୀ କ୍ଲବ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ମହନ୍ତଆପଡା ଓ ଜୟଦୁର୍ଗା କ୍ଲବ ରଙ୍ଗାଡିପା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜୟଦୁର୍ଗା କ୍ଲବ ବିଜୟୀ ହୋଇଥିଲା। ଜିଲା କ୍ରୀଡା ସଂସଦର ଜୟଦେବ ପାତ୍ର ଓ ପବ୍ଲିକ ସ୍କୁଲର କ୍ରୀଡା ଶିକ୍ଷକ ସନ୍ତୋଷ ମହାନ୍ତ ଖେଳ ପରିଚାଳନା କରିଥିଲେ। ସଞ୍ଜୟ ମାଝି ସଭା ସଞ୍ଚାଳନ କରିଥିବା ବେଳେ ଆୟୋଜକ କ୍ଲବର କର୍ମକର୍ତ୍ତା ଟିଙ୍କୁ ମୁଣ୍ଡା, ଅରୁଣ ମୁଣ୍ଡା, ଅଶୋକ ମୁଣ୍ଡା, ଦିଲୀପ ମୁଣ୍ଡା, ଶିବ ମୁଣ୍ଡା, ସଞ୍ଜିବ ପଟେଲ (ଖଏରା) ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଏହି ଟୁର୍ନାମେଣ୍ଟ ଆୟୋଜିତ ହେଉଛି।






କବାଡି ଟୁର୍ନାମେଣ୍ଟର ଦ୍ୱିତୀୟ ସନ୍ଧ୍ୟାରେ ଜିଲା ଭାଜପା ସଭାପତି ବଟକିଶୋର ମିଶ୍ର ଓ ଅନ୍ୟ ଅତିଥିମାନେ ଖେଳକୁ ଉଦ୍‌ଘାଟନ କରି ଖେଳାଳିଙ୍କ ସହିତ ପରିଚିତ ହେଉଛନ୍ତି। ଅତିରିକ୍ତ ଜିଲାପାଳ ଭାସ୍କର ଚନ୍ଦ୍ର ଡୁରୁକ ପ୍ରମୁଖ ମଞ୍ଚାସୀନ।